Digitized by Arya Samaj Foundation Chennai and eGangotri

କାଳିଦାସ ଗ୍ରନ୍ଥାବଳୀ

ଦ୍ୱିତୀୟ ଭାଗ

ଅନୁବାଦ ଓ ସଂପାଦନା:
ଡକ୍ଟର ଧନେଶ୍ୱର ମହାପାତ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

9 456

पुस्तकालय

कुल काँगड़ी विश्वविद्यालय, हरिद्वार

या..........आगत संख्या...............

तक-वितरण की तिथि नीचे अंकित है। इस
हित २० वें दिन तक यह पुस्तक पुस्तकालय में
आ जानी चाहिए। अन्यथा १० पैसे के हिसाब
म्ब-दण्ड लगेगा।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାଳିଦାସ ଗ୍ରନ୍ଥାବଳୀ

ଦ୍ୱିତୀୟ ଭାଗ

କୁମାରସମ୍ଭବମ୍
ମେଘଦୂତମ୍
ଋତୁସଂହାରମ୍

୯୨୪୬

DONATION

ଅନୁବାଦ ଓ ସଂପାଦନା :
ଅଧ୍ୟାପକ ଡକ୍ଟର ଧନେଶ୍ୱର ମହାପାତ୍ର
ଏମ୍. ଏ. (ଓଡ଼ିଆ), ଏମ୍. ଏ. (ସଂସ୍କୃତ), ପିଏଚ୍. ଡ଼ି. (ଭାଷାତତ୍ତ୍ୱ),
ସାହିତ୍ୟାଚାର୍ଯ୍ୟ, ବି. ଇଡ଼ି. , କୋବିଦ ॥

ପ୍ରକାଶିକା
ଶ୍ରୀମତୀ ଜୀବନକୁମାରୀ ମହାପାତ୍ର
କଲ୍ୟାଣନଗର, କଟକ–୩

Published with the financial assistance from the Ministry of Education and Social welfare, Government of India .

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

KALIDASA GRANTHAVALI

PART- II

Kumarasambhavam
Meghadutam
Ritusamharam

Translator and Editor

Dr. Dhaneswar Mahapatra

M. A. (Oriya), M. A. (Sanskrit),
Ph. D. (Linguistics) Sahityacharya, B. Ed. , Kovid

Publisher

Srimati Jivan Kumari Mahapatra

Kalyan nagar, Cuttack-3
ORISSA

1982

Printed at :

Kalyan Press,

Kalyan nagar, Cuttack-3

ORISSA

Price :—Rupees **Rs.30-00** Only

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା,
କାଳିଦାସ ଗ୍ରନ୍ଥାବଳୀ ପ୍ରଥମ ଭାଗର ଉଦ୍‌ଘାଟକ,
ସଂସ୍କୃତାନୁରାଗୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ,
ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ
କରକମଳରେ ।

* *

"ତ୍ୱତ୍‌ସଂଭାବିତମାତ୍ମାନଂ ବହୁ ମନ୍ୟାମହେ ବୟମ୍ ।
ପ୍ରାୟଃ ପ୍ରତ୍ୟୟମାଧତ୍ତେ ସ୍ୱଗୁଣେଷୂତ୍ତମାଦରଃ ।।"

—କୁମାରସମ୍ଭବ–୬ । ୨୦—

(ଆପଣ ଯେ ଆମମାନଙ୍କର ଅଭ୍ୟର୍ଥନା କଲେ, ଏହାଦ୍ୱାରା ଆମେ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଛୁଁ । ସାଧାରଣତଃ, ଉତ୍ତମ ବ୍ୟକ୍ତିଙ୍କଠାରୁ ଆଦର ମିଳିଲେ ଲୋକର ନିଜ ଗୁଣରେ ବିଶ୍ୱାସ ଆସେ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ଦେଶର ଗଉରବ ବିପୁଳ ଅତୀତ
ଥରେ ଅଧେ ଯେଉଁମାନେ ସ୍ମରନ୍ତି ମନେ,
କରିବାକୁ ସେମାନଙ୍କୁ କୁସୁମେ ଅର୍ଚ୍ଚିତ
ଆସିଛି ମୁଁ ସୁରବାଣୀ-ଗ୍ରନ୍ଥ ଉପବନେ ।

★★ ★ ★★

ବାହୁ ଟେକି କହୁଛି ମୁଁ ଶୁଣ ହେ ସୁଜନ
ପଢ଼ ହେ ସଂସ୍କୃତ କାବ୍ୟ, ଶାସ୍ତ୍ର, ଇତିହାସ,
ଲଭିବ ପରମ ଶାନ୍ତି, ଜାଣିବ ଜୀବନ
ଭାରତର ଅନ୍ତରାତ୍ମା ସଂସ୍କୃତେ ପ୍ରକାଶ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୂମିକା

କାଳିଦାସଙ୍କ ରଚନାର ବୈଶିଷ୍ଟ୍ୟ କଥାବସ୍ତୁ ବା ଗଳ୍ପାଂଶ ନୁହେଁ, ବୈଶିଷ୍ଟ୍ୟ ହେଉଛି ତାଙ୍କର ଭାବନା ଓ ସେହି ଭାବନାର ପ୍ରକାଶକ ବଚନ-ବିନ୍ୟାସ । ସାଧାରଣ ପାଠକମାନେ ସାହିତ୍ୟର କଥାବସ୍ତୁ ବା ଗଳ୍ପାଂଶରେ ମୁଗ୍‌ଧ ହୁଅନ୍ତି, କିନ୍ତୁ ଉଚ୍ଚକୋଟୀର ପାଠକମାନେ ସାହିତ୍ୟନିହିତ ଭାବନା ତଥା ବଚନବିନ୍ୟାସରେ ମୁଗ୍‌ଧ ହୁଅନ୍ତି । ଦ୍ୱିତୀୟୋକ୍ତ ଶ୍ରେଣୀର ପାଠକ-ମାନଙ୍କର ସଂଖ୍ୟା କମ୍, ତଥାପି ସେହିମାନଙ୍କର ରୁଚି ଉପରେ ହିଁ ସାହିତ୍ୟର ଉତ୍କର୍ଷ ଓ ଚିରନ୍ତନତା ନିର୍ଭର କରେ ।

କାଳିଦାସଙ୍କ ଭାବନା ଓ ବଚନବିନ୍ୟାସ କବିତ୍ୱମୟ । କବିତ୍ୱ କଅଣ, ତାହା ଭାଷାରେ ବୁଝାଇ କହି ହେବ ନାହିଁ । ତାହା କେବଳ ଅନୁଭବବେଦ୍ୟ । କବିତ୍ୱର ସ୍ପର୍ଶରେ ସଂସାର ସୁନ୍ଦର, ମଧୁର, ମଙ୍ଗଳମୟ ବୋଧ ହୁଏ । ଚିତ୍ତରୁ କଠିନତା ଦୂର ହୋଇ ସେଥିରେ ସ୍ନେହ, ପ୍ରୀତି, କରୁଣାର ଧାରା ପ୍ରବାହିତ ହୁଏ । କବିତ୍ୱ ବାସ୍ତବ ଜୀବନର ପରିପନ୍ଥୀ ନୁହେଁ କି ବିଜ୍ଞାନ ,କଳକାରଖାନା ବା ପ୍ରଗତିର ପ୍ରତିବନ୍ଧକ ନୁହେଁ ; ବରଂ ତାହା ସେସବୁର ପରିପୂରକ । କବିତ୍ୱ ହିଁ ପ୍ରଗତି ପାଇଁ ପ୍ରେରଣା ଯୋଗାଏ । ଯେଉଁମାନେ ସୁକବିମାନଙ୍କର କାବ୍ୟକବିତା ପାଠ କରନ୍ତି ନାହିଁ କି ସେମାନଙ୍କର ଭାବନା ସହିତ ପରିଚିତ ହୁଅନ୍ତି ନାହିଁ, ସେମାନେ ମାନବାତ୍ମାର ସୌରଭ ଅନୁଭବ କରିପାରନ୍ତି-ନାହିଁ । ସେମାନେ କେବଳ ଧନ, ମାନ, ବାସ, ବସ୍ତ୍ର, ପ୍ରଭୃତିର ସୌରଭରେ ନିମଜ୍ଜିତ ରହନ୍ତି ।

ଭାରତର ଜନଗଣଙ୍କୁ କବିତ୍ୱର ପ୍ରଥମ କାଉଁରୀ ସ୍ପର୍ଶ ଦେଇଛନ୍ତି ମହାକବି କାଳିଦାସ । ଯଦିଓ ତାଙ୍କ ପୂର୍ବରୁ ବାଲ୍ମୀକିଙ୍କ ରାମାୟଣରେ ଏବଂ ବ୍ୟାସଙ୍କ ମହାଭାରତ ଆଦି ପୁରାଣରେ କବିତ୍ୱର ବିଭବମାନ ରହିଛି, ତଥାପି କାଳିଦାସ ହିଁ ଭାରତର ପ୍ରଥମ ମହାକବି । ପରବର୍ତ୍ତୀ କବିମାନେ ତାଙ୍କୁ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅନୁସରଣ କରିଛନ୍ତି, କିନ୍ତୁ କବିତ୍ୱରେ ତାଙ୍କୁ କେହି ଅତିକ୍ରମ କରିପାରି-ନାହାନ୍ତି । 'କାଳିଦାସ' ନାମଟି ଭାରତୀୟ ଜନଜୀବନ ସହିତ ମିଶିଯାଇଛି ।

'କୁମାରସମ୍ଭବ' 'ମେଘଦୂତ' ଓ 'ଋତୁସଂହାର' କାଳିଦାସଙ୍କ ତରୁଣ ସମୟର ରଚନା ବୋଲି ମନେହୁଏ । ଧର୍ମାର୍ଥାନୁମୋଦିତ କାମ ଏହି ରଚନାଗୁଡ଼ିକର ଆଭିମୁଖ୍ୟ । ଜୀବନରେ ଧର୍ମ, ଅର୍ଥ ଓ କାମ, ତ୍ରିବର୍ଗର ଯଥାଯଥ ଆବଶ୍ୟକତା ରହିଛି । ଯୌବନରେ ଧର୍ମାନୁମୋଦିତ ଅର୍ଥ ଓ ଧର୍ମାର୍ଥାନୁ-ମୋଦିତ କାମ ବିନା ଜୀବନ ସାଫଲ୍ୟମଣ୍ଡିତ ହୁଏନାହିଁ । କାମର ଅବଲମ୍ବନ ମଧୁର ଦାମ୍ପତ୍ୟ ସଂବନ୍ଧ, ଯାହା କି ସାଂସାରିକ ସୁଖଶାନ୍ତିର ମୂଳ କାରଣ । ଜୀବନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଓ ଦାୟିତ୍ୱରେ ବ୍ୟସ୍ତ ରହି ପତିପତ୍ନୀ ପାଞ୍ଚ ମିନିଟ୍ ପାଇଁ ଆଳାପ ନ କରି ପାରିବା ଜୀବନର ସାର୍ଥକତା ନିଶ୍ଚୟ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ସାର୍ଥକତା ନୁହେଁ । 'କାମ'ର ହୃଦ୍ୟ ଚିତ୍ର କାଳିଦାସ ବିଭିନ୍ନ ସ୍ଥଳରେ ଦେଇଛନ୍ତି । ରଘୁବଂଶରେ ଇନ୍ଦୁମତୀଙ୍କ ବିୟୋଗରେ ଅଜ ଏବଂ କୁମାରସମ୍ଭବରେ କାମଦେବଙ୍କ ବିୟୋଗରେ ରତି ଯେପରି କରୁଣ-ଭାବରେ ବିଳାପ କରିଛନ୍ତି, ସେଥିରୁ ହୃଦୟଙ୍ଗମ ହୁଏ ଯେ, ପତି ବିନା ପତ୍ନୀର ଏବଂ ପତ୍ନୀ ବିନା ପତିର ଜୀବନଧାରଣ ନିରର୍ଥକ । ଅଜ ଅତିଧୈର୍ଯ୍ୟଶାଳୀ ସମ୍ରାଟ୍ ହେଲେ ମଧ୍ୟ ଇନ୍ଦୁମତୀଙ୍କ ବିୟୋଗରେ ଅନ୍ନଜଳ ତ୍ୟାଗ କରି ମୃତ୍ୟୁବରଣ କରିଛନ୍ତି, ରତି ମଧ୍ୟ କାମଦେବଙ୍କ ବିୟୋଗରେ ଚିତାଗ୍ନିରେ ପ୍ରବେଶ କରିବାକୁ ଯାଇଛନ୍ତି, କେବଳ ଏକ ଆଶାପ୍ରଦ ଶୂନ୍ୟବାଣୀ ତାଙ୍କୁ ସେଥିରୁ ନିବୃତ୍ତ କରିଛି । ସମଗ୍ର ରଘୁବଂଶରେ ଅଜଙ୍କ ବିଳାପ ଯେପରି ହୃଦ୍ୟତମ ଅଂଶ, ସମଗ୍ର କୁମାରସମ୍ଭବରେ ରତିଙ୍କ ବିଳାପ ସେହିପରି ହୃଦ୍ୟତମ ଅଂଶ । ଏ ଦୁଇଟି ବିଳାପବର୍ଣ୍ଣନାରୁ କାଳିଦାସଙ୍କୁ କାରୁଣ୍ୟର କବି ବୋଲି କୁହାଯାଇପାରେ । 'କାମ'କୁ କାରୁଣ୍ୟ ସହିତ ସଂଯୋଜିତ କରି କବି ତାହାକୁ ଯୌବନର ଉପଭୋଗ ବା ଉଚ୍ଛୃଙ୍ଖଳତା ଠାରୁ ଦୂରରେ ରଖିଛନ୍ତି ।

କୁମାରସମ୍ଭବ କାବ୍ୟ ଅଷ୍ଟସର୍ଗ-ବିଶିଷ୍ଟ ତଥା ସପ୍ତଦଶସର୍ଗବିଶିଷ୍ଟ ଅଛି । ଅଷ୍ଟସର୍ଗ-ବିଶିଷ୍ଟ କୁମାରସମ୍ଭବରେ ଶିବପାର୍ବତୀଙ୍କର ବିବାହ ଓ ଦାଂପତ୍ୟ ସୁଖସମ୍ଭୋଗ ପର୍ଯ୍ୟନ୍ତ ବିଷୟବସ୍ତୁ ଦିଆଯାଇଛି ଏବଂ ସେତିକିରେ କାବ୍ୟର ସମାପ୍ତି ଘଟିଛି । ସପ୍ତଦଶସର୍ଗ-ବିଶିଷ୍ଟ କୁମାରସମ୍ଭବରେ ଶିବ-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାର୍ବତୀଙ୍କର ଦାମ୍ପତ୍ୟ ସୁଖସମ୍ଭୋଗ ପରେ କୁମାର (କାର୍ତ୍ତିକେୟ)ଙ୍କର ଜନ୍ମ, ତାଙ୍କର ବାଲ୍ୟଲୀଳା, ସେନାପତି ପଦରେ ଅଭିଷେକ, ଯୁଦ୍ଧ ଅଭିଯାନ ଓ ତାରକାସୁର ବଧ ପ୍ରଭୃତି ବିଷୟମାନ ବର୍ଣ୍ଣିତ ହୋଇଛି । ବହୁ ଆଲୋଚକଙ୍କ ମତରେ କୁମାରସମ୍ଭବ ଆଠସର୍ଗ ପର୍ଯ୍ୟନ୍ତ ପ୍ରକୃତ କାଳିଦାସଙ୍କ ରଚନା ଏବଂ ତତ୍‌ପରବର୍ତ୍ତୀ ସର୍ଗଗୁଡ଼ିକ ପରବର୍ତ୍ତୀ କୌଣସି କବିଙ୍କ ରଚନା । କାରଣ, ପ୍ରଥମ ଆଠସର୍ଗରେ ପ୍ରକଟିତ ହୋଇଥିବା କବିତ୍ୱ ତୁଳନାରେ ନଅଠାରୁ ସତର ପର୍ଯ୍ୟନ୍ତ ସର୍ଗଗୁଡ଼ିକରେ ପ୍ରକଟିତ କବିତ୍ୱ ନିମ୍ନ କୋଟୀର । କୁମାରଙ୍କର ଜନ୍ମବୃତ୍ତାନ୍ତ ନ ଦେଇ କାବ୍ୟର ନାମ 'କୁମାରସମ୍ଭବ' ରଖିବାର ମୂଳରେ କବିଙ୍କର ବୋଧହୁଏ ଅଭିପ୍ରାୟ ଥିଲା ଯେ, ଶିବପାର୍ବତୀଙ୍କର ମିଳନ ପରେ କାର୍ତ୍ତିକେୟଙ୍କ ଜନ୍ମ ଓ ତାରକାସୁର ବଧ ପ୍ରଭୃତି ବିଷୟ ସ୍ୱତଃ ଅବଗମ୍ୟ । ପ୍ରକୃତରେ, ପରମଯୋଗୀ ଶିବଙ୍କ ସହିତ ପାର୍ବତୀଙ୍କର ମିଳନ ଘଟିବା ହିଁ ଅତ୍ୟନ୍ତ ଦୁଃସାଧ୍ୟ ଥିଲା । ତାହା ସଂଘଟିତ ହେଲାପରେ କଥାବସ୍ତୁକୁ ଅଧିକ ଲମ୍ବାଇବାକୁ କବି ଆବଶ୍ୟକ ମନେ କରିନାହାନ୍ତି ।

ଏ ପ୍ରସଙ୍ଗରେ ପ୍ରବାଦ ଅଛି ଯେ, କାଳିଦାସ କୁମାରସମ୍ଭବର ଅଷ୍ଟମ ସର୍ଗରେ ନିଜର ଇଷ୍ଟ ଦେବଦେବୀ ଶିବପାର୍ବତୀଙ୍କର ସଂଭୋଗ ବର୍ଣ୍ଣନା କରିବାରୁ ପାର୍ବତୀ ରୁଷ୍ଟ ହୋଇ ତାଙ୍କୁ ଅଭିଶାପ ଦେଇଥିଲେ, ଯାହା ଫଳରେ ସେ ସେହି କାବ୍ୟରଚନାରେ ଆଉ ଅଗ୍ରସର ହୋଇନଥିଲେ । ପ୍ରସିଦ୍ଧ ଟୀକାକାର ମଲ୍ଲୀନାଥ ମଧ୍ୟ କେବଳ ପ୍ରଥମ ଆଠ ସର୍ଗର ଟୀକା କରିଛନ୍ତି । ବୋଧହୁଏ ପରବର୍ତ୍ତୀ କୌଣସି କବି କୁମାରସମ୍ଭବରେ କୁମାର ଜନ୍ମ ବୃତ୍ତାନ୍ତ ନ ପାଇ କାବ୍ୟ ଅସଂପୂର୍ଣ୍ଣ ରହିଯାଇଛି ବୋଲି ଭାବିଛନ୍ତି ଏବଂ ନିଜେ ଆଉ ନଅସର୍ଗ ରଚନା କରି ତାହା ପୂର୍ଣ୍ଣାଙ୍ଗ କରିଛନ୍ତି । ଉକ୍ତ ନଅ ସର୍ଗ ବିଷୟରେ ବିଦ୍ୱାନ୍‌ମାନଙ୍କର ସନ୍ଦେହ ଥିବାରୁ ଏହି ଗ୍ରନ୍ଥାବଳୀରେ ସେଗୁଡ଼ିକୁ ସନ୍ନିବେଶିତ କରଯାଇନାହିଁ ।

ପାର୍ବତୀ ପର୍ବତରାଜ ହିମାଳୟଙ୍କର କନ୍ୟା । ପର୍ବତର କ'ଣ ଜୀବନ ଅଛି ? ଏହି ସଂଶୟର ନିରାକରଣ ପାଇଁ କବି ପ୍ରଥମ ଶ୍ଳୋକରେ ହିଁ ହିମାଳୟକୁ 'ଦେବତାତ୍ମା' ବିଶେଷଣରେ ବିଶେଷିତ କରିଛନ୍ତି । କାବ୍ୟଭିତରେ ମଧ୍ୟ ହିମାଳୟର 'ଦେବତାତ୍ମା' ସ୍ୱରୂପକୁ ସେ ସ୍ପଷ୍ଟ କରି-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଇଛନ୍ତି । ଯଥା, ଶିବଙ୍କ ଅନୁରୋଧରେ ବିବାହ ପ୍ରସ୍ତାବ ଘେନି ଯାଇଥିବା ସପ୍ତର୍ଷିଙ୍କ ଆଗରେ ହିମାଳୟ ନିଜର ନମ୍ରତା ପ୍ରକାଶ କରି କହିଛନ୍ତି—

"ଆପଣମାନେ ମୋର ଜଙ୍ଗମ (ଗତିଶୀଳ) ଶରୀରକୁ ଭୃତ୍ୟ କରି ଏବଂ ସ୍ଥାବର (ଗତିହୀନ) ଶରୀର ଉପରେ ପାଦ ରଖି ମୋର ଦୁଇ ପ୍ରକାର ସତ୍ତାକୁ ଅନୁଗୃହୀତ କରିଛନ୍ତି ।" (୬—୫୮)

"ଆପଣମାନେ ଜ୍ୟୋତିର୍ମୟ । ଆପଣମାନଙ୍କ ଦର୍ଶନ ପାଇ ମୋର ଯେ କେବଳ ଗୁହାଗତ ତମଃ (ଅନ୍ଧକାର) ଦୂର ହୋଇଛି, ତାହା ନୁହେଁ ; ମୋର ହୃଦୟଗତ ରଜଃପରବର୍ତ୍ତୀ ତମଃ (ରଜୋଗୁଣ ପରବର୍ତ୍ତୀ ତମୋ-ଗୁଣ) ମଧ୍ୟ ଦୂର ହୋଇଛି ।" (୬—୬୦)

ପର୍ବତରାଜ ହିମାଳୟ ଭାରତବର୍ଷର କେବଳ ଶରୀର ସହିତ ସଂପୃକ୍ତ ନୁହେଁ ; ଅନ୍ତର ସହିତ ମଧ୍ୟ ନିତ୍ୟ ସଂପୃକ୍ତ । ପାର୍ବତୀ ହିନ୍ଦୁ ଜଗତର ଆରାଧ୍ୟା ଜନନୀ । ହିମାଳୟ ଶୁକ୍ଳକେଶମଣ୍ଡିତ, ପ୍ରଶାନ୍ତବଦନ, ହାସ୍ୟମୁଖ ମାତାମହ ପରି ଦଣ୍ଡାୟମାନ । ଏହି ବୃହତ୍ତମ ଓ ମହତ୍ତମ ପର୍ବତର ବର୍ଣ୍ଣନା ଦେଇ କବି କାବ୍ୟର ଆରମ୍ଭ କରିଛନ୍ତି । କାଳିଦାସଙ୍କର ସମସ୍ତ ବିଷୟ, ସମସ୍ତ ବର୍ଣ୍ଣନା, ସମସ୍ତ ଭାବନା ଉଦାତ୍ତ, ଉଦାର, ଉଜ୍ଜ୍ୱଳ । କୁମାର ସମ୍ଭବର ଆରମ୍ଭରେ ସତରଟି ଶ୍ଳୋକରେ ହିମାଳୟର ବର୍ଣ୍ଣନା ପାଠ କରିସାରିବା ବେଳକୁ ପାଠକର ଅନ୍ତଃକରଣ ଭାରତବର୍ଷ ପ୍ରତି ସ୍ୱତଃ ଭକ୍ତିନମ୍ର ହୋଇଥାଏ ।

କନ୍ଦର୍ପ କାମ ପ୍ରବୃତ୍ତିର ଅଧିଷ୍ଠାତା ଦେବତା । କାମପ୍ରବୃତ୍ତି ସୃଷ୍ଟିର ମୂଳ କାରଣ । ଏହାକୁ ଜୟ କରିବା ସହଜ ନୁହେଁ । କୁମାରସମ୍ଭବରେ ଇନ୍ଦ୍ରଙ୍କୁ କନ୍ଦର୍ପ ଯାହାସବୁ କହିଛନ୍ତି, ତାହା କାମପ୍ରବୃତ୍ତିର ସାମର୍ଥ୍ୟ ବିଷୟରେ ହିଁ ସୁନ୍ଦର କବିତ୍ୱମୟ ବାଣୀ । ଯେପରି—

"ହେ ପ୍ରଭୁ, ଆପଣ ଯାହାର ମୁକ୍ତିପଥଲାଭ ଚାହାଁନ୍ତି ନାହିଁ, ଏପରି କୌଣସି ବ୍ୟକ୍ତି ପୁନର୍ଜନ୍ମକ୍ଳେଶ ଭୟରେ ମୁକ୍ତିପଥ ଗ୍ରହଣ କରିଛି କି ? ତା' ହେଲେ ସୁନ୍ଦରୀମାନଙ୍କର ଯେଉଁ କଟାକ୍ଷରେ ଭ୍ରୂଲତାଦ୍ୱୟ ଅପୂର୍ବ ନୃତ୍ୟ କରେ, ସେଥିରେ ସେ ଚିରକାଳ ବାନ୍ଧିହୋଇ ରହୁ ।" (୩—୫)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ଆପଣଙ୍କର କୌଣସି ଶତ୍ରୁ ଯଦି ସ୍ୱୟଂ ଶୁକ୍ରାଚାର୍ଯ୍ୟଙ୍କଠାରୁ ନୀତି-ଉପଦେଶ ଗ୍ରହଣ କରିଥାଏ, ତଥାପି ମୁଁ ଆସକ୍ତିରୂପକ ମୋର ଚରକୁ ପଠାଇ, ପ୍ରବଳ ଜଳପ୍ରବାହ ଯେପରି ନଦୀର ଦୁଇ ତଟକୁ କ୍ଷୟ କରେ, ସେହିପରି ତା'ର ଅର୍ଥ ଓ ଧର୍ମକୁ କ୍ଷୟ କରିଦେବି ।" (୩—୬)

କାମ ପ୍ରବୃତ୍ତି ଅତ୍ୟନ୍ତ ପ୍ରଭବଶାଳୀ । କିନ୍ତୁ ତାହା ଶିବଙ୍କୁ ଆୟତ୍ତ କରିପାରି ନାହିଁ । ପାର୍ବତୀଙ୍କ ପରି ଲାବଣ୍ୟମୟୀ ଲଳନା ତାଙ୍କ ସମ୍ମୁଖରେ ଭାବବ୍ୟଞ୍ଜନା କଲେ ମଧ୍ୟ ସେ ତାଙ୍କ ପ୍ରତି ଆସକ୍ତ ହୋଇନାହାନ୍ତି, ବରଂ କ୍ରୋଧାଗ୍ନିରେ କନ୍ଦର୍ପକୁ ଭସ୍ମ କରି ସଙ୍ଗେ ସଙ୍ଗେ ପାର୍ବତୀଙ୍କ ସମ୍ମୁଖରୁ ଅନ୍ତର୍ହିତ ହୋଇଛନ୍ତି । ଏଥିରୁ ବ୍ୟଞ୍ଜିତ ହୁଏ ଯେ, ପୌରୁଷଶାଳୀ ପୁରୁଷ ରମଣୀ ନିକଟରେ ମୁଗ୍ଧ ବା ପ୍ରଲୁବ୍ଧ ହୁଏ ନାହିଁ । ଯଦି ବା କେତେବେଳେ ସେ ନିଜର ଦୁର୍ବଳତା ଅନୁଭବ କରେ, ତେବେ ସଙ୍ଗେ ସଙ୍ଗେ ରମଣୀ-ସାନ୍ନିଧ୍ୟ ପରିହାର କରେ । ପକ୍ଷାନ୍ତରେ, ଯେଉଁ ଶିବ କନ୍ଦର୍ପକୁ ଭସ୍ମ କରି-ଥିଲେ , ସେ ପୁଣି ପାର୍ବତୀଙ୍କର ତପସ୍ୟାରେ ପ୍ରୀତ ହୋଇ ତାଙ୍କୁ ପତ୍ନୀ-ରୂପେ ଗ୍ରହଣ କଲେ ଏବଂ ତାଙ୍କ ସଙ୍ଗରେ ସୁରତ ସମ୍ଭୋଗରେ ନିମଜ୍ଜିତ ରହିଲେ । ଅତଏବ, ପ୍ରବୃତ୍ତି ବିଧିସଂଗତ ପନ୍ଥାରେ ଚରିତାର୍ଥ ହେବା ଉଚିତ । ପ୍ରବୃତ୍ତିର ଅଭୁକ୍ତି ଯେପରି କାମ୍ୟ ନୁହେଁ, ଅବୈଧ ଭୁକ୍ତି ମଧ୍ୟ ସେହିପରି କାମ୍ୟ ନୁହେଁ ।

କୁମାରସମ୍ଭବରେ ତପସ୍ୱିନୀ ପାର୍ବତୀ ଓ ଆଗନ୍ତୁକ ବ୍ରହ୍ମଚାରୀଙ୍କ ମଧ୍ୟରେ ଉକ୍ତି-ପ୍ରତ୍ୟୁକ୍ତି ବେଶ୍ ତାତ୍‌ପର୍ଯ୍ୟପୂର୍ଣ୍ଣ । ଶିବଙ୍କ ପ୍ରତି ପାର୍ବତୀଙ୍କର ଅନୁରାଗ ତଥା ଆନୁଗତ୍ୟ କେତେ, ତାହା ପରୀକ୍ଷା କରିବା ପାଇଁ ବ୍ରହ୍ମଚାରୀ-ବେଶଧାରୀ ଶିବ ତାଙ୍କୁ ନିଜ ବିଷୟରେ କେତେଗୁଡ଼ିଏ ବିରୁଦ୍ଧ ତଥା କୁତ୍ସିତ କଥା କହିଛନ୍ତି । ପାର୍ବତୀ ଯଥାର୍ଥ ଉତ୍ତର ଦେଇ ସେସବୁର ଖଣ୍ଡନ କରିଛନ୍ତି । ଉଦାହରଣ ସ୍ୱରୂପ——

"ଯେ ବିପଦର ପ୍ରତୀକାର କରିବାକୁ ଚାହୁଁଥାଏ କିମ୍ବା ଐଶ୍ୱର୍ଯ୍ୟର ଆଶା ରଖିଥାଏ, ସେ ହିଁ ନିଜର ମଙ୍ଗଳ କାମନା କରେ । ଶିବ ସକଳ ଜଗତର ଶରଣସ୍ଥଳ ଏବଂ ସଂପୂର୍ଣ୍ଣ ନିରଭିଳାଷ । ଆଶା-ଉଦ୍ରେକକାରୀ, ମନୋବୃତ୍ତି-ଦୂଷିତକାରୀ ମଙ୍ଗଳରେ ତାଙ୍କର ପ୍ରୟୋଜନ କଅଣ ? (୫-୭୬)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଗତରେ ଏକ ଚିରନ୍ତନ ସତ୍ୟ ହେଉଛି––ନିଃସ୍ୱ, କ୍ଷମତାହୀନ ସନ୍ନ୍ୟାସୀ ଆଗରେ ସଂପଦଶାଳୀ, କ୍ଷମତାସୀନ ସଂସାରୀ ମସ୍ତକ ନତ କରେ । ଏହି ସତ୍ୟ ପାର୍ବତୀଙ୍କ ଉକ୍ତିରେ ପରିସ୍ଫୁଟ :—

" ଶିବ ସଂପଦହୀନ, ସେ ବୃଷଭପୃଷ୍ଠରେ ବସି ଯାତାୟାତ କରନ୍ତି । ଇନ୍ଦ୍ର ମଦଜଳସ୍ରାବୀ [illegible] ଯାତାୟାତ କରନ୍ତି । କିନ୍ତୁ ଇନ୍ଦ୍ର ଶିବଙ୍କୁ ଦେଖିଲେ ତାଙ୍କ ପାଦ ତଳେ ମୁଣ୍ଡ ଲଗାଇ ପ୍ରଣାମ କରନ୍ତି । ସେତେବେଳେ ଇନ୍ଦ୍ରଙ୍କର ମସ୍ତକଭୂଷଣ ପାରିଜାତ ପୁଷ୍ପର ପରାଗ ଶିବଙ୍କ ପାଦଦ୍ୱୟକୁ ରକ୍ତାଭ କରେ । " (୫-୮୦)

ପାର୍ବତୀଙ୍କର ଚରିତ୍ର ମହନୀୟ । ଶିବଙ୍କୁ ସ୍ୱାମୀରୂପେ ପାଇବା-ପାଇଁ ସେ ନିଜର ସୁକୋମଳ ଶରୀର ପ୍ରତି ଦୃଷ୍ଟି ନ ଦେଇ କଠୋର ତପସ୍ୟା କରିଛନ୍ତି । ପିତାମାତାଙ୍କ ପ୍ରତି ଆଜ୍ଞାନୁବର୍ତ୍ତିତା, ପଶୁପକ୍ଷୀଙ୍କ ପ୍ରତି ଦୟା, ଅତିଥିମାନଙ୍କ ପ୍ରତି ଅଭ୍ୟର୍ଥନା, ତପଶ୍ଚର୍ଯ୍ୟାରେ ଗଭୀର ନିଷ୍ଠା, କଷ୍ଟ-ସହିଷ୍ଣୁତା ପ୍ରଭୃତି ଗୁଣରେ ପାର୍ବତୀ ସମସ୍ତଙ୍କର ଆଦର୍ଶ ହୋଇଛନ୍ତି । କିନ୍ତୁ ମହୀୟସୀ ରମଣୀମାନଙ୍କର ମଧ୍ୟ ମନରେ ଏକ ଦୁର୍ବଳତା ଥାଏ । ତାହା ହେଉଛି–ସ୍ୱାମୀଙ୍କୁ ନିଜ ପାଖରୁ ନ ଛାଡ଼ିବାର ଇଚ୍ଛା । କବି ପାର୍ବତୀଙ୍କର ଏହି ଦୁର୍ବଳତାର ସୂଚନା ଦେଇଛନ୍ତି । ବିବାହ ପରେ ଦିନେ ଶିବ ପାର୍ବତୀଙ୍କୁ ପ୍ରକୃତିର ମନୋରମ ଦୃଶ୍ୟାବଳୀ ଦେଖାଉଥିଲା ବେଳେ ସନ୍ଧ୍ୟା ଉପଗତ ହେଲା । ଶିବ ସନ୍ଧ୍ୟାକାଳୀନ ଉପାସନା ଉଦ୍ଦେଶ୍ୟରେ ପାର୍ବତୀଙ୍କ ନିକଟରୁ ମୁହୂର୍ତ୍ତେ ଯିବା ପାଇଁ ଇଚ୍ଛା କରି କହିଲେ :—

"ଗୋ ପାର୍ବତୀ, ଦେଖ, ଶାସ୍ତ୍ରଜ୍ଞ ତପସ୍ୱୀମାନେ ପବିତ୍ର ଜଳାଞ୍ଜଳି ପ୍ରଦାନ କରି, ସନ୍ଧ୍ୟା ସମ୍ମୁଖରେ ଭୂମିରେ ଗୋଇଠି ନ ଲଗାଇ ଠିଆ ହୋଇ, ଚିତ୍ତଶୁଦ୍ଧି ଲାଭ ନିମନ୍ତେ ଶ୍ରଦ୍ଧାର ସହିତ ଅନୁଚ୍ଚ ସ୍ୱରରେ ଗାୟତ୍ରୀମନ୍ତ୍ର ଜପ କରୁଛନ୍ତି । ଗୋ ମଧୁରଭଷିଣି, ବର୍ତ୍ତମାନ ସନ୍ଧ୍ୟାବିଧି ପାଳନ ନିମନ୍ତେ ମୋତେ ମୁହୂର୍ତ୍ତେ ମାତ୍ର ସମୟ ଦିଅ । ବିନୋଦନନିପୁଣା ସଖୀମାନେ ତୁମର ଚିତ୍ତବିନୋଦନ କରୁଥାଆନ୍ତୁ ।" (୮–୪୭–୪୮)

କିନ୍ତୁ "ପାର୍ବତୀ ସ୍ୱାମୀଙ୍କ କଥା ଶୁଣି ଅବଜ୍ଞାସୂଚକ ଭାବରେ ଓଠ ଲମ୍ବାଇଦେଇ ନିକଟକୁ ଆସୁଥିବା ସଖୀ ବିଜୟା ସହିତ ଅହେତୁକ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଳାପରେ ପ୍ରବୃତ୍ତ ହେଲେ ।" (୮–୪୯) ହୋଧହୁଏ ସେତେବେଳେ ତାଙ୍କ ମନରେ ଧାରଣା ଥିଲା ଯେ, ସନ୍ଧ୍ୟା-ଉପାସନା କରିବାକୁ ମଧ୍ୟ ତାଙ୍କ ପାଖରୁ ଯିବା ତାଙ୍କ ସ୍ୱାମୀଙ୍କ ପକ୍ଷରେ ଉଚିତ ନୁହେଁ ।

ପ୍ରକୃତି ବର୍ଣ୍ଣନାରେ କାଳିଦାସ ଅପ୍ରତିଦ୍ୱନ୍ଦ୍ୱୀ । ଜୀବଜଗତର ଆଗ୍ରହବିଗ୍ରହ, ପ୍ରବୃତ୍ତିନିବୃତ୍ତି ସେ ପ୍ରକୃତି ଭିତରେ ଲକ୍ଷ୍ୟ କରିଛନ୍ତି। ଏପରି କୌଣସି ସହୃଦୟ ବ୍ୟକ୍ତି ନାହିଁ, ଯେ କି କାଳିଦାସଙ୍କ କାବ୍ୟକବିତା ପାଠ କଲେ ଗିରି, ନଦୀ, ବିଲ, ବନ, ବୃକ୍ଷ ଲତା, ଫଳ, ଫୁଲ, ପଶୁ, ପକ୍ଷୀ, ଚନ୍ଦ୍ର, ତାରା ପ୍ରଭୃତିଙ୍କ ଆଡକୁ ଦୃଷ୍ଟିପାତ ନ କରିବ ଏବଂ ସେମାନେ ଯେଉଁ ପରମ ସ୍ରଷ୍ଟାଙ୍କର ମହିମା ଗାନ କରୁଛନ୍ତି, ତାହା ଅନ୍ତରାତ୍ମାରେ ନ ଶୁଣିବ । ପ୍ରକୃତି ଆମର ଜନନୀ, ଶତ ଜଞ୍ଜାଳ ମଧ୍ୟରେ ବି ପ୍ରକୃତି ଆଡକୁ ଦୃଷ୍ଟି-ପାତ କରିବାକୁ ହେବ, ତଦ୍ଦ୍ୱାରା ଆମକୁ ଶାନ୍ତି ମିଳିବ, କାଳିଦାସଙ୍କ କବିତା କାନେ କାନେ ଏହି କଥା କହିଯାଏ ।

'ମେଘଦୂତ' କାଳିଦାସଙ୍କ ପ୍ରକୃତିଚିତ୍ରଣର ସର୍ବୋତ୍‌କୃଷ୍ଟ ନିଦର୍ଶନ । ଏକ ବିରହୀ ଯକ୍ଷର ନିଜ ପ୍ରିୟତମା ପ୍ରତି ଅନୁରାଗ ପ୍ରକଟନ ଯଦିଓ ଏହାର ଅବଲମ୍ବ-ବିଷୟ, ତଥାପି ପ୍ରକୃତିର ଜୀବନଧର୍ମୀ ଆଲେଖ୍ୟ-ଅଙ୍କନ ଏହାର ଉଦ୍ଦେଶ୍ୟ । ପରବର୍ତ୍ତୀ ବହୁ କବି ମେଘଦୂତର ପ୍ରକୃତି ଚିତ୍ରରେ ଆକୃଷ୍ଟ ହୋଇ ଏହାର ଅନୁସରଣରେ ଦୂତକାବ୍ୟମାନ ରଚନା କରିଛନ୍ତି । ସମଗ୍ର ଭାରତବର୍ଷ ପ୍ରତି କାଳିଦାସଙ୍କର କିପରି ଆନୁଗତ୍ୟ ଓ ଅନୁରକ୍ତି ଥିଲା, ତାହା ମେଘ-ଦୂତରୁ ସୂଚିତ ହୁଏ । ନିଜ ଜନ୍ମଭୂମି ଭାରତର ନଦନଦୀ, ଗିରିବନ, ନଗର-ନଗରୀ, ଜନପଦ, ଶସ୍ୟକ୍ଷେତ୍ର, ଦେବାଳୟ ପ୍ରଭୃତିର ସୌନ୍ଦର୍ଯ୍ୟ ତଥା ମହିମା ବର୍ଣ୍ଣନ ଉଦ୍ଦେଶ୍ୟରେ ହିଁ ସେ 'ମେଘଦୂତ'ର ପରିକଳ୍ପନା କରିଥିଲେ । ସ୍ୱାଧିକାରପ୍ରମତ୍ତ, ଅଭିଶପ୍ତ ଯକ୍ଷ ଆଶ୍ରୟ ଗ୍ରହଣ କରେ ରାମଗିରିରେ । ସେହିଠାରୁ ସେ ମେଘକୁ ହିମାଳୟର କୈଳାସ ଶୃଙ୍ଗରେ ଅବସ୍ଥିତ 'ଅଳକା' ନଗରୀକୁ ଯିବାପାଇଁ ଅନୁରୋଧ କରେ । ରାମଗିରିରୁ ମାଳଭୂମି ଉପର ଦେଇ ଆମ୍ରକୂଟ ପର୍ବତ, ସେଠାରୁ ବିନ୍ଧ୍ୟ ପର୍ବତ, ସେଠାରୁ ରେବା ନଦୀ, ଦଶାର୍ଣ୍ଣ ଦେଶ, ଦଶାର୍ଣ୍ଣର ରାଜଧାନୀ ବିଦିଶା ନଗରୀ, ନୀଚ ନାମକ ପର୍ବତ, ବନନଦୀ, ତତ୍‌ତୀରବର୍ତ୍ତୀ ଉପବନରାଜି, ନିର୍ବିନ୍ଧ୍ୟା ନଦୀ, ସିନ୍ଧୁନଦୀ, ଅବନ୍ତି-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଶ, ଅବନ୍ତି-ରାଜଧାନୀ ବିଶାଳା ବା ଉଜ୍ଜୟିନୀନଗରୀ ,ଶିପ୍ରାନଦୀ, ଗନ୍ଧବତୀ ନଦୀ, ମହାକାଳ ଶିବଙ୍କ ମନ୍ଦିର, ଗମ୍ଭୀର ନଦୀ, ଦେବଗିରି, ଚର୍ମଣ୍ୱତୀ ନଦୀ, ଦଶପୁର, ବ୍ରହ୍ମାବର୍ତ୍ତ ଦେଶ, କୁରୁକ୍ଷେତ୍ର, ସରସ୍ୱତୀ ନଦୀ, କନଖଳ, ଗଙ୍ଗାନଦୀ, ଗଙ୍ଗାର ଉତ୍ପତ୍ତିସ୍ଥଳ ହିମାଳୟ, କ୍ରୌଞ୍ଚରନ୍ଧ୍ର, କୈଳାସ ପର୍ବତ, ଅଳକାନଗରୀ—ଏହିପରି ଭାବରେ ମେଘର ଗତିପଥର କଳ୍ପନା କରି ଭାରତବର୍ଷର ସୌନ୍ଦର୍ଯ୍ୟମୟୀ ପ୍ରକୃତିର ମନୋଜ୍ଞ ଚିତ୍ର ଦେବା କାଳିଦାସଙ୍କର ଲକ୍ଷ୍ୟ ଥିଲା ।

ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ପ୍ରେମ, ଆନନ୍ଦ, ଜୀବନ —ଏ ସବୁର ମହିମା ଗାନ କରେ 'ମେଘଦୂତ' । ନାରୀ ପୁରୁଷର ମୁକ୍ତିମାର୍ଗର ଅର୍ଗଳ ନୁହେଁ କି ବିକାଶର ପ୍ରତିବନ୍ଧକ ନୁହେଁ । କରୁଣାର ମନ୍ଦାକିନୀ, ସ୍ନେହର ନିର୍ଝରିଣୀ, ସୋହାଗର ପୁଷ୍ପଭୂମି, ମୃତ୍ୟୁର ସଂଜୀବନୀ, ପୃଥିବୀର ପାରିଜାତ, ସାଫଲ୍ୟର ସିଦ୍ଧିଶକ୍ତି, ସନ୍ତାନର ଜଗଦ୍ଧାତ୍ରୀ ନାରୀ—ଏହି ହୃଦ୍ୟ ଭାବନା କାଳିଦାସଙ୍କ କାବ୍ୟ କବିତାରେ ନିହିତ ଅଛି ।

କାଳିଦାସଙ୍କ ସମୟରେ ନାରୀମାନଙ୍କର ଯଥେଷ୍ଟ ସ୍ୱାଧୀନତା ଥିଲା । ସେମାନେ ସ୍ୱଚ୍ଛନ୍ଦ-ଭାବରେ ବିଚରଣ କରିପାରୁଥିଲେ । ପ୍ରମାଣ ସ୍ୱରୂପ— "ଦିଲୀପ ଶାସନ କରୁଥିବା ବେଳେ ସ୍ୱଚ୍ଛନ୍ଦଗାମିଣୀ ମହିଳାମାନେ କ୍ରୀଡାସ୍ଥଳକୁ ଯାଉଯାଉ ରାସ୍ତାରେ ଯଦି ଶୋଇପଡ଼ୁଥିଲେ, ସେମାନଙ୍କର ବସ୍ତ୍ରକୁ ହଲଚଲ କରିବା ପାଇଁ ପବନ ମଧ୍ୟ ସାହସ କରୁନଥିଲା, ସେମାନଙ୍କ ଆଡ଼କୁ କିଏ ବା ହାତ ବଢାଇବ ?" (ରଘୁବଂଶ ୬–୭୫)

ନାରୀମାନେ ଯେ କେବଳ ଦିନରେ ସ୍ୱଚ୍ଛନ୍ଦରେ ବିଚରଣ କରିପାରୁଥିଲେ, ତା ନୁହେଁ ; ସେମାନେ ରାତିରେ ମଧ୍ୟ ବିଚରଣ କରିପାରୁଥିଲେ । ଏପରି କି, ପ୍ରଣୟୀମାନଙ୍କ ନିକଟକୁ ଅଭିସାର କରି ଯାଉଥିଲେ । ଉଦାହରଣ ସ୍ୱରୂପ—

"ସେହି ନଗରୀରେ କାମିନୀମାନେ ରାତିରେ ଅଭିସାର କରିଗଲାବେଳେ ଦ୍ରୁତଗତି ଜନିତ କମ୍ପନ ହେତୁ ସେମାନଙ୍କର କେଶରୁ ଯେଉଁ ମନ୍ଦାରଫୁଲସବୁ ଖସିପଡେ ଏବଂ ପୃଥୁଳ ସ୍ତନ ଉପରେ ମୁକ୍ତାହାରର ସୂତା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଛିଣ୍ଡିଯିବା ଫଳରେ ଯେଉଁ ମୁକ୍ତାଗୁଡ଼ିକ ଖସିପଡ଼େ, ସୂର୍ଯ୍ୟ ଉଦୟ ହେଲେ ସେଗୁଡ଼ିକଦ୍ୱାରା ସେମାନଙ୍କର ରାତ୍ରିକାଳୀନ ପଥ ସୂଚିତ ହୁଏ ।” (ଉତ୍ତରମେଘ–୧୧)

ଏହାର ଅର୍ଥ ନୁହେଁ ଯେ, ନାରୀମାନେ ରାତ୍ରିରେ ପରପୁରୁଷଙ୍କ ନିକଟକୁ ଯାଉଥିଲେ । ଯେତେବେଳେ “ନାରୀର ବସ୍ତ୍ର ହଲଚଲ କରିବାକୁ ପବନ ମଧ୍ୟ ସାହସ କରୁନଥିଲା, ସେତେବେଳେ ପରସ୍ତ୍ରୀକୁ ସ୍ପର୍ଶ କରିବାକୁ କେଉଁ ପୁରୁଷ ସାହସ କରିବ ? ପ୍ରକୃତ କଥା ହେଉଛି, ଅବିବାହିତା ପ୍ରିୟା-ମାନେ ଅବିବାହିତ ପ୍ରିୟମାନଙ୍କ ନିକଟକୁ ଅଭିସାର କରି ଯାଉଥିଲେ, ଯେଉଁମାନଙ୍କୁ କି ସେମାନେ ପତିରୂପେ ବରଣ କରିବାକୁ ଚାହୁଁଥିଲେ । ‘କାମ’ ସାର୍ଥକସୁନ୍ଦର ହୁଏ ସେତିକିବେଳେ, ଯେତେବେଳେ ପ୍ରିୟା ପ୍ରିୟ-ନିକଟକୁ ଗମନ କରେ । ଏହା ହିଁ ଥିଲା ଅଭିସାରର ଲକ୍ଷ୍ୟ ।

ପ୍ରାଣୀମାନଙ୍କର ପ୍ରାଣଧାରଣ ଉଦ୍‌ଭିଦଜଗତ ଉପରେ ନିର୍ଭର-ଶୀଳ । ତେଣୁ ବୃକ୍ଷଲତାମାନଙ୍କୁ ପୁତ୍ରକନ୍ୟା ଦୃଷ୍ଟିରେ ଦେଖିବା ଉଚିତ, ଏହି ଭାବନା ମଧ୍ୟ କାଳିଦାସଙ୍କ ରଚନାବଳୀରେ ନିହିତ ଅଛି । ଉଦାହରଣ ସ୍ୱରୂପ, କିଂକର୍ତ୍ତବ୍ୟବିମୂଢ଼ ଦିଲୀପଙ୍କ ପ୍ରତି ସିଂହର ଉକ୍ତିରେ—

“ଥରେ ଏକ ବନ୍ୟ ହସ୍ତୀ ଏହି ଗଛରେ ଗଣ୍ଡ ଘଷି ଏହାର ଛାଲି ବାହାର କରିପକାଇଲା । କାର୍ତ୍ତିକେୟଙ୍କୁ ଅସୁରମାନଙ୍କ ଅସ୍ତ୍ରରେ ଆହତ ହୋଇଥିବାର ଦେଖିଲେ ପାର୍ବତୀ ଯେପରି କାନ୍ଦିପକାନ୍ତି, ଏହାକୁ ଦେଖି ସେ ସେହିପରି କାନ୍ଦିପକାଇଲେ ।” (ରଘୁବଂଶ–୨/୩୬)

ବିଦ୍ୱାନ୍ କୌତ୍ସମୁନିଙ୍କ ପ୍ରତି ମହାରାଜ ରଘୁଙ୍କ ଉକ୍ତିରେ—

“ଆଶ୍ରମରେ ତପସ୍ୱୀମାନଙ୍କ ଦ୍ୱାରା ମୂଳରେ ମନ୍ଦା କରିବା, ପାଣି ଦେବା ପ୍ରଭୃତି ଯତ୍ନରେ ବୃକ୍ଷମାନେ ପୁତ୍ରସମାନ ବର୍ଦ୍ଧିତ ହୋଇଥାନ୍ତି ଏବଂ କ୍ଳାନ୍ତ ଲୋକଙ୍କର କ୍ଳାନ୍ତି ଦୂର କରନ୍ତି । ସେମାନଙ୍କ ଉପରେ ବାତ୍ୟା, ବନାଗ୍ନି ପ୍ରଭୃତି ବିପଦ ପଡୁନାହିଁ ତ ?” (ରଘୁବଂଶ–୫/୬)

ନିର୍ବାସିତା ସୀତାଙ୍କ ପ୍ରତି ବାଲ୍ମୀକିଙ୍କ ଉକ୍ତିରେ—

“ତୁ ତୋର ଶକ୍ତି-ଅନୁରୂପ କଳସୀରୁ ଜଳ ଢାଳି ଆଶ୍ରମର ଶିଶୁ ବୃକ୍ଷମାନଙ୍କୁ ବଢ଼ାଇବୁ । ତା’ଫଳରେ ତୋର ପୁତ୍ରୋତ୍ପତ୍ତି ହେବା ପୂର୍ବରୁ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୁତ୍ରକୁ ସ୍ତନ୍ୟ ପାନ କରାଇବାର ସୁଖ ଅନୁଭବ କରିପାରିବୁ ।" (ରଘୁବଂଶ-୧୪/୭୮)

ପାର୍ବତୀଙ୍କର ତପଶ୍ଚର୍ଯ୍ୟାରେ—

"ସେ (ପାର୍ବତୀ) ନିଜେ ନିରଳସ ରହି ସ୍ତନରୂପ କଳସୀରୁ ସ୍ତନ୍ୟରୂପ ଜଳ ଢାଳି ଛୋଟ ଛୋଟ ଗଛଗୁଡ଼ିକୁ ବଢାଇବାରେ ଲାଗିଲେ। ଭବିଷ୍ୟତରେ କାର୍ତ୍ତିକେୟଙ୍କ ଜନ୍ମ ପରେ ମଧ୍ୟ ଏହି ପ୍ରଥମଜାତ ସନ୍ତାନ-ଗୁଡ଼ିକଙ୍କ ପ୍ରତି ତାଙ୍କର ସ୍ନେହ ଅତୁଟ ରହିଥିଲା ।" (କୁମାରସମ୍ଭବ—୫/୧୪)

ଶକୁନ୍ତଳାଙ୍କର ପତିଗୃହଗମନ ବେଳେ କଣ୍ୱଙ୍କର ତପୋବନ-ତରୁଗଣଙ୍କ ପ୍ରତି ଉକ୍ତିରେ—

"ହେ ସମୀପବର୍ତ୍ତୀ ତରୁଗଣ, ଯେ ତୁମ୍ଭମାନଙ୍କୁ ଜଳ ନଦେଲେ କଦାପି ଜଳ ଗ୍ରହଣ କରେ ନାହିଁ, ଯେ ଭୂଷଣପ୍ରିୟା ହେଲେ ମଧ୍ୟ ଅତ୍ୟନ୍ତ ସ୍ନେହ ବଶତଃ ତୁମମାନଙ୍କ ଦେହରୁ ପତ୍ରଟିଏ ମଧ୍ୟ ଛିଣ୍ଡାଏ ନାହିଁ ଏବଂ ତୁମମାନଙ୍କର ପ୍ରଥମ ପୁଷ୍ପ ବିକଶିତ ହେଲେ ଯେ ଉତ୍ସବ ପାଳନ କରେ, ସେହି ଶକୁନ୍ତଳା ଆଜି ପତିଗୃହକୁ ଯାଉଛି, ତୁମେମାନେ ଅନୁମତି ଦିଅ ।" (ଅଭିଜ୍ଞାନଶାକୁନ୍ତଳ—୪/୧୦)

ଏହିପରି ବିଭିନ୍ନ ପ୍ରସଙ୍ଗରୁ ଅନୁମିତ ହୁଏ ଯେ, ସେ କାଳରେ ଲୋକମାନଙ୍କର ବୃକ୍ଷଲତାମାନଙ୍କ ପ୍ରତି ଗଭୀର ସ୍ନେହ ଥିଲା । ମନୁଷ୍ୟର ସ୍ନେହ, ଅନୁକମ୍ପା ସାଧାରଣତଃ ଆଗେ ସ୍ୱଜନମାନଙ୍କ ପ୍ରତି, ତା'ପରେ ଅନ୍ୟାନ୍ୟ ମନୁଷ୍ୟମାନଙ୍କ ପ୍ରତି, ତା'ପରେ ସମଗ୍ର ଜଙ୍ଗମଜଗତ ପ୍ରତି ଏବଂ ତା'ପରେ ସ୍ଥାବରଜଗତ ପ୍ରତି—ଏହିପରି କ୍ରମରେ ପ୍ରସାରିତ ହୁଏ । କାଳିଦାସଙ୍କ ସମୟରେ ଏଭଳି ପ୍ରଶସ୍ତ ସ୍ନେହମମତା ଭଗବାନ୍ ବୁଦ୍ଧଙ୍କ ଅହିଂସା ଓ ଦୟାଧର୍ମ ଯୋଗୁ ସମ୍ଭବ ହୋଇଥିଲା ବୋଲି ଧାରଣା କରାଯାଇ-ପାରେ ।

ଭାରତର ଋତୁଚକ୍ରର ବୈଚିତ୍ର୍ୟ କାଳେକାଳେ କବିମାନଙ୍କୁ ମୁଗ୍ଧ କରିଆସିଛି । ତେଣୁ ବିଭିନ୍ନ ଋତୁର ବର୍ଣ୍ଣନା କାବ୍ୟର ଏକ ଆବଶ୍ୟକ ବିଭବ-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରୂପେ ଗୃହୀତ ହୋଇଛି । ଋତୁ ଓ ପ୍ରକୃତି ପରସ୍ପର ଅବିଚ୍ଛେଦ୍ୟ ଭାବରେ ସଂପୃକ୍ତ । ଉଭୟ ପ୍ରତି ମନୁଷ୍ୟକୁ ଆକୃଷ୍ଟ କରିବା ପ୍ରାଚୀନ କାବ୍ୟଧାରାର ଏକ ଆଦର୍ଶ ଥିଲା । ବୋଧହୁଏ, ମହାକବି କାଳିଦାସ ଏହି ଆଦର୍ଶର ପ୍ରତିଷ୍ଠାତା । ତାଙ୍କର 'ଋତୁସଂହାର' ଋତୁମାନଙ୍କର ଭୀମକାନ୍ତ ଦୃଶ୍ୟାବଳୀର ସମଷ୍ଟି । ଧର୍ମାର୍ଥାନୁମୋଦିତ କାମ ଏହାର ଆଭିମୁଖ୍ୟ ।

"ଶୃଙ୍ଗାରୀ ଚେତ୍ କବିଃ କାବ୍ୟେ ଜାତଂ ରସମୟଂ ଜଗତ୍ ।
ସ ଏବ ବୀତରାଗଶ୍ଚେନ୍ ନୀରସଂ ସର୍ବମେବ ତତ୍ ।" (ଧ୍ୱନ୍ୟାଲୋକ-ତୃତୀୟ ଉଦ୍ୟୋତ) ଏହି ଉକ୍ତିର ପ୍ରକୃତ ଅର୍ଥ— କବି ଯଦି ନିଜେ ଶୃଙ୍ଗାରୀ (କାମୀ ବା କାମାନୁରାଗୀ), ତେବେ ତାଙ୍କ କାବ୍ୟରେ ଏକ ରସମୟ ଜଗତ ସୃଷ୍ଟି ହୁଏ । ସେ ଯଦି ନିଜେ ବିରାଗୀ (ବୈରାଗ୍ୟସଂପନ୍ନ), ତେବେ ତାଙ୍କର କାବ୍ୟ-ଜଗତ ନୀରସ ତଥା ଶୁଷ୍କ ହୁଏ । କିନ୍ତୁ ଏହି ଉକ୍ତିର ପୂର୍ଣ୍ଣାଙ୍ଗ ଅର୍ଥ ପ୍ରତି ଦୃଷ୍ଟି ନ ଦେଇ କେତେକେ ତାହାର 'ଶୃଙ୍ଗାରୀ ଚେତ୍ କବିଃ' ଏତିକି ଅଂଶ-ମାତ୍ର ନେଇ କଦର୍ଥ କରନ୍ତି—କେହି ଯଦି ଶୃଙ୍ଗାରୀ ଥାଆନ୍ତି, ସେ ହେଉଛନ୍ତି କବି । ସେମାନେ ପୁଣି 'ଶୃଙ୍ଗାରୀ' ଶବ୍ଦର ଅର୍ଥ ବୁଝନ୍ତି—କାମାସକ୍ତ, ବାରାଙ୍ଗନାସକ୍ତ ବା ପରଦାରାସକ୍ତ । ତେଣୁ କବିମାନଙ୍କ ସମ୍ବନ୍ଧରେ ସେମାନେ ଅସୁନ୍ଦର କାହାଣୀମାନ ସୃଷ୍ଟି କରନ୍ତି । ମହାକବି କାଳିଦାସଙ୍କ ସମ୍ବନ୍ଧରେ ଏପରି ଅନେକ କାହାଣୀ ପ୍ରଚଳିତ ଅଛି । କିନ୍ତୁ ପ୍ରକୃତରେ ବାଣୀ-ଉପାସକ କୌଣସି ପ୍ରତିଭାବାନ୍ କବି ଭ୍ରଷ୍ଟଚରିତ୍ର ହୋଇ ନ ପାରନ୍ତି । 'ଧ୍ୱନ୍ୟାଲୋକ'ର ପ୍ରସିଦ୍ଧ ବ୍ୟାଖ୍ୟାକାର ଅଭିନବ ଗୁପ୍ତ ମଧ୍ୟ ଉପର୍ଯ୍ୟୁକ୍ତ ଉକ୍ତିର ବ୍ୟାଖ୍ୟା ପ୍ରସଙ୍ଗରେ କବିମାନେ କାମାସକ୍ତ, ବାରାଙ୍ଗନାସକ୍ତ ବା ପରଦାରାସକ୍ତ ନୁହନ୍ତି ବୋଲି କହିଛନ୍ତି । ପ୍ରକୃତ କଥା ହେଉଛି, କବିମାନେ ଜୀବନର ଜୟଗାନ କରନ୍ତି । ଜୀବନର ଉତ୍ସ 'କାମ' ଏବଂ 'କାମ' ର ଅବଲମ୍ବନ ସୁଷମମୟ ଶୃଙ୍ଗାର । ତେଣୁ ପ୍ରାଚୀନ କବିମାନେ ଶୃଙ୍ଗାରର ଜୟଗାନ କରିଛନ୍ତି ।

କାଳିଦାସ ପାର୍ବତୀପରମେଶ୍ୱରଙ୍କର ସମ୍ଭୋଗଶୃଙ୍ଗାର ବର୍ଣ୍ଣନା କରିଥିବାରୁ ତାଙ୍କୁ କେହିକେହି ଅନୌଚିତ୍ୟ ଦୋଷରେ ଅଭିଯୁକ୍ତ କରନ୍ତି । କିନ୍ତୁ ଏ ବିଷୟରେ ମୁକ୍ତ ମନରେ ବିଚାର, ଆଲୋଚନା କରାଯିବା ଆବଶ୍ୟକ । ବାତ୍ସ୍ୟାୟନ ତ ମୁନି ଥିଲେ, ସେ ପୁଣି 'କାମଶାସ୍ତ୍ର' ପ୍ରଣୟନ କଲେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାହିଁକି ? ନିରନ୍ନ, ବୁଭୁକ୍ଷୁ, ଭିକ୍ଷୁକ, ମୂର୍ଖ, ରୋଗୀ, ଭୀରୁ, ଦୁର୍ବଳ, ପରାଧୀନ, ଅପମାନିତ, ଲାଞ୍ଛିତ, କୁବୃତ୍ତିଜୀବୀ ଲୋକ 'କାମ'ର ସ୍ୱାଦ ପାଆନ୍ତି ନାହିଁ । ପ୍ରାଚୀନ କବିମାନେ କୌଣସି 'କାମୁକ'କୁ କାବ୍ୟନାୟକ କରିନାହାନ୍ତି । ସେମାନେ କାବ୍ୟନାୟକ କରିଛନ୍ତି 'କାମୀ' ମାନଙ୍କୁ, ଯେଉଁ-ମାନଙ୍କ ଚରିତରୁ ମନୁଷ୍ୟସମାଜର ଅନେକ କିଛି ଶିଖିବାର ଅଛି ।

ମୁଁ ମୋର ଦୁଃଖ-ଦୈନ୍ୟ-ଝଞ୍ଜାଳ-ବ୍ୟାଧିଗ୍ରସ୍ତ ଜୀବନରେ କାଳିଦାସ-ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗ ସମାପ୍ତ କରିବାକୁ ସମର୍ଥ ହୋଇଛି, ଏହା ପରମେଶ୍ୱରଙ୍କ ଅପାର କରୁଣା ଛଡ଼ା ଅନ୍ୟ କିଛି ନୁହେଁ । ଏହି ଆନନ୍ଦ-ଅବସରରେ ମୁଁ ମୋର ବିଦ୍ୱାନ୍ ବନ୍ଧୁଦ୍ୱୟ ପଣ୍ଡିତ ଶ୍ରୀ ନୀଳମଣି ମିଶ୍ର ଓ ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକଙ୍କର ଏବଂ ମୋର ପ୍ରିୟ ଛାତ୍ର ଆୟୁଷ୍ମାନ୍ ସମରବଲ୍ଲଭ ମହାପାତ୍ର, ଆଇ. ଏ. ଏସ୍.ଙ୍କର ପ୍ରୋତ୍ସାହନ ଓ ଅକୃତ୍ରିମ ସାହାଯ୍ୟ କୃତଜ୍ଞତାର ସହିତ ସ୍ମରଣ କରୁଛି ।

ଭାରତ ସରକାରଙ୍କ ଶିକ୍ଷା ଓ ସମାଜମଙ୍ଗଳ ବିଭାଗ ଏହି ଗ୍ରନ୍ଥର ପ୍ରକାଶନ ଦିଗରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ତେଣୁ ମୁଁ ଭାରତ-ସରକାରଙ୍କୁ ବିନମ୍ର ଭାବରେ କୃତଜ୍ଞତା ଜ୍ଞାପନ କରୁଛି । ଇତି

ବିନୀତ

ଧନେଶ୍ୱର ମହାପାତ୍ର

ତା ୨ । ୧୦ । ୮୨

ଗାନ୍ଧିଜୟନ୍ତୀ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୁମାରସମ୍ଭବ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रथमः सर्गः

अस्त्युत्तरस्यां दिशि देवतात्मा हिमालयो नाम नगाधिराजः ।
पूर्वापरौ तोयनिधी वगाह्य स्थितः पृथिव्या इव मानदण्डः ॥ १
ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା ହିମାଳୟୋ ନାମ ନଗାଧିରାଜଃ ।
ପୂର୍ବାପରୌ ତୋୟନିଧୀ ବଗାହ୍ୟ ସ୍ଥିତଃ ପୃଥିବ୍ୟା ଇବ ମାନଦଣ୍ଡଃ ॥ ୧

यं सर्वशैलाः परिकल्प्य वत्सं मेरौ स्थिते दोग्धरि दोहदक्षे ।
भास्वन्ति रत्नानि महौषधीश्च पृथूपदिष्टां दुदुहुर्धरित्रीम् ॥ २
ଯଂ ସର୍ବଶୈଳାଃ ପରିକଳ୍ପ୍ୟ ବତ୍ସଂ ମେରୌ ସ୍ଥିତେ ଦୋଗ୍ଧରି ଦୋହଦକ୍ଷେ ।
ଭାସ୍ୱନ୍ତି ରତ୍ନାନି ମହୌଷଧୀଶ୍ଚ ପୃଥୂପଦିଷ୍ଟାଂ ଦୁଦୁହୁର୍ଧରିତ୍ରୀମ୍ ॥ ୨

अनन्तरत्नप्रभवस्य यस्य हिमं न सौभाग्यविलोपि जातम् ।
एको हि दोषो गुणसन्निपाते निमज्जतीन्दोः किरणेष्विवाङ्कः ॥ ३
ଅନନ୍ତରତ୍ନପ୍ରଭବସ୍ୟ ଯସ୍ୟ ହିମଂ ନ ସୌଭାଗ୍ୟବିଲୋପି ଜାତମ୍ ।
ଏକୋ ହି ଦୋଷୋ ଗୁଣସନ୍ନିପାତେ ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ ॥ ୩

यश्चाप्सरोविभ्रममण्डनानां संपादयित्रीं शिखरैर्बिभर्ति ।
बलाहकच्छेदविभक्तरागामकालसंध्यामिव धातुमत्ताम् ॥ ४
ଯଶ୍ଚାପ୍ସରୋବିଭ୍ରମମଣ୍ଡନାନାଂ ସଂପାଦୟିତ୍ରୀଂ ଶିଖରୈର୍ବିଭର୍ତି ।
ବଳାହକଚ୍ଛେଦବିଭକ୍ତରାଗାମକାଳସନ୍ଧ୍ୟାମିବ ଧାତୁମତ୍ତାମ୍ ॥ ୪

आमेखलं संचरतां घनानां छायामधः सानुगतां निषेव्य ।
उद्वेजिता वृष्टिभिराश्रयन्ते शृङ्गाणि यस्यातपवन्ति सिद्धाः ॥ ५
ଆମେଖଳଂ ସଞ୍ଚରତାଂ ଘନାନାଂ ଛାୟାମଧଃ ସାନୁଗତାଂ ନିଷେବ୍ୟ ।
ଉଦ୍ବେଜିତା ବୃଷ୍ଟିଭିରାଶ୍ରୟନ୍ତେ ଶୃଙ୍ଗାଣି ଯସ୍ୟାତପବନ୍ତି ସିଦ୍ଧାଃ ॥ ୫

पदं तुषारस्रुतिधौतरक्तं यस्मिन्नदृष्ट्वापि हतद्विपानाम् ।
विदन्ति मार्गं नखरन्ध्रमुक्तैर्मुक्ताफलैः केसरिणां किराताः ॥ ६
ପଦଂ ତୁଷାରସ୍ରୁତିଧୌତରକ୍ତଂ ଯସ୍ମିନ୍ନଦୃଷ୍ଟ୍ୱାପି ହତଦ୍ୱିପାନାମ୍ ।
ବିଦନ୍ତି ମାର୍ଗଂ ନଖରନ୍ଧ୍ରମୁକ୍ତୈର୍ମୁକ୍ତାଫଳୈଃ କେସରିଣାଂ କିରାତାଃ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରଥମ ସର୍ଗ

ଉତ୍ତର ଦିଗରେ ହିମାଳୟ ନାମକ ଦେବତାତ୍ମା ପର୍ବତରାଜ ବିଦ୍ୟମାନ । ଏହି ପର୍ବତରାଜ ପୂର୍ବ ସମୁଦ୍ର ଓ ପଶ୍ଚିମ ସମୁଦ୍ରରେ ଅବଗାହନ କରି ପୃଥିବୀର ମାନଦଣ୍ଡସ୍ୱରୂପ ରହିଛି । (ଦେବତାତ୍ମା—ଯାହାର ଆତ୍ମା ଦେବତା, ମାନଦଣ୍ଡ—ଯେଉଁ ଦଣ୍ଡରେ ଭୂମି ପ୍ରଭୃତି ମପାଯାଏ ।) ୧

ସମସ୍ତ ପର୍ବତ ଏହାକୁ ବାଛୁରି ପରିକଳ୍ପନା କରି, ରଜା ପୃଥୁଙ୍କ ଆଦେଶରେ ଗୋରୂପ ଧାରଣ କରିଥିବା ପୃଥିବୀଠାରୁ ଉଜ୍ଜ୍ୱଳ ରତ୍ନରାଶି ଏବଂ ପ୍ରଚୁର ମହୌଷଧି ଦୋହନ କରିଥିଲେ । ସେଥିରେ ଦୋହନଦକ୍ଷ ମେରୁପର୍ବତ ହୋଇଥିଲେ ଦୋହନକର୍ତ୍ତା । (ଗୋରୂପଧାରିଣୀ ପୃଥିବୀର ପ୍ରଥମ ସ୍ତନ୍ୟ ପାନ କରିଥିବାରୁ ହିମାଳୟ ରତ୍ନରାଶି ଓ ମହୌଷଧିର ଭଣ୍ଡାର । ଶ୍ରୀମଦ୍ ଭଗବତ ଚତୁର୍ଥ ସ୍କନ୍ଧରେ ପୃଥିବୀଦୋହନ ପ୍ରସଙ୍ଗ ଦ୍ରଷ୍ଟବ୍ୟ) । ୨

ହିମାଳୟ ଅଶେଷ ରତ୍ନର ଉତ୍ପତ୍ତିସ୍ଥଳ ହୋଇଥିବାରୁ ତୁଷାର ତାହାର ସୌଭାଗ୍ୟ ବିଲେପ କରିପାରି ନାହିଁ । ଚନ୍ଦ୍ରର କଳଙ୍କ ଚିହ୍ନ ଯେପରି ତାହାର ଜ୍ୟୋତ୍ସ୍ନାରାଶି ଭିତରେ ଲୁଚିଯାଏ, ସେହିପରି ଏକମାତ୍ର ଦୋଷ ଗୁଣରାଶି ଭିତରେ ଲୁଚିଯାଏ । ୩

ହିମାଳୟ ତା'ର ଶୃଙ୍ଗମାନଙ୍କରେ ବହୁବିଧ ଗୈରିକ ଧାତୁ ବହନ କରେ । ସେସମସ୍ତ ଧାତୁର ନାନାବିଧ ବର୍ଣ୍ଣ ମେଘଖଣ୍ଡମାନଙ୍କରେ ପ୍ରତିଫଳିତ ହୋଇ ଅକାଳରେ ସନ୍ଧ୍ୟା ହେବାର ଭ୍ରମ ସୃଷ୍ଟି କରେ । ତେଣୁ ଅପ୍‌ସରାମାନେ ତରତର ହୋଇ (ପ୍ରିୟତମମାନଙ୍କ ଉଦ୍ଦେଶ୍ୟରେ) ଭୂଷଣ ପରିଧାନରେ ଲାଗିଯାଆନ୍ତି । ୪

ଏହି ପର୍ବତର କଟୀଦେଶରେ ମେଘମାଳା ବିଚରଣ କରେ । ସିଦ୍ଧମାନେ ନିମ୍ନବର୍ତ୍ତୀ ଶୃଙ୍ଗଗୁଡ଼ିକ ଉପରେ ମେଘମାଳାର ଛାୟା ସେବନ କରୁଥିଲାବେଳେ ଯଦି ବୃଷ୍ଟି ଆସେ, ତେବେ ସେମାନେ ଆଶଙ୍କିତ ହୋଇ ଖରା ପଡ଼ିଥିବା ଉପର ଶୃଙ୍ଗଗୁଡ଼ିକୁ ଗ୍ଲଳିଯାଆନ୍ତି । ୫

ଏଠାରେ ସିଂହମାନେ ହସ୍ତୀମାନଙ୍କୁ ନିହତ କରି ଗଲାବେଳେ ତୁଷାର ଉପରେ ସେମାନଙ୍କ ରକ୍ତରଞ୍ଜିତ ପାଦର ଚିହ୍ନ ପଡ଼େ, କିନ୍ତୁ ତୁଷାର ତରଳିବା ଫଳରେ ତାହା ଧୋଇହୋଇଯାଏ । ତେଣୁ ସେମାନଙ୍କ ପାଦଚିହ୍ନ ଦେଖାନଗଲେ ମଧ୍ୟ ନଖରନ୍ଧ୍ରରୁ ଗଳିଥିବା ମୁକ୍ତାଗୁଡ଼ିକଦ୍ୱାରା ବ୍ୟାଧମାନେ ସେମାନଙ୍କର ଗତିପଥ ଜାଣିପାରନ୍ତି । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

न्यस्ताक्षरा धातुरसेन यत्र भूर्जत्वचः कुञ्जरबिन्दुशोणाः ।
व्रजन्ति विद्याधरसुन्दरीणामनङ्गलेखक्रिययोपयोगम् ॥ ७
ନ୍ୟସ୍ତାକ୍ଷରା ଧାତୁରସେନ ଯତ୍ର ଭୂର୍ଜତ୍ୱଚଃ କୁଞ୍ଜରବିନ୍ଦୁଶୋଣାଃ ।
ବ୍ରଜନ୍ତି ବିଦ୍ୟାଧରସୁନ୍ଦରୀଣାମନଙ୍ଗଲେଖକ୍ରିୟୟୋପଯୋଗମ୍ ॥ ୭

यः पूरयन् कीचकरन्ध्रभागान् दरीमुखोत्थेन समीरणेन ।
उद्गास्यतामिच्छति किन्नराणां तानप्रदायित्वमिवोपगन्तुम् ॥ ८
ଯଃ ପୂରୟନ୍ କୀଚକରନ୍ଧ୍ରଭାଗାନ୍ ଦରୀମୁଖୋତ୍ଥେନ ସମୀରଣେନ ।
ଉଦ୍‌ଗାସ୍ୟତାମିଚ୍ଛତି କିନ୍ନରାଣାଂ ତାନପ୍ରଦାୟିତ୍ୱମିବୋପଗନ୍ତୁମ୍ ॥ ୮

कपोलकण्डूः करिभिर्विनेतुं विघट्टितानां सरलद्रुमाणाम् ।
यत्र स्रुतक्षीरतया प्रसूतः सानूनि गन्धः सुरभीकरोति ॥ ९
କପୋଳକଣ୍ଡୂଃ କରିଭିର୍ବିନେତୁଂ ବିଘଟ୍ଟିତାନାଂ ସରଳଦ୍ରୁମାଣାଂ ।
ଯତ୍ର ସ୍ରୁତକ୍ଷୀରତୟା ପ୍ରସୂତଃ ସାନୂନି ଗନ୍ଧଃ ସୁରଭୀକରୋତି ॥ ୯

वनेचराणां वनितासखानां दरीगृहोत्सङ्गनिषक्तभासः ।
भवन्ति यत्रौषधयो रजन्यामतैलपूराः सुरतप्रदीपाः ॥ १०
ବନେଚରାଣାଂ ବନିତାସଖାନାଂ ଦରୀଗୃହୋତ୍ସଙ୍ଗନିଷକ୍ତଭାସଃ ।
ଭବନ୍ତି ଯତ୍ରୌଷଧୟୋ ରଜନ୍ୟାମତୈଳପୂରାଃ ସୁରତପ୍ରଦୀପାଃ ॥ ୧୦

उद्वेजयत्यङ्गुलिपार्ष्णिभागान् मार्गे शिलीभूतहिमेऽपि यत्र ।
न दुर्वहश्रोणिपयोधरार्ता भिन्दन्ति मन्दां गतिमश्वमुख्यः ॥ ११
ଉଦ୍‌ବେଜୟତ୍ୟଙ୍ଗୁଳିପାର୍ଷ୍ଣିଭାଗାନ୍ ମାର୍ଗେ ଶିଳୀଭୂତହିମେଽପି ଯତ୍ର ।
ନ ଦୁର୍ବହଶ୍ରୋଣିପୟୋଧରାର୍ତ୍ତା ଭିନ୍ଦନ୍ତି ମନ୍ଦାଂ ଗତିମଶ୍ୱମୁଖ୍ୟଃ ॥ ୧୧

दिवाकराद् रक्षति यो गुहासु लीनं दिवाभीतमिवान्धकारम् ।
क्षुद्रेऽपि नूनं शरणं प्रपन्ने ममत्वमुच्चैःशिरसां सतीव ॥ १२
ଦିବାକରାଦ୍ ରକ୍ଷତି ଯୋ ଗୁହାସୁ ଲୀନଂ ଦିବାଭୀତମିବାନ୍ଧକାରମ୍ ।
କ୍ଷୁଦ୍ରେଽପି ନୂନଂ ଶରଣଂ ପ୍ରପନ୍ନେ ମମତ୍ୱମୁଚ୍ଚୈଃ ଶିରସାଂ ସତୀବ ॥ ୧୨

लाङ्गूलविक्षेपविसर्पिशोभैरितस्ततश्चन्द्रमरीचिगौरैः ।
यस्यार्थयुक्तं गिरिराजशब्दं कुर्वन्ति बालव्यजनैश्चमर्यः ॥ १३
ଲାଙ୍ଗୂଳବିକ୍ଷେପବିସର୍ପିଶୋଭୈରିତସ୍ତତଶ୍ଚନ୍ଦ୍ରମରୀଚିଗୌରୈଃ ।
ଯସ୍ୟାର୍ଥଯୁକ୍ତଂ ଗିରିରାଜଶବ୍ଦଂ କୁର୍ବନ୍ତି ବାଳବ୍ୟଜନୈଶ୍ଚମର୍ଯ୍ୟଃ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ପର୍ବତରେ ଭୂର୍ଜବୃକ୍ଷର ବଲ୍‌କଳ ସୁନ୍ଦରୀ ବିଦ୍ୟାଧରୀମାନଙ୍କର ପ୍ରଣୟପତ୍ର ଲେଖାରେ ଲାଗେ । ସେମାନେ ଯେତେବେଳେ ଭୂର୍ଜବଲ୍‌କଳ ଉପରେ ଧାତୁଦ୍ରବଦ୍ୱାରା ଅକ୍ଷର ବିନ୍ୟାସ କରନ୍ତି, ସେତେବେଳେ ବଲ୍‌କଳ ଗୁଡ଼ିକ ହସ୍ତୀଦେହର ବିନ୍ଦୁଗୁଡ଼ିକ ପରି ଲୋହିତ ବର୍ଣ୍ଣ ଦେଖାଯାଏ ।୭

ଏହି ପର୍ବତ ବାଉଁଶଗଛର ରନ୍ଧ୍ରମାନଙ୍କରେ ଗୁହା-ମୁଖର ପବନ ପୂରଇ, ଉଚ୍ଚସ୍ୱରରେ ଗୀତ ଗାଇବାକୁ ପ୍ରସ୍ତୁତ ହେଉଥିବା କିନ୍ନରମାନଙ୍କ ଗାନରେ ସତେ ଯେପରି ତାନ ଦେବାକୁ ଇଚ୍ଛା କରେ ! ୮

ଏଠାରେ ହସ୍ତୀମାନେ ସେମାନଙ୍କର ଗଣ୍ଡସ୍ଥଳର କଣ୍ଡୂ ଉପଶମ କରିବା ପାଇଁ ଦେବଦାରୁ ଗଛମାନଙ୍କରେ ଗଣ୍ଡସ୍ଥଳ ଘଷନ୍ତି । ଫଳରେ ଦେବଦାରୁ ଗଛମାନଙ୍କରୁ ବଲ୍‌କଳ ବାହାରିଯାଇ କ୍ଷୀର ଝରେ ଏବଂ ସେହି କ୍ଷୀରର ସୁଗନ୍ଧରେ ଶୃଙ୍ଗସବୁ ସୁଗନ୍ଧିତ ହୋଇଉଠେ । ୯

ଏଠାରେ ଆଲୋକମୟ ଔଷଧଲତା ଗୁଡ଼ିକ ଗୁହା-ଗୃହର ଅଭ୍ୟନ୍ତରକୁ ଆଲୋକିତ କରି, ବନଚର ଦମ୍ପତିମାନଙ୍କ ଦାମ୍ପତ୍ୟକେଳିରେ ତୈଳବିହୀନ ପ୍ରଦୀପର କାର୍ଯ୍ୟ କରନ୍ତି । ୧୦

ଏହି ପର୍ବତରେ କିନ୍ନରୀମାନେ ପଥର ଭଳି କଠିନ ତୁଷାର ଉପରେ ଚାଲିଲାବେଳେ ଯଦିଓ ପାଦର ଅଙ୍ଗୁଳି ଓ ଗୋଇଠିରେ ହିମପୀଡ଼ା ଅନୁଭବ କରନ୍ତି, ତଥାପି ପୃଥୁଳ ନିତମ୍ବ ଓ ସ୍ତନର ଭର ଯୋଗୁ ଶୀଘ୍ର ଶୀଘ୍ର ଚାଲିପାରନ୍ତି ନାହିଁ ।। ୧୧

ଗୁହାମାନଙ୍କରେ ଦିବସଭୀତ ପେଚକ ଭଳି ଲୁଚି ରହିଥିବା ଅନ୍ଧକାରକୁ ଏହି ପର୍ବତ ସୂର୍ଯ୍ୟଙ୍କ ଭୟରୁ ରକ୍ଷା କରେ । ମହାନ୍ ବ୍ୟକ୍ତିମାନେ ଶରଣାପନ୍ନ ସଜ୍ଜନ ପ୍ରତି ଯେପରି ମମତା ପୋଷଣ କରନ୍ତି, ଶରଣାପନ୍ନ ନୀଚଲୋକ ପ୍ରତି ମଧ୍ୟ ସେହିପରି ମମତା ପୋଷଣ କରନ୍ତି । ୧୨

ଏଠାରେ ଚମରୀମୃଗମାନେ ଲାଙ୍ଗୁଳ ବିଞ୍ଚିଲାବେଳେ ସେମାନଙ୍କର ଜ୍ୟୋତ୍ସ୍ନାଧବଳ ପୁଚ୍ଛର ଶୋଭା ପ୍ରସାରିତ ହୋଇଯାଉଥାଏ । ଏହିପରି ସେମାନେ ନିଜର ପୁଚ୍ଛରୂପକ ଧବଳଚାମର ବିଞ୍ଚି ଏହି ପର୍ବତର 'ଗିରିରାଜ' ନାମକୁ ସାର୍ଥକ କରନ୍ତି । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यत्रांशुकाक्षेपविलज्जितानां यदृच्छया किंपुरुषाङ्गनानाम् ।
दरीगृहद्वारविलम्बिबिम्बास्तिरस्करिण्यो जलदा भवन्ति ॥ १४
ଯତ୍ରାଂଶୁକାକ୍ଷେପବିଲଜ୍ଜିତାନାଂ ଯଦୃଚ୍ଛୟା କିଂପୁରୁଷାଙ୍ଗନାନାମ୍ ।
ଦରୀଗୃହଦ୍ୱାରବିଲମ୍ବିବିମ୍ବାସ୍ତିରସ୍କରିଣ୍ୟୋ ଜଳଦା ଭବନ୍ତି ॥ ୧୪

भागीरथीनिर्झरसीकराणां वोढा मुहुः कम्पितदेवदारुः ।
यद्वायुरन्विष्टमृगैः किरातैरासेव्यते भिन्नशिखण्डितवर्हः ॥ १५
ଭଗୀରଥୀନିର୍ଝରସୀକରଣାଂ ବୋଢା ମୁହୁଃ କମ୍ପିତଦେବଦାରୁଃ ।
ଯଦ୍ୱାୟୁରନ୍ୱିଷ୍ଟମୃଗୈଃ କିରାତୈରାସେବ୍ୟତେ ଭିନ୍ନଶିଖଣ୍ଡିବର୍ହଃ ॥ ୧୫

सप्तर्षिहस्तावचितावशेषाण्यधो विवस्वान् परिवर्तमानः ।
पद्मानि यस्याग्रसरोरुहाणि प्रवोधयत्यूर्ध्वमुखैर्मयूखैः ॥ १६
ସପ୍ତର୍ଷିହସ୍ତାବଚିତାବଶେଷାଣ୍ୟଧୋ ବିବସ୍ୱାନ୍ ପରିବର୍ତ୍ତମାନଃ ।
ପଦ୍ମାନି ଯସ୍ୟାଗ୍ରସରୋରୁହାଣି ପ୍ରବୋଧୟତ୍ୟୂର୍ଦ୍ଧ୍ୱମୁଖୈର୍ମୟୂଖୈଃ ॥ ୧୬

यज्ञाङ्गयोनित्वमवेक्ष्य यस्य सारं धरित्रीधरणक्षमं च ।
प्रजापतिः कल्पितयज्ञभागं शैलाधिपत्यं स्वयमन्वतिष्ठत् ॥ १७
ଯଜ୍ଞାଙ୍ଗଯୋନିତ୍ୱମବେକ୍ଷ୍ୟ ଯସ୍ୟ ସାରଂ ଧରିତ୍ରୀଧରଣକ୍ଷମଂ ଚ ।
ପ୍ରଜାପତିଃ କଳ୍ପିତଯଜ୍ଞଭାଗଂ ଶୈଳାଧିପତ୍ୟଂ ସ୍ୱୟମନ୍ୱତିଷ୍ଠତ୍ ॥ ୧୭

स मानसीं मेरुसखः पितॄणां कन्यां कुलस्य स्थितये स्थितिज्ञः ।
मेनां मुनीनामपि माननीयामात्मानुरूपां विधिनोपयेमे ॥ १८
ସ ମାନସୀଂ ମେରୁସଖଃ ପିତୄଣାଂ କନ୍ୟାଂ କୁଳସ୍ୟ ସ୍ଥିତୟେ ସ୍ଥିତିଜ୍ଞଃ ।
ମେନାଂ ମୁନୀନାମପି ମାନନୀୟାମାତ୍ମାନୁରୂପାଂ ବିଧିନୋପୟେମେ ॥ ୧୮

कालक्रमेणाथ तयोः प्रवृत्ते स्वरूपयोग्ये सुरतप्रसङ्गे ।
मनोरमं यौवनमुद्वहन्त्याः गर्भोऽभवद् भूधरराजपत्न्याः ॥ १९
କାଳକ୍ରମେଣାଥ ତୟୋଃ ପ୍ରବୃତ୍ତେ ସ୍ୱରୂପୟୋଗ୍ୟେ ସୁରତପ୍ରସଙ୍ଗେ ।
ମନୋରମଂ ଯୌବନମୁଦ୍ୱହନ୍ତ୍ୟାଃ ଗର୍ଭୋଽଭବଦ୍ ଭୂଧରରାଜପତ୍ନ୍ୟାଃ ॥ ୧୯

असूत सा नागवधूपभोग्यं मैनाकमम्भोनिधिबद्धसख्यम् ।
क्रुद्धेऽपि पक्षच्छिदि वृत्रशत्राववेदनाज्ञं कुलिशक्षतानाम् ॥ २०
ଅସୂତ ସା ନାଗବଧୂପଭୋଗ୍ୟଂ ମୈନାକମମ୍ଭୋନିଧିବଦ୍ଧସଖ୍ୟମ୍ ।
କ୍ରୁଦ୍ଧେଽପି ପକ୍ଷଚ୍ଛିଦି ବୃତ୍ରଶତ୍ରାବବେଦନାଜ୍ଞଂ କୁଳିଶକ୍ଷତାନାମ୍ ॥ ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏଠାରେ କିନ୍ନରସ୍ତ୍ରୀମାନଙ୍କ ଦେହରୁ ସେମାନଙ୍କର ପ୍ରିୟତମମାନେ କାମକେଳି ନିମନ୍ତେ ଯେତେବେଳେ ବସ୍ତ୍ର ଟାଣି ନିଅନ୍ତି ଏବଂ ସ୍ତ୍ରୀମାନେ ଲଜ୍ଜିତା ହୋଇପଡନ୍ତି, ସେତେବେଳେ ସ୍ୱତଃ ଉପସ୍ଥିତ ମେଘଖଣ୍ଡଗୁଡ଼ିକ ଗୁହା-ଗୃହର ଦ୍ୱାରରେ ଲମ୍ବିଯାଇ ପରଦାର କାମ କରନ୍ତି । ୧୪

ଏହି ପର୍ବତର ବାୟୁ ଗଙ୍ଗାନିର୍ଝରର ଜଳବିନ୍ଦୁମାନ ବହନ କରି, ଦେବଦାରୁ ଗଛମାନଙ୍କୁ ଦୋହଲାଇ, ଏବଂ ମୟୂରମାନଙ୍କ ପୁଚ୍ଛକୁ ବିସ୍ତାରିତ କରି ବହୁଥାଏ । ମୃଗ ଅନ୍ୱେଷଣ କରୁଥିବା କିରାତମାନେ ସେହି ବାୟୁ ସେବନ କରନ୍ତି । ୧୫

ଏହାର ଉପର ସରୋବରମାନଙ୍କରେ ଫୁଟିଥିବା ପଦ୍ମପୁଷ୍ପଗୁଡ଼ିକୁ ସପ୍ତର୍ଷିମାନେ ସ୍ୱହସ୍ତରେ ତୋଳି ନିଅନ୍ତି । ଯେଉଁ ପୁଷ୍ପ ଗୁଡ଼ିକ ଅବଶିଷ୍ଟ ରହିଥାଏ, ସେଗୁଡ଼ିକୁ ନିମ୍ନରେ ଗତି କରୁଥିବା ସୂର୍ଯ୍ୟ ନିଜର ଉର୍ଦ୍ଧ୍ୱମୁଖ କିରଣଦ୍ୱାର ବିକଶିତ କରନ୍ତି । ୧୬

ଯଜ୍ଞରେ ଯେଉଁସବୁ ସାମଗ୍ରୀ ବା ଉପକରଣ ଲୋଡ଼ା, ହିମାଳୟରୁ ସେସମସ୍ତ ଉତ୍ପନ୍ନ ହୁଏ । ପୃଥିବୀକୁ ଧାରଣ କରିବାର କ୍ଷମତା ମଧ୍ୟ ଏହି ପର୍ବତର ଅଛି । ତେଣୁ ପ୍ରଜାପତି ଏହାକୁ ଯଜ୍ଞରେ ହବିର୍ଭାଗର ଅଧିକାରୀ କରିବା ସଙ୍ଗେ ସଙ୍ଗେ ପର୍ବତମାନଙ୍କ ଉପରେ ଆଧିପତ୍ୟ ମଧ୍ୟ ପ୍ରଦାନ କରିଛନ୍ତି । ୧୭

ମେରୁ ପର୍ବତର ମିତ୍ର, ମର୍ଯ୍ୟାଦାବନ୍ତ ଏହି ହିମାଳୟ ମେନାଙ୍କୁ ବିବାହ କରିଥିଲେ । ମେନା ଥିଲେ ପିତୃପୁରୁଷମାନଙ୍କର ମାନସୀ କନ୍ୟା, ମୁନିମାନଙ୍କର ମଧ୍ୟ ମାନନୀୟା ଏବଂ ହିମାଳୟଙ୍କର ସୁଯୋଗ୍ୟା ପତ୍ନୀ । ୧୮

ହିମାଳୟ ଓ ମେନା ଦୁହେଁ ନିଜ ରୂପର ଅନୁରୂପ ଭାବରେ ଦାମ୍ପତ୍ୟ ସୁଖ ଉପଭୋଗ କଲେ । ସୁନ୍ଦର ଯୌବନଶ୍ରୀରେ ମଣ୍ଡିତା ମେନାଙ୍କର କ୍ରମେ ଗର୍ଭୋଦୟ ହେଲା । ୧୯

ମେନା ପୁତ୍ର ସନ୍ତାନଟିଏ ପ୍ରସବ କଲେ । ତା'ର ନାମ ମୈନାକ । ଏହି ମୈନାକ ପରେ ନାଗକନ୍ୟାଙ୍କୁ ବିବାହ କରିଥିଲେ । ଇନ୍ଦ୍ର କ୍ରୁଦ୍ଧହୋଇ ଯେତେବେଳେ ବଜ୍ରାସ୍ତ୍ରରେ ପର୍ବତମାନଙ୍କର ପକ୍ଷ ଛେଦନ କଲେ, ସେତେବେଳେ ମୈନାକ ସମୁଦ୍ର ସହିତ ମିତ୍ରତା ସ୍ଥାପନ କରି (ସମୁଦ୍ର ଭିତରେ ବାସ କରି) ଇନ୍ଦ୍ରଙ୍କ ବଜ୍ରାସ୍ତ୍ରପ୍ରହାରର ପୀଡା ଅନୁଭବ କରିନ ଥିଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथावमानेन पितुः प्रयुक्ता दक्षस्य कन्या भवपूर्वपत्नी ।
सती सती योगविसृष्टदेहा तां जन्मने शैलवधूं प्रपेदे ॥ २१
ଅଥାବମାନେନ ପିତୁଃ ପ୍ରଯୁକ୍ତା ଦକ୍ଷସ୍ୟ କନ୍ୟା ଭବପୂର୍ବପତ୍ନୀ ।
ସତୀ ସତୀ ଯୋଗବିସୃଷ୍ଟଦେହା ତାଂ ଜନ୍ମନେ ଶୈଳବଧୂଂ ପ୍ରପେଦେ ॥ ୨୧

सा भूधराणामधिपेन तस्यां समाधिमत्यामुदपादि भव्या ।
सम्यक्प्रयोगादपरिक्षतायां नीताविवोत्साहगुणेन संपत् ॥ २२
ସା ଭୂଧରାଣାମଧିପେନ ତସ୍ୟାଂ ସମାଧିମତ୍ୟାମୁଦପାଦି ଭବ୍ୟା ।
ସମ୍ୟକ୍ପ୍ରୟୋଗାଦପରିକ୍ଷତାୟାଂ ନୀତାବିବୋତ୍ସାହଗୁଣେନ ସଂପତ୍ ॥ ୨୨

प्रसन्नदिक् पांसुविविक्तवातं शङ्खस्वनानन्तरपुष्पवृष्टि ।
शरीरिणां स्थावरजङ्गमानां सुखाय तज्जन्मदिनं बभूव ॥ २३
ପ୍ରସନ୍ନଦିକ୍ ପାଂସୁବିବିକ୍ତବାତଂ ଶଙ୍ଖସ୍ୱନାନନ୍ତରପୁଷ୍ପବୃଷ୍ଟି ।
ଶରୀରିଣାଂ ସ୍ଥାବରଜଙ୍ଗମାନାଂ ସୁଖାୟ ତଜ୍ଜନ୍ମଦିନଂ ବଭୂବ ॥ ୨୩

तया दुहित्रा सुतरां सवित्री स्फुरत्प्रभामण्डलया चकासे ।
विदूरभूमिर्नवमेघशब्दादुद्भिन्नया रत्नशलाकयेव ॥ २४
ତୟା ଦୁହିତ୍ରା ସୁତରାଂ ସବିତ୍ରୀ ସ୍ଫୁରତ୍ପ୍ରଭାମଣ୍ଡଳୟା ଚକାସେ ।
ବିଦୂରଭୂମିର୍ନବମେଘଶବ୍ଦାଦୁଦ୍ଭିନ୍ନୟା ରତ୍ନଶଳାକୟେବ ॥ ୨୪

दिने दिने सा परिवर्द्धमाना लब्धोदया चान्द्रमसीव लेखा ।
पुपोष लावण्यमयान् विशेषा ञ्ज्योत्स्नान्तराणीव कलान्तराणि ॥ २५
ଦିନେ ଦିନେ ସା ପରିବର୍ଦ୍ଧମାନା ଲବ୍ଧୋଦୟା ଚାନ୍ଦ୍ରମସୀବ ଲେଖା ।
ପୁପୋଷ ଲବଣ୍ୟମୟାନ୍ ବିଶେଷା ଞ୍ଜ୍ୟୋତ୍ସ୍ନାନ୍ତରାଣୀବ କଳାନ୍ତରାଣି ॥ ୨୫

तां पार्वतीत्याभिजनेन नाम्ना बन्धुप्रियां बन्धुजनो जुहाव ।
उमेति मात्रा तपसो निषिद्धा पश्चादुमाख्यां सुमुखी जगाम ॥ २६
ତାଂ ପାର୍ବତୀତ୍ୟାଭିଜନେନ ନାମ୍ନା ବନ୍ଧୁପ୍ରିୟାଂ ବନ୍ଧୁଜନୋ ଜୁହାବ ।
ଉମେତି ମାତ୍ରା ତପସୋ ନିଷିଦ୍ଧା ପଶ୍ଚାଦୁମାଖ୍ୟାଂ ସୁମୁଖୀ ଜଗାମ ॥ ୨୬

महीभृतः पुत्रवतोऽपि दृष्टिस्तस्मिन्नपत्ये न जगाम तृप्तिम् ।
अनन्तपुष्पस्य मधोर्हि चूते द्विरेफमाला सविशेषसङ्गा ॥ २७
ମହୀଭୃତଃ ପୁତ୍ରବତୋଽପି ଦୃଷ୍ଟିସ୍ତସ୍ମିନ୍ନପତ୍ୟେ ନ ଜଗାମ ତୃପ୍ତିମ୍ ।
ଅନନ୍ତପୁଷ୍ପସ୍ୟ ମଧୋର୍ହି ଚୂତେ ଦ୍ୱିରେଫମାଳା ସବିଶେଷସଙ୍ଗା ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ପୂର୍ବଜନ୍ମରେ ଶିବଙ୍କର ପତ୍ନୀ ଥିଲେ ଏବଂ ସ୍ୱାମୀଙ୍କ ପ୍ରତି ପିତାଙ୍କର ଅବଜ୍ଞା ସହି ନ ପାରି ଯୋଗବଳରେ ଦେହ ବିସର୍ଜନ କରିଥିଲେ । ମୈନାକ ଜନ୍ମ ହେବା ପରେ ସତୀ ଜନ୍ମଗ୍ରହଣ କରିବାପାଇଁ ମେନାଙ୍କ ଗର୍ଭରେ ଆଶ୍ରୟ ନେଲେ । ୨୧

ଉତ୍ତମଭାବରେ ପ୍ରଯୁକ୍ତା, ଅବ୍ୟାହତା, ଉତ୍ସାହଗୁଣସମନ୍ୱିତା ନୀତିରୁ ଯେପରି ସଂପତ୍ତି ଜନ୍ମ ଲଭ କରେ, ସେହିପରି ନଗାଧିରାଜଙ୍କ ସହିତ ମିଳିତା, ଶୁଦ୍ଧାଗ୍ରହବତୀ ମେନକାଙ୍କ ଗର୍ଭରୁ କଲ୍ୟାଣମୟୀ ସତୀ ଜନ୍ମଲଭ କଲେ । ୨୨

ସେ ଯେଉଁଦିନ ଜନ୍ମହେଲେ, ସେଦିନ ସମସ୍ତ ଦିଗ ନିର୍ମଳ ରହିଲ, ବାୟୁ ଧୂଳିଶୂନ୍ୟ ହେଲା ଏବଂ ଶଙ୍ଖଧ୍ୱନି ପରେ ପରେ ପୁଷ୍ପ ବୃଷ୍ଟି ହେଲା । ଏହିପରି ତାଙ୍କର ଜନ୍ମଦିନ ଚରାଚର ଜଗତର ସୁଖପ୍ରଦ ହେଲା । ୨୩

ବିଦୁର ନାମକ ପର୍ବତର ଭୂମି ନୂତନ ମେଘର ଗର୍ଜନରେ ଉତ୍ପନ୍ନ କରିଥିବା ରତ୍ନଶଳାକାକୁ ଘେନି ଯେପରି ଶୋଭପାଏ, ଜନ୍ମଦାତ୍ରୀ ମେନା ପ୍ରଭାମଣ୍ଡଳବିରାଜିତା କନ୍ୟାଟିକୁ ଘେନି ସେହିପରି ଶୋଭା ପାଇଲେ । ୨୪

ପ୍ରତିପଦା ତିଥିର ଚନ୍ଦ୍ରରେଖା ଯେପରି ତା'ର ଜ୍ୟୋତ୍ସ୍ନା ଭିତରେ ଥିବା କଳାଗୁଡ଼ିକୁ ଲଭକରି ଦିନକୁ ଦିନ ବୃଦ୍ଧିପ୍ରାପ୍ତ ହୁଏ , କନ୍ୟାଟି ସେହି-ପରି ଲାବଣ୍ୟ ଲଭ କରି ଦିନକୁ ଦିନ ବଢ଼ିବାକୁ ଲାଗିଲା । ୨୫

ବନ୍ଧୁବାନ୍ଧବମାନେ ସେମାନଂକର ଆଦରଣୀୟା ସେହି ସୁନ୍ଦର ଝିଅଟିକୁ କୁଳନାମ ଦୃଷ୍ଟିରୁ 'ପାର୍ବତୀ' (ପର୍ବତଙ୍କ କନ୍ୟା) ବୋଲି ଡାକିଲେ । ପରେ ତା'ର ନାମ ହେଲା ଉମା । 'ଉମା' ଏହି ନାମଟି ହେବାର କାରଣ, ପରେ ସେ ଯେତେବେଳେ ତପସ୍ୟା କରିବାକୁ ବାହାରିଲେ, ସେତେବେଳେ ଜନନୀ ଉ (ତପସ୍ୟା) ମା (କରନାହିଁ)'ଏହା କହି ତାଙ୍କୁ ବାରଣ କରିଥିଲେ ।୨୬

ହିମାଳୟ ପୁତ୍ରବାନ୍ ଥିଲେ । ତଥାପି ତାଙ୍କର ଦୃଷ୍ଟି ପୁତ୍ରମାନଙ୍କ ଉପରେ ତୃପ୍ତି ଲଭ କରୁ ନ ଥିଲା । ବସନ୍ତ ଋତୁର ଅଶେଷ ପୁଷ୍ପସମ୍ଭାର ଥିଲେ ମଧ୍ୟ ଭ୍ରମରପଂକ୍ତି ଆମ୍ରବଉଳ ପ୍ରତି ହିଁ ଅଧିକ ଅନୁରାଗ ପୋଷଣ କରେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रभामहत्या शिखयेव दीपस्त्रिमार्गयेव त्रिदिवस्य मार्गः ।
संस्कारवत्येव गिरा मनीषी तया स पूतश्च विभूषितश्च ॥ २८
ପ୍ରଭାମହତ୍ୟା ଶିଖୟେବ ଦୀପସ୍ତ୍ରିମାର୍ଗୟେବ ତ୍ରିଦିବସ୍ୟ ମାର୍ଗଃ ।
ସଂସ୍କାରବତ୍ୟେବ ଗିରା ମନୀଷୀ ତୟା ସ ପୂତଶ୍ଚ ବିଭୂଷିତଶ୍ଚ ॥ ୨୮

मन्दाकिनीसैकतवेदिकाभिः सा कन्दुकैः कृत्रिमपुत्रकैश्च ।
रेमे मुहुर्मध्यगता सखीनां क्रीडारसं निर्विशतीव बाल्ये ॥ २९
ମନ୍ଦାକିନୀସୈକତବେଦିକାଭିଃ ସା କନ୍ଦୁକୈଃ କୃତ୍ରିମପୁତ୍ରକୈଶ୍ଚ ।
ରେମେ ମୁହୁର୍ମଧ୍ୟଗତା ସଖୀନାଂ କ୍ରୀଡାରସଂ ନିର୍ବିଶତୀବ ବାଲ୍ୟେ ॥ ୨୯

तां हंसमालाः शरदीव गङ्गां महौषधिं नक्तमिवात्मभासः ।
स्थिरोपदेशामुपदेशकाले प्रपेदिरे प्राक्तनजन्मविद्याः ॥ ३०
ତାଂ ହଂସମାଳାଃ ଶରଦୀବ ଗଙ୍ଗାଂ ମହୌଷଧିଂ ନକ୍ତମିବାତ୍ମଭାସଃ ।
ସ୍ଥିରୋପଦେଶାମୁପଦେଶକାଳେ ପ୍ରପେଦିରେ ପ୍ରାକ୍ତନଜନ୍ମବିଦ୍ୟାଃ ॥ ୩୦

असंभृतं मण्डनमङ्गयष्टेरनासवाख्यं करणं मदस्य ।
कामस्य पुष्पव्यतिरिक्तमस्त्रं बाल्यात् परं साथ वयः प्रपेदे ॥ ३१
ଅସଂଭୃତଂ ମଣ୍ଡନମଙ୍ଗୟଷ୍ଟେରନାସବାଖ୍ୟଂ କରଣଂ ମଦସ୍ୟ ।
କାମସ୍ୟ ପୁଷ୍ପବ୍ୟତିରିକ୍ତମସ୍ତ୍ରଂ ବାଲ୍ୟାତ୍ ପରଂ ସାଥ ବୟଃ ପ୍ରପେଦେ ॥ ୩୧

उन्मीलितं तूलिकयेव चित्रं सूर्यांशुभिर्भिन्नमिवारविन्दम् ।
बभूव तस्याश्चतुरस्रशोभि वपुर्विभक्तं नवयौवनेन ॥ ३२
ଉନ୍ମୀଲିତଂ ତୂଲିକୟେବ ଚିତ୍ରଂ ସୂର୍ଯ୍ୟାଂଶୁଭିର୍ଭିନ୍ନମିବାରବିନ୍ଦମ୍ ।
ବଭୂବ ତସ୍ୟାଶ୍ଚତୁରସ୍ରଶୋଭି ବପୁର୍ବିଭକ୍ତଂ ନବଯୌବନେନ ॥ ୩୨

अभ्युन्नताङ्गुष्ठनखप्रभाभिर्निक्षेपणाद् रागमिवोद्गिरन्तौ ।
आजह्रतुस्तच्चरणौ पृथिव्यां स्थलारविन्दश्रियमव्यवस्थाम् ॥ ३३
ଅଭ୍ୟୁନ୍ନତାଙ୍ଗୁଷ୍ଠନଖପ୍ରଭାଭିର୍ନିକ୍ଷେପଣାଦ୍ ରାଗମିବୋଦ୍ଗିରନ୍ତୌ ।
ଆଜହ୍ରତୁସ୍ତଚ୍ଚରଣୌ ପୃଥିବ୍ୟାଂ ସ୍ଥଳାରବିନ୍ଦଶ୍ରିୟମବ୍ୟବସ୍ଥାମ୍ ॥ ୩୩

सा राजहंसैरिव संनताङ्गी गतेषु लीलाञ्चितविक्रमेषु ।
व्यनीयत प्रत्युपदेशलुब्धैरादित्सुभिर्नूपुरसिञ्जितानि ॥ ३४
ସା ରାଜହଂସୈରିବ ସଂନତାଙ୍ଗୀ ଗତେଷୁ ଲୀଳାଞ୍ଚିତବିକ୍ରମେଷୁ ।
ବ୍ୟନୀୟତ ପ୍ରତ୍ୟୁପଦେଶଲୁବ୍ଧୈରାଦିତ୍ସୁଭିର୍ନୂପୁରସିଞ୍ଜିତାନି ॥ ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉଜ୍ଜ୍ୱଳ ଆଲୋକଶିଖା ଦ୍ୱାରା ପ୍ରଦୀପ, ସ୍ୱର୍ଗଗଙ୍ଗା ଦ୍ୱାରା ସ୍ୱର୍ଗମାର୍ଗ ଏବଂ ମାର୍ଜିତ ଭଷା ଦ୍ୱାରା ମନୀଷୀ ଯେପରି ମଣ୍ଡିତ ତଥା ପବିତ୍ର ହୁଅନ୍ତି, ସେହି ଝିଅଟିଦ୍ୱାରା ପିତା ସେହିପରି ମଣ୍ଡିତ ତଥା ପବିତ୍ର ହେଲେ । ୨୮

ଝିଅଟି ବାଲ୍ୟକାଳରେ ସଖୀମାନଙ୍କ ଗହଣରେ କେତେବେଳେ ଗଙ୍ଗାର ବାଲୁକାମୟ ଶଯ୍ୟାରେ ବେଦି ତିଆରି କରି, କେତେବେଳେ ପେଣ୍ଡୁ ଘେନି, କେତେବେଳେ ବା କଣ୍ଢେଇ ଘେନି ଖେଳିଲା । ଏହିପରି ଭବରେ ସେ ବହୁ ସମୟରେ କ୍ରୀଡାରସରେ ନିମଜ୍ଜିତ ରହିଲା । ୨୯

ଶରତ୍‌କାଳ ଆସିଲେ ହଂସପଂକ୍ତି ଯେପରି ସ୍ୱତଃ ଗଙ୍ଗାରେ ଆସି ପହଞ୍ଚିଯାଆନ୍ତି, ରାତି ହେଲେ ମହୌଷଧିଲତାକୁ ତାର ଜ୍ୟୋତିରଶ୍ମି ଯେପରି ସ୍ୱତଃ ଆସିଯାଏ, ସେହିପରି ସେହି ଝିଅଟି ବିଦ୍ୟାଶିକ୍ଷା ଆରମ୍ଭ କରନ୍ତେ ତାର ପୂର୍ବଜନ୍ମର ସମସ୍ତ ବିଦ୍ୟା ତାକୁ ସ୍ୱତଃ ପ୍ରାପ୍ତ ହେଲେ । ଗୁରୁଜନଙ୍କ ଉପଦେଶ ତା'ଠାରେ ଆଦୌ ବ୍ୟର୍ଥ ହେଲା ନାହିଁ । ୩୦

ବାଲ୍ୟକାଳ ପରେ ସେ ଯୌବନ ବୟସରେ ପଦାର୍ପଣ କଲା, ଯେଉଁ ବୟସ କି ଅଙ୍ଗଲତାର ଆଭରଣ, କିନ୍ତୁ ଯତ୍ନସିଦ୍ଧ ନୁହେଁ ; ଉନ୍‌-ମାଦନାର କାରଣ, କିନ୍ତୁ ମଦ୍ୟ ନୁହେଁ ; କନ୍ଦର୍ପର ଅସ୍ତ୍ର, କିନ୍ତୁ ପୁଷ୍ପ ନୁହେଁ । ୩୧

ନବଯୌବନରେ ପରିପୂର୍ଣ୍ଣ ତାର ଶରୀର ତୂଳୀରେ ଫୁଟିଉଠିଥିବା ଚିତ୍ରଟି ଭଳି ଏବଂ ସୂର୍ଯ୍ୟଙ୍କ କିରଣରେ ବିକଶିତ ପଦ୍ମଟି ଭଳି ସମଗ୍ରଭବରେ ଶୋଭ ପାଇଲା । ୩୨

ସେ ଯେତେବେଳେ ଭୂମି ଉପରେ ପାଦ ରଖି ଚାଲୁଥିଲା, ତା ପାଦର ଅଙ୍ଗୁଳି-ନଖଗୁଡ଼ିକରୁ ରକ୍ତିମ ଆଭ ପ୍ରସାରିତ ହୋଇଯାଉଥିଲା । ବୋଧ ହେଉଥିଲା,ସତେ ଯେପରି ତାର ପାଦ ଦୁଇଟିରୁ ଲକ୍ଷାରସ (ଅଳତା) କ୍ଷରିତ ହେଉଛି, ଆଉ ମଧ୍ୟ ସେ ଚାଲିଲାବେଳେ ଭୂମିଉପରେ ସ୍ଥଳପଦ୍ମ ଫୁଟିଲା ପରି ବୋଧ ହେଉଥିଲା । ୩୩

ଯୌବନଭରରେ ଅବନତାଙ୍ଗୀ ସେହି ଝିଅଟିକୁ ସତେଯେପରି ଗଜ-ହଂସମାନେ ସୁନ୍ଦର ଚାଲି ଶିଖାଇଦେଲେ ! ଏହା ଶିଖାଇବାର ମୂଳରେ ବୋଧହୁଏ ସେମାନଙ୍କର ଅଭିପ୍ରାୟ ଥିଲା ତା'ଠାରୁ ତା'ର ନୂପୁର ଧ୍ୱନି ଗ୍ରହଣ କରିବା । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वृत्तानुपूर्वे च न चातिदीर्घे जङ्घे शुभे सृष्टवतस्तदीये ।
शेषाङ्गनिर्माणविधौ विधातुर्लावण्य उत्पाद्य इवास यत्नः ।। ३५
ବୃତ୍ତାନୁପୂର୍ବେ ଚ ନ ଚାତିଦୀର୍ଘେ ଜଙ୍ଘେ ଶୁଭେ ସୃଷ୍ଟବତସ୍ତଦୀୟେ ।
ଶେଷାଙ୍ଗନିର୍ମାଣବିଧୌ ବିଧାତୁର୍ଲାବଣ୍ୟ ଉତ୍ପାଦ୍ୟ ଇବାସ ଯତ୍ନଃ ।। ୩୫

नागेन्द्रहस्तास्त्वचि कर्कशत्वादेकान्तशैत्यात् कदलीविशेषाः ।
लब्ध्वापि लोके परिणाहि रूपं जातास्तदूर्वोरुपमानबाह्याः ।। ३६
ନାଗେନ୍ଦ୍ରହସ୍ତାସ୍ତ୍ୱଚି କର୍କଶତ୍ୱାଦେକାନ୍ତଶୈତ୍ୟାତ୍ କଦଳୀବିଶେଷାଃ ।
ଲବ୍ଧ୍ୱାପି ଲୋକେ ପରିଣାହି ରୂପଂ ଜାତାସ୍ତଦୂର୍ବୋରୁପମାନବାହ୍ୟାଃ ।। ୩୬

एतावता नन्वनुमेयशोभि काञ्चीगुणस्थानमनिन्दितायाः ।
आरोपितं यद् गिरिशेन पश्चादनन्यनारीकमनीयमङ्कम् ।। ३७
ଏତାବତା ନନ୍ୱନୁମେୟଶୋଭି କାଞ୍ଚୀଗୁଣସ୍ଥାନମନିନ୍ଦିତାୟାଃ ।
ଆରୋପିତଂ ଯଦ୍ ଗିରିଶେନ ପଶ୍ଚାଦନନ୍ୟନାରୀ-କମନୀୟମଙ୍କମ୍ ।। ୩୭

तस्याः प्रविष्टा नतनाभिरन्ध्रं रराज तन्वी नवलोमराजिः ।
नीवीमतिक्रम्य सितेतरस्य तन्मेखलामध्यमणेरिवार्चिः ।। ३८
ତସ୍ୟାଃ ପ୍ରବିଷ୍ଟା ନତନାଭିରନ୍ଧ୍ରଂ ରରାଜ ତନ୍ୱୀ ନବଲୋମରାଜିଃ ।
ନୀବୀମତିକ୍ରମ୍ୟ ସିତେତରସ୍ୟ ତନ୍ମେଖଳାମଧ୍ୟମଣେରିବାର୍ଚିଃ ।। ୩୮

मध्येन सा वेदिविलग्नमध्या वलित्रयं चारु बभार बाला ।
आरोहणार्थं नवयौवनेन कामस्य सोपानमिव प्रयुक्तम् । ३९
ମଧ୍ୟେନ ସା ବେଦିବିଲଗ୍ନମଧ୍ୟା ବଳିତ୍ରୟଂ ଚାରୁ ବଭାର ବାଳା ।
ଆରୋହଣାର୍ଥଂ ନବଯୌବନେନ କାମସ୍ୟ ସୋପାନମିବ ପ୍ରଯୁକ୍ତମ୍ ।। ୩୯

अन्योन्यमुत्पीडयदुत्पलाक्ष्याः स्तनद्वयं पाण्डु तथा प्रवृद्धम् ।
मध्ये यथा श्याममुखस्य तस्य मृणालसूत्रान्तरमप्यलभ्यम् ।। ४०
ଅନ୍ୟୋନ୍ୟମୁତ୍ପୀଡୟଦୁତ୍ପଳାକ୍ଷ୍ୟାଃ ସ୍ତନଦ୍ୱୟଂ ପାଣ୍ଡୁ ତଥା ପ୍ରବୃଦ୍ଧମ୍ ।
ମଧ୍ୟେ ଯଥା ଶ୍ୟାମମୁଖସ୍ୟ ତସ୍ୟ ମୃଣାଳସୂତ୍ରାନ୍ତରମପ୍ୟଲଭ୍ୟମ୍ ।। ୪୦

शिरीषपुष्पाधिकसौकुमार्यौ बाहू तदीयाविति मे वितर्कः ।
पराजितेनापि कृतौ हरस्य यौ कण्ठपाशौ मकरध्वजेन ।। ४१
ଶିରୀଷପୁଷ୍ପାଧିକସୌକୁମାର୍ଯ୍ୟୌ ବାହୁ ତଦୀୟାବିତି ମେ ବିତର୍କଃ ।
ପରାଜିତେନାପି କୃତୌ ହରସ୍ୟ ଯୌ କଣ୍ଠପାଶୌ ମକରଧ୍ୱଜେନ ।। ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାର ଜଂଘ ଦୁଇଟି ଥିଲା ବର୍ତ୍ତୁଳ ତଥା କ୍ରମପୃଥୁଳ । ସେ ଦୁଇଟିକୁ ନିର୍ମାଣ କଲାବେଳେ,ବିଧାତାଙ୍କର ଯେତେ ଲାବଣ୍ୟ ସଂଚିତ ଥିଲା,ବୋଧହୁଏ ସବୁ ସରିଗଲା । ତେଣୁ ଶରୀରର ଅନ୍ୟ ଅଂଶ ଗୁଡ଼ିକୁ ନିର୍ମାଣ କରିବାକୁ ବୋଧହୁଏ ତାଙ୍କୁ ଲାବଣ୍ୟସଂଗ୍ରହରେ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥିଲା ! ୩୫

ହସ୍ତୀଶୁଣ୍ଢ ଓ କଦଳୀଗଛ, ଏ ଦୁଇଟି ଜଗତରେ ସୁନ୍ଦର ଆକୃତି ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ହେଁ, ପାର୍ବତୀଙ୍କର ଜଂଘଦ୍ୱୟର ଉପମାନ ହେବାକୁ ଯୋଗ୍ୟ ହେଲେ ନାହିଁ । କାରଣ, ହସ୍ତୀଶୁଣ୍ଢ ତାହାର ଚର୍ମଭାଗରେ କର୍କଶ ଏବଂ କଦଳୀଗଛ ତାହାର ଚର୍ମଭାଗରେ ନିତାନ୍ତ ଶୀତଳ । ୩୬

ଅନ୍ୟକୌଣସି ସ୍ତ୍ରୀ ଶିବଙ୍କ କୋଳରେ ବସିବାର କଳ୍ପନା ମଧ୍ୟ କରିପାରିବେ ନାହିଁ । ଏହି ଅନିନ୍ଦ୍ୟ ସୁନ୍ଦରୀର ନିତମ୍ବ ଯେ ପରେ ଶିବଙ୍କ କୋଳରେ ସ୍ଥାନ ଲାଭ କଲା, ଏଥିରୁ ସେହି ନିତମ୍ବର ସୌନ୍ଦର୍ଯ୍ୟ ଅନୁମେୟ । ୩୭

ତାର ଖୋଷଣିଠାରୁ ଗଭୀର ନାଭିରନ୍ଧ୍ର ପର୍ଯ୍ୟନ୍ତ ନୂତନ ଲୋମରାଜି ଶୋଭା ପାଇଲା । ସେଥିରୁ ମନେହେଲା,ସତେ ଯେପରି ତାର ଅଣ୍ଟସୂତାର ମଝିରେ ଥିବା ଇନ୍ଦ୍ରନୀଳମଣିର ଜ୍ୟୋତି ଖୋଷଣିକୁ ଅତିକ୍ରମ କରି ନାଭିରନ୍ଧ୍ର ଭିତରକୁ ପ୍ରବେଶ କରୁଛି ! ୩୮

ତାର କଟୀ ଥିଲା ବେଦୀତୁଲ୍ୟ କ୍ଷୀଣ । (ଉପରକୁ ଓ ତଳକୁ ଓସାରିଆ ଏବଂ ମଝି ସରୁ) । ସେହି କଟୀରେ ସେ ସୁନ୍ଦର ତ୍ରିବଳି (ତିନିଟି ବଳିତ ମାଂସପେଶୀ) ଧାରଣ କଲା । କନ୍ଦର୍ପ ତାର ଶରୀରର ଉର୍ଦ୍ଧ୍ୱଭାଗକୁ (ବକ୍ଷ, ବଦନ ପ୍ରଭୃତିକୁ) ଆରୋହଣ କରିବ, ବୋଧହୁଏ ଏହି ଉଦ୍ଦେଶ୍ୟରେ ନବଯୌବନ ସେହି ତ୍ରିବଳିକୁ ତିନୋଟି ସୋପାନରୂପେ ନିର୍ମାଣ କରିଥିଲା । ୩୯

ପଦ୍ମନୟନାର ଗୌରବର୍ଣ୍ଣ ସ୍ତନଦୁଇଟି, ଯହିଁରେ ଥିଲା ଦୁଇଟି ନୀଳବର୍ଣ୍ଣର ଚୁଚୁକ, ପରସ୍ପରକୁ ପୀଡା ଦେଇ ଏପରି ଭାବରେ ବଢ଼ିବାକୁ ଲାଗିଲେ, ଯାହାଫଳରେ କି ଦୁହିଁଙ୍କ ମଧ୍ୟରେ ଗୋଟିଏ ମୃଣାଳସୂତ୍ର ମଧ୍ୟ ଗଳିବାର ସ୍ଥାନ ରହିଲା ନାହିଁ । ୪୦

କନ୍ଦର୍ପ ଶିବଙ୍କ ପ୍ରତି ସୁକୁମାର ଶିରୀଷପୁଷ୍ପ ରୂପକ ଅସ୍ତ୍ର ପ୍ରୟୋଗ କରି ମଧ୍ୟ ତାଙ୍କ ନିକଟରେ ପରାଜିତ ହୋଇଥିଲା । କିନ୍ତୁ ସେ ପରେ ଏହି ବାଳାଟିର ଦୁଇବାହୁ ଦ୍ୱାରା ଶିବଙ୍କ କଣ୍ଠବନ୍ଧନ କରିବାକୁ ସମର୍ଥ ହୋଇଥିଲା । ଏଥିରୁ ଜଣାପଡ଼େ, ଏହାର ବାହୁଦୁଇଟି ଥିଲା ଶିରୀଷ ପୁଷ୍ପଠାରୁ ମଧ୍ୟ ଅଧିକ ସୁକୁମାର । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कण्ठस्य तस्याः स्तनबन्धुरस्य मुक्ताकलापस्य च निस्तलस्य ।
अन्योन्यशोभाजननाद् बभूव साधारणो भूषणभूष्यभावः ।। ४२
କଣ୍ଠସ୍ୟ ତସ୍ୟାଃ ସ୍ତନବନ୍ଧୁରସ୍ୟ ମୁକ୍ତାକଲାପସ୍ୟ ଚ ନିସ୍ତଲସ୍ୟ ।
ଅନ୍ୟୋନ୍ୟଶୋଭଜନନାଦ୍ ବଭୂବ ସାଧାରଣୋ ଭୂଷଣଭୂଷ୍ୟଭବଃ ।। ୪୨

चन्द्रं गता पद्मगुणान् न भुङ्क्ते पद्माश्रिता चान्द्रमसीमभिख्याम् ।
उमामुखं तु प्रतिपद्य लोला द्विसंश्रयां प्रीतिमवाप लक्ष्मीः ।। ४३
ଚନ୍ଦ୍ରଂ ଗତା ପଦ୍ମଗୁଣାନ୍ ନ ଭୁଙ୍କ୍ତେ ପଦ୍ମାଶ୍ରିତା ଚାନ୍ଦ୍ରମସୀମଭିଖ୍ୟାମ୍ ।
ଉମାମୁଖଂ ତୁ ପ୍ରତିପଦ୍ୟ ଲୋଲା ଦ୍ୱିସଂଶ୍ରୟାଂ ପ୍ରୀତିମବାପ ଲକ୍ଷ୍ମୀଃ ।। ୪୩

पुष्पं प्रवालोपहितं यदि स्यान्मुक्ताफलं वा स्फुटविद्रुमस्थम् ।
ततोऽनुकुर्याद् विशदस्य तस्यास्ताम्रोष्ठपर्यस्तरुचः स्मितस्य ।। ४४
ପୁଷ୍ପଂ ପ୍ରବାଳୋପହିତଂ ଯଦି ସ୍ୟାନ୍ମୁକ୍ତାଫଳଂ ବା ସ୍ଫୁଟବିଦ୍ରୁମସ୍ଥମ୍ ।
ତତୋଽନୁକୁର୍ଯ୍ୟାଦ୍ ବିଶଦସ୍ୟ ତସ୍ୟାସ୍ତାମ୍ରୌଷ୍ଠପର୍ଯ୍ୟସ୍ତରୁଚଃ ସ୍ମିତସ୍ୟ ।। ୪୪

स्वरेण तस्याममृतस्रुतेव प्रजल्पितायामभिजातवाचि ।
अप्यन्यपुष्टा प्रतिकूलशब्दा श्रोतुर्वितन्त्रीरिव ताड्यमाना ।। ४५
ସ୍ୱରେଣ ତସ୍ୟାମମୃତସ୍ରୁତେବ ପ୍ରଜଳ୍ପିତାୟାମଭିଜାତବାଚି ।
ଅପ୍ୟନ୍ୟପୁଷ୍ଟା ପ୍ରତିକୂଳଶବ୍ଦା ଶ୍ରୋତୁର୍ବିତନ୍ତ୍ରୀରିବ ତାଡ୍ୟମାନା ।। ୪୫

प्रवात-नीलोत्पल-निर्विशेषमधीरविप्रेक्षितमायताक्ष्या ।
तया गृहीतं नु मृगाङ्गनाभ्यस्ततो गृहीतं नु मृगाङ्गनाभिः ।। ४६
ପ୍ରବାତ-ନୀଳୋତ୍ପଳନିର୍ବିଶେଷମଧୀରବିପ୍ରେକ୍ଷିତମାୟତାକ୍ଷ୍ୟା ।
ତୟା ଗୃହୀତଂ ନୁ ମୃଗାଙ୍ଗନାଭ୍ୟସ୍ତତୋ ଗୃହୀତଂ ନୁ ମୃଗାଙ୍ଗନାଭିଃ ।। ୪୬

तस्याः शलाकाञ्जननिर्मितेव कान्तिर्भ्रुवोरायतलेखयोर्या ।
तां वीक्ष्य लीलाचतुरामनङ्गः स्वचापसौन्दर्यमदं मुमोच ।। ४७
ତସ୍ୟାଃ ଶଳାକାଞ୍ଜନନିର୍ମିତେବ କାନ୍ତିର୍ଭ୍ରୁବୋରାୟତଲେଖୟୋର୍ଯା ।
ତାଂ ବୀକ୍ଷ୍ୟ ଲୀଳାଚତୁରାମନଙ୍ଗଃ ସ୍ୱଚାପସୌନ୍ଦର୍ଯ୍ୟମଦଂ ମୁମୋଚ ।। ୪୭

लज्जा निरश्चां यदि चेतसि स्यादसंशयं पर्वतराजपुत्र्याः ।
तं केशपाशं प्रसमीक्ष्य कुर्युर्वालप्रियत्वं शिथिलं चमर्यः ।। ४८
ଲଜ୍ଜା ତିରଶ୍ଚାଂ ଯଦି ଚେତସି ସ୍ୟାଦସଂଶୟଂ ପର୍ବତରାଜପୁତ୍ର୍ୟାଃ ।
ତଂ କେଶପାଶଂ ପ୍ରସମୀକ୍ଷ୍ୟ କୁର୍ଯୁର୍ବାଳପ୍ରିୟତ୍ୱଂ ଶିଥିଳଂ ଚମର୍ଯ୍ୟଃ ।। ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାର ସ୍ତନୋନ୍ନତ କଣ୍ଠପ୍ରଦେଶ ଏବଂ ବର୍ତ୍ତୁଳ ମୁକ୍ତାହାର—ଏ ଦୁଇଟି ପରସ୍ପରର ଶୋଭା ବଢ଼ାଇ ସମାନଭାବରେ ପରସ୍ପରର ଭୂଷଣ ତଥା ଭୂଷ୍ୟ ହେଲେ । (ମୁକ୍ତାହାର ହେଲା କଣ୍ଠର ଭୂଷଣ, କଣ୍ଠ ହେଲା ଭୂଷ୍ୟ । ସେହିପରି କଣ୍ଠ ହେଲା ମୁକ୍ତାହାରର ଭୂଷଣ ଏବଂ ମୁକ୍ତାହାର ହେଲା ଭୂଷ୍ୟ) । ୪୨

ଚଞ୍ଚଳସ୍ୱଭାବା ସୌନ୍ଦର୍ଯ୍ୟଲକ୍ଷ୍ମୀ ଯଦି ଚନ୍ଦ୍ରଠାରେ ଅବସ୍ଥାନ କରେ, ତେବେ ପଦ୍ମଗୁଣ ଅନୁଭବ କରିପାରେ ନାହିଁ । ଯଦି ପଦ୍ମଠାରେ ଅବସ୍ଥାନ କରେ, ତେବେ ଚନ୍ଦ୍ରଗୁଣ ଅନୁଭବ କରିପାରେ ନାହିଁ । କିନ୍ତୁ ପାର୍ବତୀଙ୍କ ମୁଖରେ ଅବସ୍ଥାନ କରି ସେ ଏକ ସମୟରେ ଚନ୍ଦ୍ର ଓ ପଦ୍ମ, ଉଭୟଙ୍କର ଗୁଣଜନିତ ପ୍ରୀତି ଅନୁଭବ କଲା । ୪୩

ପାର୍ବତୀଙ୍କ ରକ୍ତବର୍ଣ୍ଣ ଅଧର ଉପରେ ସ୍ମିତହାସ୍ୟର କାନ୍ତି ପ୍ରସାରିତ ହୋଇଯାଉଥିଲା । ନବପଲ୍ଲବ ଉପରେ ଯଦି ଧବଳପୁଷ୍ପ ରଖାଯାଏ, କିମ୍ବା ସ୍ୱଚ୍ଛ ପୋହଳା ଉପରେ ଯଦି ମୁକ୍ତା ରଖାଯାଏ,ତେବେ ତାହା ଯେପରି ଶୋଭା ପାଇବ, ପାର୍ବତୀଙ୍କର ଅଧର ଉପରେ ସ୍ମିତହାସ୍ୟ ସେହିପରି ଶୋଭା ପାଇଲା । ୪୪

ମଧୁରବଚନା ପାର୍ବତୀଙ୍କର ସ୍ୱରରୁ ସତେ ଯେପରି ଅମୃତ କ୍ଷରିତ ହେଉଥିଲା । ଅନଭିଜ୍ଞ ଲୋକ ବୀଣାର ତନ୍ତ୍ରୀକୁ ଏଣୁତେଣୁ ବାନ୍ଧି ବଜାଇଲେ ତାହା ଯେପରି ଶୁଭେ, ପାର୍ବତୀଙ୍କ ସ୍ୱର ତୁଳନାରେ କୋକିଳର ସ୍ୱର ସେହି-ପରି ବୋଧ ହେଲା । ୪୫

ବିଶାଳନେତ୍ରା ପାର୍ବତୀଙ୍କର ଚାହାଁଣି ଥିଲା ବାୟୁଚଳଚଳ ନୀଳପଦ୍ମପରି ଚଞ୍ଚଳ । କେଜାଣି ସେଭଳି ଚାହାଁଣି ସେ ମୃଗାଙ୍ଗନାମାନଙ୍କ-ଠାରୁ ଗ୍ରହଣ କରିଥିଲେ କିମ୍ବା ମୃଗାଙ୍ଗନାମାନେ ତାଙ୍କଠାରୁ ଗ୍ରହଣ କରିଥିଲେ ! ୪୬

ବିଶାଳନୟନା ପାର୍ବତୀଙ୍କର ଭ୍ରୂଲତା ଯୋଡ଼ିକ ସତେଯେପରି ଅଞ୍ଜନ ତୂଳିକାରେ ଅଙ୍କିତ ହୋଇଥିଲା ! କନ୍ଦର୍ପ ନିଜ ଧନୁର ସୌନ୍ଦର୍ଯ୍ୟ ନିମନ୍ତେ ଯେଉଁ ଗର୍ବ ଅନୁଭବ କରୁଥିଲା, ପାର୍ବତୀଙ୍କର ଲୀଳାକୁଶଳ ଭ୍ରୂଲତା-ଯୋଡ଼ିକୁ ଦେଖି ତାର ସେହି ଗର୍ବ ଦୂର ହୋଇଗଲା । ୪୭

ଯଦି ମନୁଷ୍ୟେତର ପ୍ରାଣୀମାନଙ୍କ ମନରେ ଲଜ୍ଜାବୋଧ ଥାଆନ୍ତା, ତାହାହେଲେ ଚମରୀ ଗାଈମାନେ ପାର୍ବତୀଙ୍କର ସୁନ୍ଦର କେଶକୁ ଦେଖି ନିଜର କେଶ–ଅନୁରାଗକୁ ନିଶ୍ଚୟ ହ୍ରାସ କରିଥାଆନ୍ତେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सर्वोपमाद्रव्यसमुच्चयेन यथाप्रदेशं विनिवेशितेन ।
सा निर्मिता विश्वसृजा प्रयत्नादेकस्थसौन्दर्यदिदृक्षयेव ॥ ४९
ସର୍ବୋପମାଦ୍ରବ୍ୟସମୂଚ୍ଚୟେନ ଯଥାପ୍ରଦେଶଂ ବିନିବେଶିତେନ ।
ସା ନିର୍ମିତା ବିଶ୍ୱସୃଜା ପ୍ରଯତ୍ନାଦେକସ୍ଥସୌନ୍ଦର୍ଯ୍ୟଦିଦୃକ୍ଷୟେବ ॥ ୪୯

तां नारदः कामचरः कदाचित् कन्यां किल प्रेक्ष्य पितुः समीपे ।
समादिदेशैकवधूं भवित्रीं प्रेम्णा शरीरार्धहरां हरस्य ॥ ५०
ତାଂ ନାରଦଃ କାମଚରଃ କଦାଚିତ୍ କନ୍ୟାଂ କିଲ ପ୍ରେକ୍ଷ୍ୟ ପିତୁଃ ସମୀପେ ।
ସମାଦିଦେଶୈକବଧୂଂ ଭବିତ୍ରୀଂ ପ୍ରେମ୍ଣା ଶରୀରାର୍ଦ୍ଧହରାଂ ହରସ୍ୟ ॥ ୫୦

गुरुः प्रगल्भेऽपि वयस्यतोऽस्यास्तस्थौ निवृत्तान्यवराभिलाषः ।
ऋते कृशानोर्न हि मन्त्रपूतमर्हन्ति तेजांस्यपराणि हव्यम् ॥ ५१
ଗୁରୁଃ ପ୍ରଗଲ୍‌ଭେଽପି ବୟସ୍ୟତୋଽସ୍ୟାସ୍ତସ୍ଥୌ ନିବୃତ୍ତାନ୍ୟବରାଭିଲାଷଃ ।
ଋତେ କୃଶାନୋର୍ନ ହି ମନ୍ତ୍ରପୂତମର୍ହନ୍ତି ତେଜାଂସ୍ୟପରାଣି ହବ୍ୟମ୍ ॥ ୫୧

अयाचितारं नहि देवदेवमद्रिः सुतां ग्राहयितुं शशाक ।
अभ्यर्थनाभङ्गभयेन साधुर्माध्यस्थ्यमिष्टेऽप्यवलम्बतेऽर्थे ॥ ५२
ଅୟାଚିତାରଂ ନହି ଦେବଦେବମଦ୍ରିଃ ସୁତାଂ ଗ୍ରାହୟିତୁଂ ଶଶାକ ।
ଅଭ୍ୟର୍ଥନାଭଙ୍ଗଭୟେନ ସାଧୁର୍ମାଧ୍ୟସ୍ଥ୍ୟମିଷ୍ଟେଽପ୍ୟବଲମ୍ବତେଽର୍ଥେ ॥ ୫୨

यदैव पूर्वे जनने शरीरं सा दक्षरोषात् सुदती ससर्ज ।
तदाप्रभृत्येव विमुक्तसङ्गः पतिः पशूनामपरिग्रहोऽभूत् ॥ ५३
ଯଦୈବ ପୂର୍ବେ ଜନନେ ଶରୀରଂ ସା ଦକ୍ଷରୋଷାତ୍ ସୁଦତୀ ସସର୍ଜ ।
ତଦାପ୍ରଭୃତ୍ୟେବ ବିମୁକ୍ତସଙ୍ଗଃ ପତିଃ ପଶୂନାମପରିଗ୍ରହୋଽଭୂତ୍ ॥ ୫୩

स कृत्तिवासास्तपसे यतात्मा गङ्गाप्रवाहोक्षितदेवदारु ।
प्रस्थं हिमाद्रेर्मृगनाभिगन्धि किंचित्क्वणत्किन्नरमध्युवास ॥ ५४
ସ କୃତ୍ତିବାସାସ୍ତପସେ ଯତାତ୍ମା ଗଙ୍ଗାପ୍ରବାହୋକ୍ଷିତଦେବଦାରୁ ।
ପ୍ରସ୍ଥଂ ହିମାଦ୍ରେର୍ମୃଗନାଭିଗନ୍ଧି କିଂଚିତ୍‌କ୍ୱଣତ୍‌କିନ୍ନରମଧ୍ୟୁବାସ ॥ ୫୪

गणा नमेरुप्रसवावतंसा भूर्जत्वचः स्पर्शवतीर्दधानाः ।
मनःशिलाविच्छुरिता निषेदुः शैलेयनद्धेषु शिलातलेषु ॥ ५५
ଗଣା ନମେରୁପ୍ରସବାବତଂସା ଭୂର୍ଜତ୍ୱଚଃ ସ୍ପର୍ଶବତୀର୍ଦଧାନାଃ ।
ମନଃଶିଳାବିଚ୍ଛୁରିତା ନିଷେଦୁଃ ଶୈଳେୟନଦ୍ଧେଷୁ ଶିଳାତଳେଷୁ ॥ ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଧାତା ବୋଧହୁଏ ଗୋଟିଏ ସ୍ଥାନରେ ସମସ୍ତ ସୌନ୍ଦର୍ଯ୍ୟ ଦେଖିବାର ସ୍ପୃହାରେ ସମସ୍ତ ଉପମା ପଦାର୍ଥ ସଂଗ୍ରହ କରିଥିଲେ ଏବଂ ସେଗୁଡ଼ିକୁ ପାର୍ବତୀଙ୍କ ଦେହରେ ଯଥାସ୍ଥାନରେ ସନ୍ନିବେଶିତ କରି ଅତ୍ୟନ୍ତ ଯତ୍ନର ସହିତ ତାଙ୍କୁ ନିର୍ମାଣ କରିଥିଲେ । ୪୯

ଦିନେ ନାରଦ ସ୍ୱଇଚ୍ଛାରେ ଭ୍ରମଣ କରି ଆସି ସେହି କନ୍ୟାଙ୍କୁ ତାଙ୍କ ପିତାଙ୍କ ନିକଟରେ ଦେଖି ସ୍ନେହରେ କହିଲେ, " ଏ ଝିଅଟି ଶିବଙ୍କର ଅର୍ଦ୍ଧାଙ୍ଗିନୀ ହେବ । " ୫୦

ତେଣୁ ଝିଅର ବିବାହ ବୟସରେ ଉପନୀତା ହେଲେ ମଧ୍ୟ ପିତା ତ ପାଇଁ ଅନ୍ୟ ବର ଅନ୍ୱେଷଣ କଲେ ନାହିଁ । ମନ୍ତ୍ରପୂତ ଆହୂତିକୁ ଗ୍ରହଣ କରିବା ପାଇଁ ଅଗ୍ନି ବ୍ୟତୀତ ଅନ୍ୟ କେଉଁ ତେଜ ସମର୍ଥ ? ୫୧

ଯେହେତୁ ଶିବ ହିମାଳୟଙ୍କ କନ୍ୟାଙ୍କୁ ବିବାହ କରିବାପାଇଁ ପ୍ରାର୍ଥୀ ହୋଇନଥିଲେ, ତେଣୁ ହିମାଳୟ ତାଙ୍କୁ କନ୍ୟାପ୍ରଦାନ କରିପାରିଲେ ନାହିଁ । କାଳେ ଅନୁରୋଧ ଗୃହୀତ ନ ହେବ, ଏହି ଭୟରେ ସାଧୁଲୋକମାନେ ଅଭିଳଷିତ ବିଷୟରେ ମଧ୍ୟ ନୀରବ ରହନ୍ତି । (କିମ୍ବା ମଧ୍ୟସ୍ଥତାର ଆଶ୍ରୟ ନିଅନ୍ତି ।) ୫୨

ସେହି ସୁନ୍ଦରୀ କନ୍ୟା ପୂର୍ବଜନ୍ମରେ ତାଙ୍କର ପିତା ଦକ୍ଷ ପ୍ରଜାପତିଙ୍କ କ୍ରୋଧ ହେତୁ ଅଗ୍ନିରେ ପ୍ରାଣବିସର୍ଜନ କରିଥିଲେ । ସେହିଦିନଠାରୁ ତାଙ୍କର ସ୍ୱାମୀ ଶିବ ସାଂସାରିକ ବିଷୟ ପ୍ରତି ଅନାସକ୍ତ ହୋଇ ଅନ୍ୟ ପତ୍ନୀ ଗ୍ରହଣ କରି ନ ଥିଲେ । ୫୩

ଚର୍ମବସ୍ତ୍ରପରିହିତ, ସଂଯତଚିତ୍ତ ଶିବ ତପସ୍ୟା ନିମନ୍ତେ ହିମାଳୟ ପର୍ବତର କୌଣସି ଏକ ଶୃଙ୍ଗରେ ଅବସ୍ଥାନ କରୁଥିଲେ, ଯେଉଁଠାରେ କି ଗଙ୍ଗାନଦୀର ନିର୍ଝର ଦେବଦାରୁ ଗଛମାନଙ୍କୁ ସିକ୍ତ କରୁଥିଲା, ବାୟୁରେ କୃଷ୍ଣସାର ମୃଗମାନଙ୍କର କସ୍ତୁରୀସୁଗନ୍ଧ ପ୍ରସାରିତ ହୋଇଯାଉଥିଲା ଏବଂ କିନ୍ନରମାନେ ଗୀତ ଗାଉଥିଲେ । ୫୪

ଶିବଗଣମାନେ ମସ୍ତକରେ ସୁରପୁନ୍ନାଗ ଫୁଲ ଖୋଷି, କୋମଳ ଭୂର୍ଜବଲ୍‌କଳ ପରିଧାନ କରି ମନଃଶିଳାଧାତୁ-ବିଚ୍ଛୁରିତ ତଥା ଶିଉଳି ଆଚ୍ଛାଦିତ ପଥର ଖଣ୍ଡମାନଙ୍କ ଉପରେ ଉପବେଶନ କରୁଥିଲେ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तुषारसंघातशिलाः खुराग्रैः समुल्लिखन् दर्पकलः ककुद्मान् ।
दृष्टः कथंचिद् गवयैर्विविग्नैरसोढसिंहध्वनिरुन्ननाद ॥ ५६
ତୁଷାରସଂଘାତଶିଳାଃ ଖୁରାଗ୍ରୈଃ ସମୁଲ୍ଲିଖନ୍ ଦର୍ପକଳଃ କକୁଦ୍ମାନ୍ ।
ଦୃଷ୍ଟଃ କଥଂଚିଦ୍ ଗବୟୈର୍ବିବିଗ୍ନୈରସୋଢସିଂହଧ୍ୱନିରୁନ୍ନନାଦ ॥ ୫୬

तत्राग्निमाधाय समित्समिद्धं स्वमेव मूर्त्यन्तरमष्टमूर्तिः ।
स्वयं विधाता तपसः फलानां केनापि कामेन तपश्चचार ॥ ५७
ତତ୍ରାଗ୍ନିମାଧାୟ ସମିତ୍ସମିଦ୍ଧଂ ସ୍ୱମେବ ମୂର୍ତ୍ତ୍ୟନ୍ତରମଷ୍ଟମୂର୍ତ୍ତିଃ ।
ସ୍ୱୟଂ ବିଧାତା ତପସଃ ଫଳାନାଂ କେନାପି କାମେନ ତପଶ୍ଚଚାର ॥ ୫୭

अनर्घ्यमर्घ्येण तमद्रिनाथः स्वर्गौकसामर्चितमर्चयित्वा ।
आराधनायास्य सखीसमेतां समादिदेश प्रयतां तनूजाम् ॥ ५८
ଅନର୍ଘ୍ୟମର୍ଘ୍ୟେଣ ତମଦ୍ରିନାଥଃ ସ୍ୱର୍ଗୌକସାମର୍ଚ୍ଚିତମର୍ଚ୍ଚୟିତ୍ୱା ।
ଆରାଧନାୟାସ୍ୟ ସଖୀସମେତାଂ ସମାଦିଦେଶ ପ୍ରୟତାଂ ତନୂଜାମ୍ ॥ ୫୮

प्रत्यर्थिभूतामपि तां समाधेः शुश्रूषमाणां गिरिशोऽनुमेने ।
विकारहेतौ सति विक्रियन्ते येषां न चेतांसि त एव धीराः ॥ ५९
ପ୍ରତ୍ୟର୍ଥିଭୂତାମପି ତାଂ ସମାଧେଃ ଶୁଶ୍ରୂଷମାଣାଂ ଗିରିଶୋଽନୁମେନେ ।
ବିକାରହେତୌ ସତି ବିକ୍ରିୟନ୍ତେ ଯେଷାଂ ନ ଚେତାଂସି ତ ଏବ ଧୀରାଃ ॥ ୫୯

ଅବଚିତବଳିପୁଷ୍ପା ବେଦିସଂମାର୍ଗଦକ୍ଷା
ନିୟମବିଧିଜଳାନାଂ ବର୍ହିଷାଂ ଚୋପନେତ୍ରୀ ।
ଗିରିଶମୁପଚଚାର ପ୍ରତ୍ୟହଂ ସା ସୁକେଶୀ
ନିୟମିତପରିଖେଦା ତଚ୍ଛିରଶ୍ଚନ୍ଦ୍ରପାଦୈଃ ॥ ୬୦

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
उमोत्पत्तिर्नाम प्रथमः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶିବଙ୍କ ବୃଷଭ ସେଠାରେ ପଥରସଦୃଶ କଠିନ ତୁଷାରଖଣ୍ଡ-ଗୁଡ଼ିକୁ ଖୁରାଗ୍ରରେ ବିଦୀର୍ଣ୍ଣ କରି ନିଜର ସ୍ୱଭାବସିଦ୍ଧ ଶୌର୍ଯ୍ୟରେ ମନ୍ଦ୍ରନାଦରେ ଗର୍ଜ୍ଜନ କରୁଥିଲା । କିନ୍ତୁ ସେ ଯେତେବେଳେ ସିଂହର ଗର୍ଜ୍ଜନ ଶୁଣୁଥିଲା, ସେତେବେଳେ ତାହାକୁ ବରଦାସ୍ତ କରିନପାରି ଉନ୍ମତ୍ତ ଭାବରେ ଗର୍ଜ୍ଜନ କରି-ଉଠୁଥିଲା । ଗବୟମାନେ ସେତେବେଳେ ଭୀତତ୍ରସ୍ତ ହୋଇ ବଡ଼ କଷ୍ଟରେ ତା ଆଡ଼କୁ ଦୃଷ୍ଟିପାତ କରୁଥିଲେ । (ଗବୟ—ଗୋସଦୃଶ ଏକ ଜାତୀୟ ପଶୁ) ୫୬

ଶିବ ସ୍ୱୟଂ ତପସ୍ୟାର ଫଳଦାତା । ତଥାପି ସେ ଅଗ୍ନି ସ୍ଥାପନ କରି ଏବଂ ଅଗ୍ନିକୁ ସମିଧରେ ପ୍ରଜ୍ୱଳିତ କରି କୌଣସି କାମନା ଘେନି ତପସ୍ୟା କରୁଥିଲେ । ଅଥଚ, ସେହି ଅଗ୍ନି ଥିଲା ତାଙ୍କରି ଅଷ୍ଟବିଧ ମୂର୍ତ୍ତିର ଅଂଶବିଶେଷ । (ଶିବଙ୍କର ଅଷ୍ଟବିଧ ମୂର୍ତ୍ତି—ପଞ୍ଚଭୂତ, ସୂର୍ଯ୍ୟ, ଚନ୍ଦ୍ର ଓ ଯଜ୍ଞକର୍ତ୍ତା ।) ୫୭

ପର୍ବତରାଜ ହିମାଳୟ ଦେବତାମାନଙ୍କର ବନ୍ଦନୀୟ, ପୁଣ୍ୟରାଶିର ଆଧାର ଶିବଙ୍କର ଆରାଧନା କରି ନିଜର ସଂଯତସ୍ୱଭାବା କନ୍ୟାକୁ ସଖୀମାନଙ୍କ ସହିତ ଯାଇ ତାଙ୍କର ସେବା କରିବାକୁ ଆଦେଶ ଦେଲେ । ୫୮

ସେହି କନ୍ୟା ଶିବଙ୍କର ଏକାଗ୍ର ତପସ୍ୟାର ପ୍ରତିବନ୍ଧକ ଥିଲେ ସୁଦ୍ଧା ଶିବ ନିଜର ସେବା ପାଇଁ ତାଙ୍କୁ ଅନୁମତି ଦେଲେ । ମନୋବିକାରର କାରଣ ଥିବା ସତ୍ତ୍ୱେ ଯେଉଁମାନଙ୍କର ମନୋବିକାର ଘଟେ ନାହିଁ, ସେଇ-ମାନେ ହିଁ ପ୍ରକୃତ ଧୈର୍ଯ୍ୟବାନ୍ । ୫୯

ସୁକେଶୀ ପାର୍ବତୀ ପ୍ରତିଦିନ ପୂଜାନିମନ୍ତେ ଫୁଲ ତୋଳୁଥିଲେ, ବେଦିପରିଷ୍କାର କରୁଥିଲେ ଏବଂ ଯଥାବିହିତ କର୍ମାନୁଷ୍ଠାନ ନିମନ୍ତେ ଜଳ ଆଣୁଥିଲେ । ଏହିପରି ଭାବରେ ସେ ଶିବଙ୍କ ସେବାରେ ନିୟୋଜିତ ରହିଲେ । ସେ ଯେତେବେଳେ କ୍ଳାନ୍ତ ହୋଇପଡୁଥିଲେ, ଶିବଙ୍କ ମସ୍ତକ-ସ୍ଥିତ ଚନ୍ଦ୍ରର କିରଣ ତାଙ୍କର କ୍ଳାନ୍ତି ଦୂର କରିଦେଉଥିଲା । ୬୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वितीयः सर्गः

तस्मिन् विप्रकृताः काले तारकेण दिवौकसः ।
तुरासाहं पुरोधाय धाम स्वायंभुवं ययुः ॥ १
ତସ୍ମିନ୍ ବିପ୍ରକୃତାଃ କାଳେ ତାରକେଣ ଦିବୌକସଃ ।
ତୁରାସାହଂ ପୁରୋଧାୟ ଧାମ ସ୍ୱାୟଂଭୁବଂ ଯଯୁଃ ॥ ୧

तेषामाविरभूद् ब्रह्मा परिम्लानमुखश्रियाम् ।
सरसां सुप्तपद्मानां प्रातर्दीधितिमानिव ॥ २
ତେଷାମାବିରଭୂଦ୍ ବ୍ରହ୍ମା ପରିମ୍ଲାନମୁଖଶ୍ରିୟାମ୍ ।
ସରସାଂ ସୁପ୍ତପଦ୍ମାନାଂ ପ୍ରାତର୍ଦୀଧିତିମାନିବ ॥ ୨

अथ सर्वस्य धातारं ते सर्वे सर्वतोमुखम् ।
वागीशं वाग्भिरर्थ्याभिः प्रणिपत्योपतस्थिरे ॥ ३
ଅଥ ସର୍ବସ୍ୟ ଧାତାରଂ ତେ ସର୍ବେ ସର୍ବତୋମୁଖମ୍ ।
ବାଗୀଶଂ ବାଗ୍‌ଭିରର୍ଥ୍ୟାଭିଃ ପ୍ରଣିପତ୍ୟୋପତସ୍ଥିରେ । ୩

नमस्त्रिमूर्तये तुभ्यं प्राक् सृष्टेः केवलात्मने ।
गुणत्रयविभागाय पश्चाद् भेदमुपेयुषे ॥ ४
ନମସ୍ତ୍ରିମୂର୍ତ୍ତୟେ ତୁଭ୍ୟଂ ପ୍ରାକ୍ ସୃଷ୍ଟେଃ କେବଳାତ୍ମନେ ।
ଗୁଣତ୍ରୟବିଭାଗାୟ ପଶ୍ଚାଦ୍ ଭେଦମୁପେୟୁଷେ ॥ ୪

यदमोघमपामन्तरुप्तं बीजमज त्वया ।
अतश्चराचरं विश्वं प्रभवस्तस्य गीयसे ॥ ५
ଯଦମୋଘମପ ମନ୍ତରୁପ୍ତଂ ବୀଜମଜ ତ୍ୱୟା ।
ଅତଶ୍ଚରାଚରଂ ବିଶ୍ୱଂ ପ୍ରଭବସ୍ତସ୍ୟ ଗୀୟସେ ॥ ୫

तिसृभिस्त्वमवस्थाभिर्महिमानमुदीरयन् ।
प्रलयस्थितिसर्गाणामेकः कारणतां गतः ॥ ६
ତିସୃଭିସ୍ତ୍ୱମବସ୍ଥାଭିର୍ମହିମାନମୁଦୀରୟନ୍ ।
ପ୍ରଳୟସ୍ଥିତିସର୍ଗାଣାମେକଃ କାରଣତାଂ ଗତଃ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିତୀୟ ସର୍ଗ

ଏହି ମଧ୍ୟରେ ତାରକାସୁର ଦେବତାମାନଙ୍କୁ ଉତ୍ପୀଡ଼ିତ କରୁଥିଲା । ତେଣୁ ଦେବତାମାନେ ଇନ୍ଦ୍ରଙ୍କୁ ଅଗ୍ରଣୀ କରି ବ୍ରହ୍ମାଙ୍କ ଭବନକୁ ଗଲେ । ୧

6946

ସକାଳେ ମୁଦ୍ରିତପଦ୍ମପୂର୍ଣ୍ଣ ସରୋବରର ସମ୍ମୁଖରେ ସୂର୍ଯ୍ୟ ଉଦିତ ହେଲା ଭଳି ବ୍ରହ୍ମା ମ୍ଲାନମୁଖ ଦେବତାମାନଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ । ୨

ତା'ପରେ ଦେବଗଣ ବାକ୍ପତି, ଜଗତ୍ସୃଷ୍ଟିକାରୀ ବ୍ରହ୍ମାଙ୍କୁ ପ୍ରଣାମ କରି ଅର୍ଥପୂର୍ଣ୍ଣ ବଚନରେ ସ୍ତୁତି କଲେ । ୩

गुरुकुल कांगड़ी विश्वविद्यालय पुस्तकालय

" ହେ ଭଗବାନ୍, ସୃଷ୍ଟିପୂର୍ବରୁ ଆପଣ ଏକରୂପ ଥିଲେ । ପରେ ସତ୍ତ୍ୱ, ରଜ, ତମ——ଏହି ତ୍ରିଗୁଣର ବିଭଗ ନିମନ୍ତେ ଭିନ୍ନଭିନ୍ନ ହେଲେ । ତେଣୁ ଆପଣ ହିଁ ତ୍ରିରୂପବିଶିଷ୍ଟ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) । ଆପଣଙ୍କୁ ଆମର ବିନମ୍ର ନମସ୍କାର । ୪

ହେ ଅଜନ୍ମା, ଆପଣ ଜଳ ମଧ୍ୟରେ ଯେଉଁ ଅମୋଘ ବୀଜ ବପନ କଲେ, ସେଥିରୁ ଚରାଚର ବିଶ୍ୱ ଉତ୍ପତ୍ତିଲାଭ କଲା । ତେଣୁ ଆପଣଙ୍କୁ ହିଁ ଚରାଚର ବିଶ୍ୱର ଉତ୍ପତ୍ତିସ୍ଥଳ ବୋଲି କହନ୍ତି । ୫

ଆପଣ ଏକ, କେବଳ ତିନି ଅବସ୍ଥା (ସତ୍ତ୍ୱ, ରଜ, ତମ) ଦ୍ୱାରା ନିଜର ମହିମା ବିସ୍ତାରିତ କରି ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ ହୋଇଛନ୍ତି । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स्त्रीपुंसावात्मभागौ ते भिन्नमूर्तेः सिसृक्षया ।
प्रसूतिभाजः सर्गस्य तावेव पितरौ स्मृतौ ॥ ७
ସ୍ତ୍ରୀପୁଂସାବାତ୍ମଭାଗୌ ତେ ଭିନ୍ନମୂର୍ତ୍ତେଃ ସିସୃକ୍ଷୟା ।
ପ୍ରସୂତିଭାଜଃ ସର୍ଗସ୍ୟ ତାବେବ ପିତରୌ ସ୍ମୃତୌ ॥ ୭

स्वकालपरिमाणेन व्यस्तरात्रिन्दिवस्य ते ।
यौ तु स्वप्नावबोधौ तौ भूतानां प्रलयोदयौ ॥ ८
ସ୍ୱକାଳପରିମାଣେନ ବ୍ୟସ୍ତରାତ୍ରିନ୍ଦିବସ୍ୟ ତେ ।
ଯୌ ତୁ ସ୍ୱପ୍ନାବବୋଧୌ ତୌ ଭୂତାନାଂ ପ୍ରଳୟୋଦୟୌ ॥ ୮

जगद्योनिरयोनिस्त्वं जगदन्तो निरन्तकः ।
जगदादिरनादिस्त्वं जगदीशो निरीश्वरः ॥ ९
ଜଗଦ୍‌ଯୋନିରଯୋନିସ୍ତ୍ୱଂ ଜଗଦନ୍ତୋ ନିରନ୍ତକଃ ।
ଜଗଦାଦିରନାଦିସ୍ତ୍ୱଂ ଜଗଦୀଶୋ ନିରୀଶ୍ୱରଃ ॥ ୯

आत्मानमात्मना वेत्सि सृजस्यात्मानमात्मना ।
आत्मना कृतिना च त्वमात्मन्येव प्रलीयसे ॥ १०
ଆତ୍ମାନମାତ୍ମନା ବେତ୍ସି ସୃଜସ୍ୟାତ୍ମାନମାତ୍ମନା ।
ଆତ୍ମନା କୃତିନା ଚ ତ୍ୱମାତ୍ମନ୍ୟେବ ପ୍ରଳୀୟସେ ॥ ୧୦

द्रवः संघातकठिनः स्थूलः सूक्ष्मो लघुर्गुरुः ।
व्यक्तो व्यक्तेतरश्चासि प्राकाम्यं ते विभूतिषु ॥ ११
ଦ୍ରବଃ ସଂଘାତକଠିନଃ ସ୍ଥୂଳଃ ସୂକ୍ଷ୍ମୋ ଲଘୁର୍ଗୁରୁଃ ।
ବ୍ୟକ୍ତୋ ବ୍ୟକ୍ତେତରଶ୍ଚାସି ପ୍ରାକାମ୍ୟଂ ତେ ବିଭୂତିଷୁ ॥ ୧୧

उद्घातः प्रणवो यासां न्यायैस्त्रिभिरुदीरणम् ।
कर्म यज्ञः फलं स्वर्गस्तासां त्वं प्रभवो गिराम् ॥ १२
ଉଦ୍‌ଘାତଃ ପ୍ରଣବୋ ଯାସାଂ ନ୍ୟାୟୈସ୍ତ୍ରିଭିରୁଦୀରଣମ୍ ।
କର୍ମ ଯଜ୍ଞଃ ଫଳଂ ସ୍ୱର୍ଗସ୍ତାସାଂ ତ୍ୱଂ ପ୍ରଭବୋ ଗିରାମ୍ ॥ ୧୨

त्वामामनन्ति प्रकृतिं पुरुषार्थपूवर्तिनीम् ।
तद्दर्शिनमुदासीनं त्वामेव पुरुषं विदुः ॥ १३
ତ୍ୱାମାମନନ୍ତି ପ୍ରକୃତିଂ ପୁରୁଷାର୍ଥପ୍ରବର୍ତ୍ତିନୀମ୍ ।
ତଦ୍ଦର୍ଶିନମୁଦାସୀନଂ ତ୍ୱାମେବ ପୁରୁଷଂ ବିଦୁଃ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୃଜନ ଇଚ୍ଛାରେ ଆପଣ ନିଜଦେହକୁ ସ୍ତ୍ରୀ-ପୁରୁଷ ଦୁଇଭଗରେ ବିଭକ୍ତ କଲେ । ସେହି ଦୁଇଭଗରୁ ସଂସାର ସୃଷ୍ଟି ହେଲା । ତେଣୁ ଆପଣଙ୍କ ଶରୀରର ଦୁଇଭାଗକୁ ସୃଷ୍ଟିର ପିତାମାତା ବୋଲି କହନ୍ତି । ୭

ଆପଣ ନିଜର ସମୟ ପରିମାଣ ଅନୁସାରେ ଯେଉଁ ଦିନରାତି ବିଭାଗ (ଗୋଟିଏ ଦିନ ପାଇଁ ଚାରିଯୁଗ ଏବଂ ଗୋଟିଏ ରାତି ପାଇଁ ଚାରି-ଯୁଗ) ବ୍ୟବସ୍ଥା କରିଛନ୍ତି, ତଦନୁସାରେ ଆପଣଙ୍କର ଶୟନକାଳ ଜଗତର ପ୍ରଳୟକାଳ ହୁଏ ଏବଂ ଜାଗରଣ କାଳ ଜଗତର ସୃଷ୍ଟିକାଳ ହୁଏ । ୮

ଆପଣ ସମସ୍ତ ଜଗତ ସୃଷ୍ଟି କରିଛନ୍ତି, କିନ୍ତୁ ଆପଣଙ୍କୁ କେହି ସୃଷ୍ଟି କରିନାହାନ୍ତି, ଆପଣ ଜଗତ ସଂହାର କରନ୍ତି, କିନ୍ତୁ ଆପଣଙ୍କୁ କେହି ସଂହାର କରିପାରେ ନାହିଁ, ଆପଣ ଜଗତର ଆଦି, କିନ୍ତୁ ଆପଣଙ୍କର କେହି ଆଦି ନାହାନ୍ତି, ଆପଣ ଜଗତର ପ୍ରଭୁ, ଆପଣଙ୍କର କେହି ପ୍ରଭୁ ନାହାନ୍ତି । ୯

ହେ ଭଗବାନ୍, ଆପଣ ନିଜକୁ ନିଜଦ୍ୱାରା ଜାଣନ୍ତି, ନିଜକୁ ନିଜ-ଦ୍ୱାରା ସୃଜନ କରନ୍ତି, ପୁଣି ସଂସାରର ସୃଷ୍ଟି କାର୍ଯ୍ୟ ସରିଲେ ନିଜକୁ ନିଜଠାରେ ବିଲୀନ କରନ୍ତି । ୧୦

ହେ ଭଗବାନ୍, ଆପଣ ତରଳ, ଆପଣ ନିବିଡ କଠିନ ; ଆପଣ ସ୍ଥୂଳ, ଆପଣ ସୂକ୍ଷ୍ମ ; ଆପଣ କ୍ଷୁଦ୍ର, ଆପଣ ବିରାଟ ; ଆପଣ ବ୍ୟକ୍ତ, ଆପଣ ଅବ୍ୟକ୍ତ । ଏହିପରି ଐଶ୍ୱର୍ଯ୍ୟରେ ଆପଣ ସ୍ୱଚ୍ଛନ୍ଦବିହାରୀ ଅଟନ୍ତି । ୧୧

ହେ ଭଗବାନ୍, ଯାହାର ଆରମ୍ଭ ହେଉଛି ଓଁକାର, ତିନି ସ୍ୱରରେ (ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତରେ) ଯାହାର ଉଚ୍ଚାରଣ, ଯାହାର ପ୍ରତି-ପାଦ୍ୟ କର୍ମ ହେଉଛି ଯଜ୍ଞ ଏବଂ ଯାହାର ଫଳ ହେଉଛି ସ୍ୱର୍ଗଲାଭ, ଆପଣ ସେହି ବାଣୀର (ବେଦର) ଉତ୍ପତ୍ତିସ୍ଥଳ ଅଟନ୍ତି । ୧୨

ହେ ଭଗବାନ, ଆପଣଙ୍କୁ 'ପ୍ରକୃତି' ବୋଲି କହନ୍ତି, ଯେଉଁ ପ୍ରକୃତି ପୁରୁଷାର୍ଥ (ଧର୍ମ, ଅର୍ଥ, କାମ, ମୋକ୍ଷ) ପ୍ରତି ପ୍ରବୃତ୍ତ କରାଏ । ପୁଣି ଆପଣଙ୍କୁ 'ପୁରୁଷ' ବୋଲି କହନ୍ତି, ଯେଉଁ ପୁରୁଷ ହେଉଛି ପ୍ରକୃତିର ନିର୍ଲିପ୍ତ ଦର୍ଶକ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

त्वं पितृणामपि पिता देवानामपि देवता ।
परतोऽपि परश्चासि विधाता वेधसामपि ॥ १४
ତ୍ୱଂ ପିତୃଣାମପି ପିତା ଦେବାନାମପି ଦେବତା ।
ପରତୋଽପି ପରଶ୍ଚାସି ବିଧାତା ବେଧସାମପି ॥ ୧୪

त्वमेव हव्यं होता च भोज्यं भोक्ता च शाश्वतः ।
वेद्यं च वेदिता चासि ध्याता ध्येयं च यत् परम् ॥ १५
ତ୍ୱମେବ ହବ୍ୟଂ ହୋତା ଚ ଭୋଜ୍ୟଂ ଭୋକ୍ତା ଚ ଶାଶ୍ୱତଃ ।
ବେଦ୍ୟଂ ଚ ବେଦିତା ଚାସି ଧ୍ୟାତା ଧ୍ୟେୟଂ ଚ ଯତ୍ ପରମ୍ ॥୧୫

इति तेभ्यः स्तुतीः श्रुत्वा यथार्था हृदयंगमाः ।
पसादाभिमुखो वेधाः प्रत्युवाच दिवौकसः ॥ १६
ଇତି ତେଭ୍ୟଃ ସ୍ତୁତୀଃ ଶ୍ରୁତ୍ୱା ଯଥାର୍ଥା ହୃଦୟଂଗମାଃ ।
ପ୍ରସାଦାଭିମୁଖୋ ବେଧାଃ ପ୍ରତ୍ୟୁବାଚ ଦିବୌକସଃ ॥ ୧୬

पुराणस्य कवेस्तस्य चतुर्मुखसमीरिता ।
प्रवृत्तिरासीच्छब्दानां चरितार्था चतुष्टयी ॥ १७
ପୁରାଣସ୍ୟ କବେସ୍ତସ୍ୟ ଚତୁର୍ମୁଖସମୀରିତା ।
ପ୍ରବୃତ୍ତିରାସୀଚ୍ଛବ୍ଦାନାଂ ଚରିତାର୍ଥା ଚତୁଷ୍ଟୟୀ ॥ ୧୭

स्वागतं स्वानधिकारान् प्रभावैरवलम्ब्य वः ।
युगपद् युगबाहुभ्यः प्राप्तेभ्यः प्राज्यविक्रमाः ॥ १८
ସ୍ୱାଗତଂ ସ୍ୱାନଧିକାରାନ୍ ପ୍ରଭାବୈରବଲମ୍ବ୍ୟ ବଃ ।
ଯୁଗପଦ୍ ଯୁଗବାହୁଭ୍ୟଃ ପ୍ରାପ୍ତେଭ୍ୟଃ ପ୍ରାଜ୍ୟବିକ୍ରମାଃ ॥ ୧୮

किमिदं द्युतिमात्मीयां न बिभ्रति यथा पुरा ।
हिमक्लिष्टप्रकाशानि ज्योतींषीव मुखानि वः ॥ १९
କିମିଦଂ ଦ୍ୟୁତିମାତ୍ମୀୟାଂ ନ ବିଭ୍ରତି ଯଥା ପୁରା ।
ହିମକ୍ଲିଷ୍ଟପ୍ରକାଶାନି ଜ୍ୟୋତୀଂଷୀବ ମୁଖାନି ବଃ ॥ ୧୯

प्रशमादर्चिषामेतदनुद्गीर्णसुरायुधम् ।
वृत्रस्य हन्तुः कुलिशं कुण्ठिताश्रीव लक्ष्यते ॥ २०
ପ୍ରଶମାଦର୍ଚ୍ଚିଷାମେତଦନୁଦ୍‌ଗୀର୍ଣ୍ଣସୁରାୟୁଧମ୍ ।
ବୃତ୍ରସ୍ୟ ହନ୍ତୁଃ କୁଳିଶଂ କୁଣ୍ଠିତାଶ୍ରୀବ ଲକ୍ଷ୍ୟତେ ॥ ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆପଣ ପିତାମାନଙ୍କର ପିତା, ଦେବତାମାନଙ୍କର ଦେବତା, ଶ୍ରେଷ୍ଠମାନଙ୍କ ଉପରେ ଶ୍ରେଷ୍ଠ ଏବଂ ବିଧାତାମାନଙ୍କ ଉପରେ ବିଧାତା ଅଟନ୍ତି । ୧୪

ଆପଣ ହୋମ ଉପକରଣ, ଆପଣ ହୋମକର୍ତ୍ତା; ଆପଣ ଭୋଜ୍ୟ-ସାମଗ୍ରୀ, ଆପଣ ଭୋଜନକର୍ତ୍ତା; ଆପଣ ଜ୍ଞେୟ,ଆପଣ ଜ୍ଞାତା ; ଆପଣ ପରମ ଧ୍ୟେୟ, ଆପଣ ପରମ ଧ୍ୟାନକର୍ତ୍ତା; ଆପଣ ଚିରନ୍ତନ । ” ୧୫

ଏହିପରି ଦେବତାମାନଙ୍କର ଯଥାର୍ଥ, ହୃଦୟଗ୍ରାହୀ ସ୍ତୁତି ଶୁଣି ବ୍ରହ୍ମା ପ୍ରସନ୍ନ ହେଲେ ଏବଂ ସେମାନଙ୍କ ସହିତ ଆଳାପ କଲେ । ୧୬

ଚତୁର୍ବିଧ ଶବ୍ଦ ପ୍ରବୃତ୍ତି (ପରା, ପଶ୍ୟନ୍ତୀ,ମଧ୍ୟମା ଓ ବୈଖରୀ) ସେହି ସର୍ବପ୍ରାଚୀନ କବିଙ୍କର ଚତୁର୍ମୁଖରୁ ନିଃସୃତ ହୋଇ ସାର୍ଥକତା ଲଭ କଲା । ୧୭

ବ୍ରହ୍ମା କହିଲେ—ହେ ପରାକ୍ରମଶାଳୀ ଦୀର୍ଘବାହୁ ଦେବଗଣ, ଆପଣମାନେ ପ୍ରଭବର ସହିତ ନିଜ ନିଜର ଅଧିକାର ଘେନି ସମସ୍ତେ ଏକ ସମୟରେ ଆସି ପହଞ୍ଚିଛନ୍ତି । ଆପଣମାନଙ୍କୁ ମୁଁ ସ୍ୱାଗତ ଜଣାଉଛି । ୧୮

ଆପଣମାନଙ୍କର ମୁଖ ପୂର୍ବପରି ସ୍ୱକୀୟ କାନ୍ତି ଧାରଣ କରି-ନାହିଁ । ହିମ ଋତୁରେ ଜ୍ୟୋତିଷ୍କମାନେ ଯେପରି ମ୍ଳାନ ଭବରେ ପ୍ରକାଶିତ ହୁଅନ୍ତି, ଆପଣମାନଙ୍କର ମୁଖ ସେହିପରି ମ୍ଳାନ ଦିଶୁଅଛି । ଏହାର କାରଣ କ’ଣ ? ୧୯

ଇନ୍ଦ୍ରଙ୍କ ବଜ୍ରର ମୁନ ମୁଣ୍ଡା ହେଲା ପରି ଦେଖାଯାଉଛି । ତାହାର ଜ୍ୟୋତି ଲିଭିଯାଇଛି । ତେଣୁ ସେଥିରେ ଇନ୍ଦ୍ରଧନୁର ଆବିର୍ଭାବ ଘଟୁନାହିଁ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

किञ्चायमरिदुर्वारः पाणौ पाशः प्रचेतसः ।
मन्त्रेण हतवीर्यस्य फणिनो दैन्यमाश्रितः ॥ २१
କିଞ୍ଚାୟମରିଦୁର୍ବାରଃ ପାଣୌ ପାଶଃ ପ୍ରଚେତସଃ ।
ମନ୍ତ୍ରେଣ ହତବୀର୍ଯ୍ୟସ୍ୟ ଫଣିନୋ ଦୈନ୍ୟମାଶ୍ରିତଃ ॥ ୨୧

कुवेरस्य मनःशल्यं शंसतीव पराभवम् ।
अपविद्धगदो बाहुर्भग्नशाख इव द्रुमः ॥ २२
କୁବେରସ୍ୟ ମନଃଶଲ୍ୟଂ ଶଂସତୀବ ପରାଭବମ୍ ।
ଅପବିଦ୍ଧଗଦୋ ବାହୁର୍ଭଗ୍ନଶାଖ ଇବ ଦ୍ରୁମଃ ॥ ୨୨

यमोऽपि विलिखन् भूमिं दण्डेनास्तमितत्विषा ।
कुरुतेऽस्मिन्नमोघेऽपि निर्वाणालातलाघवम् ॥ २३
ଯମୋଽପି ବିଲିଖନ୍ ଭୂମିଂ ଦଣ୍ଡେନାସ୍ତମିତତ୍ୱିଷା ।
କୁରୁତେଽସ୍ମିନ୍ନମୋଘେଽପି ନିର୍ବାଣାଲାତଲାଘବମ୍ ॥ ୨୩

अमी च कथमादित्याः प्रतापक्षतिशीतलाः ।
चित्रन्यस्ता इव गताः प्रकामालोकनीयताम् ॥ २४
ଅମୀ ଚ କଥମାଦିତ୍ୟାଃ ପ୍ରତାପକ୍ଷତିଶୀତଳାଃ ।
ଚିତ୍ରନ୍ୟସ୍ତା ଇବ ଗତାଃ ପ୍ରକାମାଲୋକନୀୟତାମ୍ ॥ ୨୪

पर्याकुलत्वान्मरुतां वेगभङ्गोऽनुमीयते ।
अम्भसामोघसंरोधः प्रतीपगमनादिव ॥ २५
ପର୍ଯ୍ୟାକୁଳତ୍ୱାନ୍ମରୁତାଂ ବେଗଭଙ୍ଗୋଽନୁମୀୟତେ ।
ଅମ୍ଭସାମୋଘସଂରୋଧଃ ପ୍ରତୀପଗମନାଦିବ ॥ ୨୫

आवर्जित-जटामौलि-विलम्बि-शशिकोटयः ।
रुद्राणामपि मूर्द्धानः क्षतहुंकारशंसिनः ॥ २६
ଆବର୍ଜିତ ଜଟାମୌଳି-ବିଲମ୍ବି-ଶଶିକୋଟୟଃ ।
ରୁଦ୍ରାଣାମପି ମୂର୍ଦ୍ଧାନଃ କ୍ଷତହୁଂକାରଶଂସିନଃ ॥ ୨୬

लब्धप्रतिष्ठाः प्रथमं यूयं किं बलवत्तरैः ।
अपवादैरिवोत्सर्गाः कृतव्यावृत्तयः परैः ॥ २७
ଲବ୍ଧପ୍ରତିଷ୍ଠାଃ ପ୍ରଥମଂ ଯୂୟଂ କିଂ ବଳବତ୍ତରୈଃ ।
ଅପବାଦୈରିବୋତ୍ସର୍ଗାଃ କୃତବ୍ୟାବୃତ୍ତୟଃ ପରୈଃ ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଉ ମଧ୍ୟ, ବରୁଣ ହାତରେ ଯେଉଁ ପାଶ-ଅସ୍ତ୍ର ଧରିଛନ୍ତି, ଯାହାକୁ କି ଶତ୍ରୁମାନେ କଦାପି ପ୍ରତିହତ କରିପାରନ୍ତି ନାହିଁ, ତାହାର ଅବସ୍ଥା ମନ୍ତ୍ର-ଦ୍ୱାରା ହୀନବୀର୍ଯ୍ୟ ହୋଇଥିବା ସର୍ପର ଅବସ୍ଥା ଭଳି ଶୋଚନୀୟ ଦିଶୁଅଛି । ୨୧

କୁବେରଙ୍କ ହାତରେ ଗଦା ନାହିଁ । ତେଣୁ ତାଙ୍କର ବାହୁ ଶାଖା ଭଙ୍ଗି ପଡ଼ିଥିବା ବୃକ୍ଷ ପରି ବୋଧ ହେଉଛି ଏବଂ ସୂଚନା ଦେଉଛି ଯେ, ସେ ମନ ଭିତରେ ଶଲ୍ୟସମାନ ଅବଜ୍ଞା ଅନୁଭବ କରୁଛନ୍ତି । ୨୨

ଯମଙ୍କ ଦଣ୍ଡ-ଅସ୍ତ୍ରର ମଧ୍ୟ ତେଜ ନଷ୍ଟ ହୋଇ ଯାଇଛି । ତାହାକୁ ସେ ନିଆଁ ଲିଭିଯାଇଥିବା ନିଆଁଖୁଣ୍ଟା ପରି ଅନାଦର ଭବରେ ଧରି ଭୂମି ଉଖୁରଉଛନ୍ତି । ୨୩

ଏହି ଆଦିତ୍ୟଗଣ (ଦ୍ୱାଦଶ ସୂର୍ଯ୍ୟ) ଚିତ୍ରପଟରେ ଅଙ୍କିତ ଆଦିତ୍ୟଗଣଙ୍କ ଭଳି ଦିଶୁଛନ୍ତି । ଏମାନଙ୍କ ଆଡକୁ ମନଇଚ୍ଛା ଚାହିଁ ହେଉଛି । କାରଣ, ତାପଶକ୍ତି କ୍ଷୟ ହୋଇ ଯାଇଥିବାରୁ ଏମାନେ ଶୀତଳ ହୋଇ-ଯାଇଛନ୍ତି । ୨୪

ସମ୍ମୁଖରେ ପାହାଡ଼ ବା ଅନ୍ୟ କୌଣସି ପ୍ରତିବନ୍ଧକ ପଡିଲେ ଜଳପ୍ରବାହର ବେଗ ଯେପରି ରୁଦ୍ଧ ହୁଏ, ବାୟୁର ବେଗ ସେହିପରି ରୁଦ୍ଧ ହେଲା ଭଳି ବୋଧ ହେଉଛି । ୨୫

ରୁଦ୍ରମାନଙ୍କର (ଏକାଦଶ ରୁଦ୍ରଙ୍କର) ଜଟାଜୁଟମଣ୍ଡିତ ମସ୍ତକ ଅବନତ ହୋଇଥିବାରୁ ଚନ୍ଦ୍ରରେଖା ଗୁଡ଼ିକ ତଳକୁ ଲମ୍ବି ପଡ଼ିଛନ୍ତି । ଏହାଦ୍ୱାରା ସେମାନଙ୍କର ହୁଙ୍କାର ଶକ୍ତି ନଷ୍ଟ ହୋଇଯାଇଥିବାର ସୂଚନା ମିଳୁଛି । (ରୁଦ୍ରମାନଙ୍କର ଅସ୍ତ୍ର ହୁଙ୍କାର) ୨୬

ଆପଣମାନେ ପ୍ରଥମେ ଲବ୍‌ଧପ୍ରତିଷ୍ଠ ଥିଲେ । ପରେ, ବିଶେଷ ଶାସ୍ତ୍ର ଦ୍ୱାରା ସାଧାରଣ ଶାସ୍ତ୍ର ହୀନପ୍ରଭବ ହୋଇଗଲା ଭଳି ଆପଣମାନେ କ'ଣ ଅଧିକ ବଳଶାଳୀ ଶତ୍ରୁମାନଙ୍କ ନିକଟରେ ହୀନବଳ ହୋଇ-ଯାଇଛନ୍ତି ? ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तद् ब्रूत वत्साः किमितः प्रार्थयध्वं समागताः ।
मयि सृष्टिर्हि लोकानां रक्षा युष्मास्ववस्थिता ॥ २८
ତଦ୍ ବ୍ରୂତ ବତ୍ସାଃ କିମିତଃ ପ୍ରାର୍ଥୟଧ୍ୱଂ ସମାଗତାଃ ।
ମୟି ସୃଷ୍ଟିର୍ହି ଲୋକାନାଂ ରକ୍ଷା ଯୁଷ୍ମାସ୍ୱବସ୍ଥିତା ॥ ୨୮

ततो मन्दानिलोद्धत-कमलाकर-शोभिना ।
गुरुं नेत्रसहस्रेण चोदयामास वासवः ॥ २९
ତତୋ ମନ୍ଦାନିଲୋଦ୍ଧତ-କମଳାକର-ଶୋଭିନା ।
ଗୁରୁଂ ନେତ୍ରସହସ୍ରେଣ ଚୋଦୟାମାସ ବାସବଃ ॥ ୨୯

स द्विनेत्रं हरेश्चक्षुः सहस्रनयनाधिकम् ।
वाचस्पतिरुवाचेदं प्राञ्जलिर्जलजासनम् ॥ ३०
ସ ଦ୍ୱିନେତ୍ରଂ ହରେଶ୍ଚକ୍ଷୁଃ ସହସ୍ରନୟନାଧିକମ୍ ।
ବାଚସ୍ପତିରୁବାଚେଦଂ ପ୍ରାଞ୍ଜଳିର୍ଜଳଜାସନମ୍ ॥ ୩୦

एवं यदात्थ भगवन्नामृष्टं नः परैः पदम् ।
प्रत्येकं विनियुक्तात्मा कथं न ज्ञास्यसि प्रभो ॥ ३१
ଏବଂ ଯଦାତ୍ଥ ଭଗବନ୍ନାମୃଷ୍ଟଂ ନଃ ପରୈଃ ପଦମ୍ ।
ପ୍ରତ୍ୟେକଂ ବିନିଯୁକ୍ତାତ୍ମା କଥଂ ନ ଜ୍ଞାସ୍ୟସି ପ୍ରଭୋ ॥ ୩୧

भवल्लब्धवरोदीर्णस्तारकाख्यो महासुरः ।
उपप्लवाय लोकानां धूमकेतुरिवोत्थितः ॥ ३२
ଭବଲ୍ଲବ୍ଧବରୋଦୀର୍ଣ୍ଣସ୍ତାରକାଖ୍ୟୋ ମହାସୁରଃ ।
ଉପପ୍ଲବାୟ ଲୋକାନାଂ ଧୂମକେତୁରିବୋତ୍ଥିତଃ ॥ ୩୨

पुरे तावन्तमेवास्य तनोति रविरातपम् ।
दीर्घिकाकमलोन्मेषो यावन्मात्रेण साध्यते ॥ ३३
ପୁରେ ତାବନ୍ତମେବାସ୍ୟ ତନୋତି ରବିରାତପମ୍ ।
ଦୀର୍ଘିକାକମଳୋନ୍ମେଷୋ ଯାବନ୍ମାତ୍ରେଣ ସାଧ୍ୟତେ ॥ ୩୩

सर्वाभिः सर्वदा चन्द्रस्तं कलाभिर्निषेवते ।
नादत्ते केवलां लेखां हरचूडामणीकृताम् ॥ ३४
ସର୍ବାଭିଃ ସର୍ବଦା ଚନ୍ଦ୍ରସ୍ତଂ କଳାଭିର୍ନିଷେବତେ ।
ନାଦତ୍ତେ କେବଳାଂ ଲେଖାଂ ହରଚୂଡାମଣୀକୃତାମ୍ ॥ ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୁତ୍ରଗଣ, ତା ହେଲେ କୁହ, ତୁମେମାନେ କଅଣ ଆଶା କରି ମୋ ପାଖକୁ ଆସିଛ ? ମୁଁ ସିନା ଜଗତ ସୃଷ୍ଟି କରିଛି, କିନ୍ତୁ ତାହାର ରକ୍ଷାର ଭର ତୁମମାନଙ୍କ ଉପରେ । " ୨୮

ତା'ପରେ ଇନ୍ଦ୍ର ବୃହସ୍ପତିଙ୍କୁ କିଛି କହିବା ପାଇଁ ସହସ୍ର ଚକ୍ଷୁରେ ସୂଚନା ଦେଲେ । ସେ ଯେତେବେଳେ ସୂଚନା ଦେଲେ, ଧୀର ପବନରେ ପଦ୍ମପୂର୍ଣ୍ଣ ସରୋବର ଯେପରି ଶୋଭପାଏ, ତାଙ୍କର ସହସ୍ରଚକ୍ଷୁବିଶିଷ୍ଟ ଶରୀର ସେହିପରି ଶୋଭ ପାଇଲା । ୨୯

ବୃହସ୍ପତି, ଯେ କି ଇନ୍ଦ୍ରଙ୍କର ସହସ୍ର ଚକ୍ଷୁରୁ ଭିନ୍ନ ଆଉ ଏକ ଦ୍ୱିନେତ୍ରବିଶିଷ୍ଟ ଅତିରିକ୍ତ ଚକ୍ଷୁସ୍ୱରୂପ ଅଟନ୍ତି, ସେ କୃତାଞ୍ଜଳିପୁଟରେ ବ୍ରହ୍ମାଙ୍କୁ କହିଲେ—୩୦

" ହେ ଭଗବାନ୍, ଆପଣ ଯାହାସବୁ କହିଛନ୍ତି, ତାହା ଠିକ୍ । ଆମ୍ଭମାନଙ୍କର ଅଧିକାର ଶତ୍ରୁମାନେ ଛଡାଇ ନେଇଛନ୍ତି । ଆପଣ ତ ସର୍ବବ୍ୟାପୀ, ତେଣୁ ଆପଣ କ'ଣ ଏହା ଜାଣି ନାହାଁନ୍ତି ? ୩୧

ହେ ଭଗବାନ୍, ଆପଣଙ୍କଠାରୁ ବର ପାଇ ତାରକାସୁର ଉଦ୍ଧତ ହୋଇଛି ଏବଂ ଧୂମକେତୁ ପରି ଅଭ୍ୟୁଦୟ ଲଭ କରି ଜଗତରେ ଉପଦ୍ରବ ବିସ୍ତାର କରୁଛି । ୩୨

ତା'ର ପ୍ରାସାଦର ସରୋବରମାନଙ୍କରେ ଯେତିକି କିରଣରେ ପଦ୍ମ-ଫୁଲ ବିକଶିତ ହୋଇପାରିବ, ସୂର୍ଯ୍ୟ ସେତିକି ମାତ୍ର କିରଣ ବିକିରଣ କରୁଛନ୍ତି । ୩୩

ଚନ୍ଦ୍ର କେବଳ ଶିବଙ୍କ ମସ୍ତକସ୍ଥିତ କଳାଟିକୁ ଛାଡ଼ି, ଅନ୍ୟ ସମସ୍ତ କଳାରେ ସର୍ବଦା ପରିପୂର୍ଣ୍ଣ ହୋଇ ତାରକାସୁରର ସେବା କରୁଛନ୍ତି । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

व्यावृत्तगतिरुद्याने कुसुमस्तेयसाध्वसात् ।
न वाति वायुस्तत्पार्श्वे तालवृन्तानिलाधिकम् ।। ३५
ବ୍ୟାବୃତ୍ତଗତିରୁଦ୍ୟାନେ କୁସୁମସ୍ତେୟସାଧ୍ୱସାତ୍ ।
ନ ବାତି ବାୟୁସ୍ତତ୍ପାର୍ଶ୍ୱେ ତାଳବୃନ୍ତାନିଳାଧିକମ୍ ।। ୩୫

पर्यायसेवामुत्सृज्य पुष्पसंभारतत्पराः ।
उद्यानपालसामान्यमृतवस्तमुपासते ॥ ३६
ପର୍ଯ୍ୟାୟସେବାମୁତ୍ସୃଜ୍ୟ ପୁଷ୍ପସମ୍ଭାରତତ୍ପରାଃ ।
ଉଦ୍ୟାନପାଳସାମାନ୍ୟମୃତବସ୍ତମୁପାସତେ ।। ୩୬

तस्योपायनयोग्यानि रत्नानि सरितां पतिः ।
कथमप्यम्भसामन्त रानिष्पत्तेः प्रतीक्षते ॥ ३७
ତସ୍ୟୋପାୟନଯୋଗ୍ୟାନି ରତ୍ନାନି ସରିତାଂ ପତିଃ ।
କଥମପ୍ୟମ୍ଭସାମନ୍ତ ରାନିଷ୍ପତ୍ତେଃ ପ୍ରତୀକ୍ଷତେ ।। ୩୭

ज्वलन्मणिशिखाश्चैनं वासुकिप्रमुखा निशि ।
स्थिरप्रदीपतामेत्य भुजङ्गाः पर्युपासते ।। ३८
ଜ୍ୱଳନ୍ମଣିଶିଖାଶ୍ଚୈନଂ ବାସୁକିପ୍ରମୁଖା ନିଶି ।
ସ୍ଥିରପ୍ରଦୀପତାମେତ୍ୟ ଭୁଜଙ୍ଗାଃ ପର୍ଯ୍ୟୁପାସତେ ।। ୩୮

तत्कृतानुग्रहापेक्षी तं मुहुर्दूतहारितैः ।
अनुकूलयतीन्द्रोऽपि कल्पद्रुमविभूषणैः ।। ३९
ତତ୍କୃତାନୁଗ୍ରହାପେକ୍ଷୀ ତଂ ମୁହୁର୍ଦୂତହାରିତୈଃ ।
ଅନୁକୂଳୟତୀନ୍ଦ୍ରୋଽପି କଳ୍ପଦ୍ରୁମବିଭୂଷଣୈଃ ।। ୩୯

इत्थमाराध्यमानोऽपि क्लिश्नाति भुवनत्रयम् ।
शाम्येत् प्रत्यपकारेण नोपकारेण दुर्जनः ।। ४०
ଇତ୍ଥମାରାଧ୍ୟମାନୋଽପି କ୍ଲିଶ୍ନାତି ଭୁବନତ୍ରୟମ୍ ।
ଶାମ୍ୟେତ୍ ପ୍ରତ୍ୟପକାରେଣ ନୋପକାରେଣ ଦୁର୍ଜନଃ ।। ୪୦

तेनामरवधूहस्तैः सदयालूनपल्लवाः ।
अभिज्ञाश्छेदपातानां क्रियन्ते नन्दनद्रुमाः । ४१
ତେନାମରବଧୂହସ୍ତୈଃ ସଦୟାଲୂନପଲ୍ଲବାଃ
ଅଭିଜ୍ଞାଶ୍ଛେଦପାତାନାଂ କ୍ରିୟନ୍ତେ ନନ୍ଦନଦ୍ରୁମାଃ ।। ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପବନ ଫୁଲଗୁଡ଼ିକ ବିଚ୍ଛିନ୍ନ ହେବା ଭୟରେ ତା' ଉଦ୍ୟାନରେ ସ୍ୱଚ୍ଛନ୍ଦରେ ବହୁନାହାଁନ୍ତି । ଆଉ ମଧ୍ୟ, ବିଞ୍ଚଣାରେ ବିଞ୍ଚିଲେ ଯେତିକି ବେଗରେ ପବନ ସଂଚରିତ ହୁଏ, ତାରକାସୁର ନିକଟରେ ସେ ସେତିକି ମାତ୍ର ବେଗରେ ବହୁଛନ୍ତି । ୩୫

ଋତୁମାନେ ଏକ ପରେ ଏକ ନ ଆସି ସମସ୍ତେ ଏକ ସମୟରେ ନିଜ-ନିଜର ପୁଷ୍ପସମ୍ଭାର ଘେନି ଆସୁଛନ୍ତି ଏବଂ ଉଦ୍ୟାନର ମାଳୀ ପରି ସର୍ବଦା ତାର ସେବା କରୁଛନ୍ତି । ୩୬

ତାକୁ ଉପହାର ଦିଆଯିବାର ଉପଯୁକ୍ତ ରତ୍ନଗୁଡ଼ିକ କିପରି ଜଳ ଭିତରେ ଶୀଘ୍ର ଶୀଘ୍ର ପରିପକ୍ୱ ହେବ, ସେଥିପାଇଁ ସମୁଦ୍ର ବଡ଼ କଷ୍ଟରେ ଅପେକ୍ଷା କରି ରହୁଛନ୍ତି । (ରତ୍ନଗୁଡ଼ିକ ପରିପକ୍ୱ ହେଲାମାତ୍ରେ ସମୁଦ୍ର ସେ-ଗୁଡ଼ିକୁ ତାରକାସୁର ନିକଟରେ ଅର୍ପଣ କରୁଛନ୍ତି ।) ୩୭

ରାତିରେ ବାସୁକି ପ୍ରମୁଖ ସର୍ପଗଣ ନିଜ ନିଜ ଫଣାମଣିଦ୍ୱାରା ଆଲୋକ ପ୍ରଦାନ କରି ବାୟୁରେ ନ ଲିଭିବା ପ୍ରଦୀପର କାର୍ଯ୍ୟ କରୁଛନ୍ତି ଏବଂ ଏହିପରି ଭାବରେ ତା'ର ସେବାରେ ଲାଗିଛନ୍ତି । ୩୮

ଇନ୍ଦ୍ର ମଧ୍ୟ ତା ଠାରୁ ଅନୁଗ୍ରହ ପାଇବା ଆଶାରେ ବାରମ୍ବାର ଦୂତ ହସ୍ତରେ କଳ୍ପବୃକ୍ଷର ପୁଷ୍ପ ଅଣାଇ ତାକୁ ପ୍ରସନ୍ନ କରୁଛନ୍ତି । ୩୯

ଏହିପରି ଆରାଧିତ ହେଉଥିଲେ ମଧ୍ୟ ତାରକାସୁର ତ୍ରିଭୁବନକୁ ଉତ୍ପୀଡ଼ିତ କରୁଛି । ଦୁର୍ଜନକୁ ସାଧ୍ୟ କରାଯାଇ ପାରେ ଅପକାର ବିନି-ମୟରେ ଅପକାର କରି, ଉପକାର ଦ୍ୱାରା ନୁହେଁ । ୪୦

ନନ୍ଦନବନର ବୃକ୍ଷଗୁଡ଼ିକରୁ ଦେବାଙ୍ଗନାମାନେ ମଧ୍ୟ (ଭୂଷଣ ଉଦ୍ଦେଶ୍ୟରେ) ସଦୟ ଭାବରେ ପତ୍ର ଛିଣ୍ଡାନ୍ତି । କିନ୍ତୁ ଏବେ ସେହି ଗଛ-ଗୁଡ଼ିକରୁ ତାରକାସୁର ଦ୍ୱାରା ନିଷ୍ଠୁରଭାବରେ ପତ୍ର ଛିଣ୍ଡା ହୋଇ ଫିଙ୍ଗା-ହେଉଛି । ବୃକ୍ଷଗୁଡ଼ିକ ତଜ୍ଜନିତ କଷ୍ଟ ଅନୁଭବ କରୁଛନ୍ତି । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वीज्यते स हि संसुप्तः श्वाससाधारणानिलैः ।
चामरैः सुरवन्दीनां बाष्पसीकरवर्षिभिः ॥ ४२
ବୀଜ୍ୟତେ ସ ହି ସଂସୁପ୍ତଃ ଶ୍ୱାସସାଧାରଣାନିଲୈଃ ।
ଚାମରୈଃ ସୁରବନ୍ଦୀନାଂ ବାଷ୍ପସୀକରବର୍ଷିଭିଃ ॥ ୪୨

उत्पाट्य मेरुशृङ्गाणि क्षुण्णानि हरितां खुरैः ।
आक्रीडपर्वतास्तेन कल्पिताः स्वेषु वेश्मसु ॥ ४३
ଉତ୍ପାଟ୍ୟ ମେରୁଶୃଙ୍ଗାଣି କ୍ଷୁଣ୍ଣାନି ହରିତାଂ ଖୁରୈଃ ।
ଆକ୍ରୀଡପର୍ବତାସ୍ତେନ କଳ୍ପିତାଃ ସ୍ୱେଷୁ ବେଶ୍ମସୁ ॥ ୪୩

मन्दाकिन्याः पयः शेषं दिग्वारणमदाविलम् ।
हेमाम्भोरुहसस्यानां तद्वाप्यो धाम सांप्रतम् ॥ ४४
ମନ୍ଦାକିନ୍ୟାଃ ପୟଃ ଶେଷଂ ଦିଗ୍‌ବାରଣମଦାବିଲମ୍ ।
ହେମାମ୍ଭୋରୁହସସ୍ୟାନାଂ ତଦ୍‌ବାପ୍ୟୋ ଧାମ ସାଂପ୍ରତମ୍ ॥ ୪୪

भुवनालोकनप्रीतिः स्वर्गिभिर्नानुभूयते ।
खिलीभूते विमानानां तदापातभयात् पथि ॥ ४५
ଭୁବନାଲୋକନପ୍ରୀତିଃ ସ୍ୱର୍ଗିଭିର୍ନାନୁଭୂୟତେ ।
ଖିଲୀଭୂତେ ବିମାନାନାଂ ତଦାପାତଭୟାତ୍ ପଥି ॥ ୪୫

यज्वभिः संभृतं हव्यं विततेष्वध्वरेषु सः ।
जातवेदोमुखान्मायी मिषतामाच्छिनत्ति नः ॥ ४६
ଯଜ୍ୱଭିଃ ସଂଭୃତଂ ହବ୍ୟଂ ବିତତେଷ୍ୱଧ୍ୱରେଷୁ ସଃ ।
ଜାତବେଦୋମୁଖାନ୍‌ମାୟୀ ମିଷତାମାଚ୍ଛିନତ୍ତି ନଃ ॥ ୪୬

उच्चैरुच्चैःश्रवास्तेन हयरत्नमहारि च ।
देहबद्धमिवेन्द्रस्य चिरकालार्जितं यशः ॥ ४७
ଉଚ୍ଚୈରୁଚ୍ଚୈଃଶ୍ରବାସ୍ତେନ ହୟରତ୍ନମହାରି ଚ ।
ଦେହବଦ୍ଧମିବେନ୍ଦ୍ରସ୍ୟ ଚିରକାଳାର୍ଜିତଂ ଯଶଃ ॥ ୪୭

तस्मिन्नुपायाः सर्वे नः क्रूरे प्रतिहतक्रियाः ।
वीर्यवन्त्यौषधानीव विकारे सान्निपातिके ॥ ४८
ତସ୍ମିନ୍ନୁପାୟାଃ ସର୍ବେ ନଃ କ୍ରୂରେ ପ୍ରତିହତକ୍ରିୟାଃ ।
ବୀର୍ଯ୍ୟବନ୍ତ୍ୟୌଷଧାନୀବ ବିକାରେ ସାନ୍ନିପାତିକେ ॥ ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାରକାସୁର ଯେତେବେଳେ ଶୟନ କରୁଛି, ଦେବାଙ୍ଗନାମାନେ ତାଙ୍କୁ ଚାମରରେ ବିଞ୍ଚି ଦେଉଛନ୍ତି । ସେମାନଙ୍କର ନିଃଶ୍ୱାସପବନ ଚାମର-ପବନ ସହିତ ସମାନ ହୋଇଯାଉଛି । ଆଖିରୁ ଝରୁଛି ବିନ୍ଦୁ ବିନ୍ଦୁ ଅଶ୍ରୁ । ୪୨

ମେରୁ ପର୍ବତର ଶୃଙ୍ଗଗୁଡ଼ିକ ସୂର୍ଯ୍ୟଙ୍କ ଅଶ୍ୱମାନଙ୍କ ଖୁରରେ ଅଳ୍ପ-ଅଳ୍ପ ଖୋଳି ହୋଇଥାଏ ମାତ୍ର । କି ରକାସୁର ସେଗୁଡ଼ିକୁ ଉତ୍ପାଟନ କରି ନିଜ ପ୍ରାସାଦରେ ନେଇ କ୍ରୀଡ଼ା ପର୍ବତ କରିଛି । ୪୩

ଯାହାର ଜଳ ଦିଗ୍‌ଗଜମାନଙ୍କ ମଦଜଳଦ୍ୱାରା ଆବିଳ ହୁଏ, ସେହି ସ୍ୱର୍ଗଗଙ୍ଗାର ବର୍ତ୍ତମାନ ଜଳମାତ୍ର ଅବଶିଷ୍ଟ ଅଛି । ତାହାର ଯେତେ ସୁବର୍ଣ୍ଣପଦ୍ମ-ସମ୍ଭାର, ସେ ସମସ୍ତ ଅଛି ତାରକାସୁରର ସରୋବରମାନଙ୍କରେ । ୪୪

ତାରକାସୁର କାଳେ ଆସିଯିବ, ଏହି ଭୟରେ ଦେବତାମାନେ ଆଉ ବ୍ୟୋମଯାନରେ ଯାତାୟାତ କରୁନାହାଁନ୍ତି । ତେଣୁ ବ୍ୟୋମଯାନପଥ ବର୍ତ୍ତମାନ ଶୂନ୍ୟ ପଡ଼ିଛି । ଦେବତାମାନେ ଆଉ ଅନ୍ୟ ଭୁବନଗୁଡ଼ିକୁ ଦେଖିବାର ଆନନ୍ଦ ପାଉନାହାଁନ୍ତି । ୪୫

ଯଜ୍ଞକର୍ତ୍ତାମାନେ ଯଜ୍ଞାନୁଷ୍ଠାନ କରି ଆମମାନଙ୍କ ଉଦ୍ଦେଶ୍ୟରେ ଅଗ୍ନିରେ ଯେଉଁ ଆହୁତି ପ୍ରଦାନ କରୁଛନ୍ତି, ଆମେମାନେ ଚାହୁଁ ଚାହୁଁ ମାୟାବୀ ଅସୁର ତାହା ଅଗ୍ନି ମୁଖରୁ ଛଡ଼ାଇ ନେଉଛି । ୪୬

ପ୍ରକାଣ୍ଡ ଉଚ୍ଚୈଃଶ୍ରବା ଅଶ୍ୱ, ଯେ କି ଇନ୍ଦ୍ରଙ୍କର ବହୁକାଳରୁ ସ୍ୱୋପାର୍ଜିତ ମୂର୍ତ୍ତିମନ୍ତ ଯଶଃ ସ୍ୱରୂପ, ତାହାକୁ ତାରକାସୁର ଅପହରଣ କରି-ନେଇଛି । ୪୭

ରୋଗର ସନ୍ନିପାତ ଅବସ୍ଥାରେ ଅତି ଶକ୍ତିଶାଳୀ ଔଷଧ ମଧ୍ୟ କିଛି କାମ ଦେଖାଏ ନାହିଁ । ସେହିପରି ନିଷ୍ଠୁର ତାରକାସୁର ନିକଟରେ ଆମମାନଙ୍କର ସମସ୍ତ ପ୍ରତିକାର ବ୍ୟର୍ଥ ହୋଇଛି । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

जयाशा यत्र चास्माकं प्रतिघातोत्थितार्चिषा ।
हरिचक्रेण तेनास्य कण्ठे निष्कमिवार्पितम् ।। ४९
ଜୟାଶା ଯତ୍ର ଚାସ୍ମାକଂ ପ୍ରତିଘାତୋତ୍‌ଥିତାର୍ଚ୍ଚିଷା ।
ହରିଚକ୍ରେଣ ତେନାସ୍ୟ କଣ୍ଠେ ନିଷ୍କମିବାର୍ପିତମ୍ ।। ୪୯

तदीयास्तोयदेष्वद्य पुष्करावर्तकादिषु ।
अभ्यस्यन्ति तटाघातं निर्जितैरावता गजाः ।। ५०
ତଦୀୟାସ୍ତୋୟଦେଷ୍ୱଦ୍ୟ ପୁଷ୍କରାବର୍ତ୍ତକାଦିଷୁ ।
ଅଭ୍ୟସ୍ୟନ୍ତି ତଟାଘାତଂ ନିର୍ଜ୍ଜିତୈରାବତା ଗଜାଃ ।। ୫୦

तदिच्छामो विभो स्रष्टुं सेनान्यं तस्य शान्तये ।
कर्मबन्धच्छिदं धर्मं भवस्येव मुमुक्षवः ।। ५१
ତଦିଚ୍ଛାମୋ ବିଭୋ ସ୍ରଷ୍ଟୁଂ ସେନାନ୍ୟଂ ତସ୍ୟ ଶାନ୍ତୟେ ।
କର୍ମବନ୍ଧଚ୍ଛିଦଂ ଧର୍ମଂ ଭବସ୍ୟେବ ମୁମୁକ୍ଷବଃ ।। ୫୧

गोप्तारं सुरसैन्यानां यं पुरस्कृत्य गोत्रभित् ।
प्रत्यानेष्यति शत्रुभ्यो बन्दीमिव जयश्रियम् ।। ५२
ଗୋପ୍ତାରଂ ସୁରସୈନ୍ୟାନାଂ ଯଂ ପୁରସ୍କୃତ୍ୟ ଗୋତ୍ରଭିତ୍ ।
ପ୍ରତ୍ୟାନେଷ୍ୟତି ଶତ୍ରୁଭ୍ୟୋ ବନ୍ଦୀମିବ ଜୟଶ୍ରିୟମ୍ ।। ୫୨

वचस्यवसिते तस्मिन् ससर्ज गिरमात्मभूः ।
गर्जितानन्तरां वृष्टिं सौभाग्येन जिगाय सा ।। ५३
ବଚସ୍ୟବସିତେ ତସ୍ମିନ୍ ସସର୍ଜ୍ଜ ଗିରମାତ୍ମଭୂଃ ।
ଗର୍ଜ୍ଜିତାନନ୍ତରାଂ ବୃଷ୍ଟିଂ ସୌଭାଗ୍ୟେନ ଜିଗାୟ ସା ।। ୫୩

संपत्स्यते वः कामोऽयं कालः कश्चित् प्रतीक्ष्यताम् ।
न त्वस्य सिद्धौ यास्यामि सर्गव्यापारमात्मना ।। ५४
ସଂପତ୍ସ୍ୟତେ ବଃ କାମୋଽୟଂ କାଳଃ କଶ୍ଚିତ୍ ପ୍ରତୀକ୍ଷ୍ୟତାମ୍ ।
ନ ତ୍ୱସ୍ୟ ସିଦ୍ଧୌ ଯାସ୍ୟାମି ସର୍ଗବ୍ୟାପାରମାତ୍ମନା ।। ୫୪

इतः स दैत्यः प्राप्तश्रीर्नेत एवार्हति क्षयम् ।
विषवृक्षोऽपि संवर्ध्य स्वयं छेत्तुमसांप्रतम् ।। ५५
ଇତଃ ସ ଦୈତ୍ୟଃ ପ୍ରାପ୍ତଶ୍ରୀର୍ନେତ ଏବାର୍ହତି କ୍ଷୟମ୍ ।
ବିଷବୃକ୍ଷୋଽପି ସଂବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାଂପ୍ରତମ୍ ।। ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଷ୍ଣୁଙ୍କ ଚକ୍ର ଉପରେ ଆମମାନଙ୍କର ବିଜୟ-ଭରସା ଥାଏ । କିନ୍ତୁ ସେହି ଚକ୍ର ଯେତେବେଳେ ତାରକାସୁର କଣ୍ଠରେ ଆଘାତ କଲା, ପ୍ରତିଘାତରେ ସେଥିରୁ ସ୍ଫୁଲିଙ୍ଗରାଶି ବିଚ୍ଛୁରିତ ହେଲା ଏବଂ ତାରକାସୁରର କଣ୍ଠରେ ତାହା ଏକ ଭୂଷଣ ସ୍ୱରୂପ ଦେଖାଗଲା । ୪୯

ତା'ର ହସ୍ତୀମାନେ ଐରାବତକୁ ମଧ୍ୟ ଜିଣି, ବର୍ତ୍ତମାନ ପୁଷ୍କର, ଆବର୍ତ୍ତ ପ୍ରଭୃତି ମେଘମାନଙ୍କ ଦେହରେ ଦନ୍ତ ଭୁଷି କ୍ରୀଡା—ଅଭ୍ୟାସ କରୁଛନ୍ତି । ୫୦

ହେ ଭଗବାନ୍, ମୁକ୍ତିକାମୀ ଲୋକ ଯେପରି ସଂସାରପ୍ରବୃତ୍ତିକୁ ଦମନ କରିବା ପାଇଁ କର୍ମବନ୍ଧନଛେଦକ ଧର୍ମ କାମନା କରନ୍ତି, ଆମେମାନେ ସେହିପରି ତାରକାସୁରକୁ ଦମନ କରିବା ପାଇଁ ଜଣେ ସେନାପତି କାମନା କରୁଛୁଁ । ୫୧

ସେହି ସେନାପତିଙ୍କୁ ରକ୍ଷକଭାବେ ଅଗ୍ରଣୀ କରି ଇନ୍ଦ୍ର ବିଜୟଲକ୍ଷ୍ମୀଙ୍କୁ, ଅପହୃତା ରମଣୀକୁ ମୁକ୍ତ କରି ଆଣିଲା ପରି, ଶତ୍ରୁମାନଙ୍କଠାରୁ ମୁକ୍ତ କରି ଆଣି ପାରିବେ । " ୫୨

ଏହିପରି ଭାବରେ ବୃହସ୍ପତିଙ୍କ କଥା ସମାପ୍ତ ହୁଅନ୍ତେ, ମେଘର ମନ୍ଦ୍ରନାଦ-ପରବର୍ତ୍ତୀ ବୃଷ୍ଟି ଯେପରି ଅତ୍ୟନ୍ତ ମଧୁର ବୋଧ ହୁଏ, ତା'ଠାରୁ ଅଧିକ ମଧୁର ଭାବରେ ବ୍ରହ୍ମାଙ୍କ ମୁଖରୁ ବଚନ ନିଃସୃତ ହେଲା—୫୩

" ହେ ଦେବଗଣ, ତୁମମାନଙ୍କର କାମନା ପୂର୍ଣ୍ଣ ହେବ । କିନ୍ତୁ କିଛି ସମୟ ଅପେକ୍ଷା କରିବାକୁ ପଡିବ । ତୁମମାନଙ୍କର ଏହି କାମନା ପୂର୍ଣ୍ଣ କରିବା ପାଇଁ ମୁଁ ନିଜେ ସୃଷ୍ଟିବ୍ୟାପାରରେ ପ୍ରବେଶ କରିବି ନାହିଁ । (ତାରକାସୁରର ନିଧନବ୍ୟାପାରରେ ମୁଁ ନିଜକୁ ନିୟୋଜିତ କରିବି ନାହିଁ ।) ୫୪

ସେହି ଦୈତ୍ୟ ମୋ'ଠାରୁ ଅଭ୍ୟୁଦୟ ଲାଭ କରିଛି, ତେଣୁ ମୋ'ଠାରୁ ବିଲୟ ପାଇବା ଉଚିତ ହେବ ନାହିଁ । କାରଣ, କେହି ସ୍ୱହସ୍ତରେ ବିଷବୃକ୍ଷଟିଏ ମଧ୍ୟ ବଢାଇଥିଲେ ତାକୁ ସ୍ୱହସ୍ତରେ ଛେଦନ କରିବା ତା' ପକ୍ଷରେ ଅନୁଚିତ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वृतं तेनेदमेव प्राङ् मया चास्मै प्रतिश्रुतम् ।
वरेण शमितं लोकानलं दग्धुं हि तत्तपः ।। ५६
ବୃତଂ ତେନେଦମେବ ପ୍ରାଙ୍ ମୟା ଚାସ୍ମୈ ପ୍ରତିଶ୍ରୁତମ୍ ।
ବରେଣ ଶମିତଂ ଲୋକାନଳଂ ଦଗ୍ଧୁଂ ହି ତତ୍ତପଃ ।। ୫୬

संयुगे सांयुगीनं तमुद्यतं प्रसहेत कः ।
अंशादृते निषिक्तस्य नीललोहितरेतसः ।। ५७
ସଂଯୁଗେ ସାୟୁଗୀନଂ ତମୁଦ୍ୟତଂ ପ୍ରସହେତ କଃ ।
ଅଂଶାଦୃତେ ନିଷିକ୍ତସ୍ୟ ନୀଳଲୋହିତରେତସଃ ।। ୫୭

स हि देवः परं ज्योतिस्तमःपारे व्यवस्थितम् ।
परिच्छिन्नप्रभावर्द्धिर्न मया न च विष्णुना ।। ५८
ସ ହି ଦେବଃ ପରଂ ଜ୍ୟୋତିସ୍ତମଃପାରେ ବ୍ୟବସ୍ଥିତମ୍ ।
ପରିଚ୍ଛିନ୍ନପ୍ରଭାବର୍ଦ୍ଧିର୍ନ ମୟା ନ ଚ ବିଷ୍ଣୁନା ।। ୫୮

उमारूपेण ते यूयं संयमस्तिमितं मनः ।
शम्भोर्यतध्वमाक्रष्टुमयस्कान्तेन लोहवत् ।। ५९
ଉମାରୂପେଣ ତେ ଯୂୟଂ ସଂଯମସ୍ତିମିତଂ ମନଃ ।
ଶମ୍ଭୋର୍ଯତଧ୍ୱମାକ୍ରଷ୍ଟୁମୟସ୍କାନ୍ତେନ ଲୋହବତ୍ ।। ୫୯

उभे एव क्षमे वोढुमुभयोर्वीजमाहितम् ।
सा वा शम्भोस्तदीया वा मूर्तिर्जलमयी मम ।। ६०
ଉଭେ ଏବ କ୍ଷମେ ବୋଢୁମୁଭୟୋର୍ବୀଜମାହିତମ୍ ।
ସା ବା ଶମ୍ଭୋସ୍ତଦୀୟା ବା ମୂର୍ତ୍ତିର୍ଜଳମୟୀ ମମ ।।୬୦

तस्यात्मा शितिकण्ठस्य सैनापत्यमुपेत्य वः ।
मोक्ष्यते सुरवन्दीनां वेणीर्वीर्यविभूतिभिः ।। ६१
ତସ୍ୟାତ୍ମା ଶିତିକଣ୍ଠସ୍ୟ ସୈନାପତ୍ୟମୁପେତ୍ୟ ବଃ ।
ମୋକ୍ଷ୍ୟତେ ସୁରବନ୍ଦୀନାଂ ବେଣୀର୍ବୀର୍ଯ୍ୟବିଭୂତିଭିଃ ।। ୬୧

इति व्याहृत्य विबुधान् विश्वयोनिस्तिरोदधे ।
मनस्याहितकर्त्तव्यास्तेऽपि देवा दिवं ययुः ।। ६२
ଇତି ବ୍ୟାହୃତ୍ୟ ବିବୁଧାନ୍ ବିଶ୍ୱଯୋନିସ୍ତିରୋଦଧେ ।
ମନସ୍ୟାହିତକର୍ତ୍ତବ୍ୟାସ୍ତେଽପି ଦେବା ଦିବଂ ଯଯୁଃ ।। ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ଆଗହୁଁ ମୋଠାରୁ (ଦେବତାମାନଙ୍କ ହାତରେ ମରିବ-ନାହିଁ) ଏହି ବର ମାଗିନେଇଛି । ମୁଁ ମଧ୍ୟ ତାକୁ ଏହି ବର ଦେଇସାରିଛି । କାରଣ, ମୁଁ ଯଦି ତାକୁ ଏହି ବର ଦେଇ ନ ଥାନ୍ତି, ତାର ପ୍ରଚଣ୍ଡ ତପସ୍ୟା ସମଗ୍ର ବ୍ରହ୍ମାଣ୍ଡକୁ ଦଗ୍ଧ କରି ଦେଇଥାନ୍ତା । (ବର ପ୍ରଦାନ କରି ମୁଁ ତା'ର ସେହି ତପସ୍ୟାର ଶକ୍ତିକୁ କ୍ଷୟ କରି ଦେଇଛି ।) ୫୬

ସେହି ସଂଗ୍ରାମଦକ୍ଷ ଦୈତ୍ୟ ରଣଭୂମିରେ ଅବତୀର୍ଣ୍ଣ ହେଲେ କିଏ ତା'ର ସମ୍ମୁଖୀନ ହୋଇ ପାରିବ ? ଶିବଙ୍କ ବୀର୍ଯ୍ୟରୁ ରମଣୀ ଗର୍ଭରୁ ଯେଉଁ ସନ୍ତାନ ଜାତ ହେବ, କେବଳ ସେହି ସନ୍ତାନ ସମର୍ଥ ହୋଇ ପାରିବ । ୫୭

ଭଗବାନ୍ ଶଙ୍କର ସକଳ ତମସାର ଅତୀତ, ସୁପ୍ରତିଷ୍ଠିତ ତେଜଃ-ସ୍ୱରୂପ ଅଟନ୍ତି । ମୁଁ କିମ୍ବା ବିଷ୍ଣୁ, କେହି ତାଙ୍କର ପ୍ରଭବ କଳନା କରିବାକୁ ସମର୍ଥ ନୋହୁଁ । ୫୮

ଶିବଙ୍କର ଚିତ୍ତବୃତ୍ତି ବର୍ତ୍ତମାନ ସମ୍ପୂର୍ଣ୍ଣ ନିରୁଦ୍ଧ । ତୁମେମାନେ ପାର୍ବତୀରୂପକ ଚୁମ୍ବକଦ୍ୱାରା ତାଙ୍କର ମନରୂପକ ଲୌହକୁ ଆକର୍ଷଣ କରିବାକୁ ଯତ୍ନ କର । ୫୯

ଶିବଙ୍କର ଓ ମୋର—ଆମ ଉଭୟଙ୍କର ବୀର୍ଯ୍ୟ ବହନ କରିବାକୁ ପାର୍ବତୀ ହିଁ ସମର୍ଥା । ମୋର ବୀର୍ଯ୍ୟ ବହନ କରେ ଜଳ । ଜଳ ପାର୍ବତୀଙ୍କର ମୂର୍ତ୍ତିବିଶେଷ ଛଡ଼ା ଅନ୍ୟ କିଛି ନୁହେଁ । ୬୦

ଶିବଙ୍କର ଆତ୍ମା (ପୁତ୍ର) ହିଁ ତୁମମାନଙ୍କର ସେନାପତି ହୋଇ ଅସୀମ ପରାକ୍ରମର ସହିତ କାରାରୁଦ୍ଧ ଦେବାଙ୍ଗନାମାନଙ୍କର ବେଣୀ ମୁକୁଳା କରାଇ ପାରିବ ।" ୬୧

ବ୍ରହ୍ମା ଦେବତାମାନଙ୍କୁ ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ । ଦେବତାମାନେ ମଧ୍ୟ ଏହାପରେ କ'ଣ କରିବାକୁ ହେବ, ଠିକ୍ କରି ସ୍ୱର୍ଗକୁ ପ୍ରସ୍ଥାନ କଲେ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तत्र निश्चित्य कन्दर्पमगमत् पाकशासनः ।
मनसा कार्यसंसिद्धौ त्वराद्विगुणरंहसा ॥ ६३
ତତ୍ର ନିଶ୍ଚିତ୍ୟ କନ୍ଦର୍ପମଗମତ୍ ପାକଶାସନଃ ।
ମନସା କାର୍ଯ୍ୟସଂସିଦ୍ଧୌ ତ୍ୱରଦ୍ୱିଗୁଣରଂହସା ॥ ୬୩

ଅଥ ସ ଲଳିତଯୋଷିଦ୍‌ଭ୍ରୂଲତାଚାରୁଶୃଙ୍ଗଂ
ରତିବଳୟପଦାଙ୍କେ ଚାପମାସଜ୍ୟ କଣ୍ଠେ ।
ସହଚରମଧୁହସ୍ତନ୍ୟସ୍ତଚୂତାଙ୍କୁରାସ୍ତ୍ରଃ
ଶତମଖମୁପତସ୍ଥେ ପ୍ରାଞ୍ଜଳିଃ ପୁଷ୍ପଧନ୍ୱା ॥ ୬୪

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
मदनागमनो नाम द्वितीयः सर्गः ॥

●

तृतीयः सर्गः

तस्मिन् मघोनस्त्रिदशान् विहाय सहस्रमक्ष्णां युगपत् पपात ।
प्रयोजनापेक्षितया प्रभूणां प्रायश्चलं गौरवमाश्रितेषु ॥ १
ତସ୍ମିନ୍ ମଘୋନସ୍ତ୍ରିଦଶାନ୍ ବିହାୟ ସହସ୍ରମକ୍ଷ୍ଣାଂ ଯୁଗପତ୍ ପପାତ ।
ପ୍ରୟୋଜନାପେକ୍ଷିତୟା ପ୍ରଭୂଣାଂ ପ୍ରାୟଶ୍ଚଳଂ ଗୌରବମାଶ୍ରିତେଷୁ ॥ ୧

स वासवेनासनसंनिकृष्टमितो निषीदेति विसृष्टभूमिः ।
भर्तुः प्रसादं प्रतिनन्द्य मूर्ध्ना वक्तुं मिथः प्राक्रमतैवमेनम् ॥ २
ସ ବାସବେନାସନସଂନିକୃଷ୍ଟମିତୋ ନିଷୀଦେତି ବିସୃଷ୍ଟଭୂମିଃ ।
ଭର୍ତ୍ତୁଃ ପ୍ରସାଦଂ ପ୍ରତିନନ୍ଦ୍ୟ ମୂର୍ଦ୍ଧ୍ନା ବକ୍ତୁଂ ମିଥଃ ପ୍ରାକ୍ରମତୈବମେନମ୍ ॥ ୨

आज्ञापय ज्ञातविशेष पुंसां लोकेषु यत् ते करणीयमस्ति ।
अनुग्रहं संस्मरणप्रवृत्तमिच्छामि संवर्द्धितमाज्ञया ते ॥ ३
ଆଜ୍ଞାପୟ ଜ୍ଞାତବିଶେଷ ପୁଂସାଂ ଲୋକେଷୁ ଯତ୍ ତେ କରଣୀୟମସ୍ତି ।
ଅନୁଗ୍ରହଂ ସଂସ୍ମରଣପ୍ରବୃତ୍ତମିଚ୍ଛାମି ସଂବର୍ଦ୍ଧିତମାଜ୍ଞୟା ତେ ॥ ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ୱର୍ଗରେ ଇନ୍ଦ୍ର କାର୍ଯ୍ୟପନ୍ଥା ସ୍ଥିର କରି କାମଦେବଙ୍କୁ ସ୍ମରଣ କଲେ । କାର୍ଯ୍ୟସାଧନ ଲକ୍ଷ୍ୟରେ ତାଙ୍କ ମନର ବେଗ ଦୁଇଗୁଣ ହୋଇ ଉଠିଲା । ୬୩

ସଙ୍ଗେ ସଙ୍ଗେ କାମଦେବ ଇନ୍ଦ୍ରଙ୍କ ସମ୍ମୁଖରେ ପହଞ୍ଚି କୃତାଞ୍ଜଳି-ପୁଟରେ ଠିଆ ହୋଇଗଲେ । ସେ କଣ୍ଠରେ ଲମ୍ବାଇଥିଲେ ପୁଷ୍ପଧନୁ । ଧନୁର ବକ୍ର ଅଗ୍ରଭାଗଦ୍ୱୟ ସୁନ୍ଦରୀ ତରୁଣୀଙ୍କର ଭ୍ରୂଲତାଦ୍ୱୟ ପରି ଦେଖା-ଯାଉଥିଲା । କଣ୍ଠରେ ଥିଲା ପ୍ରିୟା ରତିଙ୍କର କଙ୍କଣର ଦାଗ । ସାଙ୍ଗରେ ଥିଲା ସଖା ବସନ୍ତ, ଯେ କି ହାତରେ ଆମ୍ବ ବଉଳ ରୂପକ ଶର ଧରିଥିଲା । ୬୪

....

ତୃତୀୟ ସର୍ଗ

ଇନ୍ଦ୍ରଙ୍କର ସହସ୍ର ନେତ୍ର ଦେବତାମାନଙ୍କ ଉପରୁ ଫେରିଆସି ଏକ ସମୟରେ କାମଦେବଙ୍କ ଉପରେ ନିବଦ୍ଧ ହେଲା । ସାଧାରଣତଃ, ଆଶ୍ରିତ-ମାନଙ୍କଠାରେ ପ୍ରଭୁମାନଙ୍କର ଯେଉଁ ଆଦର, ତାହା ପ୍ରୟୋଜନ ଅନୁସାରେ ଅସ୍ଥିର । (ଯାହା ପାଖରେ କାମ, ତାକୁ ହିଁ ପ୍ରଭୁମାନେ ଆଦରଦୃଷ୍ଟିରେ ଦେଖନ୍ତି, କାମ ସରିଗଲେ ତା ଉପରୁ ଦୃଷ୍ଟି ଫେରାଇ ନିଅନ୍ତି । ୧

ଇନ୍ଦ୍ର କାମଦେବଙ୍କୁ ଜନି ଆସନ ନିକଟରେ " ଏଇଠି ବସ " ବୋଲି କହି ବସିବା ପାଇଁ ସ୍ଥାନ ଦେଲେ । କାମଦେବ ମୁନିବଙ୍କର ଅନୁଗ୍ରହକୁ ମସ୍ତକରେ ଗ୍ରହଣ କରି ଏକାନ୍ତରେ କହିଲେ—୨

" ହେ ପ୍ରଭୁ, ଆପଣ ସେବକମାନଙ୍କର ସାମର୍ଥ୍ୟ ଜାଣନ୍ତି । ଆପଣଙ୍କର କେଉଁ କାମ କରିବାର ଅଛି, ମୋତେ ଆଜ୍ଞା ଦିଅନ୍ତୁ । ମୋତେ ସ୍ମରଣ କରି ଆପଣ ମୋ ପ୍ରତି ଯେଉଁ ଅନୁଗ୍ରହ ଦେଖାଇଛନ୍ତି, ମୁଁ ତାହାକୁ ଅଧିକ ବର୍ଦ୍ଧିତ କରିବାକୁ ଚାହେଁ । ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

केनाभ्यसूया पदकाङ्क्षिणा ते नितान्तदीर्घैर्जनिता तपोभिः ।
यावद् भवत्याहितसायकस्य मत्कार्मुकस्यास्य निदेशवर्ती ॥ ४
କେନାଭ୍ୟସୂୟା ପଦକାଙ୍କ୍ଷିଣା ତେ ନିତାନ୍ତଦୀର୍ଘୈର୍ଜନିତା ତପୋଭିଃ ।
ଯାବଦ୍ ଭବତ୍ୟାହିତସାୟକସ୍ୟ ମତ୍କାର୍ମୁକସ୍ୟାସ୍ୟ ନିଦେଶବର୍ତ୍ତୀ ॥ ୪

असम्मतः कस्तव मुक्तिमार्गं पुनर्भवक्लेशभयात् प्रपन्नः ।
बद्धश्चिरं तिष्ठतु सुन्दरीणामारेचितभ्रूचतुरैः कटाक्षैः ॥ ५
ଅସମ୍ମତଃ କସ୍ତବ ମୁକ୍ତିମାର୍ଗଂ ପୁନର୍ଭବକ୍ଳେଶଭୟାତ୍ ପ୍ରପନ୍ନଃ ।
ବଦ୍ଧଶ୍ଚିରଂ ତିଷ୍ଠତୁ ସୁନ୍ଦରୀଣାମାରେଚିତଭ୍ରୂଚତୁରୈଃ କଟାକ୍ଷୈଃ ॥ ୫

अध्यापितस्योशनसापि नीतिं प्रयुक्तरागप्रणिधिर्द्विषस्ते ।
कस्यार्थधर्मौ वद पीडयामि सिन्धोस्तटावोघ इव प्रवृद्धः ॥ ६
ଅଧ୍ୟାପିତସ୍ୟୋଶନସାପି ନୀତିଂ ପ୍ରଯୁକ୍ତରାଗପ୍ରଣିଧିର୍ଦ୍ୱିଷସ୍ତେ ।
କସ୍ୟାର୍ଥଧର୍ମୌ ବଦ ପୀଡୟାମି ସିନ୍ଧୋସ୍ତଟାବୋଘ ଇବ ପ୍ରବୃଦ୍ଧଃ ॥ ୬

कामेकपत्नीव्रतदुःखशीलां लोलं मनश्चारुतया प्रविष्टाम् ।
नितम्बिनीमिच्छसि मुक्तलज्जां कण्ठे स्वयंग्राहनिषक्तबाहुम् ॥ ७
କାମେକପତ୍ନୀବ୍ରତଦୁଃଖଶୀଳାଂ ଲୋଲଂ ମନଶ୍ଚାରୁତୟା ପ୍ରବିଷ୍ଟାମ୍ ।
ନିତମ୍ବିନୀମିଚ୍ଛସି ମୁକ୍ତଲଜ୍ଜାଂ କଣ୍ଠେ ସ୍ୱୟଂଗ୍ରାହନିଷକ୍ତବାହୁମ୍ ॥ ୭

कयासि कामिन् सुरतापराधात् पादानतः कोपनयावधूतः ।
तस्याः करिष्यामि दृढानुतापं प्रवालशय्याशरणं शरीरम् ॥ ८
କୟାସି କାମିନ୍ ସୁରତାପରାଧାତ୍ ପାଦାନତଃ କୋପନୟାବଧୂତଃ ।
ତସ୍ୟାଃ କରିଷ୍ୟାମି ଦୃଢ଼ାନୁତାପଂ ପ୍ରବାଳଶଯ୍ୟାଶରଣଂ ଶରୀରମ୍ ॥ ୮

प्रसीद विश्राम्यतु वीर वज्रं शरैर्मदीयैः कतमः सुरारिः ।
बिभेतु मोघीकृतबाहुवीर्यः स्त्रीभ्योऽपि कोपस्फुरिताऽधराभ्यः ॥ ९
ପ୍ରସୀଦ ବିଶ୍ରାମ୍ୟତୁ ବୀର ବଜ୍ରଂ ଶରୈର୍ମଦୀୟୈଃ କତମଃ ସୁରାରିଃ ।
ବିଭେତୁ ମୋଘୀକୃତବାହୁବୀର୍ଯ୍ୟଃ ସ୍ତ୍ରୀଭ୍ୟୋଽପି କୋପସ୍ଫୁରିତାଽଧରାଭ୍ୟଃ ॥ ୯

तव प्रसादात् कुसुमायुधोऽपि सहायमेकं मधुमेव लब्ध्वा ।
कुर्यां हरस्यापि पिनाकपाणेर्धैर्यच्युतिं के मम धन्विनोऽन्ये ॥ १०
ତବ ପ୍ରସାଦାତ୍ କୁସୁମାୟୁଧୋଽପି ସହାୟମେକଂ ମଧୁମେବ ଲବ୍ଧ୍ୱା ।
କୁର୍ଯ୍ୟାଂ ହରସ୍ୟାପି ପିନାକପାଣେର୍ଧୈର୍ଯ୍ୟଚ୍ୟୁତିଂ କେ ମମ ଧନ୍ୱିନୋଽନ୍ୟେ ॥ ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

" କେହି ଆପଣଙ୍କର ପଦ (ଇନ୍ଦ୍ରପଦ) କାମନା କରି ଦୀର୍ଘକାଳ ହେଲା ତପସ୍ୟା କରୁଛି କି ? କେହି ଆପଣଙ୍କର ପଦ ପାଇଁ ଈର୍ଷା କରୁଛି କି ? ଆପଣ କହନ୍ତୁ, ସେହି ବ୍ୟକ୍ତି ଅଚିରେ ମୋର ଏହି ଶରଯୁକ୍ତ ଧନୁର ଆଜ୍ଞାଧୀନ ହେବ । ୪

"ହେ ପ୍ରଭୁ, ଆପଣ ଯାହାର ମୁକ୍ତିପଥଲଭ ଚାହାଁନ୍ତି ନାହିଁ, ଏପରି କୌଣସି ବ୍ୟକ୍ତି ପୁନର୍ଜନ୍ମ କ୍ଳେଶ ଭୟରେ ମୁକ୍ତିପଥ ଗ୍ରହଣ କରିଛି କି ? ତା ହେଲେ, ସୁନ୍ଦରୀମାନଙ୍କର ଯେଉଁ କଟାକ୍ଷରେ ଭ୍ରୂଲତାଦ୍ୱୟ ଅପୂର୍ବ ନୃତ୍ୟ କରେ, ସେଥିରେ ସେ ଚିରକାଳ ବାନ୍ଧି ହୋଇ ରହୁ । ୫

"ଆପଣଙ୍କର କୌଣସି ଶତ୍ରୁ ଯଦି ସ୍ୱୟଂ ଶୁକ୍ରାଚାର୍ଯ୍ୟଙ୍କଠାରୁ ମଧ୍ୟ ନୀତି-ଉପଦେଶ ଗ୍ରହଣ କରିଥାଏ, ତଥାପି ମୁଁ ଆସକ୍ତି ରୂପକ ମୋ ଚରକୁ ପଠାଇ, ପ୍ରବଳ ଜଳପ୍ରବାହ ଯେପରି ନଦୀର ଦୁଇ ତଟକୁ କ୍ଷୟ କରେ, ସେହିପରି ତାର ଅର୍ଥ ଓ ଧର୍ମକୁ କ୍ଷୟ କରିଦେବି । ୬

" କୌଣସି ସୁନ୍ଦରୀ ତରୁଣୀ ପତିବ୍ରତା, କିନ୍ତୁ ଆପଣ ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତା' ପ୍ରତି ଆସକ୍ତ—ଏପରି ହୋଇଛି କି ? ଯଦି ହୋଇଥାଏ, ତେବେ କହନ୍ତୁ, ସେହି ନିତମ୍ବିନୀ ଲଜ୍ଜାତ୍ୟାଗ କରି ଆପେ ଆପେ ଆସି ବାହୁରେ ଆପଣଙ୍କ କଣ୍ଠ ମଣ୍ଡନ କରିବ । ଆପଣ ଏହା ଚାହାଁନ୍ତି କି ? ୭

" ହେ କାମପ୍ରିୟ, ଆପଣଙ୍କର ଅନ୍ୟ ରମଣୀ ପ୍ରତି ଆସକ୍ତି ହେତୁ କୌଣସି ରମଣୀ ଆପଣଙ୍କର ଉପରେ ରାଗିଥିଲା, ଆପଣ ତା'ର କ୍ରୋଧ ଶାନ୍ତ କରିବା ପାଇଁ ପାଦତଳେ ପଡ଼ିଲେ, ତଥାପି ସେ ଆପଣଙ୍କୁ ତିରସ୍କାର କଲା—ଏପରି ଘଟିଛି କି ? ଯଦି ଘଟିଥାଏ, ମୁଁ ତାକୁ ଏପରି ଅନୁତପ୍ତ କରିଦେବି ଯେ, ସେ କୋମଳ ନବପଲ୍ଲବ ଶଯ୍ୟାର ହିଁ ଶରଣ ନେବ । ୮

" ହେ ବୀର, ଆପଣ ପ୍ରଫୁଲ୍ଲ ରହନ୍ତୁ । ଆପଣଙ୍କର ବଜ୍ର ବିଶ୍ରାମ ନେଉ । ଦେବତାମାନଙ୍କର କୌଣସି ଶତ୍ରୁ ଯଦି ଥାଏ, ତେବେ ମୋ ଶରରେ ତାହାର ବାହୁବୀର୍ଯ୍ୟ ବ୍ୟର୍ଥ ହୋଇଯାଉ ଏବଂ ସେ କ୍ରୋଧରେ ଅଧର ସ୍ପନ୍ଦନ କରୁଥିବା ସ୍ତ୍ରୀମାନଙ୍କୁ ମଧ୍ୟ ଭୟ କରୁ । ୯

" ମୁଁ ପୁଷ୍ପାୟୁଧ ହେଲେହେଁ ଆପଣଙ୍କ ପ୍ରସାଦରୁ ଏକମାତ୍ର ବସନ୍ତକୁ ସହାୟ ରୂପେ ନେଇ ପିନାକପାଣି ଶିବଙ୍କର ମଧ୍ୟ ଧୈର୍ଯ୍ୟଚ୍ୟୁତି କରି ପାରିବି । ଅନ୍ୟ ଧନୁର୍ଦ୍ଧରମାନେ ବା ମୋ ପାଖରେ କଅଣ ?" ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथोरुदेशादवतार्य पादमाक्रान्तिसंभावितपादपीठम् ।
संकल्पितेऽर्थे विवृतात्मशक्तिमाखण्डलः काममिदं बभाषे ॥ ११
ଅଥୋରୁଦେଶାଦବତାର୍ଯ୍ୟ ପାଦମାକ୍ରାନ୍ତିସଂଭାବିତପାଦପୀଠମ୍ ।
ସଂକଳ୍ପିତେଽର୍ଥେ ବିବୃତାତ୍ମଶକ୍ତିମାଖଣ୍ଡଳଃ କାମମିଦଂ ବଭାଷେ ॥ ୧୧

सर्वं सखे त्वय्युपपन्नमेतदुभे ममास्त्रे कुलिशं भवाँश्च ।
वज्रं तपोवीर्यमहत्सु कुण्ठं त्वं सर्वतोगामि च साधकं च ॥ १२
ସର୍ବଂ ସଖେ ତ୍ୱୟ୍ୟୁପପନ୍ନମେତଦୁଭେ ମମାସ୍ତ୍ରେ କୁଳିଶଂ ଭବାଁଶ୍ଚ ।
ବଜ୍ରଂ ତପୋବୀର୍ଯ୍ୟମହତ୍ସୁ କୁଣ୍ଠଂ ତ୍ୱଂ ସର୍ବତୋଗାମି ଚ ସାଧକଂ ଚ ॥ ୧୨

अवैमि ते सारमतः खलु त्वां कार्ये गुरुण्यात्मसमं नियोक्ष्ये ।
व्यादिश्यते भूधरतामवेक्ष्य कृष्णेन देहोद्धरणाय शेषः ॥ १३
ଅବୈମି ତେ ସାରମତଃ ଖଳୁ ତ୍ୱାଂ କାର୍ଯ୍ୟେ ଗୁରୁଣ୍ୟାତ୍ମସମଂ ନିୟୋକ୍ଷ୍ୟେ ।
ବ୍ୟାଦିଶ୍ୟତେ ଭୂଧରତାମବେକ୍ଷ୍ୟ କୃଷ୍ଣେନ ଦେହୋଦ୍ଧରଣାୟ ଶେଷଃ ॥ ୧୩

आशंसता बाणगतिं वृषाङ्के कार्यं त्वया नः प्रतिपन्नकल्पम् ।
निबोध यज्ञांशभुजामिदानीमुच्चैर्द्विषामीप्सितमेतदेव ॥ १४
ଆଶଂସତା ବାଣଗତିଂ ବୃଷାଙ୍କେ କାର୍ଯ୍ୟଂ ତ୍ୱୟା ନଃ ପ୍ରତିପନ୍ନକଳ୍ପମ୍ ।
ନିବୋଧ ଯଜ୍ଞାଂଶଭୁଜାମିଦାନୀମୁଚ୍ଚୈର୍ଦ୍ୱିଷାମୀପ୍ସିତମେତଦେବ ॥ ୧୪

अमी हि वीर्यप्रभवं भवस्य जयाय सेनान्यमुशन्ति देवाः ।
स च त्वदेकेषुनिपातसाध्यो ब्रह्माङ्गभूर्ब्रह्मणि योजितात्मा ॥ १५
ଅମୀ ହି ବୀର୍ଯ୍ୟପ୍ରଭବଂ ଭବସ୍ୟ ଜୟାୟ ସେନାନ୍ୟମୁଶନ୍ତି ଦେବାଃ ।
ସ ଚ ତ୍ୱଦେକେଷୁନିପାତସାଧ୍ୟୋ ବ୍ରହ୍ମାଙ୍ଗଭୂର୍ବ୍ରହ୍ମଣି ଯୋଜିତାତ୍ମା ॥ ୧୫

तस्मै हिमाद्रेः प्रयतां तनूजां यतात्मने रोचयितुं यतस्व ।
योषित्सु तद्वीर्यनिषेकभूमिः सैव क्षमेत्यात्मभुवोपदिष्टम् ॥ १६
ତସ୍ମୈ ହିମାଦ୍ରେଃ ପ୍ରୟତାଂ ତନୂଜାଂ ଯତାତ୍ମନେ ରୋଚୟିତୁଂ ଯତସ୍ୱ ।
ଯୋଷିତ୍ସୁ ତଦ୍ୱୀର୍ଯ୍ୟନିଷେକଭୂମିଃ ସୈବ କ୍ଷମେତ୍ୟାତ୍ମଭୁବୋପଦିଷ୍ଟମ୍ ॥ ୧୬

गुरोर्नियोगाच्च नगेन्द्रकन्या स्थाणुं तपस्यन्तमधित्यकायाम् ।
अन्वास्त इत्यप्सरसां मुखेभ्यः श्रुतं मया मत्प्रणिधिः स वर्गः ॥ १७
ଗୁରୋର୍ନିୟୋଗାଚ୍ଚ ନଗେନ୍ଦ୍ରକନ୍ୟା ସ୍ଥାଣୁଂ ତପସ୍ୟନ୍ତମଧିତ୍ୟକାୟାମ୍ ।
ଅନ୍ୱାସ୍ତ ଇତ୍ୟପ୍ସରସାଂ ମୁଖେଭ୍ୟଃ ଶ୍ରୁତଂ ମୟା ମତ୍ପ୍ରଣିଧିଃ ସ ବର୍ଗଃ ॥ ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାମଦେବ ଇନ୍ଦ୍ରଙ୍କର ସଂକଳ୍ପିତ ବିଷୟଟିରେ ଏହିପରି ନିଜର ଶକ୍ତି ପ୍ରକାଶ କରି ଦିଅନ୍ତେ ଇନ୍ଦ୍ର ଜଙ୍ଘ ଉପରୁ ପାଦ କାଢି ପାଦପୀଠ ଉପରେ ରଖିଲେ ଏବଂ କହିଲେ––୧୧

"ବନ୍ଧୁ, ତୁମେ ଯାହା ସବୁ କହିଲ,ସେ ସମସ୍ତ ଯୋଗ୍ୟତା ତୁମ-ଠାରେ ଅଛି । ମୋର ଦୁଇଟି ଅସ୍ତ୍ର––ବଜ୍ର ଏବଂ ତୁମେ । ତପୋବଳରେ ଯେଉଁମାନେ ବଳୀୟାନ୍, ବଜ୍ର ସେମାନଙ୍କ ନିକଟରେ ବ୍ୟର୍ଥ ହୁଏ । କିନ୍ତୁ ତୁମେ ସର୍ବତ୍ର ଗମନ କରିପାର, ସମସ୍ତଙ୍କୁ ସାଧ୍ୟ କରିପାର । ୧୨

"ହେ ମିତ୍ର, ମୁଁ ତୁମର ଶକ୍ତି ଜାଣେ, ତୁମେ ମୋର ସମସ୍କନ୍ଧ । ତେଣୁ ମୁଁ ତୁମକୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବାକୁ ଚାହେଁ । ଅନନ୍ତ ନାଗର ପୃଥିବୀଧାରଣକ୍ଷମତା ଥିବାରୁ ହିଁ ବିଷ୍ଣୁ ତାଙ୍କୁ ନିଜ ଦେହ-ଧାରଣ କାର୍ଯ୍ୟରେ ନିୟୋଜିତ କରନ୍ତି । ୧୩

"ଶିବଙ୍କ ପ୍ରତି ତୁମେ ତୁମର ଶର ପ୍ରୟୋଗ କରିପାରିବ ବୋଲି କହି ଆମମାନଙ୍କର କାର୍ଯ୍ୟ ପ୍ରାୟ ଗ୍ରହଣ କରିସାରିଛ । ବର୍ତ୍ତମାନ ଜାଣ ଯେ, ଶତ୍ରୁପୀଡ଼ିତ ଦେବତାମାନଙ୍କର ତାହା ହିଁ ହେଉଛି ବାଞ୍ଛିତ କାର୍ଯ୍ୟ । ୧୪

"ଦେବତାମାନେ ତାରକାସୁରକୁ ଜିଣିବା ଉଦ୍ଦେଶ୍ୟରେ ଶିବଙ୍କ ଔରସରୁ ଏକ ସେନାପତି ଚାହାଁନ୍ତି । ସ୍ୱୟଂ ବ୍ରହ୍ମା ଯାହାଙ୍କର ଅଂଶଜାତ, ସେହି ଶିବ ବର୍ତ୍ତମାନ ନିଜକୁ ପରଂବ୍ରହ୍ମରେ ସଂଯୁକ୍ତ କରିଛନ୍ତି । କେବଳ ତୁମରି ଶର ପ୍ରୟୋଗ ଦ୍ୱାରା ତାଙ୍କ ମନରେ ବିକାର ଜାତ କରାଯାଇପାରେ । ୧୫

"ଶିବ ବର୍ତ୍ତମାନ ବିଷୟବାସନାରୁ ନିବୃତ୍ତ । ତାଙ୍କର ମନ ପବିତ୍ରସ୍ୱଭବା ପାର୍ବତୀଙ୍କଠାରେ ଯେପରି ଆସକ୍ତ ହେବ, ସେ ଦିଗରେ ତୁମେ ଯତ୍ନବାନ୍ ହୁଅ । ତାଙ୍କର ବୀର୍ଯ୍ୟ ବହନ କରିବା ପାଇଁ ଅଙ୍ଗନାମାନଙ୍କ ମଧ୍ୟରେ କେବଳ ପାର୍ବତୀ ସମର୍ଥା ; ଏ କଥା ବ୍ରହ୍ମା ଆମମାନଙ୍କୁ କହିଛନ୍ତି । ୧୬

"ଶିବ ହିମାଳୟ-ଅଧିତ୍ୟକାରେ ତପସ୍ୟାରେ ରତ ଅଛନ୍ତି । ପାର୍ବତୀ ନିଜ ପିତାଙ୍କ ନିର୍ଦ୍ଦେଶରେ ଶିବଙ୍କର ସେବା କରୁଛନ୍ତି––ଏକଥା ମୋତେ ଅପ୍‌ସରମାନେ ଜଣାଇଛନ୍ତି । ମୁଁ ଅପ୍‌ସରମାନଙ୍କୁ ସେଠାରେ ଗୁପ୍ତଚର ରୂପେ ରଖିଛି । ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तद्गच्छ सिद्ध्यै कुरु देवकार्यमर्थोऽयमर्थान्तरभाव्य एव ।
अपेक्षते प्रत्ययमुत्तमं त्वां बीजाङ्कुरः प्रागुदयादिवाम्भः ॥ १८
ତଦ୍‌ଗଚ୍ଛ ସିଦ୍ଧ୍ୟୈ କୁରୁ ଦେବକାର୍ଯ୍ୟମର୍ଥୋଽୟମର୍ଥାନ୍ତରଭାବ୍ୟ ଏବ ।
ଅପେକ୍ଷତେ ପ୍ରତ୍ୟୟମୁତ୍ତମଂ ତ୍ୱାଂ ବୀଜାଙ୍କୁରଃ ପ୍ରାଗୁଦୟାଦିବାମ୍ଭଃ ॥ ୧୮

अस्मिन् सुराणां विजयाभ्युपाये तवैव नामास्त्रगतिः कृती त्वम् ।
अप्यप्रसिद्धं यशसे हि पुंसामनन्यसाधारणमेव कर्म ॥ १९
ଅସ୍ମିନ୍ ସୁରାଣାଂ ବିଜୟାଭ୍ୟୁପାୟେ ତବୈବ ନାମାସ୍ତ୍ରଗତିଃ କୃତୀ ତ୍ୱମ୍ ।
ଅପ୍ୟପ୍ରସିଦ୍ଧଂ ଯଶସେ ହି ପୁଂସାମନନ୍ୟସାଧାରଣମେବ କର୍ମ ॥ ୧୯

सुराः समभ्यर्थयितार एते कार्यं त्रयाणामपि विष्टपानाम् ।
चापेन ते कर्म न चातिहिंस्रमहो बतासि स्पृहणीयवीर्यः ॥ २०
ସୁରାଃ ସମଭ୍ୟର୍ଥୟିତାର ଏତେ କାର୍ଯ୍ୟଂ ତ୍ରୟାଣାମପି ବିଷ୍ଟପାନାମ୍ ।
ଚାପେନ ତେ କର୍ମ ନ ଚାତିହିଂସ୍ରମହୋ ବତାସି ସ୍ପୃହଣୀୟବୀର୍ଯ୍ୟଃ ॥ ୨୦

मधुश्च ते मन्मथ साहचर्यादसावनुक्तोऽपि सहाय एव ।
समीरणो नोदयिता भवेति व्यादिश्यते केन हुताशनस्य ॥ २१
ମଧୁଶ୍ଚ ତେ ମନ୍ମଥ ସାହଚର୍ଯ୍ୟାଦସାବନୁକ୍ତୋଽପି ସହାୟ ଏବ ।
ସମୀରଣୋ ନୋଦୟିତା ଭବେତି ବ୍ୟାଦିଶ୍ୟତେ କେନ ହୁତାଶନସ୍ୟ ॥ ୨୧

तथेति शेषामिव भर्तुराज्ञामादाय मूर्ध्ना मदनः प्रतस्थे ।
ऐरावतास्फालन-कर्कशेन हस्तेन पस्पर्श तदङ्गमिन्द्रः ॥ २२
ତଥେତି ଶେଷାମିବ ଭର୍ତ୍ତୁରାଜ୍ଞାମାଦାୟ ମୂର୍ଦ୍ଧ୍ନା ମଦନଃ ପ୍ରତସ୍ଥେ ।
ଐରାବତାସ୍ଫାଳନ-କର୍କଶେନ ହସ୍ତେନ ପସ୍ପର୍ଶ ତଦଙ୍ଗମିନ୍ଦ୍ରଃ ॥ ୨୨

स माधवेनाभिमतेन सख्या रत्या च साशङ्कमनुप्रयातः ।
अङ्गव्ययप्रार्थितकार्यसिद्धिः स्थाण्वाश्रमं हैमवतं जगाम ॥ २३
ସ ମାଧବେନାଭିମତେନ ସଖ୍ୟା ରତ୍ୟା ଚ ସାଶଙ୍କମନୁପ୍ରୟାତଃ ।
ଅଙ୍ଗବ୍ୟୟପ୍ରାର୍ଥିତକାର୍ଯ୍ୟସିଦ୍ଧିଃ ସ୍ଥାଣ୍ୱାଶ୍ରମଂ ହୈମବତଂ ଜଗାମ ॥ ୨୩

तस्मिन् वने संयमिनां मुनीनां तपःसमाधेः प्रतिकूलवर्ती ।
संकल्पयोनेरभिमानभूतमात्मानमाधाय मधुर्जजृम्भे ॥ २४
ତସ୍ମିନ୍ ବନେ ସଂଯମିନାଂ ମୁନୀନାଂ ତପଃସମାଧେଃ ପ୍ରତିକୂଳବର୍ତ୍ତୀ ।
ସଂକଳ୍ପଯୋନେରଭିମାନଭୂତମାତ୍ମାନମାଧାୟ ମଧୁର୍ଜଜୃମ୍ଭେ ॥ ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

" ହେ ବନ୍ଧୁ, ତୁମେ ସିଦ୍ଧିଲାଭ ନିମନ୍ତେ ଯାତ୍ରା କର । ଦେବତାମାନଙ୍କ କାର୍ଯ୍ୟ ସଂପାଦନ କର । ପାର୍ବତୀ ଶିବଙ୍କ ନିକଟରେ ହିଁ ଅଛନ୍ତି । ଏହି ସୁଯୋଗରୁ ଯଦିଓ ଶିବଙ୍କ ଔରସରୁ ଆମେ ଆମର ସେନାପତି ପାଇପାରିବା, ତଥାପି, ବୀଜଟିଏ ଅଙ୍କୁର ହେବା ପୂର୍ବରୁ ଯେପରି ଜଳର ଆବଶ୍ୟକତା ରଖେ, ସେହିପରି ଏହି କାର୍ଯ୍ୟ ତୁମର ଆବଶ୍ୟକତା ରଖିଛି । ୧୮

" ଶିବ ହେଉଛନ୍ତି ଦେବତାମାନଙ୍କର ବିଜୟର ଅବଲମ୍ବନ । ତାଙ୍କ ପ୍ରତି ତୁମେ ଶର ପ୍ରୟୋଗ କରି ପାରିବ, ତେଣୁ ତୁମେ ଜଣେ କୃତୀ ବ୍ୟକ୍ତି । କାରଣ, ଯେଉଁ କାର୍ଯ୍ୟ ଆଗରୁ କେହି କରିପାରିନଥାନ୍ତି, ତଥା ଯେଉଁ କାର୍ଯ୍ୟକୁ ସମସ୍ତେ ସାଧନ କରିପାରନ୍ତିନାହିଁ, ସେହି କାର୍ଯ୍ୟ ହିଁ ବ୍ୟକ୍ତିକୁ ଯଶସ୍ୱୀ କରେ । ୧୯

" ତୁମ ନିକଟରେ ପ୍ରାର୍ଥୀ ହେଉଛନ୍ତି ଏହି ଦେବତାଗଣ, ତୁମର କାର୍ଯ୍ୟ ମଧ୍ୟ ତିନି ଭୁବନ ପାଇଁ ଉଦ୍ଦିଷ୍ଟ,ଏହା ସାଧିତ ହେବ ତୁମରି ଶରରେ, ଏଥିରେ କାହାର ପ୍ରାଣବିନାଶ ମଧ୍ୟ ହେବ ନାହିଁ । ବାଃ ! ତୁମର ପୌରୁଷ କି ସ୍ପୃହଣୀୟ ! ୨୦

" ହେ ମନ୍ମଥ, ବସନ୍ତକୁ କେହି ନ କହିଲେ ମଧ୍ୟ ଏ ତୁମର ସହାୟକ । କାରଣ, ଏ ସର୍ବଦା ତୁମ ସଙ୍ଗରେ ଥାଏ । 'ଅଗ୍ନିର ସହାୟକ ହୁଅ', ପବନକୁ କ'ଣ ଏ କଥା କହିବାକୁ ପଡ଼େ ? " ୨୧

କନ୍ଦର୍ପ ' ତାହା ହେଉ ' ବୋଲି କହି, ମସ୍ତକରେ ପୁଷ୍ପମାଳା ପରି ଇନ୍ଦ୍ରଙ୍କ ଆଜ୍ଞା ଧାରଣ କରି ପ୍ରସ୍ଥାନ କଲେ । ସେ ଗଲାବେଳେ ଇନ୍ଦ୍ର ତାଙ୍କୁ ସ୍ନେହରେ ସ୍ୱହସ୍ତରେ ଆଉଁଷି ଦେଲେ, ଯେଉଁ ହସ୍ତ କି ଐରାବତକୁ ତାଡନ କରି କରି କର୍କଶ ହୋଇଥିଲା । ୨୨

କନ୍ଦର୍ପ ପ୍ରିୟବନ୍ଧୁ ବସନ୍ତ ଓ ପ୍ରିୟତମା ରତିଙ୍କୁ ସଙ୍ଗରେ ଘେନି, ପ୍ରାଣ ବିନିମୟରେ ମଧ୍ୟ ଦେବତାମାନଙ୍କର କାର୍ଯ୍ୟ ସାଧନ କରିବାକୁ ହେବ, ଏହି ସଂକଳ୍ପ ଗ୍ରହଣ କରି,ହିମାଳୟରେ ଅବସ୍ଥାନ କରୁଥିବ ଶିବଙ୍କ ଆଶ୍ରମକୁ ଆଶଙ୍କାର ସହିତ ଯାତ୍ରା କଲେ । ୨୩

ବସନ୍ତ, ଯେ କି ସଂଯମୀ ମୁନିମାନଙ୍କର ମଧ୍ୟ ତପସ୍ୟାର ପ୍ରତିବନ୍ଧକ ଏବଂ କନ୍ଦର୍ପର ଗର୍ବର କାରଣ, ସେ ଶିବଙ୍କ ଆଶ୍ରମ ବନରେ ପହଞ୍ଚି ନିଜକୁ ପ୍ରକଟ କରିବାରେ ଲାଗିଗଲା । ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कुवेरगुप्तां दिशमुष्णरश्मौ गन्तुं प्रवृत्ते समयं विलङ्घ्य ।
दिग् दक्षिणा गन्धवहं मुखेन व्यलीकनिःश्वासमिवोत्ससर्ज ॥ २५
କୁବେରଗୁପ୍ତାଂ ଦିଶମୁଷ୍ଣରଶ୍ମୌ ଗନ୍ତୁଂ ପ୍ରବୃତ୍ତେ ସମୟଂ ବିଲଙ୍ଘ୍ୟ ।
ଦିଗ୍ ଦକ୍ଷିଣା ଗନ୍ଧବହଂ ମୁଖେନ ବ୍ୟଲୀକନିଃଶ୍ୱାସମିବୋତ୍ସସର୍ଜ ॥ ୨୫

असूत सद्यः कुसुमान्यशोकः स्कन्धात् प्रभृत्येव सपल्लवानि ।
पादेन नापैक्षत सुन्दरीणां संपर्कमासिञ्जितनूपुरेण ॥ २६
ଅସୂତ ସଦ୍ୟଃ କୁସୁମାନ୍ୟଶୋକଃ ସ୍କନ୍ଧାତ୍ ପ୍ରଭୃତ୍ୟେବ ସପଲ୍ଲବାନି ।
ପାଦେନ ନାପୈକ୍ଷତ ସୁନ୍ଦରୀଣାଂ ସଂପର୍କମାସିଞ୍ଜିତନୂପୁରେଣ ॥ ୨୬

सद्यः प्रवालोद्गमचारुपत्रे नीते समाप्तिं नवचूतबाणे ।
निवेशयामास मधुर्द्विरेफान्नामाक्षराणीव मनोभवस्य ॥ २७
ସଦ୍ୟଃ ପ୍ରବାଳୋଦ୍‌ଗମଚାରୁପତ୍ରେ ନୀତେ ସମାପ୍ତିଂ ନବଚୂତବାଣେ ।
ନିବେଶୟାମାସ ମଧୁର୍ଦ୍ୱିରେଫାନ୍ ନାମାକ୍ଷରାଣୀବ ମନୋଭବସ୍ୟ ॥ ୨୭

वर्णप्रकर्षे सति कर्णिकारं दुनोति निर्गन्धतया स्म चेतः ।
प्रायेण सामग्र्यविधौ गुणानां पराङ्मुखी विश्वसृजः प्रवृत्तिः ॥ २८
ବର୍ଣ୍ଣପ୍ରକର୍ଷେ ସତି କର୍ଣ୍ଣିକାରଂ ଦୁନୋତି ନିର୍ଗନ୍ଧତୟା ସ୍ମ ଚେତଃ ।
ପ୍ରାୟେଣ ସାମଗ୍ର୍ୟବିଧୌ ଗୁଣାନାଂ ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତିଃ ॥ ୨୮

बालेन्दुवक्राण्यविकासभावाद् बभुः पलाशान्यतिलोहितानि ।
सद्यो वसन्तेन समागतानां नखक्षतानीव वनस्थलीनाम् ॥ २९
ବାଲେନ୍ଦୁବକ୍ରାଣ୍ୟବିକାସଭବାଦ୍ ବଭୁଃ ପଲାଶାନ୍ୟତିଲୋହିତାନି ।
ସଦ୍ୟୋ ବସନ୍ତେନ ସମାଗତାନାଂ ନଖକ୍ଷତାନୀବ ବନସ୍ଥଳୀନାମ୍ ॥ ୨୯

लग्नद्विरेफाञ्जनभक्तिचित्रं मुखे मधुश्रीस्तिलकं प्रकाश्य ।
रागेण बालारुणकोमलेन चूतप्रवालोष्ठमलंचकार ॥ ३०
ଲଗ୍ନଦ୍ୱିରେଫାଞ୍ଜନଭକ୍ତିଚିତ୍ରଂ ମୁଖେ ମଧୁଶ୍ରୀସ୍ତିଲକଂ ପ୍ରକାଶ୍ୟ ।
ରାଗେଣ ବାଳାରୁଣକୋମଳେନ ଚୂତପ୍ରବାଳୋଷ୍ଠମଲଂଚକାର ॥ ୩୦

मृगाः प्रियालद्रुममञ्जरीणां रजःकणैर्विघ्नितदृष्टिपाताः ।
मदोद्धताः प्रत्यनिलं विचेरुर्वनस्थलीर्मर्मरपत्रमोक्षाः ॥ ३१
ମୃଗାଃ ପ୍ରିୟାଳଦ୍ରୁମମଞ୍ଜରୀଣାଂ ରଜଃକଣୈର୍ବିଘ୍ନିତଦୃଷ୍ଟିପାତାଃ ।
ମଦୋଦ୍ଧତାଃ ପ୍ରତ୍ୟନିଲଂ ବିଚେରୁର୍ବନସ୍ଥଳୀର୍ମର୍ମରପତ୍ରମୋକ୍ଷାଃ ॥ ୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୂର୍ଯ୍ୟ ଅସମୟରେ ଉତ୍ତର ଦିଗକୁ ଗତି କରିବାରେ ଲଗିଲେ । ତେଣୁ ଦକ୍ଷିଣ ଦିଗ୍‌ବଧୂ ସତେ ଯେପରି ଅତି ଦୁଃଖରେ ଦୀର୍ଘ ଶ୍ୱାସ-ତ୍ୟାଗ କଲ ! (ଦକ୍ଷିଣା ପବନ ବହିଲ) ୨୫

ଅଶୋକ ବୃକ୍ଷ ସୁନ୍ଦରୀ ତରୁଣୀମାନଙ୍କର ରୁଣୁଝୁଣୁନୂପୁରଘେନା ପାଦର ଆଘାତକୁ ଅପେକ୍ଷା ନ କରି, ତତ୍‌କ୍ଷଣାତ୍ ମୂଳକାଣ୍ଡଠାରୁ ଆରମ୍ଭ କରି ଶାଖା ପ୍ରଶାଖା ପର୍ଯ୍ୟନ୍ତ ନବପଲ୍ଲବଯୁକ୍ତ ପୁଷ୍ପରାଜିରେ ମଣ୍ଡିତ ହୋଇଗଲ । ୨୬

ବସନ୍ତ ନୂତନ ଆମ୍ବବଉଳ ରୂପକ ଶର ନିର୍ମାଣ କଲ, ସେହି ଶରର ମୂଳରେ ଥିଲ ନବପଲ୍ଲବ ରୂପକ ପକ୍ଷୀପର । ଏ କାର୍ଯ୍ୟ ସାରିବା ପରେ ସେ ସେଥିରେ (ଆମ୍ବବଉଳ ରୂପକ ଶରରେ) କାମଦେବର ନାମାକ୍ଷର ସ୍ୱରୂପ ଭ୍ରମରମାଳା ସଂଯୋଜିତ କଲ । ୨୭

କନିଅର ଫୁଲର ବର୍ଣ୍ଣ ଉତ୍‌କୃଷ୍ଟ, କିନ୍ତୁ ସେ ଫୁଲ ସୁଗନ୍ଧହୀନ । ତେଣୁ ସୌନ୍ଦର୍ଯ୍ୟପ୍ରିୟ ଲୋକଙ୍କ ମନରେ ତା ପାଇଁ ଦୁଃଖ ଜାତ ହେଲ ! ବିଧାତାଙ୍କର ଗୋଟାଏ ପ୍ରବୃତ୍ତି ଯେ ସେ କାହାକୁ ସବୁ ଗୁଣରେ ଭୂଷିତ କରିବାକୁ ଇଚ୍ଛା କରନ୍ତି ନାହିଁ । ୨୮

ଅଳ୍ପ ବିକଶିତ, ନୂଆ ଚନ୍ଦ୍ର ଭଳି ବକ୍ର, ଅତ୍ୟନ୍ତଲୋହିତବର୍ଣ୍ଣ ପଲଶ ଫୁଲଗୁଡ଼ିକ ଶୋଭା ପାଇଲ । ସେଗୁଡ଼ିକୁ ଦେଖିଲେ ମନେ ହେଲ, ସତେ ଯେପରି ବସନ୍ତ ସହିତ ବିହାର କରିଥିବା ବନସ୍ଥଳୀମାନଙ୍କ ଦେହରେ ସେଗୁଡ଼ିକ ସଦ୍ୟ ନଖକ୍ଷତ !! ୨୯

ବସନ୍ତଲକ୍ଷ୍ମୀ ମଥାରେ ତିଳପୁଷ୍ପରୂପକ ତିଳକ ଘେନିଲ । ତିଳ ପୁଷ୍ପ ଉପରେ ଭ୍ରମର ବସିଥିବା ହେତୁ ତିଳକ କଜ୍ଜଳମିଶ୍ରିତ ହେଲ ପରି ଜଣାପଡୁଥିଲ । ପୁନଶ୍ଚ, ବସନ୍ତଲକ୍ଷ୍ମୀ ବାଳ ସୂର୍ଯ୍ୟର କିରଣରୂପକ ଅଙ୍ଗରାଗରେ ନିଜର ନୂତନ ଆମ୍ରପଲ୍ଲବରୂପକ ଅଧରକୁ ରଞ୍ଜିତ କଲ । ୩୦

ବନସ୍ଥଳୀରେ ମର୍ମର ଶବ୍ଦ କରି ପତ୍ରମାନ ଝଡ଼ିଲ । ମୃଗମାନେ ପବନର ପ୍ରତିକୂଳ ଦିଗକୁ ମଦୋଦ୍ଧତ ଭାବରେ ଧାବମାନ ହେଲେ । ପ୍ରିୟାଳ ବୃକ୍ଷର ପୁଷ୍ପମଞ୍ଜରୀମାନଙ୍କରୁ ଉଡ଼ୁଥିବା ପରାଗରାଶି ଦ୍ୱାରା ସେମାନଙ୍କର ଦୃଷ୍ଟି ପ୍ରତିହତ ହେଉଥିଲ । ୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चूताङ्कुरास्वादकषायकण्ठः पुंस्कोकिलो यन्मधुरं चुकूज ।
मनस्विनीमानविघातदक्षं तदेव जातं वचनं स्मरस्य ॥ ३२
ଚୂତାଙ୍କୁରାସ୍ୱାଦକଷାୟକଣ୍ଠଃ ପୁଂସ୍କୋକିଳୋ ଯନ୍‌ମଧୁରଂ ଚୁକୂଜ ।
ମନସ୍ୱିନୀମାନବିଘାତଦକ୍ଷଂ ତଦେବ ଜାତଂ ବଚନଂ ସ୍ମରସ୍ୟ ।। ୩୨

हिमव्यपायाद् विशदाधराणामापाण्डुरीभूतमुखच्छवीनाम् ।
स्वेदोद्गमः किम्पुरुषाङ्गनानां चक्रे पदं पत्रविशेषकेषु ॥ ३३
ହିମବ୍ୟପାୟାଦ୍ ବିଶଦାଧରାଣାମାପାଣ୍ଡୁରୀଭୂତମୁଖଚ୍ଛବୀନାମ୍ ।
ସ୍ୱେଦୋଦ୍‌ଗମଃ କିମ୍ପୁରୁଷାଙ୍ଗନାନାଂ ଚକ୍ରେ ପଦଂ ପତ୍ରବିଶେଷକେଷୁ ।। ୩୩

तपस्विनः स्थाणुवनौकसस्तामाकालिकीं वीक्ष्य मधुप्रवृत्तिम् ॥
प्रयत्नसंस्तम्भितविक्रियाणां कथंचिदीशा मनसां बभूवुः ॥ ३४
ତପସ୍ୱିନଃ ସ୍ଥାଣୁବନୌକସସ୍ତାମାକାଳିକୀଂ ବୀକ୍ଷ୍ୟ ମଧୁପ୍ରବୃତ୍ତିମ୍ ।
ପ୍ରଯତ୍ନସଂସ୍ତମ୍ଭିତବିକ୍ରିୟାଣାଂ କଥଂଚିଦୀଶା ମନସାଂ ବଭୂବୁଃ ।। ୩୪

तं देशमारोपितपुष्पचापे रतिद्वितीये मदने प्रपन्ने ।
काष्ठागतस्नेहरसानुविद्धं द्वन्द्वानि भावं क्रियया विवव्रुः ॥ ३५
ତଂ ଦେଶମାରୋପିତପୁଷ୍ପଚାପେ ରତିଦ୍ୱିତୀୟେ ମଦନେ ପ୍ରପନ୍ନେ ।
କାଷ୍ଠାଗତସ୍ନେହରସାନୁବିଦ୍ଧଂ ଦ୍ୱନ୍ଦ୍ୱାନି ଭାବଂ କ୍ରିୟୟା ବିବବ୍ରୁଃ ।। ୩୫

मधु द्विरेफः कुसुमैकपात्रे पपौ प्रियां स्वामनुवर्त्तमानः ।
शृङ्गेण च स्पर्शनिमीलिताक्षीं मृगीमकण्डूयत कृष्णसारः । ३६
ମଧୁ ଦ୍ୱିରେଫଃ କୁସୁମୈକପାତ୍ରେ ପପୌ ପ୍ରିୟାଂ ସ୍ୱାମନୁବର୍ତ୍ତମାନଃ ।
ଶୃଙ୍ଗେଣ ଚ ସ୍ପର୍ଶନିମୀଳିତାକ୍ଷୀଂ ମୃଗୀମକଣ୍ଡୂୟତ କୃଷ୍ଣସାରଃ । ।୩୬

ददौ रसात् पङ्कजरेणुगन्धि गजाय गण्डूषजलं करेणुः ।
अर्द्धोपभुक्तेन विसेन जायां संभावयामास रथाङ्गनामा ।। ३७
ଦଦୌ ରସାତ୍ ପଙ୍କଜରେଣୁଗନ୍ଧି ଗଜାୟ ଗଣ୍ଡୂଷଜଳଂ କରେଣୁଃ ।
ଅର୍ଦ୍ଧୋପଭୁକ୍ତେନ ବିସେନ ଜାୟାଂ ସଂଭାବୟାମାସ ରଥାଙ୍ଗନାମା ।। ୩୭

गीतान्तरेषु श्रमवारिलेशैः किंचित्समुच्छ्वासितपत्रलेखम् ।
पुष्पासवाघूर्णितनेत्रशोभि प्रियामुखं किम्पुरुषश्चुचुम्बे ॥ ३८
ଗୀତାନ୍ତରେଷୁ ଶ୍ରମବାରିଲେଶୈଃ କିଂଚିତ୍‌ସମୁଚ୍ଛ୍ୱାସିତପତ୍ରଲେଖମ୍ ।
ପୁଷ୍ପାସବାଘୂର୍ଣିତନେତ୍ରଶୋଭି ପ୍ରିୟାମୁଖଂ କିମ୍ପୁରୁଷଶ୍ଚୁଚୁମ୍ବେ ।। ୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଷା ଆମ୍ବବଉଳ ଭକ୍ଷଣ କରି ଅଣ୍ଡିର କୋଇଲିର କଣ୍ଠ ପରିଷ୍କାର ହୋଇଗଲା । ତାର ମଧୁର କୂଜନ ମାନିନୀମାନଙ୍କ ମାନ ଭାଙ୍ଗିବା ପାଇଁ ସମର୍ଥ କନ୍ଦର୍ପର ବଚନସ୍ୱରୂପ ବୋଧ ହେଲା । ୩୨

ଶୀତଋତୁ ଅପସରିଯାଆନ୍ତେ କିନ୍ନରରମଣୀମାନଙ୍କ ଅଧର ସ୍ୱଚ୍ଛ ହୋଇଗଲା । ସେମାନଙ୍କର ମୁଖକାନ୍ତି ଅଧିକ ଗୌରବର୍ଣ୍ଣ ଦିଶିଲା । ସେମାନେ ଦେହରେ ତିଳକ ପ୍ରଭୃତିରେ ପତ୍ରାକୃତି ଚିତ୍ରଭୂଷଣ ଅଙ୍କନ କଲେ । ସେହି ଚିତ୍ରଭୂଷଣ ଭିତରେ ସ୍ୱେଦ ବିନ୍ଦୁ ବିନ୍ଦୁ ଦେଖା ଦେଲା । ୩୩

ଏହିପରି ଅସମୟରେ ବସନ୍ତ ଋତୁର ଆବିର୍ଭାବ ଦେଖି ଶିବଙ୍କ ଆଶ୍ରମବାସୀ ତପସ୍ୱୀମାନେ ମଧ୍ୟ ମନରେ ବିକାର ଅନୁଭବ କଲେ । ସେହି ବିକାରକୁ ସେମାନେ ବଡ କଷ୍ଟରେ ଦମନ କରି ରଖିଲେ । ୩୪

କାମଦେବ ପୁଷ୍ପଧନୁରେ ଗୁଣ ଚଢାଇ, ରତିଙ୍କୁ ସଙ୍ଗରେ ଘେନି ସେହି ସ୍ଥାନରେ ପ୍ରବେଶ କରନ୍ତେ ସ୍ଥାବର - ଜଂଗମ ସ୍ତ୍ରୀପୁରୁଷଯୁଗଳ-ମାନେ ପରସ୍ପର ପ୍ରତି ପ୍ରଗାଢ଼ ପ୍ରେମରସସିକ୍ତ ଭବ ପ୍ରକାଶ କଲେ । ୩୫

ଭ୍ରମର ଏକ ପୁଷ୍ପପାତ୍ରରେ ତାର ପ୍ରିୟା ସହିତ କ୍ରମାନ୍ୱୟରେ (ଭ୍ରମର ପରେ ଭ୍ରମରୀ ଓ ଭ୍ରମରୀପରେ ଭ୍ରମର) ମଧୁପାନ କଲା । କୃଷ୍ଣସାର ମୃଗ ମୃଗୀକୁ ଶିଙ୍ଗରେ କୁଣ୍ଡାଇଦେଲା । ମୃଗ ତାର ସ୍ପର୍ଶ-ସୁଖରେ ଆଖି ବୁଜି ଠିଆ ହୋଇ ରହିଲା । ୩୬

ହସ୍ତିନୀ ପଦ୍ମପରାଗସୁଗନ୍ଧିତ ଜଳ ଶୁଣ୍ଢରେ ଧରି ଅନୁରାଗର ସହିତ ହସ୍ତୀକୁ ଦେଲା, ଚକ୍ରବାକ ମଧ୍ୟ ତା' ପ୍ରିୟାକୁ ଅଧା ଖାଇଥିବା ମୃଣାଳ ଦଣ୍ଡ ଦେଇ ଉଲ୍ଲସିତ କଲା । ୩୭

କିନ୍ନରମାନେ ଗୀତ ଗାଇବା ମଝିରେ ପ୍ରିୟାମାନଙ୍କର ମୁଖ ଚୁମ୍ବନ କଲେ । ପ୍ରିୟାମାନଙ୍କର ମୁଖରୁ ବିନ୍ଦୁ ବିନ୍ଦୁ ଶ୍ରମ ଝାଳ ଝରି ପତ୍ରା-କୃତି ଚିତ୍ରରଚନାକୁ କିଛି କିଛି ଲିଭାଇଦେଉଥିଲା ଏବଂ ପୁଷ୍ପମଧୁ ପାନ ଫଳରେ ସେମାନଙ୍କର ଚକ୍ଷୁ ଘୂର୍ଣ୍ଣିତ ହେଉଥିଲା । ୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भुजङ्गमोन्नद्धजटाकलापं कर्णावसक्तद्विगुणाक्षसूत्रम् ।
कण्ठप्रभासङ्गविशेषनीलां कृष्णत्वचं ग्रन्थिमतीं दधानम् ॥ ४६
ଭୁଜଙ୍ଗମୋନ୍ନଦ୍ଧଜଟାକଳାପଂ କର୍ଣ୍ଣାବସକ୍ତଦ୍ୱିଗୁଣାକ୍ଷସୂତ୍ରମ୍ ।
କଣ୍ଠପ୍ରଭାସଙ୍ଗବିଶେଷନୀଳାଂ କୃଷ୍ଣତ୍ୱଚଂ ଗ୍ରନ୍ଥିମତୀଂ ଦଧାନମ୍ ॥ ୪୬

किंचित्प्रकाशस्तिमितोग्रतारैर्भ्रूविक्रियायां विरतप्रसङ्गैः ।
नेत्रैरविस्पन्दितपक्ष्ममालैर्लक्ष्यीकृतघ्राणमधोमयूखैः ॥ ४७
କିଂଚିତ୍ପ୍ରକାଶସ୍ତିମିତୋଗ୍ରତାରୈର୍ଭ୍ରୂବିକ୍ରିୟାୟାଂ ବିରତପ୍ରସଙ୍ଗୈଃ ।
ନେତ୍ରୈରବିସ୍ପନ୍ଦିତପକ୍ଷ୍ମମାଳୈର୍ଲକ୍ଷ୍ୟୀକୃତଘ୍ରାଣମଧୋମୟୂଖୈଃ ॥ ୪୭

अवृष्टिसंरम्भमिवाम्बुवाहमपामिवाधारमनुत्तरङ्गम् ।
अन्तश्चराणां मरुतां निरोधान्निवातनिष्कम्पमिव प्रदीपम् ॥ ४८
ଅବୃଷ୍ଟିସଂରମ୍ଭମିବାମ୍ବୁବାହମପାମିବାଧାରମନୁତ୍ତରଙ୍ଗମ୍ ।
ଅନ୍ତଶ୍ଚରାଣାଂ ମରୁତାଂ ନିରୋଧାନ୍ନିବାତନିଷ୍କମ୍ପମିବ ପ୍ରଦୀପମ୍ ॥ ୪୮

कपालनेत्रान्तरलब्धमार्गैर्ज्योतिःप्ररोहैरुदितैः शिरस्तः ।
मृणालसूत्राधिकसौकुमार्यां वालस्य लक्ष्मीं ग्लपयन्तमिन्दोः ॥ ४९
କପାଳନେତ୍ରାନ୍ତରଲବ୍ଧମାର୍ଗୈର୍ଜ୍ୟୋତିଃ ପ୍ରରୋହୈରୁଦିତୈଃ ଶିରସ୍ତଃ ।
ମୃଣାଳସୂତ୍ରାଧିକସୌକୁମାର୍ଯ୍ୟାଂ ବାଳସ୍ୟ ଲକ୍ଷ୍ମୀଂ ଗ୍ଲପୟନ୍ତମିନ୍ଦୋଃ ॥ ୪୯

मनो नवद्वारनिषिद्धवृत्ति हृदि व्यवस्थाप्य समाधिवश्यम् ।
यमक्षरं क्षेत्रविदो विदुस्तमात्मानमात्मन्यवलोकयन्तम् ॥ ५०
ମନୋ ନବଦ୍ୱାରନିଷିଦ୍ଧବୃତ୍ତି ହୃଦି ବ୍ୟବସ୍ଥାପ୍ୟ ସମାଧିବଶ୍ୟମ୍ ।
ଯମକ୍ଷରଂ କ୍ଷେତ୍ରବିଦୋ ବିଦୁସ୍ତମାତ୍ମାନମାତ୍ମନ୍ୟବଲୋକୟନ୍ତମ୍ ॥ ୫୦

स्मरस्तथाभूतमयुग्मनेत्रं पश्यन्नदूरान्मनसाप्यधृष्यम् ।
नालक्षयत् साध्वससन्नहस्तः स्रस्तं शरं चापमपि स्वहस्तात् ॥ ५१
ସ୍ମରସ୍ତଥାଭୂତମୟୁଗ୍ମନେତ୍ରଂ ପଶ୍ୟନ୍ନଦୂରାନ୍ମନସାପ୍ୟଧୃଷ୍ୟମ୍ ।
ନାଲକ୍ଷୟତ୍ ସାଧ୍ୱସସନ୍ନହସ୍ତଃ ସ୍ରସ୍ତଂ ଶରଂ ଚାପମପି ସ୍ୱହସ୍ତାତ୍ ॥ ୫୧

निर्वाणभूयिष्ठमथास्य वीर्यं संधुक्षयन्तीव वपुर्गुणेन ।
अनुप्रयाता वनदेवताभ्यामदृश्यत स्थावरराजकन्या ॥ ५२
ନିର୍ବାଣଭୂୟିଷ୍ଠମଥାସ୍ୟ ବୀର୍ଯ୍ୟଂ ସଂଧୁକ୍ଷୟନ୍ତୀବ ବପୁର୍ଗୁଣେନ ।
ଅନୁପ୍ରୟାତା ବନଦେବତାଭ୍ୟାମଦୃଶ୍ୟତ ସ୍ଥାବରରାଜକନ୍ୟା ॥ ୫୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃକ୍ଷମାନେ ମଧ୍ୟ ଲତା-ପତ୍ନୀମାନଙ୍କର ଲମ୍ବମାନ ଶାଖାରୂପକ ବାହୁର ଆଶ୍ଳେଷ ଲାଭ କଲେ । ପୃଥୁଳ ପୁଷ୍ପସ୍ତବକ ଥିଲା ସେହି ଲତା-ପତ୍ନୀ ମାନଙ୍କର ପୃଥୁଳ ସ୍ତନ ସ୍ୱରୂପ ଏବଂ ସ୍ନିଗ୍ଧ ନବପଲ୍ଲବ ଥିଲା ସେମାନଙ୍କର ଅଧରସ୍ୱରୂପ । ୩୯

ଏହି ସମୟରେ ଶିବ ଅପ୍‌ସରାମାନଙ୍କର ସଙ୍ଗୀତ ଶୁଣିବାକୁ ପାଇଲେ କିନ୍ତୁ ନିଜକୁ ସମାଧିମଗ୍ନ କରି ରଖିଲେ । ଯେଉଁ ମାନେ ନିଜେ ନିଜକୁ ନିୟନ୍ତ୍ରଣ କରିପାରନ୍ତି, କୌଣସି ବିଘ୍ନ ସେମାନଙ୍କର ଏକାଗ୍ରତା ଭଙ୍ଗି ପାରେ-ନାହିଁ । ୪୦

ଲତା-ଗୃହର ଦ୍ୱାରଦେଶରେ ବସିଥିଲେ ନନ୍ଦୀ, ସେ ବାମହାତର ପାପୁଲି ଉପରେ ସୁନାର ବେତ ରଖି ଏବଂ ଦକ୍ଷିଣ ହାତର ଗୋଟିଏ ଅଙ୍ଗୁଳିକୁ ମୁହଁ ପାଖରେ ରଖି ଶିବଗଣଙ୍କୁ ଆଦେଶ ଦେଲେ, "ଚିତ୍ତଚାଞ୍ଚଲ୍ୟ କର ନାହିଁ ।" ୪୧

ତାଙ୍କର ଆଦେଶରେ ବୃକ୍ଷମାନେ ନିଷ୍ପନ୍ଦ ହୋଇଗଲେ, ଭ୍ରମର—ମାନେ ନୀରବ ହୋଇଗଲେ, ପକ୍ଷୀମାନେ ମୂକ ଓ ମୃଗମାନେ ନିଶ୍ଚଳ ହୋଇ-ଗଲେ । ଏହିପରି ସମଗ୍ର ବନ ଚିତ୍ରାଙ୍କିତ ବନ ପରି ନୀରବ, ନିଷ୍ପନ୍ଦ ହୋଇଗଲା । ୪୨

ଯାତ୍ରାକାଳରେ ଯେପରି ସମ୍ମୁଖସ୍ଥିତ ଶୁକ୍ରଙ୍କୁ ପରିତ୍ୟାଗ କରଯାଏ, କାମଦେବ ସେହିପରି ନନ୍ଦୀଙ୍କ ଦୃଷ୍ଟି ଏଡ଼ି, ସୁରପୁନ୍ନାଗବୃକ୍ଷବେଷ୍ଟିତ ଶିବଙ୍କ ଧ୍ୟାନ ସ୍ଥଳକୁ ପ୍ରବେଶ କଲେ । ୪୩

କାମଦେବଙ୍କ ମୃତ୍ୟୁ ନିକଟ ହୋଇଆସୁଥିଲା । ସେ ଦେଖିଲେ, ଦେବଦାରୁ ଗଛ ତଳେ ବେଦୀ ଉପରେ ବ୍ୟାଘ୍ରଚର୍ମ ବିଛାହୋଇଛି, ତା ଉପରେ ଶିବ ତପସ୍ୟାରତ । ୪୪

ବୀରସନରେ ଆସୀନ ଶିବଙ୍କର ଦେହର ଉପରଭାଗ ସଳଖ, ବିସ୍ତାରିତ ତଥା ନିଶ୍ଚଳ ରହିଥିଲା । ଦୁଇକାନ୍ଧ ନଇଁ ପଡିଥିଲା ଏବଂ ଉତ୍ତାନ ହାତପାପୁଲିଦୁଇଟି କ୍ରୋଡ଼ ଉପରେ ରଖା ହୋଇଥିଲା । ତେଣୁ କ୍ରୋଡ଼ରେ ଦୁଇଟି ପଦ୍ମଫୁଲ ଫୁଟିଲା ପରି ଜଣାପଡୁଥିଲା । ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अशोकनिर्भर्त्सितपद्मरागमाकृष्टहेमद्युतिकर्णिकारम् ।
मुक्ताकलापीकृतसिन्धुवारं वसन्तपुष्पाभरणं वहन्ती ॥ ५३
ଅଶୋକନିର୍ଭର୍ତ୍ସିତପଦ୍ମରାଗମାକୃଷ୍ଟହେମଦ୍ୟୁତିକର୍ଣ୍ଣିକାରମ୍ ।
ମୁକ୍ତାକଳାପୀକୃତସିନ୍ଧୁବାରଂ ବସନ୍ତପୁଷ୍ପାଭରଣଂ ବହନ୍ତୀ ॥ ୫୩

आवर्जिता किञ्चिदिव स्तनाभ्यां वासो वसाना तरुणार्करागम् ।
पर्याप्तपुष्पस्तवकावनम्रा संचारिणी पल्लविनी लतेव ॥ ५४
ଆବର୍ଜିତା କିଂଚିଦିବ ସ୍ତନାଭ୍ୟାଂ ବାସୋ ବସାନା ତରୁଣାର୍କରାଗମ୍ ।
ପର୍ଯ୍ୟାପ୍ତପୁଷ୍ପସ୍ତବକାବନମ୍ରା ସଂଚାରିଣୀ ପଲ୍ଲବିନୀ ଲତେବ ॥ ୫୪

स्रस्तां नितम्बादवलम्बमाना पुनः पुनः केसरदामकाञ्चीम् ।
न्यासीकृतां स्थानविदा स्मरेण द्वितीयमौर्वीमिव कार्मुकस्य ॥ ५५
ସ୍ରସ୍ତାଂ ନିତମ୍ବାଦବଲମ୍ବମାନା ପୁନଃ ପୁନଃ କେସରଦାମକାଞ୍ଚୀମ୍ ।
ନ୍ୟାସୀକୃତାଂ ସ୍ଥାନବିଦା ସ୍ମରେଣ ଦ୍ୱିତୀୟମୌର୍ବୀମିବ କାର୍ମୁକସ୍ୟ ॥ ୫୫

सुगन्धिनिश्वासविवृद्धतृष्णं बिम्बाधरासन्नचरं द्विरेफम् ।
प्रतिक्षणं संभ्रमलोलदृष्टिर्लीलारविन्देन निवारयन्ती ॥ ५६
ସୁଗନ୍ଧିନିଶ୍ୱାସବିବୃଦ୍ଧତୃଷ୍ଣଂ ବିମ୍ବାଧରାସନ୍ନଚରଂ ଦ୍ୱିରେଫମ୍ ।
ପ୍ରତିକ୍ଷଣଂ ସଂଭ୍ରମଲୋଲଦୃଷ୍ଟିର୍ଲୀଳାରବିନ୍ଦେନ ନିବାରୟନ୍ତୀ ॥ ୫୬

तां वीक्ष्य सर्वावयवानवद्यां रतेरपि ह्रीपदमादधानाम् ।
जितेन्द्रिये शूलिनि पुष्पचापः स्वकार्यसिद्धिं पुनराशशंसे ॥ ५७
ତାଂ ବୀକ୍ଷ୍ୟ ସର୍ବାବୟବାନବଦ୍ୟାଂ ରତେରପି ହ୍ରୀପଦମାଦଧାନାମ୍ ।
ଜିତେନ୍ଦ୍ରିୟେ ଶୂଳିନି ପୁଷ୍ପଚାପଃ ସ୍ୱକାର୍ଯ୍ୟସିଦ୍ଧିଂ ପୁନରାଶଶଂସେ ॥ ୫୭

भविष्यतः पत्युरुमा च शम्भोः समाससाद प्रतिहारभूमिम् ।
योगात् स चान्तः परमात्मसंज्ञं दृष्ट्वा परं ज्योतिरुपारराम ॥ ५८
ଭବିଷ୍ୟତଃ ପତ୍ୟୁରୁମା ଚ ଶମ୍ଭୋଃ ସମାସସାଦ ପ୍ରତିହାରଭୂମିମ୍ ।
ଯୋଗାତ୍ ସ ଚାନ୍ତଃ ପରମାତ୍ମସଂଜ୍ଞଂ ଦୃଷ୍ଟ୍ୱା ପରଂ ଜ୍ୟୋତିରୁପାରରାମ ॥ ୫୮

ततो भुजङ्गाधिपतेः फणाग्रैरधः कथंचिद्धृतभूमिभागः ।
शनैः कृतप्राणविमुक्तिरीशः पर्यङ्कबन्धं निविडं बिभेद ॥ ५९
ତତୋ ଭୁଜଙ୍ଗାଧିପତେଃ ଫଣାଗ୍ରୈରଧଃ କଥଂଚିଦ୍ଧୃତଭୂମିଭାଗଃ ।
ଶନୈଃ କୃତପ୍ରାଣବିମୁକ୍ତିରୀଶଃ ପର୍ଯ୍ୟଙ୍କବନ୍ଧଂ ନିବିଡଂ ବିଭେଦ ॥ ୫୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାଙ୍କର ଜଟାଜୁଟ ସର୍ପରଜ୍ଜୁରେ ବନ୍ଧା ହୋଇଥିଲା, ଦୁଇସରି ଲେଖାଏଁ ରୁଦ୍ରାକ୍ଷମାଳ କାନରୁ ଝୁଲୁଥିଲା । ଗଣ୍ଠିପଡ଼ିଥିବା କୃଷ୍ଣାଜିନ ସେ ପରିଧାନ କରିଥିଲେ, ଯାହା କି ତାଙ୍କ କଣ୍ଠର କାନ୍ତି ଦ୍ୱାରା ଅଧିକ କୃଷ୍ଣବର୍ଣ୍ଣ ଧାରଣ କରିଥିଲା । ୪୬

ସେ ତିନିଗୋଟି ଚକ୍ଷୁର ଦୃଷ୍ଟି ନାସିକା ଉପରେ ନିବଦ୍ଧ କରିଥିଲେ । ଚକ୍ଷୁଗୁଡ଼ିକ ଭିତରେ ନିଷ୍କମ୍ପ, ଜ୍ୱଳନ୍ତ ଡୋଳା ଈଷତ୍ ଦେଖା ଯାଉଥିଲା । ପଲକପାତ ସମ୍ପୂର୍ଣ୍ଣ ବନ୍ଦ ଥିଲା, ଚକ୍ଷୁଲୋମଗୁଡିକ ପୂରାପୂରି ସ୍ପନ୍ଦନହୀନ ଥିଲା । ଆଉ ମଧ୍ୟ, ଚକ୍ଷୁଗୁଡ଼ିକରୁ ରଶ୍ମିରେଖା ନିମ୍ନ ଆଡକୁ ବିଚ୍ଛୁରିତ ହେଉଥିଲା । ୪୭

ସେ ଶରୀର ଭିତରେ ବାୟୁକୁ ନିରୁଦ୍ଧ କରିଥିଲେ । ତେଣୁ ବୃଷ୍ଟି ନ କରି ଜଳରେ ପରିପୂର୍ଣ୍ଣ ଥିବା ମେଘ ପରି, ନିସ୍ତରଙ୍ଗ ସମୁଦ୍ର ପରି ଏବଂ ବାୟୁବିହୀନ ସ୍ଥାନରେ ଜଳୁଥିବା ପ୍ରଦୀପ ପରି ଜଣା ପଡୁଥିଲେ । ୪୮

ତାଙ୍କ ମସ୍ତକର ଜ୍ୟୋତିରେଖା କପାଳ- ମଧ୍ୟବର୍ତ୍ତୀ ତୃତୀୟ ନୟନ ବାଟେ ନିର୍ଗତ ହୋଇ ମୃଣାଳ ସୂତ୍ରଠାରୁ ଅଧିକ କୋମଳ ବାଳଚନ୍ଦ୍ରର କାନ୍ତିକୁ ମ୍ଳାନ କରି ଦେଉଥିଲା । ୪୯

ଚକ୍ଷୁ, କର୍ଣ୍ଣ, ନାସିକା ପ୍ରଭୃତି ନବଦ୍ୱାରରେ ତାଙ୍କ ମନର ସଞ୍ଚାର ନିରୁଦ୍ଧ ହୋଇଥିଲା । ଏଭଳି ନିୟନ୍ତ୍ରିତ ମନକୁ ସେ ହୃଦୟରେ ଅବସ୍ଥାପିତ କରିଥିଲେ ଏବଂ କ୍ଷେତ୍ରଜ୍ଞମାନେ ଯାହାଙ୍କୁ ଅବିନାଶୀ ବୋଲି କହନ୍ତି, ସେହି ପରମାତ୍ମାଙ୍କୁ ଜୀବାତ୍ମାରେ ଦର୍ଶନ କରୁଥିଲେ (କ୍ଷେତ୍ର—ଶରୀର) ୫୦ ।

ଏଭଳି ସ୍ଥିତିରେ ଶିବଙ୍କୁ ବିଚଳିତ କରିବାପାଇଁ କେହି ଚିନ୍ତା ମଧ୍ୟ କରି ନ ପାରେ । ତାଙ୍କୁ ନିକଟରୁ ଦେଖିଲାମାତ୍ରେ କାମଦେବ ଭୟରେ କମ୍ପିବାକୁ ଲାଗିଲେ । ତାଙ୍କର କମ୍ପିତ ହସ୍ତରୁ କେତେବେଳେ ଶର ଓ ଧନୁ ଖସିପଡ଼ିଲା, ସେ ଜାଣି ପାରିଲେ ନାହିଁ । ୫୧

ଏହି ସମୟରେ ସେ ଦେଖିଲେ, ଦୁଇଜଣ ବନଦେବୀଙ୍କ ସହିତ ପାର୍ବତୀ ଆସୁଛନ୍ତି । ତାଙ୍କର ବୀରତ୍ୱ, ଯାହା କି ପ୍ରାୟ ନିଃଶେଷ ହୋଇ-ଆସୁଥିଲା, ପାର୍ବତୀଙ୍କ ସୌନ୍ଦର୍ଯ୍ୟ ଗୁଣରେତାହା ପୁଣି ବର୍ଦ୍ଧିତ ହୋଇ-ଉଠିଲା । ୫୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पर्याप्तपुष्पस्तवकस्तनाभ्यः स्फुरत्प्रवालोष्ठमनोहराभ्यः ।
लतावधूभ्यस्तरवोऽप्यवापुर्विनम्रशाखाभुजवन्धनानि ॥ ३९
ପର୍ଯ୍ୟାପ୍ତପୁଷ୍ପସ୍ତବକସ୍ତନାଭ୍ୟଃ ସ୍ଫୁରତ୍ପ୍ରବାଳୋଷ୍ଠମନୋହରାଭ୍ୟଃ ।
ଲତାବଧୂଭ୍ୟସ୍ତରବୋଽପ୍ୟବାପୁର୍ବିନମ୍ରଶାଖାଭୁଜବନ୍ଧନାନି ॥ ୩୯

श्रुताप्सरोगीतिरपि क्षणेऽस्मिन् हरः प्रसंख्यानपरो बभूव ।
आत्मेश्वराणां नहि जातु विघ्नाः समाधिभेदप्रभवो भवन्ति ॥ ४०
ଶ୍ରୁତାପ୍ସରୋଗୀତିରପି କ୍ଷଣେଽସ୍ମିନ୍ ହରଃ ପ୍ରସଂଖ୍ୟାନପରୋ ବଭୂବ ।
ଆତ୍ମେଶ୍ୱରାଣାଂ ନହି ଜାତୁ ବିଘ୍ନାଃ ସମାଧିଭେଦପ୍ରଭବୋ ଭବନ୍ତି ॥ ୪୦

लतागृहद्वारगतोऽथ नन्दी वामप्रकोष्ठार्पितहेमवेत्रः ।
मुखार्पितैकाङ्गुलिसंज्ञयैव मा चापलायेति गणान् व्यनैषीत् ॥ ४१
ଲତାଗୃହଦ୍ୱାରଗତୋଽଥ ନନ୍ଦୀ ବାମପ୍ରକୋଷ୍ଠାର୍ପିତହେମବେତ୍ରଃ ।
ମୁଖାର୍ପିତୈକାଙ୍ଗୁଳିସଂଜ୍ଞୟୈବ ମା ଚାପଳାୟେତି ଗଣାନ୍ ବ୍ୟନୈଷୀତ୍ ॥ ୪୧

निष्कम्पवृक्षं निभृतद्विरेफं मूकाण्डजं शान्तमृगप्रचारम् ।
तच्छासनात् काननमेव सर्वं चित्रार्पितारम्भमिवावतस्थे ॥ ४२
ନିଷ୍କମ୍ପବୃକ୍ଷଂ ନିଭୃତଦ୍ୱିରେଫଂ ମୂକାଣ୍ଡଜଂ ଶାନ୍ତମୃଗପ୍ରଚାରମ୍ ।
ତଚ୍ଛାସନାତ୍ କାନନମେବ ସର୍ବଂ ଚିତ୍ରାର୍ପିତାରମ୍ଭମିବାବତସ୍ଥେ ॥ ୪୨

दृष्टिप्रपातं परिहृत्य तस्य कामः पुरः शुक्रमिव प्रयाणे ।
प्रान्तेषु संसक्तनमेरुशाखं ध्यानास्पदं भूतपतेर्विवेश ॥ ४३
ଦୃଷ୍ଟିପ୍ରପାତଂ ପରିହୃତ୍ୟ ତସ୍ୟ କାମଃ ପୁରଃ ଶୁକ୍ରମିବ ପ୍ରୟାଣେ ।
ପ୍ରାନ୍ତେଷୁ ସଂସକ୍ତନମେରୁଶାଖଂ ଧ୍ୟାନାସ୍ପଦଂ ଭୂତପତେର୍ବିବେଶ ॥ ୪୩

स देवदारुद्रुमवेदिकायां शार्दूलचर्मव्यवधानवत्याम् ।
आसीनमासन्नशरीरपातस्त्रियम्बकं संयमिनं ददर्श ॥ ४४
ସ ଦେବଦାରୁଦ୍ରୁମବେଦିକାୟାଂ ଶାର୍ଦ୍ଦୂଳଚର୍ମବ୍ୟବଧାନବତ୍ୟାମ୍ ।
ଆସୀନମାସନ୍ନଶରୀରପାତସ୍ତ୍ରିୟମ୍ବକଂ ସଂୟମିନଂ ଦଦର୍ଶ ॥ ୪୪

पर्यङ्कवन्धस्थिरपूर्वकायमृज्वायतं सन्नमितोभयांसम् ।
उत्तानपाणिद्वयसन्निवेशात् प्रफुल्लराजीवमिवाङ्कमध्ये ॥ ४५
ପର୍ଯ୍ୟଙ୍କବନ୍ଧସ୍ଥିରପୂର୍ବକାୟମୃଜ୍ୱାୟତଂ ସନ୍ନମିତୋଭୟାଂସମ୍ ।
ଉତ୍ତାନପାଣିଦ୍ୱୟସନ୍ନିବେଶାତ୍ ପ୍ରଫୁଲ୍ଲରାଜୀବମିବାଙ୍କମଧ୍ୟେ ॥ ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାର୍ବତୀ ପିନ୍ଧିଥିଲେ ବସନ୍ତଋତୁର ବିଭିନ୍ନ ପୁଷ୍ପାଭରଣ । ଅଶୋକ ଫୁଲ ପଦ୍ମରାଗମଣିକୁ ବଳି ଯାଇଥିଲା, କନିଅର ଫୁଲ ସୁବର୍ଣ୍ଣର କାନ୍ତିକୁ ଘେନି ଆସିଥିଲା ଏବଂ ସିନ୍ଧୁବାର ଫୁଲ ମୁକ୍ତାହାରର କାର୍ଯ୍ୟ କରୁଥିଲା । ୫୩

ପାର୍ବତୀ ପୃଥୁଳ ସ୍ତନଭାରରେ ଟିକିଏ ନଇଁ ଯାଇଥିଲେ, ପିନ୍ଧିଥିଲେ ବାଳସୂର୍ଯ୍ୟ ରଙ୍ଗର ବସ୍ତ୍ର । ତେଣୁ ପୃଥୁଳ ପୁଷ୍ପସ୍ତବକରେ ନଇଁ ପଡ଼ିଥିବା ଏବଂ ନବପଲ୍ଲବରେ ମଣ୍ଡିତା ହୋଇଥିବା ଏକ ଗତିଶୀଳା ଲତା ପରି ଜଣାପଡୁଥିଲେ। ୫୪

ତାଙ୍କ ନିତମ୍ବରୁ ବଉଳଫୁଲର ଅଣ୍ଟାସୂତା ଖସିଆସୁଥିଲା । ସେ ତାହାକୁ ବାରମ୍ବାର ଉପରକୁ ଉଠାଇ ନେଉଥିଲେ । ସତେ ଯେପରି ସେହି ଫୁଲ- ଅଣ୍ଟାସୂତା ଥିଲା କାମଦେବଙ୍କର ଆଉ ଗୋଟିଏ ଧନୁର୍ଗୁଣ, ଯାହାକୁ ସେ ଠିକ୍ ସ୍ଥାନ ବିବେଚନା କରି ପାର୍ବତୀଙ୍କ ନିତମ୍ବସ୍ଥଳରେ ସୁରକ୍ଷିତ କରି ରଖିଥିଲେ । ୫୫

ପାର୍ବତୀଙ୍କର ସୁଗନ୍ଧମୟ ନିଃଶ୍ୱାସରେ ଆକୃଷ୍ଟ ହୋଇ ଏକ ଭ୍ରମର ତାଙ୍କର ସୁନ୍ଦର ଅଧରପାଖରେ ଉଡୁ ଥିଲା । ପାର୍ବତୀ ଭୟଚଞ୍ଚଳ ଦୃଷ୍ଟିରେ ହାତରେ ଧରିଥିବା କ୍ରୀଡ଼ାପଦ୍ମ ଦ୍ୱାରା ତାକୁ ବାରମ୍ବାର ଘଉଡାଇ-ଦେଉଥିଲେ । ୫୬

ସର୍ବାଙ୍ଗସୁନ୍ଦରୀ ପାର୍ବତୀଙ୍କର ସୌନ୍ଦର୍ଯ୍ୟ ରତିଙ୍କ ସୌନ୍ଦର୍ଯ୍ୟକୁ ମଧ୍ୟ ବଳି ଯାଇଥିଲା । ତାଙ୍କୁ ଦେଖି କାମଦେବ ଜିତେନ୍ଦ୍ରିୟ ଶିବଙ୍କ ପ୍ରତି ନିଜର କାର୍ଯ୍ୟ ସାଧନ କରିପାରିବେ ବୋଲି ପୁଣି ଥରେ ସାହସ ବାନ୍ଧିଲେ । ୫୭

ପାର୍ବତୀ ଭବୀ ସ୍ୱାମୀଙ୍କର ତପସ୍ୟାସ୍ଥାନର ଦ୍ୱାରଦେଶ ପର୍ଯ୍ୟନ୍ତ ଆସିଗଲେ । ଶିବ ମଧ୍ୟ ହୃଦୟରେ ସକଳ ତମସାର ଅତୀତ ପରଂବ୍ରହ୍ମ ଜ୍ୟୋତି ଦର୍ଶନ କରି ଯୋଗରୁ ବିରତ ହେଲେ । ୫୮

ତା' ପରେ ଶିବ ଧୀରେ ଧୀରେ ପ୍ରାଣପବନ ଉନ୍ମୋଚନ କରି ଦୃଢ ବୀରାସନବନ୍ଧ ଶିଥିଳ କଲେ । ସେତେବେଳେ ବାସୁକି ନାଗ ଫଣାମଣ୍ଡଳରେ ପୃଥିବୀକୁ କୌଣସି ପ୍ରକାରେ ଧରି ରଖିଲା । ୫୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्मै शशंस प्रणिपत्य नन्दी शुश्रूषया शैलसुतामुपेताम् ।
प्रवेशयामास च भर्तुरेनां भ्रूक्षेपमात्रानुमतप्रवेशाम् ॥ ६०
ତସ୍ମୈ ଶଶଂସ ପ୍ରଣିପତ୍ୟ ନନ୍ଦୀ ଶୁଶ୍ରୂଷୟା ଶୈଳସୁତାମୁପେତାମ୍ ।
ପ୍ରବେଶୟାମାସ ଚ ଭର୍ତ୍ତୁରେନାଂ ଭ୍ରୂକ୍ଷେପମାତ୍ରାନୁମତପ୍ରବେଶାମ୍ ॥ ୬୦

तस्याः सखीभ्यां प्रणिपातपूर्वं स्वहस्तलूनः शिशिरात्ययस्य ।
व्यकीर्यत त्र्यम्बकपादमूले पुष्पोच्चयः पल्लवभङ्गभिन्नः ॥ ६१
ତସ୍ୟାଃ ସଖୀଭ୍ୟାଂ ପ୍ରଣିପାତପୂର୍ବଂ ସ୍ୱହସ୍ତଲୂନଃ ଶିଶିରାତ୍ୟୟସ୍ୟ ।
ବ୍ୟକୀର୍ଯ୍ୟତ ତ୍ର୍ୟମ୍ବକପାଦମୂଳେ ପୁଷ୍ପୋଚ୍ଚୟଃ ପଲ୍ଲବଭଙ୍ଗଭିନ୍ନଃ ॥ ୬୧

उमापि नीलालकमध्यशोभि विस्रंसयन्ती नवकर्णिकारम् ।
चकार कर्णच्युतपल्लवेन मूर्ध्ना प्रणामं वृषभध्वजाय ॥ ६२
ଉମାପି ନୀଳାଳକମଧ୍ୟଶୋଭି ବିସ୍ରଂସୟନ୍ତୀ ନବକର୍ଣ୍ଣିକାରମ୍ ।
ଚକାର କର୍ଣ୍ଣଚ୍ୟୁତପଲ୍ଲବେନ ମୂର୍ଦ୍ଧ୍ନା ପ୍ରଣାମଂ ବୃଷଭଧ୍ୱଜାୟ ॥ ୬୨

अनन्यभाजं पतिमाप्नुहीति सा तथ्यमेवाभिहिता भवेन ।
न हीश्वरव्याहृतयः कदाचित् पुष्णन्ति लोके विपरीतमर्थम् ॥ ६३
ଅନନ୍ୟଭଜଂ ପତିମାପ୍ନୁହୀତି ସା ତଥ୍ୟମେବାଭିହିତା ଭବେନ ।
ନ ହୀଶ୍ୱରବ୍ୟାହୃତୟଃ କଦାଚିତ୍ ପୁଷ୍ଣନ୍ତି ଲୋକେ ବିପରୀତମର୍ଥମ୍ ॥ ୬୩

कामस्तु वाणावसरं प्रतीक्ष्यः पतङ्गवद् वह्निमुखं विविक्षुः ।
उमासमक्षं हरबद्धलक्ष्यः शरासनज्यां मुहुराममर्श ॥ ६४
କାମସ୍ତୁ ବାଣାବସରଂ ପ୍ରତୀକ୍ଷ୍ୟ ପତଙ୍ଗବଦ୍ ବହ୍ନିମୁଖଂ ବିବିକ୍ଷୁଃ ।
ଉମାସମକ୍ଷଂ ହରବଦ୍ଧଲକ୍ଷ୍ୟଃ ଶରାସନଜ୍ୟାଂ ମୁହୁରାମମର୍ଶ ॥ ୬୪

अथोपनिन्ये गिरिशाय गौरी तपस्विने ताम्ररुचा करेण ।
विशोषितां भानुमतो मयूखैर्मन्दाकिनीपुष्करबीजमालाम् ॥ ६५
ଅଥୋପନିନ୍ୟେ ଗିରିଶାୟ ଗୌରୀ ତପସ୍ୱିନେ ତାମ୍ରରୁଚା କରେଣ ।
ବିଶୋଷିତାଂ ଭାନୁମତୋ ମୟୂଖୈର୍ମନ୍ଦାକିନୀପୁଷ୍କରବୀଜମାଳାମ୍ ॥ ୬୫

प्रतिग्रहीतुं प्रणयिप्रियत्वात् त्रिलोचनस्तामुपचक्रमे च ।
संमोहनं नाम च पुष्पधन्वा धनुष्यमोघं समधत्त वाणम् ॥ ६६
ପ୍ରତିଗ୍ରହୀତୁଂ ପ୍ରଣୟିପ୍ରିୟତ୍ୱାତ୍ ତ୍ରିଲୋଚନସ୍ତାମୁପଚକ୍ରମେ ଚ ।
ସଂମୋହନଂ ନାମ ଚ ପୁଷ୍ପଧନ୍ୱା ଧନୁଷ୍ୟମୋଘଂ ସମଧତ୍ତ ବାଣମ୍ ॥ ୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ୍ରର ଉଦୟରେ ସମୁଦ୍ର ଯେପରି ଚଞ୍ଚଳ ହୋଇ ଉଠେ, ଶିବ ସେହିପରି କିଞ୍ଚିତ୍ ଚଞ୍ଚଳଚିତ୍ତ ହୋଇଉଠିଲେ ଏବଂ ପାର୍ବତୀଙ୍କର ବିମ୍ବ-ଫଳତୁଲ୍ୟ-ଅଧର-ଓଷ୍ଠ-ଶୋଭିତ ମୁଖକୁ ବିସ୍ଫାରିତ ଚକ୍ଷୁରେ ଚାହିଁଲେ । ୬୭

ପାର୍ବତୀ ମଧ୍ୟ ନବବିକଶିତ କଦମ୍ବଫୁଲ ପରି ରୋମାଞ୍ଚିତ-ଶରୀରା ହୋଇ ପ୍ରେମଭବ ପ୍ରକାଶ ପୂର୍ବକ କଟାକ୍ଷଚାହାଣିଶୋଭିତ ମୁଖକୁ ବକ୍ର କରି ଠିଆ ହୋଇ ରହିଲେ । ୬୮

ସଙ୍ଗେ ସଙ୍ଗେ ଶିବ ନିଜର ଇନ୍ଦ୍ରିୟଦମନ ସ୍ୱଭବ ବଳରେ ଇନ୍ଦ୍ରିୟ-ଚପଲ୍ୟକୁ ଦମନ କରି ନିଜ ମନୋବିକାରର କାରଣ ଜାଣିବା ପାଇଁ ଚତୁ-ର୍ଦ୍ଦିଗକୁ ଦୃଷ୍ଟିପାତ କଲେ । ୬୯

ସେ ଦେଖିଲେ, କନ୍ଦର୍ପ ତାଙ୍କ ଉପରକୁ ପୁଷ୍ପଶର ପ୍ରୟୋଗ କରୁଛନ୍ତି । ତାଙ୍କର ବାମପାଦ ଶରମାରିବା ଠାଣିରେ ଆକୁଞ୍ଚିତ ହୋଇଛି ଏବଂ କାନ୍ଧ ଟିକିଏ ତଳକୁ ନଇଁପଡ଼ିଛି । ସୁନ୍ଦର ଧନୁକୁ ଆକର୍ଷଣ କରିଥିବା ହେତୁ ତାହା ବର୍ତ୍ତୁଳାକାର ହୋଇଛି ଏବଂ ଦକ୍ଷିଣ ହାତମୁଠା ଦକ୍ଷିଣ ଚକ୍ଷୁକୋଣରେ ରହିଛି । ୭୦

ତପସ୍ୟାରେ ବାଧାସୃଷ୍ଟି ହେତୁ ଶିବଙ୍କର କ୍ରୋଧ ପ୍ରଜ୍ୱଳିତ ହୋଇ-ଉଠିଲା, ତାଙ୍କର ଭ୍ରୂଲତା ଘନଘନ କମ୍ପିତ ହେଲା, ମୁଖ ଭୟଙ୍କର ଦିଶିଲା ଏବଂ ସହସା ତୃତୀୟ ନୟନରୁ ଉଜ୍ଜ୍ୱଳ ଲେଲିହାନଶିଖାବିଶିଷ୍ଟ ଅଗ୍ନି ଉଦ୍‌ଗୀର୍ଣ୍ଣ ହେଲା । ୭୧

ଦେବତାମାନେ ଆକାଶରେ "ହେ ପ୍ରଭୁ, କ୍ରୋଧ ସମ୍ବରଣ କରନ୍ତୁ, କ୍ରୋଧ ସମ୍ବରଣ କରନ୍ତୁ" ଏହିପରି ଉଚ୍ଚାରଣ କରୁଁ କରୁଁ ରୁଦ୍ରଙ୍କର ତୃତୀୟ ନୟନରୁ ଅଗ୍ନି ଉଦ୍‌ଗୀର୍ଣ୍ଣ ହୋଇ କାମଦେବଙ୍କୁ ଭସ୍ମ କରିଦେଲା । ୭୨

କାମଦେବଙ୍କ ପତ୍ନୀ ରତି ଏହି ଦୁଃସହ ଅବସ୍ଥାରେ ମୂର୍ଚ୍ଛିତା ହୋଇପଡ଼ିଲେ । ତାଙ୍କର ସକଳ ଇନ୍ଦ୍ରିୟବୃତ୍ତି ସ୍ତବଧ ହୋଇଗଲା । ମୂର୍ଚ୍ଛା ସତେ ଯେପରି ମୁହୂର୍ତ୍ତେ ପାଇଁ ତାଙ୍କର ଉପକାର ସାଧନ କଲା ! କାରଣ, ସେ ମୂର୍ଚ୍ଛିତା ହେବାରୁ, କେତେବେଳେ ସ୍ୱାମୀଙ୍କ ବିନାଶ ଘଟିଗଲା, ଜାଣି-ପାରିଲେ ନାହିଁ । ୭୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तमाशु विघ्नं तपसस्तपस्वी वनस्पतिं वज्र इवावभज्य ।
स्त्रीसंनिकर्षं परिहर्तुमिच्छन्नन्तर्दधे भूतपतिः सभूतः ॥ ७४
ତମାଶୁ ବିଘ୍ନଂ ତପସସ୍ତପସ୍ୱୀ ବନସ୍ପତିଂ ବଜ୍ରଂ ଇବାବଭଜ୍ୟ ।
ସ୍ତ୍ରୀସଂନିକର୍ଷଂ ପରିହର୍ତ୍ତୁମିଚ୍ଛନ୍ନନ୍ତର୍ଦ୍ଦଧେ ଭୂତପତିଃ ସଭୂତଃ ॥ ୭୪

ଶୈଳାତ୍ମଜାପି ପିତୁରୁଚ୍ଛିରସୋଽଭିଳାଷଂ
ବ୍ୟର୍ଥଂ ସମର୍ଥ୍ୟ ଲଳିତଂ ବପୁରାତ୍ମନଶ୍ଚ ।
ସଖ୍ୟୋଃ ସମକ୍ଷମିତି ଚାଧିକଜାତଲଜ୍ଜା
ଶୂନ୍ୟା ଜଗାମ ଭବନାଭିମୁଖୀ କଥଂଚିତ୍ ॥୭୫
ସପଦି ମୁକୁଳିତାକ୍ଷୀଂ ରୁଦ୍ରସଂରମ୍ଭଭୀତ୍ୟା
ଦୁହିତରମନୁକମ୍ପ୍ୟାମଦ୍ରିମାଦାୟ ଦୋର୍ଭ୍ୟାମ୍ ।
ସୁରଗଜ ଇବ ବିଭ୍ରତ୍ ପଦ୍ମିନୀଂ ଦନ୍ତଲଗ୍ନାଂ
ପ୍ରତିପଥଗତିରାସୀଦ୍ ବେଗଦୀର୍ଘୀକୃତାଙ୍ଗଃ ॥ ୭୬

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
मदनदहनो नाम तृतीयः सर्गः ॥

●

चतुर्थः सर्गः

अथ मोहपरायणा सती विवशा कामवधूर्विबोधिता ।
विधिना प्रतिपादयिष्यता नववैधव्यमसह्यवेदनम् ॥ १
ଅଥ ମୋହପରାୟଣା ସତୀ ବିବଶା କାମବଧୂର୍ବିବୋଧିତା ।
ବିଧିନା ପ୍ରତିପାଦୟିଷ୍ୟତା ନବବୈଧବ୍ୟମସହ୍ୟବେଦନମ୍ ॥ ୧

अवधानपरे चकार सा प्रलयान्तोन्मिषिते विलोचने ।
न विवेद तयोरतृप्तयोः प्रियमत्यन्तविलुप्तदर्शनम् ॥ २
ଅବଧାନପରେ ଚକାର ସା ପ୍ରଳୟାନ୍ତୋନ୍ମିଷିତେ ବିଲୋଚନେ
ନ ବିବେଦ ତୟୋରତୃପ୍ତୟୋଃ ପ୍ରିୟମତ୍ୟନ୍ତବିଲୁପ୍ତଦର୍ଶନମ୍ ॥ ୨

अयि जीवितनाथ जीवसीत्यभिधायोत्थितया तया पुरः ।
ददृशे पुरुषाकृति क्षितौ हरकोपानलभस्म केवलम् ॥ ३
ଅୟି ଜୀବିତନାଥ ଜୀବସୀତ୍ୟଭିଧାୟୋତ୍ଥିତୟା ତୟା ପୁରଃ ।
ଦଦୃଶେ ପୁରୁଷାକୃତି କ୍ଷିତୌ ହରକୋପାନଳଭସ୍ମ କେବଳମ୍ ॥ ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ସମୟରେ ନନ୍ଦୀ ତାଙ୍କୁ ପ୍ରଣାମ କରି " ପାର୍ବତୀ ସେବା ଉଦ୍ଦେଶ୍ୟରେ ଆସିଛନ୍ତି " ଏହା ଜଣାଇଲେ । ଶିବ ଆଖିରେ ଇଷତ୍ ସୂଚନା ଦେଇ ଅନୁମତି ଦିଅନ୍ତେ ନନ୍ଦୀ ପାର୍ବତୀଙ୍କୁ ଭିତରକୁ ପ୍ରବେଶ କରାଇଲେ । ୬୦

ପାର୍ବତୀଙ୍କ ସଖୀଦ୍ୱୟ ସ୍ୱହସ୍ତରେ ବସନ୍ତ ଋତୁର ଯେଉଁ ପୁଷ୍ପ-ସମ୍ଭାର ତୋଳିଥିଲେ, ଯେଉଁଗୁଡ଼ିକ କି ନବପଲ୍ଲବଯୁକ୍ତ ବୃନ୍ତରେ ଲାଗିରହିଥିଲା, ସେଗୁଡ଼ିକୁ ପ୍ରଣତିପୂର୍ବକ ଶିବଙ୍କ ପାଦତଳେ ଅର୍ପଣ କଲେ । ୬୧

ପାର୍ବତୀ ମଥା ନୁଆଇଁ ଶିବଙ୍କୁ ପ୍ରଣାମ କଲେ । ପ୍ରଣାମ କଲା-ବେଳେ ତାଙ୍କର ଘନକୃଷ୍ଣ କେଶ ମଧ୍ୟରେ ଶୋଭପାଉଥିବା ନୂତନ କନିଅର ଫୁଲ ତଳକୁ ଖସି ପଡିଲା ଏବଂ କାନରେ ପିନ୍ଧିଥିବା ଆମ୍ବବଉଳ ମଧ୍ୟ ଖସିପଡ଼ିଲା । ୬୨

ଶିବ ପାର୍ବତୀଙ୍କୁ "ଅନନ୍ୟସାଧାରଣ ପତି ଲାଭ କର" ଏହା କହି ଆଶୀର୍ବାଦ ଦେଲେ । ସେ ଯାହା କହିଲେ, ତାହା ଅବ୍ୟର୍ଥ ଥିଲା । କାରଣ, ମହାପୁରୁଷମାନଙ୍କର ଉକ୍ତି କେବେହେଲେ ମିଥ୍ୟା ହୁଏ ନାହିଁ । ୬୩

କାମଦେବ ଏହାକୁ ଶର ପ୍ରୟୋଗର ଉପଯୁକ୍ତ ସମୟ ମନେକରି, ପାର୍ବତୀ ଶିବଙ୍କ ସମ୍ମୁଖରେ ଦଣ୍ଡାୟମାନା ଥିବାବେଳେ ଶିବଙ୍କୁ ଲକ୍ଷ୍ୟକରି ଧନୁର ଗୁଣରେ ବାରମ୍ବାର ଶର ସଂଲଗ୍ନ କଲେ । ଏହାଦ୍ୱାରା ସେ ପତଙ୍ଗ ଭଳି ଅଗ୍ନିମୁଖକୁ ଯିବାପାଇଁ ଗ୍ରହୁଁଥିଲେ ମାତ୍ର । ୬୪

ତା'ପରେ ପାର୍ବତୀ, ସ୍ୱର୍ଗଗଙ୍ଗାର ପଦ୍ମବୀଜକୁ ସୂର୍ଯ୍ୟ କିରଣରେ ଶୁଷ୍କ କରାଯାଇ ସେଥିରେ ନିର୍ମିତ ହୋଇଥିବା ଏକ ମାଳାକୁ ନିଜର ତାମ୍ରବର୍ଣ୍ଣ କରତଳରେ ଧରି ତପସ୍ୱୀ ଶିବଙ୍କୁ ଅର୍ପଣ କଲେ । ୬୫

ଅନୁଗତ ବ୍ୟକ୍ତିମାନଙ୍କ ପ୍ରତି ଆଦରଭାବ ହେତୁ ଶିବ ପାର୍ବତୀଙ୍କର ସେହି ମାଳାଟି ଗ୍ରହଣ କରିବାକୁ ଯାଉଛନ୍ତି, ଏହି ସମୟରେ କାମଦେବ ନିଜର ପୁଷ୍ପଧନୁରୁ ସମ୍ମୋହନ ନାମକ ଏକ ଶର ପ୍ରୟୋଗ କରିଦେଲେ । ୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

हरस्तु किंचित्परिलुप्तधैर्यश्चन्द्रोदयारम्भ इवाम्बुराशिः ।
उमामुखे विम्बफलाधरोष्ठे व्यापारयामास विलोचनानि ॥ ६७
ହରସ୍ତୁ କିଞ୍ଚିତ୍ପରିଲୁପ୍ତଧୈର୍ଯ୍ୟଶ୍ଚନ୍ଦ୍ରୋଦୟାରମ୍ଭ ଇବାମ୍ବୁରାଶିଃ ।
ଉମାମୁଖେ ବିମ୍ବଫଲାଧରୋଷ୍ଠେ ବ୍ୟାପାରୟାମାସ ବିଲୋଚନାନି ॥ ୬୭

विवृण्वती शैलसुतापि भावमङ्गैः स्फुरद्बालकदम्बकल्पैः ।
साचीकृता चारुतरेण तस्थौ मुखेन पर्यस्तविलोचनेन ॥ ६८
ବିବୃଣ୍ୱତୀ ଶୈଳସୁତାପି ଭବମଙ୍ଗୈଃ ସ୍ଫୁରଦ୍ବାଳକଦମ୍ବକଳ୍ପୈଃ ।
ସାଚୀକୃତା ଚାରୁତରେଣ ତସ୍ଥୌ ମୁଖେନ ପର୍ଯ୍ୟସ୍ତବିଲୋଚନେନ ॥ ୬୮

अथेन्द्रियक्षोभमयुग्मनेत्रः पुनर्वशित्वाद् बलवन्निगृह्य ।
हेतुं स्वचेतोविकृतेर्दिदृक्षुर्दिशामुपान्तेषु ससर्ज दृष्टिम् ॥ ६९
ଅଥେନ୍ଦ୍ରିୟକ୍ଷୋଭମୟୁଗ୍ମନେତ୍ରଃ ପୁନର୍ବଶିତ୍ୱାଦ୍ ବଳବନ୍ନିଗୃହ୍ୟ ।
ହେତୁଂ ସ୍ୱଚେତୋବିକୃତେର୍ଦିଦୃକ୍ଷୁର୍ଦିଶାମୁପାନ୍ତେଷୁ ସସର୍ଜ ଦୃଷ୍ଟିମ୍ ॥ ୬୯

स दक्षिणापाङ्गनिविष्टमुष्टिं नतांसमाकुञ्चितसव्यपादम् ।
ददर्श चक्रीकृतचारुचापं प्रहर्त्तुमभ्युद्यतमात्मयोनिम् ॥ ७०
ସ ଦକ୍ଷିଣାପାଙ୍ଗନିବିଷ୍ଟମୁଷ୍ଟିଂ ନତାଂସମାକୁଞ୍ଚିତସବ୍ୟପାଦମ୍ ।
ଦଦର୍ଶ ଚକ୍ରୀକୃତଚାରୁଚାପଂ ପ୍ରହର୍ତ୍ତୁମଭ୍ୟୁଦ୍ୟତମାତ୍ମଯୋନିମ୍ ॥ ୭୦

तपःपरामर्शविवृद्धमन्योर्भ्रूभङ्गदुष्प्रेक्ष्यमुखस्य तस्य ।
स्फुरन्नुदर्चिः सहसा तृतीयादक्ष्णः कृशानुः किल निष्पपात ॥ ७१
ତପଃପରାମର୍ଶବିବୃଦ୍ଧମନ୍ୟୋର୍ଭ୍ରୂଭଙ୍ଗଦୁଷ୍ପ୍ରେକ୍ଷ୍ୟମୁଖସ୍ୟ ତସ୍ୟ ।
ସ୍ଫୁରନ୍ନୁଦର୍ଚିଃ ସହସା ତୃତୀୟାଦକ୍ଷ୍ଣଃ କୃଶାନୁଃ କିଲ ନିଷ୍ପପାତ ॥ ୭୧

क्रोधं प्रभो संहर संहरेति यावद् गिरः खे मरुतां चरन्ति ।
तावत् स वह्निर्भवनेत्रजन्मा भस्मावशेषं मदनं चकार ॥ ७२
କ୍ରୋଧଂ ପ୍ରଭୋ ସଂହର ସଂହରେତି ଯାବଦ୍ ଗିରଃ ଖେ ମରୁତାଂ ଚରନ୍ତି ।
ତାବତ୍ ସ ବହ୍ନିର୍ଭବନେତ୍ରଜନ୍ମା ଭସ୍ମାବଶେଷଂ ମଦନଂ ଚକାର ॥ ୭୨

तीव्राभिषङ्गप्रभवेण वृत्तिं मोहेन संस्तम्भयतेन्द्रियाणाम् ।
अज्ञातभर्तृव्यसना मुहूर्तं कृतोपकारेव रतिर्बभूव ॥ ७३
ତୀବ୍ରାଭିଷଙ୍ଗପ୍ରଭବେଣ ବୃତ୍ତିଂ ମୋହେନ ସଂସ୍ତମ୍ଭୟତେନ୍ଦ୍ରିୟାଣାମ୍ ।
ଅଜ୍ଞାତଭର୍ତ୍ତୃବ୍ୟସନା ମୁହୂର୍ତ୍ତଂ କୃତୋପକାରେବ ରତିର୍ବଭୂବ ॥ ୭୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଙ୍ଗେ ସଙ୍ଗେ ସେ ବିହ୍ୱଳା ହୋଇ ଭୂମିରେ ଲୋଟି ବିଳାପ କରିବାକୁ ଲାଗିଲେ । ତାଙ୍କର ସ୍ତନଦ୍ୱୟ ଧୂଳିଧୂସରିତ ହୋଇଗଲା, କେଶପାଶ ଫିଟି ଆଲୁଳାୟିତ ହୋଇଗଲା । ସମସ୍ତ ବନସ୍ଥଳୀ ସତେ ଯେପରି ତାଙ୍କ ବିଳାପରେ ବିଳାପ କରିବାକୁ ଲାଗିଲା । ୪

" ହେ ପ୍ରାଣପ୍ରିୟ, ପରମ ସୌନ୍ଦର୍ଯ୍ୟର ଆଧାର ତୁମର ଶରୀର ସୁଶ୍ରୀ ଲୋକମାନଙ୍କର ଉପମାସ୍ଥଳ ହେଉଥିଲା । ଆଜି ତାହାର ଏଭଳି ଅବସ୍ଥା ! ତଥାପ ମୁଁ ବଞ୍ଚି ରହିଛି !! ହାୟ ! ସ୍ତ୍ରୀଲୋକମାନଙ୍କର ଜୀବନ କି କଠୋର ! ୫

ହେ ପ୍ରିୟତମ, ମୋ ଜୀବନ କେବଳ ତୁମରି ଅଧୀନ । ଜଳ-ପ୍ରବାହ ଯେପରି ପଦ୍ମିନୀକୁ କେଉଁଠି ଫିଙ୍ଗିଦେଇ ଦ୍ରୁତ ବେଗରେ ଚାଲିଯାଏ, ତୁମେ ସେହିପରି ମୁହୂର୍ତ୍ତକ ଭିତରେ ମୋ ସହିତ ସବୁ ସମ୍ପର୍କ ତୁଟାଇ କେଉଁ-ଆଡେ ଚାଲିଗଲ ? ୬

ହେ ପ୍ରିୟ, ତୁମେ ମୋର କୌଣସି ଅପ୍ରିୟ କାର୍ଯ୍ୟ କରିନାହଁ କି ମୁଁ ମଧ୍ୟ ତୁମର କୌଣସି ଅପ୍ରିୟ କାର୍ଯ୍ୟ କରିନାହିଁ । ତା' ହେଲେ, ଅକାରଣରେ ରତି ବିଳାପ କରୁଛି, ତାକୁ କାହିଁକି ଦର୍ଶନ ଦେଉନାହଁ ? ୭

ହେ ସ୍ମର, ଥରେ ତୁମେ କଥଣ କହୁଁ କହୁଁ ଅନ୍ୟ ସ୍ତ୍ରୀର ନାମ ଉଚ୍ଚାରଣ କରି ପକାଇଲ । ତେଣୁ ମୁଁ ମୋ ଅଣ୍ଟାସୂତାରେ ତୁମକୁ ବାନ୍ଧି-ପକାଇଥିଲି ଏବଂ ମୋ କର୍ଣ୍ଣଭୂଷଣ ପଦ୍ମଫୁଲରେ ତୁମକୁ ପ୍ରହାର କରିଥିଲି । ପଦ୍ମଫୁଲର ପରାଗ ପଡ଼ି ତୁମ ଆଖିରେ ଟିକିଏ ପୀଡା ବୋଧ ହୋଇଥିଲା— ଏହା ତୁମେ ସ୍ମରଣ କରିପାରୁଛ ? ୮

ତୁମେ ମୋତେ କହିଥିଲ " ମୁଁ ତୁମ ହୃଦୟରେ ରହିଛି । " କିନ୍ତୁ ଏହି ମଧୁର କଥା ତୁମର କପଟ ଥିଲା ବୋଲି ବର୍ତ୍ତମାନ ମୁଁ ଜାଣୁଛି । ଏହା ଯଦି ମୋତେ କେବଳ ଖୁସି କଲା ଭଳି କଥା ହୋଇ ନ ଥାନ୍ତା, ତେବେ ବର୍ତ୍ତମାନ ମୁଁ ଶରୀର ଧରି ରହିଛି, ତୁମେ କିପରି ଶରୀରବିହୀନ ହୋଇଗଲ ? ୯

କେବଳ ମୋର ସୁଖ ନୁହେଁ, ସକଳ ସଂସାରର ସୁଖ ତୁମ ଉପରେ ନିର୍ଭର କରେ । ତୁମର ପରଲୋକଗମନ ସଙ୍ଗେ ସଙ୍ଗେ ମୁଁ ନିଶ୍ଚୟ ତୁମ ପଥରେ ଯାଇଥାଆନ୍ତି, କିନ୍ତୁ ବିଧାତା ମୋତେ ମୂର୍ଚ୍ଛିତା କରି ପ୍ରତାରଣା କଲା । ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रजनीतिमिरावगुण्ठिते पुरमार्गे घनशब्दविक्लवाः ।
वसतिं प्रिय कामिनां प्रियास्त्वदृते प्रापयितुं क ईश्वरः ॥ ११
ରଜନୀତିମିରବଗୁଣ୍ଠିତେ ପୁରମାର୍ଗେ ଘନଶବ୍ଦବିକ୍ଳବାଃ ।
ବସତିଂ ପ୍ରିୟ କାମିନାଂ ପ୍ରିୟାସ୍ତ୍ୱଦୃତେ ପ୍ରାପୟିତୁଂ କ ଈଶ୍ୱରଃ ॥ ୧୧

नयनान्यरुणानि घूर्णयन् वचनानि स्खलयन् पदे पदे ।
असति त्वयि वारुणिमदः प्रमदानामधुना विडम्बना ॥ १२
ନୟନାନ୍ୟରୁଣାନି ଘୂର୍ଣ୍ଣୟନ୍ ବଚନାନି ସ୍ଖଳୟନ୍ ପଦେ ପଦେ ।
ଅସତି ତ୍ୱୟି ବାରୁଣୀମଦଃ ପ୍ରମଦାନାମଧୁନା ବିଡମ୍ବନା ॥ ୧୨

अवगम्य कथीकृतं वपुः प्रियबन्धोस्तव निष्फलोदयः ।
बहुलेऽपि गते निशाकरस्तनुतां दुःखमनङ्ग मोक्ष्यति ॥ १३
ଅବଗମ୍ୟ କଥୀକୃତଂ ବପୁଃ ପ୍ରିୟବନ୍ଧୋସ୍ତବ ନିଷ୍ଫଳୋଦୟଃ ।
ବହୁଳେଽପି ଗତେ ନିଶାକରସ୍ତନୁତାଂ ଦୁଃଖମନଙ୍ଗ ମୋକ୍ଷ୍ୟତି ॥ ୧୩

हरितारुणचारुबन्धनः कलपुंस्कोकिलशब्दसूचितः ।
वद संप्रति कस्य बाणतां नवचूतप्रसवो गमिष्यति ॥ १४
ହରିତାରୁଣଚାରୁବନ୍ଧନଃ କଳପୁଂସ୍କୋକିଳଶବ୍ଦସୂଚିତଃ ।
ବଦ ସଂପ୍ରତି କସ୍ୟ ବାଣତାଂ ନବଚୂତପ୍ରସବୋ ଗମିଷ୍ୟତି ॥ ୧୪

अलिपङ्क्तिरनेकशस्त्वया गुणकृत्ये धनुषो नियोजिता ।
विरुतैः करुणस्वनैरियं गुरुशोकामनुरोदितीव माम् ॥ १५
ଅଳିପଙ୍କ୍ତିରନେକଶସ୍ତ୍ୱୟା ଗୁଣକୃତ୍ୟେ ଧନୁଷୋ ନିୟୋଜିତା ।
ବିରୁତୈଃ କରୁଣସ୍ୱନୈରିୟଂ ଗୁରୁଶୋକାମନୁରୋଦିତୀବ ମାମ୍ ॥ ୧୫

प्रतिपद्य मनोहरं वपुः पुनरप्यादिश तावदुत्थितः ।
रतिदूतिपदेषु कोकिलां मधुरालापनिसर्गपण्डिताम् ॥ १६
ପ୍ରତିପଦ୍ୟ ମନୋହରଂ ବପୁଃ ପୁନରପ୍ୟାଦିଶ ତାବଦୁତ୍ଥିତଃ ।
ରତିଦୂତିପଦେଷୁ କୋକିଳାଂ ମଧୁରାଳାପନିସର୍ଗପଣ୍ଡିତାମ୍ ॥ ୧୬

शिरसा प्रणिपत्य याचितान्युपगूढानि सवेपथूनि च ।
सुरतानि च तानि ते रहः स्मर संस्मृत्य न शान्तिरस्ति मे ॥ १७
ଶିରସା ପ୍ରଣିପତ୍ୟ ଯାଚିତାନ୍ୟୁପଗୂଢାନି ସବେପଥୂନି ଚ ।
ସୁରତାନି ଚ ତାନି ରହଃ ସ୍ମର ସଂସ୍ମୃତ୍ୟ ନ ଶାନ୍ତିରସ୍ତି ମେ ॥ ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଜ୍ର ଯେପରି ବୃକ୍ଷକୁ ଧ୍ୱଂସ କରି ଅନ୍ତର୍ଦ୍ଧାନ ହୋଇଯାଏ, ତପସ୍ୱୀ ଶିବ ସେହିପରି ତପସ୍ୟାର ବିଘ୍ନକୁ ଧ୍ୱଂସ କରି ରମଣୀସାନ୍ନିଧ୍ୟ ପରିହାର କରିବା ଉଦ୍ଦେଶ୍ୟରେ ନିଜ ଗଣଙ୍କ ସହିତ ଅନ୍ତର୍ଦ୍ଧାନ ହୋଇଗଲେ । ୭୪

ପାର୍ବତୀ ଉନ୍ନତଶିର ପିତାଙ୍କର ଅଭିଳାଷକୁ ଏବଂ ନିଜର ସୁନ୍ଦର ଶରୀରକୁ ବ୍ୟର୍ଥ ବୋଲି ହୃଦୟଙ୍ଗମ କରି, ସଖୀଦ୍ୱୟଙ୍କ ସମକ୍ଷରେ ଏହା ଘଟିଯିବାରୁ ଅଧିକ ଲଜ୍ଜା ଅନୁଭବ କରି, ଶୂନ୍ୟ ହୃଦୟରେ କୌଣସି ପ୍ରକାରେ ଗୃହଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ୭୫

ରୁଦ୍ରଙ୍କ କ୍ରୋଧ ଦେଖି ଭୟରେ ଆଖି ବୁଜିପକାଇଥିବା ନିଜର ଦୟନୀୟା ଝିଅଟିକୁ ପିତା ହିମାଳୟ ସହସା ଟେକିନେଲେ ଏବଂ ଦେବହସ୍ତୀ ଐରାବତ ଦନ୍ତରେ ପଦ୍ମଲତାଟିଏ ଧରି ଯେପରି ଗତି କରେ, ସେହିପରି ଝିଅକୁ ଧରି ଶରୀର ପ୍ରସାରିତ କରି କ୍ଷିପ୍ରଗତିରେ ନିଜ ନଗରକୁ ଚାଲିଗଲେ । ୭୬

....

ଚତୁର୍ଥ ସର୍ଗ

ତା'ପରେ, ମୂର୍ଚ୍ଛିତା ହୋଇ ଅସହାୟ ଅବସ୍ଥାରେ ପଡ଼ିଥିବା ପତି-ପରାୟଣା ରତିଙ୍କୁ ବିଧାତା ନୂତନ ବୈଧବ୍ୟର ଅସହ୍ୟ ବେଦନା ଅନୁଭବ କରାଇବା ନିମନ୍ତେ ଚେତନା ପ୍ରଦାନ କଲେ । ୧

ରତି ଚକ୍ଷୁଦ୍ୱୟ ଖୋଲି ପ୍ରିୟତମଙ୍କୁ ଦେଖିବା ପାଇଁ ବ୍ୟଗ୍ର ହୋଇ-ଉଠିଲେ । କିନ୍ତୁ ପ୍ରିୟତମଙ୍କୁ ଦେଖିବା ଯେ ତାଙ୍କର ଅତୃପ୍ତ ଚକ୍ଷୁଦ୍ୱୟ ପକ୍ଷରେ ଚିରକାଳ ପାଇଁ ଆଉ ସମ୍ଭବ ନଥିଲା, ଏହା ସେ ଜାଣିନଥିଲେ । ୨

" ହେ ପ୍ରାଣେଶ୍ୱର, ତୁମେ ଜୀବିତ ଅଛ ? " ଏହା କହି ସେ ଉଠିପଡ଼ିବା ମାତ୍ରେ ଭୂମି ଉପରେ ପୁରୁଷ ଆକୃତିର କେବଳ ହରକ୍ରୋଧାଗ୍ନି-ଭସ୍ମ ଦେଖିବାକୁ ପାଇଲେ । ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ सा पुनरेव विह्वला वसुधालिङ्गनधूसरस्तनी ।
विललाप विकीर्णमूर्धजा समदुःखामिव कुर्वती स्थलीम् ॥ ४
ଅଥ ସା ପୁନରେବ ବିହ୍ୱଳା ବସୁଧାଲିଙ୍ଗନଧୂସରସ୍ତନୀ ।
ବିଲଲାପ ବିକୀର୍ଣ୍ଣମୂର୍ଦ୍ଧଜା ସମଦୁଃଖାମିବ କୁର୍ବତୀ ସ୍ଥଳୀମ୍ ॥ ୪

उपमानमभूद् विलासिनां करणं यत् तव कान्तिमत्तया ।
तदिदं गतमीदृशीं दशां न विदीर्ये कठिनाः खलु स्त्रियः ॥ ५
ଉପମାନମଭୂଦ୍ ବିଳାସିନାଂ କରଣଂ ଯତ୍ ତବ କାନ୍ତିମତ୍ତୟା ।
ତଦିଦଂ ଗତମୀଦୃଶୀଂ ଦଶାଂ ନ ବିଦୀର୍ଯ୍ୟେ କଠିନାଃ ଖଲୁ ସ୍ତ୍ରିୟଃ ॥ ୫

क्व नु मां त्वदधीनजीवितां विनिकीर्य क्षणभिन्नसौहृदः ।
नलिनीं क्षतसेतुबन्धनो जलसंघात इवासि विद्रुतः ॥ ६
କ୍ୱ ନୁ ମାଂ ତ୍ୱଦଧୀନଜୀବିତାଂ ବିନିକୀର୍ଯ୍ୟ କ୍ଷଣଭିନ୍ନସୌହୃଦଃ ।
ନଳିନୀଂ କ୍ଷତସେତୁବନ୍ଧନୋ ଜଳସଂଘାତ ଇବାସି ବିଦ୍ରୁତଃ ॥ ୬

कृतवानसि विप्रियं न मे प्रतिकूलं न च ते मया कृतम् ।
किमकारणमेव दर्शनं विलपन्त्यै रतये न दीयते ॥ ७
କୃତବାନସି ବିପ୍ରିୟଂ ନ ମେ ପ୍ରତିକୂଳଂ ନ ଚ ତେ ମୟା କୃତମ୍ ।
କିମକାରଣମେବ ଦର୍ଶନଂ ବିଳପନ୍ତ୍ୟୈ ରତୟେ ନ ଦୀୟତେ ॥ ୭

स्मरसि स्मर मेखलागुणैरुत गोत्रस्खलितेषु बन्धनम् ।
च्युतकेशर-दूषितेक्षणान्यवतंसोत्पलताडनानि वा ॥ ८
ସ୍ମରସି ସ୍ମର ମେଖଳାଗୁଣୈରୁତ ଗୋତ୍ରସ୍ଖଳିତେଷୁ ବନ୍ଧନମ୍ ।
ଚ୍ୟୁତକେଶର ଦୂଷିତେକ୍ଷଣାନ୍ୟବତଂସୋତ୍ପଳତାଡନାନି ବା ॥ ୮

हृदये वससीति मत्प्रियं यदवोचस्तदवैमि कैतवम् ।
उपचारपदं न चेदिदं त्वमनङ्गः कथमक्षता रतिः ॥ ९
ହୃଦୟେ ବସସୀତି ମତ୍ପ୍ରିୟଂ ଯଦବୋଚସ୍ତଦବୈମି କୈତବମ୍ ।
ଉପଚାରପଦଂ ନ ଚେଦିଦଂ ତ୍ୱମନଙ୍ଗଃ କଥମକ୍ଷତା ରତିଃ ॥ ୯

परलोकनवप्रवासिनः प्रतिपत्स्ये पदवीमहं तव ।
विधिना जन एष वञ्चितस्त्वदधीनं खलु देहिनां सुखम् ॥ १०
ପରଲୋକନବପ୍ରବାସିନଃ ପ୍ରତିପତ୍ସ୍ୟେ ପଦବୀମହଂ ତବ ।
ବିଧିନା ଜନ ଏଷ ବଞ୍ଚିତସ୍ତ୍ୱଦଧୀନଂ ଖଳୁ ଦେହିନାଂ ସୁଖମ୍ ॥ ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ପ୍ରିୟ, ରତିରେ ଅନ୍ଧକାରାଚ୍ଛନ୍ନ ପୁରମାର୍ଗରେ ପ୍ରିୟାମାନେ ପ୍ରିୟମାନଙ୍କ ନିକଟକୁ ଅଭିସାର କରି ଗଲାବେଳେ ଯଦି ମେଘ ଗର୍ଜନ କରେ, ସେମାନେ ଭୟଭୀତ ହୋଇ ପଡନ୍ତି । ସେତେବେଳେ ତୁମ ବ୍ୟତୀତ ଆଉ କିଏ ସେମାନଙ୍କୁ ପ୍ରିୟମାନଙ୍କ ନିକଟରେ ପହଞ୍ଚାଇ ପାରିବ ? ୧୧

ମଦିରାର ଯେଉଁ ଉନ୍ମାଦନା ପ୍ରମଦାମାନଙ୍କର ଚକ୍ଷୁକୁ ଆରକ୍ତ ତଥା ଘୂର୍ଣ୍ଣିତ କରେ, ବଚନକୁ ବାରମ୍ବାର ସ୍ଖଳିତ କରେ, ବର୍ତ୍ତମାନ ତାହା ତୁମ ଅଭାବରେ ସେମାନଙ୍କ ପକ୍ଷରେ ବିଡମ୍ବନାମାତ୍ର । ୧୨

ହେ ଅନଙ୍ଗ, ତୁମେ ଚନ୍ଦ୍ରର ପ୍ରିୟ ବନ୍ଧୁ । ବର୍ତ୍ତମାନ ଚନ୍ଦ୍ର ଯେତେବେଳେ ଶୁଣିବ, ତୁମେ କେବଳ କଥାରେ ଅବଶିଷ୍ଟ ରହିଛ, ସେ ନିଜର ଉଦୟକୁ ନିଷ୍ଫଳ ମନେ କରିବ ଏବଂ କୃଷ୍ଣପକ୍ଷ ଅତିକ୍ରାନ୍ତ ହେଲେ ମଧ୍ୟ ଅତ୍ୟନ୍ତ ଦୁଃଖରେ କ୍ଷୀଣତା ପରିତ୍ୟାଗ କରିବ । ୧୩

ସବୁଜ-ଲୋହିତ ବୃନ୍ତରେ ଶୋଭିତ ନୂତନ ଆମ୍ରବଉଳ ଯାହାର ଶୁଭଗମନର ସୂଚନା ଦିଏ କୋକିଳର କୁହୁତାନ, ତାହା ଏଣିକି କାହାର ଶର ହେବ ? ୧୪

ଏହି ଭ୍ରମରପଂକ୍ତି, ଯାହାକୁ କି ତୁମେ ତୁମ ଧନୁର ଗୁଣ ରୂପେ ବ୍ୟବହାର କରୁଥିଲ, ବର୍ତ୍ତମାନ କରୁଣ ସ୍ୱରରେ ଗୁଞ୍ଜନ କରୁଛନ୍ତି ଏବଂ ମୋର ଗୁରୁ ଦୁଃଖକୁ ଗୁରୁତର କରି ମୋ ସହିତ କାନ୍ଦୁଛନ୍ତି । ୧୫

ହେ ପ୍ରିୟ, ତୁମେ ଆଉ ଥରେ ନିଜର ସୁନ୍ଦର ଶରୀର ଧାରଣ କରି ଉଠ, ମଧୁର-ବଚନ-ପ୍ରବୀଣା ଏଇ କୋକିଳାକୁ ପ୍ରିୟ-ପ୍ରିୟାମାନଙ୍କର ଦୂତୀକାର୍ଯ୍ୟରେ ନିଯୁକ୍ତ କର । ୧୬

ହେ ସ୍ମର, ମୋର ପ୍ରଣୟ-ଅଭିମାନ ବେଳେ ତୁମେ ମୋ ପାଦତଳେ ପଡ଼ି ପ୍ରଣୟ ପ୍ରାର୍ଥନା କରୁଥିଲ, ମୁଁ ପ୍ରେମରେ ପୁଲକିତ ହୋଇ ତୁମକୁ ଆଲିଙ୍ଗନ କରୁଥିଲି । ଏହିପରି ଆମର ନିଭୃତ ସୁରତକେଳି ପ୍ରସଙ୍ଗ ମନେପଡ଼ି ମୋତେ ଧୈର୍ଯ୍ୟହୀନ କରୁଅଛି । ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रचितं रतिपण्डित त्वया स्वयमङ्गेषु ममेदमार्तवम् ।
ध्रियते कुसुमप्रसाधनं तव तच्चारु वपुर्न दृश्यते ॥ १८
ରଚିତଂ ରତିପଣ୍ଡିତ ତ୍ୱୟା ସ୍ୱୟମଙ୍ଗେଷୁ ମମେଦମାର୍ତବମ୍ ।
ଧ୍ରିୟତେ କୁସୁମପ୍ରସାଧନଂ ତବ ତଚ୍ଚାରୁ ବପୁର୍ନ ଦୃଶ୍ୟତେ ॥ ୧୮

विबुधैरसि यस्य दारुणैरसमाप्ते परिकर्मणि स्मृतः ।
तमिमं कुरु दक्षिणेतरं चरणं निर्मितरागमेहि मे ॥ १९
ବିବୁଧୈରସି ଯସ୍ୟ ଦାରୁଣୈରସମାପ୍ତେ ପରିକର୍ମଣି ସ୍ମୃତଃ ।
ତମିମଂ କୁରୁ ଦକ୍ଷିଣେତରଂ ଚରଣଂ ନିର୍ମିତରାଗମେହି ମେ ॥ ୧୯

अहमेत्य पतङ्गवर्त्मना पुनरङ्काश्रयिणी भवामि ते ।
चतुरैः सुरकामिनीजनैः प्रिय यावन्न विलोभ्यसे दिवि ॥ २०
ଅହମେତ୍ୟ ପତଙ୍ଗବର୍ତ୍ମନା ପୁନରଙ୍କାଶ୍ରୟିଣୀ ଭବାମି ତେ ।
ଚତୁରୈଃ ସୁରକାମିନୀଜନୈଃ ପ୍ରିୟ ଯାବନ୍ନ ବିଲୋଭ୍ୟସେ ଦିବି ॥ ୨୦

मदनेन विनाकृता रतिः क्षणमात्रं किल जीवितेति मे ।
वचनीयमिदं व्यवस्थितं रमण त्वामनुयामि यद्यपि ॥ २१
ମଦନେନ ବିନାକୃତା ରତିଃ କ୍ଷଣମାତ୍ରଂ କିଲ ଜୀବିତେତି ମେ ।
ବଚନୀୟମିଦଂ ବ୍ୟବସ୍ଥିତଂ ରମଣ ତ୍ୱାମନୁଯାମି ଯଦ୍ୟପି ॥ ୨୧

क्रियतां कथमन्त्यमण्डनं परलोकान्तरितस्य ते मया ।
सममेव गतोऽस्यतर्कितां गतिमङ्गेन च जीवितेन च ॥ २२
କ୍ରିୟତାଂ କଥମନ୍ତ୍ୟମଣ୍ଡନଂ ପରଲୋକାନ୍ତରିତସ୍ୟ ତେ ମୟା ।
ସମମେବ ଗତୋଽସ୍ୟତର୍କିତାଂ ଗତିମଙ୍ଗେନ ଚ ଜୀବିତେନ ଚ ॥ ୨୨

ऋजुतां नयतः स्मरामि ते शरमुत्सङ्गनिषण्णधन्वनः ।
मधुना सह सस्मितां कथां नयनोपान्तविलोकितं च तत् ॥ २३
ଋଜୁତାଂ ନୟତଃ ସ୍ମରାମି ତେ ଶରମୁତ୍ସଙ୍ଗନିଷଣ୍ଣଧନ୍ୱନଃ ।
ମଧୁନା ସହ ସସ୍ମିତାଂ କଥାଂ ନୟନୋପାନ୍ତବିଲୋକିତଂ ଚ ତତ୍ ॥ ୨୩

क्व नु ते हृदयङ्गमः सखा कुसुमायोजितकार्मुको मधुः ।
न खलूग्ररुषा पिनाकिना गमितः सोऽपि सुहृद्गतां गतिम् ॥ २४
କ୍ୱ ନୁ ତେ ହୃଦୟଙ୍ଗମଃ ସଖା କୁସୁମାୟୋଜିତକାର୍ମୁକୋ ମଧୁଃ ।
ନ ଖଲୂଗ୍ରରୁଷା ପିନାକିନା ଗମିତଃ ସୋଽପି ସୁହୃଦ୍‌ଗତାଂ ଗତିମ୍ ॥ ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ସୁରତପ୍ରବୀଣ, ତୁମେ ନିଜେ ମୋ ଦେହରେ ବସନ୍ତଋତୁର ଯେଉଁ ପୁଷ୍ପ-ଆଭରଣ ପିନ୍ଧାଇ ଦେଇଛ, ତାହା ଏ ପର୍ଯ୍ୟନ୍ତ ମୋ ଦେହରେ ଅଛି, କିନ୍ତୁ ତୁମର ସୁନ୍ଦର ଶରୀର ଆଉ ନାହିଁ । ୧୮

ତୁମେ ମୋ ଦକ୍ଷିଣ ପାଦରେ ଅଳତା ଲଗାଇ ଦେଉଥିଲ, ଏହି ସମୟରେ ନିଷ୍ଠୁର ଦେବତାମାନେ ତୁମକୁ ସ୍ମରଣ କରିବାରୁ ତୁମେ ତାହା ଅସମାପ୍ତ ରଖି ଚାଲିଗଲ । ବର୍ତ୍ତମାନ ଆସ, ମୋର ବାମ ପାଦକୁ ଅଳତାରେ ରଞ୍ଜିତ କର । ୧୯

ହେ ପ୍ରିୟ, ସ୍ୱର୍ଗର ଚତୁରୀ ଦେବାଙ୍ଗନାମାନେ ତୁମକୁ ଦେଖି ଲୋଭକରିବା ପୂର୍ବରୁ ମୁଁ ଅଗ୍ନିରେ ଝାସ ଦେଇ, ତୁମ ନିକଟକୁ ଯାଇ ପୁଣି ତୁମର କୋଳ ଲାଭ କରିବି । ୨୦

ହେ ପ୍ରିୟ, ମୁଁ ଯଦିଓ ତୁମ ପଛେ ପଛେ ପ୍ରାଣତ୍ୟାଗ କରିବି, ତଥାପି "ରତି ମଦନ ବିନା କ୍ଷଣେ ମାତ୍ର ହେଲେ ମଧ୍ୟ ଜୀବିତ ରହିଥିଲା" ଏହି ନିନ୍ଦା ମୋ ପାଇଁ ଚିରକାଳ ରହିଗଲା । ୨୧

ତୁମର ପରଲୋକପ୍ରାପ୍ତିରେ ତୁମକୁ ଶେଷଥର ପାଇଁ କିପରି ମୁଁ ମଣ୍ଡିତ କରି ପାରିବି ? କାରଣ, ତୁମର ଶରୀର ଓ ପ୍ରାଣ, ଉଭୟ ଏକ ସମୟରେ ଅପ୍ରତ୍ୟାଶିତ ଭାବରେ ବିନଷ୍ଟ ହୋଇଯାଇଛି । ୨୨

ତୁମେ କୋଳରେ ଧନୁ ରଖି ଶର ସଳଖାଉଥିବା ବେଳେ ଯେପରି ଭାବରେ ପ୍ରିୟବନ୍ଧୁ ବସନ୍ତ ସହିତ ଆଳାପ କରୁଥିଲ ଏବଂ ତତ୍ ସଙ୍ଗେ ସଙ୍ଗେ ମୋ ଆଡକୁ ନେତ୍ରକୋଣରେ ଚାହୁଁଥିଲ ସେହି ଦୃଶ୍ୟ ମୋର ସ୍ମୃତିପଥକୁ ଆସିଯାଉଛି । ୨୩

ତୁମ ହୃଦୟଗ ସଖା ବସନ୍ତ, ଯେ କି ତୁମ ପାଇଁ ପୁଷ୍ପଧନୁ ନିର୍ମାଣ କରନ୍ତି, ସେ ବର୍ତ୍ତମାନ କେଉଁଠି ? ପିନାକିଙ୍କର ପ୍ରଚଣ୍ଡ କ୍ରୋଧରେ ତାଙ୍କର ଦଶା ତାଙ୍କ ପ୍ରିୟସଖାଙ୍କ ଦଶା ପରି ହୋଇନାହିଁ ତ ? " ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ तैः परिदेविताक्षरैर्हृदये दिग्धशरैरिवाहतः ।
रतिमभ्युपपत्तुमातुरां मधुरात्मानमदर्शयत् पुरः ॥ २५
ଅଥ ତୈଃ ପରିଦେବିତାକ୍ଷରୈର୍ହୃଦୟେ ଦିଗ୍ଧଶରୈରିବାହତଃ ।
ରତିମଭ୍ୟୁପପତ୍ତୁମାତୁରାଂ ମଧୁରାତ୍ମାନମଦର୍ଶୟତ୍ ପୁରଃ ॥ ୨୫

तमवेक्ष्य रुरोद सा भृशं स्तनसंबाधमुरो जघान च ।
स्वजनस्य हि दुःखमग्रतो विवृतद्वारमिवोपजायते ॥ २६
ତମବେକ୍ଷ୍ୟ ରୁରୋଦ ସା ଭୃଶଂ ସ୍ତନସମ୍ବାଧମୁରୋ ଜଘାନ ଚ ।
ସ୍ୱଜନସ୍ୟ ହି ଦୁଃଖମଗ୍ରତୋ ବିବୃତଦ୍ୱାରମିବୋପଜାୟତେ ॥ ୨୬

इति चैनमुवाच दुःखिता सुहृदः पश्य बसन्त किं स्थितम् ।
तदिदं कणशो विकीर्यते पवनैर्भस्म कपोतकर्बुरम् ॥ २७
ଇତି ଚୈନମୁବାଚ ଦୁଃଖିତା ସୁହୃଦଃ ପଶ୍ୟ ବସନ୍ତ କିଂ ସ୍ଥିତମ୍ ।
ତଦିଦଂ କଣଶୋ ବିକୀର୍ୟତେ ପବନୈର୍ଭସ୍ମ କପୋତକର୍ବୁରମ୍ ॥ ୨୭

अयि संप्रति देहि दर्शनं स्मर पर्युत्सुक एष माधवः ।
दयितास्वनवस्थितं नृणां न खलु प्रेम चलं सुहृज्जने ॥ २८
ଅୟି ସଂପ୍ରତି ଦେହି ଦର୍ଶନଂ ସ୍ମର ପର୍ୟୁତ୍ସୁକ ଏଷ ମାଧବଃ ।
ଦୟିତାସ୍ୱନବସ୍ଥିତଂ ନୃଣାଂ ନ ଖଲୁ ପ୍ରେମ ଚଳଂ ସୁହୃଜ୍ଜନେ ॥ ୨୮

अमुना ननु पार्श्ववर्तिना जगदाज्ञां ससुरासुरं तव ।
बिसतन्तुगुणस्य कारितं धनुषः पेलवपुष्पपत्त्रिणः ॥ २९
ଅମୁନା ନନୁ ପାର୍ଶ୍ୱବର୍ତ୍ତିନା ଜଗଦାଜ୍ଞାଂ ସସୁରାସୁରଂ ତବ ।
ବିସତନ୍ତୁଗୁଣସ୍ୟ କାରିତଂ ଧନୁଷଃ ପେଲବପୁଷ୍ପପତ୍ତ୍ରିଣଃ ॥ ୨୯

गत एव न ते निवर्त्तते स सखा दीप इवानिलाहतः ।
अहमस्य दशेव पश्य मामविषह्यव्यसनेन धूमिताम् ॥ ३०
ଗତ ଏବ ନ ତେ ନିବର୍ତ୍ତତେ ସ ସଖା ଦୀପ ଇବାନିଳାହତଃ ।
ଅହମସ୍ୟ ଦଶେବ ପଶ୍ୟ ମାମବିଷହ୍ୟବ୍ୟସନେନ ଧୂମିତାମ୍ ॥ ୩୦

विधिना कृतमर्द्धवैशसं ननु मां कामवधे विमुञ्चता ।
अनपायिनि संश्रयद्रुमे गजभग्ने पतनाय वल्लरी ॥ ३१
ବିଧିନା କୃତମର୍ଦ୍ଧବୈଶସଂ ନନୁ ମାଂ କାମବଧେ ବିମୁଞ୍ଚତା ।
ଅନପାୟିନି ସଂଶ୍ରୟଦ୍ରୁମେ ଗଜଭଗ୍ନେ ପତନାୟ ବଲ୍ଲରୀ ॥ ୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରତି ଏହିପରି ବିଳାପ କରୁଥିବା ବେଳେ ତାଙ୍କୁ ଆଶ୍ୱାସନା ଦେବା ନିମନ୍ତେ ବସନ୍ତ ସମ୍ମୁଖରେ ଆସି ଉପସ୍ଥିତ ହେଲା । ରତିଙ୍କର ବିଳାପବଚନ ତା'ର ହୃଦୟକୁ ବିଷବୋଳା ଶର ଭଳି ବେଦନା ଦେଉଥିଲା । ୨୫

ବସନ୍ତକୁ ଦେଖି ରତି ବକ୍ଷରେ କରାଘାତ କରି, ଜଘନରେ ଆଘାତ କରି, ଅଧିକ ଜୋରରେ କାନ୍ଦିବାକୁ ଲାଗିଲେ । ସ୍ୱଜନଙ୍କୁ ସମ୍ମୁଖରେ ଦେଖିଲେ ଦୁଃଖୀର ଦୁଃଖର ଦ୍ୱାର ସତେ ଯେପରି ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇଯାଏ । ୨୬

ଦୁଃଖିନୀ ରତି କହିଲେ, " ବସନ୍ତ, ଦେଖ, ତୁମ ପ୍ରିୟସଖାଙ୍କର କି ଅବସ୍ଥା ହୋଇଛି ! ତାଙ୍କର ଶରୀରଭସ୍ମ କପୋତଡେଣା ପରି ବିଭିନ୍ନ ବର୍ଣ୍ଣ ଧାରଣ କରିଛି ଏବଂ ପବନରେ କଣିକା କଣିକା ହୋଇ ଇତସ୍ତତଃ ବିକୀର୍ଣ୍ଣ ହେଉଛି । ୨୭

ହେ ସ୍ମର, ବର୍ତ୍ତମାନ ଦର୍ଶନ ଦିଅ । ତୁମର ପ୍ରିୟବନ୍ଧୁ ବସନ୍ତ ଉତ୍‌କଣ୍ଠିତ ଚିତ୍ତରେ ଠିଆ ହୋଇଛନ୍ତି । ଲୋକମାନଙ୍କର ପତ୍ନୀପ୍ରେମ ସିନା ଅସ୍ଥିର, ବନ୍ଧୁ ପ୍ରେମ କ'ଣ ଅସ୍ଥିର ? ୨୮

ହେ ପ୍ରିୟ, ତୁମ ଧନୁର ଗୁଣ ହେଉଛି ମୃଣାଳସୂତ୍ର ଏବଂ ଶର ହେଉଛି ପୁଷ୍ପ । ଏପରି କୋମଳ ଧନୁ ଓ ଶରରେ ତୁମେ ଯେ ଚରାଚର ଜଗତକୁ ବଶ କରିପାରୁଥିଲ, ତାହା ସମ୍ଭବ ହେଉଥିଲା କେବଳ ତୁମ ପାଖରେ ଠିଆ ହୋଇଥିବା ଏଇ ପ୍ରିୟସଖା ବସନ୍ତଙ୍କ ଯୋଗୁଁ । ୨୯

ହେ ବସନ୍ତ, ତୁମର ସଖା ବାୟୁ-ଆହତ ପ୍ରଦୀପ ଭଳି ନିର୍ବାପିତ ହୋଇଛନ୍ତି । ଆଉ ମୁଁ ସେହି ପ୍ରଦୀପର ସଳିତା ଭଳି ଦୁର୍ବିସହ ବେଦନାରେ ଧୂମାୟିତା ହୋଇ ରହିଛି । ୩୦

ବିଧାତା ମୋତେ ସିନା ବିନାଶ କରିନାହାଁନ୍ତି, କିନ୍ତୁ କାମଦେବଙ୍କୁ ବିନାଶ କରିବାଦ୍ୱାରା ମୋତେ ଅର୍ଦ୍ଧ ବିନାଶ କରି ଦେଇଛନ୍ତି । ଲତା ଯେଉଁ ବୃକ୍ଷଟିକୁ ଆଶ୍ରୟ କରି ରହିଥାଏ, ସେହି ବୃକ୍ଷଟିକୁ ହାତୀ ଯଦି ଭାଙ୍ଗିଦିଏ, ତେବେ ଲତାର ଧ୍ୱଂସ ସୁନିଶ୍ଚିତ ନୁହେଁ କି ? ୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तदिदं क्रियतामनन्तरं भवता बन्धुजनप्रयोजनम् ।
विधुरां ज्वलनातिसर्जनान्ननु मां प्रापय पत्युरन्तिकम् ॥ ३२
ତଦିଦଂ କ୍ରିୟତାମନନ୍ତରଂ ଭବତା ବନ୍ଧୁଜନପ୍ରୟୋଜନମ୍ ।
ବିଧୁରଂ ଜ୍ୱଳନାତିସର୍ଜନାନ୍ନନୁ ମାଂ ପ୍ରାପୟ ପତ୍ୟୁରନ୍ତିକମ୍ ॥ ୩୨

शशिना सह याति कौमुदी सह मेघेन तडित् प्रलीयते ।
प्रमदाः पतिवर्त्मगा इति प्रतिपन्नं हि विचेतनैरपि ॥ ३३
ଶଶିନା ସହ ଯାତି କୌମୁଦୀ ସହ ମେଘେନ ତଡ଼ିତ୍ ପ୍ରଲୀୟତେ ।
ପ୍ରମଦାଃ ପତିବର୍ତ୍ମଗା ଇତି ପ୍ରତିପନ୍ନଂ ହି ବିଚେତନୈରପି ॥ ୩୩

अमुनैव कषायितस्तनी सुभगेन प्रियगात्रभस्मना ।
नवपल्लवसंस्तरे यथा रचयिष्यामि तनुं विभावसौ ॥ ३४
ଅମୁନୈବ କଷାୟିତସ୍ତନୀ ସୁଭଗେନ ପ୍ରିୟଗାତ୍ରଭସ୍ମନା ।
ନବପଲ୍ଲବସଂସ୍ତରେ ଯଥା ରଚୟିଷ୍ୟାମି ତନୁଂ ବିଭାବସୌ ॥ ୩୪

कुसुमास्तरणे सहायतां बहुशः सौम्य गतस्त्वमावयोः ।
कुरु संप्रति तावदाशु मे प्रणिपाताञ्जलियाचितश्चितम् ॥ ३५
କୁସୁମାସ୍ତରଣେ ସହାୟତାଂ ବହୁଶ ସୌମ୍ୟ ଗତସ୍ତ୍ୱମାବୟୋଃ ।
କୁରୁ ସଂପ୍ରତି ତାବଦାଶୁ ମେ ପ୍ରଣିପାତାଞ୍ଜଳିଯାଚିତଶ୍ଚିତାମ୍ ॥ ୩୫

तदनु ज्वलनं मदर्पितं त्वरयेर्दक्षिणवातवीजनैः ।
विदितं खलु ते यथा स्मरः क्षणमप्युत्सहते न मां विना ॥ ३६
ତଦନୁ ଜ୍ୱଳନଂ ମଦର୍ପିତଂ ତ୍ୱରୟେର୍ଦକ୍ଷିଣବାତବୀଜନୈଃ ।
ବିଦିତଂ ଖଳୁ ତେ ଯଥା ସ୍ମରଃ କ୍ଷଣମପ୍ୟୁତ୍ସହତେ ନ ମାଂ ବିନା ॥ ୩୬

इति चापि विधाय दीयतां सलिलस्याञ्जलिरेक एव नौ ।
अविभज्य परत्र तं मया सहितः पास्यति ते स बान्धवः ॥ ३७
ଇତି ଚାପି ବିଧାୟ ଦୀୟତାଂ ସଲିଳସ୍ୟାଞ୍ଜଳିରେକ ଏବ ନୌ ।
ଅବିଭଜ୍ୟ ପରତ୍ର ତଂ ମୟା ସହିତଃ ପାସ୍ୟତି ତେ ସ ବାନ୍ଧବଃ ॥ ୩୭

परलोकविधौ च माधव स्मरमुद्दिश्य विलोलपल्लवाः ।
निवपेः सहकारमञ्जरीः प्रियचूतप्रसवो हि ते सखा ॥ ३८
ପରଲୋକବିଧୌ ଚ ମାଧବ ସ୍ମରମୁଦ୍ଦିଶ୍ୟ ବିଲୋଲପଲ୍ଲବାଃ ।
ନିବପେଃ ସହକାରମଞ୍ଜରୀଃ ପ୍ରିୟଚୂତପ୍ରସବୋ ହି ତେ ସଖା ॥ ୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ବସନ୍ତ, ତୁମେ ବର୍ତ୍ତମାନ ବନ୍ଧୁର ଯାହା ପ୍ରୟୋଜନ, ତାହା ସମ୍ପାଦନ କର । ସ୍ୱାମୀବିରହରେ ମୁଁ ଅଧୀର, ମୋତେ ଅଗ୍ନିରେ ନିକ୍ଷେପ କରି ମୋ ସ୍ୱାମୀଙ୍କ ନିକଟରେ ମୋତେ ପହଞ୍ଚାଇଦିଅ । ୩୨

ଚନ୍ଦ୍ର ଗଲେ ଜ୍ୟୋତ୍ସ୍ନା ଚାଲିଯାଏ, ମେଘ ଲୀନ ହୋଇଗଲେ ବିଜୁଳି ମଧ୍ୟ ଲୀନ ହୋଇଯାଏ । ପତ୍ନୀମାନେ ପତିମାନଙ୍କର ଅନୁଗାମିନୀ, ଏ କଥା ଅଚେତନମାନେ ମଧ୍ୟ ପ୍ରତିପାଦନ କରନ୍ତି । ୩୩

ମୋ ପ୍ରିୟଙ୍କର ଏଇ ପବିତ୍ର ଶରୀରଭସ୍ମକୁ ବକ୍ଷରେ ଲେପନ କରି, ନବପଲ୍ଲବ-ଶଯ୍ୟା ଉପରେ ଶୋଇଲା ଭଳି ମୁଁ ଚିତାଗ୍ନି ଉପରେ ଶୋଇଯିବି । ୩୪

ହେ ସୌମ୍ୟ, ତୁମେ ଆମ ଦୁହିଁଙ୍କର ପୁଷ୍ପଶଯ୍ୟା ପ୍ରସ୍ତୁତ କରିବାରେ ବହୁତ ସାହାଯ୍ୟ କରୁଥିଲ । ବର୍ତ୍ତମାନ ମୁଁ ତୁମକୁ କୃତାଞ୍ଜଳି-ପୁଟରେ ନମସ୍କାର କରି କହୁଛି, ତୁମେ ମୋର ଚିତାଗ୍ନିଶଯ୍ୟା ପ୍ରସ୍ତୁତ କର । ୩୫

ତା'ପରେ ତୁମେ ମୋ ଦେହରେ ଅଗ୍ନି ସଂଯୋଗ କରି ଦକ୍ଷିଣା ପବନରେ ବିଞ୍ଚି ତାହାକୁ ପ୍ରଜ୍ୱଳିତ କର । ତୁମେ ଜାଣିଛ, କାମଦେବ ମୋ ବିନା କ୍ଷଣେ ମାତ୍ର ମଧ୍ୟ ରହି ପାରନ୍ତି ନାହିଁ । ୩୬

ଆଉ ମଧ୍ୟ, ଏହା କରିସାରି ଆମ ଦୁହିଁଙ୍କୁ ଏକ ଅଞ୍ଜଳିରେ ଜଳ ପ୍ରଦାନ କର, ଯାହାକୁ ପରଲୋକରେ ତୁମର ବନ୍ଧୁ ଭାଗ ନ କରି ମୋ ସହିତ ଏକତ୍ର ପାନ କରିବେ । ୩୭

ହେ ବସନ୍ତ, ତୁମର ସଖା ଆମ୍ବବଉଳକୁ ଭାରି ଭଲ ପାଆନ୍ତି । ତେଣୁ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ତୁମେ ନିଶ୍ଚୟ ତାଙ୍କ ଉଦ୍ଦେଶ୍ୟରେ ଢଳଢଳ-ପଲ୍ଲବଯୁକ୍ତ ଆମ୍ବବଉଳର ତର୍ପଣ-ଅଞ୍ଜଳି ପ୍ରଦାନ କରିବ । ୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इति देहविमुक्तये स्थितां रतिमाकाशभवा सरस्वती ।
शफरीं ह्रदशोषविक्लवां प्रथमा वृष्टिरिवान्वकम्पयत् ॥ ३९
ଇତି ଦେହବିମୁକ୍ତୟେ ସ୍ଥିତାଂ ରତିମାକାଶଭବା ସରସ୍ୱତୀ ।
ଶଫରୀଂ ହ୍ରଦଶୋଷବିକ୍ଳବାଂ ପ୍ରଥମା ବୃଷ୍ଟିରିବାନ୍ୱକମ୍ପୟତ୍ ॥ ୩୯

कुसुमायुधपत्नि दुर्लभस्तव भर्ता न चिराद् भविष्यति ।
शृणु येन स कर्मणा गतः शलभत्वं हरलोचनार्चिषि ॥ ४०
କୁସୁମାୟୁଧପତ୍ନି ଦୁର୍ଲଭସ୍ତବ ଭର୍ତା ନ ଚିରାଦ୍ ଭବିଷ୍ୟତି ।
ଶୃଣୁ ଯେନ ସ କର୍ମଣା ଗତଃ ଶଲଭତ୍ୱଂ ହରଲୋଚନାର୍ଚିଷି ॥ ୪୦

अभिलाषमुदीरितेन्द्रियः स्वसुतायामकरोत् प्रजापतिः ।
अथ तेन निगृह्य विक्रियामभिशप्तः फलमेतदन्वभूत् ॥ ४१
ଅଭିଲାଷମୁଦୀରିତେନ୍ଦ୍ରିୟଃ ସ୍ୱସୁତାୟାମକରୋତ୍ ପ୍ରଜାପତିଃ ।
ଅଥ ତେନ ନିଗୃହ୍ୟ ବିକ୍ରିୟାମଭିଶପ୍ତଃ ଫଲମେତଦନ୍ୱଭୂତ୍ ॥ ୪୧

परिणेष्यति पार्वतीं यदा तपसा तत्प्रवणीकृतो हरः ।
उपलब्धसुखस्तदा स्मरं वपुषा स्वेन नियोजयिष्यति ॥ ४२
ପରିଣେଷ୍ୟତି ପାର୍ବତୀଂ ଯଦା ତପସା ତତ୍ପ୍ରବଣୀକୃତୋ ହରଃ ।
ଉପଲବ୍ଧସୁଖସ୍ତଦା ସ୍ମରଂ ବପୁଷା ସ୍ୱେନ ନିୟୋଜୟିଷ୍ୟତି ॥ ୪୨
इति चाह स धर्मयाचितः स्मरशापावधिदां सरस्वतीम् ।
अशनेरमृतस्य चोभयोर्वशिनश्चाम्बुधराश्च योनयः ॥ ४३
ଇତି ଚାହ ସ ଧର୍ମଯାଚିତଃ ସ୍ମରଶାପାବଧିଦାଂ ସରସ୍ୱତୀମ୍ ।
ଅଶନେରମୃତସ୍ୟ ଚୋଭୟୋର୍ବଶିନଶ୍ଚାମ୍ବୁଧରାଶ୍ଚ ଯୋନୟଃ ॥ ୪୩

तदिदं परिरक्ष शोभने भवितव्यप्रियसङ्गमं वपुः ।
रविपीतजला तपात्यये पुनरोघेन हि युज्यते नदी ॥ ४४
ତଦିଦଂ ପରିରକ୍ଷ ଶୋଭନେ ଭବିତବ୍ୟପ୍ରିୟସଙ୍ଗମଂ ବପୁଃ ।
ରବିପୀତଜଳା ତପାତ୍ୟୟେ ପୁନରୋଘେନ ହି ଯୁଜ୍ୟତେ ନଦୀ ॥ ୪୪

ଇତ୍ଥଂ ରତେଃ କିମପି ଭୂତମଦୃଶ୍ୟରୂପଂ
ମନ୍ଦୀଚକାର ମରଣବ୍ୟବସାୟବୁଦ୍ଧିମ୍ ।
ତତ୍ପ୍ରତ୍ୟୟାଚ୍ଚ କୁସୁମାୟୁଧବନ୍ଧୁରେନା
ମାଶ୍ୱାସୟତ୍ ସୁଚରିତାର୍ଥପଦୈର୍ବଚୋଭିଃ ॥ ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ ବିଳାପ କରି କରି ରତି ଶରୀର ବିସର୍ଜନ କରିବାକୁ ଉଦ୍ୟତ ହେଲେ । କିନ୍ତୁ ଶୁଷ୍କପ୍ରାୟ ହ୍ରଦର ମତ୍ସ୍ୟକୁ ପ୍ରଥମ ବୃଷ୍ଟିପାତ ଯେପରି ଅନୁଗୃହୀତ କରେ, ସେହିପରି ଏକ ଶୂନ୍ୟବାଣୀ ରତିଙ୍କୁ ଅନୁଗୃହୀତ କଲା । ୩୯

" ଗୋ ରତି, ତୁମର ସ୍ୱାମୀ ତୁମକୁ ବେଶିଦିନ ଦୁର୍ଲ୍ଲଭ ହେବେ-ନାହିଁ । ସେ ଯେଉଁ କାରଣରୁ ଶିବଙ୍କ ନେତ୍ର-ଅଗ୍ନିରେ ପତଙ୍ଗ-ଅବସ୍ଥା ପ୍ରାପ୍ତ ହୋଇଛନ୍ତି, ତାହା ଶୁଣ । ୪୦

ପୂର୍ବକାଳରେ ବ୍ରହ୍ମାଙ୍କର ନିଜ କନ୍ୟା (ସରସ୍ୱତୀ) ପ୍ରତି ଇନ୍ଦ୍ରିୟ-ବିକାର ଜାତ ହେବାରୁ ସେ ତାକୁ ଉପଭୋଗ କରିବାକୁ ଇଚ୍ଛା କଲେ । କିନ୍ତୁ ସଙ୍ଗେ ସଙ୍ଗେ ଇନ୍ଦ୍ରିୟ ବିକାର ଦମନ କରି, କାମଦେବଙ୍କ ଦ୍ୱାରା ତାଙ୍କର ଏହି ପ୍ରବୃତ୍ତି ଜାତ ହୋଇଥିବାର ଜାଣି ତାଙ୍କୁ ଅଭିଶାପ ଦେଲେ । କାମଦେବଙ୍କର ଏଭଳି ଅବସ୍ଥା ଉକ୍ତ ଅଭିଶାପର ହିଁ ଫଳ । ୪୧

(ସୃଷ୍ଟି ରକ୍ଷା ନିମନ୍ତେ) ଧର୍ମ ପ୍ରାର୍ଥନା କରନ୍ତେ ବ୍ରହ୍ମା କହିଲେ, " ପାର୍ବତୀଙ୍କ ତପସ୍ୟାରେ ପ୍ରୀତ ହୋଇ ଶିବ ଯେତେବେଳେ ତାଙ୍କୁ ବିବାହ କରିବେ, ସେତେବେଳେ ସେ ସୁଖ ଲାଭ ଉଦ୍ଦେଶ୍ୟରେ କାମଦେବଙ୍କୁ ଶରୀର ପ୍ରଦାନ କରିବେ । ଅଭିଶାପର ସୀମା ସେହି ପର୍ଯ୍ୟନ୍ତ । " ସଂଯମୀ ବ୍ୟକ୍ତି ଓ ମେଘ, ଉଭୟେ ବଜ୍ର ଓ ଜଳର କାରଣ ଅଟନ୍ତି । ୪୨-୪୩

ଗୋ ସୁନ୍ଦରୀ, ନେଣୁ ଭବିଷ୍ୟତରେ ପ୍ରିୟତମଙ୍କ ସହିତ ମିଳିତ ହେବା କାମନା ଘେନି ତୁମେ ତୁମର ଶରୀରକୁ ରକ୍ଷା କର । ନଦୀ ସୂର୍ଯ୍ୟ-କିରଣରେ ଶୁଖିଯାଏ ସତ, କିନ୍ତୁ ଗ୍ରୀଷ୍ମକାଳ ପରେ ସେ ପୁଣି ଜଳପ୍ରବାହ ସହିତ ମିଳିତ ହୁଏ । " ୪୪

ଏହିପରି କୌଣସି ଅଦୃଶ୍ୟ ସତ୍ତା ରତିଙ୍କୁ ଶରୀର ତ୍ୟାଗ ସଂକଳ୍ପରୁ ନିବୃତ୍ତ କଲା । କାମଦେବଙ୍କର ବନ୍ଧୁ (ବସନ୍ତ) ମଧ୍ୟ ଏହି ଶୂନ୍ୟବାଣୀ ଉପରେ ବିଶ୍ୱାସ ସ୍ଥାପନ କରି ମଧୁର, ଯୁକ୍ତିପୂର୍ଣ୍ଣ ବଚନରେ ରତିଙ୍କୁ ଆଶ୍ୱାସନା ପ୍ରଦାନ କଲେ । ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଥ ମଦନବଧୂରୁପପ୍ଲବାନ୍ତଂ
ବ୍ୟସନକୃଶା ପରିପାଳୟାଂବଭୂବ ।
ଶଶିନ ଇବ ଦିବାତନସ୍ୟ ଲେଖା
କିରଣପରିକ୍ଷୟଧୂସରା ପ୍ରଦୋଷମ୍ ॥ ୪୬

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
रतिविलापो नाम चतुर्थः सर्गः ॥

—×—

पञ्चमः सर्गः

तथा समक्षं दहता मनोभवं पिनाकिना भग्नमनोरथा सती ।
निनिन्द रूपं हृदयेन पार्वती प्रियेषु सौभाग्यफला हि चारुता ॥ १
ତଥା ସମକ୍ଷଂ ଦହତା ମନୋଭବଂ ପିନାକିନା ଭଗ୍ନମନୋରଥା ସତୀ ।
ନିନିନ୍ଦ ରୂପଂ ହୃଦୟେନ ପାର୍ବତୀ ପ୍ରିୟେଷୁ ସୌଭାଗ୍ୟଫଳା ହି ଚାରୁତା ॥ ୧

इयेष सा कर्तुमवन्ध्यरूपतां समाधिमास्थाय तपोभिरात्मनः ।
अवाप्यते वा कथमन्यथा द्वयं तथाविधं प्रेम पतिश्च तादृशः ॥ २
ଇୟେଷ ସା କର୍ତୁମବନ୍ଧ୍ୟରୂପତାଂ ସମାଧିମାସ୍ଥାୟ ତପୋଭିରାତ୍ମନଃ ।
ଅବାପ୍ୟତେ ବା କଥମନ୍ୟଥା ଦ୍ୱୟଂ ତଥାବିଧଂ ପ୍ରେମ ପତିଶ୍ଚ ତାଦୃଶଃ ॥ ୨

निशम्य चैनां तपसे कृतोद्यमां सुतां गिरीशप्रतिसक्तमानसाम् ।
उवाच मेना परिरभ्य वक्षसा निवारयन्ती महतो मुनिव्रतात् ॥ ३
ନିଶମ୍ୟ ଚୈନାଂ ତପସେ କୃତୋଦ୍ୟମାଂ ସୁତାଂ ଗିରୀଶପ୍ରତିସକ୍ତମାନସାମ୍ ।
ଉବାଚ ମେନା ପରିରଭ୍ୟ ବକ୍ଷସା ନିବାରୟନ୍ତୀ ମହତୋ ମୁନିବ୍ରତାତ୍ ॥ ୩

मनीषिताः सन्ति गृहेषु देवतास्तपः क्व वत्से क्व च तावकं वपुः ।
पदं सहेत भ्रमरस्य पेलवं शिरीषपुष्पं न पुनः पतत्त्रिणः ॥ ४
ମନୀଷିତାଃ ସନ୍ତି ଗୃହେଷୁ ଦେବତାସ୍ତପଃ କ୍ୱ ବତ୍ସେ କ୍ୱ ଚ ତାବକଂ ବପୁଃ ।
ପଦଂ ସହେତ ଭ୍ରମରସ୍ୟ ପେଲବଂ ଶିରୀଷପୁଷ୍ପଂ ନ ପୁନଃ ପତତ୍ତ୍ରିଣଃ ॥ ୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦିବସକାଳୀନ ଚନ୍ଦ୍ରରେଖା ଯେପରି କିରଣକ୍ଷୟ ହେତୁ ପାଣ୍ଡୁରବର୍ଣ୍ଣା ହୋଇ ସନ୍ଧ୍ୟାକାଳକୁ ଅପେକ୍ଷା କରି ରହେ, କାମପତ୍ନୀ ରତି ସେହିପରି ଦୁଃଖଶୋକରେ କ୍ଷୀଣଶରୀରା ହୋଇ ସ୍ୱାମୀଙ୍କ ଅଭିଶାପର ଅବସାନ ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ । ୪୬

....

ପଞ୍ଚମ ସର୍ଗ

ଏହିପରି ଆଖି ଆଗରେ ଶିବଙ୍କ ଦ୍ୱାରା କନ୍ଦର୍ପଙ୍କୁ ଭସ୍ମ ହୋଇଯିବାର ଦେଖି ପାର୍ବତୀଙ୍କର ଶିବଙ୍କୁ ପତିରୂପେ ପାଇବାର ଆଶା ବ୍ୟର୍ଥ ହୋଇଗଲା । ସେ ହୃଦୟ ମଧ୍ୟରେ ନିଜର ସୌନ୍ଦର୍ଯ୍ୟକୁ ନିନ୍ଦା କରିବାକୁ ଲାଗିଲେ । କାରଣ, ସୌନ୍ଦର୍ଯ୍ୟ ସାର୍ଥକ ହୁଏ ସେତିକିବେଳେ, ଯେତେବେଳେ ତାହା ପ୍ରିୟତମଙ୍କର ପ୍ରୀତି ଉତ୍ପନ୍ନ କରେ । ୧

ପାର୍ବତୀ ଏକାଗ୍ର ତପସ୍ୟାଦ୍ୱାରା ନିଜର ରୂପକୁ ସାର୍ଥକ କରିବାର ଆଶା ପୋଷଣ କଲେ । ବିନା ତପସ୍ୟାରେ ସେ ଶିବଙ୍କ ଭଳି ସ୍ୱାମୀ ଏବଂ ସେଭଳି ସ୍ୱାମୀଙ୍କର ପ୍ରେମ, ଏ ଦୁଇଟି କିପରି ଲାଭ କରନ୍ତେ ? ୨

ମେନା ଯେତେବେଳେ ଜାଣିଲେ ଝିଅର ମନ ଶିବଙ୍କ ପ୍ରତି ଆସକ୍ତ ଏବଂ ସେ ତପସ୍ୟା କରିବାକୁ ଦୃଢସଂକଳ୍ପା, ସେତେବେଳେ ସେ ତାକୁ କକ୍ଷରେ ଧରି ତପସ୍ୟାରୁ ନିବୃତ୍ତ କରିବା ଉଦ୍ଦେଶ୍ୟରେ କହିଲେ :—୩

" ବତ୍ସେ, ଇଷ୍ଟ ଦେବଦେବୀମାନେ ଆମ ଘରେ ଅଛନ୍ତି । (ତୁ ସେମାନଙ୍କର ପୂଜା କର ।) ତପସ୍ୟା କେଉଁଠି, ତୋର ଶରୀର କେଉଁଠି ! କୋମଳ ଶିରୀଷଫୁଲ ଭ୍ରମରର ପଦଭାର ସିନା ସହିପାରେ, ପକ୍ଷୀର ପଦଭର କ'ଣ ସହିପାରେ ?" ୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इति ध्रुवेच्छामनुशासती सुतां शशाक मेना न नियन्तुमुद्यमात् ।
क ईप्सितार्थस्थिरनिश्चयं मनः पयश्च निम्नाभिमुखं प्रतीपयेत् ॥ ५
ଇତି ଧ୍ରୁବେଚ୍ଛାମନୁଶାସତୀ ସୁତାଂ ଶଶାକ ମେନା ନ ନିୟନ୍ତୁମୁଦ୍ୟମାତ୍ ।
କ ଈପ୍ସିତାର୍ଥସ୍ଥିରନିଶ୍ଚୟଂ ମନଃ ପୟଶ୍ଚ ନିମ୍ନାଭିମୁଖଂ ପ୍ରତୀପୟେତ୍ ॥ ୫

कदाचिदासन्नसखीमुखेन सा मनोरथज्ञं पितरं मनस्विनी ।
अयाचतारण्यनिवासमात्मनः फलोदयान्ताय तपःसमाधये ॥ ६
କଦାଚିଦାସନ୍ନସଖୀମୁଖେନ ସା ମନୋରଥଜ୍ଞଂ ପିତରଂ ମନସ୍ୱିନୀ ।
ଅୟାଚତାରଣ୍ୟନିବାସମାତ୍ମନଃ ଫଳୋଦୟାନ୍ତାୟ ତପଃସମାଧୟେ ॥ ୬

अथानुरूपाभिनिवेशतोषिणा कृताभ्यनुज्ञा गुरुणा गरीयसा ।
प्रजासु पश्चात् प्रथितं तदाख्यया जगाम गौरी शिखरं शिखण्डिमत् ॥ ७
ଅଥାନୁରୂପାଭିନିବେଶତୋଷିଣା କୃତାଭ୍ୟନୁଜ୍ଞା ଗୁରୁଣା ଗରୀୟସା ।
ପ୍ରଜାସୁ ପଶ୍ଚାତ୍ ପ୍ରଥିତଂ ତଦାଖ୍ୟୟା ଜଗାମ ଗୌରୀ ଶିଖରଂ ଶିଖଣ୍ଡିମତ୍ ॥୭

विमुच्य सा हारमहार्यनिश्चया विलोलयष्टिप्रविलुप्तचन्दनम् ।
बबन्ध बालारुणबभ्रु वल्कलं पयोधरोत्सेधविशीर्णसंहति ॥ ८
ବିମୁଚ୍ୟ ସା ହାରମହାର୍ଯ୍ୟନିଶ୍ଚୟା ବିଲୋଲୟଷ୍ଟିପ୍ରବିଲୁପ୍ତଚନ୍ଦନମ୍ ।
ବବନ୍ଧ ବାଳାରୁଣବଭ୍ରୁ ବଲ୍କଳଂ ପୟୋଧରୋତ୍ସେଧବିଶୀର୍ଣ୍ଣସଂହତି ॥ ୮

यथा प्रसिद्धैर्मधुरं शिरोरुहैर्जटाभिरप्येवमभूत् तदाननम् ।
न षट्पदश्रेणिभिरेव पङ्कजं सशैवलासङ्गमपि प्रकाशते ॥ ९
ଯଥା ପ୍ରସିଦ୍ଧୈର୍ମଧୁରଂ ଶିରୋରୁହୈର୍ଜଟାଭିରପ୍ୟେବମଭୂତ୍ ତଦାନନମ୍ ।
ନ ଷଟ୍ପଦଶ୍ରେଣିଭିରେବ ପଙ୍କଜଂ ସଶୈବଳାସଙ୍ଗମପି ପ୍ରକାଶତେ ॥ ୯

प्रतिक्षणं सा कृतरोमविक्रियां व्रताय मौञ्जीं त्रिगुणां बभार याम् ।
अकारि तत्पूर्वनिबद्धया तया सरागमस्या रसनागुणास्पदम् ॥ १०
ପ୍ରତିକ୍ଷଣଂ ସା କୃତରୋମବିକ୍ରିୟାଂ ବ୍ରତାୟ ମୌଞ୍ଜୀଂ ତ୍ରିଗୁଣାଂ ବଭାର ଯାମ୍ ।
ଅକାରି ତତ୍ପୂର୍ବନିବଦ୍ଧୟା ତୟା ସରାଗମସ୍ୟା ରସନାଗୁଣାସ୍ପଦମ୍ ॥ ୧୦

विसृष्टरागादधरान्निवर्तितः स्तनाङ्गरागारुणिताच्च कन्दुकात् ।
कुशाङ्कुरादानपरिक्षताङ्गुलिः कृतोऽक्षसूत्रप्रणयी तया करः ॥ ११
ବିସୃଷ୍ଟରାଗାଦଧରାନ୍ନିବର୍ତ୍ତିତଃ ସ୍ତନାଙ୍ଗରାଗାରୁଣିତାଚ୍ଚ କନ୍ଦୁକାତ୍ ।
କୁଶାଙ୍କୁରାଦାନପରିକ୍ଷତାଙ୍ଗୁଳିଃ କୃତୋଽକ୍ଷସୂତ୍ରପ୍ରଣୟୀ ତୟା କରଃ ॥ ୧୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ମେନା ଝିଅକୁ ଯେତେ ଉପଦେଶ ଦେଲେ ମଧ୍ୟ ତାକୁ ତାର ସଂକଳ୍ପରୁ ନିବର୍ତ୍ତାଇ ପାରିଲେ ନାହିଁ । ବାଞ୍ଛିତ ବିଷୟରେ ସଂକଳ୍ପବଦ୍ଧ ହୋଇଥିବା ମନକୁ ଏବଂ ନିମ୍ନାଭିମୁଖୀ ଜଳକୁ, ଏ ଦୁଇଟିକୁ କିଏ ବିପରୀତ ଦିଗରେ ନେଇପାରେ ? ୫

ଦିନେ ସେହି ମନସ୍ୱିନୀ କନ୍ୟା (ପାର୍ବତୀ) ତାର ମନକଥା ଜାଣିଥିବା ପିତାଙ୍କ ନିକଟରେ ସଖୀ ମାଧ୍ୟମରେ ପ୍ରାର୍ଥନା କଲ ଯେ, ଫଳ ଲଭ ହେବା ପର୍ଯ୍ୟନ୍ତ ସେ ବନରେ ରହି ତପସ୍ୟା କରିବ । ୬

ଝିଅ ଉପଯୁକ୍ତ ଅଭିଳାଷ ପୋଷଣ କରିଛି, ଏହା ଜାଣି ମହାନୁଭବ ପିତା ସନ୍ତୋଷରେ ତାଙ୍କୁ ଅନୁମତି ଦେଲେ । ତା'ପରେ ଗୌରୀ ହିମାଳୟର ମୟୂର-ପରିପୂର୍ଣ୍ଣ ଏକ ଶୃଙ୍ଗକୁ ଯାତ୍ରା କଲେ, ଯେଉଁ ଶୃଙ୍ଗ କି ପରେ "ଗୌରୀ ଶୃଙ୍ଗ" ନାମରେ ବିଖ୍ୟାତ ହେଲ । ୭

ଦୃଢ଼ସଂକଳ୍ପା ପାର୍ବତୀ ବକ୍ଷ ଉପରୁ ମୁକ୍ତାହାର ବାହାର କରି-ଦେଇ ବାଳସୂର୍ଯ୍ୟ ପରି ପିଙ୍ଗଳ ବର୍ଣ୍ଣର ବଲ୍‌କଳ ପିନ୍ଧିଲେ । ତାଙ୍କର ପୃଥୁଳ ସ୍ତନଦ୍ୱୟ ଉପରେ, ଯେଉଁଠି କି ମୁକ୍ତାହାରର ଚଳଚଞ୍ଚଳ କାଠିଗୁଡ଼ିକ ଘଷି-ହୋଇ ଚନ୍ଦନଚିତା ଲିଭଇ ଦେଉଥିଲ, ବର୍ତ୍ତମାନ ତା ଉପରେ ବଲ୍‌କଳ ବସ୍ତ୍ର ଭିଡ଼ି ହୋଇ ଶୀର୍ଣ୍ଣ ବିଶୀର୍ଣ୍ଣ ହେଲା । ୮

ତପସ୍ୟା କରିବା ପୂର୍ବରୁ ତାଙ୍କର ମୁଖ ସ୍ନିଗ୍ଧ କେଶଦ୍ୱାରା ଯେପରି ମନୋରମ ଦିଶୁଥିଲ, ବର୍ତ୍ତମାନ ଜଟାଦ୍ୱାରା ମଧ୍ୟ ସେହିପରି ମନୋରମ ଦିଶିଲ । ପଦ୍ମଫୁଲ ଯେ କେବଳ ଭ୍ରମରପଂକ୍ତି ଘେନି ଶୋଭପାଏ, ତା ନୁହେଁ, ଶିଉଳି ଘେନି ମଧ୍ୟ ଶୋଭପାଏ । ୯

ପାର୍ବତୀ ତପସ୍ୟାବ୍ରତ ପାଳନ ନିମନ୍ତେ ଯେଉଁ ତ୍ରିଗୁଣ ମୁଞ୍ଜମେଖଳା ଧାରଣ କଲେ, ତା ଦ୍ୱାରା (ତାର ରୁକ୍ଷତା ହେତୁ) ତାଙ୍କ ଶରୀରରେ ରୋମାଞ୍ଚ ଜାତ ହେଲା ଏବଂ ଅଣ୍ଟାସୂତା ପିନ୍ଧାହେବା ସ୍ଥାନ ପ୍ରଥମେ ପ୍ରଥମେ ଲାଲ ପଡ଼ିଗଲା । ୧୦

ତାଙ୍କର ହାତ ଆଉ ଅଧରରଞ୍ଜନରେ ନିୟୋଜିତ ହେଲ ନାହିଁ । ଆଗେ ସେ ହାତରେ ପେଣ୍ଡୁ ଖେଳୁଥିଲେ, ଯେଉଁ ଖେଳରେ କି ପେଣ୍ଡୁ ଉପରକୁ ଉଠି ତାଙ୍କ ସ୍ତନର ଅଗ୍ରଭାଗରେ ଘଷିହୋଇ ଲଲ ହୋଇଯାଉଥିଲ । ସେହି ଖେଳରେ ମଧ୍ୟ ତାଙ୍କର ହାତ ଆଉ ନିୟୋଜିତ ହେଲ ନାହିଁ । ବର୍ତ୍ତମାନ ତାହା ନିୟୋଜିତ ହେଲ କୁଶାଙ୍କୁର ସଂଗ୍ରହ କରିବାରେ, ଯାହା ଫଳରେ କି ଅଙ୍ଗୁଳିଗୁଡ଼ିକ କ୍ଷତବିକ୍ଷତ ହେଲ । ଆଉ ମଧ୍ୟ, ତାଙ୍କର ହାତ ଆଗ୍ରହର ସହିତ ରୁଦ୍ରାକ୍ଷମାଳା ଧାରଣ କଲ । ୧୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

महार्हशय्यापरिवर्तनच्युतैः स्वकेशपुष्पैरपि या स्म दूयते ।
अशेत सा बाहुलतोपधायिनी निषेदुषी स्थण्डिल एव केवले ॥ १२
ମହାର୍ହଶଯ୍ୟାପରିବର୍ତ୍ତନଚ୍ୟୁତୈଃ ସ୍ୱକେଶପୁଷ୍ପୈରପି ଯା ସ୍ମ ଦୂୟତେ ।
ଅଶେତ ସା ବାହୁଲତୋପଧାୟିନୀ ନିଷେଦୁଷୀ ସ୍ଥଣ୍ଡିଳ ଏବ କେବଳେ ॥ ୧୨

पुनर्ग्रहीतुं नियमस्थया तया द्वयेऽपि निक्षेप इवार्पितं द्वयम् ।
लतासु तन्वीषु विलासचेष्टितं विलोलदृष्टं हरिणाङ्गनासु च ॥ १३
ପୁନର୍ଗ୍ରହୀତୁଂ ନିୟମସ୍ଥୟା ତୟା ଦ୍ୱୟେଽପି ନିକ୍ଷେପ ଇବାର୍ପିତଂ ଦ୍ୱୟମ୍ ।
ଲତାସୁ ତନ୍ୱୀଷୁ ବିଳାସଚେଷ୍ଟିତଂ ବିଲୋଲଦୃଷ୍ଟଂ ହରିଣାଙ୍ଗନାସୁ ଚ ॥ ୧୩

अतन्द्रिता सा स्वयमेव वृक्षकान् घटस्तनप्रस्रवणैर्व्यवर्धयत् ।
गुहोऽपि येषां प्रथमाप्तजन्मनां न पुत्रवात्सल्यमपाकरिष्यति ॥ १४
ଅତନ୍ଦ୍ରିତା ସା ସ୍ୱୟମେବ ବୃକ୍ଷକାନ୍ ଘଟସ୍ତନପ୍ରସ୍ରବଣୈର୍ବ୍ୟବର୍ଧୟତ୍ ।
ଗୁହୋଽପି ଯେଷାଂ ପ୍ରଥମାପ୍ତଜନ୍ମନାଂ ନ ପୁତ୍ରବାତ୍ସଲ୍ୟମପାକରିଷ୍ୟତି ॥ ୧୪

अरण्यबीजाञ्जलिदानलालितास्तथा च तस्यां हरिणा विशश्वसुः ।
यथा तदीयैर्नयनैः कुतूहलात् पुरः सखीनाममिमीत लोचने ॥ १५
ଅରଣ୍ୟବୀଜାଞ୍ଜଳିଦାନଲାଳିତାସ୍ତଥା ଚ ତସ୍ୟାଂ ହରିଣା ବିଶଶ୍ୱସୁଃ ।
ଯଥା ତଦୀୟୈର୍ନୟନୈଃ କୁତୂହଳାତ୍ ପୁରଃ ସଖୀନାମମିମୀତ ଲୋଚନେ ॥ ୧୫

कृताभिषेकां हुतजातवेदसं त्वगुत्तरासङ्गवतीमधीतिनीम् ।
दिदृक्षवस्तामृषयोऽभ्युपागमन् न धर्मवृद्धेषु वयः समीक्ष्यते ॥ १६
କୃତାଭିଷେକାଂ ହୁତଜାତବେଦସଂ ତ୍ୱଗୁତ୍ତରାସଙ୍ଗବତୀମଧୀତିନୀମ୍ ।
ଦିଦୃକ୍ଷବସ୍ତାମୃଷୟୋଽଭ୍ୟୁପାଗମନ୍ ନ ଧର୍ମବୃଦ୍ଧେଷୁ ବୟଃ ସମୀକ୍ଷ୍ୟତେ ॥ ୧୬

विरोधिसत्त्वोज्झितपूर्वमत्सरं द्रुमैरभीष्टप्रसवार्चितातिथि ।
नवोटजाभ्यन्तरसंभृतानलं तपोवनं तच्च बभूव पावनम् ॥ १७
ବିରୋଧିସତ୍ତ୍ୱୋଜ୍ଝିତପୂର୍ବମତ୍ସରଂ ଦ୍ରୁମୈରଭୀଷ୍ଟପ୍ରସବାର୍ଚ୍ଚିତାତିଥି ।
ନବୋଟଜାଭ୍ୟନ୍ତରସଂଭୃତାନଳଂ ତପୋବନଂ ତଚ୍ଚ ବଭୂବ ପାବନମ୍ ॥ ୧୭

यदा फलं पूर्वतपःसमाधिना न तावता लभ्यममंस्त काङ्क्षितम् ।
तदानपेक्ष्य स्वशरीरमार्दवं तपो महत् सा चरितुं प्रचक्रमे ॥ १८
ଯଦା ଫଳଂ ପୂର୍ବତପଃସମାଧିନା ନ ତାବତା ଲଭ୍ୟମମଂସ୍ତ କାଙ୍କ୍ଷିତମ୍ ।
ତଦାନପେକ୍ଷ୍ୟ ସ୍ୱଶରୀରମାର୍ଦବଂ ତପୋ ମହତ୍ ସା ଚରିତୁଂ ପ୍ରଚକ୍ରମେ ॥ ୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଗେ ସେ ବହୁମୂଲ୍ୟ ଶଯ୍ୟାରେ ଶୟନ କରୁଥିଲେ । କଡ଼ ଲେଉଟାଇଲା ବେଳେ ତାଙ୍କ କେଶରୁ ଯେଉଁ ଫୁଲ ଶଯ୍ୟା ଉପରେ ପଡୁଥିଲା, ତାହା ଯଦି ଦେହ ତଳେ ଚିପିହୋଇ ରହୁଥିଲା, ସେଥିରେ ମଧ୍ୟ ସେ କଷ୍ଟ ଅନୁଭବ କରୁଥିଲେ । ବର୍ତ୍ତମାନ ସେ କେବଳ ଭୂମି ଉପରେ ହାତକୁ ତକିଆ କରି ଶୋଇଲେ । ଏପରିକି, ବସିବା ଅବସ୍ଥାରେ ମଧ୍ୟ ଶୋଇ ପଡ଼ିଲେ । ୧୨

ତପସ୍ୟାର ନିୟମରେ ରହି ପାର୍ବତୀ କ୍ଷୁଦ୍ରକ୍ଷୁଦ୍ର ଲତାମାନଙ୍କଠାରେ ନିଜର ଯୌବନସୁଲଭ ଅଙ୍ଗଭଙ୍ଗୀକୁ ଏବଂ ମୃଗୀମାନଙ୍କଠାରେ ଚଞ୍ଚଳ-ଚାହାଁଣିକୁ ସତେ ଯେପରି ପୁଣି ଫେରାଇ ନେବା ଉଦ୍ଦେଶ୍ୟରେ ନ୍ୟାସ ରୂପେ ରଖିଦେଲେ ! ୧୩

ସେ ନିଜେ ନିରଳସ ରହି ସ୍ତନରୂପ କଳସୀରୁ ସ୍ତନ୍ୟରୂପ ଜଳ ଝରାଇ ଛୋଟ ଛୋଟ ଗଛଗୁଡ଼ିକୁ ବଢାଇବାରେ ଲାଗିଲେ । ଭବିଷ୍ୟତରେ କାର୍ତ୍ତିକେୟଙ୍କ ଜନ୍ମ ପରେ ମଧ୍ୟ ଏହି ପ୍ରଥମଜାତ ସନ୍ତାନଗୁଡ଼ିକଙ୍କ ପ୍ରତି ତାଙ୍କର ସ୍ନେହ ଅତୁଟ ରହିଥିଲା । ୧୪

ସେ ମୃଗମାନଙ୍କୁ ଅରଣ୍ୟ-ଶସ୍ୟର ଅଞ୍ଜଳି ଦେଇ ପାଳନ କଲେ । ସେମାନଙ୍କ ନିକଟରେ ସେ ଏପରି ବିଶ୍ୱାସର ପାତ୍ରୀ ହୋଇଗଲେ ଯେ, କୌତୂହଳ ବଶତଃ ସଖୀମାନଙ୍କ ସମ୍ମୁଖରେ ମୃଗମାନଙ୍କ ଆଖି ସହିତ ନିଜର ଆଖିକୁ ମାପିଲେ । ୧୫

ପାର୍ବତୀ ନିୟମ ଅନୁସାରେ ସ୍ନାନ କଲେ, ଅଗ୍ନିରେ ଆହୁତି ପ୍ରଦାନ କଲେ । ବଲ୍‌କଲ ବସ୍ତ୍ର ଓ ବଲ୍‌କଲ ଉତ୍ତରୀୟ ପରିଧାନ କଲେ ଏବଂ ବେଦାଦି ଧର୍ମଶାସ୍ତ୍ର ଅଧ୍ୟୟନ କଲେ । ତାଙ୍କୁ ଦେଖିବା ପାଇଁ ଋଷିମାନେ ମଧ୍ୟ ଆସିଲେ । କାରଣ ଯେଉଁମାନେ ଧର୍ମାଚରଣ କରନ୍ତି, ସେମାନେ ଅଳ୍ପବୟସ୍କ ହେଲେ ମଧ୍ୟ ବୃଦ୍ଧ । ସେମାନଙ୍କର ବୟସକଥା ବିଚାର କରଯାଏ ନାହିଁ । ୧୬

ସେହି ତପୋବନରେ ପରସ୍ପରବିରୋଧୀ ପ୍ରାଣୀମାନେ ପୂର୍ବର ବିରୋଧ ପରିତ୍ୟାଗ କଲେ, ବୃକ୍ଷମାନେ ଅତିଥିମାନଙ୍କ ଅଭ୍ୟର୍ଥନା ନିମନ୍ତେ ଆବଶ୍ୟକତା-ଅନୁରୂପ ଫୁଲଫଳ ପ୍ରଦାନ କଲେ । ନୂତନ ପର୍ଣ୍ଣଶାଳା ମଧ୍ୟରେ ଯଜ୍ଞାଗ୍ନି ଜ୍ୱଳିତ ହୋଇ ରହିଲା । ଏହିପରି ପାର୍ବତୀଙ୍କ ତପସ୍ୟା ଦ୍ୱାରା ସେହି ତପୋବନ ପବିତ୍ରକାରୀ ତୀର୍ଥସ୍ଥଳ ହୋଇଗଲା । ୧୭

ଯେତେବେଳେ ପାର୍ବତୀ ଅନୁଭବ କଲେ,ଏହି ଧରଣର ତପସ୍ୟା-ଦ୍ୱାରା ତାଙ୍କର ବାଞ୍ଛିତ ଫଳଲାଭ ହେବ ନାହିଁ, ସେ ନିଜ ଶରୀରର କୋମଳତା ପ୍ରତି ଦୃଷ୍ଟି ନ ଦେଇ କଠୋର ତପସ୍ୟା ଆରମ୍ଭ କରିଦେଲେ । ୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

क्लमं ययौ कन्दुकलीलयापि या तया मुनीनां चरितं व्यगाह्यत ।
ध्रुवं वपुः काञ्चनपद्मनिर्मितं मृदु प्रकृत्या च ससारमेव च ॥ १९
କ୍ଲମଂ ଯଯୌ କନ୍ଦୁକଲୀଳୟାପି ଯା ତୟା ମୁନୀନାଂ ଚରିତଂ ବ୍ୟଗାହ୍ୟତ ।
ଧ୍ରୁବଂ ବପୁଃ କାଞ୍ଚନପଦ୍ମନିର୍ମିତଂ ମୃଦୁ ପ୍ରକୃତ୍ୟା ଚ ସସାରମେବ ଚ ॥ ୧୯

शुचौ चतुर्णां ज्वलतां हविर्भुजां शुचिस्मिता मध्यगता सुमध्यमा ।
विजित्य नेत्रप्रतिघातिनीं प्रभामनन्यदृष्टिः सवितारमैक्षत ॥ २०
ଶୁଚୌ ଚତୁର୍ଣ୍ଣାଂ ଜ୍ୱଳତାଂ ହବିର୍ଭୁଜାଂ ଶୁଚିସ୍ମିତା ମଧ୍ୟଗତା ସୁମଧ୍ୟମା ।
ବିଜିତ୍ୟ ନେତ୍ରପ୍ରତିଘାତିନୀଂ ପ୍ରଭାମନନ୍ୟଦୃଷ୍ଟିଃ ସବିତାରମୈକ୍ଷତ ॥ ୨୦

तथातितप्तं सवितुर्गभस्तिभिर्मुखं तदीयं कमलश्रियं दधौ ।
अपाङ्गयोः केवलमस्य दीर्घयोः शनैः शनैः श्यामिकया कृतं पदम् ॥ २१
ତଥାତିତପ୍ତଂ ସବିତୁର୍ଗଭସ୍ତିଭିର୍ମୁଖଂ ତଦୀୟଂ କମଳଶ୍ରିୟଂ ଦଧୌ ।
ଅପାଙ୍ଗୟୋଃ କେବଳମସ୍ୟ ଦୀର୍ଘୟୋଃ ଶନୈଃ ଶନୈଃ ଶ୍ୟାମିକୟା କୃତଂ ପଦମ୍ ॥

अयाचितोपस्थितमम्बु केवलं रसात्मकस्योडुपतेश्च रश्मयः ।
बभूव तस्याः किल पारणाविधिर्न वृक्षवृत्तिव्यतिरिक्तसाधनः ॥ २२
ଅଯାଚିତୋପସ୍ଥିତମମ୍ବୁ କେବଳଂ ରସାତ୍ମକସ୍ୟୋଡୁପତେଶ୍ଚ ରଶ୍ମୟଃ ।
ବଭୂବ ତସ୍ୟାଃ କିଲ ପାରଣାବିଧିର୍ନ ବୃକ୍ଷବୃତ୍ତିବ୍ୟତିରିକ୍ତସାଧନଃ ॥ ୨୨

निकामतप्ता विविधेन वह्निना नभश्चरेणेन्धनसंभृतेन च ।
तपात्यये वारिभिरुक्षिता नवैर्भुवा सहोष्माणममुञ्चदूर्ध्वगम् ॥ २३
ନିକାମତପ୍ତା ବିବିଧେନ ବହ୍ନିନା ନଭଶ୍ଚରେଣେନ୍ଧନସଂଭୃତେନ ଚ ।
ତପାତ୍ୟୟେ ବାରିଭିରୁକ୍ଷିତା ନବୈର୍ଭୁବା ସହୋଷ୍ମାଣମମୁଞ୍ଚଦୂର୍ଧ୍ୱଗମ୍ ॥ ୨୩

स्थिताः क्षणं पक्ष्मसु ताडिताधराः पयोधरोत्सेधनिपातचूर्णिताः ।
बलीषु तस्याः स्खलिताः प्रपेदिरे चिरेण नाभिं प्रथमोदबिन्दवः ॥ २४
ସ୍ଥିତାଃ କ୍ଷଣଂ ପକ୍ଷ୍ମସୁ ତାଡ଼ିତାଧରାଃ ପୟୋଧରୋତ୍ସେଧନିପାତଚୂର୍ଣ୍ଣିତାଃ ।
ବଳୀଷୁ ତସ୍ୟାଃ ସ୍ଖଳିତାଃ ପ୍ରପେଦିରେ ଚିରେଣ ନାଭିଂ ପ୍ରଥମୋଦବିନ୍ଦବଃ ॥ ୨୪

शिलाशयां तामनिकेतवासिनीं निरन्तरास्वन्तरवातवृष्टिषु ।
व्यलोकयन्नुन्मिषितैस्तडिन्मयैर्महातपःसाक्ष्य इव स्थिताः क्षपाः ॥ २५
ଶିଳାଶୟାଂ ତାମନିକେତବାସିନୀଂ ନିରନ୍ତରାସ୍ୱନ୍ତରବାତବୃଷ୍ଟିଷୁ ।
ବ୍ୟଲୋକୟନ୍ନୁନ୍ମିଷିତୈସ୍ତଡ଼ିନ୍ମୟୈର୍ମହାତପଃସାକ୍ଷ୍ୟ ଇବ ସ୍ଥିତାଃ କ୍ଷପାଃ ॥ ୨୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେ ପେଣ୍ଡୁ ଖେଳରେ ମଧ୍ୟ କ୍ଲାନ୍ତ ହୋଇପଡୁଥିଲେ, ସେ ପୁଣି କଠୋର ମୁନିବ୍ରତରେ ନିବିଷ୍ଟ ରହିଲେ ! ତାଙ୍କର ଶରୀର ବୋଧହୁଏ ସ୍ୱର୍ଣ୍ଣ-ପଦ୍ମରେ ଗଢ଼ା ହୋଇଥିଲା, ତେଣୁ ତାହା ଏକାଧାରରେ ସୁନ୍ଦର ଏବଂ କଠିନ ଥିଲା । ୧୯

ଗ୍ରୀଷ୍ମକାଳରେ ଶୁଭ୍ରହାସ୍ୟମୟୀ ପାର୍ବତୀ ନିଜର ଚାରିପାଖରେ ଅଗ୍ନି ପ୍ରଜ୍ୱଳିତ କରି, ତା ମଧ୍ୟରେ ରହି, ଆଖି ଝଲସାଇ ଦେଉଥିବା ସୂର୍ଯ୍ୟ-ରଶ୍ମିକୁ ଭ୍ରୂକ୍ଷେପ ନକରି, ଏକାଗ୍ର ଦୃଷ୍ଟିରେ ସୂର୍ଯ୍ୟଙ୍କ ଆଡକୁ ଚାହିଁ-ରହୁଥିଲେ । ୨୦

ସୂର୍ଯ୍ୟକିରଣରେ ଅତିତପ୍ତ ହୋଇ ତାଙ୍କ ମୁଖ ପଦ୍ମଫୁଲର ଶୋଭା ଧାରଣ କଲା । କେବଳ ଦୀର୍ଘ ନେତ୍ର କୋଣରେ ଧୀରେ ଧୀରେ କଳା-ଦାଗଟିଏ ପଡ଼ିଲା । ୨୧

ଅଯାଚିତ ଭାବରେ ପ୍ରାପ୍ତ ଜଳ (ବର୍ଷାଜଳ) ଏବଂ ଚନ୍ଦ୍ରକିରଣ ତାଙ୍କର ଖାଦ୍ୟ ହେଲା । ବୃକ୍ଷଲତାମାନେ ଯେପରି ଉପାୟରେ ଜୀବନ ଧାରଣ କରନ୍ତି, ସେ ସେହିପରି ଉପାୟରେ ଜୀବନ ଧାରଣ କଲେ । ୨୨

ଆକାଶଚାରୀ ଅଗ୍ନି, (ସୂର୍ଯ୍ୟ) ଏବଂ ଇନ୍ଧନପ୍ରଜ୍ୱଳିତ ଅଗ୍ନି, ଏଭଳି ଦ୍ୱିବିଧ ଅଗ୍ନିଦ୍ୱାରା ସେ ଅତ୍ୟନ୍ତ ଉତ୍ତପ୍ତା ହେଲେ ଏବଂ ଗ୍ରୀଷ୍ମକାଳ ଶେଷରେ ନୂତନ ଜଳବିନ୍ଦୁ ଦ୍ୱାରା ସିକ୍ତା ହୋଇ ଧରିତ୍ରୀ ସଙ୍ଗରେ ଉଷ୍ଣବାଷ୍ପ ତ୍ୟାଗ କଲେ । ୨୩

ବର୍ଷାର ପ୍ରଥମ ଜଳବିନ୍ଦୁଗୁଡ଼ିକ ତାଙ୍କର ନେତ୍ରଲୋମ ଉପରେ କ୍ଷଣେ ରହିଲା, ତା'ପରେ ଅଧର ପୀଡ଼ନ କଲା, ତା'ପରେ ବିଶାଳ ସ୍ତନ ଉପରେ ପଡ଼ି ଚୂର୍ଣ୍ଣିତ ହୋଇଗଲା, ଏବଂ ଉଦରର ତ୍ରିବଳି ଉପରେ ସ୍ଖଳିତ ହୋଇ, ଧୀରେ ଧୀରେ ନାଭି ମଧ୍ୟକୁ ପ୍ରବେଶ କଲା । ୨୪

ନିରବଚ୍ଛିନ୍ନ ଝଡ ବତାସରେ ସେ ଅନାଚ୍ଛାଦିତ ସ୍ଥାନରେ ଶିଳା-ଉପରେ ଶୟନ କଲେ । ସତେ ଯେପରି ରାତ୍ରିମାନେ ତାଙ୍କର କଠୋର ତପସ୍ୟାର ସାକ୍ଷୀରୂପେ ବିଜୁଳି ରୂପକ ଚକ୍ଷୁରେ ତାଙ୍କୁ ବାରମ୍ବାର ଚାହୁଁ-ଥିଲେ । ୨୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निनाय सात्यन्तहिमोत्किरानिलाः सहस्यरात्रीरुदवासतत्परा ।
परस्पराक्रन्दिनि चक्रवाकयोः पुरो वियुक्ते मिथुने कृपावती ॥ २६
ନିନାୟ ସାତ୍ୟନ୍ତହିମୋତ୍କିରାନିଳାଃ ସହସ୍ୟରାତ୍ରୀରୁଦବାସତତ୍ପରା ।
ପରସ୍ପରାକ୍ରନ୍ଦିନି ଚକ୍ରବାକୟୋଃ ପୁରୋ ବିୟୁକ୍ତେ ମିଥୁନେ କୃପାବତୀ ॥ ୨୬

मुखेन सा पद्मसुगन्धिना निशि प्रवेपमानाधरपत्रशोभिना ।
तुषारवृष्टिक्षतपद्मसंपदां सरोजसन्धानमिवाकरोदपाम् ॥ २७
ମୁଖେନ ସା ପଦ୍ମସୁଗନ୍ଧିନା ନିଶି ପ୍ରବେପମାନାଧରପତ୍ରଶୋଭିନା ।
ତୁଷାରବୃଷ୍ଟିକ୍ଷତପଦ୍ମସଂପଦାଂ ସରୋଜସନ୍ଧାନମିବାକରୋଦପାମ୍ ॥ ୨୭

स्वयं विशीर्णद्रुमपर्णवृत्तिता परा हि काष्ठा तपसस्तया पुनः ।
तदप्यपाकीर्णमतः प्रियम्वदां वदन्त्यपर्णेति च तां पुराविदः ॥ २८
ସ୍ୱୟଂବିଶୀର୍ଣ୍ଣଦ୍ରୁମପର୍ଣ୍ଣବୃତ୍ତିତା ପରା ହି କାଷ୍ଠା ତପସସ୍ତୟା ପୁନଃ ।
ତଦପ୍ୟପାକୀର୍ଣ୍ଣମତଃ ପ୍ରିୟମ୍ବଦାଂ ବଦନ୍ତ୍ୟପର୍ଣ୍ଣେତି ଚ ତାଂ ପୁରାବିଦଃ ॥ ୨୮

मृणालिकापेलवमेवमादिभिर्व्रतैः स्वमङ्गं ग्लपयन्त्यहर्निशम् ।
तपः शरीरैः कठिनैरुपार्जितं तपस्विनां दूरमधश्चकार सा ॥ २९
ମୃଣାଳିକାପେଲବମେବମାଦିଭିର୍ବ୍ରତୈଃ ସ୍ୱମଙ୍ଗଂ ଗ୍ଲପୟନ୍ତ୍ୟହର୍ନିଶମ୍ ।
ତପଃ ଶରୀରୈଃ କଠିନୈରୁପାର୍ଜିତଂ ତପସ୍ୱିନାଂ ଦୂରମଧଶ୍ଚକାର ସା ॥ ୨୯

अथाजिनाषाढधरः प्रगल्भवाग् ज्वलन्निव ब्रह्ममयेन तेजसा ।
विवेश कश्चिज्जटिलस्तपोवनं शरीरबद्धः प्रथमाश्रमो यथा ॥ ३०
ଅଥାଜିନାଷାଢଧରଃ ପ୍ରଗଲ୍‌ଭବାଗ୍ ଜ୍ୱଳନ୍ନିବ ବ୍ରହ୍ମମୟେନ ତେଜସା ।
ବିବେଶ କଶ୍ଚିଜ୍ଜଟିଳସ୍ତପୋବନଂ ଶରୀରବଦ୍ଧଃ ପ୍ରଥମାଶ୍ରମୋ ଯଥା ॥ ୩୦

तमातिथेयी बहुमानपूर्वया सपर्यया प्रत्युदियाय पार्वती ।
भवन्ति साम्येऽपि निविष्टचेतसां वपुर्विशेषेष्वतिगौरवाः क्रियाः ॥ ३१
ତମାତିଥେୟୀ ବହୁମାନପୂର୍ବୟା ସପର୍ଯ୍ୟୟା ପ୍ରତ୍ୟୁଦିୟାୟ ପାର୍ବତୀ ।
ଭବନ୍ତି ସାମ୍ୟେଽପି ନିବିଷ୍ଟଚେତସାଂ ବପୁର୍ବିଶେଷେଷ୍ୱତିଗୌରବାଃ କ୍ରିୟାଃ ॥

विधिप्रयुक्तां परिगृह्य सत्क्रियां परिश्रमं नाम विनीय च क्षणम् ।
उमां स पश्यन्नृजुनैव चक्षुषा प्रचक्रमे वक्तुमनुज्झितक्रमः ॥ ३२
ବିଧିପ୍ରୟୁକ୍ତାଂ ପରିଗୃହ୍ୟ ସତ୍କ୍ରିୟାଂ ପରିଶ୍ରମଂ ନାମ ବିନୀୟ ଚ କ୍ଷଣମ୍ ।
ଉମାଂ ସ ପଶ୍ୟନ୍ନୃଜୁନୈବ ଚକ୍ଷୁଷା ପ୍ରଚକ୍ରମେ ବକ୍ତୁମନୁଜ୍ଝିତକ୍ରମଃ ॥ ୩୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୌଷମାସର ରାତ୍ରିରେ, ଯେତେବେଳେ କି ଅତ୍ୟନ୍ତ ଶୀତଳ ତୁଷାରବାହୀ ପବନ ବହୁଥିଲା, ସେତେବେଳେ ମଧ୍ୟ ସେ ଜଳରେ ରହି ରାତ୍ରି ଅତିବାହିତ କରୁଥିଲେ । ପରସ୍ପରଠାରୁ ବିଚ୍ଛିନ୍ନ ହୋଇଥିବା ଚକ୍ରବାକ-ଦମ୍ପତି ଯେତେବେଳେ ତାଙ୍କ ସମ୍ମୁଖରେ ପରସ୍ପରକୁ ବ୍ୟାକୁଳ ଭାବରେ ଡାକୁ-ଥିଲେ, ସେମାନଙ୍କ ପ୍ରତି ତାଙ୍କ ମନରେ ଅନୁକମ୍ପା ଜାତ ହେଉଥିଲା । ୨୬

ତାଙ୍କର ମୁଖ ଥିଲା ପଦ୍ମ ପରି ସୁଗନ୍ଧମୟ, ସେଥିରେ ଓଷ୍ଠଦ୍ୱୟ ପଦ୍ମର ପାଖୁଡ଼ା ପରି ଥରଥର ହେଉଥିଲା । ତେଣୁ, ରାତ୍ରିରେ ତୁଷାର ବୃଷ୍ଟି ହେତୁ ଜଳର ପଦ୍ମସମ୍ପଦ ନଷ୍ଟ ହୋଇଯାଇଥିଲେ ମଧ୍ୟ ତାଙ୍କ ମୁଖଟି ଯୋଗୁ ଜଳ ପଦ୍ମଯୁକ୍ତ ହେଲା ଭଳି ମନେ ହେଉଥିଲା । ୨୭

ତପସ୍ୟାର ପରାକାଷ୍ଠା ହେଉଛି ଗଛରୁ ଆପେଆପେ ଯେଉଁ ପତ୍ର ଝଡ଼େ, ତାହାକୁ ଖାଇ ପ୍ରାଣ ଧାରଣ କରିବା ! ପ୍ରିୟ ବାଦିନୀ ପାର୍ବତୀ ସେଭଳି ପତ୍ର ଖାଇବା ମଧ୍ୟ ଛାଡ଼ିଦେଲେ । ତେଣୁ ପୁରାତତ୍ତ୍ୱବିତ୍‌ମାନେ ତାଙ୍କୁ "ଅପର୍ଣ୍ଣା" ବୋଲି କହନ୍ତି । (ଅପର୍ଣ୍ଣା—ଯେ ପର୍ଣ୍ଣ ଭକ୍ଷଣ ମଧ୍ୟ ଛାଡ଼ିଦେଇଥିଲେ ।) ୨୮

ଏହିପରି ବିଭିନ୍ନ ବ୍ରତ ପାଳନ କରିବାରେ ତାଙ୍କର ମୃଣାଳତୁଲ୍ୟ କୋମଳ ଶରୀର ମ୍ଳାନ ହୋଇଗଲା । ତପସ୍ୱୀମାନେ କଠିନ ଶରୀର ଦ୍ୱାରା ଯେଉଁ ତପସ୍ୟା ସାଧନ କରନ୍ତି, ପାର୍ବତୀଙ୍କର ତପସ୍ୟା ତାହାକୁ ମଧ୍ୟ ବଳିଗଲା । ୨୯

ଦିନେ ଜଣେ ବାଗ୍ମୀ ବ୍ରହ୍ମଚାରୀ ପାର୍ବତୀଙ୍କର ତପୋବନରେ ପ୍ରବେଶ କଲେ । ସେହି ବ୍ରହ୍ମଚାରୀ ମୃଗଚର୍ମ ପରିଧାନ କରିଥିଲେ ଏବଂ ହାତରେ ପଲାଶଦଣ୍ଡ ଧରିଥିଲେ । ତାଙ୍କର ଶରୀର ବ୍ରହ୍ମତେଜରେ ଉଜ୍ଜ୍ୱଳ ଦେଖା ଯାଉଥିଲା । ସତେ ଯେପରି ସେ ଥିଲେ ମୂର୍ତ୍ତିମନ୍ତ ବ୍ରହ୍ମଚର୍ଯ୍ୟ ! ୩୦

ଅତିଥିପରାୟଣା ପାର୍ବତୀ ସମ୍ମାନର ସହିତ ଅଭ୍ୟର୍ଥନା କରି ତାଙ୍କୁ ପାଛୋଟି ଆଣିଲେ । ବ୍ୟକ୍ତିତ୍ୱର ସମାନତା ସତ୍ତ୍ୱେ (ଜଣେ ଅନ୍ୟ ଜଣଙ୍କ-ଠାରୁ ବଡ଼ ନହୋଇ ଥିଲେ ମଧ୍ୟ) ଉଦାରଚରିତ ବ୍ୟକ୍ତିମାନେ ଅନ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି । ୩୧

ବ୍ରହ୍ମଚାରୀ ପାର୍ବତୀଙ୍କର ଯଥାବିଧି ଅଭ୍ୟର୍ଥନା ଗ୍ରହଣ କଲେ । ଅଳ୍ପ ସମୟ ମଧ୍ୟରେ ତାଙ୍କର କ୍ଳାନ୍ତି ଦୂର ହୋଇଗଲା । ସେ ପାର୍ବତୀଙ୍କ ଆଡ଼କୁ ସରଳ ଦୃଷ୍ଟିରେ ଚାହିଁ ଯଥୋପଯୁକ୍ତ କ୍ରମରେ କହିବା ଆରମ୍ଭ କଲେ । ୩୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अपि क्रियार्थं सुलभं समित्कुशं जलान्यपि स्नानविधिक्षमाणि ते ।
अपि स्वशक्त्या तपसि प्रवर्तसे शरीरमाद्यं खलु धर्मसाधनम् ।। ३३
ଅପି କ୍ରିୟାର୍ଥଂ ସୁଲଭଂ ସମିତ୍‌କୁଶଂ ଜଲାନ୍ୟପି ସ୍ନାନବିଧିକ୍ଷମାଣି ତେ ।
ଅପି ସ୍ୱଶକ୍ତ୍ୟା ତପସି ପ୍ରବର୍ତସେ ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍ ॥ ୩୩

अपि त्वदावर्जितवारिसंभृतं प्रवालमासामनुबन्धि वीरुधाम् ।
चिरोज्झितालक्तकपाटलेन ते तुलां यदारोहति दन्तवाससा ।। ३४
ଅପି ତ୍ୱଦାବର୍ଜିତବାରିସଂଭୃତଂ ପ୍ରବାଳମାସାମନୁବନ୍ଧି ବୀରୁଧାମ୍
ଚିରୋଜ୍‌ଝିତାଲକ୍ତକପାଟଳେନ ତେ ତୁଳାଂ ଯଦାରୋହତି ଦନ୍ତବାସସା ॥ ୩୪

अपि प्रसन्नं हरिणेषु ते मनः करस्थदर्भप्रणयापहारिषु ।
य उत्पलाक्षि प्रचलैर्विलोचनैस्तवाक्षिसादृश्यमिव प्रयुञ्जते ।। ३५
ଅପି ପ୍ରସନ୍ନଂ ହରିଣେଷୁ ତେ ମନଃ କରସ୍ଥଦର୍ଭପ୍ରଣୟାପହାରିଷୁ ।
ଯ ଉତ୍‌ପଳାକ୍ଷି ପ୍ରଚଳୈର୍ବିଲୋଚନୈସ୍ତବାକ୍ଷିସାଦୃଶ୍ୟମିବ ପ୍ରଯୁଞ୍ଜତେ ॥ ୩୫

यदुच्यते पार्वति पापवृत्तये न रूपमित्यव्यभिचारि तद् वचः ।
तथाहि ते शीलमुदारदर्शने तपस्विनामप्युपदेशतां गतम् ॥ ३६
ଯଦୁଚ୍ୟତେ ପାର୍ବତି ପାପବୃତ୍ତୟେ ନ ରୂପମିତ୍ୟବ୍ୟଭିଚାରି ତଦ୍ ବଚଃ ।
ଯ ତଥାହି ତେ ଶୀଳମୁଦାରଦର୍ଶନେ ତପସ୍ୱିନାମପ୍ୟୁପଦେଶତାଂ ଗତମ୍ ॥ ୩୬

विकीर्णसप्तर्षिबलिप्रहासिभिस्तथा न गाङ्गैः सलिलैर्दिवश्च्युतैः ।
यथा त्वदीयैश्चरितैरनाविलैर्महीधरः पावित एष सान्वयः ॥ ३७
ବିକୀର୍ଣ୍ଣସପ୍ତର୍ଷିବଳିପ୍ରହାସିଭିସ୍ତଥା ନ ଗାଙ୍ଗୈଃ ସଲିଳୈର୍ଦିବଶ୍ଚ୍ୟୁତୈଃ ।
ଯଥା ତ୍ୱଦୀୟୈଶ୍ଚରିତୈରନାବିଳୈର୍ମହୀଧରଃ ପାବିତ ଏଷ ସାନ୍ୱୟଃ ॥ ୩୭

अनेन धर्मः सविशेषमद्य मे त्रिवर्गसारः प्रतिभाति भाविनि ।
त्वया मनोनिर्विषयार्थकामया यदेक एव प्रतिगृह्य सेव्यते ॥ ३८
ଅନେନ ଧର୍ମଃ ସବିଶେଷମଦ୍ୟ ମେ ତ୍ରିବର୍ଗସାରଃ ପ୍ରତିଭାତି ଭାବିନି ।
ତ୍ୱୟା ମନୋନିର୍ବିଷୟାର୍ଥକାମୟା ଯଦେକ ଏବ ପ୍ରତିଗୃହ୍ୟ ସେବ୍ୟତେ ॥ ୩୮

प्रयुक्तसत्कारविशेषमात्मना न मां परं संप्रतिपत्तुमर्हसि ।
यतः सतां सन्नतगात्रि सङ्गतं मनीषिभिः साप्तपदीनमुच्यते ।। ३९
ପ୍ରଯୁକ୍ତସତ୍କାରବିଶେଷମାତ୍ମନା ନ ମାଂ ପରଂ ସଂପ୍ରତିପତ୍ତୁମର୍ହସି ।
ଯତଃ ସତାଂ ସନ୍ନତଗାତ୍ରି ସଂଗତଂ ମନୀଷିଭିଃ ସାପ୍ତପଦୀନମୁଚ୍ୟତେ ॥ ୩୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ଗୋ ତପସ୍ୱିନୀ, ତୁମର ତପସ୍ୟା ନିମନ୍ତେ ସମିଧ ଓ କୁଶ ଆଦି ଦ୍ରବ୍ୟ ଭଲଭାବେ ମିଳୁଛି ତ ? ସ୍ନାନ ବିଧି ନିମନ୍ତେ ଉତ୍ତମ ଜଳ ମିଳୁଛି ତ ? ତୁମେ ନିଜ ଶରୀରର ଶକ୍ତିକୁ ଚାହିଁ ତପସ୍ୟା କରୁଛ ତ ? କାରଣ, ଶରୀର ହିଁ ଧର୍ମ ଅର୍ଜନର ଆଦ୍ୟ ସୋପାନ । ୩୩

ତୁମେ ନିଜ ହାତରେ ଜଳ ଢାଳି ଏଇ ଯେଉଁ ଲତାଗୁଡ଼ିକୁ ବଢାଇଛ, ସେଗୁଡ଼ିକର ଉତ୍ତରୋତ୍ତର ପଲ୍ଲବବୃଦ୍ଧି ହେଉଛି ତ ? ଏହି ଲତା-ଗୁଡିକର ନବ ପଲ୍ଲବ ତୁମ ଅଧର ସହିତ ତୁଳନୀୟ, ଯଦିଓ ତୁମ ଅଧର ଦୀର୍ଘକାଳ ହେଲା ଲାକ୍ଷାଦ୍ରବ ଲେପନରୁ ବଞ୍ଚିତ ହୋଇଛି । ୩୪

ହରିଣମାନେ ସ୍ନେହ ବଶତଃ ତୁମ ହାତରୁ କୁଶ ଟାଣି ଖାଇ-ଯାଆନ୍ତି ଏବଂ ତୁମ ଆଡକୁ ଢଳଢଳ ଚାହାଣିରେ ଚାହିଁ ସତେ ଯେପରି ତୁମ ଚାହାଣିର ଅନୁକରଣ କରନ୍ତି । ସେମାନଙ୍କ ପ୍ରତି ତୁମର ମନ ପ୍ରସନ୍ନ ରହିଛି ତ ? ୩୫

ଗୋ ସୌମ୍ୟଦର୍ଶନା, ତୁମର ଆଚରଣ ମହାନ୍ ତପସ୍ୱୀମାନଙ୍କର ମଧ୍ୟ ଆଦର୍ଶ ହୋଇଛି । ତେଣୁ "ସୌନ୍ଦର୍ଯ୍ୟ କଦାପି ପାପମାର୍ଗରେ ପ୍ରବୃତ୍ତ ହୁଏନାହିଁ " ଏ ଯେଉଁ କଥା କୁହାଯାଏ , ତାହା ଯଥାର୍ଥ । ୩୬

ତୁମର ଅନାବିଳ ଚରିତ ଦ୍ୱାରା ଏହି ପର୍ବତ (ହିମାଳୟ) ଯେପରି ସବଂଶ ପବିତ୍ର ହୋଇଛି, ସପ୍ତର୍ଷିପ୍ରଦତ୍ତ ପୁଷ୍ପ-ଉପହାରରେ ଶୋଭିତ, ସ୍ୱର୍ଗ-ନିଃସୃତ ଗଙ୍ଗାଜଳଦ୍ୱାରା ମଧ୍ୟ ସେପରି ପବିତ୍ର ହୋଇନାହିଁ । ୩୭

ଗୋ ଚିନ୍ତାଶୀଳେ, ତୁମେ ଯେ ଅର୍ଥ ଓ କାମ ପ୍ରତି ବୀତସ୍ପୃହ ହୋଇ କେବଳ ଧର୍ମର ଉପାସନା କରୁଛ, ତେଣୁ ମୋ ମନରେ ଦୃଢ ଧାରଣା ହୋଇଛି ଯେ—ଧର୍ମ, ଅର୍ଥ ଓ କାମ ଏହି ତ୍ରିବର୍ଗ ମଧ୍ୟରେ ଧର୍ମ ହିଁ ଶ୍ରେଷ୍ଠ । ୩୮

ତୁମେ ମୋର ବିଶେଷ ଅଭ୍ୟର୍ଥନା କରିଛ, ତେଣୁ ମୋତେ ଆଉ ପର ଭବିବା ତୁମ ପକ୍ଷରେ ଉଚିତ ହେବନାହିଁ । ଗୋ ଅବନତାଙ୍ଗି, ବିଦ୍ୱାନ୍‌ମାନେ କହନ୍ତି ସାତପଦ ମାତ୍ର ଆଳାପରେ ସଜ୍ଜନମାନଙ୍କ ସହିତ ବନ୍ଧୁତା ପ୍ରତିଷ୍ଠିତ ହୁଏ । ୩୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अतोऽत्र किञ्चिद् भवतीं बहुक्षमां द्विजातिभावादुपपन्नचापलः ।
अयं जनः प्रष्टुमनास्तपोधने न चेद् रहस्यं प्रतिवक्तुमर्हसि ॥ ४०
ଅତୋଽତ୍ର କିଞ୍ଚିଦ୍ ଭବତୀଂ ବହୁକ୍ଷମାଂ ଦ୍ୱିଜାତିଭାବାଦୁପପନ୍ନଚାପଳଃ ।
ଅୟଂ ଜନଃ ପ୍ରଷ୍ଟୁମନାସ୍ତପୋଧନେ ନ ଚେଦ୍ ରହସ୍ୟଂ ପ୍ରତିବକ୍ତୁମର୍ହସି ॥ ୪୦

कुले प्रसूतिः प्रथमस्य वेधसस्त्रिलोकसौन्दर्यमिवोदितं वपुः ।
अमृग्यमैश्वर्यसुखं नवं वयस्तपःफलं स्यात् किमतः परं वद ॥ ४१
କୁଳେ ପ୍ରସୂତିଃ ପ୍ରଥମସ୍ୟ ବେଧସସ୍ତ୍ରିଲୋକସୌନ୍ଦର୍ଯ୍ୟମିବୋଦିତଂ ବପୁଃ ।
ଅମୃଗ୍ୟମୈଶ୍ୱର୍ଯ୍ୟସୁଖଂ ନବଂ ବୟସ୍ତପଃଫଳଂ ସ୍ୟାତ୍ କିମତଃ ପରଂ ବଦ ॥ ୪୧

भवत्यनिष्टादपि नाम दुःसहान्मनस्विनीनां प्रतिपत्तिरीदृशी ।
विचारमार्गप्रहितेन चेतसा न दृश्यते तच्च कृशोदरि त्वयि ॥ ४२
ଭବତ୍ୟନିଷ୍ଟାଦପି ନାମ ଦୁଃସହାନ୍ମନସ୍ୱିନୀନାଂ ପ୍ରତିପତ୍ତିରୀଦୃଶୀ ।
ବିଚାରମାର୍ଗପ୍ରହିତେନ ଚେତସା ନ ଦୃଶ୍ୟତେ ତଚ୍ଚ କୃଶୋଦରୀ ତ୍ୱୟି ॥ ୪୨

अलभ्यशोकाभिभवेयमाकृतिर्विमानना सुभ्रु कुतः पितुर्गृहे ।
पराभिमर्शो न तवास्ति कः करं प्रसारयेत् पन्नगरत्नसूचये ॥ ४३
ଅଲଭ୍ୟଶୋକାଭିଭବେୟମାକୃତିର୍ବିମାନନା ସୁଭ୍ରୁ କୁତଃ ପିତୁର୍ଗୃହେ ।
ପରାଭିମର୍ଶୋ ନ ତବାସ୍ତି କଃ କରଂ ପ୍ରସାରୟେତ୍ ପନ୍ନଗରତ୍ନସୂଚୟେ ॥ ୪୩

किमित्यपास्याभरणानि यौवने धृतं त्वया वार्द्धकशोभि वल्कलम् ।
वद प्रदोषे स्फुटचन्द्रतारका विभावरी यद्यरुणाय कल्पते ॥ ४४
କିମିତ୍ୟପାସ୍ୟାଭରଣାନି ଯୌବନେ ଧୃତଂ ତ୍ୱୟା ବାର୍ଦ୍ଧକଶୋଭି ବଲ୍କଳମ୍ ।
ବଦ ପ୍ରଦୋଷେ ସ୍ଫୁଟଚନ୍ଦ୍ରତାରକା ବିଭାବରୀ ଯଦ୍ୟରୁଣାୟ କଳ୍ପତେ ॥ ୪୪

दिवं यदि प्रार्थयसे वृथा श्रमः पितुः प्रदेशास्तव देवभूमयः ।
अथोपयन्तारमलं समाधिना न रत्नमन्विष्यति मृग्यते हि तत् ॥ ४५
ଦିବଂ ଯଦି ପ୍ରାର୍ଥୟସେ ବୃଥା ଶ୍ରମଃ ପିତୁଃ ପ୍ରଦେଶାସ୍ତବ ଦେବଭୂମୟଃ ।
ଅଥୋପୟନ୍ତାରମଳଂ ସମାଧିନା ନ ରତ୍ନମନ୍ୱିଷ୍ୟତି ମୃଗ୍ୟତେ ହି ତତ୍ ॥ ୪୫

निवेदितं निश्वसितेन सोष्मणा मनस्तु मे संशयमेव गाहते ।
न दृश्यते प्रार्थयितव्य एव ते भविष्यति प्रार्थितदुर्लभः कथम् ॥ ४६
ନିବେଦିତଂ ନିଶ୍ୱସିତେନ ସୋଷ୍ମଣା ମନସ୍ତୁ ମେ ସଂଶୟମେବ ଗାହତେ ।
ନ ଦୃଶ୍ୟତେ ପ୍ରାର୍ଥୟିତବ୍ୟ ଏବ ତେ ଭବିଷ୍ୟତି ପ୍ରାର୍ଥିତଦୁର୍ଲଭଃ କଥମ୍ ॥ ୪୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ ତପସ୍ୱିନୀ, ମୁଁ ବ୍ରାହ୍ମଣ, ତେଣୁ କିଛି ପଗ୍ଭରିବାର ଗ୍ଭପଲ୍ୟ ମୋ ମନରେ ଜାତ ହେବା ସ୍ୱାଭବିକ । ତୁମେ ମଧ୍ୟ ଅତ୍ୟନ୍ତ ସହନଶୀଳା, ତେଣୁ ମୁଁ ତୁମକୁ କିଛି ପଗ୍ଭରିବାକୁ ଗ୍ଭହେଁ । ତୁମେ ମୋ ପ୍ରଶ୍ନର ଉତ୍ତର ଦେବ, ଯଦି ତାହା ତୁମର ଗୋପନୀୟ ହୋଇ ନଥାଏ । ୪୦

ପ୍ରଥମ ସ୍ରଷ୍ଟା ପ୍ରଜାପତିଙ୍କ କୁଳରେ ତୁମର ଜନ୍ମ, ତୁମ ଶରୀର ତ୍ରିଭୁବନର ସକଳ ସୌନ୍ଦର୍ଯ୍ୟର ଭଣ୍ଡାର, ତୁମକୁ ଐଶ୍ୱର୍ଯ୍ୟସୁଖ ଖୋଜିବାକୁ ପଡ଼ିବ ନାହି (ତୁମ ପିତାଙ୍କ ଘରେ ଅମାପ ଧନରତ୍ନ ଅଛି), ପୁଣି ତୁମର ନବୀନ ବୟସ । ଏ ସବୁଠାରୁ ବଳି ତପସ୍ୟାର ଫଳ ଆଉ ଅଧିକ କଅଣ ଅଛି କୁହ । ୪୧

ବେଳେବେଳେ ଦୁଃସହ ଅପମାନବୋଧରେ ମନସ୍ୱିନୀ ନାରୀମାନେ ଏଭଳି ପନ୍ଥା (ତପସ୍ୟା) ଅବଲମ୍ବନ କରନ୍ତି । କିନ୍ତୁ ଗୋ କୃଶୋଦରୀ, ମୁଁ ଗଭୀର ଭାବରେ ଚିନ୍ତା କରି ଦେଖୁଛି, ଏହି କାରଣ (ଅପମାନପ୍ରାପ୍ତି) ତୁମଠାରେ କଦାପି ସମ୍ଭବ ନୁହେଁ । ୪୨

ଗୋ ସୁନ୍ଦରୀ, ତୁମର ରୂପ କଦାପି ଦୁଃଖଶୋକର ସ୍ଥଳ ହୋଇ-ନପାରେ । ପିତାଙ୍କ ଗୃହରେ ତୁମକୁ ଅବଜ୍ଞା ମିଳିବ, ଏହା ମଧ୍ୟ ଅସମ୍ଭବ । କେହି ତୁମକୁ ଧର୍ଷଣ କରିବ, ଏହା ତ କଳ୍ପନାତୀତ । ସାପମୁଣ୍ଡର ମଣି ପାଇଁ ସାପ ଆଡକୁ କିଏ ହାତ ବଢ଼ାଇବ ? ୪୩

ବଲ୍‌କଳବସ୍ତ୍ର ବାର୍ଦ୍ଧକ୍ୟ ବୟସରେ ହିଁ ଶୋଭପାଏ । ତୁମେ ଯୌବନୋଚିତ ଆଭରଣମାନ ପରିତ୍ୟାଗ କରି ବଲ୍‌କଳ ପରିଧାନ କରିଛ କାହିଁକି ? ଆଚ୍ଛା, ତୁମେ କୁହ, ଚନ୍ଦ୍ର ଓ ତାରକାଗଣ ଘେନି ଶୋଭପାଇ-ଆସୁଥିବା ରାତ୍ରି କ'ଣ ସନ୍ଧ୍ୟାବେଳୁ ସୂର୍ଯ୍ୟର ଆମନ୍ତ୍ରଣ କରେ ? ୪୪

ତୁମେ ଯଦି ସ୍ୱର୍ଗସୁଖ କାମନା କରୁଥ ଅ, ତେବେ ସେଥିପାଇଁ ଏଭଳି ଶ୍ରମ କରିବା ବୃଥା । କାରଣ, ତୁମ ପିତାଙ୍କ ଗୃହ ହିଁ ଦେବତା-ମାନଙ୍କର ଲୀଳାଭୂମି । ଆଉ ଯଦି ସ୍ୱାମୀ କାମନା କରୁଥାଅ, ତାହାହେଲେ ତପସ୍ୟା କରିବା ମଧ୍ୟ ବୃଥା । କାରଣ, ରତ୍ନ କାହାକୁ ଅନ୍ୱେଷଣ କରିବାକୁ ଯାଏନାହିଁ, ରତ୍ନକୁ ସମସ୍ତେ ଅନ୍ୱେଷଣ କରନ୍ତି । ୪୫

ତୁମର ଉଷ୍ଣ ଦୀର୍ଘ ଶ୍ୱାସ ସୂଚାଇ ଦେଉଛି ଯେ ତୁମେ ସ୍ୱାମୀ କାମନା କରୁଛ । ତଥାପି ମୋର ମନରେ ସଂଶୟ ରହୁଛି । କୌଣସି ପୁରୁଷକୁ ସ୍ୱାମୀରୂପେ ପାଇବା ପାଇଁ ତୁମକୁ ପ୍ରାର୍ଥନା କରିବାକୁ ପଡ଼ିବ, ମୁଁ ଭବିପାରୁ ନାହିଁ । ଆଉ ତୁମେ ପ୍ରାର୍ଥନା କଲେ ମଧ୍ୟ ତୁମକୁ ତୁମର ଅଭିଳଷିତ ପୁରୁଷ ମିଳୁନାହିଁ, ଏଭଳି କେଉଁ ପୁରୁଷ ଅଛି ? ୪୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अहो स्थिरः कोऽपि तवेप्सितो युवा चिराय कर्णोत्पलशून्यतां गते ।
उपेक्षते यः श्लथलम्बिनीर्जटाः कपोलदेशे कलमाग्रपिङ्गलाः ॥ ४७
ଅହୋ ସ୍ଥିରଃ କୋଽପି ତବେପ୍‌ସିତୋ ଯୁବା ଚିରାୟ କର୍ଣ୍ଣୋତ୍ପଳଶୂନ୍ୟତାଂ ଗତେ
ଉପେକ୍ଷତେ ଯଃ ଶ୍ଲଥଲମ୍ବିନୀର୍ଜଟାଃ କପୋଳଦେଶେ କଲମାଗ୍ରପିଙ୍ଗଳାଃ ॥ ୪୭

मुनिव्रतैस्त्वामतिमात्रकर्शितां दिवाकराप्लुष्टविभूषणास्पदाम् ।
शशाङ्कलेखामिव पश्यतो दिवा सचेतसः कस्य मनो न दूयते ॥ ४८
ମୁନିବ୍ରତୈସ୍ତ୍ୱାମତିମାତ୍ରକର୍ଶିତାଂ ଦିବାକରପ୍ଲୁଷ୍ଟବିଭୂଷଣାସ୍ପଦାମ୍ ।
ଶଶାଙ୍କଲେଖାମିବ ପଶ୍ୟତୋ ଦିବା ସଚେତସଃ କସ୍ୟ ମନୋ ନ ଦୂୟତେ ॥

अवैमि सौभाग्यमदेन वञ्चितं तव प्रियं यश्चतुरावलोकिनः ।
करोति लक्ष्यं चिरमस्य चक्षुषो न वक्त्रमात्मीयमरालपक्ष्मणः ॥ ४६
ଅବୈମି ସୌଭଗ୍ୟମଦେନ ବଞ୍ଚିତଂ ତବ ପ୍ରିୟଂ ଯଶ୍ଚତୁରବଲୋକିନଃ ।
କରୋତି ଲକ୍ଷ୍ୟଂ ଚିରମସ୍ୟ ଚକ୍ଷୁଷୋ ନ ବକ୍ତ୍ରମାତ୍ମୀୟମରାଳପକ୍ଷ୍ମଣଃ ॥ ୪୯

कियच्चिरं श्राम्यसि गौरि विद्यते ममापि पूर्वाश्रमसंचितं तपः ।
तदर्द्धभागेन लभस्व काङ्क्षितं वरं तमिच्छामि च साधु वेदितुम् ॥ ५०
କିୟଚ୍ଚିରଂ ଶ୍ରାମ୍ୟସି ଗୌରି ବିଦ୍ୟତେ ମମାପି ପୂର୍ବାଶ୍ରମସଂଚିତଂ ତପଃ ।
ତଦର୍ଦ୍ଧଭଗେନ ଲଭସ୍ୱ କାଙ୍‌କ୍ଷିତଂ ବରଂ ତମିଚ୍ଛାମି ଚ ସାଧୁ ବେଦିତୁମ୍ ॥ ୫୦

इति प्रविश्याभिहिता द्विजन्मना मनोगतं सा न शशाक शंसितुम् ।
अतो वयस्यां परिपार्श्ववर्तिनीं विवर्तितानञ्जननेत्रमैक्षत ॥ ५१
ଇତି ପ୍ରବିଶ୍ୟାଭିହିତା ଦ୍ୱିଜନ୍ମନା ମନୋଗତଂ ସା ନ ଶଶାକ ଶଂସିତୁମ୍ ।
ଅତୋ ବୟସ୍ୟାଂ ପରିପାର୍ଶ୍ୱବର୍ତ୍ତିନୀଂ ବିବର୍ତ୍ତିତାନଞ୍ଜନନେତ୍ରମୈକ୍ଷତ ॥ ୫୧

सखी तदीया तमुवाच वर्णिनं निबोध साधो तव चेत् कुतूहलम् ।
यदर्थमम्भोजमिवोष्णवारणं कृतं तपःसाधनमेतया वपुः ॥ ५२
ସଖୀ ତଦୀୟା ତମୁବାଚ ବର୍ଣ୍ଣିନଂ ନିବୋଧ ସାଧୋ ତବ ଚେତ୍ କୁତୂହଳମ୍ ।
ଯଦର୍ଥମମ୍ଭୋଜମିବୋଷ୍ଣବାରଣଂ କୃତଂ ତପଃସାଧନମେତୟା ବପୁଃ । ୫୨

इयं महेन्द्रप्रभृतीनधिश्रियश्चतुर्दिगीशानवमत्य मानिनी ।
अरूपहार्यं मदनस्य निग्रहात् पिनाकपाणिं पतिमाप्तुमिच्छति ॥ ५३
ଇୟଂ ମହେନ୍ଦ୍ରପ୍ରଭୃତୀନଧିଶ୍ରିୟଶ୍ଚତୁର୍ଦ୍ଦିଗୀଶାନବମତ୍ୟ ମାନିନୀ ।
ଅରୂପହାର୍ଯ୍ୟଂ ମଦନସ୍ୟ ନିଗ୍ରହାତ୍ ପିନାକପାଣିଂ ପତିମାପ୍ତୁମିଚ୍ଛତି ॥ ୫୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମର ଗଣ୍ଡସ୍ଥଳରେ ଦୀର୍ଘକାଳ ହେଲା ଆଉ କର୍ଣ୍ଣଭୂଷଣ ପଦ୍ମଫୁଲ ଝୁଲୁନାହିଁ । ତା' ସ୍ଥାନରେ ଝୁଲୁଛି ଶାଳୀଧାନର ଅଗ୍ରଭାଗ ପରି ପିଙ୍ଗଳ-ବର୍ଣ୍ଣ ଶିଥିଳ ଜଟା । ତୁମର ଅଭିଳଷିତ କିଏ ସେହି ଯୁବା, ଯେ କି ଏଭଳି ଅବସ୍ଥାରେ ପହଞ୍ଚିଥିବା ତୁମର ଗଣ୍ଡ ସ୍ଥଳକୁ ଉପେକ୍ଷା କରି ରହିପାରୁଛି ? ୪୭

କଠୋର ମୁନିବ୍ରତମାନ ଆଚରଣ କରି କରି ତୁମର ଶରୀର ଅତିମାତ୍ରାରେ କ୍ଷୀଣ ହୋଇଗଲଣି । ଶରୀରର ଅଳଙ୍କାର ପିନ୍ଧିବା ସ୍ଥାନ-ଗୁଡ଼ିକ ସୂର୍ଯ୍ୟ କିରଣରେ କଳା ପଡ଼ିଗଲାଣି । ଚନ୍ଦ୍ର ରେଖା ସଦୃଶ ତୁମର ଶରୀରକୁ ଦେଖିଲେ କେଉଁ ସହୃଦୟ ଲୋକର ମନ ବ୍ୟଥିତ ହୋଇନ-ଉଠିବ ? ୪୮

ତୁମର ପ୍ରିୟ ଯେ ଏତେ କାଳ ହେଲା ନିଜର ମୁଖକୁ ତୁମର ବକ୍ରଲୋମବିଶିଷ୍ଟ, ସୁନ୍ଦରଗ୍ରହାଣି ଚକ୍ଷୁର ସମ୍ମୁଖୀନ ନ କରୁଛି, ଏଥିରୁ ମୋର ମନେ ହେଉଛି ସେ ଜଣେ ସୌଭାଗ୍ୟହୀନ ବ୍ୟକ୍ତି । ୪୯

ଗୌରୀ, ଆଉ କେତେ କାଳ ଶ୍ରମ କରିବ ? ମୁଁ ମଧ୍ୟ ମୋର ପ୍ରଥମ (ବ୍ରହ୍ମଚର୍ଯ୍ୟ) ଆଶ୍ରମରେ କିଛି ତପଃ ପୁଣ୍ୟ ସଂଚୟ କରିଛି । ସେହି ପୁଣ୍ୟରୁ ଅଧେ ନେଇ ତୁମେ ତୁମର ଅଭିଳଷିତ ସ୍ୱାମୀ ଲାଭ କର । କିନ୍ତୁ, ତୁମେ କାହାକୁ ସ୍ୱାମୀ ରୂପେ ପାଇବାକୁ ଇଚ୍ଛା କରୁଛ, ତାହା ଜାଣି-ବାକୁ ମୋର ଇଚ୍ଛା । " ୫୦

ଏହିପରି ଭାବରେ ସେହି ବ୍ରହ୍ମଚାରୀ ସତେ ଯେପରି ପାର୍ବତୀଙ୍କର ମନ ଭିତରେ ପ୍ରବେଶ କରି ତାଙ୍କ ମନକଥା ପ୍ରକାଶ କରି ଦେଲେ । ପାର୍ବତୀ ତାହାର ଉତ୍ତର ଦେବାକୁ ସମର୍ଥ ନ ହୋଇ ମୁହଁ ବୁଲାଇ, ପାଖରେ ଥିବା ସଖୀ ଆଡ଼କୁ ଅଞ୍ଜନହୀନ ଚକ୍ଷୁରେ ଚାହିଁଲେ । ୫୧

ସଖୀ ବ୍ରହ୍ମଚାରୀଙ୍କୁ କହିଲା– " ହେ ମହାତ୍ମା, ଆପଣଙ୍କର ଯଦି ମନରେ କୌତୁହଳ ହେଉଛି, ତେବେ ଶୁଣନ୍ତୁ, ପଦ୍ମଫୁଲକୁ ଛତାରୂପେ ବ୍ୟବହାର କରାଗଲା ଭଳି ଆମ ସଖୀ କାହିଁକି ତାଙ୍କର ସୁକୋମଳ ଶରୀରକୁ ତପସ୍ୟାରେ ଲଗାଇଛନ୍ତି । ୫୨

ଆମର ଏଇ ମନସ୍ୱିନୀ ସଖୀ ବିପୁଳଧନାଧୀଶ, ମହେନ୍ଦ୍ର ପ୍ରମୁଖ ଚତୁର୍ଦ୍ଦିଗପାଳଙ୍କୁ ଅଗ୍ରାହ୍ୟ କରି କେବଳ ଶିବଙ୍କୁ ପତି ରୂପେ ପାଇବା ପାଇଁ ଇଚ୍ଛା କରୁଛନ୍ତି । କିନ୍ତୁ ଶିବଙ୍କୁ ସୌନ୍ଦର୍ଯ୍ୟ ଦ୍ୱାରା ଆକୃଷ୍ଟ କରାଯାଇ ନ ପାରେ । କାରଣ, ସେ କନ୍ଦର୍ପକୁ ଭସ୍ମ କରିଦେଇଛନ୍ତି । ୫୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

असह्यहुंकारनिवर्त्तितः पुरा पुरारिमप्राप्तमुखः शिलीमुखः ।
इमां हृदि व्यायतपातमक्षिणोद् विशीर्णमूर्तेरपि पुष्पधन्वनः ॥ ५४
ଅସହ୍ୟହୁଂକାରନିବର୍ତ୍ତିତଃ ପୁରା ପୁରାରିମପ୍ରାପ୍ତମୁଖଃ ଶିଳୀମୁଖଃ ।
ଇମାଂ ହୃଦି ବ୍ୟାୟତପାତମକ୍ଷିଣୋଦ୍ ବିଶୀର୍ଣ୍ଣମୂର୍ତ୍ତେରପି ପୁଷ୍ପଧନ୍ୱନଃ ॥ ୫୪

तदाप्रभृत्युन्मदना पितुर्गृहे ललाटिकाचन्दनधूसरालका ।
न जातु बाला लभते स्म निर्वृतिं तुषारसंघातशिलातलेष्वपि ॥ ५५
ତଦାପ୍ରଭୃତ୍ୟୁନ୍ମଦନା ପିତୁର୍ଗୃହେ ଲଲାଟିକାଚନ୍ଦନଧୂସରାଳକା ।
ନ ଜାତୁ ବାଳା ଲଭତେ ସ୍ମ ନିର୍ବୃତିଂ ତୁଷାରସଂଘାତଶିଳାତଳେଷ୍ୱପି ॥ ୫୫

उपात्तवर्णे चरिते पिनाकिनः सबाष्पकण्ठस्खलितैः पदैरियम् ।
अनेकशः किन्नरराजकन्यका वनान्तसङ्गीतसखीररोदयत् ॥ ५६
ଉପାତ୍ତବର୍ଣ୍ଣେ ଚରିତେ ପିନାକିନଃ ସବାଷ୍ପକଣ୍ଠସ୍ଖଳିତୈଃ ପଦୈରିୟମ୍ ।
ଅନେକଶଃ କିନ୍ନରରାଜକନ୍ୟକାଂ ବନାନ୍ତସଙ୍ଗୀତସଖୀରରୋଦୟତ୍ । ୫୬

त्रिभागशेषासु निशासु च क्षणं निमील्य नेत्रे सहसा व्यबुध्यत ।
क्व नीलकण्ठ व्रजसीत्यलक्ष्यवागसत्यकण्ठार्पितबाहुबन्धना ॥ ५७
ତ୍ରିଭାଗଶେଷାସୁ ନିଶାସୁ ଚ କ୍ଷଣଂ ନିମୀଲ୍ୟ ନେତ୍ରେ ସହସା ବ୍ୟବୁଧ୍ୟତ ।
କ୍ୱ ନୀଳକଣ୍ଠ ବ୍ରଜସୀତ୍ୟଲକ୍ଷ୍ୟବାଗସତ୍ୟକଣ୍ଠାର୍ପିତବାହୁବନ୍ଧନା ॥ ୫୭

यदा बुधैः सर्वगतस्त्वमुच्यसे न वेत्सि भावस्थमिमं जनं कथम् ।
इति स्वहस्तोल्लिखितश्च मुग्धया रहस्युपालभ्यत चन्द्रशेखरः ॥ ५८
ଯଦା ବୁଧୈଃ ସର୍ବଗତସ୍ତ୍ୱମୁଚ୍ୟସେ ନ ବେତ୍ସି ଭାବସ୍ଥମିମଂ ଜନଂ କଥମ୍ ।
ଇତି ସ୍ୱହସ୍ତୋଲ୍ଲିଖିତଶ୍ଚ ମୁଗ୍ଧୟା ରହସ୍ୟୁପାଲଭ୍ୟତ ଚନ୍ଦ୍ରଶେଖରଃ ॥ ୫୮

यदा च तस्याधिगमे जगत्पतेरपश्यदन्यं न विधिं विचिन्वती ।
तदा सहास्माभिरनुज्ञया गुरोरियं प्रपन्ना तपसे तपोवनम् ॥ ५९
ଯଦା ଚ ତସ୍ୟାଧିଗମେ ଜଗତ୍ପତେରପଶ୍ୟଦନ୍ୟଂ ନ ବିଧିଂ ବିଚିନ୍ୱତୀ ।
ତଦା ସହାସ୍ମାଭିରନୁଜ୍ଞୟା ଗୁରୋରିୟଂ ପ୍ରପନ୍ନା ତପସେ ତପୋବନମ୍ ॥ ୫୯

द्रुमेषु सख्या कृतजन्मसु स्वयं फलं तपःसाक्षिषु दृष्टमेष्वपि ।
न च प्ररोहाभिमुखोऽपि दृश्यते मनोरथोऽस्याः शशिमौलिसंश्रयः ॥ ६०
ଦ୍ରୁମେଷୁ ସଖ୍ୟା କୃତଜନ୍ମସୁ ସ୍ୱୟଂ ଫଳଂ ତପଃସାକ୍ଷିଷୁ ଦୃଷ୍ଟମେଷ୍ୱପି ।
ନ ଚ ପ୍ରରୋହାଭିମୁଖୋଽପି ଦୃଶ୍ୟତେ ମନୋରଥୋଽସ୍ୟାଃ ଶଶିମୌଳିସଂଶ୍ରୟଃ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କନ୍ଦର୍ପ ଶିବଙ୍କୁ ଲକ୍ଷ୍ୟ କରି ପୁଷ୍ପ ଧନୁରୁ ଯେଉଁ ଶର ନିକ୍ଷେପ କରିଥିଲେ, ତାହା ଶିବଙ୍କର ଭୀଷଣ ହୁଙ୍କାରରେ ତାଙ୍କୁ ସ୍ପର୍ଶ କରିନପାରି ଫେରିଆସିଲା । ସେତେବେଳକୁ କନ୍ଦର୍ପର ଶରୀର ଭସ୍ମ ହୋଇ ସାରିଥିଲା, ତେଣୁ ଉକ୍ତ ଶର କନ୍ଦର୍ପ ନିକଟକୁ ଫେରିନଆସି ଆମ ସଖୀର ହୃଦୟରେ ହିଁ ଗଭୀର ଭାବରେ ବିଦ୍ଧ ହୋଇଗଲା । ୫୪

ସେହି ଦିନଠାରୁ ଆମ ସଖୀ ଶିବଙ୍କ ପ୍ରତି ଆସକ୍ତା ହୋଇ ପଡ଼ିଲେ । ପିତୃଗୃହରେ (ବେଶବାସର ଯତ୍ନ ନ ନେବାରୁ) ଏହାଙ୍କର ଲଲାଟ-ଚନ୍ଦନ ଉପରେ ପଡ଼ି କେଶ ଧୂସରିତ ହେଲା । କଠିନ ବରଫ ଖଣ୍ଡ ଗୁଡ଼ିକ ଉପରେ ଶୟନ କଲେ ମଧ୍ୟ ଏହାଙ୍କୁ ଶାନ୍ତି ମିଳିଲା ନାହିଁ । ୫୫

କିନ୍ନରରାଜକନ୍ୟାଗଣ ଶିବଙ୍କ ଚରିତ ଗାନ କଲାବେଳେ ଏହାଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଉଥିଲା । ସେହି କନ୍ୟାମାନେ ଥିଲେ ବନ ମଧ୍ୟରେ ଏହାଙ୍କର ସଙ୍ଗୀତସଖୀ । ସେମାନେ ଏହାଙ୍କର ଗଦ୍‌ଗଦ ବଚନରେ ବାରମ୍ବାର କାନ୍ଦି ପକାଉଥିଲେ । ୫୬

ରାତ୍ରିର ତୃତୀୟ ପ୍ରହର ବେଳକୁ ଏହାଙ୍କର ଆଖି କ୍ଷଣେ ପାଇଁ ବୁଜି ହୋଇ ଆସିଲା ବେଳକୁ ଇଏ ହଠାତ୍ ଆଖି ଖୋଲି, କୌଣସି ଅଦୃଶ୍ୟ ପୁରୁଷକୁ ଲକ୍ଷ୍ୟ କରି ଏବଂ ସେହି ସ୍ୱପ୍ନପୁରୁଷର କଣ୍ଠରେ ବାହୁ ଛନ୍ଦି କହି ପକାଉଥିଲେ, " ହେ ନୀଳକଣ୍ଠ ! କୁଆଡ଼େ ଯାଉଛ ? " ୫୭

ଏହି ସରଳା କନ୍ୟା ସ୍ୱହସ୍ତରେ ଶିବଙ୍କର ଚିତ୍ର ଅଙ୍କନ କରି ଗୋପନରେ ତାଙ୍କୁ ତିରସ୍କାର କରୁଥିଲେ– "ହେ ଚନ୍ଦ୍ରଶେଖର, ଜ୍ଞାନୀମାନେ କହନ୍ତି, ତୁମେ ସର୍ବବ୍ୟାପୀ, ସର୍ବାନ୍ତର୍ଯାମୀ । ତାହାହେଲେ ତୁମ ପ୍ରତି ମୋର ହୃଦୟର ଭାବ ତୁମେ କ'ଣ ଜାଣିପାରୁନାହଁ ? " ୫୮

ଜଗତ୍‌ପତି ଶିବଙ୍କୁ ପାଇବାପାଇଁ ଏ ଯେତେବେଳେ ଅନ୍ୟ କୌଣସି ଉପାୟ ଦେଖିପାରିଲେ ନାହିଁ, ପିତାଙ୍କର ଅନୁମତି ନେଇ, ତପସ୍ୟା କରିବାକୁ ଆମମାନଙ୍କ ସହିତ ଏହି ତପୋବନକୁ ଆସିଲେ । ୫୯

ଏ ନିଜ ହାତରେ ଯେଉଁ ଗଛଗୁଡ଼ିକୁ ଉତ୍ପନ୍ନ କରିଛନ୍ତି, ଯେଉଁମାନେ କି ଏହାଙ୍କର ତପସ୍ୟାର ସାକ୍ଷୀ, ସେମାନଙ୍କଠାରେ ଫଳ ଦେଖାଗଲାଣି ; କିନ୍ତୁ ଶିବଙ୍କୁ ଲାଭ କରିବା ପାଇଁ ଏହାଙ୍କ ଅଭିଳାଷର ଏପର୍ଯ୍ୟନ୍ତ ଅଙ୍କୁର-ଉଦ୍‌ଗମ ମଧ୍ୟ ହୋଇନାହିଁ । ୬୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

न वेद्मि स प्रार्थितदुर्लभः कदा सखीभिरस्रोत्तरमीक्षितामिमाम् ।
तपःकृशामभ्युपपत्स्यते सखीं वृषेव सीतां तदवग्रहक्षताम् ॥ ६१
ନ ବେଦ୍ମି ସ ପ୍ରାର୍ଥିତଦୁର୍ଲଭଃ କଦା ସଖୀଭିରସ୍ରୋତ୍ତରମୀକ୍ଷିତାମିମାମ୍ ।
ତପଃକୃଶାମଭ୍ୟୁପପତ୍ସ୍ୟତେ ସଖୀଂ ବୃଷେବ ସୀତାଂ ତଦବଗ୍ରହକ୍ଷତାମ୍ ॥ ୬୧

अगूढसद्भावमितीङ्गितज्ञया निवेदितो नैष्ठिकसुन्दरस्तया ।
अयीदमेवं परिहास इत्युमामपृच्छदव्यञ्जितहर्षलक्षणः ॥ ६२
ଅଗୂଢସଦ୍ଭବମିତୀଙ୍ଗିତଜ୍ଞୟା ନିବେଦିତୋ ନୈଷ୍ଠିକସୁନ୍ଦରସ୍ତୟା ।
ଅୟୀଦମେବଂ ପରିହାସ ଇତ୍ୟୁମାମପୃଚ୍ଛଦବ୍ୟଞ୍ଜିତହର୍ଷଲକ୍ଷଣଃ ॥ ୬୨

अथाग्रहस्ते मुकुलीकृताङ्गुलौ समर्पयन्ती स्फटिकाक्षमालिकाम् ।
कथञ्चिदद्रेस्तनया मिताक्षरं चिरव्यवस्थापितवागभाषत ॥ ६३
ଅଥାଗ୍ରହସ୍ତେ ମୁକୁଳୀକୃତାଙ୍ଗୁଳୌ ସମର୍ପୟନ୍ତୀ ସ୍ଫଟିକାକ୍ଷମାଳିକାମ୍ ।
କଥଞ୍ଚିଦଦ୍ରେସ୍ତନୟା ମିତାକ୍ଷରଂ ଚିରବ୍ୟବସ୍ଥାପିତବାଗଭଷତ ॥ ୬୩

यथा श्रुतं वेदविदां वर त्वया जनोऽयमुच्चैः पदलङ्घनोत्सुकः ।
तपः किलेदं तदवाप्तिसाधनं मनोरथानामगतिर्न विद्यते ॥ ६४
ଯଥା ଶ୍ରୁତଂ ବେଦବିଦାଂ ବର ତ୍ୱୟା ଜନୋଽୟମୁଚ୍ଚୈଃ ପଦଲଙ୍ଘନୋତ୍ସୁକଃ ।
ତପଃ କିଲେଦଂ ତଦବାପ୍ତିସାଧନଂ ମନୋରଥାନାମଗତିର୍ନ ବିଦ୍ୟତେ ॥ ୬୪

अथाह वर्णी विदितो महेश्वरस्तदर्थिनी त्वं पुनरेव वर्त्तसे ।
अमङ्गलाभ्यासरतिं विचिन्त्य तं तवानुवृत्तिं न च कर्तुमुत्सहे ॥ ६५
ଅଥାହ ବର୍ଣ୍ଣୀ ବିଦିତୋ ମହେଶ୍ୱରସ୍ତଦର୍ଥିନୀ ତ୍ୱଂ ପୁନରେବ ବର୍ତ୍ତସେ ।
ଅମଙ୍ଗଳାଭ୍ୟାସରତିଂ ବିଚିନ୍ତ୍ୟ ତଂ ତବାନୁବୃତ୍ତିଂ ନ ଚ କର୍ତ୍ତୁମୁତ୍ସହେ ॥ ୬୫

अवस्तुनिर्बन्धपरे कथं नु ते करोऽयमामुक्तविवाहकौतुकः ।
करेण शम्भोर्वलयीकृताहिना सहिष्यते तत्प्रथमावलम्बनम् ॥ ६६
ଅବସ୍ତୁନିର୍ବନ୍ଧପରେ କଥଂ ନୁ ତେ କରୋଽୟମାମୁକ୍ତବିବାହକୌତୁକଃ ।
କରେଣ ଶମ୍ଭୋର୍ବଳୟୀକୃତାହିନା ସହିଷ୍ୟତେ ତତ୍ପ୍ରଥମାବଲମ୍ବନମ୍ ॥ ୬୬

त्वमेव तावत् परिचिन्तय स्वयं कदाचिदेते यदि योगमर्हतः ।
वधूदुकूलं कलहंसलक्षणं गजाजिनं शोणितविन्दुवर्षि च ॥ ६७
ତ୍ୱମେବ ତାବତ୍ ପରିଚିନ୍ତୟ ସ୍ୱୟଂ କଦାଚିଦେତେ ଯଦି ଯୋଗମର୍ହତଃ ।
ବଧୂଦୁକୂଳଂ କଳହଂସଲକ୍ଷଣଂ ଗଜାଜିନଂ ଶୋଣିତବିନ୍ଦୁବର୍ଷି ଚ ॥ ୬୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆମର ଏ ସଖୀ କଠୋର ତପସ୍ୟା କରି କ୍ଷୀଣଶରୀରା ହୋଇ-ଗଲେଣି । ଆମେ ସଖୀମାନେ ଏହାଙ୍କ ଆଡକୁ ଗ୍ହିଁଲେ ନ କାନ୍ଦି ରହିପାରୁ-ନାହୁଁ । କର୍ଷିତା ଭୂମି ପ୍ରତି ଇନ୍ଦ୍ରଦେବ କେବେ ସଦୟ ହେବେ, ଯେପରି ଜଣା ପଡେ ନାହିଁ, ସେହିପରି ଏହାଙ୍କ ପ୍ରତି ବାଞ୍ଛିତ, ଦୁର୍ଲଭ ଶିବ କେବେ ସଦୟ ହେବେ, ମୁଁ ଜାଣିପାରୁ ନାହିଁ ।" ୬୧

ପାର୍ବତୀଙ୍କର ହୃଦୟକଥା ଜାଣିଥିବା ସଖୀ ଏହିପରି ଭବରେ ତାଙ୍କର ଉତ୍ତମ ଅଭିଳାଷ ବିଷୟ ପ୍ରକାଶ୍ୟ ଭବରେ ଜଣାଇ ଦିଅନ୍ତେ, ସେହି ନୈଷ୍ଠିକ, ସୌମ୍ୟଦର୍ଶନ ବ୍ରହ୍ମଗ୍ଋରୀ, ନିଜର ହର୍ଷଲକ୍ଷଣ ପ୍ରକାଶ ନ କରି କହିଲେ "ଗୋ ପାର୍ବତୀ, ଏହା ସତ୍ୟ ନା ପରିହାସ ?" ୬୨

ପାର୍ବତୀ କୃତାଞ୍ଜଳି ପୁଟରେ ସ୍ଫଟିକନିର୍ମିତ ଜପାମାଳା ଧରି ଦୀର୍ଘ ସମୟ ନୀରବ ରହିଲେ ଏବଂ ତା' ପରେ ବଡ କଷ୍ଟରେ ସଂକ୍ଷେପରେ କହିଲେ– ୬୩

"ହେ ଶ୍ରେଷ୍ଠ ବେଦବିତ୍, ଆପଣ ଯାହା ଶୁଣିଲେ, ତାହା ସବୁ ଠିକ୍ । ଏଇ ବ୍ୟକ୍ତି (ମୁଁ) ଏକ ଅତ୍ୟୁଚ୍ଚ ପଦ ଆରୋହଣ କରିବାକୁ ଆଗ୍ରହୀ । ତପସ୍ୟା ହେଉଛି ସେହି ପଦପ୍ରାପ୍ତିର ଉପାୟ ମାତ୍ର । ଦୁନିଆଁରେ ଏପରି କିଛି ନାହିଁ, ଯେଉଁଠାକୁ ଆଶା ଗତି କରି ନ ପାରେ ।" ୬୪

ତା' ପରେ ବ୍ରହ୍ମଗ୍ଋରୀ କହିଲେ– "ମୁଁ ଶିବଙ୍କୁ ଜାଣେ । ତୁମେ ତାଙ୍କୁ ହିଁ ପାଇବା ଆଶାରେ ତପସ୍ୟା କରୁଛ ? ଶିବଙ୍କର କୁତ୍ସିତ ଆଚରଣ ବିଷୟ ଚିନ୍ତା କଲେ ତୁମର କାମନା ମୋତେ ଆଦୌ ପସନ୍ଦଯୋଗ୍ୟ ବୋଧ ହେଉ ନାହିଁ । ୬୫

ମୁଁ ଦେଖୁଛି, ଏକ ଅପାତ୍ରରେ ତୁମର ଆଗ୍ରହ ! କିନ୍ତୁ, ତୁମ ହାତରେ ଯେତେବେଳେ ବିବାହର କୌତୁକସୂତ୍ର ବନ୍ଧା ହୋଇଥିବ, ଅଉ ଶିବଙ୍କ ହାତରେ ବନ୍ଧା ହୋଇଥିବ ସର୍ପରୂପକ କଙ୍କଣ, ସେତେ ବେଳେ ତୁମେ ତୁମ ହାତରେ ତାଙ୍କ ହାତକୁ ପ୍ରଥମ ଥର ପାଇଁ ଧାରଣ କରି ପାରିବ ତ ? ୬୬

ତୁମେ ନିଜେ ଚିନ୍ତା କରି ଦେଖ, କନ୍ୟାପରିହିତ କଳହଂସଛାପ ଥିବା ପଟ୍ଟବସ୍ତ୍ର ଏବଂ ବରପରିହିତ ରକ୍ତବିନ୍ଦୁବର୍ଷୀ ହସ୍ତୀଚର୍ମ– ଏ ଦୁଇଟିର କେବେ ସଂଯୋଗ ହୋଇପାରେ ? ୬୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चतुष्कपुष्पप्रकरावकीर्णयोः परोऽपि को नाम तवानुमन्यते ।
अलक्तकाङ्कानि पदानि पादयोर्विकीर्णकेशासु परेतभूमिषु ॥ ६८
ଚତୁଷ୍କପୁଷ୍ପପ୍ରକରାବକୀର୍ଣ୍ଣୟୋଃ ପରୋଽପି କୋ ନାମ ତବାନୁମନ୍ୟତେ ।
ଅଲକ୍ତକାଙ୍କାନି ପଦାନି ପାଦୟୋର୍ବିକୀର୍ଣ୍ଣକେଶାସୁ ପରେତଭୂମିଷୁ ॥ ୬୮

अयुक्तरूपं किमतः परं वद त्रिनेत्रवक्षः सुलभं तवापि यत् ।
स्तनद्वयेऽस्मिन् हरिचन्दनाङ्किते पदं चिताभस्मरजः करिष्यति ॥ ६९
ଅଯୁକ୍ତରୂପଂ କିମତଃ ପରଂ ବଦ ତ୍ରିନେତ୍ରବକ୍ଷଃ ସୁଲଭଂ ତବାପି ଯତ୍ ।
ସ୍ତନଦ୍ୱୟେଽସ୍ମିନ୍ ହରିଚନ୍ଦନାଙ୍କିତେ ପଦଂ ଚିତାଭସ୍ମରଜଃ କରିଷ୍ୟତି ॥ ୬୯

इयं च तेऽन्या पुरतो विडम्बना यदूढया वारणराजहार्यया ।
विलोक्य वृद्धोक्षमधिष्ठितं त्वया महाजनः स्मेरमुखो भविष्यति ॥ ७०
ଇୟଂ ଚ ତେଽନ୍ୟା ପୁରତୋ ବିଡମ୍ବନା ଯଦୂଢୟା ବାରଣରାଜହାର୍ଯ୍ୟୟା ।
ବିଲୋକ୍ୟ ବୃଦ୍ଧୋକ୍ଷମଧିଷ୍ଠିତଂ ତ୍ୱୟା ମହାଜନଃ ସ୍ମେରମୁଖୋ ଭବିଷ୍ୟତି ॥ ୭୦

द्वयं गतं संप्रति शोचनीयतां समागमप्रार्थनया पिनाकिनः ।
कला च सा कान्तिमती कलावतस्त्वमस्य लोकस्य च नेत्रकौमुदी ॥ ७१
ଦ୍ୱୟଂ ଗତଂ ସଂପ୍ରତି ଶୋଚନୀୟତାଂ ସମାଗମପ୍ରାର୍ଥନୟା ପିନାକିନଃ ।
କଳା ଚ ସା କାନ୍ତିମତୀ କଳାବତସ୍ତ୍ୱମସ୍ୟ ଲୋକସ୍ୟ ଚ ନେତ୍ରକୌମୁଦୀ ॥ ୭୧

वपुर्विरूपाक्षमलक्ष्यजन्मता दिगम्बरत्वेन निवेदितं वसु ।
वरेषु यद् बालमृगाक्षि मृग्यते तदस्ति किं व्यस्तमपि त्रिलोचने ॥ ७२
ବପୁର୍ବିରୂପାକ୍ଷମଲକ୍ଷ୍ୟଜନ୍ମତା ଦିଗମ୍ବରତ୍ୱେନ ନିବେଦିତଂ ବସୁ ।
ବରେଷୁ ଯଦ୍ ବାଲମୃଗାକ୍ଷି ମୃଗ୍ୟତେ ତଦସ୍ତି କିଂ ବ୍ୟସ୍ତମପି ତ୍ରିଲୋଚନେ ॥ ୭୨

निवर्तयास्मादसदीप्सितान्मनः क्व तद्विधस्त्वं क्व च पुण्यलक्षणा ।
अपेक्ष्यते साधुजनेन वैदिकी श्मशानशूलस्य न यूपसत्क्रिया ॥ ७३
ନିବର୍ତ୍ତୟାସ୍ମାଦସଦୀପ୍ସିତାନ୍ମନଃ କ୍ୱ ତଦ୍ବିଧସ୍ତ୍ୱଂ କ୍ୱ ଚ ପୁଣ୍ୟଲକ୍ଷଣା ।
ଅପେକ୍ଷ୍ୟତେ ସାଧୁଜନେନ ବୈଦିକୀ ଶ୍ମଶାନଶୂଳସ୍ୟ ନ ଯୂପସତ୍କ୍ରିୟା ॥ ୭୩

इति द्विजातौ प्रतिकूलवादिनि प्रवेपमानाधरलक्ष्यकोपया ।
विकुञ्चितभ्रूलतमाहिते तया विलोचने तिर्यगुपान्तलोहिते ॥ ७४
ଇତି ଦ୍ୱିଜାତୌ ପ୍ରତିକୂଳବାଦିନି ପ୍ରବେପମାନାଧରଲକ୍ଷ୍ୟକୋପୟା ।
ବିକୁଞ୍ଚିତଭ୍ରୂଲତମାହିତେ ତୟା ବିଲୋଚନେ ତିର୍ଯ୍ୟଗୁପାନ୍ତଲୋହିତେ ॥ ୭୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଧର, ଶିବଙ୍କ ବକ୍ଷସ୍ଥଳ (ବକ୍ଷସ୍ଥଳର ଆଲିଙ୍ଗନ) ତୁମକୁ ସୁଲଭ ହେଲା । କିନ୍ତୁ ଏହାଠାରୁ ବଳି ଅସଂଗତି ଆଉ କଅଣ ଥାଇପାରେ ? ତୁମର ହରିଚନ୍ଦନ ଲେପନଯୋଗ୍ୟ ସ୍ତନଦ୍ୱୟ ଉପରେ ସ୍ଥାନ ଲଭ କରିବ ଶ୍ମଶାନର ଚିତାଭସ୍ମ !! ୬୯

ତୁମ ପକ୍ଷରେ ଆଉ ଗୋଟିଏ ବିଡ଼ମ୍ବନା ମଧ୍ୟ ଘଟିବ । ତାହା ହେଉଛି, ତୁମେ ବିବାହିତା ହୋଇ ସୁନ୍ଦର ହସ୍ତୀ ପୃଷ୍ଠରେ ଯିବାର ଯୋଗ୍ୟା । କିନ୍ତୁ ତୁମେ ଯିବ ଏକ ବୃଦ୍ଧ ବୃଷଭ ପୃଷ୍ଠରେ । ଏହା ଦେଖି ସାଧୁ ଲୋକ-ମାନେ ମଧ୍ୟ ହାସ୍ୟ ସମ୍ବରଣ କରି ପାରିବେ ନାହିଁ । ୭୦

ଗୋ ପାର୍ବତୀ, ଶିବଙ୍କୁ ପାଇବାକୁ ପ୍ରାର୍ଥନା କରି ବର୍ତ୍ତମାନ ଦୁଇଜଣ ଶୋଚନୀୟ ଅବସ୍ଥା ପ୍ରାପ୍ତ ହେଲେ । ପ୍ରଥମ ଜଣକ ହେଉଛି ଲାବଣ୍ୟ-ମୟୀ ଚନ୍ଦ୍ରକଳା ଏବଂ ଦ୍ୱିତୀୟ ଜଣକ ତୁମେ– ସକଳ ଜଗତର ନୟନ-ଜ୍ୟୋତ୍ସ୍ନା । ୭୧

ଶିବ ତ୍ରିନୟନ ହେତୁ ବିରୂପ, ତାଙ୍କ ଜନ୍ମର ଠିକଣା ନାହିଁ । ତାଙ୍କର ଉଲଗ୍ନ ଅବସ୍ଥାରୁ ତାଙ୍କର ଧନ କେତେ, ଜଣା ପଡ଼ିଯାଉଛି । ଗୋ ମୃଗାକ୍ଷି, ବରମାନଙ୍କଠାରେ ଯାହାସବୁ ଆଶା କରାଯାଏ, ସେଥିରୁ ଗୋଟିଏ ହେଲେ ଶିବଙ୍କଠାରେ ଅଛି କି ? ୭୨

ତୁମେ ଏହି ଅନୁଚିତ ଅଭିଳାଷରୁ ମନ ନିବୃତ୍ତ କର । ଶିବଙ୍କ ଭଳି କୁତ୍ସିତ ବ୍ୟକ୍ତି କେଉଁଠି, ଆଉ ତୁମ ଭଳି ପୁଣ୍ୟଶୀଳା କେଉଁଠି ! ଯଜ୍ଞର ଶୂଳିକାଠ ବୈଦିକ ବିଧିରେ ଯେଉଁ ପୂଜା ଲଭ କରେ, ସେହି ପୂଜା ଶ୍ମଶାନର ଶୂଳିକାଠ ପାଇବ, ଏହା ସଜ୍ଜନମାନେ କଣ ଅନୁମୋଦନ କରିବେ ? ” ୭୩

ଏହିପରି ଭାବରେ ବ୍ରହ୍ମଚାରୀ ବିରୁଦ୍ଧ କଥାଗୁଡ଼ିଏ କହନ୍ତେ ପାର୍ବତୀଙ୍କର ଅଧର କମ୍ପିତ ହୋଇ କ୍ରୋଧର ସୂଚନା ଦେଲା । ତାଙ୍କର ନେତ୍ର-କୋଣ ଲାଲବର୍ଣ୍ଣ ଦିଶିଲା ଏବଂ ଭ୍ରୂଲତାଦ୍ୱୟ କୁଞ୍ଚିତ ହୋଇଉଠିଲା । ସେ ବ୍ରହ୍ମ-ଚାରୀଙ୍କ ଆଡକୁ ବକ୍ର ଦୃଷ୍ଟିରେ ଚାହିଁଲେ । ୭୪

ସୁନ୍ଦର ଭବନରେ ବିସ୍ତାରିତ ପୁଷ୍ପରାଶି ଉପରେ ଚାଲିବା ତୁମର ଅଭ୍ୟାସ, ଅଥଚ ତୁମର ପାଦଯୋଡ଼ିକର ଅଳତାଚିହ୍ନ ପଡ଼ିବ ଶ୍ମଶାନ-ଭୂମିରେ ଶବମାନଙ୍କ କେଶ ଉପରେ ! ତୁମର କେଉଁ ଶତ୍ରୁ ମଧ୍ୟ ଏହା ଅନୁମୋଦନ କରିବ ? ୬୮ ★

★ ଦ୍ରଷ୍ଟବ୍ୟ- ୯୪ ପୃଷ୍ଠାର ଶ୍ଳୋକସଂଖ୍ୟା ସହିତ ୯୫ ପୃଷ୍ଠାର ଅନୁଚ୍ଛେଦ-ସଂଖ୍ୟାଗୁଡ଼ିକୁ ମିଳାଇ ପଢନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उवाच चैनं परमार्थतो हरं न वेत्सि नूनं यत एवमात्थ माम् ।
अलोकसामान्यमचिन्त्यहेतुकं द्विषन्ति मन्दाश्चरितं महात्मनाम् ॥ ७५
ଉବାଚ ଚୈନଂ ପରମାର୍ଥତୋ ହରଂ ନ ବେତ୍ସି ନୂନଂ ଯତ ଏବମାତ୍ଥ ମାମ୍ ।
ଅଲୋକସାମାନ୍ୟମଚିନ୍ତ୍ୟହେତୁକଂ ଦ୍ୱିଷନ୍ତି ମନ୍ଦାଶ୍ଚରିତଂ ମହାତ୍ମନାମ୍ ॥ ୭୫

विपत्प्रतीकारपरेण मङ्गलं निषेव्यते भूतिसमुत्सुकेन वा ।
जगच्छरण्यस्य निराशिषः सतः किमेभिराशोपहतात्मवृत्तिभिः ॥ ७६
ବିପତ୍ପ୍ରତୀକାରପରେଣ ମଙ୍ଗଳଂ ନିଷେବ୍ୟତେ ଭୂତିସମୁତ୍ସୁକେନ ବା ।
ଜଗଚ୍ଛରଣ୍ୟସ୍ୟ ନିରାଶିଷଃ ସତଃ କିମେଭିରାଶୋପହତାତ୍ମବୃତ୍ତିଭିଃ ॥ ୭୬

अकिञ्चनः सन् प्रभवः स सम्पदां त्रिलोकनाथः पितृसद्मगोचरः ।
स भीमरूपः शिव इत्युदीर्यते न सन्ति याथार्थ्यविदः पिनाकिनः ॥ ७७
ଅକିଞ୍ଚନଃ ସନ୍ ପ୍ରଭବଃ ସ ସମ୍ପଦାଂ ତ୍ରିଲୋକନାଥଃ ପିତୃସଦ୍ମଗୋଚରଃ ।
ସ ଭୀମରୂପଃ ଶିବ ଇତ୍ୟୁଦୀର୍ଯ୍ୟତେ ନ ସନ୍ତି ଯାଥାର୍ଥ୍ୟବିଦଃ ପିନାକିନଃ ॥ ୭୭

विभूषणोद्भासि पिनद्धभोगि वा गजाजिनालम्बि दुकूलधारि वा ।
कपालि वा स्यादथवेन्दुशेखरं न विश्वमूर्तेरवधार्यते वपुः ॥ ७८
ବିଭୂଷଣୋଦ୍ଭାସି ପିନଦ୍ଧଭୋଗି ବା ଗଜାଜିନାଲମ୍ବି ଦୁକୂଳଧାରି ବା ।
କପାଳି ବା ସ୍ୟାଦଥବେନ୍ଦୁଶେଖରଂ ନ ବିଶ୍ୱମୂର୍ତ୍ତେରବଧାର୍ଯ୍ୟତେ ବପୁଃ ॥ ୭୮

तदङ्गसंसर्गमवाप्य कल्पते ध्रुवं चिताभस्मरजो विशुद्धये ।
तथाहि नृत्याभिनयक्रियाच्युतं विलिप्यते मौलिभिरम्बरौकसाम् ॥ ७९
ତଦଙ୍ଗସଂସର୍ଗମବାପ୍ୟ କଳ୍ପତେ ଧ୍ରୁବଂ ଚିତାଭସ୍ମରଜୋ ବିଶୁଦ୍ଧୟେ ।
ତଥାହି ନୃତ୍ୟାଭିନୟକ୍ରିୟାଚ୍ୟୁତଂ ବିଲିପ୍ୟତେ ମୌଳିଭିରମ୍ବରୌକସାମ୍ ॥ ୭୯

असम्पदस्तस्य वृषेण गच्छतः प्रभिन्नदिग्वारणवाहनो वृषा ।
करोति पादावुपगम्य मौलिना विनिद्रमन्दाररजोरुणाङ्गुली ॥ ८०
ଅସମ୍ପଦସ୍ତସ୍ୟ ବୃଷେଣ ଗଚ୍ଛତଃ ପ୍ରଭିନ୍ନଦିଗ୍ବାରଣବାହନୋ ବୃଷା ।
କରୋତି ପାଦାବୁପଗମ୍ୟ ମୌଳିନା ବିନିଦ୍ରମନ୍ଦାରରଜୋରୁଣାଙ୍ଗୁଳୀ ॥ ୮୦

विवक्षता दोषमपि च्युतात्मना त्वयैकमीशं प्रति साधु भाषितम् ।
यमामनन्त्यात्मभुवोऽपि कारणं कथं स लक्ष्यप्रभवो भविष्यति ॥ ८१
ବିବକ୍ଷତା ଦୋଷମପି ଚ୍ୟୁତାତ୍ମନା ତ୍ୱୟୈକମୀଶଂ ପ୍ରତି ସାଧୁ ଭାଷିତମ୍ ।
ଯମାମନନ୍ତ୍ୟାତ୍ମଭୁବୋଽପି କାରଣଂ କଥଂ ସ ଲକ୍ଷ୍ୟପ୍ରଭବୋ ଭବିଷ୍ୟତି ॥ ୮୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏବଂ କହିଲେ— " ଆପଣ ଶିବଙ୍କୁ ଯଥାର୍ଥ ଭବରେ ଜାଣିନାହାଁନ୍ତି, ତେଣୁ ଏପରି କହୁଛନ୍ତି । ଅଜ୍ଞମାନେ ମହାତ୍ମାମାନଙ୍କର ଅସାଧାରଣ, ଅଚିନ୍ତନୀୟ ଚରିତକୁ ନିନ୍ଦା କରନ୍ତି । ୭୫

ଯେ ବିପଦର ପ୍ରତିକାର କରିବାକୁ ଚାହୁଁଥାଏ କିମ୍ବା ଐଶ୍ୱର୍ଯ୍ୟ ଆଶା କରୁଥାଏ, ସେ ହିଁ ନିଜର ମଙ୍ଗଳ କାମନା କରେ । ଶିବ ସକଳ ଜଗତର ଶରଣସ୍ଥଳ ଏବଂ ସମ୍ପୂର୍ଣ୍ଣ ନିରଭିଳାଷ । ଆଶା- ଉଦ୍ରେକକାରୀ ତଥା ମନୋବୃତ୍ତି- ଦୂଷିତକାରୀ ମଙ୍ଗଳରେ ତାଙ୍କର ପ୍ରୟୋଜନ କଅଣ ? ୭୬

ଶିବ ଅକିଞ୍ଚନ ହେଲେ ମଧ୍ୟ ସମସ୍ତ ସମ୍ପଦର ଅଧିକାରୀ, ଶ୍ମଶାନବାସୀ ହେଲେ ମଧ୍ୟ ତ୍ରିଭୁବନର ମାଲିକ, ଭୟଙ୍କରରୂପ ହେଲେ ମଧ୍ୟ ମଙ୍ଗଳମୟ । ତାଙ୍କର ପ୍ରକୃତ ସ୍ୱରୂପ ଜାଣିଥିବା ବ୍ୟକ୍ତି ଜଗତରେ ବିରଳ । ୭୭

ସକଳ ବ୍ରହ୍ମାଣ୍ଡ ଶିବଙ୍କର ମୂର୍ତ୍ତି । ସେ ଅଳଙ୍କାରମଣ୍ଡିତ ହୁଅନ୍ତୁ ବା ସର୍ପବେଷ୍ଟିତ ହୁଅନ୍ତୁ, ଗଜଚର୍ମ ପରିଧାନ କରନ୍ତୁ ବା ପଟ୍ଟବସ୍ତ୍ର ପରିଧାନ କରନ୍ତୁ, କପାଳ ଧାରଣ କରନ୍ତୁ ବା ଚନ୍ଦ୍ରକଳା ଧାରଣ କରନ୍ତୁ, ତାଙ୍କର ସ୍ୱରୂପ କେହି କଳନା କରି ପାରିବେ ନାହିଁ । ୭୮

ଶିବଙ୍କର ଅଙ୍ଗସ୍ପର୍ଶ ଲାଭ କରି ଶ୍ମଶାନର ଚିତାଭସ୍ମ ନିଶ୍ଚୟ ପବିତ୍ରକାରୀ ବସ୍ତୁରେ ପରିଣତ ହୁଏ । ସେହି କାରଣରୁ , ତାଙ୍କର ନୃତ୍ୟବେଳେ ତାଙ୍କ ଶରୀରରୁ ଝଡ଼ିପଡ଼ିବା ଭସ୍ମକୁ ଦେବତାମାନେ ନେଇ ମୁଣ୍ଡରେ ବୋଳନ୍ତି । ୭୯

ଶିବ ସମ୍ପଦହୀନ । ସେ ବୃଷଭ ପୃଷ୍ଠରେ ବସି ଯାତାୟାତ କରନ୍ତି । ଇନ୍ଦ୍ର ମଦଜଳସ୍ରାବୀ ଦିଗ୍‌ଗଜ ପୃଷ୍ଠରେ ଯାତାୟାତ କରନ୍ତି । କିନ୍ତୁ ଇନ୍ଦ୍ର ଶିବଙ୍କୁ ଦେଖିଲେ ତାଙ୍କ ପାଦତଳେ ମୁଣ୍ଡ ଲଗାଇ ପ୍ରଣାମ କରନ୍ତି । ସେତେବେଳେ ଇନ୍ଦ୍ରଙ୍କର ମସ୍ତକଭୂଷଣ ପାରିଜାତ ପୁଷ୍ପର ପରାଗ ଶିବଙ୍କ ପାଦଦ୍ୱୟକୁ ରକ୍ତାଭ କରେ । ୮୦

ଆପଣ ସ୍ୱଭବଭ୍ରଷ୍ଟ ହୋଇ, ଶିବଙ୍କ ଦୋଷ ଦର୍ଶାଇବାକୁ ଯାଇ ଗୋଟିଏ ଠିକ୍ କଥା ମଧ୍ୟ କହିଛନ୍ତି । ତାହା ହେଉଛି—ଶିବ ବ୍ରହ୍ମାଙ୍କର ମଧ୍ୟ ସ୍ରଷ୍ଟା ଅଟନ୍ତି । ତେଣୁ ତାଙ୍କର ଜନ୍ମବିଷୟ କାହାର ଜ୍ଞାନଗୋଚର ହୋଇପାରିବ ? ୮୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अलं विवादेन यथा श्रुतस्त्वया तथाविधस्तावदशेषमस्तु सः ।
ममात्र भावैकरसं मनः स्थितं न कामवृत्तिर्वचनीयमीक्षते ॥ ८२
ଅଲଂ ବିବାଦେନ ଯଥା ଶ୍ରୁତସ୍ତ୍ୱୟା ତଥାବିଧସ୍ତାବଦଶେଷମସ୍ତୁ ସଃ ।
ମମାତ୍ର ଭାବୈକରସଂ ମନଃ ସ୍ଥିତଂ ନ କାମବୃତ୍ତିର୍ବଚନୀୟମୀକ୍ଷତେ ॥ ୮୨

निवार्यतामालि किमप्ययं वटुः पुनर्विवक्षुः स्फुरितोत्तराधरः ।
न केवलं यो महतोऽपभाषते शृणोति तस्मादपि यः स पापभाक् ॥ ८३
ନିବାର୍ଯ୍ୟତାମାଲି କିମପ୍ୟୟଂ ବଟୁଃ ପୁନର୍ବିବକ୍ଷୁଃ ସ୍ଫୁରିତୋତ୍ତରାଧରଃ ।
ନ କେବଲଂ ଯୋ ମହତୋଽପଭାଷତେ ଶୃଣୋତି ତସ୍ମାଦପି ଯଃ ସ ପାପଭାକ୍ ॥

इतो गमिष्याम्यथवेति वादिनी चचाल बाला स्तनभिन्नवल्कला ।
स्वरूपमास्थाय च तां कृतस्मितः समाललम्बे वृषराजकेतनः ॥ ८४
ଇତୋ ଗମିଷ୍ୟାମ୍ୟଥବେତି ବାଦିନୀ ଚଚାଲ ବାଳା ସ୍ତନଭିନ୍ନବଲ୍କଳା ।
ସ୍ୱରୂପମାସ୍ଥାୟ ଚ ତାଂ କୃତସ୍ମିତଃ ସମାଲଲମ୍ବେ ବୃଷରାଜକେତନଃ ॥ ୮୪

ତଂ ବୀକ୍ଷ୍ୟ ବେପଥୁମତୀ ସରସାଙ୍ଗୟଷ୍ଟି
ର୍ନିକ୍ଷେପଣାୟ ପଦମୁଦ୍ଧୃତମୁଦ୍ୱହନ୍ତୀ ।
ମାର୍ଗାଚଲବ୍ୟତିକରାକୁଳିତେବ ସିନ୍ଧୁଃ
ଶୈଳାଧିରାଜତନୟା ନ ଯଯୌ ନ ତସ୍ଥୌ ॥ ୮୫

ଅଦ୍ୟପ୍ରଭୃତ୍ୟବନତାଙ୍ଗି ତବାସ୍ମି ଦାସଃ
କ୍ରୀତସ୍ତପୋଭିରିତି ବାଦିନି ଚନ୍ଦ୍ରମୌଳୌ ।
ଅହ୍ନାୟ ସା ନିୟମଜଂ କ୍ଲମମୁତ୍ସସର୍ଜ
କ୍ଲେଶଃ ଫଳେନ ହି ପୁନର୍ନବତାଂ ବିଧତ୍ତେ ॥ ୮୬

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
पार्वतीतपःफलोदयो नाम पञ्चमः सर्गः ॥

— × —

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ବିଷୟରେ ବିବାଦ ନିଷ୍ପ୍ରୟୋଜନ । ଆପଣ ଶିବଙ୍କ ବିଷୟରେ ଯେପରି ଶୁଣିଛନ୍ତି, ସେ ସେହିପରି ହୋଇଥାଆନ୍ତୁ । ମୋ ମନ ତାଙ୍କ ପ୍ରତି ସମ୍ପୂର୍ଣ୍ଣ ଅନୁରକ୍ତ । ଅନୁରକ୍ତି ନିନ୍ଦାକୁ ଭ୍ରୂକ୍ଷେପ କରେନାହିଁ । ୮୨

ଗୋ ସଖୀ, ଏହି ବ୍ରହ୍ମଚାରୀ ବଟୁଙ୍କ ଓଷ୍ଠ ସ୍ପନ୍ଦିତ ହେଲା ପରି ଜଣାପଡୁଛି । ସେ ବୋଧହୁଏ ପୁଣି କ'ଣ କହିବା ପାଇଁ ଇଚ୍ଛା କରୁଛନ୍ତି । ତାଙ୍କୁ ବାରଣ କର । ଯେ ମହାନ୍ ବ୍ୟକ୍ତିର ନିନ୍ଦା ରଟନା କରେ, ସେ ଯେ ଏକାକୀ ପାପୀ, ତା ନୁହେଁ; ଯେ ତା'ଠାରୁ ସେହି ନିନ୍ଦା ଶୁଣେ, ସେ ମଧ୍ୟ ପାପଭାଗୀ ହୁଏ । ୮୩

ଅଥବା ମୁଁ ଏ ସ୍ଥାନ ଛାଡ଼ି ଚାଲିଯାଉଛି । ” ଏହା କହି ପାର୍ବତୀ ଚାଲି ଯିବାକୁ ଉଦ୍ୟତ ହେଲେ । କ୍ଷିପ୍ରତା ହେତୁ ତାଙ୍କ ସ୍ତନ ଉପରୁ ବଲ୍କଳ-ବସ୍ତ୍ର ଖସିପଡ଼ିଲା । ଏହି ସମୟରେ ଶିବ ନିଜର ସ୍ୱରୂପ ଧାରଣ କରି, ହସି-ହସି ତାଙ୍କୁ ଧରିନେଲେ । ୮୪

ଶିବଙ୍କୁ ଦେଖି ପାର୍ବତୀଙ୍କର ଶରୀର କମ୍ପିତ, ରୋମାଞ୍ଚିତ ତଥା ସ୍ୱେଦାର୍ଦ୍ର ହୋଇଗଲା । ସେ ଯେଉଁ ଗୋଡଟିକୁ ପକାଇବା ପାଇଁ ଉଠାଇ-ଥିଲେ, ତାହାକୁ ସେହିପରି ଟେକି ରହିଗଲେ । ନଦୀଟିଏ ବହିଗଲାବେଳେ ବାଟରେ ପର୍ବତରୂପ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ଯେପରି ଆଗକୁ ଗତି-କରି ପାରେ ନାହିଁ କି ସ୍ଥିର ହୋଇ ରହିପାରେ ନାହିଁ, ଶୈଳାଧିରାଜତନୟା ସେହିପରି ଆଗକୁ ଯାଇପାରିଲେ ନାହିଁ କି ଠିଆ ହୋଇ ରହିପାରିଲେ-ନାହିଁ । ୮୫

“ ଗୋ ଅବନତାଙ୍ଗି, ତୁମ ତପସ୍ୟାରେ କିଣା ହୋଇ ମୁଁ ଆଜିଠାରୁ ତୁମର ଦାସ ହେଲି ” ଶିବ ଏକଥା କହନ୍ତେ ପାର୍ବତୀଙ୍କର କଠିନ ତପସ୍ୟା ଜନିତ ସମସ୍ତ କ୍ଳାନ୍ତି ଦୂର ହୋଇଗଲା । କାରଣ, ଫଳ ମିଳିବା ସଙ୍ଗେ ସଙ୍ଗେ କ୍ଳେଶ ଆଉ କ୍ଳେଶ ହୋଇ ରହେନାହିଁ, ତାହା ପୂର୍ବର ଅକ୍ଳେଶ ଅବସ୍ଥା ହୋଇ ଯାଏ ॥ ୮୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

षष्ठः सर्गः

अथ विश्वात्मने गौरी संदिदेश मिथः सखीम् ।
दाता मे भूभृतां नाथः प्रमाणीक्रितामिति ॥ १
ଅଥ ବିଶ୍ୱାତ୍ମନେ ଗୌରୀ ସଂଦିଦେଶ ମିଥଃ ସଖୀମ୍ ।
ଦାତା ମେ ଭୂଭୃତାଂ ନାଥଃ ପ୍ରମାଣୀକ୍ରିୟତାମିତି ॥ ୧

तया व्याहृतसंदेशा सा बभौ निभृता प्रिये ।
चूतयष्टिरिवाभ्याशे मधौ परभृतोन्मुखी ॥ २
ତୟା ବ୍ୟାହୃତସଂଦେଶା ସା ବଧୌ ନିଭୃତା ପ୍ରିୟେ ।
ଚୂତୟଷ୍ଟିରିବାଭ୍ୟାଶେ ମଭୌ ପରଭୃତୋନ୍ମୁଖୀ ॥ ୨

स तथेति प्रतिज्ञाय विसृज्य कथमप्युमाम् ।
ऋषीञ्ज्योतिर्मयान् सप्त सस्मार स्मरशासनः ॥ ३
ସ ତଥେତି ପ୍ରତିଜ୍ଞାୟ ବିସୃଜ୍ୟ କଥମପ୍ୟୁମାମ୍ ।
ଋଷୀଞ୍ଜ୍ୟୋତିର୍ମୟାନ୍ ସପ୍ତ ସସ୍ମାର ସ୍ମରଶାସନଃ ॥ ୩

ते प्रभामण्डलैर्व्योम द्योतयन्तस्तपोधनाः ।
सारुन्धतीकाः सपदि प्रादुरासन् पुरः प्रभोः ॥ ४
ତେ ପ୍ରଭାମଣ୍ଡଳୈର୍ବ୍ୟୋମ ଦ୍ୟୋତୟନ୍ତସ୍ତପୋଧନାଃ ।
ସାରୁନ୍ଧତୀକାଃ ସପଦି ପ୍ରାଦୁରାସନ୍ ପୁରଃ ପ୍ରଭୋଃ ॥ ୪

आप्लुतास्तीर मन्दार कुसुमोत्कर वीचिषु ।
व्योमगङ्गाप्रवाहेषु दिङ्नाग मदगन्धिषु ॥ ५
ଆପ୍ଲୁତାସ୍ତୀର ମନ୍ଦାର କୁସୁମୋତ୍କର ବୀଚିଷୁ ।
ବ୍ୟୋମଗଙ୍ଗାପ୍ରବାହେଷୁ ଦିଙ୍ନାଗ ମଦଗନ୍ଧିଷୁ ॥ ୫

मुक्तायज्ञोपवीतानि बिभ्रतो हैमवल्कलाः ।
रत्नाक्षसूत्राः प्रव्रज्यां कल्पवृक्षा इवाश्रिताः ॥ ६
ମୁକ୍ତାୟଜ୍ଞୋପବୀତାନି ବିଭ୍ରତୋ ହୈମବଲ୍କଳାଃ ।
ରତ୍ନାକ୍ଷସୂତ୍ରାଃ ପ୍ରବ୍ରଜ୍ୟାଂ କଳ୍ପବୃକ୍ଷା ଇବାଶ୍ରିତାଃ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଷଷ୍ଠ ସର୍ଗ

ଏହାପରେ ପାର୍ବତୀ ଗୋପନରେ ସଖୀ ହାତରେ ଶିବଙ୍କୁ ଜଣାଇଲେ "ମୋର ପିତା ପର୍ବତରାଜ ହିମାଳୟଙ୍କୁ ଆପଣ କନ୍ୟାଦାତା ରୂପେ ସ୍ୱୀକାର କରିବା ହୁଅନ୍ତୁ।" (ଆପଣ ମୋର ପିତାଙ୍କଠାରୁ ମୋତେ ଯଥାବିଧାନରେ ଗ୍ରହଣ କରନ୍ତୁ।) ୧

ଯେପରି ବାଞ୍ଛିତ ବସନ୍ତ ଋତୁ ଆସିଲା ପରେ ଆମ୍ରଲତିକା ତାକୁ ପାଇ ନିଶ୍ଚିନ୍ତ ହୋଇ କୋକିଳାମୁଖରେ ତା' ସହିତ ଆଳାପ କରେ, ସେହିପରି ପାର୍ବତୀ ଶିବଙ୍କୁ ପାଇବାରେ ନିଶ୍ଚିନ୍ତ ହୋଇ, ସଖୀମୁଖରେ ତାଙ୍କୁ ଏହା ଜଣାଇଲେ। ୨

ଶିବ "ତାହା ହେଉ" ବୋଲି କହି, ପାର୍ବତୀଙ୍କ ନିକଟରୁ କୌଣସି ପ୍ରକାରେ ଯାଇ (ମରୀଚି ଆଦି) ଜ୍ୟୋତିର୍ମୟ ସପ୍ତ ଋଷିଙ୍କୁ ସ୍ମରଣ କଲେ। ୩

ଅରୁନ୍ଧତୀଙ୍କ ସମେତ ସେହି ଋଷିମାନେ ଜ୍ୟୋତିର୍ମଣ୍ଡଳ ଦ୍ୱାରା ଆକାଶ ଉଦ୍‌ଭାସିତ କରି ସହସା ଆସି ଶିବଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ୪

ସେମାନେ ସମସ୍ତେ ସ୍ୱର୍ଗଗଙ୍ଗାରେ ସ୍ନାନ କରିଥିଲେ, ଯେଉଁ ନଦୀରେ କି ତଟଦେଶର ମନ୍ଦାର ଗଛ ଗୁଡ଼ିକରୁ ଫୁଲ ଝଡ଼ି ତରଙ୍ଗରେ ଉଦ୍‌ବେଳିତ ହେଉଥାଏ ଏବଂ ଦିଗ୍‌ଗଜମାନଙ୍କ ଦେହର ମଦଜଳ ମିଶି ଜଳ ସୁଗନ୍ଧିତ ହେଉଥାଏ। ୫

ସେମାନେ ମୁକ୍ତାର ଯଜ୍ଞୋପବୀତ ଓ ରତ୍ନର ଜପମାଳା ଧାରଣ କରିଥିଲେ ଏବଂ ସୁନାର ବଲ୍‌କଳ ପରିଧାନ କରିଥିଲେ। ତେଣୁ ସେମାନେ ବାନପ୍ରସ୍ଥ ଅବଲମ୍ବନ କରିଥିବା କଳ୍ପବୃକ୍ଷମାନଙ୍କ ପରି ବୋଧ ହେଉଥିଲେ। ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अधः प्रवर्त्तिताश्वेन समावर्जितकेतुना ।
सहस्ररश्मिना साक्षात् सप्रमाणमुदीक्षिताः ॥ ७
ଅଧଃ ପ୍ରବର୍ତ୍ତିତାଶ୍ୱେନ ସମାବର୍ଜ୍ଜିତକେତୁନା ।
ସହସ୍ରରଶ୍ମିନା ସାକ୍ଷାତ୍ ସପ୍ରମାଣମୁଦୀକ୍ଷିତାଃ ॥ ୭

आसक्तबाहु लतया सार्धमुद्धृतया भुवा ।
महावराहदंष्ट्रायां विश्रान्ताः प्रलयापदि ॥ ८
ଆସକ୍ତବାହୁ ଲତୟା ସାର୍ଦ୍ଧମୁଦ୍ଧୃତୟା ଭୁବା ।
ମହାବରାହଦଂଷ୍ଟ୍ରାୟାଂ ବିଶ୍ରାନ୍ତାଃ ପ୍ରଳୟାପଦି ॥ ୮

सर्गशेषप्रणयनाद् विश्वयोनेरनन्तरम् ।
पुरातनाः पुराविद्भिर्धातार इति कीर्तिताः ॥ ९
ସର୍ଗଶେଷପ୍ରଣୟନାଦ୍ ବିଶ୍ୱଯୋନେରନନ୍ତରମ୍ ।
ପୁରାତନାଃ ପୁରାବିଦ୍ଭିର୍ଧାତାର ଇତି କୀର୍ତ୍ତିତାଃ ॥ ୯

प्राक्तनानां विशुद्धानां परिपाकमुपेयुषाम् ।
तपसामुपभुञ्जानाः फलान्यपि तपस्विनः ॥ १०
ପ୍ରାକ୍ତନାନାଂ ବିଶୁଦ୍ଧାନାଂ ପରିପାକମୁପେୟୁଷାମ୍ ।
ତପସାମୁପଭୁଞ୍ଜାନାଃ ଫଳାନ୍ୟପି ତପସ୍ୱିନଃ ॥ ୧୦

तेषां मध्यगता साध्वी पत्युः पादार्पितेक्षणा ।
साक्षादिव तपःसिद्धिर्बभासे बह्वरुन्धती ॥ ११
ତେଷାଂ ମଧ୍ୟଗତା ସାଧ୍ୱୀ ପତ୍ୟୁଃ ପାଦାର୍ପିତେକ୍ଷଣା ।
ସାକ୍ଷାଦିବ ତପଃସିଦ୍ଧିର୍ବଭାସେ ବହ୍ୱରୁନ୍ଧତୀ ॥ ୧୧

तामगौरवभेदेन मुनींश्चापश्यदीश्वरः ।
स्त्रीपुमानित्यनास्थैषा वृत्तं हि महितं सताम् ॥ १२
ତାମଗୌରବଭେଦେନ ମୁନୀଂଶ୍ଚାପଶ୍ୟଦୀଶ୍ୱରଃ ।
ସ୍ତ୍ରୀପୁମାନିତ୍ୟନାସ୍ଥୈଷା ବୃତ୍ତଂ ହି ମହିତଂ ସତାମ୍ ॥ ୧୨

तद्दर्शनादभूच्छम्भोर्भूयान् दारार्थमादरः ।
क्रियाणां खलु धर्म्याणां सत्पत्न्यो मूलकारणम् ॥ १३
ତଦ୍ଦର୍ଶନାଦଭୂଚ୍ଛମ୍ଭୋର୍ଭୂୟାନ୍ ଦାରାର୍ଥମାଦରଃ ।
କ୍ରିୟାଣାଂ ଖଲୁ ଧର୍ମ୍ୟାଣାଂ ସତ୍ପତ୍ନ୍ୟୋ ମୂଳକାରଣମ୍ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ୱୟଂ ସୂର୍ଯ୍ୟ ନିଜ ରଥର ଅଶ୍ୱମାନଙ୍କୁ ତଳକୁ ଖଳିତ କରାଇ ଏବଂ ରଥର ଧ୍ୱଜାକୁ ଅବନମିତ କରାଇ ସେମାନଙ୍କ ଆଡ଼କୁ ପ୍ରଣତି ପୂର୍ବକ ଦୃଷ୍ଟିପାତ କରୁଥିଲେ । ୭

ପ୍ରଳୟ କାଳରେ ମହାବରାହ ଯେତେବେଳେ ପୃଥିବୀକୁ ପ୍ରଳୟ-ଜଳରୁ ଉତ୍ତୋଳନ କରି ଟେକି ଧରିଥିଲେ ଏବଂ ପୃଥିବୀ ତାଙ୍କ ଦନ୍ତକୁ ହାତରେ ଭିଡ଼ିଧରି ତା' ଉପରେ ବସିଥିଲେ, ସେତେବେଳେ ଏହି ସପ୍ତ ଋଷି ପୃଥିବୀ ସହିତ ସେହି ଦନ୍ତ ଉପରେ ବସିଥିଲେ । ୮

ବ୍ରହ୍ମାଙ୍କ ସୃଷ୍ଟି ପରେ ଆଉ ଯାହା ସୃଷ୍ଟିକାର୍ଯ୍ୟ ଅବଶିଷ୍ଟ ଥିଲା, ଏହି ସପ୍ତ ଋଷି ତାହା ସମ୍ପନ୍ନ କରିଥିଲେ । ତେଣୁ ପୁରାତତ୍ତ୍ୱବିତ୍‌ମାନେ ଏମାନଙ୍କୁ ପୁରାତନ ବିଧାତା ବୋଲି କହନ୍ତି । ୯

ଏମାନେ ପୂର୍ବଜନ୍ମର ବିଶୁଦ୍ଧ, ପରିପକ୍ୱ ତପସ୍ୟାର ଫଳ ଭୋଗ କରୁଥିଲେ ମଧ୍ୟ ତପସ୍ୟାରତ ରହୁଥିଲେ । ୧୦

ସପ୍ତ ଋଷିଙ୍କ ମଧ୍ୟରେ ଥିଲେ ଅରୁନ୍ଧତୀ । ସେ ସ୍ୱାମୀଙ୍କ ପାଦ ଉପରେ ଦୃଷ୍ଟି ନିବଦ୍ଧ କରି ଅତ୍ୟନ୍ତ ଶୋଭା ପାଉଥିଲେ । ସତେ ଯେପରି ସେ ଥିଲେ ତପସ୍ୟାର ମୂର୍ତ୍ତିମତୀ ସିଦ୍ଧି ! ୧୧

ଶିବ ଅରୁନ୍ଧତୀ ତଥା ସପ୍ତର୍ଷିଙ୍କ ପ୍ରତି ସମାନ ଗୌରବ ପ୍ରଦର୍ଶନ କଲେ । କାରଣ, ଗୌରବ ପ୍ରଦର୍ଶନରେ ସ୍ତ୍ରୀ,ପୁରୁଷ ଭେଦ ଗ୍ରହଣ କରାଯାଏ ନାହିଁ । ମହତ୍ ଚରିତ୍ର ହିଁ ପୂଜିତ ହୁଏ, ତାହା ପୁରୁଷର ହେଉ ବା ସ୍ତ୍ରୀର ହେଉ । ୧୨

ଅରୁନ୍ଧତୀଙ୍କୁ ଦେଖି ଶିବଙ୍କର ପତ୍ନୀଗ୍ରହଣ ଅଭିଳାଷ ବଢ଼ିଗଲା । କାରଣ, ଧର୍ମାନୁମୋଦିତ କାର୍ଯ୍ୟଗୁଡ଼ିକର ମୂଳ କାରଣ ହେଉଛି ପତ୍ନୀ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

धर्मेणापि पदं शर्वे कारिते पार्वतीं प्रति।
पूर्वापराधभीतस्य कामस्योच्छ्वसितं मनः ।। १४
ଧର୍ମେଣାପି ପଦଂ ଶର୍ବେ କାରିତେ ପାର୍ବତୀଂ ପ୍ରତି ।
ପୂର୍ବାପରାଧଭୀତସ୍ୟ କାମସ୍ୟୋଚ୍ଛ୍ୱସିତଂ ମନଃ ।। ୧୪

अथ ते मुनयः सर्वे मानयित्वा जगद्गुरुम्।
इदमूचुरनूचानाः प्रीतिकण्टकितत्वचः ।। १५
ଅଥ ତେ ମୁନୟଃ ସର୍ବେ ମାନୟିତ୍ୱା ଜଗଦ୍‌ଗୁରୁମ୍ ।
ଇଦମୂଚୁରନୂଚାନାଃ ପ୍ରୀତିକଣ୍ଟକିତତ୍ୱଚଃ ।। ୧୫

यद् ब्रह्म सम्यगाम्नातं यदग्नौ विधिना हुतम्।
यच्च तप्तं तपस्तस्य विपक्वं फलमद्य नः ।। १६
ଯଦ୍ ବ୍ରହ୍ମ ସମ୍ୟଗାମ୍ନାତଂ ଯଦଗ୍ନୌ ବିଧିନା ହୁତମ୍ ।
ଯଚ୍ଚ ତପ୍ତଂ ତପସ୍ତସ୍ୟ ବିପକ୍ୱଂ ଫଳମଦ୍ୟ ନଃ ।। ୧୬

यदध्यक्षेण जगतां वयमारोपितास्त्वया ।
मनोरथस्याविषयं मनोविषयमात्मनः ।। १७
ଯଦଧ୍ୟକ୍ଷେଣ ଜଗତାଂ ବୟମାରୋପିତାସ୍ତ୍ୱୟା ।
ମନୋରଥସ୍ୟାବିଷୟଂ ମନୋବିଷୟମାତ୍ମନଃ ।। ୧୭

यस्य चेतसि वर्तेथाः स तावत् कृतिनां वरः ।
किं पुनर्ब्रह्मयोनेर्यस्तव चेतसि वर्तते ।।१८
ଯସ୍ୟ ଚେତସି ବର୍ତ୍ତେଥାଃ ସ ତାବତ୍ କୃତିନାଂ ବରଃ ।
କିଂ ପୁନର୍ବ୍ରହ୍ମଯୋନେର୍ଯସ୍ତବ ଚେତସି ବର୍ତ୍ତତେ ।। ୧୮

सत्यमर्काच्च सोमाच्च परमध्यास्महे पदम्।
अद्य तूच्चैस्तरं ताभ्यां स्मरणानुग्रहात् तव ।। १९
ସତ୍ୟମର୍କାଚ୍ଚ ସୋମାଚ୍ଚ ପରମଧ୍ୟାସ୍ମହେ ପଦମ୍ ।
ଅଦ୍ୟ ତୂଚ୍ଚୈସ୍ତରଂ ତାଭ୍ୟାଂ ସ୍ମରଣାନୁଗ୍ରହାତ୍ ତବ ।। ୧୯

त्वत्संभावितमात्मानं बहु मन्यामहे वयम्।
प्रायः प्रत्ययमाधत्ते स्वगुणेषूत्तमादरः ।। २०
ତ୍ୱତ୍‌ସଂଭାବିତମାତ୍ମାନଂ ବହୁ ମନ୍ୟାମହେ ବୟମ୍ ।
ପ୍ରାୟଃ ପ୍ରତ୍ୟୟମାଧତ୍ତେ ସ୍ୱଗୁଣେଷୂତ୍ତମାଦରଃ ।। ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାର୍ବତୀଙ୍କୁ ଉଦ୍ଦେଶ୍ୟ କରି ଶିବଙ୍କର ଗୃହସ୍ଥ ଧର୍ମରେ ପ୍ରବେଶ କରିବାର ପ୍ରବୃତ୍ତି ହୁଅନ୍ତେ, ପୂର୍ବ-ଅପରାଧ-ଭୀତ କାମଦେବର ମନ ଆଶ୍ୱସ୍ତି ଲାଭ କଲା । ୧୪

ଶିବଙ୍କୁ ଦେଖି ବେଦ ବେଦାଙ୍ଗର ପ୍ରବକ୍ତା ସପ୍ତଋଷିମାନେ ଆନନ୍ଦରେ ପୁଲକିତଶରୀର ହୋଇ ଶିବଙ୍କୁ ଆରାଧନା କରି କହିଲେ— ୧୫

" ହେ ଭଗବାନ୍, ଆମେମାନେ ଆଜି ପର୍ଯ୍ୟନ୍ତ ଯେତେ ବେଦାଧ୍ୟୟନ କରିଛୁଁ, ଅଗ୍ନିରେ ଯେତେ ଆହୁତି ପ୍ରଦାନ କରିଛୁଁ ଏବଂ ଯେତେ ତପସ୍ୟା ସାଧନ କରିଛୁଁ, ସେ ସେବୁର ଫଳ ଆଜି ପରିପକ୍ୱ ହେଲା । ୧୬

ଆପଣ ସକଳ ଜଗତର ଅଧ୍ୟକ୍ଷ । ଆପଣ କାହାରି ଚିନ୍ତାର ଗୋଚର ନୁହନ୍ତି । ଆପଣ ଯେ ଆମ ମାନଙ୍କୁ ମନରେ ଚିନ୍ତା କଲେ, ତେଣୁ ଆମକୁ ଆଜି ସମସ୍ତ ତପସ୍ୟାର ଫଳ ମିଳିଗଲା । ୧୭

ଆପଣଙ୍କୁ ଯେ ସ୍ମରଣ କରେ, ସେ ସକଳ କୃତୀ ବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଆପଣ ବ୍ରହ୍ମାଙ୍କର ମଧ୍ୟ ସ୍ରଷ୍ଟା । ଆପଣ ଯାହାକୁ ସ୍ମରଣ କରନ୍ତି, ତାର ଶ୍ରେଷ୍ଠତା କଥା-ବା କଅଣ କହିବା ! ୧୮

ଆମେମାନେ ଚନ୍ଦ୍ର ସୂର୍ଯ୍ୟଙ୍କଠାରୁ ମଧ୍ୟ ଉଚ୍ଚ ପଦରେ ରହିଛୁଁ, ଏହା ସତ୍ୟ । କିନ୍ତୁ ଆଜି ଆପଣଙ୍କର ସ୍ମରଣ ଅନୁଗ୍ରହ ହେତୁ ଆମେ ଆହୁରି ଉଚ୍ଚତର ପଦ ଆରୋହଣ କରିଛୁଁ " । ୧୯

ଆପଣ ଯେ ଆମମାନଙ୍କର ଅଭ୍ୟର୍ଥନା କଲେ, ଏହା ଦ୍ୱାରା ଆମେ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ଅନୁଭବ କରୁଛୁଁ । ସାଧାରଣତଃ ମହାନ୍ ବ୍ୟକ୍ତିଙ୍କ ଠାରୁ ସମ୍ମାନ ମିଳିଲେ ବ୍ୟକ୍ତିର ନିଜ ଗୁଣରେ ବିଶ୍ୱାସ ଆସେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

या नः प्रीतिर्विरूपाक्ष त्वदनुध्यानसंभवा ।
सा किमावेद्यते तुभ्यमन्तरात्मासि देहिनाम् ॥ २१
ଯା ନଃ ପ୍ରୀତିର୍ବିରୂପାକ୍ଷ ତ୍ୱଦନୁଧ୍ୟାନସଂଭବା ।
ସା କିମାବେଦ୍ୟତେ ତୁଭ୍ୟମନ୍ତରାତ୍ମାସି ଦେହିନାମ୍ ॥ ୨୧

साक्षाद् दृष्टोऽसि न पुनर्विद्मस्त्वां वयमञ्जसा ।
प्रसीद कथयात्मानं न धियां पथि वर्तसे ॥ २२
ସାକ୍ଷାଦ୍ ଦୃଷ୍ଟୋଽସି ନ ପୁନର୍ବିଦ୍ମସ୍ତ୍ୱାଂ ବୟମଞ୍ଜସା ।
ପ୍ରସୀଦ କଥୟାତ୍ମାନଂ ନ ଧିୟାଂ ପଥି ବର୍ତ୍ତସେ ॥ ୨୨

किं येन सृजसि व्यक्तमुत येन बिभर्षि तत् ।
अथ यस्तस्य संहर्ता भागः कतम एष ते ॥ २३
କିଂ ଯେନ ସୃଜସି ବ୍ୟକ୍ତମୁତ ଯେନ ବିଭର୍ଷି ତତ୍ ।
ଅଥ ଯସ୍ତସ୍ୟ ସଂହର୍ତ୍ତା ଭଗଃ କତମ ଏଷ ତେ ॥ ୨୩

अथवा सुमहत्येषा प्रार्थना देव तिष्ठतु ।
चिन्तितोपस्थितँास्तावच्छाधि नः करवाम किम् ॥ २४
ଅଥବା ସୁମହତ୍ୟେଷା ପ୍ରାର୍ଥନା ଦେବ ତିଷ୍ଠତୁ ।
ଚିନ୍ତିତୋପସ୍ଥିତାଁସ୍ତାବଚ୍ଛାଧି ନଃ କରବାମ କିମ୍ ॥ ୨୪

अथ मौलिगतस्येन्दोर्विशदैर्दशनांशुभिः ।
उपचिन्वन् प्रभां तन्वीं प्रत्याह परमेश्वरः ॥ २५
ଅଥ ମୌଳିଗତସ୍ୟେନ୍ଦୋର୍ବିଶଦୈର୍ଦଶନାଂଶୁଭିଃ ।
ଉପଚିନ୍ୱନ୍ ପ୍ରଭାଂ ତନ୍ୱୀଂ ପ୍ରତ୍ୟାହ ପରମେଶ୍ୱରଃ ॥ ୨୫

विदितं वो यथा स्वार्था न मे काश्चित् प्रवृत्तयः ।
ननु मूर्तिभिरष्टाभिरित्थंभूतोऽस्मि सूचितः ॥ २६
ବିଦିତଂ ବୋ ଯଥା ସ୍ୱାର୍ଥା ନ ମେ କାଶ୍ଚିତ୍ ପ୍ରବୃତ୍ତୟଃ ।
ନନୁ ମୂର୍ତ୍ତିଭିରଷ୍ଟାଭିରିତ୍ଥଂଭୂତୋଽସ୍ମି ସୂଚିତଃ ॥ ୨୬

सोऽहं तृष्णातुरैर्वृष्टिं विद्युत्वानिव चातकैः ।
अरिविप्रकृतैर्देवैः प्रसूतिं प्रति याचितः ॥ २७
ସୋଽହଂ ତୃଷ୍ଣାତୁରୈର୍ବୃଷ୍ଟିଂ ବିଦ୍ୟୁତ୍ୱାନିବ ଚାତକୈଃ ।
ଅରିବିପ୍ରକୃତୈର୍ଦେବୈଃ ପ୍ରସୂତିଂ ପ୍ରତି ଯାଚିତଃ ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ଶଙ୍କର , ଆପଣ ଆମମାନଙ୍କୁ ସ୍ମରଣ କରିବା ଦ୍ୱାରା ଆମେ ଯେଉଁ ଆନନ୍ଦ ଅନୁଭବ କରୁଛୁଁ , ତାହା ଆପଣଙ୍କୁ କି ଭଷାରେ ଜଣାଇବୁଁ ? ଆପଣ ତ ନିଜେ ପ୍ରାଣୀମାନଙ୍କର ଅନ୍ତରାତ୍ମା ଅଟନ୍ତି । ୨୧

ହେ ଦେବଦେବ, ଆମେ ଆପଣଙ୍କୁ ପ୍ରତ୍ୟକ୍ଷ ଭବରେ ଦେଖୁ-ଅଛୁଁ , କିନ୍ତୁ ତତ୍ତ୍ୱତଃ ଆପଣଙ୍କୁ ଜାଣିପାରୁନାହୁଁ । ଆପଣ ବୁଦ୍ଧିର ଅଗୋଚର । ତେଣୁ ପ୍ରସନ୍ନ ହୁଅନ୍ତୁ, ଅନୁଗ୍ରହ କରି ଆମକୁ ଆପଣଙ୍କର ସ୍ୱରୂପ କହନ୍ତୁ । ୨୨

ହେ ଭଗବାନ୍, ଆମେ ସମ୍ମୁଖରେ ଆପଣଙ୍କର ଯେଉଁ ମୂର୍ତ୍ତି ଦେଖୁଅଛୁଁ , ତାହା କେଉଁ ଅଂଶ ? ଯେଉଁ ଅଂଶ ଦ୍ୱାରା ଆପଣ ଜଗତ୍ ସୃଷ୍ଟି କରନ୍ତି, ତାହା ? ନା, ଯେଉଁ ଅଂଶ ଦ୍ୱାରା ଜଗତ୍ ପାଳନ କରନ୍ତି, ତାହା ? ନା, ଯେଉଁ ଅଂଶ ଦ୍ୱାରା ଜଗତ୍ ସଂହାର କରନ୍ତି, ତାହା ? ୨୩

ଅଥବା ହେ ପରମେଶ୍ୱର , ଆମମାନଙ୍କର ଏହି ଦୁର୍ଲ୍ଲଭ ପ୍ରାର୍ଥନା ଥାଉ । ଆପଣ ଚିନ୍ତା କଲା ମାତ୍ରେ ଆମେମାନେ ଉପସ୍ଥିତ ହୋଇଛୁଁ । ଆପଣ ଆଜ୍ଞା ଦିଅନ୍ତୁ, ଆମେମାନେ କି କାର୍ଯ୍ୟ କରିବୁଁ । ” ୨୪

ତା’ପରେ ଶିବ ନିଜ ଦନ୍ତପଂକ୍ତିର ଶୁଭ୍ର ଜ୍ୟୋତି ଦ୍ୱାରା ମସ୍ତକ-ସ୍ଥିତ ଚନ୍ଦ୍ରର କ୍ଷୀଣ ଜ୍ୟୋତିକୁ ବର୍ଦ୍ଧିତ କରି ସପ୍ତର୍ଷିଙ୍କୁ କହିଲେ :– ୨୫

“ହେ ମୁନିଗଣ, ଆପଣମାନେ ଜାଣନ୍ତି, ମୋର କୌଣସି ଗୋଟିଏ ହେଲେ ପ୍ରବୃତ୍ତି ସ୍ୱାର୍ଥ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ମୋର ଅଷ୍ଟବିଧ ମୂର୍ତ୍ତିରୁ ଆପଣମାନେ ଏହା ଜାଣି ପାରୁଥିବେ । (ଭୂମି, ଜଳ, ଅନଳ, ବାୟୁ, ଆତ୍ମା, ଆକାଶ, ସୂର୍ଯ୍ୟ, ଚନ୍ଦ୍ର– ଶିବଙ୍କର ଅଷ୍ଟବିଧ ମୂର୍ତ୍ତି) ୨୬

ଯେପରି ତୃଷାର୍ତ୍ତ ଚାତକମାନେ ମେଘକୁ ବୃଷ୍ଟିଜଳ ପ୍ରାର୍ଥନା କରନ୍ତି, ସେହିପରି ଶତ୍ରୁପୀଡ଼ିତ ଦେବତାମାନେ ମୋଠାରୁ ଗୋଟିଏ ସନ୍ତାନ ପାଇବା ପାଇଁ ପ୍ରାର୍ଥନା କରୁଛନ୍ତି । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अत आहर्तुमिच्छामि पार्वतीमात्मजन्मने ।
उत्पत्तये हविर्भोक्तुर्यजमान इवारणिम् ॥ २८
ଅତ ଆହର୍ତ୍ତୁମିଚ୍ଛାମି ପାର୍ବତୀମାତ୍ମଜନ୍ମନେ ।
ଉତ୍ପତ୍ତୟେ ହବିର୍ଭୋକ୍ତୁର୍ଯଜମାନ ଇବାରଣିମ୍ ॥ ୨୮

तामस्मदर्थे युष्माभिर्याचितव्यो हिमालयः ।
विक्रियायै न कल्पन्ते संबन्धाः सदनुष्ठिताः ॥ २९
ତାମସ୍ମଦର୍ଥେ ଯୁଷ୍ମାଭିର୍ଯାଚିତବ୍ୟୋ ହିମାଳୟଃ ।
ବିକ୍ରିୟାୟୈ ନ କଳ୍ପନ୍ତେ ସଂବନ୍ଧାଃ ସଦନୁଷ୍ଠିତାଃ ॥ ୨୯

उन्नतेन स्थितिमता धुरमुद्वहता भुवः ।
तेन योजितसंबन्धं वित्त मामप्यवञ्चितम् ॥ ३०
ଉନ୍ନତେନ ସ୍ଥିତିମତା ଧୁରମୁଦ୍ୱହତା ଭୁବଃ ।
ତେନ ଯୋଜିତସମ୍ବନ୍ଧଂ ବିତ୍ତ ମାମପ୍ୟବଞ୍ଚିତମ୍ ॥ ୩୦

एवं वाच्यः स कन्यार्थमिति वो नोपदिश्यते ।
भवत्प्रणीतमाचारमामनन्ति हि साधवः ॥ ३१
ଏବଂ ବାଚ୍ୟଃ ସ କନ୍ୟାର୍ଥମିତି ବୋ ନୋପଦିଶ୍ୟତେ ।
ଭବତ୍ପ୍ରଣୀତମାଚାରମାମନନ୍ତି ହି ସାଧବଃ ॥ ୩୧

आर्याप्यरुन्धती तत्र व्यापारं कर्तुमर्हति ।
प्रायेणैवंविधे कार्ये पुरन्ध्रीणां प्रगल्भता ॥ ३२
ଆର୍ଯାପ୍ୟରୁନ୍ଧତୀ ତତ୍ର ବ୍ୟାପାରଂ କର୍ତ୍ତୁମର୍ହତି ।
ପ୍ରାୟେଣୈବଂବିଧେ କାର୍ଯେ ପୁରନ୍ଧ୍ରୀଣାଂ ପ୍ରଗଲ୍ଭତା ॥ ୩୨

तत्प्रयातौषधिप्रस्थं सिद्धये हिमवत्पुरम् ।
महाकोशीप्रपातेऽस्मिन् सङ्गमः पुनरेव नः ॥ ३३
ତତ୍ପ୍ରୟାତୌଷଧିପ୍ରସ୍ଥଂ ସିଦ୍ଧୟେ ହିମବତ୍ପୁରମ୍ ।
ମହାକୋଶୀପ୍ରପାତେଽସ୍ମିନ୍ ସଂଗମଃ ପୁନରେବ ନଃ ॥ ୩୩

तस्मिन् संयमिनामाद्ये जाते परिणयोन्मुखे ।
जहुः परिग्रहव्रीडां प्राजापत्यास्तपस्विनः ॥ ३४
ତସ୍ମିନ୍ ସଂୟମିନାମାଦ୍ୟେ ଜାତେ ପରିଣୟୋନ୍ମୁଖେ ।
ଜହୁଃ ପରିଗ୍ରହବ୍ରୀଡାଂ ପ୍ରାଜାପତ୍ୟାସ୍ତପସ୍ୱିନଃ ॥ ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତେଣୁ ଯଜମାନ ଯେପରି ଅଗ୍ନି ଉତ୍ପନ୍ନ କରିବା ପାଇଁ ଅରଣି ଇଚ୍ଛା କରନ୍ତି, ମୁଁ ସେହିପରି ପୁତ୍ର-ଉତ୍ପତ୍ତି ପାଇଁ ପାର୍ବତୀଙ୍କୁ ପାଇବାକୁ ଇଚ୍ଛା କରୁଛି । ୨୮ (ଅରଣୀ– ଏକଜାତୀୟ କାଠ, ଯହିଁରୁ ଅଗ୍ନି ଉତ୍ପନ୍ନ ହୁଏ ।)

ତେଣୁ ହିମାଳୟ ତାଙ୍କ କନ୍ୟାଙ୍କୁ ମୋତେ ପ୍ରଦାନ କରନ୍ତୁ , ଆପଣମାନେ ତାଙ୍କୁ ଏହି ଅନୁରୋଧ ଜଣାନ୍ତୁ । କାରଣ, ବିବାହ ଆଦି ସମ୍ବନ୍ଧ ଯଦି ସଜ୍ଜନମାନଙ୍କ ମାଧ୍ୟମରେ ଅନୁଷ୍ଠିତ ହୁଏ, ତେବେ କୌଣସି ଦୋଷ ବା ବାଧା ବିଘ୍ନ ଘଟେ ନାହିଁ । ୨୯

ହିମାଳୟ ଉନ୍ନତ, ସ୍ଥିତିଶାଳୀ ତଥା ଧରଣୀବହନକ୍ଷମ । ତାଙ୍କ ପରିବାରରେ ମୋର ସମ୍ବନ୍ଧ ସ୍ଥାପିତ ହେଲେ ମୁଁ କୃତାର୍ଥ ହେବି, ଆପଣମାନେ ଏହା ଜାଣନ୍ତୁ । ୩୦

କନ୍ୟା ପ୍ରଦାନ କରିବା ନିମନ୍ତେ ହିମାଳୟଙ୍କୁ ଆପଣମାନେ କଅଣ କହିବେ, ତାହା ମୁଁ ଆପଣମାନଙ୍କୁ ବତାଇବା ପାଇଁ ଚାହୁଁ ନାହିଁ । କାରଣ, ଆପଣମାନେ ଯେଉଁ ଆଚରଣଶାସ୍ତ୍ର (ସ୍ମୃତି ଶାସ୍ତ୍ର) ମାନ ପ୍ରଣୟନ କରିଛନ୍ତି, ସାଧୁ ଲୋକମାନେ ତଦନୁସାରେ ହିଁ ଆଚରଣ କରନ୍ତି । (ତେଣୁ ଯେଉଁମାନେ ଉପଦେଷ୍ଟା, ସେମାନଙ୍କୁ ଉପଦେଶ ଦେବା ନିଷ୍ପ୍ରୟୋଜନ ।) ୩୧

ଆର୍ଯ୍ୟା ଅରୁନ୍ଧତୀ ମଧ୍ୟ ଏ ବିଷୟରେ ମୋତେ ସାହାଯ୍ୟ କରିପାରିବେ । କାରଣ, ଏଭଳି ବ୍ୟାପାରରେ ସାଧାରଣତଃ ଗୃହିଣୀମାନେ ଭଲ କହିବୋଲି ପାରନ୍ତି । ୩୨

ତେଣୁ ଆପଣମାନେ କାର୍ଯ୍ୟସିଦ୍ଧି ନିମନ୍ତେ ହିମାଳୟଙ୍କ ଓଷଧିପ୍ରସ୍ଥ ନଗରକୁ ଯାତ୍ରା କରନ୍ତୁ । ଏଇ, ଆଗରେ ମହାକୋଶୀ ନଦୀର ଯେଉଁ ପ୍ରପାତ ଦିଶୁଛି, ସେଇଠି ପୁଣି ଆପଣମାନଙ୍କ ସହିତ ମୋର ଭେଟ ହେବ । ” ୩୩

ଶିବ ଜିତେନ୍ଦ୍ରିୟମାନଙ୍କ ମଧ୍ୟରେ ଶ୍ରେଷ୍ଠ । ସେ ପୁଣି ବିବାହ କରିବାକୁ ଅତ୍ୟନ୍ତ ଆଗ୍ରହୀ ! ଏହା ଲକ୍ଷ୍ୟ କରି ସପ୍ତଋଷି ନିଜ ନିଜର ପତ୍ନୀ-ଗ୍ରହଣ ଜନିତ ଲଜ୍ଜା ପରିତ୍ୟାଗ କଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ततः परममित्युक्त्वा प्रतस्थे मुनिमण्डलम् ।
भगवानपि संप्राप्तः प्रथमोद्दिष्टमास्पदम् ॥ ३५
ତତଃ ପରମମିତ୍ୟୁକ୍ତ୍ୱା ପ୍ରତସ୍ଥେ ମୁନିମଣ୍ଡଳମ୍ ।
ଭଗବାନପି ସଂପ୍ରାପ୍ତଃ ପ୍ରଥମୋଦ୍ଦିଷ୍ଟମାସ୍ପଦମ୍ ॥ ୩୫

ते चाकोशमसिश्यामसुत्पत्य परमर्षयः ।
आसेदुरोषधिप्रस्थं मनसो समरंहसः ॥ ३६
ତେ ଚାକାଶମସିଶ୍ୟାମମୁତ୍ପତ୍ୟ ପରମର୍ଷୟଃ ।
ଆସେଦୁରୋଷଧିପ୍ରସ୍ଥଂ ମନସା ସମରଂହସଃ ॥ ୩୬

अलकामतिवाह्येव वसतिं वसुसंपदाम् ।
स्वर्गाभिष्यन्दवमनं कृत्वेवोपनिवेशितम् ॥ ३७
ଅଳକାମତିବାହ୍ୟେବ ବସତିଂ ବସୁସଂପଦାମ୍ ।
ସ୍ୱର୍ଗାଭିଷ୍ୟନ୍ଦବମନଂ କୃତ୍ୱେବୋପନିବେଶିତମ୍ ॥ ୩୭

गङ्गास्रोतःपरिक्षिप्तं वप्रान्तर्ज्वलितौषधि ।
बृहन्मणिशिलासालं गुप्तावपि मनोहरम् ॥ ३८
ଗଙ୍ଗାସ୍ରୋତଃପରିକ୍ଷିପ୍ତଂ ବପ୍ରାନ୍ତର୍ଜ୍ୱଳିତୌଷଧି ।
ବୃହନ୍ମଣିଶିଳାସାଳଂ ଗୁପ୍ତାବପି ମନୋହରମ୍ ॥ ୩୮

जितसिंहभया नागा यत्राश्वा विलयोनयः ।
यक्षाः किम्पुरुषाः पौरा योषितो वनदेवताः ॥ ३९
ଜିତସିଂହଭୟା ନାଗା ଯତ୍ରାଶ୍ୱା ବିଲଯୋନୟଃ ।
ଯକ୍ଷାଃ କିମ୍ପୁରୁଷାଃ ପୌରା ଯୋଷିତୋ ବନଦେବତାଃ ॥ ୩୯

शिखरासक्तमेघानां व्यज्यन्ते यत्र वेश्मनाम् ।
अनुगर्जितसंदिग्धाः करणैर्मुरजस्वनाः ॥ ४०
ଶିଖରାସକ୍ତମେଘାନାଂ ବ୍ୟଜ୍ୟନ୍ତେ ଯତ୍ର ବେଶ୍ମନାମ୍ ।
ଅନୁଗର୍ଜିତସଂଦିଗ୍ଧାଃ କରଣୈର୍ମୁରଜସ୍ୱନାଃ ॥ ୪୦

यत्र कल्पद्रुमैरेव विलोलविटपांशुकैः ।
गृहयन्त्र पताकाश्रीरपौरादरनिर्मिताः ॥ ४१
ଯତ୍ର କଳ୍ପଦ୍ରୁମୈରେବ ବିଲୋଲବିଟପାଂଶୁକୈଃ ।
ଗୃହଯନ୍ତ୍ର ପତାକାଶ୍ରୀରପୌରାଦର ନିର୍ମିତାଃ ॥ ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା ପରେ ସପ୍ତଋଷି "ତାହା ହେଉ" ବୋଲି କହି ପ୍ରସ୍ଥାନ କଲେ । ଶିବ ମଧ୍ୟ ନିଜର ପୂର୍ବ କଥିତ ସ୍ଥାନରେ ପହଞ୍ଚିଲେ । ୩୫

ସେହି ଶ୍ରେଷ୍ଠ ଋଷିମାନେ ତରବାରିତୁଲ୍ୟ ନୀଳବର୍ଣ୍ଣ ଆକାଶକୁ ଉଠି, ମନତୁଲ୍ୟ ବେଗରେ ଗତି କରି ଓଷଧିପ୍ରସ୍ଥ ନଗରରେ ପହଞ୍ଚିଲେ । ୩୬

ଓଷଧିପ୍ରସ୍ଥ ନଗର ଥିଲା ଧନ ରତ୍ନର ଭଣ୍ଡାର । ହିମାଳୟ ସତେ ଯେପରି ଅଳକା ନଗରୀକୁ ଜିଣି ଏବଂ ସ୍ୱର୍ଗ ସମ୍ପଦରୁ ଅଧିକ ସମ୍ପଦ ସଂଗ୍ରହ-କରି ସେହି ନଗରକୁ ସ୍ଥାପନ କରିଥିଲେ ! ୩୭

ସେହି ନଗରର ଚାରିପାଖରେ ଗଙ୍ଗାର ସ୍ରୋତ ପ୍ରବାହିତ ହେଉ-ଥିଲା , ବଡବଡ଼ ମଣିମୟ ଶିଳାରେ ପ୍ରାଚୀର ନିର୍ମାଣ କରାଯାଇଥିଲା ଏବଂ ପ୍ରାଚୀର ଭିତରେ ଔଷଧଲତାଗୁଡ଼ିକ ଜ୍ୟୋତିର୍ମୟ ଦେଖା ଯାଉଥିଲା । ତେଣୁ ସେହି ନଗର ଥିଲା ସୁରକ୍ଷିତ ତଥା ସୁନ୍ଦର । ୩୮

ସେହି ନଗରର ହସ୍ତୀମାନେ ସିଂହମାନଙ୍କ ଠାରୁ ଅଧିକ ବଳଶାଳୀ ଥିଲେ । ଅଶ୍ୱମାନେ ଥିଲେ ବିଳଜନ୍ମା (ଗାତରେ ଜନ୍ମ ହେଉଥିଲେ) । ସେଠାକାର ଅଧିବାସୀ ଥିଲେ ଯକ୍ଷ ଓ କିନ୍ନରଗଣ, ରମଣୀ ଥିଲେ ବନ-ଦେବତାଗଣ । ୩୯

ସେଠାରେ ଗୃହଗୁଡ଼ିକର ଉପରେ ମେଘମାଳା ବିଚରଣ କରୁ-ଥିଲେ । ଗୃହ ଭିତରର ମୃଦଙ୍ଗଧ୍ୱନି ମେଘଗର୍ଜନ ସହିତ ମିଶି ଜାଣି ହେଉ ନଥିଲା । କିନ୍ତୁ, ତାଳ, ଲୟ, ମାନ ଆଦି ଦ୍ୱାରା ତାହା ମୃଦଙ୍ଗ ଧ୍ୱନି ବୋଲି କ୍ରମେ ଜାଣି ହେଉଥିଲା । ୪୦

ସେହି ନଗରରେ ଘରଗୁଡ଼ିକର ଆଗରେ ଥିଲା କଳ୍ପବୃକ୍ଷ । କଳ୍ପ-ବୃକ୍ଷଗୁଡିକର ଶାଖା ପତାକାର ବସ୍ତ୍ର ଭଳି ଫରଫର ହେଉଥିଲା । ତେଣୁ ସେହି ବୃକ୍ଷଗୁଡ଼ିକ ପୁରବାସୀଙ୍କ ଦ୍ୱାରା ନିର୍ମାଣ କରାଯାଇ ନଥିବା ପତାକା-ସ୍ତମ୍ଭର କାର୍ଯ୍ୟ କରୁଥିଲା । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यत्र स्फटिकहर्म्येषु नक्तमापानभूमिषु ।
ज्योतिषां प्रतिविम्बानि प्राप्नुवन्त्युपहारताम् ॥ ४२
ଯତ୍ର ସ୍ଫଟିକହର୍ମ୍ୟେଷୁ ନକ୍ତମାପାନଭୂମିଷୁ ।
ଜ୍ୟୋତିଷାଂ ପ୍ରତିବିମ୍ବାନି ପ୍ରାପ୍ନୁବନ୍ତ୍ୟୁପହାରତାମ୍ ॥ ୪୨

यत्रौषधिप्रकाशेन नक्तं दर्शितसंचाराः ।
अनभिज्ञास्तमिस्राणां दुर्दिनेष्वभिसारिकाः ॥ ४३
ଯତ୍ରୌଷଧିପ୍ରକାଶେନ ନକ୍ତଂ ଦର୍ଶିତସଞ୍ଚାରାଃ ।
ଅନଭିଜ୍ଞାସ୍ତମିସ୍ରାଣାଂ ଦୁର୍ଦ୍ଦିନେଷ୍ୱଭିସାରିକାଃ ॥ ୪୩

यौवनान्तं वयो यस्मिन्नान्तकः कुसुमायुधात् ।
रतिखेदसमुत्पन्ना निद्रा संज्ञाविपर्ययः ॥ ४४
ଯୌବନାନ୍ତଂ ବୟୋ ଯସ୍ମିନ୍ନାନ୍ତକଃ କୁସୁମାୟୁଧାତ୍ ।
ରତିଖେଦସମୁତ୍ପନ୍ନା ନିଦ୍ରା ସଂଜ୍ଞାବିପର୍ଯ୍ୟୟଃ ॥ ୪୪

भ्रूभेदिभिः सकम्पोष्ठैर्ललिताङ्गुलितर्जनैः ।
यत्र कोपैः कृताः स्त्रीणामाप्रसादार्थिनः प्रियाः ॥ ४५
ଭ୍ରୂଭେଦିଭିଃ ସକମ୍ପୋଷ୍ଠୈର୍ଲଳିତାଙ୍ଗୁଳିତର୍ଜନୈଃ ।
ଯତ୍ର କୋପୈଃ କୃତାଃ ସ୍ତ୍ରୀଣାମାପ୍ରସାଦାର୍ଥିନଃ ପ୍ରିୟାଃ ॥ ୪୫

सन्तानक तरुच्छायाऽऽसुप्तविद्याधराध्वगम् ।
यस्य चोपवनं वाह्यं गन्धवद् गन्धमादनम् ॥ ४६
ସଂତାନକତରୁଚ୍ଛାୟାସୁପ୍ତବିଦ୍ୟାଧରାଧ୍ୱଗମ୍ ।
ଯସ୍ୟ ଚୋପବନଂ ବାହ୍ୟଂ ଗନ୍ଧବଦ୍ ଗନ୍ଧମାଦନମ୍ ॥ ୪୬

अथ ते मुनयो दिव्याः प्रेक्ष्य हैमवतं पुरम् ।
स्वर्गाभिसंधिसुकृतं वञ्चनामिव मेनिरे ॥ ४७
ଅଥ ତେ ମୁନୟୋ ଦିବ୍ୟାଃ ପ୍ରେକ୍ଷ୍ୟ ହୈମବତଂ ପୁରମ୍ ।
ସ୍ୱର୍ଗାଭିସଂଧିସୁକୃତଂ ବଞ୍ଚନାମିବ ମେନିରେ ॥ ୪୭

ते सद्मनि गिरेर्वेगादुन्मुखद्वाःस्थवीक्षिताः ।
अवतेरुर्जटाभारैर्लिखितानलनिश्चलैः ॥ ४८
ତେ ସଦ୍ମନି ଗିରେର୍ବେଗାଦୁନ୍ମୁଖଦ୍ୱାଃସ୍ଥବୀକ୍ଷିତାଃ ।
ଅବତେରୁର୍ଜଟାଭାରୈର୍ଲିଖିତାନଳନିଶ୍ଚଳୈଃ ॥ ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ ରତିରେ ସ୍ଫଟିକନିର୍ମିତ ସୌଧମାନଙ୍କରେ ଆପାନ-ଭୂମି ଉପରେ ନକ୍ଷତ୍ର ମାନଙ୍କର ପ୍ରତିବିମ୍ବ ପଡ଼ି ପୁଷ୍ପରାଶି ବିଛା ହେଲ ଭଳି ଦେଖାଯାଉଥିଲ । (ଆପାନଭୂମି—ଯେଉଁଠାରେ ମିଳିମିଶି ପାନୀୟ ଦ୍ରବ୍ୟ ପାନ କରାଯାଏ ।) ୪୨

ସେଠାରେ ବର୍ଷାକାଳ ରତିରେ ଅଭିସାରିକାମାନେ ଅଭିସାର କରି ଗଲବେଳେ ଜ୍ୟୋତିର୍ମୟ ଔଷଧି ଲତା ଗୁଡ଼ିକ ସେମାନଙ୍କୁ ବାଟ ଦେଖାଉଥିଲେ । ତେଣୁ ଅଭିସାରିକାମାନେ ରତିର ଅନ୍ଧାର ଜାଣି ପାରୁ-ନଥିଲେ । ୪୩

ସେଠାରେ ଯୌବନ ପରବର୍ତ୍ତୀ ବୟସ ନ ଥିଲ, କନ୍ଦର୍ପ ବ୍ୟତୀତ ଅନ୍ୟ କେହି ପ୍ରାଣହରଣକାରୀ ନଥିଲେ, ରତିକ୍ରୀଡାରେ ଚେତନାହାନି ବ୍ୟତୀତ ଅନ୍ୟ କୌଣସିଥିରେ ଚେତନା ହାନି ହେଉ ନଥିଲ । ୪୪

ସେଠାରେ ପ୍ରିୟାମାନେ ଭ୍ରୂକୁଟୀ ନଚାଇ, ଅଧର କମ୍ପାଇ, ସୁନ୍ଦର ସୁକୋମଳ ଅଙ୍ଗୁଳିରେ ତର୍ଜନ କରି ପ୍ରିୟମାନଙ୍କ ଉପରେ କ୍ରୋଧ ପ୍ରକାଶ କରୁଥିଲେ । ପ୍ରିୟାମାନଙ୍କର ପ୍ରସନ୍ନତା ଜାତ ହେବା ପର୍ଯ୍ୟନ୍ତ ପ୍ରିୟମାନେ ସେମାନଙ୍କ ନିକଟରେ ପ୍ରଣୟ ପ୍ରାର୍ଥନା କରୁଥିଲେ । ୪୫

ସେହି ଓଷଧିପ୍ରସ୍ଥ ନଗରର ବାହାର ଉପବନରେ ସୁଗନ୍ଧଭରା ଗନ୍ଧମାଦନ ପର୍ବତ, ଯେଉଁ ପର୍ବତରେ କି କଳ୍ପବୃକ୍ଷମାନଙ୍କର ଛାଇରେ ବିଦ୍ୟା-ଧର ପଥିକମାନେ ଶୟନ କରୁଥିଲେ । ୪୬

ସେହି ଦିବ୍ୟ ଋଷିମାନେ ହିମାଳୟର ଓଷଧିପ୍ରସ୍ଥ ନଗରକୁ ଦେଖି ମନେ କଲେ— " ଆମେମାନେ ତପସ୍ୟାର ପୁଣ୍ୟଫଳ ସ୍ୱର୍ଗରେ ରହି ଭୋଗ କରୁଥାଇଁ, ଏହା ଦ୍ୱାରା ଆମେ ବଞ୍ଚିତ ହୋଇ ଥାଇଁ ମାତ୍ର । " ୪୭

ସେମାନଙ୍କର ଜଟାଜୁଟ ଚିତ୍ରଜ୍ୱଳିତ ଅଗ୍ନିପରି ଶୋଭା ପାଉ-ଥିଲ । ଦ୍ୱାରପାଳମାନେ ଉପରକୁ ମୁହଁ ଟେକି ଚାହିଁ ଥାଆନ୍ତି, ସେମାନେ ହିମାଳୟଙ୍କ ଗୃହରେ ଅବତରଣ କଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गगनादवतीर्णा सा यथावृद्धपुरस्सरा ।
तोयान्तर्भास्करालीव रेजे मुनिपरम्परा ।। ४९
ଗଗନାଦବତୀର୍ଣ୍ଣା ସା ଯଥାବୃଦ୍ଧପୁରସ୍ସରା ।
ତୋୟାନ୍ତର୍ଭାସ୍କରାଳୀବ ରେଜେ ମୁନିପରମ୍ପରା ।। ୪୯

तानर्घ्यानर्घ्यमादाय दूरात् प्रत्युद्ययौ गिरिः ।
नमयन् सारगुरुभिः पादन्यासैर्वसुन्धराम् ।। ५०
ତାନର୍ଘ୍ୟାନର୍ଘ୍ୟମାଦାୟ ଦୂରାତ୍ ପ୍ରତ୍ୟୁଦ୍ୟଯୌ ଗିରିଃ ।
ନମୟନ୍ ସାରଗୁରୁଭିଃ ପାଦନ୍ୟାସୈର୍ବସୁନ୍ଧରାମ୍ ।। ୫୦

धातुताम्राधरः प्रांशुर्देवदारुबृहद्भुजः ।
प्रकृत्यैव शिलोरस्कः सुव्यक्तो हिमवानिति ।। ५१
ଧାତୁତାମ୍ରାଧରଃ ପ୍ରାଂଶୁର୍ଦେବଦାରୁବୃହଦ୍ଭୁଜଃ ।
ପ୍ରକୃତ୍ୟୈବ ଶିଳୋରସ୍କଃ ସୁବ୍ୟକ୍ତୋ ହିମବାନିତି ।। ୫୧

विधिप्रयुक्तसत्कारैः स्वयं मार्गस्य दर्शकः ।
स तैराक्रमयामास शुद्धान्तं शुद्धकर्मभिः ।। ५२
ବିଧିପ୍ରଯୁକ୍ତସତ୍କାରୈଃ ସ୍ୱୟଂ ମାର୍ଗସ୍ୟ ଦର୍ଶକଃ ।
ସ ତୈରାକ୍ରମୟାମାସ ଶୁଦ୍ଧାନ୍ତଂ ଶୁଦ୍ଧକର୍ମଭି ।। ୫୨

तत्र वेत्रासनासीनान् कृतासनपरिग्रहः ।
इत्युवाचेश्वरान् वाचं प्राञ्जलिर्भूधरेश्वरः ।। ५३
ତତ୍ର ବେତ୍ରାସନାସୀନାନ୍ କୃତାସନପରିଗ୍ରହଃ ।
ଇତ୍ୟୁବାଚେଶ୍ୱରାନ୍ ବାଚଂ ପ୍ରାଞ୍ଜଳିର୍ଭୂଧରେଶ୍ୱରଃ ।। ୫୩

अपमेघोदयं वर्षमदृष्टकुसुमं फलम् ।
अतर्कितोपपन्नं वो दर्शनं प्रतिभाति मे ।। ५४
ଅପମେଘୋଦୟଂ ବର୍ଷମଦୃଷ୍ଟକୁସୁମଂ ଫଳମ୍ ।
ଅତର୍କିତୋପପନ୍ନଂ ବୋ ଦର୍ଶନଂ ପ୍ରତିଭାତି ମେ ।। ୫୪

मूढं बुद्धमिवात्मानं हैमीभूतमिवायसम् ।
भूमेर्दिवमिवारूढं मन्ये भवदनुग्रहात् ।। ५५
ମୂଢଂ ବୁଦ୍ଧମିବାତ୍ମାନଂ ହୈମୀଭୂତମିବାୟସମ୍ ।
ଭୂମେର୍ଦିବମିବାରୂଢଂ ମନ୍ୟେ ଭବଦନୁଗ୍ରହାତ୍ ।। ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେମାନେ ବାର୍ଦ୍ଧକ୍ୟ ଅନୁକ୍ରମରେ (ଆଗେ ସବୁଠାରୁ ବେଶି ବୃଦ୍ଧ, ତାଙ୍କ ପରେ କମ୍ ବୃଦ୍ଧ, ତାଙ୍କ ପରେ କମ୍ ବୃଦ୍ଧ, ଏହି କ୍ରମରେ) ଆକାଶରୁ ଅବତରଣ କଲେ । ଜଳ ଭିତରେ ସୂର୍ଯ୍ୟଙ୍କର ପ୍ରତିବିମ୍ବପଙ୍କ୍ତି ପଡ଼ି ଯେପରି ଶୋଭପାଏ, ଅବତରଣ କଲାବେଳେ ସେମାନେ ସେହିପରି ଶୋଭ ପାଇଲେ । ୪୯

ହିମାଳୟ ପୂଜାଦ୍ରବ୍ୟ ଧରି, ଅନ୍ତଃଶକ୍ତିଶାଳୀ ଚରଣପାତ ଦ୍ୱାରା ପୃଥିବୀକୁ ଅବନମିତ କରି, ଦୂରରୁ ସେହି ପୂଜନୀୟ ଋଷିଗଣଙ୍କୁ ପାଛୋଟି ନେବାକୁ ଆସିଲେ । ୫୦

ତାଙ୍କର (ଦେବତାତ୍ମକ ଶରୀରରେ) ଅଧର ଥିଲା ଗୈରିକ ଧାତୁତୁଲ୍ୟ ତାମ୍ରବର୍ଣ୍ଣ, ଶରୀର ଉଚ୍ଚ, ବାହୁ ଶାଳବୃକ୍ଷଭଳି ଲମ୍ବ ଏବଂ ବକ୍ଷ ଶିଳାଖଣ୍ଡ ପରି ବିଶାଳ । ଏଣୁ ସେ ହିମାଳୟ ବୋଲି ସ୍ପଷ୍ଟ ଜାଣି ହୋଇ-ଯାଉଥିଲେ । (ତାଙ୍କର ପର୍ବତରୂପ ଶରୀର ଗୈରିକ ଧାତୁ ସମ୍ପନ୍ନ, ଅତ୍ୟୁଚ୍ଚ, ଦେବଦାରୁ ବୃକ୍ଷରେ ତଥା ବିଶାଳ ଶିଳାଖଣ୍ଡରେ ପରିପୂର୍ଣ୍ଣ । ତେଣୁ ତାଙ୍କର ବାହ୍ୟରୂପରୁ ଭିତର ଦେବରୂପ ଜଣାପଡ଼ିବା ସ୍ୱାଭାବିକ ଥିଲା ।) ୫୧

ହିମାଳୟ ଯଥାବିଧି ପବିତ୍ର ବିଧାନରେ ଅଭ୍ୟର୍ଥନା କରି ନିଜେ ବାଟ ଦେଖାଇ ସପ୍ତ ଋଷିଙ୍କୁ ଅନ୍ତଃପୁରକୁ ଘେନିଗଲେ । ୫୨

ସେମାନଙ୍କୁ ଅନ୍ତଃପୁରରେ ବେତ୍ରାସନରେ ବସାଇ ପର୍ବତରାଜ ନିଜେ ଆସନ ଗ୍ରହଣ କଲେ ଏବଂ କୃତାଞ୍ଜଳି ପୁଟରେ କହିଲେ :— ୫୩

" ମୋତେ ଯେପରି ଆକସ୍ମିକ ଭବରେ ଆପଣମାନଙ୍କର ଦର୍ଶନ ମିଳିଲା, ତାହା ବିନା ମେଘରେ ବୃଷ୍ଟି ଭଳି ଏବଂ ବିନା ଫୁଲରେ ଫଳ ଭଳି ବୋଧ ହେଉଛି । ୫୪

ଆପଣମାନଙ୍କର ଅନୁଗ୍ରହ ଦ୍ୱାରା ମୁଁ ନିଜକୁ ମୂଢ଼ରୁ ସର୍ବଜ୍ଞ, ଲୌହମୟରୁ ସୁବର୍ଣ୍ଣମୟ ଏବଂ ଭୂମିଷ୍ଠିତରୁ ସ୍ୱର୍ଗସ୍ଥିତ ହେଲା ଭଳି ମନେ କରୁଛି । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अद्यप्रभृति भूतानामधिगम्योऽस्मि शुद्धये ।
यदध्यासितमर्हद्भिस्तद्धि तीर्थं प्रचक्षते ॥ ५६
ଅଦ୍ୟପ୍ରଭୃତି ଭୂତାନାମଧିଗମ୍ୟୋଽସ୍ମି ଶୁଦ୍ଧୟେ ।
ଯଦଧ୍ୟାସିତମର୍ହଦ୍ଭିସ୍ତଦ୍ଧି ତୀର୍ଥଂ ପ୍ରଚକ୍ଷତେ ॥ ୫୬

अवैमि पूतमात्मानं द्वयेनैव द्विजोत्तमाः ।
मूर्ध्नि गङ्गाप्रपातेन धौतपादाम्भसा च वः ॥ ५७
ଅବୈମି ପୂତମାତ୍ମାନଂ ଦ୍ୱୟେନୈବ ଦ୍ୱିଜୋତ୍ତମାଃ ।
ମୂର୍ଦ୍ଧ୍ନି ଗଙ୍ଗାପ୍ରପାତେନ ଧୌତପାଦାମ୍ଭସା ଚ ବଃ ॥ ୫୭

जङ्गमं प्रैष्यभावे वः स्थावरं चरणाङ्कितम् ।
विभक्तानुग्रहं मन्ये द्विरूपमपि मे वपुः ॥ ५८
ଜଙ୍ଗମଂ ପ୍ରୈଷ୍ୟଭବେ ବଃ ସ୍ଥାବରଂ ଚରଣାଙ୍କିତମ୍ ।
ବିଭକ୍ତାନୁଗ୍ରହଂ ମନ୍ୟେ ଦ୍ୱିରୂପମପି ମେ ବପୁଃ ॥ ୫୮

भवत्संभावनोत्थाय परितोषाय मूर्च्छते ।
अपि व्याप्तदिगन्तानि नाङ्गानि प्रभवन्ति मे ॥
ଭବତ୍ସଂଭବନୋତ୍ଥାୟ ପରିତୋଷାୟ ମୂର୍ଚ୍ଛତେ ।
ଅପି ବ୍ୟାପ୍ତଦିଗନ୍ତାନି ନାଙ୍ଗାନି ପ୍ରଭବନ୍ତି ମେ ॥ ୫୯

न केवलं दरीसंस्थं भास्वतां दर्शनेन वः ।
अन्तर्गतमपास्तं मे रजसोऽपि परं तमः ॥ ६०
ନ କେବଳଂ ଦରୀସଂସ୍ଥଂ ଭାସ୍ୱତାଂ ଦର୍ଶନେନ ବଃ ।
ଅନ୍ତର୍ଗତମପାସ୍ତଂ ମେ ରଜସୋଽପି ପରଂ ତମଃ ॥ ୬୦

कर्त्तव्यं वो न पश्यामि स्याच्चेत् किं नोपपद्यते ।
मन्ये मत्पावनायैव प्रस्थानं भवतामिह ॥ ६१
କର୍ତ୍ତବ୍ୟଂ ବୋ ନ ପଶ୍ୟାମି ସ୍ୟାଚ୍ଛେତ୍ କିଂ ନୋପପଦ୍ୟତେ ।
ମନ୍ୟେ ମତ୍ପାବନାୟୈବ ପ୍ରସ୍ଥାନଂ ଭବତାମିହ ॥ ୬୧

तथापि तावत् कस्मिंश्चिदाज्ञां मे दातुमर्हथ ।
विनियोगप्रसादा हि किङ्कराः प्रभविष्णुषु ॥ ६२
ତଥାପି ତାବତ୍ କସ୍ମିଂଶ୍ଚିଦାଜ୍ଞାଂ ମେ ଦାତୁମର୍ହଥ ।
ବିନିୟୋଗପ୍ରସାଦା ହି କିଙ୍କରାଃ ପ୍ରଭବିଷ୍ଣୁଷୁ ॥ ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଜିଠାରୁ ମୁଁ ପ୍ରାଣୀମାନଙ୍କର ତୀର୍ଥସ୍ଥଳ ହେଲି । କାରଣ, ମହାନ୍ ବ୍ୟକ୍ତିମାନେ ଯେଉଁଠି ପଦାର୍ପଣ କରନ୍ତି, ତାହା ହିଁ ତୀର୍ଥସ୍ଥଳ ବୋଲି କଥିତ ହୁଏ । ୫୬

ହେ ବରେଣ୍ୟ ବିପ୍ରଗଣ, ମୋର ମସ୍ତକରେ ପଡୁଥିବା ଗଙ୍ଗାର ଜଳ ଏବଂ ଆପଣମାନଙ୍କର ପାଦ - ପ୍ରକ୍ଷାଳନ-ଜଳ, ଏ ଦୁଇଟି ଦ୍ୱାରା ମୁଁ ନିଜକୁ ପବିତ୍ର ମନେ କରୁଛି । ୫୭

ଆପଣମାନେ ମୋର ଜଙ୍ଗମ (ଗତିଶୀଳ) ଶରୀରକୁ ଭୃତ୍ୟ କରି ଏବଂ ସ୍ଥାବର (ଗତିହୀନ) ଶରୀର ଉପରେ ପାଦ ରଖି ମୋର ଦୁଇ ପ୍ରକାର ସତ୍ତାକୁ ଅନୁଗୃହୀତ କରିଛନ୍ତି । ୫୮

ଆପଣମାନଙ୍କ ଆଗମନ ଦ୍ୱାରା ମୋର ଯେଉଁ ଆନନ୍ଦ ବର୍ଦ୍ଧିତ ହେଉଛି, ତାହା ମୋର ଦିଗ ଦିଗନ୍ତ ବ୍ୟାପୀ ଶରୀରରେ ମଧ୍ୟ ଧୃତ ହୋଇ-ପାରୁ ନାହିଁ । ୫୯

ଆପଣମାନେ ଜ୍ୟୋତିର୍ମୟ । ଆପଣମାନଙ୍କ ଦର୍ଶନ ପାଇ ମୋର ଯେ କେବଳ ଗୁହାଗତ ତମଃ (ଅନ୍ଧକାର) ଦୂର ହୋଇଛି, ତା ନୁହେଁ; ମୋର ହୃଦୟଗତ ରଜଃପରବର୍ତ୍ତୀ ତମଃ (ରଜୋଗୁଣ ପରବର୍ତ୍ତୀ ତମୋଗୁଣ) ମଧ୍ୟ ଦୂର ହୋଇଛି । ୬୦

ଆପଣମାନେ ନିଃସ୍ପୃହ । ତେଣୁ ଆପଣମାନଙ୍କର କୌଣସି କାର୍ଯ୍ୟ ଅଛି, ଏହା ମୁଁ ଭବି ପାରୁନାହିଁ । ଆଉ ଯଦି ବା ଥାଏ, ତେବେ ଆପଣମାନଙ୍କ ତପୋବଳରେ ତାହା ଅନାୟାସରେ ସାଧ୍ୟ । ତେଣୁ ମୁଁ ଭବୁଛି, ଆପଣମାନେ କେବଳ ମୋତେ ପବିତ୍ର କରିବାପାଇଁ ଏଠାକୁ ଆସିଛନ୍ତି ! ୬୧

ତଥାପି ଆପଣମାନେ କୌଣସି ବିଷୟରେ ମୋତେ ଆଜ୍ଞା ଦେବା ହୁଅନ୍ତୁ । ପ୍ରଭୁମାନଙ୍କଠାରୁ ଆଜ୍ଞାପ୍ରାପ୍ତି ହିଁ ଭୃତ୍ୟମାନଙ୍କର ଆନନ୍ଦର କାରଣ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एते वयममी दाराः कन्येयं कुलजीवितम् ।
ब्रूत येनात्र वः कार्यमनास्था वाह्यवस्तुषु ॥ ६३
ଏତେ ବୟମମୀ ଦାରାଃ କନ୍ୟେୟଂ କୁଳଜୀବିତମ୍ ।
ବ୍ରୂତ ଯେନାତ୍ର ବଃ କାର୍ଯ୍ୟମନାସ୍ଥା ବାହ୍ୟବସ୍ତୁଷୁ ॥ ୬୩

इत्यूचिवाँस्तमेवार्थं गुहामुखविसर्पिणा ।
द्विरिव प्रतिशब्देन व्याजहार हिमालयः ॥ ६४
ଇତ୍ୟୂଚିବାଁସ୍ତମେବାର୍ଥଂ ଗୁହାମୁଖବିସର୍ପିଣା ।
ଦ୍ୱିରିବ ପ୍ରତିଶବ୍ଦେନ ବ୍ୟାଜହାର ହିମାଳୟଃ ॥ ୬୪

अथाङ्गिरसमग्रण्यमुदाहरणवस्तुषु ।
ऋषयश्चोदयामासुः सः च प्राह महीधरम् ॥ ६५
ଅଥାଙ୍ଗିରସମଗ୍ରଣ୍ୟମୁଦାହରଣବସ୍ତୁଷୁ ।
ଋଷୟଶ୍ଚୋଦୟାମାସୁଃ ସ ଚ ପ୍ରାହ ମହୀଧରମ୍ ॥ ୬୫

उपपन्नमिदं सर्वमतः परमपि त्वयि ।
मनसः शिखराणां च सदृशी ते समुन्नतिः ॥ ६६
ଉପପନ୍ନମିଦଂ ସର୍ବମତଃ ପରମପି ତ୍ୱୟି ।
ମନସଃ ଶିଖରାଣାଂ ଚ ସଦୃଶୀ ତେ ସମୁନ୍ନତିଃ ॥ ୬୬

स्थाने त्वां स्थावरात्मानं विष्णुमाहुस्तथाहि ते ।
चराचराणां भूतानां कुक्षिराधारतां गतः ॥ ६७
ସ୍ଥାନେ ତ୍ୱାଂ ସ୍ଥାବରାତ୍ମାନଂ ବିଷ୍ଣୁମାହୁସ୍ତଥାହି ତେ ।
ଚରାଚରାଣାଂ ଭୂତାନାଂ କୁକ୍ଷିରାଧାରତାଂ ଗତଃ ॥ ୬୭

गामधास्यत् कथं नागो मृणालमृदुभिः फणैः ।
आरसातलमूलात् त्वमवालम्बिष्यथा न चेत् ॥ ६८
ଗାମଧାସ୍ୟତ୍ କଥଂ ନାଗୋ ମୃଣାଳମୃଦୁଭିଃ ଫଣୈଃ ।
ଆରସାତଳମୂଳାତ୍ ତ୍ୱମବାଲମ୍ବିଷ୍ୟଥା ନ ଚେତ୍ ॥ ୬୮

अच्छिन्नामलसंतानाः समुद्रोर्म्यनिवारिताः ।
पुनन्ति लोकान् पुण्यत्वात् कीर्तयः सरितश्च ते ॥ ६९
ଅଚ୍ଛିନ୍ନାମଳସନ୍ତାନାଃ ସମୁଦ୍ରୋର୍ମ୍ୟନିବାରିତାଃ ।
ପୁନନ୍ତି ଲୋକାନ୍ ପୁଣ୍ୟତ୍ୱାତ୍ କୀର୍ତ୍ତୟଃ ସରିତଶ୍ଚ ତେ ॥ ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁଁ ନିଜେ, ମୋର ସ୍ତ୍ରୀ ଆଉ ମୋ କୁଳର ଜୀବନ ଏଇ କନ୍ୟାଟି, ଆମମାନଙ୍କ ମଧ୍ୟରୁ କାହାଦ୍ୱାରା ଆପଣମାନଙ୍କର କି କାର୍ଯ୍ୟ ସାଧିତ ହୋଇ-ପାରିବ, କୁହନ୍ତୁ । ଧନରତ୍ନ ଆଦି ବାହ୍ୟ ବସ୍ତୁ ଉପରେ ତ ଆମର ଆସ୍ଥା ନଥାଏ । " ୬୩ (ଧନରତ୍ନ ଦେବା ଆମ ପକ୍ଷରେ ସାଧାରଣ କଥା ।)

ଏହିପରି କହି ହିମାଳୟ ନିଜର ସ୍ଥାବର ଶରୀରର ଗୁହାରୂପ ମୁଖରୁ ଉତ୍ଥିତ ପ୍ରତିଧ୍ୱନି ଦ୍ୱାରା ସତେ ଯେପରି ସେହି କଥାକୁ ଆଉ ଥରେ ଆବୃତ୍ତି କଲେ । ୬୪

ତା ପରେ ଋଷିମାନେ ଅଙ୍ଗିରଙ୍କୁ କହିବା ପାଇଁ ଅନୁରୋଧ କଲେ । ଅଙ୍ଗିର ଥିଲେ ପ୍ରାସଙ୍ଗିକ ବିଷୟ ଉପସ୍ଥାପନ କରିବାରେ ପ୍ରବୀଣ । ସେ ହିମାଳୟଙ୍କୁ କହିଲେ :– ୬୫

" ହେ ନଗାଧିରାଜ, ତୁମେ ଯାହା ସବୁ କହିଲ, ତାହା ଏବଂ ତାହାଠାରୁ ଅଧିକ କିଛି ତୁମ ପକ୍ଷରେ ଉପଯୁକ୍ତ । ତୁମ ଶୃଙ୍ଗଗୁଡ଼ିକର ଉଚ୍ଚତା ଯେମିତି, ତୁମ ମନର ଉଚ୍ଚତା ମଧ୍ୟ ସେମିତି । ୬୬

ତୁମକୁ ' ପର୍ବତରୂପୀ ବିଷ୍ଣୁ ' ବୋଲି ଯାହା କୁହାଯାଉଛି, ତାହା ଠିକ୍ । କାରଣ ବିଷ୍ଣୁଙ୍କର ଉଦର ପରି ତୁମର ଉଦର ଚରାଚର ପ୍ରାଣୀ-ମାନଙ୍କର ଆଶ୍ରୟ ସ୍ଥଳ । ୬୭

ତୁମେ ଯଦି ପୃଥିବୀକୁ ପାତାଳମୂଳରୁ ଧାରଣ କରି ନଥାନ୍ତ , ତେବେ ବାସୁକି ନାଗ କଅଣ ତା'ର ମୃଣାଳତୁଲ୍ୟ କୋମଳ ଫଣାରେ ପୃଥିବୀକୁ ଧାରଣ କରି ପାରନ୍ତା ? ୬୮

ତୁମଠାରୁ ନିର୍ଗତ ହୋଇଥିବା ଗଙ୍ଗା ଆଦି ନଦୀଗୁଡ଼ିକ ଅବିଚ୍ଛିନ୍ନ ଭବରେ ପ୍ରବାହିତା ହୋଇ ଏବଂ ସମୁଦ୍ରର ତରଙ୍ଗ ଦ୍ୱାରା ନିବାରିତା ନହୋଇ (ସମୁଦ୍ର ସହିତ ମିଶି) ନିଜର ପବିତ୍ରତା ଗୁଣରେ ସମସ୍ତ ଜଗତକୁ ପବିତ୍ର କରୁଛନ୍ତି । ସେହିପରି ତୁମର କୀର୍ତ୍ତିରାଶି ଅବିଚ୍ଛିନ୍ନ ଭବରେ ପ୍ରବାହିତା ହୋଇ ଏବଂ ସମୁଦ୍ରର ତରଙ୍ଗ ଦ୍ୱାରା ନିବାରିତା ନ ହୋଇ (ସମୁଦ୍ର ଅତିକ୍ରମ କରି) ସମଗ୍ର ଜଗତକୁ ପବିତ୍ର କରୁଅଛି । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यथैव श्लाघ्यते गङ्गा पादेन परमेष्ठिनः ।
प्रभवेण द्वितीयेन तथैवोच्छिरसा त्वया ॥ ७०
ଯଥୈବ ଶ୍ଳାଘ୍ୟତେ ଗଙ୍ଗା ପାଦେନ ପରମେଷ୍ଠିନଃ ।
ପ୍ରଭବେଣ ଦ୍ୱିତୀୟେନ ତଥୈବୋଚ୍ଛିରସା ତ୍ୱୟା ॥ ୭୦

तिर्यगूर्ध्वमधस्ताच्च व्यापको महिमा हरेः ।
त्रिविक्रमोद्यतस्यासीत् स तु स्वाभाविकस्तव ॥ ७१
ତିର୍ଯ୍ୟଗୂର୍ଦ୍ଧ୍ୱମଧସ୍ତାଚ୍ଚ ବ୍ୟାପକୋ ମହିମା ହରେଃ ।
ତ୍ରିବିକ୍ରମୋଦ୍ୟତସ୍ୟାସୀତ୍ ସ ତୁ ସ୍ୱାଭବିକସ୍ତବ ॥ ୭୧

यज्ञभागभुजां मध्ये पदमातस्थुषा त्वया ।
उच्चैर्हिरण्मयं शृङ्गं सुमेरोर्वितथीकृतम् ॥ ७२
ଯଜ୍ଞଭଗଭୁଜାଂ ମଧ୍ୟେ ପଦମାତସ୍ଥୁଷା ତ୍ୱୟା ।
ଉଚ୍ଚୈର୍ହିରଣ୍ମୟଂ ଶୃଙ୍ଗଂ ସୁମେରୋର୍ବିତଥୀକୃତମ୍ ॥ ୭୨

काठिन्यं स्थावरे काये भवता सर्वमर्पितम् ।
इदं तु ते भक्तिनम्रं सतामाराधनं वपुः ॥ ७३
କାଠିନ୍ୟଂ ସ୍ଥାବରେ କାୟେ ଭବତା ସର୍ବମର୍ପିତମ୍ ।
ଇଦଂ ତୁ ତେ ଭକ୍ତିନମ୍ରଂ ସତାମାରଧନଂ ବପୁଃ ॥ ୭୩

तदागमनकार्यं नः शृणु कार्यं तवैव तत् ।
श्रेयसामुपदेशात् तु वयमत्रांशभागिनः ॥ ७४
ତଦାଗମନକାର୍ଯ୍ୟଂ ନଃ ଶୃଣୁ କାର୍ଯ୍ୟଂ ତବୈବ ତତ୍ ।
ଶ୍ରେୟସାମୁପଦେଶାତ୍ ତୁ ବୟମତ୍ରାଂଶଭଗିନଃ ॥ ୭୪

अणिमादि गुणोपेतमस्पृष्ट पुरुषान्तरम् ।
शब्दमीश्वर इत्युच्चैः सार्द्धचन्द्रं बिभर्ति यः ॥ ७५
ଅଣିମାଦି ଗୁଣୋପେତମସ୍ପୃଷ୍ଟ ପୁରୁଷାନ୍ତରମ୍ ।
ଶବ୍ଦମୀଶ୍ୱର ଇତ୍ୟୁଚ୍ଚୈଃ ସାର୍ଦ୍ଧଚନ୍ଦ୍ରଂ ବିଭର୍ତ୍ତି ଯଃ ॥ ୭୫

कलितान्योन्यसामर्थ्यैः पृथिव्यादिभिरात्मभिः ।
येनेदं ध्रियते विश्वं धुर्यैर्यानमिवाध्वनि ॥ ७६
କଳିତାନ୍ୟୋନ୍ୟସାମର୍ଥ୍ୟୈଃ ପୃଥିବ୍ୟାଦିଭିରାତ୍ମଭିଃ ।
ଯେନେଦଂ ଧ୍ରିୟତେ ବିଶ୍ୱଂ ଧୁର୍ଯ୍ୟୈର୍ଯାନମିବାଧ୍ୱନି ॥ ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଙ୍ଗା ବିଷ୍ଣୁଙ୍କ ପାଦରୁ ଜାତ ହୋଇ ଯେପରି ଗୌରବାନ୍ୱିତା ହୋଇଅଛି, ତୁମର ଉନ୍ନତ ଶିଖରରୁ ଦ୍ୱିତୀୟ ବାର ଜାତ ହୋଇ ସେ ସେହିପରି ଗୌରବାନ୍ୱିତା ହୋଇଅଛି । ୭୦

ବିଷ୍ଣୁ ଯେତେବେଳେ ତ୍ରିବିକ୍ରମ ରୂପ ଧାରଣ କରିଥିଲେ, ସେତେବେଳେ ତାଙ୍କର ମହିମା ଅଧଃ, ଊର୍ଦ୍ଧ୍ୱ, ତିର୍ଯ୍ୟକ (ତେରଛା) ସବୁ ଦିଗକୁ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ତୁମର ମହିମା ସ୍ୱଭାବତଃ ସର୍ବତ୍ର ପରିବ୍ୟାପ୍ତ । ୭୧

ତୁମେ ଯଜ୍ଞାଂଶଭୋଜୀ ଇନ୍ଦ୍ରାଦି ଦେବତାମାନଙ୍କ ମଧ୍ୟରେ ସ୍ଥାନ ଲାଭ କରି ସୁମେରୁ ପର୍ବତର ସ୍ୱର୍ଣ୍ଣମୟ ଶୃଙ୍ଗକୁ ନିଷ୍ଫଳ କରିଦେଇଛ । (ସୁମେରୁ ପର୍ବତ ଯଜ୍ଞରେ ଆହୁତି ପାଇବାର ଅଧିକାରୀ ନୁହେଁ ।) ୭୨

ଯେତେ କାଠିନ୍ୟ, ତାହା କେବଳ ତୁମର ସ୍ଥାବର ଶରୀରରେ । କିନ୍ତୁ ତୁମର ଏଇ ଭକ୍ତିନମ୍ର ଜଙ୍ଗମ (ଗତିଶୀଳ, ଦେବତାତ୍ମକ) ଶରୀର ସଜ୍ଜନମାନଙ୍କ ପ୍ରତି ଆରାଧନାର ସାଧନ । ୭୩

ତା'ହେଲେ, ଆମମାନଙ୍କର ଆଗମନର କାରଣ ଶୁଣ । ବସ୍ତୁତଃ ଏହା ତୁମରି ହିତକର । ଆମେ ତୁମକୁ ମଙ୍ଗଳ-ଉପଦେଶ ଦେଇ ଏଥିରେ କିଛି ଅଂଶ ଗ୍ରହଣ କରୁଛୁଁ ମାତ୍ର । ୭୪

ଯେ ମସ୍ତକରେ ଅର୍ଦ୍ଧଚନ୍ଦ୍ର ସହିତ ମହନୀୟ "ଈଶ୍ୱର" ନାମ ଧାରଣ କରନ୍ତି, ଯେଉଁ ନାମ କି ଅଣିମା ଆଦି ଅଷ୍ଟ ଐଶ୍ୱର୍ଯ୍ୟର ଆକର, ଯେଉଁ ନାମ କି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବୁଝାଏ ନାହିଁ, ୭୫

ପରସ୍ପରର ଶକ୍ତି ବୃଦ୍ଧି କରୁଥିବା ପୃଥ୍ୱୀ, ଜଳ ଓ ବାୟୁ ଆଦି ଯାହାଙ୍କର ମୂର୍ତ୍ତି ଏବଂ ପଥରେ ଅଶ୍ୱମାନଙ୍କ ଦ୍ୱାରା ରଥ ଯେପରି ଧାରଣ କରାଯାଏ, ସେହିପରି ନିଜର ବିଭିନ୍ନ ମୂର୍ତ୍ତିଦ୍ୱାରା ଯେ ଏହି ସମଗ୍ର ବିଶ୍ୱକୁ ଧାରଣ କରିଛନ୍ତି, ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

योगिनो यं विचिन्वन्ति क्षेत्राभ्यन्तरवर्तिनम् ।
अनावृत्तिभयं यस्य पदमाहुर्मनीषिणः ॥ ७७
ଯୋଗିନୋ ଯଂ ବିଚିନ୍ୱନ୍ତି କ୍ଷେତ୍ରାଭ୍ୟନ୍ତରବର୍ତ୍ତିନମ୍ ।
ଅନାବୃତ୍ତିଭୟଂ ଯସ୍ୟ ପଦମାହୁର୍ମନୀଷିଣଃ ॥ ୭୭

स ते दुहितरं साक्षात् साक्षी विश्वस्य कर्मणाम् ।
वृणुते वरदः शम्भुरस्मत्संक्रामितैः पदैः ॥ ७८
ସ ତେ ଦୁହିତରଂ ସାକ୍ଷାତ୍ ସାକ୍ଷୀ ବିଶ୍ୱସ୍ୟ କର୍ମଣାମ୍ ।
ବୃଣୁତେ ବରଦଃ ଶମ୍ଭୁରସ୍ମତ୍ସଂକ୍ରାମିତୈଃ ପଦୈଃ ॥ ୭୮

तमर्थमिव भारत्या सुतया योक्तुमर्हसि ।
अशोच्या हि पितुः कन्या सद्भर्तृप्रतिपादिता ॥ ७९
ତମର୍ଥମିବ ଭାରତ୍ୟା ସୁତୟା ଯୋକ୍ତୁମର୍ହସି ।
ଅଶୋଚ୍ୟା ହି ପିତୁଃ କନ୍ୟା ସଦ୍‌ଭର୍ତ୍ତୃପ୍ରତିପାଦିତା ॥ ୭୯

यावन्त्येतानि भूतानि स्थावराणि चराणि च ।
मातरं कल्पयन्त्वेनामीशो हि जगतः पिता ॥ ८०
ଯାବନ୍ତ୍ୟେତାନି ଭୂତାନି ସ୍ଥାବରାଣି ଚରାଣି ଚ ।
ମାତରଂ କଳ୍ପୟନ୍ତ୍ୱେନାମୀଶୋ ହି ଜଗତଃ ପିତା ॥ ୮୦

प्रणम्य शितिकण्ठाय विबुधास्तदनन्तरम् ।
चरणौ रञ्जयन्त्वस्याश्चूडामणिमरीचिभिः ॥ ८१
ପ୍ରଣମ୍ୟ ଶିତିକଣ୍ଠାୟ ବିବୁଧାସ୍ତଦନନ୍ତରମ୍ ।
ଚରଣୌ ରଞ୍ଜୟନ୍ତ୍ୱସ୍ୟାଶ୍ଚୂଡାମଣିମରୀଚିଭିଃ ॥ ୮୧

उमा वधूर्भवान् दाता याचितार इमे बयम् ।
वरः शम्भुरलं ह्येष त्वत्कुलोद्भूतये बिधिः ॥ ८२
ଉମା ବଧୂର୍ଭବାନ୍ ଦାତା ଯାଚିତାର ଇମେ ବୟମ୍ ।
ବରଃ ଶମ୍ଭୁରଲଂ ହ୍ୟେଷ ତ୍ୱତ୍କୁଲୋଦ୍‌ଭୂତୟେ ବିଧିଃ ॥ ୮୨

अस्तोतुः स्तूयमानस्य वन्द्यस्यानन्यवन्दिनः ।
सुतासंबन्धविधिना भव विश्वगुरोर्गुरुः ॥ ८३
ଅସ୍ତୋତୁଃ ସ୍ତୂୟମାନସ୍ୟ ବନ୍ଦ୍ୟସ୍ୟାନନ୍ୟବନ୍ଦିନଃ ।
ସୁତାସଂବନ୍ଧବିଧିନା ଭବ ବିଶ୍ୱଗୁରୋର୍ଗୁରୁଃ ॥ ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୋଗୀମାନେ ଯାହାଙ୍କୁ ନିଜର ଶରୀରସ୍ଥ ଅନ୍ତରାତ୍ମାରେ ଅନ୍ୱେଷଣ କରନ୍ତି, ଯାହାଙ୍କର ସ୍ୱରୂପ ଉପଲବ୍‌ଧି କଲେ ଜନ୍ମମରଣାଦି ସଂସାର ବନ୍ଧନ ଛିନ୍ନ ହୁଏ ବୋଲି ମନୀଷୀମାନେ କହନ୍ତି, ୭୭

ବିଶ୍ୱର ସକଳ କର୍ମର ସାକ୍ଷୀ, ବରଦ ସେହି ଶିବ ନିଜେ ତୁମର କନ୍ୟାକୁ ପତ୍ନୀରୂପେ ପାଇବାକୁ ବରଣ କରୁଛନ୍ତି । ଏହି ବିଷୟ ସେ ଆମ-ମାନଙ୍କ ଦ୍ୱାରା ଆପଣଙ୍କୁ ଜଣାଇଛନ୍ତି । ୭୮

ବାଣୀ ସହିତ ଯେପରି ଅର୍ଥକୁ ସଂଯୋଜିତ କରାଯାଏ, ସେହି-ପରି ତୁମ କନ୍ୟା ସହିତ ଶିବଙ୍କୁ ସଂଯୋଜିତ କରିବା ତୁମ ପକ୍ଷରେ ଉଚିତ । କାରଣ, କନ୍ୟାକୁ ସତ୍ ପାତ୍ରରେ ଅର୍ପଣ କଲେ ପିତା ତା'ପାଇଁ ଆଉ ଚିନ୍ତା କରନ୍ତି ନାହିଁ । ୭୯

ଜଗତରେ ସ୍ଥାବର ଜଙ୍ଗମ ଯେତେ ପ୍ରାଣୀ,ସମସ୍ତେ ତୁମ କନ୍ୟାକୁ ମାଆ ରୂପେ ଲଭ କରନ୍ତୁ । ଯେହେତୁ, ଶିବ ହେଉଛନ୍ତି ଜଗତର ପିତା । ୮୦

ଦେବତାମାନେ ଶିବଙ୍କୁ ପ୍ରଣାମ କରି, ତୁମ କନ୍ୟାଙ୍କର ପଦଦ୍ୱୟକୁ ସେମାନଙ୍କ ମୁକୁଟମଣିର କିରଣରେ ରଞ୍ଜିତ କରନ୍ତୁ । ୮୧

ପାର୍ବତୀ କନ୍ୟା, ତୁମେ ଦାତା, ଆମେମାନେ ଅନୁରୋଧକାରୀ, ଶିବ ବର—ଏ ସବୁ ନିଶ୍ଚୟ ତୁମ କୁଳର ଗୌରବଶ୍ରୀ ବଢ଼ାଇବ । ୮୨

ଯେ କାହାରି ସ୍ତୁତି କରନ୍ତି ନାହିଁ, ସମସ୍ତେ ଯାହାଙ୍କର ସ୍ତୁତି କରନ୍ତି, ଯେ କାହାରି ବନ୍ଦନା କରନ୍ତି ନାହିଁ, ସମସ୍ତେ ଯାହାଙ୍କର ବନ୍ଦନା କରନ୍ତି,ସେହି ଶିବଙ୍କୁ କନ୍ୟା ସଂପ୍ରଦାନ କରି ତୁମେ ତାଙ୍କର ପୂଜ୍ୟ ହୁଅ ।" ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एवंवादिनि देवर्षौ पार्श्वे पितुरधोमुखी ।
लीलाकमलपत्राणि गणयामास पार्वती ॥ ८४
ଏବଂବାଦିନି ଦେବର୍ଷୌ ପାର୍ଶ୍ୱେ ପିତୁରଧୋମୁଖୀ ।
ଲୀଳାକମଳପତ୍ରାଣି ଗଣୟାମାସ ପାର୍ବତୀ ॥ ୮୪

शैलः संपूर्णकामोऽपि मेनामुखमुदैक्षत ।
प्रायेण गृहिणीनेत्राः कन्यार्थेषु कुटुम्बिनः ॥ ८५
ଶୈଳଃ ସଂପୂର୍ଣ୍ଣକାମୋଽପି ମେନାମୁଖମୁଦୈକ୍ଷତ ।
ପ୍ରାୟେଣ ଗୃହିଣୀନେତ୍ରାଃ କନ୍ୟାର୍ଥେଷୁ କୁଟୁମ୍ବିନଃ ॥ ୮୫

मेने मेनापि तत्सर्वं पत्युः कार्यमभीप्सितम् ।
भवन्त्यव्यभिचारिण्यो भर्तुरिष्टे पतिव्रताः ॥ ८६
ମେନେ ମେନାପି ତତ୍‌ସର୍ବଂ ପତ୍ୟୁଃ କାର୍ଯ୍ୟମଭୀପ୍‌ସିତମ୍ ।
ଭବନ୍ତ୍ୟବ୍ୟଭିଚାରିଣ୍ୟୋ ଭର୍ତ୍ତୁରିଷ୍ଟେ ପତିବ୍ରତାଃ ॥ ୮୬

इदमत्रोत्तरं न्याय्यमिति बुद्ध्या विमृश्य सः ।
आददे वचसामन्ते मङ्गलालङ्कृतां सुताम् ॥ ८७
ଇଦମତ୍ରୋତ୍ତରଂ ନ୍ୟାଯ୍ୟମିତି ବୁଦ୍ଧ୍ୟା ବିମୃଶ୍ୟ ସଃ ।
ଆଦଦେ ବଚସାମନ୍ତେ ମଙ୍ଗଳାଳଙ୍କୃତାଂ ସୁତାମ୍ ॥ ୮୭

एहि विश्वात्मने वत्से भिक्षासि परिकल्पिता ।
अर्थिनो मुनयः प्राप्तं गृहमेधिफलं मया ॥ ८८
ଏହି ବିଶ୍ୱାତ୍ମନେ ବତ୍ସେ ଭିକ୍ଷାସି ପରିକଳ୍ପିତା ।
ଅର୍ଥିନୋ ମୁନୟଃ ପ୍ରାପ୍ତଂ ଗୃହମେଧିଫଳଂ ମୟା ॥ ୮୮

एतावदुक्त्वा तनयामृषीनाह महीधरः ।
इयं नमति वः सर्वांस्त्रिलोचनवधूरिति ॥ ८९
ଏତାବଦୁକ୍ତ୍ୱା ତନୟାମୃଷୀନାହ ମହୀଧରଃ ।
ଇୟଂ ନମତି ବଃ ସର୍ବାଁସ୍ତ୍ରିଲୋଚନବଧୂରିତି ॥ ୮୯

ईप्सितार्थक्रियोदारं तेऽभिनन्द्य गिरेर्वचः ।
आशीर्भिरेधयामासुः पुरःपाकाभिरम्बिकाम् ९०
ଈପ୍‌ସିତାର୍ଥକ୍ରିୟୋଦାରଂ ତେଽଭିନନ୍ଦ୍ୟ ଗିରେର୍ବଚଃ ।
ଆଶୀର୍ଭିରେଧୟାମାସୁଃ ପୁରଃପାକାଭିରମ୍ବିକାମ୍ ॥ ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବର୍ଷି ଅଙ୍ଗିର ଏହିପରି କହୁଥିଲାବେଳେ ପାର୍ବତୀ ପିତାଙ୍କ ପାଖରେ ଠିଆ ହୋଇ, ତଳକୁ ମୁହଁ କରି ହାତରେ ଧରିଥିବା ପଦ୍ମଫୁଲର ପାଖୁଡ଼ାଗୁଡ଼ିକ ଗଣୁଥିଲେ । ୮୪

ବର୍ତ୍ତମାନ ନଗାଧିରାଜଙ୍କର କାମନା ସଫଳ ହୋଇଥିଲା । ତଥାପି ସେ ମେନାଙ୍କ ମୁହଁକୁ ଚାହିଁଲେ । କାରଣ ଗୃହସ୍ଥମାନେ କନ୍ୟାଦାନ ବିଷୟରେ ସାଧାରଣତଃ ନିଜର ପତ୍ନୀଙ୍କୁ ମୁଖ୍ୟ ବୋଲି ମାନନ୍ତି । ୮୫

ମେନା ମଧ୍ୟ ସ୍ୱାମୀଙ୍କର ଅଭିଳାଷକୁ (ଶିବଙ୍କୁ କନ୍ୟା ପ୍ରଦାନ କରିବାର କାମନାକୁ) ଅନୁମୋଦନ କଲେ । ପତିବ୍ରତା ପତ୍ନୀମାନେ ପତିମାନଙ୍କ ଅଭିଳଷିତ କାର୍ଯ୍ୟରେ କଦାପି ପ୍ରତିବନ୍ଧକ ହୁଅନ୍ତି ନାହିଁ । ୮୬

ଋଷି କହିସାରିଲା ପରେ ନଗାଧିରାଜ " ଏ ବିଷୟରେ ଏହା ହିଁ ଉପଯୁକ୍ତ ଉତ୍ତର ହେବ " ମନରେ ଚିନ୍ତା କରି, କନ୍ୟାକୁ ମଙ୍ଗଳବେଶରେ ସଜ୍ଜିତା କରାଇ ଆଣି କହିଲେ :–୮୭

" ବତ୍ସେ, ପାଖକୁ ଆସ । ବିଶ୍ୱାତ୍ମା ଶିବ ତୋତେ ପତ୍ନୀରୂପେ ପାଇବା ପାଇଁ କାମନା କରୁଛନ୍ତି । ଏହି ମୁନିଗଣ ଆସି ମୋତେ ଅନୁରୋଧ ଜଣାଉଛନ୍ତି । ବର୍ତ୍ତମାନ ମୋତେ ମୋ ଗୃହସ୍ଥ ଜୀବନର ଫଳ ପ୍ରାପ୍ତ ହୋଇଛି । ୮୮"

ନଗାଧିରାଜ କନ୍ୟାକୁ ଏତିକି କହି ଋଷିମାନଙ୍କୁ କହିଲେ–"ଶିବଙ୍କର ପତ୍ନୀ ଆପଣମାନଙ୍କୁ ସମସ୍ତଙ୍କୁ ପ୍ରଣାମ କରୁଛି । ୮୯"

ଋଷିମାନେ ହିମାଳୟଙ୍କଠାରେ ସେମାନଙ୍କର ଅଭିଳଷିତ କାର୍ଯ୍ୟ ସିଦ୍ଧ ହୋଇ ଥିବାର ଦେଖି ଏବଂ ତାଙ୍କର ଉଦାର ବଚନ ଶୁଣି ଅଭିନନ୍ଦନ ଜଣାଇଲେ ଏବଂ ପାର୍ବତୀଙ୍କୁ ଅଚିର-ଫଳପ୍ରସୂ ଆଶୀର୍ବାଦ ଦେଇ ସଂବର୍ଦ୍ଧନା କଲେ । ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तां प्रणामादर स्रस्त जाम्बूनद वतंसकाम् ।
अङ्कमारोपयामास लज्जमानामरुन्धती ॥ ९१
ତାଂ ପ୍ରଣାମାଦର ସ୍ରସ୍ତ ଜାମ୍ବୂନଦ ବତଂସକାମ୍ ।
ଅଙ୍କମାରୋପୟାମାସ ଲଜ୍ଜମାନାମରୁନ୍ଧତୀ ॥ ୯୧

तन्मातरं चाश्रुमुखीं दुहितृस्नेहविक्लवाम् ।
वरस्यानन्यपूर्वस्य विशोकामकरोद् गुणैः ॥ ९२
ତନ୍ମାତରଂ ଚାଶ୍ରୁମୁଖୀଂ ଦୁହିତୃସ୍ନେହବିକ୍ଳବାମ୍ ।
ବରସ୍ୟାନନ୍ୟପୂର୍ବସ୍ୟ ବିଶୋକାମକରୋଦ୍ ଗୁଣୈଃ ॥ ୯୨

वैवाहिकीं तिथिं पृष्टास्तत्क्षणं हरबन्धुना ।
ते त्र्यहादूर्ध्वमाख्याय चेरुश्चीरपरिग्रहाः ॥ ९३
ବୈବାହିକୀଂ ତିଥିଂ ପୃଷ୍ଟାସ୍ତତ୍କ୍ଷଣଂ ହରବନ୍ଧୁନା ।
ତେ ତ୍ର୍ୟହାଦୂର୍ଦ୍ଧ୍ୱମାଖ୍ୟାୟ ଚେରୁଶ୍ଚୀରପରିଗ୍ରହାଃ ॥ ୯୩

ते हिमालयमामन्त्र्य पुनः प्राप्य च शूलिनम् ।
सिद्धं चास्मै निवेद्यार्थं तद्विसृष्टाः खमुद्ययुः ॥ ९४
ତେ ହିମାଳୟମାମନ୍ତ୍ର୍ୟ ପୁନଃ ପ୍ରାପ୍ୟ ଚ ଶୂଳିନମ୍ ।
ସିଦ୍ଧଂ ଚାସ୍ମୈ ନିବେଦ୍ୟାର୍ଥଂ ତଦ୍ବିସୃଷ୍ଟାଃ ଖମୁଦ୍ୟୟୁଃ ॥ ୯୪

ପଶୁପତିରପି ତାନ୍ୟହାନି କୃଚ୍ଛ୍ରା-
ଦଗମୟଦଦ୍ରିସୁତାସମାଗମୋତ୍କଃ ।
କମପରମବଶଂ ନ ବିପ୍ରକୁର୍ଯୁ-
ର୍ବିଭୁମପି ତଂ ଯଦମୀ ସ୍ପୃଶନ୍ତି ଭାବାଃ ॥ ୯୫

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
उमाप्रदानो नाम षष्ठः सर्गः ॥

— × —

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାର୍ବତୀ ଲଜ୍ଜଲଜ ହୋଇ ଋଷିମାନଙ୍କୁ ସମ୍ମାନର ସହିତ ପ୍ରଣାମ କଲେ । ପ୍ରଣାମ କଲବେଳେ ତାଙ୍କ କର୍ଣ୍ଣରୁ ସୁବର୍ଣ୍ଣଭୂଷଣ ଖସି ପଡ଼ିଲା । ଅରୁନ୍ଧତୀ ତାଙ୍କୁ ଟାଣିନେଇ କୋଳରେ ବସାଇଲେ । ୯୧

ଝିଅ ପ୍ରତି ଅପାର ସ୍ନେହ ହେତୁ ମାଆଙ୍କର (ମେନାଙ୍କର) ଚକ୍ଷୁ ସଜଳ ହୋଇ ଉଠିଲା । ଅରୁନ୍ଧତୀ ଜାମାତାଙ୍କର ଅନନ୍ୟସାଧାରଣ ଗୁଣମାନ ବର୍ଣ୍ଣନା କରି ତାଙ୍କର ଶୋକ ଦୂର କଲେ । ୯୨

ଶିବଙ୍କର ଭବୀ ଶ୍ୱଶୂର (ହିମାଳୟ) ସଙ୍ଗେ ସଙ୍ଗେ ସପ୍ତର୍ଷିଙ୍କୁ ବିବାହର ତିଥି ପଚ୍ଚରନ୍ତେ, ବଲ୍କଳବସନପରିହିତ ସପ୍ତର୍ଷି "ତିନିଦିନ ଅନ୍ତେ ଚତୁର୍ଥ ଦିନ ବିବାହ ତିଥି" ଏହା କହି ଆସନରୁ ଉଠିଲେ । ୯୩

ସେମାନେ ହିମାଳୟଙ୍କ ଠାରୁ ବିଦାୟ ନେଇ, ପୁଣି ଶିବଙ୍କ ନିକଟରେ ପହଞ୍ଚିଲେ ଏବଂ ତାଙ୍କୁ କାର୍ଯ୍ୟ ସିଦ୍ଧି ବିଷୟ ଜଣାଇ, ତାଙ୍କଠାରୁ ବିଦାୟ ନେଇ ଆକାଶ ମଣ୍ଡଳକୁ ଚ୍ଚଲିଗଲେ । ୯୪

ପାର୍ବତୀଙ୍କ ସହିତ ମିଳନ ଆଶାରେ ଉତ୍କଣ୍ଠିତ ହୋଇ ଶିବ କୌଣସି ପ୍ରକାରେ ସେହି ତିନିଟି ଦିନ ଅତିବାହିତ କଲେ । ଯେଉଁ ବିଭୁ ମାୟାର ଅଧୀନ ନୁହନ୍ତି, ତାଙ୍କୁ ଯେତେବେଳେ କାମାଦିଭବ ବିଚଳିତ କରି-ପାରିଲା, କେଉଁ ଅବଶ ବ୍ୟକ୍ତି (ମାୟାର ଅଧୀନ ବ୍ୟକ୍ତି) ବା ତାହାଦ୍ୱାରା ବିଚଳିତ ନ ହେବ ? ୯୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सप्तमः सर्गः

अथौषधीनामधिपस्य वृद्धौ तिथौ च जामित्रगुणान्वितायाम् ।
समेतबन्धुर्हिमवान् सुताया विवाहदीक्षाविधिमन्वतिष्ठत् ॥ १
ଅଥୌଷଧୀନାମଧିପସ୍ୟ ବୃଦ୍ଧୌ ତିଥୌ ଚ ଜାମିତ୍ରଗୁଣାନ୍ୱିତାୟାମ୍ ।
ସମେତବନ୍ଧୁର୍ହିମବାନ୍ ସୁତାୟା ବିବାହଦୀକ୍ଷାବିଧିମନ୍ୱତିଷ୍ଠତ୍ ॥ ୧

वैवाहिकैः कौतुकसंविधानैर्गृहे गृहे व्यग्रपुरन्ध्रिवर्गम् ।
आसीत् पुरं सानुमतोऽनुरागादन्तःपुरं चैककुलोपमेयम् ॥ २
ବୈବାହିକୈଃ କୌତୁକସଂବିଧାନୈର୍ଗୃହେ ଗୃହେ ବ୍ୟଗ୍ରପୁରନ୍ଧ୍ରିବର୍ଗମ୍ ।
ଆସୀତ୍ ପୁରଂ ସାନୁମତୋଽନୁରାଗାଦନ୍ତଃପୁରଂ ଚୈକକୁଲୋପମେୟମ୍ ॥ ୨

सन्तानकाकीर्णमहापथं तच्चीनांशुकैः कल्पितकेतुमालम् ।
भासोज्ज्वलत्काञ्चनतोरणानां स्थानान्तरं स्वर्ग इवावभासे ॥ ३
ସନ୍ତାନକାକୀର୍ଣ୍ଣମହାପଥଂ ତଚ୍ଚୀନାଂଶୁକୈଃ କଳ୍ପିତକେତୁମାଳମ୍ ।
ଭସୋଜ୍ଜ୍ୱଳତ୍କାଞ୍ଚନତୋରଣାନାଂ ସ୍ଥାନାନ୍ତରଂ ସ୍ୱର୍ଗ ଇବାବଭସେ ॥ ୩

एकैव सत्यामपि पुत्रपङ्क्तौ चिरस्य दृष्टेव मृतोत्थितेव ।
आसन्नपाणिग्रहणेति पित्रोरुमा विशेषोच्छ्वसितं बभूव ॥ ४
ଏକୈବ ସତ୍ୟାମପି ପୁତ୍ରପଙ୍କ୍ତୌ ଚିରସ୍ୟ ଦୃଷ୍ଟେବ ମୃତୋତ୍ଥିତେବ ।
ଆସନ୍ନପାଣିଗ୍ରହଣେତି ପିତ୍ରୋରୁମା ବିଶେଷୋଚ୍ଛ୍ୱସିତଂ ବଭୂବ ॥ ୪

अङ्काद् ययावङ्कमुदीरिताशीः सा मण्डनान्मण्डनमन्वभुङ्क्त ।
संबन्धिभिन्नोऽपि गिरेः कुलस्य स्नेहस्तदेकायतनं जगाम ॥ ५
ଅଙ୍କାଦ୍ ଯଯାବଙ୍କମୁଦୀରିତାଶୀଃ ସା ମଣ୍ଡନାନ୍ମଣ୍ଡନମନ୍ୱଭୁଙ୍କ୍ତ ।
ସମ୍ବନ୍ଧିଭିନ୍ନୋଽପି ଗିରେଃ କୁଳସ୍ୟ ସ୍ନେହସ୍ତଦେକାୟତନଂ ଜଗାମ ॥ ୫

मैत्रे मुहूर्ते शशलाञ्छनेन योगं गतासूत्तरफल्गुनीषु ।
तस्याः शरीरे प्रतिकर्म चक्रुर्बन्धुस्त्रियो याः पतिपुत्रवत्यः ॥ ६
ମୈତ୍ରେ ମୁହୂର୍ତ୍ତେ ଶଶଲାଞ୍ଛନେନ ଯୋଗଂ ଗତାସୂତ୍ତରଫଲ୍ଗୁନୀଷୁ ।
ତସ୍ୟାଃ ଶରୀରେ ପ୍ରତିକର୍ମ ଚକ୍ରୁର୍ବନ୍ଧୁସ୍ତ୍ରିୟୋ ଯାଃ ପତିପୁତ୍ରବତ୍ୟଃ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସପ୍ତମ ସର୍ଗ

ତା'ପରେ, ହିମାଳୟ ଶୁକ୍ଳପକ୍ଷରେ ଲଗ୍ନରୁ ସପ୍ତମ ସ୍ଥାନର ଶୁଦ୍ଧି ଥିବା ତିଥିରେ, ବନ୍ଧୁବାନ୍ଧବମାନଙ୍କ ସହିତ ମିଳି କନ୍ୟାର ବିବାହ ଉତ୍ସବର ଆୟୋଜନ କଲେ । ୧

ଘରେଘରେ ଅନୁରାଗବଶତଃ ବିବାହର ମଙ୍ଗଳ ବିଧାନମାନ ଲାଗିଗଲା ! ଗୃହିଣୀମାନେ ଉତ୍ସବରେ ବ୍ୟସ୍ତ ରହିଲେ । ହିମାଳୟଙ୍କର ସମଗ୍ର ଓଷଧିପ୍ରସ୍ଥ ନଗର ଓ ଅନ୍ତଃପୁର ଗୋଟିଏ ଘର ଭଳି ହୋଇଗଲା । ୨

ରାଜମାର୍ଗରେ ସନ୍ତାନକ (କଳ୍ପବୃକ୍ଷ) ବୃକ୍ଷମାନଙ୍କର ଫୁଲ ବିଛେଇ ହୋଇଗଲା । ଚୀନବସ୍ତ୍ରରେ ନିର୍ମିତ ପତାକାମାନ ଉଡ଼ିଲା । ସୁବର୍ଣ୍ଣ ତୋରଣର କାନ୍ତିରେ ଚତୁର୍ଦ୍ଦିଗ ଉଜ୍ଜ୍ୱଳ ଦିଶିଲା । ତେଣୁ ସେହି ନଗର ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବା ସ୍ୱର୍ଗ ପରି ଜଣା ପଡ଼ିଲା । ୩

ହିମାଳୟଙ୍କର ଅନେକଗୁଡ଼ିଏ ପୁଅ ଝିଅ ଥିଲେ । ତଥାପି ପାର୍ବତୀ ଅଳ୍ପସମୟ ମଧ୍ୟରେ ବିବାହିତା ହୋଇ ଚାଲିଯିବେ, ସେଥି ପାଇଁ ସେହି ଝିଅଟି ବିଶେଷଭାବରେ ପିତାମାତାଙ୍କର ପ୍ରାଣ ଭଳି ହୋଇଗଲା । ସତେ ଯେପରି ସେମାନେ ତାଙ୍କୁ ବହୁକାଳ ପରେ ଦେଖୁଥିଲେ !! ସତେ ଯେପରି ସେ ମୃତ ହୋଇଯାଇଥିଲା, ପୁଣି ଜୀବିତ ହୋଇ ଫେରି ଆସିଛି !!! ୪

ସମସ୍ତେ ପାର୍ବତୀଙ୍କୁ ଆଶୀର୍ବାଦ ଦେଇ କୋଳରୁ କୋଳକୁ ନେଲେ । ଗୋଟିଏ ଭୂଷଣ ପରେ ଆଉ ଗୋଟିଏ ଭୂଷଣରେ ମଣ୍ଡିତ କଲେ । ସମଗ୍ର କୁଳର ସ୍ନେହ ପାର୍ବତୀଙ୍କ ଉପରେ ଠୁଳ ହୋଇଗଲା । ୫

ମୈତ୍ରମୁହୂର୍ତ୍ତରେ (ସୂର୍ଯ୍ୟୋଦୟରୁ ପର ତୃତୀୟ ମହୂର୍ତ୍ତରେ), ଚନ୍ଦ୍ରସହିତ ଉତ୍ତର ଫଲ୍‌ଗୁନୀ ନକ୍ଷତ୍ରର ଯୋଗରେ ବନ୍ଧୁବାନ୍ଧବମାନଙ୍କର ପତିପୁତ୍ରବତୀ ସ୍ତ୍ରୀମାନେ ପାର୍ବତୀଙ୍କୁ ବିବାହ ବେଶ ପିନ୍ଧାଇଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा गौरसिद्धार्थनिवेशवद्भिर्दूर्वाप्रवालैः प्रतिभिन्नशोभम् ।
निर्नाभि कौशेयमुपात्तबाणमभ्यङ्गनेपथ्यमलञ्चकार ॥ ७
ସା ଗୌରସିଦ୍ଧାର୍ଥନିବେଶବଦ୍‌ଭିର୍ଦୂର୍ବାପ୍ରବାଳୈଃ ପ୍ରତିଭିନ୍ନଶୋଭମ୍ ।
ନିର୍ନାଭି କୌଶେୟମୁପାତ୍ତବାଣମଭ୍ୟଙ୍ଗନେପଥ୍ୟମଳଞ୍ଚକାର ॥ ୭

बभौ च संपर्कमुपेत्य बाला नवेव दीक्षाविधिसायकेन ।
करेण भानोर्बहुलावसाने संधुक्ष्यमाणेव शशाङ्कलेखा ॥ ८
ବଭୌ ଚ ସଂପର୍କମୁପେତ୍ୟ ବାଳା ନବେବ ଦୀକ୍ଷାବିଧିସାୟକେନ ।
କରେଣ ଭନୋର୍ବହୁଳାବସାନେ ସଂଧୁକ୍ଷ୍ୟମାଣେବ ଶଶାଙ୍କଲେଖା ॥ ୮

तां लोध्रकल्केन हृताङ्गतैलामाश्यानकालेयकृताङ्गरागाम् ।
वासो वसानामभिषेकयोग्यं नार्यश्चतुष्काभिमुखं व्यनैषुः ॥ ९
ତାଂ ଲୋଧ୍ରକଲ୍‌କେନ ହୃତାଙ୍ଗତୈଳାମାଶ୍ୟାନକାଳେୟକୃତାଙ୍ଗରାଗାମ୍ ।
ବାସୋ ବସାନାମଭିଷେକଯୋଗ୍ୟଂ ନାର୍ଯ୍ୟଶ୍ଚତୁଷ୍କାଭିମୁଖଂ ବ୍ୟନୈଷୁଃ ॥ ୯

विन्यस्तवैदूर्यशिलातलेऽस्मिन्नाबद्धमुक्ताफलभक्तिचित्रे ।
आवर्जिताष्टापदकुम्भतोयैः सतूर्यमेनां स्नपयांबभूवुः ॥ १०
ବିନ୍ୟସ୍ତବୈଦୂର୍ଯ୍ୟଶିଳାତଳେଽସ୍ମିନ୍ନାବଦ୍ଧମୁକ୍ତାଫଳଭକ୍ତିଚିତ୍ରେ ।
ଆବର୍ଜିତାଷ୍ଟାପଦକୁମ୍ଭତୋୟୈଃ ସତୂର୍ଯ୍ୟମେନାଂ ସ୍ନପୟାଂବଭୂବୁଃ ॥ ୧୦

सा मङ्गलस्नानविशुद्धगात्री गृहीतपत्युद्गमनीयवस्त्रा ।
निर्वृत्तपर्जन्यजलाभिषेका प्रफुल्लकाशा वसुधेव रेजे ॥ ११
ସା ମଙ୍ଗଳସ୍ନାନବିଶୁଦ୍ଧଗାତ୍ରୀ ଗୃହୀତପତ୍ୟୁଦ୍‌ଗମନୀୟବସ୍ତ୍ରା ।
ନିର୍ବୃତ୍ତପର୍ଜନ୍ୟଜଳାଭିଷେକା ପ୍ରଫୁଲ୍ଲକାଶା ବସୁଧେବ ରେଜେ ॥ ୧୧

तस्मात् प्रदेशाच्च वितानवन्तं युक्तं मणिस्तम्भचतुष्टयेन ।
पतिव्रताभिः परिगृह्य निन्ये क्लृप्तासनं कौतुकवेदिमध्यम् ॥ १२
ତସ୍ମାତ୍ ପ୍ରଦେଶାଚ୍ଚ ବିତାନବନ୍ତଂ ଯୁକ୍ତଂ ମଣିସ୍ତମ୍ଭଚତୁଷ୍ଟୟେନ ।
ପତିବ୍ରତାଭିଃ ପରିଗୃହ୍ୟ ନିନ୍ୟେ କ୍ଳୃପ୍ତାସନଂ କୌତୁକବେଦିମଧ୍ୟମ୍ ॥ ୧୨

तां प्राङ्मुखीं तत्र निवेश्य तन्वीं क्षणं व्यलम्बन्त पुरोनिषण्णाः ।
भूतार्थशोभाह्रियमाणनेत्राः प्रसाधने सन्निहितेऽपि नार्यः ॥ १३
ତାଂ ପ୍ରାଙ୍‌ମୁଖୀଂ ତତ୍ର ନିବେଶ୍ୟ ତନ୍ୱୀଂ କ୍ଷଣଂ ବ୍ୟଲମ୍ବନ୍ତ ପୁରୋନିଷଣ୍ଣାଃ ।
ଭୂତାର୍ଥଶୋଭାହ୍ରିୟମାଣନେତ୍ରାଃ ପ୍ରସାଧନେ ସନ୍ନିହିତେଽପି ନାର୍ଯ୍ୟଃ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୀଟନାଭିସୂତ୍ରରେ ନିର୍ମିତ ପଟ୍ଟବସ୍ତ୍ର, ତା ସହିତ ଧବଳ ସୋରିଷ ମିଶ୍ରିତ କୋମଳ ଦୁର୍ବାଦଳ ଏବଂ ଗୋଟିଏ ଶର—ଏହିପରି ମାଙ୍ଗଳିକ ସ୍ନାନ-ବେଶ ପାର୍ବତୀଙ୍କୁ ଅତ୍ୟନ୍ତ ଶୋଭ ପାଇଲା । ୭

କୃଷ୍ଣପକ୍ଷ ପରେ ଚନ୍ଦ୍ରରେଖା ସୂର୍ଯ୍ୟଙ୍କ କିରଣ ସମ୍ପର୍କରେ ଆସି, ଉଜ୍ଜ୍ୱଳିତା ହୋଇ ଯେପରି ଶୋଭା ଧାରଣ କରେ, କିଶୋରୀ ପାର୍ବତୀ ବିବାହ ବିଧିରେ ଶରସଂପର୍କରେ ଆସି ସେହିପରି ଅଧିକ ଶୋଭ ପାଇଲେ । ୮

ନାରୀମାନେ ଲୋଧ୍ରପୁଷ୍ପର ପରାଗ ବୋଳି ତାଙ୍କ ଶରୀରକୁ ତୈଳବିହୀନ କରିଦେଲେ, ଅଳ୍ପଘନ ସୁଗନ୍ଧମୟ ଅଙ୍ଗରାଗ ଲେପନ କଲେ, ସୁନ୍ଦର ସୂକ୍ଷ୍ମ ବସ୍ତ୍ର ପିନ୍ଧାଇ ଦେଲେ, ତାପରେ ତାଙ୍କୁ ଚତୁଃସ୍ତମ୍ଭବିଶିଷ୍ଟ ସ୍ନାନ-ଗୃହକୁ ନେଲେ । ୯

ସ୍ନାନଗୃହର ଚଟାଣ ମରକତ ମଣିରେ ତିଆରି ହୋଇଥିଲା । ସେଠାରେ ମୁକ୍ତାର ତୋରଣମାଳ ଝୁଲୁଥିଲା । ନାରୀମାନେ ତୂର୍ଯ୍ୟନାଦ ମଧ୍ୟରେ ସୁବର୍ଣ୍ଣ କଳସମାନଙ୍କରୁ ଜଳ ଢାଳି ପାର୍ବତୀଙ୍କର ସ୍ନାନ ସଂପନ୍ନ କଲେ । ୧୦

ମଙ୍ଗଳସ୍ନାନ ଦ୍ୱାରା ପାର୍ବତୀଙ୍କ ଶରୀର ଆହୁରି ନିର୍ମଳଉଜ୍ଜ୍ୱଳ ହୋଇଉଠିଲା । ସେ ଧବଳ ବସ୍ତ୍ର ପରିଧାନ କଲେ, ଯେଉଁ ବସ୍ତ୍ର କି ପରେ ବର ପରିଧାନ କରିବେ । ବର୍ଷାଜଳରେ ସ୍ନାନ କରି, ବିକଶିତ କାଶପୁଷ୍ପ ଧାରଣ କରି ପୃଥିବୀ ଯେପରି ଶୋଭପାଏ, ସଦ୍ୟସ୍ନାତା ଧବଳବସ୍ତ୍ରପରିହିତା ପାର୍ବତୀ ସେହିପରି ଶୋଭ ପାଇଲେ । ୧୧

ତା'ପରେ ସୁଚରିତା ନାରୀମାନେ ପାର୍ବତୀଙ୍କୁ ସେହି ସ୍ଥାନରୁ ଚତୁଃସ୍ତମ୍ଭବିଶିଷ୍ଟ ବିବାହ ବେଦି ଉପରକୁ ଧରିଧରି ନେଲେ । ବେଦିଉପରେ ବସିବାପାଇଁ ସ୍ଥାନ ସଜ୍ଜିତ କରା ଯାଇଥିଲା ଏବଂ ଉପରେ ଚାନ୍ଦୁଆ ଟଙ୍ଗା ହୋଇଥିଲା । ୧୨

ସେଠାରେ ନାରୀମାନେ କୃଶାଂଗୀ ପାର୍ବତୀଙ୍କୁ ପୂର୍ବମୁଖ କରି ବସାଇ, ବେଶ କରିବାପାଇଁ ସମ୍ମୁଖରେ ବସିଲେ । ପାଖରେ ସମସ୍ତ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ କରାଯାଇ ରଖାଯାଇଥିଲା । କିନ୍ତୁ ପାର୍ବତୀଙ୍କର ସ୍ୱାଭବିକ ସୌନ୍ଦର୍ଯ୍ୟରେ ନାରୀମାନଙ୍କର ଚକ୍ଷୁ ଏପରି ଆକୃଷ୍ଟ ହୋଇ ରହିଲା ଯେ ବେଶ-କରିବାରେ ବିଳମ୍ବ ଘଟିଲା । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

धूपोष्मणा त्याजितमार्द्रभावं केशान्तमन्तःकुसुमं तदीयम् ।
पर्याक्षिपत् काचिदुदारबन्धं दूर्वावता पाण्डुमधूकदाम्ना ॥ १४
ଧୂପୋଷ୍ମଣା ତ୍ୟାଜିତମାର୍ଦ୍ରଭାବଂ କେଶାନ୍ତମନ୍ତଃକୁସୁମଂ ତଦୀୟମ୍ ।
ପର୍ଯ୍ୟାକ୍ଷିପତ୍ କାଚିଦୁଦାରବନ୍ଧଂ ଦୂର୍ବାବତା ପାଣ୍ଡୁମଧୂକଦାମ୍ନା ॥ ୧୪

विन्यस्तशुक्लागुरु चक्रु रङ्गं गोरोचनापत्रविभक्तमस्याः ।
सा चक्रवाकाङ्कितसैकतायास्त्रिस्रोतसः कान्तिमतीत्य तस्थौ ॥ १५
ବିନ୍ୟସ୍ତଶୁକ୍ଲାଗୁରୁ ଚକ୍ରୁ ରଙ୍ଗଂ ଗୋରୋଚନାପତ୍ରବିଭକ୍ତମସ୍ୟାଃ ।
ସା ଚକ୍ରବାକାଙ୍କିତସୈକତାୟାସ୍ତ୍ରିସ୍ରୋତସଃ କାନ୍ତିମତୀତ୍ୟ ତସ୍ଥୌ ॥ ୧୫

लग्नद्विरेफं परिभूय पद्मं समेघलेखं शशिनश्च बिम्बम् ।
तदाननश्रीरलकैः प्रसिद्धैश्चिच्छेद सादृश्यकथाप्रसङ्गम् ॥ १६
ଲଗ୍ନଦ୍ୱିରେଫଂ ପରିଭୂୟ ପଦ୍ମଂ ସମେଘଲେଖଂ ଶଶିନଶ୍ଚ ବିମ୍ବମ୍ ।
ତଦାନନଶ୍ରୀରଲକୈଃ ପ୍ରସିଦ୍ଧୈଶ୍ଚିଚ୍ଛେଦ ସାଦୃଶ୍ୟକଥାପ୍ରସଙ୍ଗମ୍ ॥ ୧୬

कर्णार्पितो लोध्रकषायरूक्षे गोरोचनाक्षेपनितान्तगौरे ।
तस्याः कपोले परभागलाभाद् बबन्ध चक्षूंषि यवप्ररोहः ॥ १७
କର୍ଣ୍ଣାର୍ପିତୋ ଲୋଧ୍ରକଷାୟରୂକ୍ଷେ ଗୋରୋଚନାକ୍ଷେପନିତାନ୍ତଗୌରେ ।
ତସ୍ୟାଃ କପୋଲେ ପରଭାଗଲାଭଦ୍ ବବନ୍ଧ ଚକ୍ଷୂଂଷି ଯବପ୍ରରୋହଃ ॥ ୧୭

रेखाविभक्तः सुविभक्तगात्र्याः किंचिन्मधूच्छिष्टविमृष्टरागः ।
कामप्यभिख्यां स्फुरितैरपुष्यदासन्नलावण्यफलोऽधरोष्ठः ॥ १८
ରେଖାବିଭକ୍ତଃ ସୁବିଭକ୍ତଗାତ୍ର୍ୟାଃ କିଂଚିନ୍ମଧୂଚ୍ଛିଷ୍ଟବିମୃଷ୍ଟରାଗଃ ।
କାମପ୍ୟଭିଖ୍ୟାଂ ସ୍ଫୁରିତୈରପୁଷ୍ୟଦାସନ୍ନଲାବଣ୍ୟଫଲୋଽଧରୋଷ୍ଠଃ ॥ ୧୮

पत्युः शिरश्चन्द्रकलामनेन स्पृशेति सख्या परिहासपूर्वम् ।
सा रञ्जयित्वा चरणौ कृताशीर्माल्येन तां निर्वचनं जघान ॥ १९
ପତ୍ୟୁଃ ଶିରଶ୍ଚନ୍ଦ୍ରକଳାମନେନ ସ୍ପୃଶେତି ସଖ୍ୟା ପରିହାସପୂର୍ବମ୍ ।
ସା ରଞ୍ଜୟିତ୍ୱା ଚରଣୌ କୃତାଶୀର୍ମାଲ୍ୟେନ ତାଂ ନିର୍ବଚନଂ ଜଘାନ ॥ ୧୯

तस्याः सुजातोत्पलपत्रकान्ते प्रसाधिकाभिर्नयने निरीक्ष्य ।
न चक्षुषोः कान्तिविशेषबुद्ध्या कालाञ्जनं मङ्गलमित्युपात्तम् ॥ २०
ତସ୍ୟାଃ ସୁଜାତୋତ୍ପଳପତ୍ରକାନ୍ତେ ପ୍ରସାଧିକାଭିର୍ନୟନେ ନିରୀକ୍ଷ୍ୟ ॥
ନ ଚକ୍ଷୁଷୋଃ କାନ୍ତିବିଶେଷବୁଦ୍ଧ୍ୟା କାଳାଞ୍ଜନଂ ମଙ୍ଗଳମିତ୍ୟୁପାତ୍ତମ୍ ॥ ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନାରୀମାନଙ୍କ ମଧ୍ୟରୁ ଜଣେ ଅଗୁରୁ ଚନ୍ଦନ ପ୍ରଭୃତିର ଧୂପ ଦେଇ ପାର୍ବତୀଙ୍କର ଆର୍ଦ୍ର କେଶକୁ ଶୁଷ୍କ କଲେ ଏବଂ ଭିତରେ ଫୁଲ ଦେଇ ଦୁର୍ବମିଶା, ପାଣ୍ଡୁରବର୍ଣ୍ଣ ମଧୂକ ଫୁଲର ମାଳରେ ଅତ୍ୟନ୍ତ ସୁନ୍ଦର ଭବରେ କେଶ ବାନ୍ଧିଲେ । ୧୪

ଅନ୍ୟମାନେ ତାଙ୍କ ଦେହରେ ଧବଳ ଅଗୁରୁ ଲେପନ କଲେ ଏବଂ ଗୋରେଚନାରେ ଚିତା ଲେଖିଲେ । ତେଣୁ , ଗଂଗାର ବାଲୁକା ଉପରେ ଚକ୍ରବାକ ପକ୍ଷୀମାନେ ବସିଥିବା ବେଳେ ଗଂଗାର କାନ୍ତି ଯେପରି ଦେଖା-ଯାଏ, ପାର୍ବତୀଙ୍କର ଶରୀରକାନ୍ତି ତାହାକୁ ବଳିଗଲା । ୧୫

ତାଙ୍କର ସୁନ୍ଦରକେଶପାଶମଣ୍ଡିତ ମୁଖ ଭ୍ରମରମାଳଶୋଭିତ ପଦ୍ମଫୁଲକୁ ତଥା ମେଘମାଳାବେଷ୍ଟିତ ଚନ୍ଦ୍ରବିମ୍ବକୁ ମଧ୍ୟ ବଳିଗଲା । ତା'ର ସାଦୃଶ୍ୟ ଲାଭ କରିବାକୁ ଦୁନିଆଁରେ ଆଉ କୌଣସି ଉପମାନ ରହିଲା-ନାହିଁ । ୧୬

ଲୋଧ୍ରପୁଷ୍ପର ପରାଗ ବୋଳା ହୋଇ ତାଙ୍କର ଗାଲ ତୈଳବିହୀନ ହୋଇଥିଲା ଏବଂ ଗୋରେଚନା ଲେପନ କରାଯାଇ ତାହା ଅତ୍ୟନ୍ତ ସ୍ୱଚ୍ଛ ଉଜ୍ଜ୍ୱଳ ଦିଶୁଥିଲା । କାନରେ ଯେଉଁ ଯବାଙ୍କୁରଭୂଷଣ ପିନ୍ଧାଇ ଦିଆଗଲା , ତାହା ଗାଲ ଉପରେ ଝୁଲି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଲା ।୧୭

ସର୍ବାଙ୍ଗସୁନ୍ଦରୀ ପାର୍ବତୀଙ୍କର ଓଷ୍ଠ ଦୁଇଟି, ଯାହାର ଲାବଣ୍ୟର ଫଳ ନିକଟ ହୋଇ ଆସୁଥିଲା , ସତେ ଯେପରି ଗୋଟିଏ ରେଖାରେ ବିଭକ୍ତ ହୋଇଥିଲା ! ସେଥିରେ ସାମାନ୍ୟ ମହମ ବୋଳା ହୋଇ ରକ୍ତିମାକୁ ସ୍ନିଗ୍ଧ କରୁଥିଲା ଏବଂ ତାହା ଘନଘନ ସ୍ଫୁରିତ ହୋଇ ଅନିର୍ବଚନୀୟ ସୌନ୍ଦର୍ଯ୍ୟ ଧାରଣ କରିଥିଲା । ୧୮

ଜଣେ ସଖୀ ପାର୍ବତୀଙ୍କର ପାଦ ଦୁଇଟିକୁ ଅଳତାରେ ରଞ୍ଜିତ କରି " ତୁମେ ମାନବତୀ ହୋଇ ଏଇ ପାଦରେ ସ୍ୱାମୀଙ୍କ ଶିରସ୍ଥିତ ଚନ୍ଦ୍ରକଳାକୁ ସ୍ପର୍ଶ କର " ପରିହାସରେ ଆଶୀର୍ବାଦ ପୂର୍ବକ ଏହା କହନ୍ତେ ପାର୍ବତୀ ତାକୁ କିଛି ନକହି କେବଳ ଫୁଲମାଳରେ ପ୍ରହାର କଲେ । ୧୯

ବେଶକାରିଣୀମାନେ ତାଙ୍କର ସୁନ୍ଦର ନୀଳୋତ୍ପଳତୁଲ୍ୟ ଚକ୍ଷୁ ଦୁଇଟିକୁ ଗୁହିଁ ସେଥିରେ ଯେ ସୌନ୍ଦର୍ଯ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ଅଞ୍ଜନ ଲଗାଇ-ଦେଲେ , ତାହା ନୁହେଁ ; ମଙ୍ଗଳକୃତ୍ୟରେ ଅଞ୍ଜନ ଲଗାଇବାକୁ ହୁଏ, ଏଇକାରଣରୁ ହିଁ ଅଞ୍ଜନ ଲଗାଇଦେଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा संभवद्भिः कुसुमैर्लतेव ज्योतिर्भिरुद्यद्भिरिव त्रियामा ।
सरिद् विहङ्गैरिव लीयमानैरामुच्यमानाभरणा चकासे ॥ २१
ସା ସଂଭବଦ୍‌ଭିଃ କୁସୁମୈର୍ଲତେବ ଜ୍ୟୋତିର୍ଭିରୁଦ୍ୟଦ୍‌ଭିରିବ ତ୍ରିଯାମା ।
ସରିଦ୍ ବିହଙ୍ଗୈରିବ ଲୀୟମାନୈରାମୁଚ୍ୟମାନାଭରଣା ଚକାସେ ॥ ୨୧

आत्मानमालोक्य च शोभमानमादर्शबिम्बे स्तिमितायताक्षी ।
हरोपयाने त्वरिता बभूव स्त्रीणां प्रियालोकफलो हि वेषः ॥ २२
ଆତ୍ମାନମାଲୋକ୍ୟ ଚ ଶୋଭମାନମାଦର୍ଶବିମ୍ବେ ସ୍ତିମିତାୟତାକ୍ଷୀ ।
ହରୋପଯାନେ ତ୍ୱରିତା ବଭୂବ ସ୍ତ୍ରୀଣାଂ ପ୍ରିୟାଲୋକଫଲୋ ହି ବେଷଃ ॥ ୨୨

अथाङ्गुलिभ्यां हरितालमार्द्रं माङ्गल्यमादाय मनःशिलां च ।
कर्णावसक्तामलदन्तपत्रं माता तदीयं मुखमुन्नमय्य ॥ २३
ଅଥାଙ୍ଗୁଳିଭ୍ୟାଂ ହରିତାଳମାର୍ଦ୍ରଂ ମାଙ୍ଗଲ୍ୟମାଦାୟ ମନଃଶିଳାଂ ଚ ।
କର୍ଣ୍ଣାବସକ୍ତାମଳଦନ୍ତପତ୍ରଂ ମାତା ତଦୀୟଂ ମୁଖମୁନ୍ନମଯ୍ୟ ॥ ୨୩

उमास्तनोद्भेदमनु प्रवृद्धो मनोरथो यः प्रथमं बभूव ।
तमेव मेना दुहितुः कथंचिद् विवाहदीक्षातिलकं चकार ॥ २४
ଉମାସ୍ତନୋଦ୍‌ଭେଦମନୁ ପ୍ରବୃଦ୍ଧୋ ମନୋରଥୋ ଯଃ ପ୍ରଥମଂ ବଭୂବ ।
ତମେବ ମେନା ଦୁହିତୁଃ କଥଂଚିଦ୍ ବିବାହଦୀକ୍ଷାତିଳକଂ ଚକାର ॥ ୨୪

बबन्ध चास्राकुलदृष्टिरस्याः स्थानान्तरे कल्पितसन्निवेशम् ।
धात्र्यङ्गुलीभिः प्रतिसार्यमाणमूर्णामयं कौतुकहस्तसूत्रम् ॥ २५
ବବନ୍ଧ ଚାସ୍ରାକୁଳଦୃଷ୍ଟିରସ୍ୟାଃ ସ୍ଥାନାନ୍ତରେ କଳ୍ପିତସନ୍ନିବେଶମ୍ ।
ଧାତ୍ର୍ୟଙ୍ଗୁଳୀଭିଃ ପ୍ରତିସାର୍ଯ୍ୟମାଣମୂର୍ଣ୍ଣାମୟଂ କୌତୁକହସ୍ତସୂତ୍ରମ୍ ॥ ୨୫

क्षीरोदवेलेव सफेनपुञ्जा पर्याप्तचन्द्रेव शरत्त्रियामा ।
नवं नवक्षौमनिवासिनी सा भूयो बभौ दर्पणमादधाना ॥ २६
କ୍ଷୀରୋଦବେଳେବ ସଫେନପୁଞ୍ଜା ପର୍ଯ୍ୟାପ୍ତଚନ୍ଦ୍ରେବ ଶରତ୍ତ୍ରିଯାମା ।
ନବଂ ନବକ୍ଷୌମନିବାସିନୀ ସା ଭୂୟୋ ବଭୌ ଦର୍ପଣମାଦଧାନା ॥ ୨୬

तामर्चिताभ्यः कुलदेवताभ्यः कुलप्रतिष्ठां प्रणमय्य माता ।
अकारयत् कारयितव्यदक्षा क्रमेण पादग्रहणं सतीनाम् ॥ २७
ତାମର୍ଚ୍ଚିତାଭ୍ୟଃ କୁଳଦେବତାଭ୍ୟଃ କୁଳପ୍ରତିଷ୍ଠାଂ ପ୍ରଣମଯ୍ୟ ମାତା ।
ଅକାରୟତ୍ କାରୟିତବ୍ୟଦକ୍ଷା କ୍ରମେଣ ପାଦଗ୍ରହଣଂ ସତୀନାମ୍ ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଫୁଟିଉଠୁଥିବା ଫୁଲଗୁଡ଼ିକ ଦ୍ୱାରା ଲତାଟିଏ ଯେପରି ଶୋଭା ପାଏ, ପ୍ରକଟିତ ହୋଉଥିବା ନକ୍ଷତ୍ର ଗୁଡ଼ିକ ଦ୍ୱାରା ରାତ୍ରି ଯେପରି ଶୋଭା ପାଏ ଏବଂ ଭସମାନ ପକ୍ଷୀଗଣଙ୍କ ଦ୍ୱାରା ନଦୀ ଯେପରି ଶୋଭା ପାଏ, ଅଳଙ୍କାରମାନ ପରିଧାନ କରି ପାର୍ବତୀ ସେହିପରି ଶୋଭା ପାଇଲେ । ୨୧

ପାର୍ବତୀ ଦର୍ପଣରେ ନିଜର ସଜ୍ଜିତ ଦେହକୁ ଦୀର୍ଘ ନିଶ୍ଚଳ ନୟନରେ ଚାହିଁ ଶିବଙ୍କ ସାନ୍ନିଧ୍ୟ ଲାଭ କରିବାକୁ ବ୍ୟଗ୍ର ହୋଇଉଠିଲେ । କାରଣ, ସ୍ତ୍ରୀର ବେଶ ସାର୍ଥକ ହୁଏ ସେତିକିବେଳେ, ଯେତେବେଳେ ତାହା ପ୍ରିୟତମଙ୍କର ଦୃଷ୍ଟି ଆକର୍ଷଣ କରେ । ୨୨

ତା'ପରେ ମା'ଆ (ମେନା) ଦୁଇଟି ଅଙ୍ଗୁଳିରେ ମାଙ୍ଗଲ୍ୟ ଆର୍ଦ୍ର ହରିତାଳ ଓ ମନଃଶିଳାଚୂର୍ଣ୍ଣ ଘେନି, ପାର୍ବତୀଙ୍କର ଉଜ୍ଜ୍ୱଳ ଦନ୍ତପତ୍ର ନାମକ କର୍ଣ୍ଣ ଭୂଷଣ ଝୁଲୁଥିବା ମୁଖଟିକୁ ଉପରକୁ ଟେକି ଧରି ୨୩

କୌଣସି ପ୍ରକାରେ (ଆନନ୍ଦାଶ୍ରୁ ପୂର୍ଣ୍ଣ ନୟନରେ) ବିବାହ-ତିଳକ ଘେନାଇ ଦେଇ ନିଜର କାମନା ପୂର୍ଣ୍ଣ କଲେ, ଯେଉଁ କାମନା କି ସେ ଝିଅର ସ୍ତନବୃଦ୍ଧି ସମୟରୁ ମନରେ ପୋଷଣ କରି ଆସୁଥିଲେ । ୨୪

ତା'ପରେ ସେ ଝିଅର ହାତରେ ପଶମ ପ୍ରସ୍ତୁତ ମାଙ୍ଗଲ୍ୟ କୌତୁକ ସୂତ୍ର ବାନ୍ଧିଦେଲେ । ସେତେବେଳେ ତାଙ୍କର ଦୃଷ୍ଟି ଆନନ୍ଦାଶ୍ରୁରେ ପୂର୍ଣ୍ଣ ହୋଇଥିଲା । ତେଣୁ କୌତୁକ ସୂତ୍ରକୁ ସେ ଅନ୍ୟ ସ୍ଥାନରେ ବାନ୍ଧୁଥିଲେ, ଧାଈ ନିଜ ଅଙ୍ଗୁଳିରେ ତାହାକୁ ଘୁଞ୍ଚାଇ ଯଥାସ୍ଥାନରେ ନିବେଶିତ କରି-ଦେଲେ । ୨୫

ପାର୍ବତୀ ନୂତନ ଧବଳ ପଟ୍ଟବସ୍ତ୍ର ପରିଧାନ କରି ଏବଂ ଦର୍ପଣ ଧାରଣ କରି କ୍ଷୀର ସମୁଦ୍ରର ଫେନପୁଞ୍ଜସମ୍ବଳିତା ବେଳାଭୂମି ପରି ଏବଂ ପୂର୍ଣ୍ଣ ଚନ୍ଦ୍ର ମଣ୍ଡିତା ରାତ୍ରି ପରି ଅତ୍ୟନ୍ତ ଶୋଭା ପାଇଲେ । ୨୬

କର୍ତ୍ତବ୍ୟ- ଉପଦେଶ ଦେବାରେ ନିପୁଣା ମାଆ (ମେନା) କୁଳରେ ପୂଜା ପାଉଥିବା ଦେବତା ମାନଙ୍କ ନିକଟରେ କୁଳର ପ୍ରତିଷ୍ଠାସ୍ୱରୂପିଣୀ ଝିଅକୁ ପ୍ରଣାମ କରାଇଲେ ଏବଂ ତା'ପରେ ଜଣକ ପରେ ଜଣେ ସତୀନାରୀ ମାନଙ୍କର ପାଦ ବନ୍ଦନା କରାଇଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अखण्डितं प्रेम लभस्व पत्युरित्युच्यते ताभिरुमा स्म नम्रा ।
तया तु तस्यार्द्धशरीरभाजा पश्चात्कृताः स्निग्धजनाशिषोऽपि ॥ २८
ଅଖଣ୍ଡିତଂ ପ୍ରେମ ଲଭସ୍ୱ ପତ୍ୟୁରିତ୍ୟୁଚ୍ୟତେ ତାଭିରୁମା ସ୍ମ ନମ୍ରା ।
ତୟା ତୁ ତସ୍ୟାର୍ଦ୍ଧଶରୀରଭାଜା ପଶ୍ଚାତ୍କୃତାଃ ସ୍ନିଗ୍ଧଜନାଶିଷୋଽପି ॥ ୨୮

इच्छाविभूत्योरनुरूपमद्रिस्तस्याः कृती कृत्यमशेषयित्वा ।
सभ्यः सभायां सुहृदास्थितायां तस्थौ वृषाङ्कागमनप्रतीक्षः ॥ २९
ଇଚ୍ଛାବିଭୂତ୍ୟୋରନୁରୂପମଦ୍ରିସ୍ତସ୍ୟାଃ କୃତୀ କୃତ୍ୟମଶେଷୟିତ୍ୱା ।
ସଭ୍ୟଃ ସଭାୟାଂ ସୁହୃଦାସ୍ଥିତାୟାଂ ତସ୍ଥୌ ବୃଷାଙ୍କାଗମନପ୍ରତୀକ୍ଷଃ ॥ ୨୯

तावद् भवस्यापि कुवेरशैले तत्पूर्वपाणिग्रहणानुरूपम् ।
प्रसाधनं मातृभिरादृताभिर्न्यस्तं पुरस्तात् पुरशासनस्य ॥ ३०
ତାବଦ୍ ଭବସ୍ୟାପି କୁବେରଶୈଳେ ତତ୍ପୂର୍ବପାଣିଗ୍ରହଣାନୁରୂପମ୍ ।
ପ୍ରସାଧନଂ ମାତୃଭିରଦୃତାଭିର୍ନ୍ୟସ୍ତଂ ପୁରସ୍ତାତ୍ ପୁରଶାସନସ୍ୟ ॥ ୩୦

तद्गौरवान्मङ्गलमण्डनश्रीः सा पस्पृशे केवलमीश्वरेण ।
स एव वेषः परिणेतुरिष्टं भावान्तरं तस्य विभोः प्रपेदे ॥ ३१
ତଦ୍ଗୌରବାନ୍ମଙ୍ଗଳମଣ୍ଡନଶ୍ରୀଃ ସା ପସ୍ପୃଶେ କେବଳମୀଶ୍ୱରେଣ ।
ସ ଏବ ବେଷଃ ପରିଣେତୁରିଷ୍ଟଂ ଭବାନ୍ତରଂ ତସ୍ୟ ବିଭୋଃ ପ୍ରପେଦେ ॥ ୩୧

वभूव भस्मैव सिताङ्गरागः कपालमेवामलशेखरश्रीः ।
उपान्तभागेषु च रोचनाङ्को गजाजिनस्यैव दुकूलभावः ॥ ३२
ବଭୂବ ଭସ୍ମୈବ ସିତାଙ୍ଗରାଗଃ କପାଳମେବାମଳଶେଖରଶ୍ରୀଃ ।
ଉପାନ୍ତଭାଗେଷୁ ଚ ରୋଚନାଙ୍କୋ ଗଜାଜିନସ୍ୟୈବ ଦୁକୂଳଭାବଃ ॥ ୩୨

शङ्खान्तरद्योति विलोचनं यदन्तर्निविष्टामलपिङ्गतारम् ।
सान्निध्यपक्षे हरितालमय्यास्तदेव जातं तिलकक्रियायाः ॥ ३३
ଶଙ୍ଖାନ୍ତରଦ୍ୟୋତି ବିଲୋଚନଂ ଯଦନ୍ତର୍ନିବିଷ୍ଟାମଳପିଙ୍ଗତାରମ୍ ।
ସାନ୍ନିଧ୍ୟପକ୍ଷେ ହରିତାଳମୟ୍ୟାସ୍ତଦେବ ଜାତଂ ତିଳକକ୍ରିୟାୟାଃ ॥ ୩୩

यथाप्रदेशं भुजगेश्वराणां करिष्यतामाभरणान्तरत्वम् ।
शरीरमात्रं विकृतिं प्रपेदे तथैव तस्थुः फणरत्नशोभाः ॥ ३४
ଯଥାପ୍ରଦେଶଂ ଭୁଜଗେଶ୍ୱରାଣାଂ କରିଷ୍ୟତାମାଭରଣାନ୍ତରତ୍ୱମ୍ ।
ଶରୀରମାତ୍ରଂ ବିକୃତିଂ ପ୍ରପେଦେ ତଥୈବ ତସ୍ଥୁଃ ଫଣରତ୍ନଶୋଭାଃ ॥ ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସତୀ ନାରୀମାନେ ପାର୍ବତୀଙ୍କୁ " ସ୍ୱାମୀଙ୍କର ଅଖଣ୍ଡ ପ୍ରେମ ଲଭ-କର" କହି ଆଶୀର୍ବାଦ ପ୍ରଦାନ କଲେ । ପରେ ପାର୍ବତୀଙ୍କର ସୌଭାଗ୍ୟ ଆତ୍ମୀୟ ସ୍ୱଜନଙ୍କର ଏହି ଆଶୀର୍ବାଦକୁ ମଧ୍ୟ ବଳିଯାଇଥିଲା । କାରଣ, ସେ ଶିବଙ୍କର ଅର୍ଦ୍ଧାଙ୍ଗ ହୋଇ ପାରିଥିଲେ । ୨୮

ସୁଦକ୍ଷ, ସଭ୍ୟ ପିତା (ହିମାଳୟ) ନିଜର ଉତ୍ସାହ ଓ ସମ୍ପଦ, ଉଭୟର ଅନୁରୂପ ଭାବରେ ଝିଅର ମାଙ୍ଗଳିକ ବିଧାନମାନ ସମାପ୍ତ କରି ଆତ୍ମୀୟ-ସ୍ୱଜନ ପୂର୍ଣ୍ଣ ସଭାରେ, ଶିବଙ୍କ ଆଗମନକୁ ଅପେକ୍ଷା କରି ରହିଲେ । ୨୯

ଏହା ମଧ୍ୟରେ କୈଳାସ ପର୍ବତରେ ସପ୍ତ ମାତୃକା ଗଣ ଆଦର ସହକାରେ ଶିବଙ୍କର ପ୍ରଥମ ପାଣିଗ୍ରହଣର ଉପଯୁକ୍ତ ବେଶ ପୋଷାକମାନ ତାଙ୍କ ସମ୍ମୁଖରେ ଉପସ୍ଥାପନ କଲେ । ୩୦ (ବ୍ରାହ୍ମୀ ମାହେଶ୍ୱରୀ ଚୈବ କୌମାରୀ ବୈଷ୍ଣବୀ ତଥା । ବାରାହୀ ଚ ତଥେନ୍ଦ୍ରାଣୀ ଚାମୁଣ୍ଡା ସପ୍ତମାତରଃ ॥)

ମହେଶ୍ୱର ସପ୍ତ ମାତୃକା ମାନଙ୍କ ପ୍ରତି ସମ୍ମାନବୋଧବଶତଃ ସେସମସ୍ତ ମାଙ୍ଗଳିକ ବେଶ ସାମଗ୍ରୀକୁ କେବଳ ସ୍ପର୍ଶ କଲେ । ତାଙ୍କର ସ୍ୱାଭାବିକ ବେଶ ହିଁ ଯଥୋଚିତ ବରବେଶରେ ପରିଣତ ହେଲା । ୩୧

ଭସ୍ମ ହେଲା ଶୁଭ୍ର ଅଙ୍ଗରାଗ, ନରକପାଳ ହେଲା ଉଜ୍ଜ୍ୱଳ ଶିରୋ-ଭୂଷଣ, ଏବଂ ହସ୍ତୀଚର୍ମ ହେଲା ଧଡ଼ିରେ ଗୋରୋଚନାରେ ହଂସାଦି ଚିତ୍ର ହୋଇଥିବା ପଟ୍ଟବସ୍ତ୍ର । ୩୨

କପାଳ ମଧ୍ୟସ୍ଥିତ ତୃତୀୟ ଚକ୍ଷୁ, ଯାହା ଭିତରେ ଥିଲା ଉଜ୍ଜ୍ୱଳ ତାମ୍ରବର୍ଣ୍ଣ ଦୀପ୍ତିମନ୍ତ ଜ୍ୱୋଳା, ତାହା ହେଲା ହରିତାଳରଚିତ ତିଳକ-ଟୀକା । ୩୩

ସର୍ପଗଣମାନେ ଶିବଙ୍କ ଦେହରେ ଯଥାସ୍ଥାନରେ ହାର, କଙ୍କଣ ମେଖଳା ପ୍ରଭୃତି ଭୂଷଣକୁ ପରିବର୍ତ୍ତିତ ହୋଇଗଲେ, କେବଳ ସେମାନଙ୍କ ଫଣାସ୍ଥିତ ରତ୍ନଗୁଡିକର ଶୋଭା ଅପରିବର୍ତ୍ତିତ ରହିଲା । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दिवापि निष्ठ्यूतमरीचिभासा बाल्यादनाविष्कृतलाञ्छनेन ।
चन्द्रेण नित्यं प्रतिभिन्नमौलेश्चूडामणेः किं ग्रहण हरस्य ॥ ३५
ଦିବାପି ନିଷ୍ଠ୍ୟୂତମରୀଚିଭସା ବାଲ୍ୟାଦନାବିଷ୍କୃତଲାଞ୍ଛନେନ ।
ଚନ୍ଦ୍ରେଣ ନିତ୍ୟଂ ପ୍ରତିଭିନ୍ନମୌଳେଶ୍ଚୂଡାମଣେଃ କିଂ ଗ୍ରହଣଂ ହରସ୍ୟ ।। ୩୫

इत्यद्भुतैकप्रभवः प्रभावात् प्रसिद्धनेपथ्यविधेर्विधाता ।
आत्मानमासन्नगणोपनीते खड्गे निषक्तप्रतिमं ददर्श ॥ ३६
ଇତ୍ୟଦ୍‌ଭୁତୈକପ୍ରଭବଃ ପ୍ରଭାବାତ୍ ପ୍ରସିଦ୍ଧନେପଥ୍ୟବିଧେର୍ବିଧାତା ।
ଆତ୍ମାନମାସନ୍ନଗଣୋପନୀତେ ଖଡ୍‌ଗେ ନିଷକ୍ତପ୍ରତିମଂ ଦଦର୍ଶ ।। ୩୬

स गोपतिं नन्दिभुजावलम्बी शार्दूलचर्मान्तरितोरुपृष्ठम् ।
तद्भक्तिसंक्षिप्तबृहत्प्रमाणमारुह्य कैलासमिव प्रतस्थे ॥ ३७
ସ ଗୋପତିଂ ନନ୍ଦିଭୁଜାବଲମ୍ବୀ ଶାର୍ଦ୍ଦୂଲଚର୍ମାନ୍ତରିତୋରୁପୃଷ୍ଠମ୍ ।
ତଦ୍‌ଭକ୍ତିସଂକ୍ଷିପ୍ତବୃହତ୍‌ପ୍ରମାଣମାରୁହ୍ୟ କୈଳାସମିବ ପ୍ରତସ୍ଥେ ।। ୩୭

तं मातरो देवमनुव्रजन्त्यः स्ववाहनक्षोभचलावतंसाः ।
मुखैः प्रभामण्डलरेणुगौरैः पद्माकरं चक्रुरिवान्तरीक्षम् ॥ ३८
ତଂ ମାତରୋ ଦେବମନୁବ୍ରଜନ୍ତ୍ୟଃ ସ୍ୱବାହନକ୍ଷୋଭଚଳାବତଂସାଃ ।
ମୁଖୈଃ ପ୍ରଭାମଣ୍ଡଳରେଣୁଗୌରୈଃ ପଦ୍ମାକରଂ ଚକ୍ରୁରିବାନ୍ତରୀକ୍ଷମ୍ ।। ୩୮

तासां च पश्चात् कनकप्रभाणां काली कपालाभरणा चकासे ।
बलाकिनी नीलपयोदराजी दूरं पुरः क्षिप्तशतह्रदेव ॥ ३९
ତାସାଂ ସ ପଶ୍ଚାତ୍ କନକପ୍ରଭାଣାଂ କାଳୀ କପାଳାଭରଣା ଚକାସେ ।
ବଳାକିନୀ ନୀଳପୟୋଦରାଜୀ ଦୂରଂ ପୁରଃକ୍ଷିପ୍ତଶତହ୍ରଦେବ ।। ୩୯

ततो गणैः शूलभृतः पुरोगैरुदीरितो मङ्गलतूर्यघोषः ।
विमानशृङ्गाण्यवगाहमानः शशंस सेवावसरं सुरेभ्यः ॥ ४०
ତତୋ ଗଣୈଃ ଶୂଳଭୃତଃ ପୁରୋଗୈରୁଦୀରିତୋ ମଙ୍ଗଳତୂର୍ଯ୍ୟଘୋଷଃ ।
ବିମାନଶୃଙ୍ଗାଣ୍ୟବଗାହମାନଃ ଶଶଂସ ସେବାବସରଂ ସୁରେଭ୍ୟଃ ।। ୪୦

उपाददे तस्य सहस्ररश्मिस्त्वष्ट्रा नवं निर्मितमातपत्रम् ।
स तद्दुकूलादविदूरमौलिर्बभौ पतद्गङ्ग इवोत्तमाङ्गे ॥ ४१
ଉପାଦଦେ ତସ୍ୟ ସହସ୍ରରଶ୍ମିସ୍ତ୍ୱଷ୍ଟ୍ରା ନବଂ ନିର୍ମିତମାତପତ୍ରମ୍ ।
ସ ତଦ୍‌ଦୁକୂଳାଦବିଦୂରମୌଳିର୍ବଭୌ ପତଦ୍‌ଗଙ୍ଗ ଇବୋତ୍ତମାଙ୍ଗେ ।। ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶିରଃସ୍ଥିତ ଚନ୍ଦ୍ର, ଯାହା କି ଦିନରେ ମଧ୍ୟ ଜ୍ୟୋତ୍ସ୍ନା ବିତରଣ କରେ ଏବଂ କଳାଏ ମାତ୍ର ହୋଇଥିବାରୁ ନିଷ୍କଳଙ୍କ ଅଟେ, ତାହା ଶିବଙ୍କର ଚିରଶିରୋଭୂଷଣ, ଆଉ କି ଶିରୋଭୂଷଣ ତାଙ୍କର ଆବଶ୍ୟକ ହୋଇଥାଆନ୍ତା ? ୩୫

ଏହିପରି, ସକଳ ଆଶ୍ଚର୍ଯ୍ୟର ନିଦାନ ଶିବ ସ୍ୱପ୍ରଭାବରେ ଲୌକିକ ବେଶପୋଷାକର ବିଧାନ କରି ପାର୍ଶ୍ୱଚର "ଗଣ" (ଶିବଗଣ)ଙ୍କ ଦ୍ୱାରା ଆନୀତ ଏକ ଖଡ୍ଗରେ ନିଜର ପ୍ରତିବିମ୍ବିତ ଶରୀରକୁ ଦେଖିଲେ । ୩୬

ତା'ପରେ, ସେ ନନ୍ଦୀଙ୍କର ବାହୁ ଉପରେ ହାତ ରଖି, ବ୍ୟାଘ୍ରଚର୍ମ ବିଛା ହୋଇଥିବା ବୃଷଭ ପୃଷ୍ଠରେ ଆରୋହଣ କଲେ । ସତେ ଯେପରି ସେହି ବୃଷଭ ଥିଲା କୈଳାସ ପର୍ବତ, ଯେ କି ଶିବଙ୍କ ପ୍ରତି ଭକ୍ତି ବଶତଃ ନିଜର ବିଶାଳ ଶରୀରକୁ କ୍ଷୁଦ୍ର କରି ଦେଇଥିଲା ! ୩୭

ଶିବଙ୍କ ପଛେ ପଛେ ସପ୍ତ ମାତୃକା ନିଜନିଜ ବାହନରେ ବସି ଯାତ୍ରା କଲେ । ବାହନମାନଙ୍କର ଚଞ୍ଚଳ ଗତି ଫଳରେ ମାତୃକାଗଣଙ୍କର କର୍ଣ୍ଣଭୂଷଣ ଦୋଳାୟିତ ହେଉଥିଲା ଏବଂ ପ୍ରଭାମଣ୍ଡଳର କିରଣବିକିରଣ ଫଳରେ ସେମାନଙ୍କର ମୁଖ ଧବଳରେଣୁମୟ ଭଳି ଜଣାପଡୁଥିଲା । ତେଣୁ ସେମାନଙ୍କର ମୁଖ ଗୁଡ଼ିକ ଦ୍ୱାରା ଆକାଶମଣ୍ଡଳ ପଦ୍ମପୂର୍ଣ୍ଣ ସରୋବର ଭଳି ବୋଧ ହେଉଥିଲା । ୩୮

ସୁବର୍ଣ୍ଣବର୍ଣ୍ଣା ମାତୃଗଣଙ୍କ ପଛରେ ଯାତ୍ରା କଲେ କାଳୀ । ସେ ପରିଧାନ କରିଥିଲେ ଧବଳ କପାଳମାଳ । ତେଣୁ, ନୀଳ ମେଘମାଳାର ସମ୍ମୁଖଭାଗରେ ବିଜୁଳି ସ୍ଫୁରିତା ହେଉଥିଲାବେଳେ ଏବଂ ପଶ୍ଚାଦ୍ ଭାଗରେ ଧବଳ ବକମାଳା ଉଡ଼ି ଯାଉଥିଲାବେଳେନୀଳ ମେଘମାଳା ଯେପରି ଶୋଭା ପାଏ, କାଳୀ ସେହିପରି ଶୋଭା ପାଉଥିଲେ । ୩୯

ଶିବଙ୍କ ଆଗେ ଆଗେ ଯାଉଥିବା 'ଗଣ' ମାନେ ମାଙ୍ଗଳିକ ତୂର୍ଯ୍ୟନାଦ କରୁଥିଲେ । ସେହି ତୂର୍ଯ୍ୟନାଦ ଗଗନଚାରୀ ଦେବତାମାନଙ୍କର ବିମାନ ଗୁଡ଼ିକର ଉପର ପ୍ରକୋଷ୍ଠକୁ ଧ୍ୱନିତ କରି ସେମାନଙ୍କୁ ଜଣାଇଦେଉଥିଲା ଯେ ଶିବଙ୍କୁ ସେବା କରିବାର ଶୁଭବସର ଆସିଗଲା । ୪୦

ସୂର୍ଯ୍ୟ ଶିବଙ୍କ ମସ୍ତକ ଉପରେ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ଏକ ନୂତନ ଛତ୍ର ଧାରଣ କଲେ । ସେହି ଛତ୍ରର ଖଣ୍ଡେ ପଟବସ୍ତ୍ର ତାଙ୍କ ମସ୍ତକ ପାଖରେ ଲମ୍ବି ପଡ଼ିଥିଲା । ତେଣୁ ତାଙ୍କ ମସ୍ତକ ଉପରେ ଗଙ୍ଗାର ପ୍ରବାହ ପତିତ ହେଲାପରି ଜଣା ପଡୁଥିଲା । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मूर्ते च गङ्गायमुने तदानीं सचामरे देवमसेविषाताम् ।
समुद्रगारूपविपर्ययेऽपि सहंसपाते इव लक्ष्यमाणे ॥ ४२
ମୂର୍ତ୍ତେ ଚ ଗଙ୍ଗାଯମୁନେ ତଦାନୀଂ ସଚାମରେ ଦେବମସେବିଷାତାମ୍ ।
ସମୁଦ୍ରଗାରୂପବିପର୍ଯ୍ୟୟେଽପି ସହଂସପାତେ ଇବ ଲକ୍ଷ୍ୟମାଣେ ॥ ୪୨

तमभ्यगच्छन् प्रथमो विधाता श्रीवत्सलक्ष्मा पुरुषश्च साक्षात् ।
जयेति वाचा महिमानमस्य सम्बर्द्धयन्तौ हविषेव वह्निम् ॥ ४३
ତମଭ୍ୟଗଚ୍ଛତ୍ ପ୍ରଥମୋ ବିଧାତା ଶ୍ରୀବତ୍ସଲକ୍ଷ୍ମା ପୁରୁଷଶ୍ଚ ସାକ୍ଷାତ୍ ।
ଜୟେତି ବାଚା ମହିମାନମସ୍ୟ ସମ୍ବର୍ଦ୍ଧୟନ୍ତୌ ହବିଷେବ ବହ୍ନିମ୍ ॥ ୪୩

एकैव मूर्त्तिर्बिभिदे त्रिधा सा सामान्यमेषां प्रथमावरत्वम् ।
विष्णोर्हरस्तस्य हरिः कदाचिद् वेधास्तयोस्तावपि धातुराद्यौ ॥ ४४
ଏକୈବ ମୂର୍ତ୍ତିର୍ବିଭିଦେ ତ୍ରିଧା ସା ସାମାନ୍ୟମେଷାଂ ପ୍ରଥମାବରତ୍ୱମ୍ ।
ବିଷ୍ଣୋର୍ହରସ୍ତସ୍ୟ ହରିଃ କଦାଚିଦ୍ ବେଧା ସ୍ତୟୋସ୍ତାବପି ଧାତୁରାଦ୍ୟୌ ॥ ୪୪

तं लोकपालाः पुरुहूतमुख्याः श्रीलक्षणोत्सर्गविनीतवेषाः ।
दृष्टिप्रदाने कृतनन्दिसंज्ञास्तद्दर्शिताः प्राञ्जलयः प्रणेमुः ॥ ४५
ତଂ ଲୋକପାଳାଃ ପୁରୁହୂତମୁଖ୍ୟାଃ ଶ୍ରୀଲକ୍ଷଣୋତ୍ସର୍ଗବିନୀତବେଷାଃ ।
ଦୃଷ୍ଟିପ୍ରଦାନେ କୃତନନ୍ଦିସଂଜ୍ଞାସ୍ତଦ୍ଦର୍ଶିତାଃ ପ୍ରାଞ୍ଜଳୟଃ ପ୍ରଣେମୁଃ ॥ ୪୫

कम्पेन मूर्ध्नः शतपत्रयोनिं वाचा हरिं वृत्रहणं स्मितेन ।
आलोकमात्रेण सुरानशेषान् सम्भावयामास यथाप्रधानम् ॥ ४६
କମ୍ପେନ ମୂର୍ଦ୍ଧ୍ନଃ ଶତପତ୍ରଯୋନିଂ ବାଚା ହରିଂ ବୃତ୍ରହଣଂ ସ୍ମିତେନ ।
ଆଲୋକମାତ୍ରେଣ ସୁରାନଶେଷାନ୍ ସମ୍ଭାବୟାମାସ ଯଥାପ୍ରଧାନମ୍ ॥ ୪୬

तस्मै जयाशीः ससृजे पुरस्तात् सप्तर्षिभिस्तान् स्मितपूर्वमाह ।
विवाहयज्ञे विततेऽत्र यूयमध्वर्यवः पूर्ववृता मयेति ॥ ४७
ତସ୍ମୈ ଜୟାଶୀଃ ସସୃଜେ ପୁରସ୍ତାତ୍ ସପ୍ତର୍ଷିଭିସ୍ତାନ୍ ସ୍ମିତପୂର୍ବମାହ ।
ବିବାହଯଜ୍ଞେ ବିତତେଽତ୍ର ଯୂୟମଧ୍ୱର୍ଯ୍ୟବଃ ପୂର୍ବବୃତା ମୟେତି ॥ ୪୭

विश्वावसुप्राग्रहरैः प्रवीणैः संगीयमानत्रिपुरावदानः ।
अध्वानमध्वान्तविकारलङ्घ्यस्ततार ताराधिपखण्डधारी ॥ ४८
ବିଶ୍ୱାବସୁପ୍ରାଗ୍ରହରୈଃ ପ୍ରବୀଣୈଃ ସଙ୍ଗୀୟମାନତ୍ରିପୁରାବଦାନଃ ।
ଅଧ୍ୱାନମଧ୍ୱାନ୍ତବିକାରଲଙ୍ଘ୍ୟସ୍ତତାର ତାରାଧିପଖଣ୍ଡଧାରୀ ॥ ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଙ୍ଗା ଓ ଯମୁନା ନଦୀ ଦ୍ୱୟ ସୁନ୍ଦର ଶରୀର ଧାରଣ କରି ଶିବଙ୍କ ଦୁଇ ପାର୍ଶ୍ୱରେ ଚାମର ବିଞ୍ଚି ସେବା କରିବାରେ ଲାଗିଲେ । ସେ ଦୁହେଁ ଯଦିଓ ନଦୀରୂପ ତ୍ୟାଗ କରିଥିଲେ, ତଥାପି ଧବଳ ଚାମର ବିଞ୍ଚୁଥିବା ହେତୁ ହଂସଯୁକ୍ତ ନଦୀ ପରି ଜଣାପଡୁଥିଲେ । ୪୨

ସ୍ୱୟଂ ଆଦି ବିଧାତା ବ୍ରହ୍ମା ଏବଂ ଶ୍ରୀବତ୍ସଭୂଷଣ ବିଷ୍ଣୁ ଆସି ଶିବଙ୍କର ଜୟଗାନ କଲେ । ଘୃତାହୁତି ଦ୍ୱାରା ଅଗ୍ନି ଯେପରି ବର୍ଦ୍ଧିତ ହୁଏ, ବ୍ରହ୍ମା ଓ ବିଷ୍ଣୁଙ୍କ ଜୟଗାନ ଶିବଙ୍କର ମହିମାକୁ ସେହିପରି ବର୍ଦ୍ଧିତ କଲା । ୪୩

ସେଇ ଏକ ମୂର୍ତ୍ତି ତିନି ଭାଗରେ ବିଭକ୍ତ ହୋଇଥିଲେ ମାତ୍ର । ସମସ୍ତେ ସମସ୍ତଙ୍କର ଜ୍ୟେଷ୍ଠ, ସମସ୍ତେ ସମସ୍ତଙ୍କର କନିଷ୍ଠ । କେତେବେଳେ ଶିବ ବିଷ୍ଣୁଙ୍କର ଜ୍ୟେଷ୍ଠ, କେତେବେଳେ ବିଷ୍ଣୁ ଶିବଙ୍କର ଜ୍ୟେଷ୍ଠ, କେତେବେଳେ ବ୍ରହ୍ମା ସେ ଦୁହିଁଙ୍କ ରଜ୍ୟେଷ୍ଠ, କେତେବେଳେ ବା ସେ ଦୁହେଁ ବ୍ରହ୍ମାଙ୍କର ଜ୍ୟେଷ୍ଠ । ୪୪

ଇନ୍ଦ୍ର ପ୍ରମୁଖ ଲୋକପାଳମାନେ ନିଜ ନିଜର ଛତ୍ର ଚାମର ଆଦି ଐଶ୍ୱର୍ଯ୍ୟ-ବେଶ ପରିତ୍ୟାଗ କରି ବିନୀତଭାବରେ ଶିବଙ୍କୁ ଦର୍ଶନ କରିବା ପାଇଁ ନନ୍ଦୀଙ୍କୁ ଅନୁରୋଧ କଲେ । ନନ୍ଦୀ ସେମାନଙ୍କୁ ଶିବଙ୍କ ଦର୍ଶନ କରାଇଲା-ବେଳେ ସେମାନେ କୃତାଞ୍ଜଳି ପୁଟରେ ତାଙ୍କୁ ପ୍ରଣାମ କଲେ । ୪୫

ଶିବ ମସ୍ତକ ଚାଳନା ଦ୍ୱାରା ବ୍ରହ୍ମାଙ୍କୁ, ସମ୍ଭାଷଣ ଦ୍ୱାରା ବିଷ୍ଣୁଙ୍କୁ, ସ୍ମିତହାସ୍ୟ ଦ୍ୱାରା ଇନ୍ଦ୍ରଙ୍କୁ ଏବଂ କେବଳ ଦୃଷ୍ଟିପାତ ଦ୍ୱାରା ଅନ୍ୟାନ୍ୟ ଦେବଗଣଙ୍କୁ ସମ୍ମାନିତ କଲେ । ୪୬

ସପ୍ତର୍ଷି ଗଣ 'ଦେବଦେବଙ୍କର ଜୟହେଉ' କହି ଶିବଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ଶିବ ଈଷତ୍ ହାସ୍ୟ ପୂର୍ବକ ସେମାନଙ୍କୁ କହିଲେ "ଏଇ ବିବାହ ଯଜ୍ଞରେ ଆପଣମାନଙ୍କୁ ମୁଁ ଯାଜ୍ଞିକ ରୂପେ ଆଗରୁ ବରଣ କରି-ସାରିଛି ।" ୪୭

ବିଶ୍ୱାବସୁ ପ୍ରମୁଖ ପ୍ରବୀଣ ଗାୟକମାନେ ବୀଣା ବାଦନ କରି ଶିବଙ୍କର ତ୍ରିପୁରାସୁର ବଧ ପ୍ରଭୃତି ଚରିତ ଗାନ କଲେ । ସକଳ ତମୋ-ଗୁଣର ଅତୀତ ଚନ୍ଦ୍ରଶେଖର ସେମାନଙ୍କର ଗାନ ଶୁଣିଶୁଣି ପଥ ଅତିକ୍ରମ କରିବାରେ ଲାଗିଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

खे खेलगामी तमुवाह वाहः सशब्दचामीकरकिङ्किणीकः ।
तटाभिघातादिव लग्नपङ्के धुन्वन् मुहुः प्रोतघने विषाणे ॥ ४९
ଖେ ଖେଲଗାମୀ ତମୁବାହ ବାହଃ ସଶବ୍ଦଚାମୀକରକିଙ୍କିଣୀକଃ ।
ତଟାଭିଘାତାଦିବ ଲଗ୍ନପଙ୍କେ ଧୁନ୍ୱନ୍ ମୁହୁଃ ପ୍ରୋତଘନେ ବିଷାଣେ ॥ ୪୯

स प्रापदप्राप्तपराभियोगं नगेन्द्रगुप्तं नगरं मुहूर्तात् ।
पुरोविलग्नैर्हरदृष्टिपातैः सुवर्णसूत्रैरिव कृष्यमाणः ॥ ५०
ସ ପ୍ରାପଦପ୍ରାପ୍ତପରାଭିଯୋଗଂ ନଗେନ୍ଦ୍ରଗୁପ୍ତଂ ନଗରଂ ମୁହୂର୍ତ୍ତାତ୍ ।
ପୁରୋବିଲଗ୍ନୈର୍ହରଦୃଷ୍ଟିପାତୈଃ ସୁବର୍ଣ୍ଣସୂତ୍ରୈରିବ କୃଷ୍ୟମାଣଃ ॥ ୫୦

तस्योपकण्ठे घननीलकण्ठः कुतूहलादुन्मुखपौरदृष्टः ।
स्वबाणचिह्नादवतीर्य मार्गादासन्नभूपृष्ठमियाय देवः ॥ ५१
ତସ୍ୟୋପକଣ୍ଠେ ଘନନୀଳକଣ୍ଠଃ କୁତୂହଳାଦୁନ୍ମୁଖପୌରଦୃଷ୍ଟଃ ।
ସ୍ୱବାଣଚିହ୍ନାଦବତୀର୍ଯ୍ୟ ମାର୍ଗାଦାସନ୍ନଭୂପୃଷ୍ଠମିୟାୟ ଦେବଃ ॥ ୫୧

तमृद्धिमद्बन्धुजनाधिरूढैर्वृन्दैर्गजानां गिरिचक्रवर्ती ।
प्रत्युज्जगामागमनप्रतीतः प्रफुल्लवृक्षैः कटकैरिव स्वैः ॥ ५२
ତମୃଦ୍ଧିମଦ୍‌ବନ୍ଧୁଜନାଧିରୂଢୈର୍ବୃନ୍ଦୈର୍ଗଜାନାଂ ଗିରିଚକ୍ରବର୍ତ୍ତୀ ।
ପ୍ରତ୍ୟୁଜ୍ଜଗାମାଗମନପ୍ରତୀତଃ ପ୍ରଫୁଲ୍ଲବୃକ୍ଷୈଃ କଟକୈରିବ ସ୍ୱୈଃ ॥ ୫୨

वर्गावुभौ देवमहीधराणां द्वारे पुरस्योद्घटितापिधाने ।
समीयतुर्दूरविसर्पिघोषौ भिन्नैकसेतुपयसामिवौघौ ॥ ५३
ବର୍ଗାବୁଭୌ ଦେବମହୀଧରାଣାଂ ଦ୍ୱାରେ ପୁରସ୍ୟୋଦ୍‌ଘଟିତାପିଧାନେ ।
ସମୀୟତୁର୍ଦୂରବିସର୍ପିଘୋଷୌ ଭିନ୍ନୈକସେତୂପୟସାମିବୌଘୌ ॥ ୫୩

ह्रीमानभूद् भूमिधरो हरेण त्रैलोक्यवन्द्येन कृतप्रणामः ।
पूर्वं महिम्ना स हि तस्य दूरमावर्जितं नात्मशिरो विवेद ॥ ५४
ହ୍ରୀମାନଭୂଦ୍ ଭୂମିଧରୋ ହରେଣ ତ୍ରୈଲୋକ୍ୟବନ୍ଦ୍ୟେନ କୃତପ୍ରଣାମଃ ।
ପୂର୍ବଂ ମହିମ୍ନା ସ ହି ତସ୍ୟ ଦୂରମାବର୍ଜିତଂ ନାତ୍ମଶିରୋ ବିବେଦ ॥ ୫୪

स प्रीतियोगाद् विकसन्मुखश्रीर्जामातुरग्रेसरतामुपेत्य ।
प्रावेशयन्मन्दिरमृद्धमेनमागुल्फ कीर्णापण मार्ग पुष्पम् ॥ ५५
ସ ପ୍ରୀତିଯୋଗାଦ ବିକସନ୍ମୁଖଶ୍ରୀର୍ଜାମାତୁରଗ୍ରେସରତାମୁପେତ୍ୟ ।
ପ୍ରାବେଶୟନ୍ମନ୍ଦିରମୃଦ୍ଧମେନମାଗୁଲ୍‌ଫ କୀର୍ଣ୍ଣାପଣ ମାର୍ଗ ପୁଷ୍ପମ୍ ॥ ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାହନ ବୃଷଭ ଆକାଶ ପଥରେ, କ୍ରୀଡାଗତିରେ ଶିବଙ୍କୁ ବହନ କରି ଚାଲିଲା । ତାର ଗଳାରୁ ଲମ୍ବିଥିବା ସୁବର୍ଣ୍ଣ କିଙ୍କିଣୀ ଶବ୍ଦାୟମାନ ହେଉଥିଲା , ଦୁଇ ଶିଙ୍ଗରେ ମେଘ ଲାଗିଯାଉଥିବାରୁ ସେ ଶିଙ୍ଗକୁ ବାରମ୍ବାର ହଲାଉଥିଲା । ତେଣୁ ବୋଧ ହେଉଥିଲା, ସତେ ଯେପରି କୌଣସି ଉଚ୍ଚ ସ୍ଥାନରେ ଶିଙ୍ଗ ଭୂଷି କ୍ରୀଡ଼ା କରିଥିବାରୁ ତାର ଶିଙ୍ଗରେ ମାଟି ଲାଗିଛି ! ୪୯

ବୃଷଭ ମୁହୂର୍ତ୍ତକ ମଧ୍ୟରେ ନଗାଧିରାଜଙ୍କ ଦ୍ୱାରା ସୁରକ୍ଷିତ ଏବଂ ଶତ୍ରୁମାନଙ୍କର ଅପରାଜେୟ ଓଷଧିପ୍ରସ୍ଥ ନଗରରେ ପହଞ୍ଚିଗଲା । ଶିବଙ୍କର ଦୃଷ୍ଟି ବହୁଦୂରରୁ ସେହି ନଗର ଉପରେ ନିବଦ୍ଧ ଥିଲା । ତେଣୁ ସତେଯେପରି ତାଙ୍କର ଦୃଷ୍ଟି ରୂପକ ସୁବର୍ଣ୍ଣ ସୂତ୍ରରେ ଟାଣି ହୋଇ ସେହି ନଗର ନିକଟକୁ ଆସିଗଲା ! ୫୦

ନଗରର ଉପକଣ୍ଠରେ ନଗରବାସୀମାନେ ଶିବଙ୍କୁ ଦେଖିବା ପାଇଁ ଉତ୍ସୁକ ଭାବରେ ଉପରକୁ ଦୃଷ୍ଟି କରି ରହିଥିଲେ, ନୀଳକଣ୍ଠ ଆକାଶ ମାର୍ଗରୁ ଅବତରଣ କରି ଭୂପୃଷ୍ଠରେ ପଦାର୍ପଣ କଲେ । ସେ ଯେଉଁ ପଥରେ ଅବତରଣ କଲେ, ତାହା ତ୍ରିପୁରାସୁର ବିଜୟ କାଳରୁ ତାଙ୍କର ବାଣଚିହ୍ନରେ ଚିହ୍ନିତ ହୋଇଥିଲା । ୫୧

ଶିବଙ୍କ ଆଗମନ ସମ୍ବାଦ ପାଇ ନଗାଧିରାଜ ସମୃଦ୍ଧିଶାଳୀ ବନ୍ଧୁ-ବାନ୍ଧବମାନଙ୍କ ସଙ୍ଗରେ ତାଙ୍କୁ ପାଛୋଟି ନେବାକୁ ଆସିଲେ । ବନ୍ଧୁବାନ୍ଧବ-ମାନେ ସମସ୍ତେ ହସ୍ତୀ ପୃଷ୍ଠରେ ବସିଥିଲେ । ହସ୍ତୀଯୂଥକୁ ଦେଖିଲେ ମନେ ହେଉଥିଲା, ସତେ ଯେପରି ନଗାଧିରାଜଙ୍କର ବହୁପୁଷ୍ପିତବୃକ୍ଷବିଶିଷ୍ଟ କଟୀ-ଭାଗ ହିଁ ଗତି କରୁଛି ! ୫୨

ମଧ୍ୟସ୍ଥିତ ସେତୁ ଭାଙ୍ଗିଗଲେ ଦୁଇ ପାର୍ଶ୍ୱର ଜଳ ପ୍ରବଳ ଶବ୍ଦ କରି ଯେପରି ପରସ୍ପର ସହିତ ମିଳିତ ହୋଇଯାଏ, ନଗରର ଦ୍ୱାର ଉନ୍ମୁକ୍ତ ହୁଅନ୍ତେ ଦେବପକ୍ଷ ଓ ପର୍ବତପକ୍ଷ ସେହିପରି ପ୍ରବଳ କୋଳାହଳ ପୂର୍ବକ ପରସ୍ପର ମିଳିତ ହୋଇଗଲେ । ୫୩

ତ୍ରିଭୁବନର ବନ୍ଦନୀୟ ଶିବ ନଗାଧିରାଜଙ୍କୁ ପ୍ରଣାମ କରନ୍ତେ ନଗାଧିରାଜ ସମ୍ଭ୍ରମରେ ସଙ୍କୁଚିତ ହୋଇଗଲେ । ତା' ପୂର୍ବରୁ ଶିବଙ୍କର ମହିମା ନିକଟରେ ତାଙ୍କର ମସ୍ତକ ସ୍ୱତଃ ଅବନତ ହୋଇ ଆସୁଥିଲା, ଏକଥା ସେ ଜାଣିପାରି ନଥିଲେ । ୫୪

ପରମ ଆନନ୍ଦରେ ନଗାଧିରାଜଙ୍କର ମୁଖ ଉଜ୍ଜ୍ୱଳ କାନ୍ତି ଧାରଣ କଲା । ସେ ଜାମାତାଙ୍କର ଆଗେ ଆଗେ ବାଟ ଦେଖାଇ ତାଙ୍କୁ ନିଜର ସମୃଦ୍ଧିଶାଳୀ ନଗର ଭିତରକୁ ପ୍ରବେଶ କରାଇଲେ । ନଗରର ପଣ୍ୟବୀଥିକା (ଦୋକାନବଜାରପୂର୍ଣ୍ଣ ରାସ୍ତା) ମାନଙ୍କରେ ଆଣ୍ଠୁ ଲୁଚିବା ଭଳି ଫୁଲ ବିଛା ହୋଇଥିଲା । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्मिन् मुहूर्ते पुरसुन्दरीणामीशानसंदर्शनलालसानाम् ।
प्रासादमालासु बभूवुरित्थं त्यक्तान्यकार्याणि विचेष्टितानि ॥ ५६
ତସ୍ମିନ୍ ମୁହୂର୍ତ୍ତେ ପୁରସୁନ୍ଦରୀଣାମୀଶାନସଂଦର୍ଶନଲାଲସାନାମ୍ ।
ପ୍ରାସାଦମାଳାସୁ ବଭୂବୁରିତ୍ଥଂ ତ୍ୟକ୍ତାନ୍ୟକାର୍ଯ୍ୟାଣି ବିଚେଷ୍ଟିତାନି ॥ ୫୬

आलोकमार्गं सहसा व्रजन्त्या कयाचिदुद्वेष्टनवान्तमाल्यः ।
वन्धुं स संभावित एव तावत् करेण रुद्धोऽपि न केशपाशः ॥ ५७
ଆଲୋକମାର୍ଗଂ ସହସା ବ୍ରଜନ୍ତ୍ୟା କୟାଚିଦୁଦ୍‌ବେଷ୍ଟନବାନ୍ତମାଲ୍ୟଃ ।
ବନ୍ଧୁଂ ସ ସଂଭବିତ ଏବ ତାବତ୍ କରେଣ ରୁଦ୍ଧୋଽପି ନ କେଶପାଶଃ ॥ ୫୭

प्रसाधिकाऽऽलम्बितमग्रपादमाक्षिप्य काचिद् द्रवरागमेव ।
उत्सृष्टलीलागति रागवाक्षादलक्तकाङ्कां पदवीं ततान ॥ ५८
ପ୍ରସାଧିକାଽଽଲମ୍ବିତମଗ୍ରପାଦମାକ୍ଷିପ୍ୟ କାଚିଦ୍ ଦ୍ରବରଗମେବ ।
ଉତ୍ସୃଷ୍ଟଲୀଳାଗତି ରଗବାକ୍ଷାଦଲକ୍ତକାଙ୍କାଂ ପଦବୀଂ ତତାନ ॥ ୫୮

विलोचनं दक्षिणमञ्जनेन संभाव्य तद्वञ्चितवामनेत्रा ।
तथैव वातायनसन्निकर्षं ययौ शलाकामपरा वहन्ती ॥ ५९
ବିଲୋଚନଂ ଦକ୍ଷିଣମଞ୍ଜନେନ ସଂଭବ୍ୟ ତଦ୍‌ବଞ୍ଚିତବାମନେତ୍ରା ।
ତଥୈବ ବାତାୟନସନ୍ନିକର୍ଷଂ ଯଯୌ ଶଲାକାମପର ବହନ୍ତୀ ॥ ୫୯

जालान्तरप्रेषितदृष्टिरन्या प्रस्थानभिन्नां न बबन्ध नीवीम् ।
नाभिप्रविष्टाभरणप्रभेण हस्तेन तस्थाववलम्ब्य वासः ॥ ६०
ଜାଲାନ୍ତରପ୍ରେଷିତଦୃଷ୍ଟିରନ୍ୟା ପ୍ରସ୍ଥାନଭିନ୍ନାଂ ନ ବବନ୍ଧ ନୀବୀମ୍ ।
ନାଭିପ୍ରବିଷ୍ଟାଭରଣପ୍ରଭେଣ ହସ୍ତେନ ତସ୍ଥାବବଲମ୍ବ୍ୟ ବାସଃ ॥ ୬୦

अर्द्धाचिता सत्वरमुत्थितायाः पदे पदे दुर्निमिते गलन्ती ।
कस्याश्चिदासीद् रसना तदानीमङ्गुष्ठमूलार्पितसूत्रशेषा ॥ ६१
ଅର୍ଦ୍ଧାଚିତା ସତ୍ୱରମୁତ୍ଥିତାୟାଃ ପଦେ ପଦେ ଦୁର୍ନିମିତେ ଗଳନ୍ତୀ ।
କସ୍ୟାଶ୍ଚିଦାସୀଦ୍ ରସନା ତଦାନୀମଙ୍ଗୁଷ୍ଠମୂଳାର୍ପିତସୂତ୍ରଶେଷା ॥ ୬୧

तासां मुखैरासवगन्धगर्भैर्व्याप्तान्तराः सान्द्रकुतूहलानाम् ।
विलोलनेत्रभ्रमरैर्गवाक्षाः सहस्रपत्राभरणा इवासन् ॥ ६२
ତାସାଂ ମୁଖୈରାସବଗନ୍ଧଗର୍ଭୈର୍ବ୍ୟାପ୍ତାନ୍ତରାଃ ସାନ୍ଦ୍ରକୁତୂହଳାନାମ୍ ।
ବିଲୋଳନେତ୍ରଭ୍ରମରୈର୍ଗବାକ୍ଷାଃ ସହସ୍ରପତ୍ରାଭରଣା ଇବାସନ୍ ॥ ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଟ୍ଟାଳିକାମାନଙ୍କରେ ପୁରସୁନ୍ଦରୀମାନେ ଶିବଙ୍କୁ ଦେଖିବାପାଇଁ ଉତ୍ସୁକ ହୋଇ ଅନ୍ୟ ସମସ୍ତ କାର୍ଯ୍ୟ ଛାଡ଼ିଦେଲେ । ସେତେବେଳେ ସେମାନଙ୍କର କାର୍ଯ୍ୟକଳାପ ଏହିପରି ହେଲା :— ୫୬

କୌଣସି ସୁନ୍ଦରୀ ତାର କେଶପାଶକୁ ପୁଷ୍ପମାଳାରେ ବାନ୍ଧିବାକୁ ଯାଉଥିଲା, କିନ୍ତୁ ଶିବଙ୍କ ଆସିବାର କୋଳାହଳ ଶୁଣି ସହସା ଝରକା ନିକଟକୁ ଦୌଡ଼ିଲା । ତାର କେଶରୁ ପୁଷ୍ପମାଳା ଖସିପଡ଼ିଲା । ସେ ଗୋଟିଏ ହାତରେ କେଶଗୁଚ୍ଛକୁ ଧରି ତାହାକୁ ବାନ୍ଧିବା ବିଷୟ ଭୁଲିଗଲା । ୫୭

କୌଣସି ସୁନ୍ଦରୀର ପାଦ ଧରି ବେଶକାରିଣୀ ଅଳତା ଲଗାଇ ଦେଉଥିଲା । ସେହି ସୁନ୍ଦରୀ ପାଦ ଟାଣିନେଇ ତାର ସ୍ୱାଭବିକ ହଂସଗତି ତ୍ୟାଗ କରି ଗବାକ୍ଷ ପାଖକୁ ଧାଇଁଲା । ତା' ପାଦରେ ଯେତିକି ଅଳତା ଲାଗିଥିଲା, ତାହା ଶୁଖିନଥିଲା । ତେଣୁ ଗବାକ୍ଷ ପର୍ଯ୍ୟନ୍ତ ଅଳତାର ପାଦଚିହ୍ନ ପଡ଼ିଗଲା । ୫୮

ଆଉ ଏକ ସୁନ୍ଦରୀ ତାର ଦକ୍ଷିଣ ଚକ୍ଷୁରେ ଅଞ୍ଜନ ଲଗାଇ ସାରିଥିଲା, ବାମ ଚକ୍ଷୁରେ ଅଞ୍ଜନ ଲଗାଇବା ଛାଡି, ଅଞ୍ଜନକାଠିକୁ ହାତରେ ଧରି ଗବାକ୍ଷ ନିକଟକୁ ଧାଇଁଲା । ୫୯

ଆଉ ଜଣେ ଗବାକ୍ଷ ଆଡ଼କୁ ଚାହିଁ ଧାଉଁଥିଲାବେଳେ ତାର ଖୋଷଣି ଫିଟିଗଲା । ତାହା ବାନ୍ଧିବାକୁ ଅବସର ନ ପାଇ ଗୋଟିଏ ହାତରେ ତାହାକୁ ଭିଡ଼ିଧରିଲା । ହାତରେ ପିନ୍ଧିଥିବା କଙ୍କଣର ଜ୍ୟୋତି ତାର ନାଭିବିବର ପର୍ଯ୍ୟନ୍ତ ପ୍ରସାରିତ ହୋଇଯାଉଥିଲା । ୬୦

ଆଉ ଜଣେ ବସି କରି, ପାଦଅଙ୍ଗୁଳିରେ ଅଣ୍ଟାସୂତାର ସୂତାକୁ ବାନ୍ଧି ସେଥିରେ ରତ୍ନଗୁଡ଼ିକୁ ଗୁନ୍ଥୁଥିଲା । ସହସା ଉଠି ଧାଇଁବା ଫଳରେ ତାର ପ୍ରତି ପଦକ୍ଷେପରେ ରତ୍ନଗୁଡ଼ିକ ସୂତାରୁ ଗଳି ପଡ଼ିଲା ଏବଂ ଝରକା ନିକଟରେ ପହଞ୍ଚିଲା ବେଳକୁ ପାଦ ଅଙ୍ଗୁଳିରେ ସୂତାମାତ୍ର ଅବଶିଷ୍ଟ ଥିଲା ୬୧

ଏହିପରି ଅତ୍ୟନ୍ତ ଉତ୍ସୁକ ପୁରସୁନ୍ଦରୀମାନେ ଗବାକ୍ଷ ନିକଟରେ ଉପସ୍ଥିତ ହୋଇଗଲେ । ସେମାନଙ୍କର ମୁଖଗୁଡ଼ିକ ଦ୍ୱାରା ଗବାକ୍ଷଗୁଡ଼ିକ ସହସ୍ରଦଳ ପଦ୍ମରେ ଭୂଷିତ ହେଲା ଭଳି ଶୋଭା ପାଇଲା । ପଦ୍ମର ସୁଗନ୍ଧ ପରି ସେମାନଙ୍କର ମୁଖରେ ଥିଲା ମଦିରାର ସୁଗନ୍ଧ ଏବଂ ଭ୍ରମରତୁଲ୍ୟ ଚଞ୍ଚଳ ଚକ୍ଷୁ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तावत् पताकाकुलमिन्दुमौलिरुत्तोरणं राजपथं प्रपेदे ।
प्रासादशृङ्गाणि दिवापि कुर्वञ्ज्योत्स्नाभिषेकद्विगुणद्युतीनि ।। ६३
ତାବତ୍ ପତାକାକୁଳମିନ୍ଦୁମୌଳିରୁତ୍ତୋରଣଂ ରାଜପଥଂ ପ୍ରପେଦେ ।
ପ୍ରାସାଦଶୃଙ୍ଗାଣି ଦିବାପି କୁର୍ବଞ୍ଜ୍ୟୋତ୍ସ୍ନାଭିଷେକଦ୍ୱିଗୁଣଦ୍ୟୁତୀନି ।। ୬୩

तमेकदृश्यं नयनैः पिबन्त्यो नार्यो न जग्मुर्विषयान्तराणि ।
तथाहि शेषेन्द्रियवृत्तिरासां सर्वात्मना चक्षुरिव प्रविष्टा ।। ६४
ତମେକଦୃଶ୍ୟଂ ନୟନୈଃ ପିବନ୍ତ୍ୟୋ ନାର୍ଯ୍ୟୋ ନ ଜଗ୍ମୁର୍ବିଷୟାନ୍ତରାଣି ।
ତଥାହି ଶେଷେନ୍ଦ୍ରିୟବୃତ୍ତିରାସାଂ ସର୍ବାତ୍ମନା ଚକ୍ଷୁରିବ ପ୍ରବିଷ୍ଟା ।। ୬୪

स्थाने तपो दुश्चरमेतदर्थमपर्णया पेलवयापि तप्तम् ।
या दास्यमप्यस्य लभेत नारी सा स्यात् कृतार्था किमुताङ्कशय्याम् ।। ६५
ସ୍ଥାନେ ତପୋ ଦୁଶ୍ଚରମେତଦର୍ଥମପର୍ଣୟା ପେଲବୟାପି ତପ୍ତମ୍ ।
ଯା ଦାସ୍ୟମପ୍ୟସ୍ୟ ଲଭେତ ନାରୀ ସା ସ୍ୟାତ୍ କୃତାର୍ଥା କିମୁତାଙ୍କଶୟ୍ୟାମ୍ ।।

परस्परेण स्पृहणीयशोभं न चेदिदं द्वन्द्वमयोजयिष्यत् ।
अस्मिन् द्वये रूपविधानयत्नः पत्युः प्रजानां विफलोऽभविष्यत् ।। ६६
ପରସ୍ପରେଣ ସ୍ପୃହଣୀୟଶୋଭଂ ନ ଚେଦିଦଂ ଦ୍ୱନ୍ଦ୍ୱମୟୋଜୟିଷ୍ୟତ୍ ।
ଅସ୍ମିନ୍ ଦ୍ୱୟେ ରୂପବିଧାନଯତ୍ନଃ ପତ୍ୟୁଃ ପ୍ରଜାନାଂ ବିଫଳୋଽଭବିଷ୍ୟତ୍ ।। ୬୬

न नूनमारूढरुषा शरीरमनेन दग्धं कुसुमायुधस्य ।
व्रीडादमुं देवमुदीक्ष्य मन्ये स न्यस्तदेहः स्वयमेव कामः ।। ६७
ନ ନୂନମାରୂଢରୁଷା ଶରୀରମନେନ ଦଗ୍ଧଂ କୁସୁମାୟୁଧସ୍ୟ ।
ବ୍ରୀଡାଦମୁଂ ଦେବମୁଦୀକ୍ଷ୍ୟ ମନ୍ୟେ ସ ନ୍ୟସ୍ତଦେହଃ ସ୍ୱୟମେବ କାମଃ ।। ୬୭

अनेन संबन्धमुपेत्य दिष्ट्या मनोरथप्रार्थितमीश्वरेण ।
मूर्द्धानमालि क्षितिधारणोच्चमुच्चैस्तरं वक्ष्यति शैलराजः ।। ६८
ଅନେନ ସଂବନ୍ଧମୁପେତ୍ୟ ଦିଷ୍ଟ୍ୟା ମନୋରଥପ୍ରାର୍ଥିତମୀଶ୍ୱରେଣ ।
ମୂର୍ଦ୍ଧାନମାଳି କ୍ଷିତିଧାରଣୋଚ୍ଚମୁଚ୍ଚୈସ୍ତରଂ ବକ୍ଷ୍ୟତି ଶୈଳରାଜଃ ।। ୬୮

इत्योषधिप्रस्थविलासिनीनां शृण्वन् कथाः श्रोत्रसुखास्त्रिनेत्रः ।
केयूरचूर्णीकृतलाजमुष्टिं हिमालयस्यालयमाससाद ।। ६९
ଇତ୍ୟୋଷଧିପ୍ରସ୍ଥବିଳାସିନୀନାଂ ଶୃଣ୍ୱନ୍ କଥାଃ ଶ୍ରୋତ୍ରସୁଖାସ୍ତ୍ରିନେତ୍ରଃ ।
କେୟୂରଚୂର୍ଣ୍ଣୀକୃତଲାଜମୁଷ୍ଟିଂ ହିମାଳୟସ୍ୟାଳୟମାସସାଦ ।। ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଇତ୍ୟବସରେ ଶିବ ବହୁ ପତାକା ଓ ତୋରଣରେ ସୁସଜ୍ଜିତ ରାଜପଥରେ ପ୍ରବେଶ କଲେ । ନଗରର ଚୂନଧଉଳା ପ୍ରାସାଦମାନ ବେଶ ଧବଳ ଦିଶୁଥିଲା । ଶିବଙ୍କ ମସ୍ତକସ୍ଥିତ ଚନ୍ଦ୍ରର ଜ୍ୟୋତ୍ସ୍ନାରେ ସେଗୁଡ଼ିକ ଦିନରେ ମଧ୍ୟ ଦ୍ୱିଗୁଣ ଧବଳ ଦିଶିଲା । ୬୩

ନାରୀମାନେ ପରମ ଦର୍ଶନୀୟ ଶିବଙ୍କୁ ପଲକବିହୀନ ଚକ୍ଷୁରେ ଚାହିଁ ଅନ୍ୟାନ୍ୟ ସମସ୍ତ ବିଷୟ ଭୁଲିଗଲେ । ସତେ ଯେପରି ସେମାନଙ୍କର ଅନ୍ୟ ସମସ୍ତ ଇନ୍ଦ୍ରିୟବୃତ୍ତି କେବଳ ଚକ୍ଷୁରେ ହିଁ କାର୍ଯ୍ୟକାରୀ ହେଲା ! ୬୪

(ସେମାନେ ପରସ୍ପର କୁହାକୁହି ହେଲେ) "କୋମଳାଙ୍ଗୀ ପାର୍ବତୀ ଯେ ଏହାଙ୍କ ପାଇଁ କଠିନ ତପସ୍ୟା କରୁଥିଲେ, ତାହା ଯଥାର୍ଥ ହୋଇଛି । ଯେଉଁ ରମଣୀ ଏହାଙ୍କର ଦାସୀ ହେବ, ତାର ଜୀବନ ଧନ୍ୟ; ଆଉ ଯେ ଏହାଙ୍କର ଅଙ୍କଶାୟିନୀ ହେବ, ତାର ସୌଭାଗ୍ୟ କଥା ବା କ'ଣ କହିବା ? ୬୫

ବିଧାତା ଯଦି ସର୍ବ ଶୋଭାର ଆଧାର ଏଇ ଦୁଇଜଣଙ୍କର ମିଳନ କରାଇ ନଥାନ୍ତେ, ତେବେ ଏମାନଙ୍କଠାରେ ସୌନ୍ଦର୍ଯ୍ୟ ସୃଷ୍ଟି କରିବାରେ ସେ-ଯେଉଁ ପ୍ରଗାଢ଼ ପରିଶ୍ରମ କରିଛନ୍ତି, ତାହା ନିଷ୍ଫଳ ହୋଇଥାଆନ୍ତା । ୬୬

ଏ (ଶିବ) ଯେ କ୍ରୋଧର ବଶବର୍ତ୍ତୀ ହୋଇ କନ୍ଦର୍ପର ଶରୀରକୁ ଭସ୍ମ କରି ଦେଇଛନ୍ତି, ତାହା ଠିକ୍ ନୁହେଁ । ବୋଧହୁଏ କନ୍ଦର୍ପ ଏହାଙ୍କର ସୌନ୍ଦର୍ଯ୍ୟ ଦେଖି ନିଜେ ଲଜ୍ଜାରେ ନିଜର ଶରୀରକୁ ଭସ୍ମ କରି ଦେଇଛି । ୬୭

ସଖୀ ! ଏହାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିବାକୁ ନଗାଧିରାଜଙ୍କର ବହୁ ଦିନରୁ ଅଭିଳାଷ ଥିଲା । ବର୍ତ୍ତମାନ ତାଙ୍କର ଅଭିଳାଷ ପୂର୍ଣ୍ଣ ହୋଇଛି । ପୃଥିବୀକୁ ଧାରଣ କରି ତାଙ୍କର ମସ୍ତକ ଉଚ୍ଚ ରହିଛି, ଏହାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରି ସେ ନିଜର ମସ୍ତକକୁ ଆହୁରି ଉଚ୍ଚ କରିବେ ।" ୬୮

ଓଷଧିପ୍ରସ୍ଥ ନଗରୀର ସୁନ୍ଦରୀ ରମଣୀମାନଙ୍କର ଏହିପରି ଶ୍ରୁତିସୁଖକର ଆଳାପମାନ ଶୁଣି ଶୁଣି ଶିବ ହିମାଳୟଙ୍କର ପ୍ରାସାଦରେ ପହଞ୍ଚିଲେ । ସେଠାରେ ରମଣୀଗଣ ପ୍ରଭୂତ ଲାଜାଞ୍ଜଳି ବର୍ଷଣ କଲେ । ସେମାନଙ୍କର ହସ୍ତଭୂଷଣରେ ବାଜି ଲାଜାଞ୍ଜଳିସବୁ କୀର୍ଣ୍ଣବିକୀର୍ଣ୍ଣ ହୋଇ ଯାଉଥିଲା । ୬୯
(ଲାଜାଞ୍ଜଳି—ଅଞ୍ଜଳି ଭରା ଖଇ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तत्रावतीर्याच्युतदत्तहस्तः शरद्घनाद्दीधितिमानिवोक्ष्णः ।
क्रान्तानि पूर्वं कमलासनेन कक्ष्यान्तराण्यद्रिपतेर्विवेश ॥ ७०
ତତ୍ରାବତୀର୍ଯ୍ୟାଚ୍ୟୁତଦତ୍ତହସ୍ତଃ ଶରଦ୍‌ଘନାଦ୍ଦୀଧିତିମାନିବୋକ୍ଷଣଃ ।
କ୍ରାନ୍ତାନି ପୂର୍ବଂ କମଳାସନେନ କକ୍ଷ୍ୟାନ୍ତରାଣ୍ୟଦ୍ରିପତେର୍ବିବେଶ ।। ୭୦

तमन्वगिन्द्रप्रमुखाश्च देवाः सप्तर्षिपूर्वाः परमर्षयश्च ।
गणाश्च गिर्यालयमभ्यगच्छन् प्रशस्तमारम्भमिवोत्तमार्थाः ॥ ७१
ତମନ୍ୱଗିନ୍ଦ୍ରପ୍ରମୁଖାଶ୍ଚ ଦେବାଃ ସପ୍ତର୍ଷିପୂର୍ବାଃ ପରମର୍ଷୟଶ୍ଚ ।
ଗଣାଶ୍ଚ ଗିର୍ଯ୍ୟାଳୟମଭ୍ୟଗଚ୍ଛନ୍ ପ୍ରଶସ୍ତମାରମ୍ଭମିବୋତ୍ତମାର୍ଥାଃ ।। ୭୧

तत्रेश्वरो विष्टरभाग् यथावत् सरत्नमर्घ्यं मधुमच्च गव्यम् ।
नवे दुकूले च नगोपनीतं प्रत्यग्रहीत् सर्वममन्त्रवर्जम् ॥ ७२
ତତ୍ରେଶ୍ୱରୋ ବିଷ୍ଟରଭଗ୍ ଯଥାବତ୍ ସରତ୍ନମର୍ଘ୍ୟଂ ମଧୁମଚ୍ଚ ଗବ୍ୟମ୍ ।
ନବେ ଦୁକୂଳେ ଚ ନଗୋପନୀତଂ ପ୍ରତ୍ୟଗ୍ରହୀତ୍ ସର୍ବମମନ୍ତ୍ରବର୍ଜମ୍ ।। ୭୨

दुकूलवासाः स वधूसमीपं निन्ये विनीतैरवरोधदक्षैः ।
वेलासमीपं स्फुटफेनराजिर्नवैरुदन्वानिव चन्द्रपादैः ॥ ७३
ଦୁକୂଳବାସାଃ ସ ବଧୂସମୀପଂ ନିନ୍ୟେ ବିନୀତୈରବରୋଧଦକ୍ଷୈଃ ।
ବେଳାସମୀପଂ ସ୍ଫୁଟଫେନରାଜିର୍ନବୈରୁଦନ୍ୱାନିବ ଚନ୍ଦ୍ରପାଦୈଃ ।। ୭୩

तया प्रवृद्धाननचन्द्रकान्त्या प्रफुल्लचक्षुःकुमुदः कुमार्या ।
प्रसन्नचेतः सलिलः शिवोऽभूत् संसृज्यमानः शरदेव लोकः ॥ ७४
ତୟା ପ୍ରବୃଦ୍ଧାନନଚନ୍ଦ୍ରକାନ୍ତ୍ୟା ପ୍ରଫୁଲ୍ଲଚକ୍ଷୁଃକୁମୁଦଃ କୁମାର୍ଯ୍ୟା ।
ପ୍ରସନ୍ନଚେତଃସଲିଳଃ ଶିବୋଽଭୂତ୍ ସଂସୃଜ୍ୟମାନଃ ଶରଦେବ ଲୋକଃ ।। ୭୪

तयोः समापत्तिषु कातराणि किंचिद् व्यवस्थापितसंहृतानि ।
ह्रीयन्त्रणां तत्क्षणमन्वभूवन्नन्योन्यलोलानि विलोचनानि ॥ ७५
ତୟୋଃ ସମାପତ୍ତିଷୁ କାତରାଣି କିଞ୍ଚିଦ୍ ବ୍ୟବସ୍ଥାପିତସଂହୃତାନି ।
ହ୍ରୀଯନ୍ତ୍ରଣାଂ ତତ୍କ୍ଷଣମନ୍ୱଭୂବନ୍ନନ୍ୟୋନ୍ୟଲୋଲାନି ବିଲୋଚନାନି ।। ୭୫

तस्याः करं शैलगुरूपनीतं जग्राह ताम्राङ्गुलिमष्टमूर्तिः ।
उमातनौ गूढतनोः स्मरस्य तच्छङ्किनः पूर्वमिव प्ररोहम् ॥ ७६
ତସ୍ୟାଃ କରଂ ଶୈଳଗୁରୂପନୀତଂ ଜଗ୍ରାହ ତାମ୍ରାଙ୍ଗୁଳିମଷ୍ଟମୂର୍ତ୍ତିଃ ।
ଉମାତନୌ ଗୂଢତନୋଃ ସ୍ମରସ୍ୟ ତଚ୍ଛଙ୍କିନଃ ପୂର୍ବମିବ ପ୍ରରୋହମ୍ ।। ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୂର୍ଯ୍ୟ ଶାରଦୀୟ ମେଘପୃଷ୍ଠରୁ ଅବତରଣ କଲା ପରି, ଶିବ ବିଷ୍ଣୁଙ୍କର ହାତ ଧରି ବୃଷଭପୃଷ୍ଠରୁ ଅବତରଣ କଲେ । ଆଗରୁ ବ୍ରହ୍ମା ହିମାଳୟଙ୍କ ପ୍ରାସାଦର ଏକ ପ୍ରକୋଷ୍ଠରେ ଆସନ ଗ୍ରହଣ କରି ସାରିଥିଲେ, ଶିବ ସେହି ପ୍ରକୋଷ୍ଠରେ ପ୍ରବେଶ କଲେ । ୭୦

ସୁଫଳ ଯେପରି ମହତ୍ କାର୍ଯ୍ୟର ଅନୁଗମନ କରେ, ସେହିପରି ଇନ୍ଦ୍ର ପ୍ରମୁଖ ଦେବଗଣ, ସପ୍ତର୍ଷି ପ୍ରମୁଖ ମହର୍ଷିଗଣ ଏବଂ ଶିବଗଣ ଶିବଙ୍କ ଅନୁଗମନ କରି ହିମାଳୟଙ୍କ ପ୍ରାସାଦ ଭିତରେ ପ୍ରବେଶ କଲେ । ୭୧

ସେଠାରେ ଶିବ ଆସନ ଗ୍ରହଣ କରି, ହିମାଳୟଙ୍କ ଦ୍ୱାରା ଯଥା ବିଧାନରେ ପ୍ରଦତ୍ତ ରତ୍ନ ମିଶ୍ରିତ ଅର୍ଘ୍ୟ, ମଧୁମିଶ୍ରିତ ଦଧି ଏବଂ ଯୋଡ଼ିଏ ପଟ୍ଟବସ୍ତ୍ର ମନ୍ତ୍ରୋଚ୍ଚାରଣପୂର୍ବକ ଗ୍ରହଣ କଲେ । ୭୨

ଚନ୍ଦ୍ରର କିରଣରାଶି ଫେନିଳ ସମୁଦ୍ରକୁ ଯେପରି ବେଳାଭୂମି ନିକଟକୁ ଘେନି ଯାଏ, ସେହିପରି ଅନ୍ତଃପୁରର ରକ୍ଷୀମାନେ ପଟ୍ଟବସ୍ତ୍ର-ପରିହିତ ଶିବଙ୍କୁ ପାର୍ବତୀଙ୍କ ନିକଟରେ ବିନୀତ ଭାବରେ ପହଞ୍ଚାଇ-ଦେଲେ । ୭୩

ପାର୍ବତୀଙ୍କର ମୁଖଚନ୍ଦ୍ରର କାନ୍ତି ଅଧିକ କମନୀୟ ହୋଇ ଉଠିଲା । ଶରତ ଋତୁର ସଂପର୍କରେ ଆସି ଭୁବନମଣ୍ଡଳ ଯେପରି ଆନନ୍ଦମୟ ହୋଇ-ଉଠେ:—କଇଁଫୁଲ ବିକଶିତ ହୁଏ, ଜଳ ନିର୍ମଳ ହୁଏ, ପାର୍ବତୀଙ୍କର ସଂପର୍କରେ ଆସି ଶିବ ସେହିପରି ଆନନ୍ଦମୟ ହୋଇଗଲେ:—ତାଙ୍କର ଚକ୍ଷୁ ବିକଶିତ ହୋଇ-ଉଠିଲା, ଅନ୍ତରାତ୍ମା ନିର୍ମଳ ହୋଇଗଲା । ୭୪

ଶିବ ଓ ପାର୍ବତୀଙ୍କର ଚଞ୍ଚଳ ଦୃଷ୍ଟି ବାରମ୍ବାର ପରସ୍ପର ଉପରେ ପତିତ ହେଲା । ଦୁହେଁ ପରସ୍ପରକୁ ବାରମ୍ବାର ଚାହିଁ ଦୃଷ୍ଟି ଫେରାଇନେଉଥିଲେ । ଦୁହିଁଙ୍କର ଚକ୍ଷୁ ଚଞ୍ଚଳ ହୋଇ ଉଠୁଥିଲା । ଏହିପରି ଭାବରେ ଦୁହେଁ ଲଜ୍ଜାର ତାଡନା ଅନୁଭବ କରୁଥିଲେ । ୭୫

ହିମାଳୟ ପାର୍ବତୀଙ୍କର ରକ୍ତବର୍ଣ୍ଣ-ଅଙ୍ଗୁଳି-ଶୋଭିତ ହସ୍ତଟି ଧରି ତାଙ୍କୁ ଶିବଙ୍କୁ ଅର୍ପଣ କଲେ । ସେହି ହସ୍ତ ଥିଲା ସତେଯେପରି ଶିବଙ୍କ ଭୟରେ ପାର୍ବତୀଙ୍କ ଶରୀରରେ ଲୁଚି ରହିଥିବା କନ୍ଦର୍ପର ପ୍ରଥମ ଅଙ୍କୁର ! ଶିବ ପାର୍ବତୀଙ୍କର ହସ୍ତ ଧରି ତାଙ୍କୁ ଗ୍ରହଣ କଲେ । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रोमोद्गमः प्रादुरभूदुमायाः स्विन्नाङ्गुलिः पुङ्गवकेतुरासीत् ।
वृत्तिस्तयोः पाणिसमागमेन समं विभक्तेव मनोभवस्य ॥ ७७
ରୋମୋଦ୍‌ଗମଃ ପ୍ରାଦୁରଭୂଦୁମାୟାଃ ସ୍ୱିନ୍ନାଙ୍ଗୁଳିଃ ପୁଙ୍ଗବକେତୁରାସୀତ୍ ।
ବୃତ୍ତିସ୍ତୟୋଃ ପାଣିସମାଗମେନ ସମଂ ବିଭକ୍ତେବ ମନୋଭବସ୍ୟ ॥ ୭୭

प्रयुक्तपाणिग्रहणं यदन्यद् वधूवरं पुष्यति कान्तिमग्र्याम् ।
सान्निध्ययोगादनयोस्तदानीं किं कथ्यते श्रीरुभयस्य तस्य ॥ ७८
ପ୍ରଯୁକ୍ତପାଣିଗ୍ରହଣଂ ଯଦନ୍ୟଦ୍ ବଧୂବରଂ ପୁଷ୍ୟତି କାନ୍ତିମଗ୍ର୍ୟାମ୍ ।
ସାନ୍ନିଧ୍ୟଯୋଗାଦନୟୋସ୍ତଦାନୀଂ କିଂ କଥ୍ୟତେ ଶ୍ରୀରୁଭୟସ୍ୟ ତସ୍ୟ ॥ ୭୮

प्रदक्षिणप्रक्रमणात् कृशानोरुदर्चिषस्तन्मिथुनं चकासे ।
मेरोरुपान्तेष्विव वर्तमानमन्योन्यसंसक्तमहस्त्रियामम् ॥ ७९
ପ୍ରଦକ୍ଷିଣପ୍ରକ୍ରମଣାତ୍ କୃଶାନୋରୁଦର୍ଚ୍ଚିଷସ୍ତନ୍ମିଥୁନଂ ଚକାସେ ।
ମେରୋରୁପାନ୍ତେଷ୍ୱିବ ବର୍ତ୍ତମାନମନ୍ୟୋନ୍ୟସଂସକ୍ତମହସ୍ତ୍ରିୟାମମ୍ ॥ ୭୯

तौ दम्पती त्रिः परिणीय वह्निमन्योन्यसंस्पर्शनिमीलिताक्षौ ।
स कारयामास वधूं पुरोधास्तस्मिन् समिद्धार्चिषि लाजमोक्षम् ॥ ८०
ତୌ ଦମ୍ପତୀ ତ୍ରିଃ ପରିଣୀୟ ବହ୍ନିମନ୍ୟୋନ୍ୟସଂସ୍ପର୍ଶନିମୀଲିତାକ୍ଷୌ ।
ସ କାରୟାମାସ ବଧୂଂ ପୁରୋଧାସ୍ତସ୍ମିନ୍ ସମିଦ୍ଧାର୍ଚ୍ଚିଷି ଲାଜମୋକ୍ଷମ୍ ॥ ୮୦

सा लाजधूमाञ्जलिमिष्टगन्धं गुरूपदेशाद् वदनं निनाय ।
कपोलसंसर्पिशिखः स तस्या मुहूर्तकर्णोत्पलतां प्रपेदे ॥ ८१
ସା ଲାଜଧୂମାଞ୍ଜଳିମିଷ୍ଟଗନ୍ଧଂ ଗୁରୂପଦେଶାଦ୍ ବଦନଂ ନିନାୟ ।
କପୋଳସଂସର୍ପିଶିଖଃ ସ ତସ୍ୟା ମୁହୂର୍ତ୍ତକର୍ଣ୍ଣୋତ୍ପଳତାଂ ପ୍ରପେଦେ ॥ ୮୧

तदीषदार्द्रारुणगण्डलेखमुच्छ्वासिकालाञ्जनरागमक्ष्णोः ।
वधूमुखं क्लान्तयवावतंसमाचारधूमग्रहणाद् बभूव ॥ ८२
ତଦୀଷଦାର୍ଦ୍ରାରୁଣଗଣ୍ଡଲେଖମୁଚ୍ଛ୍ୱାସିକାଳାଞ୍ଜନରାଗମକ୍ଷ୍ଣୋଃ ।
ବଧୂମୁଖଂ କ୍ଲାନ୍ତୟବାବତଂସମାଚାରଧୂମଗ୍ରହଣାଦ୍ ବଭୂବ ॥ ୮୨

वधूं द्विजः प्राह तवैष वत्से वह्निर्विवाहं प्रति कर्मसाक्षी ।
शिवेन भर्त्रा सह कार्या धर्मचर्या त्वया मुक्तविचारयेति ॥ ८३
ବଧୂଂ ଦ୍ୱିଜଃ ପ୍ରାହ ତବୈଷ ବତ୍ସେ ବହ୍ନିର୍ବିବାହଂ ପ୍ରତି କର୍ମସାକ୍ଷୀ ।
ଶିବେନ ଭର୍ତ୍ତ୍ରା ସହ ଧର୍ମଚର୍ଯ୍ୟା କାର୍ଯ୍ୟା ତ୍ୱୟା ମୁକ୍ତବିଚାରୟେତି ॥ ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାର୍ବତୀଙ୍କର ଶରୀର ରୋମାଞ୍ଚିତ ହୋଇ ଉଠିଲା । ଶିବଙ୍କର ଅଙ୍ଗୁଳି ଗୁଡ଼ିକ ସ୍ୱେଦାର୍ଦ୍ର ହୋଇଗଲା । ଏହିପରି, ପାଣିଗ୍ରହଣ ବେଳେ କନ୍ଦର୍ପର ବ୍ୟାପାର ଦୁହିଁଙ୍କଠାରେ ସମାନ ଭାବରେ କାର୍ଯ୍ୟକାରୀ ହେଲା । ୭୭

ସାଧାରଣ ବରକନ୍ୟାଙ୍କର ପାଣି ଗ୍ରହଣ ବେଳେ ଶିବ ପାର୍ବତୀ ବିରାଜମାନ ହୁଅନ୍ତି । ତେଣୁ ବରକନ୍ୟା ଅପୂର୍ବ ଶୋଭା ଧାରଣ କରନ୍ତି । ବର୍ତ୍ତମାନ ସ୍ୱୟଂ ଶିବ ବର ଓ ପାର୍ବତୀ କନ୍ୟା, ଦୁହିଙ୍କର ଶୋଭା ବା କେଉଁ ଭାଷାରେ ବର୍ଣ୍ଣନା କରିବା ? ୭୮

ଶିବ ଓ ପାର୍ବତୀ ପରସ୍ପର ସହିତ ମିଳିତ ହୋଇ ପ୍ରଜ୍ୱଳିତ ଅଗ୍ନିର ଚାରିପାଖରେ ପ୍ରଦକ୍ଷିଣ କଲାବେଳେ ବୋଧ ହେଲା, ସତେ ଯେପରି ଦିନ ଓ ରାତି ପରସ୍ପର ସହିତ ମିଳିତ ହୋଇ ମେରୁ ପର୍ବତର ଚତୁଃପାର୍ଶ୍ୱରେ ଭ୍ରମଣ କରୁଛନ୍ତି ! ୭୯

ପରସ୍ପର ସ୍ପର୍ଶସୁଖରେ ଶିବ ଓ ପାର୍ବତୀଙ୍କର ଚକ୍ଷୁ ମୁଦ୍ରିତ ହୋଇ-ଯାଉଥିଲା । ପୁରୋହିତ ସେହି ଦମ୍ପତିଙ୍କୁ ତିନିବାର ଅଗ୍ନିରେ ପ୍ରଦକ୍ଷିଣ କରାଇଲା ପରେ ପାର୍ବତୀଙ୍କ ଦ୍ୱାରା ପ୍ରଜ୍ୱଳିତ ଅଗ୍ନିରେ ଲାଜା ଆହୁତି ନିକ୍ଷେପ କରାଇଲେ । (ଲାଜା—ଖଇ) ୮୦

ପାର୍ବତୀ ପୁରୋହିତଙ୍କ ଉପଦେଶ ଅନୁସାରେ ଲାଜାଦାହ ଜନିତ ସୁଗନ୍ଧମୟ ଧୂମ ଅଞ୍ଜଳି କରି ମୁଖ ନିକଟକୁ ନେଇ ଆଘ୍ରାଣ କଲେ । ସେହି ଧୂମ ତାଙ୍କ କପୋଳ (ଗାଲ) ଉପରେ ପରିବ୍ୟାପ୍ତ ହୋଇ କ୍ଷଣେ ପାଇଁ କର୍ଣ୍ଣଭୂଷଣ ନୀଳୋତ୍ପଳ ପରି ଶୋଭା ପାଇଲା । ୮୧

ବିଧିସମ୍ମତ ଲାଜାଧୂମ ଗ୍ରହଣ ଫଳରେ ପାର୍ବତୀଙ୍କର ଗଣ୍ଡସ୍ଥଳ ଈଷତ୍ ସ୍ୱେଦାର୍ଦ୍ର ତଥା ଅରୁଣ ବର୍ଣ୍ଣ ହୋଇଗଲା, ଆଖିର ଅଞ୍ଜନ ବିସ୍ତାରିତ ହୋଇଗଲା ଏବଂ କାନରୁ ଓହଳିଥିବା ଯବାଙ୍କୁର (ଭୂଷଣ) ଟିକିଏ ମଳିନ ଦିଶିଲା । ୮୨

ପୁରୋହିତ ପାର୍ବତୀଙ୍କୁ କହିଲେ, "ବତ୍ସେ, ଏହି ଅଗ୍ନି ତୁମ ବିବାହର ସାକ୍ଷୀ । ତୁମେ ମନରେ ମୁକ୍ତ ବିଚାର ପୋଷଣ କରି ଶିବଙ୍କ ସହିତ ଧର୍ମା-ଚରଣ କରିବ ।" ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आलोचनान्तं श्रवणे वितत्य पीतं गुरोस्तद्वचनं भवान्या ।
निदाघकालोल्वणतापयेव माहेन्द्रमम्भः प्रथमं पृथिव्या ॥ ८४
ଆଲୋଚନାନ୍ତଂ ଶ୍ରବଣେ ବିତତ୍ୟ ପୀତଂଗୁରୋସ୍ତଦ୍‌ବଚନଂ ଭବାନ୍ୟା ।
ନିଦାଘକାଲୋଲ୍ୱଣତାପୟେବ ମାହେନ୍ଦ୍ରମମ୍ଭଃ ପ୍ରଥମଂ ପୃଥିବ୍ୟା ॥ ୮୪

ध्रुवेण भर्त्रा ध्रुवदर्शनाय प्रयुज्यमाना प्रियदर्शनेन ।
सा दृष्ट इत्याननमुन्नमय्य ह्रीसन्नकण्ठी कथमप्युवाच ॥ ८५
ଧ୍ରୁବେଣ ଭର୍ତ୍ରା ଧ୍ରୁବଦର୍ଶନାୟ ପ୍ରଯୁଜ୍ୟମାନା ପ୍ରିୟଦର୍ଶନେନ ।
ସା ଦୃଷ୍ଟ ଇତ୍ୟାନନମୁନ୍ନମଯ୍ୟ ହ୍ରୀସନ୍ନକଣ୍ଠୀ କଥମପ୍ୟୁବାଚ ॥ ୮୫

इत्थं विधिज्ञेन पुरोहितेन प्रयुक्तपाणिग्रहणोपचारौ ।
प्रणेमतुस्तौ पितरौ प्रजानां पद्मासनस्थाय पितामहाय ॥ ८६
ଇତ୍‌ଥଂ ବିଧିଜ୍ଞେନ ପୁରୋହିତେନ ପ୍ରଯୁକ୍ତପାଣିଗ୍ରହଣୋପଚାରୌ ।
ପ୍ରଣେମତୁସ୍ତୌ ପିତରୌ ପ୍ରଜାନାଂ ପଦ୍ମାସନସ୍ଥାୟ ପିତାମହାୟ ॥ ୮୬

वधूर्विधात्रा प्रतिनन्द्यते स्म कल्याणि वीरप्रसवा भवेति ।
वाचस्पतिः सन्नपि सोऽष्टमूर्तौ त्वाशास्यचिन्तास्तिमितो बभूव ॥ ८७
ବଧୂର୍ବିଧାତ୍ରା ପ୍ରତିନନ୍ଦ୍ୟତେ ସ୍ମ କଲ୍ୟାଣି ବୀରପ୍ରସବା ଭବେତି ।
ବାଚସ୍ପତିଃ ସନ୍ନପି ସୋଽଷ୍ଟମୂର୍ତ୍ତୌ ତ୍ୱାଶାସ୍ୟଚିନ୍ତାସ୍ତିମିତୋ ବଭୂବ ॥ ୮୭

क्लृप्तोपचारां चतुरस्रवेदीं तावेत्य पश्चात् कनकासनस्थौ ।
जायापती लौकिकमेषणीयमार्द्राक्षतारोपणमन्वभूताम् ॥ ८८
କ୍ଳୃପ୍ତୋପଚାରାଂ ଚତୁରସ୍ରବେଦୀଂ ତାବେତ୍ୟ ପଶ୍ଚାତ୍ କନକାସନସ୍ଥୌ ।
ଜାୟାପତୀ ଲୌକିକମେଷଣୀୟମାର୍ଦ୍ରାକ୍ଷତାରୋପଣମନ୍ୱଭୂତାମ୍ ॥ ୮୮

पत्रान्तलग्नैर्जलबिन्दुजालैराकृष्ट मुक्ताफल जाल शोभम् ।
तयोरुपर्यायतनालदण्डमाधत्त लक्ष्मीः कमलातपत्रम् ॥ ८९
ପତ୍ରାନ୍ତଲଗ୍ନୈର୍ଜଳବିନ୍ଦୁଜାଳୈରାକୃଷ୍ଟ ମୁକ୍ତାଫଳ ଜାଳ ଶୋଭମ୍ ।
ତୟୋରୁପର୍ଯ୍ୟାୟତନାଳଦଣ୍ଡମାଧତ୍ତ ଲକ୍ଷ୍ମୀଃ କମଳାତପତ୍ରମ୍ ॥ ୮୯

द्विधा प्रयुक्तेन च वाङ्मयेन सरस्वती तन्मिथुनं नुनाव ।
संस्कारपूतेन वरं वरेण्यं वधूं सुखग्राह्यनिबन्धनेन ॥ ९०
ଦ୍ୱିଧା ପ୍ରଯୁକ୍ତେନ ଚ ବାଙ୍‌ମୟେନ ସରସ୍ୱତୀ ତନ୍ମିଥୁନଂ ନୁନାବ ।
ସଂସ୍କାରପୂତେନ ବରଂ ବରେଣ୍ୟଂ ବଧୂଂ ସୁଖଗ୍ରାହ୍ୟନିବନ୍ଧନେନ ॥ ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିଦାଘକାଳର ଉତ୍ତପ୍ତା ପୃଥିବୀ ମେଘର ପ୍ରଥମ ଜଳବିନ୍ଦୁକୁ ସନ୍ତୁଷ୍ଟ ଭାବରେ ପାନ କଲା ପରି ବିଶାଳନୟନା ପାର୍ବତୀ ପୁରୋହିତଙ୍କ ଉପଦେଶକୁ ସନ୍ତୁଷ୍ଟ ଭାବରେ ଗ୍ରହଣ କଲେ । ୮୪

ସୌମ୍ୟଦର୍ଶନ ଶିବ ପାର୍ବତୀଙ୍କୁ ଧ୍ରୁବନକ୍ଷତ୍ର ଦର୍ଶନ କରିବାକୁ କହିଲେ ; ପାର୍ବତୀ ଲଜ୍ଜାବଶତଃ କୌଣସି ପ୍ରକାରେ ଉପରକୁ ମୁହଁ କରି ଗଦ୍‌ଗଦ କଣ୍ଠରେ କହିଲେ " ଦେଖିଲି " । ୮୫

ଏହିପରି ଶାସ୍ତ୍ରଜ୍ଞ ପୁରୋହିତ ଯଥାନିୟମରେ ବିବାହ ବିଧାନ ସମ୍ପନ୍ନ କରାଇଲା ପରେ ଜଗତର ମାତାପିତା ପାର୍ବତୀ ଓ ଶିବ ପଦ୍ମାସନରେ ଆସୀନ ବ୍ରହ୍ମାଙ୍କୁ ପ୍ରଣାମ କଲେ । ୮୬

ବ୍ରହ୍ମା ପାର୍ବତୀଙ୍କୁ ଆଶୀର୍ବାଦ ଦେଲେ– " ଗୋ କଲ୍ୟାଣି, ବୀରପ୍ରସବିନୀ ହୁଅ ; " କିନ୍ତୁ ଶିବଙ୍କ ପ୍ରତି ଆଶୀର୍ବଚନ ଉଚ୍ଚାରଣ କରିବାକୁ ଯାଇ ସେ ବାକ୍-ଈଶ୍ୱର ହେଲେ ମଧ୍ୟ କିଛି ଚିନ୍ତା କରି ପାରିଲେ ନାହିଁ । (ଶିବଙ୍କର ତ କୌଣସି କାମନା ନାହିଁ, ତାଙ୍କୁ କି କଲ୍ୟାଣ ବଚନ କହିବେ ?) ୮୭

ତା'ପରେ ପତିପତ୍ନୀ (ଶିବ ପାର୍ବତୀ) ପୁଷ୍ପାଦିଶୋଭିତ, ଚତୁଃସ୍ତମ୍ଭ ବିଶିଷ୍ଟ ବେଦୀ ଉପରକୁ ଯାଇ ସୁବର୍ଣ୍ଣ ଆସନରେ ଉପବେଶନ କଲେ । ଗୁରୁଜନମାନେ ତାଙ୍କ ଉପରେ ଆର୍ଦ୍ର ହରିଦ୍ରାରଞ୍ଜିତ ଅକ୍ଷତ ସିଞ୍ଚି ଆଶୀର୍ବାଦ ପ୍ରଦାନ କଲେ । ଶିବ ପାର୍ବତୀ ସେହି କାମ୍ୟ ଲୌକିକ ବିଧାନର ଆଶୀର୍ବାଦକୁ ଆନନ୍ଦରେ ଗ୍ରହଣ କଲେ । ୮୮

ସ୍ୱୟଂ ଲକ୍ଷ୍ମୀ ଶିବ ପାର୍ବତୀଙ୍କ ଉପରେ ଦୀର୍ଘଦଣ୍ଡବିଶିଷ୍ଟ ପଦ୍ମପୁଷ୍ପରୂପକ ଛତ୍ର ଧାରଣ କଲେ । ସେହି ପଦ୍ମଛତ୍ରର ପତ୍ରାଗ୍ରରେ ଜଳବିନ୍ଦୁମାନ ଲାଗିଥିଲା, ତେଣୁ ତାହା ମୁକ୍ତାଫଳରେ ମଣ୍ଡିତ ହେଲାପରି ଜଣା ପଡୁଥିଲା । ୮୯

ସରସ୍ୱତୀ ଦୁଇ ପ୍ରକାର ଭାଷାରେ ସେହି ଦଂପତିଙ୍କର ସ୍ତୁତି କଲେ । ସଂସ୍କାରପ୍ରାପ୍ତ (ସଂସ୍କୃତ) ଭାଷାରେ ଶିବଙ୍କର ଏବଂ ସୁଖବୋଧ୍ୟ ଭାଷା (ପ୍ରାକୃତ) ରେ ପାର୍ବତୀଙ୍କର ବନ୍ଦନା କଲେ । ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तौ सन्धिषु व्यञ्जितवृत्तिभेदं रसान्तरेषु प्रतिबद्धरागम् ।
अपश्यतामप्सरसां मुहूर्तं प्रयोगमाद्यं ललिताङ्गहारम् ॥ ९१
ତୌ ସନ୍ଧିଷୁ ବ୍ୟଞ୍ଜିତବୃତ୍ତିଭେଦଂ ରସାନ୍ତରେଷୁ ପ୍ରତିବଦ୍ଧରାଗମ୍ ।
ଅପଶ୍ୟତାମପ୍‌ସରସାଂ ମୁହୂର୍ତ୍ତଂ ପ୍ରୟୋଗମାଦ୍ୟଂ ଲଳିତାଙ୍ଗହାରମ୍ ॥ ୯୧

देवास्तदन्ते हरमूढभार्यं किरीटबद्धाञ्जलयो निपत्य ।
शापावसाने प्रतिपन्नमूर्त्तेर्ययाचिरे पञ्चशरस्य सेवाम् ॥ ९२
ଦେବାସ୍ତଦନ୍ତେ ହରମୂଢଭାର୍ଯ୍ୟଂ କିରୀଟବଦ୍ଧାଞ୍ଜଳୟୋ ନିପତ୍ୟ ।
ଶାପାବସାନେ ପ୍ରତିପନ୍ନମୂର୍ତ୍ତେର୍ଯ୍ୟଯାଚିରେ ପଞ୍ଚଶରସ୍ୟ ସେବାମ୍ ॥ ୯୨

तस्यानुमेने भगवान् विमन्युर्व्यापारमात्मन्यपि सायकानाम् ।
कालप्रयुक्ता खलु कार्यविद्भिर्विज्ञापना भर्तृषु सिद्धिमेति ॥ ९३
ତସ୍ୟାନୁମେନେ ଭଗବାନ୍ ବିମନ୍ୟୁର୍ବ୍ୟାପାରମାତ୍ମନ୍ୟପି ସାୟକାନାମ୍ ।
କାଳପ୍ରଯୁକ୍ତା ଖଳୁ କାର୍ଯ୍ୟବିଦ୍‌ଭିର୍ବିଜ୍ଞାପନା ଭର୍ତ୍ତୃଷୁ ସିଦ୍ଧିମେତି ॥ ୯୩

ଅଥ ବିବୁଧଗଣାଁସ୍ତାନିନ୍ଦୁମୌଳିର୍ବିସୃଜ୍ୟ
କ୍ଷିତିଧରପତିକନ୍ୟାମାଦଦାନଃ କରେଣ ।
କନକକଳଶଯୁକ୍ତଂ ଭକ୍ତିଶୋଭସନାଥଂ
କ୍ଷିତିବିରଚିତଶଯ୍ୟଂ କୌତୁକାଗାରମାଗାତ୍ ॥ ୯୪

ନବପରିଣୟଲଜ୍ଜାଭୂଷଣାଂ ତତ୍ର ଗୌରୀଂ
ବଦନମପହରନ୍ତୀଂ ତତ୍‌କୃତାକ୍ଷେପମୀଶଃ ।
ଅପି ଶୟନସଖୀଭ୍ୟୋ ଦତ୍ତବାଚଂ କଥଂଚିତ୍
ପ୍ରମଥମୁଖବିକାରୈର୍ହାସୟାମାସ ଗୂଢମ୍ ॥ ୯୫

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
पार्वतीपरिणयो नाम सप्तमः सर्गः ॥

— × —

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅପ୍‌ସରାମାନେ ନାଟକ ଅଭିନୟ କଲେ । ନାଟକର (ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ ଓ ନିର୍ବହଣ) ସନ୍ଧିମାନଙ୍କରେ (କୌଶିକୀ, ସାତ୍ତ୍ୱତୀ, ଆରଭଟୀ ଓ ଭାରତୀ) ବୃତ୍ତି ଗୁଡ଼ିକର ଏବଂ ଯେଉଁ ରସରେ ଯେଉଁ ରାଗ ଉପଯୁକ୍ତ, ସେଗୁଡ଼ିକର ଯଥାଯଥ ପ୍ରୟୋଗ କରାଯାଇଥିଲା । ଅଙ୍ଗ ରଚନା ହୃଦ୍ୟ ହୋଇଥିଲା । ଅପ୍‌ସରାମାନଙ୍କର ସେହି ଅଭିନୟକୁ ଶିବ ପାର୍ବତୀ କିଛି ସମୟ ଉପଭୋଗ କଲେ । ୯୧

ନାଟକ ଦର୍ଶନ ପରେ ଦେବତାମାନେ ମସ୍ତକରେ ଅଞ୍ଜଳିବଦ୍ଧ ହସ୍ତ ଲଗାଇ , ସପତ୍ନୀକ ଶିବଙ୍କୁ ପ୍ରଣାମ କରି ପ୍ରାର୍ଥନା କଲେ– " ଭଗବାନ୍, କାମଦେବଙ୍କ ଶାପର ଅବସାନ ଘଟିଛି, ଏଣିକି ସେ ଶରୀର ଧାରଣ କରି ଆପଣଙ୍କର ଯେପରି ସେବା କରି ପାରିବେ, ଆପଣ ଅନୁମତି ଦେବା ହୁଅନ୍ତୁ । " ୯୨

ପାର୍ବତୀଙ୍କୁ ବିବାହ କରି ଶିବ ବର୍ତ୍ତମାନ କାମଦେବଙ୍କ ପ୍ରତି ପ୍ରସନ୍ନ ଥିଲେ । ତେଣୁ ସେ ନିଜ ପ୍ରତି ଶର ପ୍ରୟୋଗ କରିବାକୁ କାମଦେବଙ୍କୁ ଅନୁମତି ଦେଲେ । ପ୍ରଭୁମାନଙ୍କ ନିକଟରେ ଉପଯୁକ୍ତ ଅବସରରେ ଯେଉଁ ନିବେଦନ ଉପସ୍ଥାପନ କରାଯାଏ, ତାହା ନିଶ୍ଚୟ ଫଳପ୍ରଦ ହୁଏ । ୯୩

ତା'ପରେ ଶିବ ଦେବଗଣଙ୍କୁ ବିଦାୟ ଦେଇ, ପାର୍ବତୀଙ୍କ ହାତ ଧରି ମଧୁଶଯ୍ୟା ଗୃହରେ ପ୍ରବେଶ କଲେ । ଉକ୍ତ ଗୃହ ସୁବର୍ଣ୍ଣ କଳସ ଓ ପୁଷ୍ପ ଆଦିରେ ସଜ୍ଜିତ ହୋଇଥିଲା ଏବଂ ଭୂମି ଉପରେ ଶେଯ ବିଛା ହୋଇଥିଲା । ୯୪

ସେଠାରେ ଶିବ ଯେତେବେଳେ ହସ୍ତରେ ନବ ବିବାହିତା ପାର୍ବତୀଙ୍କର ଲଜ୍ଜାବନତ ମୁଖକୁ ଉପରକୁ ଉଠାଇଲେ, ପାର୍ବତୀ ଅଧିକ ଲଜ୍ଜାରେ ମୁଖ ବୁଲାଇ ନେଲେ । ସେ (ପାର୍ବତୀ)ଶୟନ-ସଖୀମାନଙ୍କ କଥାର ମଧ୍ୟ ଉତ୍ତର ଦେଇ ପାରିଲେ ନାହିଁ । ଶିବ ପ୍ରମଥ ଗଣଙ୍କ ହାସ୍ୟୋଦ୍ଦୀପକ ମୁଖଭଙ୍ଗୀ-ଦ୍ୱାରା ପାର୍ବତୀଙ୍କୁ ମନମଧ୍ୟରେ ହସାଇଲେ । ୯୫

—×—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अष्टमः सर्गः

पाणिपीडनविधेरनन्तरं शैलराजदुहितुर्हरं प्रति ।
भावसाध्वसपरिग्रहादभूत् कामदोहदमनोहरं वपुः ॥ १
ପାଣିପୀଡନବିଧେରନନ୍ତରଂ ଶୈଳରାଜଦୁହିତୁର୍ହରଂ ପ୍ରତି ।
ଭବସାଧ୍ୱସପରିଗ୍ରହାଦଭୂତ୍ କାମଦୋହଦମନୋହରଂ ବପୁଃ ॥ ୧

व्याहृता प्रतिवचो न सन्दधे गन्तुमैच्छदवलम्बितांशुका ।
सेवते स्म शयनं पराङ्मुखी सा तथापि रतये पिनाकिनः ॥ २
ବ୍ୟାହୃତା ପ୍ରତିବଚୋ ନ ସନ୍ଦଧେ ଗନ୍ତୁମୈଚ୍ଛଦବଲମ୍ବିତାଂଶୁକା ।
ସେବତେ ଶୟନଂ ପରାଙ୍‌ମୁଖୀ ସା ତଥାପି ରତୟେ ପିନାକିନଃ ॥ ୨

कैतवेन शयिते कुतूहलान् पार्वती प्रतिमुखं निपातितम् ।
चक्षुरुन्मिषति सस्मितं प्रिये विद्युताहतमिव न्यमीलयत् ॥ ३
କୈତବେନ ଶୟିତେ କୁତୂହଳାତ୍ ପାର୍ବତୀ ପ୍ରତିମୁଖଂ ନିପାତିତମ୍ ।
ଚକ୍ଷୁରୁନ୍ମିଷତି ସସ୍ମିତଂ ପ୍ରିୟେ ବିଦ୍ୟୁତାହତମିବ ନ୍ୟମୀଳୟତ୍ ॥ ୩

नाभिदेशनिहितः सकम्पया शङ्करस्य रुरुधे तया करः ।
तद्दुकूलमथ चाभवत् स्वयं दूरमुच्छ्वसितनीविबन्धनम् ॥ ४
ନାଭିଦେଶନିହିତଃ ସକମ୍ପୟା ଶଙ୍କରସ୍ୟ ରୁରୁଧେ ତୟା କରଃ ।
ତଦ୍ଦୁକୂଳମଥ ଚାଭବତ୍ ସ୍ୱୟଂ ଦୂରମୁଚ୍ଛ୍ୱସିତନୀବିବନ୍ଧନମ୍ ॥ ୪

एवमालि निगृहीतसाध्वसं शङ्करो रहसि सेव्यतामिति ।
सा सखीभिरुपदिष्टमाकुला नास्मरत् प्रमुखवर्तिनि प्रिये ॥ ५
ଏବମାଳି ନିଗୃହୀତସାଧ୍ୱସଂ ଶଙ୍କରେ ରହସି ସେବ୍ୟତାମିତି ।
ସା ସଖୀଭିରୁପଦିଷ୍ଟମାକୁଳା ନାସ୍ମରତ୍ ପ୍ରମୁଖବର୍ତ୍ତିନି ପ୍ରିୟେ ॥ ୫

अप्यवस्तुनि कथाप्रवृत्तये प्रश्नतत्परमनङ्गशासनम् ।
वीक्षितेन परिवीक्ष्य पार्वती मूर्धकम्पमयमुत्तरं ददौ ॥ ६
ଅପ୍ୟବସ୍ତୁନି କଥାପ୍ରବୃତ୍ତୟେ ପ୍ରଶ୍ନତତ୍ପରମନଙ୍ଗଶାସନମ୍ ।
ବୀକ୍ଷିତେନ ପରିବୀକ୍ଷ୍ୟ ପାର୍ବତୀ ମୂର୍ଦ୍ଧକମ୍ପମୟମୁତ୍ତରଂ ଦଦୌ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଷ୍ଟମ ସର୍ଗ

ବିବାହ ପରେ, ପାର୍ବତୀଙ୍କର ଶିବଙ୍କ ପ୍ରତି ରତିଭବ ଭୟମିଶ୍ରିତ ହେଲା, କିନ୍ତୁ ମନରେ ରତିକାମନା ପରିପୂର୍ଣ୍ଣ ଥିଲା । ଏହିପରି ଚିତ୍ତବୃତ୍ତି ଘେନି ତାଙ୍କର ଶରୀର ମନୋରମ ଦିଶିଲା । ୧

ଶିବ ଆଳାପ କଲାବେଳେ ସେ ନିରୁତ୍ତର ରହୁଥିଲେ । ବସ୍ତ୍ର ଧରି ଟାଣିଲେ ଅନ୍ୟ ଆଡ଼କୁ ଚାଲି ଯାଉଥିଲେ । ଶିବଙ୍କ ଆଡୁ ମୁହଁ ବୁଲାଇ ନେଇ ଶୟନ କରୁଥିଲେ । ପାର୍ବତୀଙ୍କର ଏହିପରି ଭବ ଶିବଙ୍କର ସୁଖ ବର୍ଦ୍ଧନ କରୁଥିଲା । ୨

ଶିବ କୌତୁକରେ ନିଦ୍ରାର ଛଳନା କଲେ ପାର୍ବତୀ ପ୍ରିୟତମଙ୍କ ମୁଖକୁ ଚାହୁଁଥିଲେ ; କିନ୍ତୁ ଶିବ ସ୍ମିତ ହାସ୍ୟ ପୂର୍ବକ ଆଖି ଖୋଲି ଦେଲେ ପାର୍ବତୀ, ବିଦ୍ୟୁତ୍ ସ୍ଫୁରଣରେ ଆଖି ବୁଜିହୋଇଗଲା ଭଳି ଆଖି ବୁଜି ପକାଉ-ଥିଲେ । ୩

ଶିବ ତାଙ୍କର ନାଭିସ୍ଥଳରେ ହାତ ରଖିଲେ ସେ କମ୍ପିତ ଶରୀରରେ ତାଙ୍କର ହାତକୁ ଘୁଞ୍ଚାଇ ଦେଉଥିଲେ । କିନ୍ତୁ ସେତେବେଳେ ତାଙ୍କ ବସ୍ତ୍ରର ଖୋଷଣି ଆପେ ଆପେ ଶିଥିଳ ହୋଇ ଆସୁଥିଲା । ୪

ସଖୀମାନେ ତାଙ୍କୁ ଉପଦେଶ ଦେଇଥିଲେ– "ତୁମେ ଭୟ ତ୍ୟାଗ କରି ନିର୍ଜନରେ ଶିବଙ୍କ ସହିତ କେଳି କରିବ ।" କିନ୍ତୁ ପ୍ରିୟତମ ସମ୍ମୁଖବର୍ତ୍ତୀ ହେଲେ ସେ ଭୟବିହ୍ୱଳା ହୋଇ ତାହା ଭୁଲି ଯାଉଥିଲେ । ୫

ପାର୍ବତୀଙ୍କ ସହିତ କଥା ହେବା ଉଦ୍ଦେଶ୍ୟରେ ଶିବ ଅପ୍ରାସଙ୍ଗିକ ବିଷୟରେ ମଧ୍ୟ ପ୍ରଶ୍ନ ପଚାରୁଥିଲେ, କିନ୍ତୁ ପାର୍ବତୀ ତାଙ୍କ ଆଡକୁ ଚାହିଁ ଉତ୍ତର ସ୍ୱରୂପ କେବଳ ମୁଣ୍ଡ ହଲାଉଥିଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

शूलिनः करतलद्वयेन सा संनिरुध्य नयने हृतांशुका ।
तस्य पश्यति ललाटलोचने मोघयत्नविधुरा रहस्यभूत् ॥ ७
ଶୂଳିନଃ କରତଳଦ୍ୱୟେନ ସା ସଂନିରୁଧ୍ୟ ନୟନେ ହୃତାଂଶୁକା ।
ତସ୍ୟ ପଶ୍ୟତି ଲଲାଟଲୋଚନେ ମୋଘଯତ୍ନବିଧୁରା ରହସ୍ୟଭୂତ୍ ॥ ୭

चुम्बनेष्वधरदानवर्जितं खिन्नहस्तसदयोपगूहनम् ।
क्लिष्टमन्मथमपि प्रियं प्रभोर्दुर्लभप्रतिकृतं वधूरतम् ॥ ८
ଚୁମ୍ବନେଷ୍ୱଧରଦାନବର୍ଜିତଂ ଖିନ୍ନହସ୍ତସଦୟୋପଗୂହନମ୍ ।
କ୍ଲିଷ୍ଟମନ୍ମଥମପି ପ୍ରିୟଂ ପ୍ରଭୋର୍ଦୁର୍ଲଭପ୍ରତିକୃତଂ ବଧୂରତମ୍ ॥ ୮

यन्मुखग्रहणमक्षताधरं दानमव्रणपदं नखस्य यत् ।
यद् रतं च सदयं प्रियस्य तत् पार्वती विषहते स्म नेतरा ॥ ९
ଯନ୍ମୁଖଗ୍ରହଣମକ୍ଷତାଧରଂ ଦାନମବ୍ରଣପଦଂ ନଖସ୍ୟ ଯତ୍ ।
ଯଦ୍ ରତଂ ଚ ସଦୟଂ ପ୍ରିୟସ୍ୟ ତତ୍ ପାର୍ବତୀ ବିଷହତେ ସ୍ମ ନେତରା ॥ ୯

रात्रिवृत्तमनुयोक्तुमुद्यतं सा प्रभातसमये सखीजनम् ।
नाकरोदपकुतूहलं ह्रिया शंसितुं तु हृदयेन तत्वरे ॥ १०
ରାତ୍ରିବୃତ୍ତମନୁଯୋକ୍ତୁମୁଦ୍ୟତଂ ସା ପ୍ରଭାତସମୟେ ସଖୀଜନମ ।
ନାକରୋଦପକୁତୂହଳଂ ହ୍ରିୟା ଶଂସିତୁଂ ତୁ ହୃଦୟେନ ତତ୍ୱରେ ॥ ୧୦

दर्पणे च परिभोगदर्शिनी पृष्ठतः प्रणयिनो निषेदुषः ।
प्रेक्ष्य बिम्बमुपबिम्बमात्मनः कानि कानि न चकार लज्जया ॥ ११
ଦର୍ପଣେ ଚ ପରିଭୋଗଦର୍ଶିନୀ ପୃଷ୍ଠତଃ ପ୍ରଣୟିନୋ ନିଷେଦୁଷଃ ।
ପ୍ରେକ୍ଷ୍ୟ ବିମ୍ବମୁପବିମ୍ବମାତ୍ମନଃ କାନି କାନି ନ ଚକାର ଲଜ୍ଜୟା ॥ ୧୧

नीलकण्ठपरिभुक्तयौवनां तां विलोक्य जननी समाश्वसत् ।
भर्तृवल्लभतया हि मानसीं मातुरस्यति शुचं वधूजनः ॥ १२
ନୀଳକଣ୍ଠପରିଭୁକ୍ତଯୌବନାଂ ତାଂ ବିଲୋକ୍ୟ ଜନନୀ ସମାଶ୍ୱସତ୍ ।
ଭର୍ତୃବଲ୍ଲଭତୟା ହି ମାନସୀଂ ମାତୁରସ୍ୟତି ଶୁଚଂ ବଧୂଜନଃ ॥ ୧୨

वासराणि कतिचित् कथञ्चन स्थाणुना रतमकारि चानया ।
ज्ञातमन्मथरसा शनैः शनैः सा मुमोच रतिदुःखशीलताम् ॥ १३
ବାସରାଣି କତିଚିତ୍ କଥଞ୍ଚନ ସ୍ଥାଣୁନା ରତମକାରି ଚାନୟା ।
ଜ୍ଞାତମନ୍ମଥରସା ଶନୈଃ ଶନୈଃ ସା ମୁମୋଚ ରତିଦୁଃଖଶୀଳତାମ୍ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶିବ ନିର୍ଜନରେ ତାଙ୍କର ପିନ୍ଧିବା ବସ୍ତ୍ର ଟାଣିନେଲେ ସେ ଦୁଇ ହାତ ପାପୁଲିରେ ଶିବଙ୍କର ଦୁଇଆଖି ବୁଜି ଧରୁଥିଲେ । କିନ୍ତୁ ଶିବ ତୃତୀୟ ଆଖିରେ ତାଙ୍କୁ ଚାହୁଁଥିଲେ । ତେଣୁ ପାର୍ବତୀ ଶିବଙ୍କର ଆଖି ଆବୃତ କରିବାରେ ବିଫଳ ହୋଇ ବିହ୍ୱଳା ହୋଇ ପଡୁଥିଲେ । ୭

ଶିବ ଚୁମ୍ବନ ଦେବାକୁ ମୁଖ ନେଲାବେଳେ ପାର୍ବତୀ ଅଧର ଦାନ କରୁ ନଥିଲେ ଏବଂ ଆଲିଙ୍ଗନ କଲାବେଳେ ପାର୍ବତୀଙ୍କର ହସ୍ତ ଶିଥିଳ ହୋଇପଡ଼ୁଥିଲା, ତେଣୁ ଶିବ ତାଙ୍କୁ ସଦୟ ଭାବରେ ଆଲିଙ୍ଗନ କରୁଥିଲେ । ଶିବଙ୍କ ସହିତ ପାର୍ବତୀଙ୍କର ରତି ଦନ୍ତକ୍ଷତାଦି ପୀଡ଼ନ ବର୍ଜିତ ଥିଲା । ଏହିପରି କାମ ଆବେଗ ପ୍ରତିହତ ହେଉଥିଲେ ମଧ୍ୟ ଶିବଙ୍କୁ ନବବଧୂ ପାର୍ବତୀଙ୍କର ରତି ପ୍ରୀତିକର ବୋଧ ହେଉଥିଲା । ୮

ପାର୍ବତୀଙ୍କର ଅଧର ଯେପରି କ୍ଷତ ନ ହୁଏ, ଶିବ ସେହିପରି ଭାବରେ ଚୁମ୍ବନ ଦେଉଥିଲେ, ତାଙ୍କ ଶରୀରରେ ଯେପରି ଆଘାତ ନହୁଏ, ସେହିପରି ଭାବରେ ନଖାଘାତ କରୁଥିଲେ । ଶିବଙ୍କର ଏପ୍ରକାର ସଦୟ ରତିକ୍ରିୟାକୁ ମଧ୍ୟ ପାର୍ବତୀଙ୍କ ଭିନ୍ନ ଅନ୍ୟ କୌଣସି ରମଣୀ ସହନ କରି ପାରି ନଥାନ୍ତେ । ୯

ସକାଳେ ସଖୀମାନେ ଯେତେବେଳେ ପାର୍ବତୀଙ୍କୁ ରାତିର ଘଟନା ପଚାରୁଥିଲେ, ପାର୍ବତୀ ଲଜ୍ଜା ବଶତଃ ସେମାନଙ୍କର କୌତୂହଳ ନିବୃତ୍ତି କରି ପାରୁନଥିଲେ । କିନ୍ତୁ ସେମାନଙ୍କୁ ତାହା କହିବା ପାଇଁ ହୃଦୟରେ ବ୍ୟଗ୍ରତା ଅନୁଭବ କରୁଥିଲେ । ୧୦

ପାର୍ବତୀ ଯେତେବେଳେ ଦର୍ପଣରେ ନିଜ ଶରୀରରେ ଶିବଙ୍କ ଉପଭୋଗ ଚିହ୍ନ ଦେଖୁଥିଲେ, ସେତେବେଳେ ପ୍ରିୟତମ (ଶିବ) ଅଲକ୍ଷିତରେ ଯାଇ ତାଙ୍କ ପଛରେ ବସି ପଡ଼ୁଥିଲେ । ପାର୍ବତୀ ଦର୍ପଣରେ ନିଜ ପ୍ରତିବିମ୍ବ ପାଖରେ ଶିବଙ୍କ ପ୍ରତିବିମ୍ବ ଦେଖି ଏପରି ଲଜ୍ଜିତା ହୋଇ ଯାଉଥିଲେ ଯେ କୌଣସି କଥା ଉଚ୍ଚାରଣ କରି ପାରୁ ନଥିଲେ । ୧୧

ଶିବଙ୍କ କର୍ତ୍ତୃକ ପାର୍ବତୀଙ୍କର ଯୌବନସମ୍ଭୋଗ ଲକ୍ଷ୍ୟ କରି ଜନନୀ (ମେନା) ପରମ ସନ୍ତୋଷ ଲାଭ କଲେ । କନ୍ୟା ତା'ସ୍ୱାମୀର ସୋହାଗ ଲାଭ କଲେ ଜନନୀର ମନରୁ ଦୁଃଖ ଦୂର ହୋଇଯାଏ । ୧୨

ଶିବ ଏହିପରି ଭାବରେ ପାର୍ବତୀଙ୍କ ସହିତ କିଛି ଦିନ କୌଣସି ପ୍ରକାରେ ରତିକ୍ରୀଡ଼ା କଲେ । କ୍ରମେ ପାର୍ବତୀ ରତିରସର ଆସ୍ୱାଦ ଲାଭ କରି ରତିକାଳୀନ ପ୍ରତିକୂଳ ସ୍ୱଭାବ ତ୍ୟାଗ କଲେ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सस्वजे प्रियमुरोनिपीडनं प्रार्थितं मुखमनेन नाहरत् ।
मेखलापणयलोलतां गतं हस्तमस्य शिथिलं रुरोध सा ॥ १४
ସସ୍ୱଜେ ପ୍ରିୟମୁରୋନିପୀଡନଂ ପ୍ରାର୍ଥିତଂ ମୁଖମନେନ ନାହରତ୍ ।
ମେଖଳାପ୍ରଣୟଲୋଲତାଂ ଗତଂ ହସ୍ତମସ୍ୟ ଶିଥିଳଂ ରୁରୋଧ ସା ॥ ୧୪

भावसूचितमदृष्टविप्रियं चाटुमत् क्षणवियोगकातरम् ।
कैश्चिदेव दिवसैस्तथा तयोः प्रेम गाढमितरेतराश्रयम् ॥ १५
ଭାବସୂଚିତମଦୃଷ୍ଟବିପ୍ରିୟଂ ଚାଟୁମତ୍ କ୍ଷଣବିୟୋଗକାତରମ୍ ।
କୈଶ୍ଚିଦେବ ଦିବସୈସ୍ତଥା ତୟୋଃ ପ୍ରେମ ଗାଢମିତରେତରାଶ୍ରୟମ୍ ॥ ୧୫

तं यथात्मसदृशं वरं वधूरन्वरज्यत वरस्तथैव ताम् ।
सागरादनपगा हि जाह्नवी सोऽपि तन्मुखरसैकवृत्तिभाक् ॥ १६
ତଂ ଯଥାତ୍ମସଦୃଶଂ ବରଂ ବଧୂରନ୍ୱରଜ୍ୟତ ବରସ୍ତଥୈବ ତାମ୍ ।
ସାଗରାଦନପଗା ହି ଜାହ୍ନବୀ ସୋଽପି ତନ୍ମୁଖରସୈକବୃତ୍ତିଭାକ୍ ॥ ୧୬

शिष्यतां निधुवनोपदेशिनः शङ्करस्य रहसि प्रपन्नया ।
शिक्षितं युवतिनैपुणं तया यत् तदेव गुरुदक्षिणीकृतम् ॥ १७
ଶିଷ୍ୟତାଂ ନିଧୁବନୋପଦେଶିନଃ ଶଙ୍କରସ୍ୟ ରହସି ପ୍ରପନ୍ନୟା ।
ଶିକ୍ଷିତଂ ଯୁବତିନୈପୁଣଂ ତୟା ଯତ୍ ତଦେବ ଗୁରୁଦକ୍ଷିଣୀକୃତମ୍ ॥ ୧୭

दष्टमुक्तमधरोष्ठमम्बिका वेदनाविधुतहस्तपल्लवा ।
शीतलेन निरवापयत् क्षणं मौलिचन्द्रशकलेन शूलिनः ॥ १८
ଦଷ୍ଟମୁକ୍ତମଧରୋଷ୍ଠମମ୍ବିକା ବେଦନାବିଧୁତହସ୍ତପଲ୍ଲବା ।
ଶୀତଳେନ ନିରବାପୟତ୍ କ୍ଷଣଂ ମୌଳିଚନ୍ଦ୍ରଶକଳେନ ଶୂଳିନଃ ॥ ୧୮

चुम्बनादलकचूर्णदूषितं शङ्करोऽपि नयनं ललाटजम् ।
उच्छ्वसत्कमलगन्धये ददौ पार्वतीवदनगन्धवाहिने ॥ १९
ଚୁମ୍ବନାଦଳକଚୂର୍ଣ୍ଣଦୂଷିତଂ ଶଙ୍କରୋଽପି ନୟନଂ ଲଲାଟଜମ୍ ।
ଉଚ୍ଛ୍ୱସତ୍କମଳଗନ୍ଧୟେ ଦଦୌ ପାର୍ବତୀବଦନଗନ୍ଧବାହିନେ ॥ ୧୯

एवमिन्द्रियसुखस्य वर्त्मनः सेवनादनुगृहीतमन्मथः ।
शैलराजभवने सहोमया मासमात्रमवसद् वृषध्वजः ॥ २०
ଏବମିନ୍ଦ୍ରିୟସୁଖସ୍ୟ ବର୍ତ୍ମନଃ ସେବନାଦନୁଗୃହୀତମନ୍ମଥଃ ।
ଶୈଳରାଜଭବନେ ସହୋମୟା ମାସମାତ୍ରମବସଦ୍ ବୃଷଧ୍ୱଜଃ ॥ ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ୍ରମେ, ପ୍ରିୟତମ ଆଲିଙ୍ଗନ କଲେ ପାର୍ବତୀ ତାଙ୍କ ବକ୍ଷରେ ନିବିଡ଼ ଭାବରେ ଲାଗିଗଲେ, ପ୍ରିୟତମ ଚୁମ୍ବନ ଦେବାକୁ ଗଲେ ସେ ମୁଖ ବୁଲାଇ ନେଲେ ନାହିଁ ଏବଂ ପ୍ରିୟତମ ଅଣ୍ଟାସୂତା ଆଡକୁ ହାତ ବଢ଼ାଇଲେ ତାଙ୍କର ହାତକୁ କେବଳ ଶିଥିଳ ଭାବରେ ଘୁଞ୍ଚାଇଲେ । ୧୪

କିଛିଦିନ ମଧ୍ୟରେ ଉଭୟଙ୍କର ପ୍ରେମ ନିବିଡ ହୋଇ ଉଠିଲା । କୌଣସି ଅପ୍ରିୟତା ନଘଟିଲେ ମଧ୍ୟ ଉଭୟେ ପରସ୍ପରକୁ ଚାଟୁ ବଚନ କହିଲେ ଏବଂ କ୍ଷଣକ ବିଚ୍ଛେଦରେ ମଧ୍ୟ କାତର ହୋଇ ଉଠିଲେ । ୧୫

ପତି ଯେପରି ସ୍ୱ-ଅନୁରୂପା ପତ୍ନୀ-ପ୍ରତି ଅନୁରକ୍ତ ହେଲେ, ପତ୍ନୀ ମଧ୍ୟ ସେହିପରି ସ୍ୱ-ଅନୁରୂପ ପତି ପ୍ରତି ଅନୁରକ୍ତା ହେଲେ । ଗଙ୍ଗା ସମୁଦ୍ରକୁ ଛାଡ଼ି ଅନ୍ୟତ୍ର ଯାଏ ନାହିଁ, ସମୁଦ୍ର ମଧ୍ୟ କେବଳ ଗଙ୍ଗାର ମୁଖରସ ପାନ କରି ସନ୍ତୋଷ ଲାଭ କରେ । ୧୬

ପାର୍ବତୀ ଏକାନ୍ତ ସ୍ଥାନରେ ଶିବଙ୍କର ଶିଷ୍ୟା ହୋଇ ତାଙ୍କଠାରୁ ରତି ବିଦ୍ୟା ର ଉପଦେଶ ଗ୍ରହଣ କଲେ ଏବଂ ତଦ୍ୱାରା ଯେଉଁ ଯୁବତୀସୁଲଭ ନୈପୁଣ୍ୟ ଲାଭ କଲେ, ତାହାକୁ ହିଁ ଗୁରୁଙ୍କୁ ଦକ୍ଷିଣା ଦେଲେ । ୧୭

ଶିବ ପାର୍ବତୀଙ୍କର ଅଧର କ୍ଷତ କଲେ ପାର୍ବତୀ ପୀଡ଼ା ଅନୁଭବ କରି ଅଧର ନିକଟରେ କରପଲ୍ଲବ ସଞ୍ଚାଳନ କରୁଥିଲେ । ଶିବଙ୍କ ମସ୍ତକ-ସ୍ଥିତ ଚନ୍ଦ୍ରକଳାର ଶୀତଳ କିରଣ ସେହି ପୀଡା ଉପଶମ କରି-ଦେଉଥିଲା । ୧୮

ଚୁମ୍ବନ ଦେଲା ବେଳେ ଶିବଙ୍କର ଲଲାଟ ସ୍ଥିତ ଚକ୍ଷୁରେ ପାର୍ବତୀଙ୍କର କେଶଚୂର୍ଣ୍ଣ ପଡ଼ିଗଲେ ଶିବ ତାଙ୍କ ଆଡକୁ ମୁଖ ବଢ଼ାଇ ଦେଉଥିଲେ । ପାର୍ବତୀ ନିଜର ବିକଶିତ ପଦ୍ମ ତୁଲ୍ୟ ସୁଗନ୍ଧମୟ ମୁଖବାୟୁ ଦ୍ୱାରା ତାଙ୍କର ଚକ୍ଷୁ ପୀଡ଼ା ଦୂର କରିଦେବେ, ଏହା ଥିଲା ତାଙ୍କର ମୁଖ ବଢ଼ାଇବାର ଉଦ୍ଦେଶ୍ୟ । ୧୯

ଏହିପରି ଭାବରେ ଶିବ ଇନ୍ଦ୍ରିୟପଥର ପଥିକ ହୋଇ କନ୍ଦର୍ପ ପ୍ରତି ଅନୁଗ୍ରହ ପ୍ରଦର୍ଶନ ପୂର୍ବକ ନଗାଧିରାଜଙ୍କ ଗୃହରେ ପାର୍ବତୀଙ୍କ ସହିତ ଏକ ମାସ ଅବସ୍ଥାନ କଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सोऽनुमान्य हिमवन्तमात्मभूरात्मजाविरहदुःखखेदितम् ।
तत्र तत्र विजहार संपतन्नप्रमेयगतिना ककुद्मता ॥ २१
ସୋଽନୁମାନ୍ୟ ହିମବନ୍ତମାତ୍ମଭୂରାତ୍ମଜାବିରହଦୁଃଖଖେଦିତମ୍ ।
ତତ୍ର ତତ୍ର ବିଜହାର ସଂପତନ୍ନପ୍ରମେୟଗତିନା କକୁଦ୍ମତା ॥ ୨୧

मेरुमेत्य मरुदाशुगोक्षकः पार्वतीस्तनपुरस्कृतः कृती ।
हेमपल्लवविभङ्गसंस्तरानन्वभूत् सुरतमर्दनक्षमान् ॥ २२
ମେରୁମେତ୍ୟ ମରୁଦାଶୁଗୋକ୍ଷକଃ ପାର୍ବତୀସ୍ତନପୁରସ୍କୃତଃ କୃତୀ ।
ହେମପଲ୍ଲବବିଭଙ୍ଗସଂସ୍ତରାନନ୍ୱଭୂତ୍ ସୁରତମର୍ଦନକ୍ଷମାନ୍ ॥ ୨୨

पद्मनाभचरणाङ्कितास्मसु प्राप्तवत्स्वमृतविप्रुषो नवाः ।
मन्दरस्य कटकेषु चावसत् पार्वतीवदनपद्मषट्पदः ॥ २३
ପଦ୍ମନାଭଚରଣାଙ୍କିତାଶ୍ମସୁ ପ୍ରାପ୍ତବତ୍ସ୍ୱମୃତବିପ୍ରୁଷୋ ନବାଃ ।
ମନ୍ଦରସ୍ୟ କଟକେଷୁ ଚାବସତ୍ ପାର୍ବତୀବଦନପଦ୍ମଷଟ୍ପଦଃ ॥ ୨୩

वारणध्वनितभीतया तया कण्ठसक्तदृढबाहुबन्धनः ।
एकपिङ्गलगिरौ जगद्गुरुर्निर्विवेश विशदाः शशिप्रभाः ॥ २४
ବାରଣଧ୍ୱନିତଭୀତୟା ତୟା କଣ୍ଠସକ୍ତଦୃଢବାହୁବନ୍ଧନଃ ।
ଏକପିଙ୍ଗଲଗିରୌ ଜଗଦ୍ଗୁରୁର୍ନିର୍ବିବେଶ ବିଶଦାଃ ଶଶିପ୍ରଭାଃ ॥ ୨୪

तस्य जातु मलयस्थलीरते धूतचन्दनलतः प्रियाक्लमम् ।
आचचाम सलवङ्गकेसरश्चाटुकार इव दक्षिणानिलः ॥ २५
ତସ୍ୟ ଜାତୁ ମଳୟସ୍ଥଳୀରତେ ଧୂତଚନ୍ଦନଲତଃ ପ୍ରିୟାକ୍ଲମମ୍ ।
ଆଚଚାମ ସଲବଙ୍ଗକେସରଶ୍ଚାଟୁକାର ଇବ ଦକ୍ଷିଣାନିଳଃ ॥ ୨୫

हेमतामरसताडितप्रिया तत्कराम्बुविनिमीलितेक्षणा ।
सा व्यगाहत तरङ्गिणीमुमा मीनपङ्क्तिपुनरुक्तमेखला ॥ २६
ହେମତାମରସତାଡିତପ୍ରିୟା ତତ୍କରାମ୍ବୁବିନିମୀଲିତେକ୍ଷଣା ।
ସା ବ୍ୟଗାହତ ତରଙ୍ଗିଣୀମୁମା ମୀନପଙ୍କ୍ତିପୁନରୁକ୍ତମେଖଳା ॥ ୨୬

तां पुलोमतनयालकोचितैः पारिजातकुसुमैः प्रसाधयन् ।
नन्दने चिरमयुग्मलोचनः सस्पृहं सुरवधूभिरीक्षितः ॥ २७
ତାଂ ପୁଲୋମତନୟାଲକୋଚିତୈଃ ପାରିଜାତକୁସୁମୈଃ ପ୍ରସାଧୟନ୍ ।
ନନ୍ଦନେ ଚିରମୟୁଗ୍ମଲୋଚନଃ ସସ୍ପୃହଂ ସୁରବଧୂଭିରୀକ୍ଷିତଃ ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ କନ୍ୟାର ବିଚ୍ଛେଦ ଦୁଃଖରେ ଦୁଃଖିତ ନଗାଧିରାଜଙ୍କଠାରୁ ବିଦାୟ ନେଇ, ଶିବ ପାର୍ବତୀଙ୍କ ସହିତ ଅକଳନୀୟଗତିଶାଳୀ ବୃଷଭପୃଷ୍ଠରେ ଆରୋହଣ କରି ବିଭିନ୍ନ ସ୍ଥାନ ଭ୍ରମଣ କଲେ । ୨୧

ନିପୁଣ ମହେଶ୍ୱର ବାୟୁତୁଲ୍ୟ ବେଗଗାମୀ ବୃଷଭ ପୃଷ୍ଠରେ ଆରୋହଣ କରି, ପାର୍ବତୀଙ୍କୁ ଆଗକୁ ମୁହଁ କରି ବସାଇ ମେରୁ ପର୍ବତକୁ ଯାତ୍ରା କଲେ ଏବଂ ସେଠାରେ ପହଞ୍ଚି ସୁବର୍ଣ୍ଣପଲ୍ଲବଖଣ୍ଡ—ଶଯ୍ୟାର ସୁଖ ଅନୁଭବ କଲେ, ଯେଉଁ ଶଯ୍ୟା କି ଉଭୟଙ୍କର ରତିକାଳୀନ ମର୍ଦ୍ଦନ ସହିବାକୁ ଉପଯୁକ୍ତ ଥିଲା । ୨୨

ପାର୍ବତୀଙ୍କର ମୁଖ-ପଦ୍ମ-ଭ୍ରମର ଶିବ ମନ୍ଦର ପର୍ବତର ମଧ୍ୟଭାଗରେ କିଛି ଦିନ ଅବସ୍ଥାନ କଲେ, ଯେଉଁଠାରେ କି ପାଷାଣରେ ବିଷ୍ଣୁଙ୍କର ପଦଚିହ୍ନ ଅଙ୍କିତ ହୋଇଥିଲା ଏବଂ ବାୟୁମଣ୍ଡଳରେ ଅମୃତ ତୁଲ୍ୟ ନବୀନ ଜଳକଣା ପରିପୂର୍ଣ୍ଣ ଥିଲା । ୨୩

ଜଗଦ୍‌ଗୁରୁ (ଶିବ) 'ଏକପିଙ୍ଗଳ' ନାମକ ପର୍ବତରେ ଅବସ୍ଥାନ କରୁଥିଲାବେଳେ ପାର୍ବତୀ ହସ୍ତୀଗଣଙ୍କ ଗର୍ଜନରେ ଭୟଭୀତା ହୋଇ ଶିବଙ୍କ କଣ୍ଠରେ ବାହୁ ଛନ୍ଦି ଭିଡ଼ି ଧରୁଥିଲେ । ଶିବ ସେହି ସ୍ଥାନରେ କିଛିଦିନ ବାସ କରି ନିର୍ମଳ ଚନ୍ଦ୍ର କିରଣ ଉପଭୋଗ କଲେ । ୨୪

ତା'ପରେ ସେ ମଳୟ ପର୍ବତକୁ ଗଲେ । ସେଠାରେ ଚନ୍ଦନ ଲତାମାନଙ୍କୁ ଦୋହଲାଇ ଏବଂ ଲବଙ୍ଗ ଫୁଲର ପରାଗ ଘେନି ବହୁଥିବା ଦକ୍ଷିଣୀ ପବନ ଚାଟୁକାର ପରି ପାର୍ବତୀଙ୍କର ରତିକ୍ଲାନ୍ତି ଦୂର କଲା । ୨୫

ସେଠାରେ ନଦୀରେ ଜଳକ୍ରୀଡ଼ା କଲାବେଳେ ପାର୍ବତୀ ସୁବର୍ଣ୍ଣପଦ୍ମ ଦ୍ୱାରା ପ୍ରିୟତମଙ୍କୁ ପ୍ରହାର କରୁଥିଲେ ଏବଂ ପ୍ରିୟତମ ତାଙ୍କ ମୁହଁକୁ ଜଳ ଫିଙ୍ଗିଲେ ସେ ଆଖି ବୁଜି ପକାଉଥିଲେ । ଧାଡ଼ିଧାଡ଼ି ମାଛ ପାର୍ବତୀଙ୍କ ଅଣ୍ଟା ଚାରି ପାଖରେ ଲାଗି ଯାଉଥିଲେ । ତେଣୁ ସେତେବେଳେ ତାଙ୍କର ଅଣ୍ଟାସୂତା ଦୁଇସରି ହେଲାପରି ଜଣା ପଡୁଥିଲା । ୨୬

ତା'ପରେ ଶିବ ନନ୍ଦନ କାନନକୁ ଯାଇ ଶଚୀଙ୍କ କେଶଭୂଷଣଯୋଗ୍ୟ ପାରିଜାତ ପୁଷ୍ପରେ ପାର୍ବତୀଙ୍କୁ ମଣ୍ଡିତ କଲେ । ସେତେବେଳେ (ମଣ୍ଡିତ କଲା ବେଳେ) ସୁରାଙ୍ଗନାମାନେ ତାଙ୍କୁ ମୁଗ୍ଧ ଦୃଷ୍ଟିରେ ଦେଖିବାକୁ ଲାଗିଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इत्यभौममनुभूय शङ्करः पार्थिवं च दयितासखः सुखम् ।
लोहितायति कदाचिदातपे गन्धमादनवनं व्यगाहत ॥ २८
ଇତ୍ୟଭୌମମନୁଭୂୟ ଶଙ୍କରଃ ପାର୍ଥିବଂ ଚ ଦୟିତାସଖଃ ସୁଖମ୍ ।
ଲୋହିତାୟତି କଦାଚିଦାତପେ ଗନ୍ଧମାଦନବନଂ ବ୍ୟଗାହତ ॥ ୨୮

तत्र काञ्चनशिलातलाश्रयो नेत्रगम्यमवलोक्य भास्करम् ।
दक्षिणेतरभुजव्यपाश्रयां व्याजहार सहधर्मचारिणीम् ॥ २९
ତତ୍ର କାଞ୍ଚନଶିଳାଶ୍ରୟୋ ନେତ୍ରଗମ୍ୟମବଲୋକ୍ୟ ଭାସ୍କରମ୍ ।
ଦକ୍ଷିଣେତରଭୁଜବ୍ୟପାଶ୍ରୟାଂ ବ୍ୟାଜହାର ସହଧର୍ମଚାରିଣୀମ୍ ॥ ୨୯

पद्मकान्तिमरुणत्रिभागयोः संक्रमय्य तव नेत्रयोरिव ।
संक्षये जगदिव प्रजेश्वरः संहरत्यहरसावहर्पतिः ॥ ३०
ପଦ୍ମକାନ୍ତିମରୁଣତ୍ରିଭାଗୟୋଃ ସଂକ୍ରମୟ୍ୟ ତବ ନେତ୍ରୟୋରିବ ।
ସଂକ୍ଷୟେ ଜଗଦିବ ପ୍ରଜେଶ୍ୱରଃ ସଂହରତ୍ୟହରସାବହର୍ପତିଃ ॥ ୩୦

सीकरव्यतिकरं मरीचिभिर्दूरयत्यवनते विवस्वति ।
इन्द्रचापपरिवेषशून्यतां निर्झरास्तव पितुर्व्रजन्त्यमी ॥ ३१
ସୀକରବ୍ୟତିକରଂ ମରୀଚିଭିର୍ଦୂରୟତ୍ୟବନତେ ବିବସ୍ୱତି ।
ଇନ୍ଦ୍ରଚାପପରିବେଷଶୂନ୍ୟତାଂ ନିର୍ଝରସ୍ତବ ପିତୁର୍ବ୍ରଜନ୍ତ୍ୟମୀ ॥ ୩୧

दष्टतामरसकेसरत्यजोः क्रन्दतोर्विपरिवृत्तकण्ठयोः ।
निघ्नयोः सरसि चक्रवाकयोरल्पमन्तरमनल्पतां गतम् ॥ ३२
ଦଷ୍ଟତାମରସକେସରତ୍ୟଜୋଃ କ୍ରନ୍ଦତୋର୍ବିପରିବୃତ୍ତକଣ୍ଠୟୋଃ ।
ନିଘ୍ନୟୋଃ ସରସି ଚକ୍ରବାକୟୋରଳ୍ପମନ୍ତରମନଳ୍ପତାଂ ଗତମ୍ ॥ ୩୨

स्थानमाह्निकमपास्य दन्तिनः सल्लकीविटपभङ्गवासितम् ।
आविभातचरणाय गृह्णते वारि वारिरुहबद्धषट्पदम् ॥ ३३
ସ୍ଥାନମାହ୍ନିକମପାସ୍ୟ ଦନ୍ତିନଃ ସଲ୍ଲକୀବିଟପଭଙ୍ଗବାସିତମ୍ ।
ଆବିଭାତଚରଣାୟ ଗୃହ୍ଣତେ ବାରି ବାରିରୁହବଦ୍ଧଷଟ୍ପଦମ୍ ॥ ୩୩

पश्य पश्चिमदिगन्तलम्बिना निर्मितं मितकथे विवस्वता ।
लब्धया प्रतिमया सरोऽम्भसां तापनीयमिव सेतुबन्धनम् ॥ ३४
ପଶ୍ୟ ପଶ୍ଚିମଦିଗନ୍ତଲମ୍ବିନା ନିର୍ମିତଂ ମିତକଥେ ବିବସ୍ୱତା ।
ଲବ୍ଧୟା ପ୍ରତିମୟା ସରୋଽମ୍ଭସାଂ ତାପନୀୟମିବ ସେତୁବନ୍ଧନମ୍ ॥ ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ ଶିବ ପାର୍ବତୀଙ୍କ ସହିତ ସ୍ୱର୍ଗୀୟ ଓ ପାର୍ଥିବ, ଉଭୟ ସୁଖ ଉପଭୋଗ କରି, ଦିନେ ସୂର୍ଯ୍ୟରଶ୍ମି ଲୋହିତ ବର୍ଣ୍ଣ ଧାରଣ କରିଥିଲା ବେଳେ (ସନ୍ଧ୍ୟାବେଳେ) ଗନ୍ଧମାଦନ ପର୍ବତରେ ଉପସ୍ଥିତ ହେଲେ । ୨୮

ସେଠାରେ ଶିବ ସୁବର୍ଣ୍ଣ ଶିଳା ଉପରେ ଉପବେଶନ କରି ପାର୍ବତୀଙ୍କୁ ବାମ ବାହୁ ପାଶରେ ଭିଡ଼ି ଧରି ଦର୍ଶନୀୟ ଅସ୍ତକାଳୀନ ସୂର୍ଯ୍ୟଙ୍କ ଆଡକୁ ଚାହିଁ କହିଲେ:— ୨୯

" ପ୍ରିୟେ, ଏଇ ଦିବାକର ସତେ ଯେପରି ତୁମର ଲୋହିତକୋଣ ବିଶିଷ୍ଟ ନେତ୍ର ଯୁଗଳରେ ପଦ୍ମର କାନ୍ତିକୁ ସଞ୍ଚରିତ କରି, ପ୍ରଳୟ କାଳରେ ବିଧାତା ଜଗତକୁ ସଂହାର କଲା ପରି, ଦିବସକୁ ସଂହାର କରୁଛନ୍ତି । ୩୦

ଗୋ ଅବନତାଙ୍ଗି । ସୂର୍ଯ୍ୟ ତାଙ୍କର କିରଣ ଦ୍ୱାରା ଜଳକଣାରାଶିକୁ ଶୁଷ୍କ କରି ଦେଇ ଥିବାରୁ ହିମାଳୟ (ତୁମ ପିତା) ଙ୍କର ଏଇ ନିର୍ଝର ଗୁଡ଼ିକ ଇନ୍ଦ୍ରଧନୁ ବିହୀନ ହୋଇ ଯାଇଛନ୍ତି । ୩୧

ଏଇ, ଚକ୍ରବାକ-ଚକ୍ରବାକୀ ପଦ୍ମକେଶର ଭକ୍ଷଣ କରୁକରୁ 'ସନ୍ଧ୍ୟା ଆଗମନ ଦେଖି ଭକ୍ଷଣ ଛାଡ଼ି ଦେଇଛନ୍ତି ଏବଂ ଦୈବାଧୀନ ହୋଇ, ଗ୍ରୀବା ବକ୍ର କରି କାନ୍ଦୁଛନ୍ତି । ଦୁହେଁ ସରୋବରରେ ପରସ୍ପରଠାରୁ ଅଳ୍ପ ଦୂରରେ ଥିଲେ ମଧ୍ୟ ବହୁ ଦୂରରେ ଥିଲା ଭଳି ମନେ କରୁଛନ୍ତି । ୩୨

ଗଜଯୂଥ ଦିବସ-ବିଚରଣ ସ୍ଥାନ ପରିତ୍ୟାଗ କରି ଆଗାମୀ ପ୍ରଭାତ ପର୍ଯ୍ୟନ୍ତ ବିଚରଣ କରିବା ଉଦ୍ଦେଶ୍ୟରେ ଜଳ ପାନ କରୁଅଛନ୍ତି । ସଲ୍ଲକୀ ଶାଖାଖଣ୍ଡ ଗୁଡ଼ିକ ଦ୍ୱାରା ଜଳ ସୁବାସିତ ହୋଇଅଛି । ଭ୍ରମରମାନେ ବୁଜି-ହୋଇ ଯାଉଥିବା ପଦ୍ମଫୁଲ ଗୁଡ଼ିକ ଭିତରେ ରହି ଯାଉଛନ୍ତି । ହସ୍ତୀଗଣ ଜଳ ସହିତ ସେହି ପଦ୍ମଫୁଲ ଗୁଡ଼ିକୁ ମଧ୍ୟ ପିଇଯାଉଛନ୍ତି । ୩୩

ଗୋ ମିତଭାଷିଣି, ଦେଖ, ପଶ୍ଚିମ ଦିଗ୍‌ବଳୟବର୍ତ୍ତୀ ସୂର୍ଯ୍ୟଙ୍କର ଦୀର୍ଘ ପ୍ରତିବିମ୍ବ ସରୋବର ଜଳରେ ପଡ଼ିଛି । ତେଣୁ ଜଳ ମଧ୍ୟରେ ଗୋଟିଏ ସୁବର୍ଣ୍ଣ ସେତୁ ନିର୍ମିତ ହେଲା ପରି ବୋଧ ହେଉଛି । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उत्तरन्ति विनीकीर्य पल्वलं गाढपङ्कमतिवाहितातपाः ।
दंष्ट्रिणो वनवराहयूथपा दष्टभङ्गुरविसाङ्कुरा इव ॥ ३५
ଉତ୍ତରନ୍ତି ବିନିକୀର୍ଯ୍ୟ ପଲ୍ୱଲଂ ଗାଢପଙ୍କମତିବାହିତାତପାଃ ।
ଦଂଷ୍ଟ୍ରିଣୋ ବନବରାହଯୂଥପା ଦଷ୍ଟଭଙ୍ଗୁରବିସାଙ୍କୁରା ଇବ ॥ ୩୫

एष वृक्षशिखरे कृतास्पदो जातरूपरसगौरमण्डलम् ।
हीयमानमहरत्ययातपं पीवरोरु पिबतीव बर्हिणः ॥ ३६
ଏଷ ବୃକ୍ଷଶିଖରେ କୃତାସ୍ପଦୋ ଜାତରୂପରସଗୌରମଣ୍ଡଳମ୍ ।
ହୀୟମାନମହରତ୍ୟୟାତପଂ ପୀବରୋରୁ ପିବତୀବ ବର୍ହିଣଃ ॥ ୩୬

पूर्वभागतिमिरप्रवृत्तिभि र्व्यक्तपङ्कमिव जातमेकतः ।
खं हृतातपजलं विवस्वता भाति किञ्चिदिव शेषवत् सरः ॥३७
ପୂର୍ବଭାଗତିମିରପ୍ରବୃତ୍ତିଭି ର୍ବ୍ୟକ୍ତପଙ୍କମିବ ଜାତମେକତଃ ।
ଖଂ ହୃତାତପଜଲଂ ବିବସ୍ୱତା ଭାତି କିଞ୍ଚିଦିବ ଶେଷବତ୍ ସରଃ ॥୩୭

आविशद्भिरुटजाङ्गणं मृगै र्मूलसेकसरसैश्च वृक्षकैः ।
आश्रमाः प्रविशदग्रधेनवो बिभ्रति श्रियमुदीरिताग्नयः ॥ ३८
ଆବିଶଦ୍ଭିରୁଟଜାଙ୍ଗଣଂ ମୃଗୈ ର୍ମୂଲସେକସରସୈଶ୍ଚ ବୃକ୍ଷକୈଃ ।
ଆଶ୍ରମାଃ ପ୍ରବିଶଦଗ୍ରଧେନବୋ ବିଭ୍ରତି ଶ୍ରିୟମୁଦୀରିତାଗ୍ନୟଃ ॥ ୩୮

बद्धकोशमपि तिष्ठति क्षणं सावशेषविवरं कुशेशयम् ।
षट्पदाय वसतिं ग्रहीष्यते प्रीतिपूर्वमिव दातुमन्तरम् ॥ ३९
ବଦ୍ଧକୋଶମପି ତିଷ୍ଠତି କ୍ଷଣଂ ସାବଶେଷବିବରଂ କୁଶେଶୟମ ।
ଷଟ୍‌ପଦାୟ ବସତିଂ ଗ୍ରହୀଷ୍ୟତେ ପ୍ରୀତିପୂର୍ବମିବ ଦାତୁମନ୍ତରମ୍ ॥ ୩୯

दूरलग्नपरिमेयरश्मिना वारुणी दिगरुणेन भानुना ।
भाति केसरवतेव मण्डिता बन्धुजीवतिलकेन कन्यका ॥ ४०
ଦୂରଲଗ୍ନପରିମେୟରଶ୍ମିନା ବାରୁଣୀ ଦିଗରୁଣେନ ଭାନୁନା ।
ଭାତି କେସରବତେବ ମଣ୍ଡିତା ବନ୍ଧୁଜୀବତିଲକେନ କନ୍ୟକା ॥ ୪୦

सामभिः सहचराः सहस्रशः स्यन्दनाश्वहृदयङ्गमस्वनैः ।
भानुमग्निपरिकीर्णतेजसं संस्तुवन्ति किरणोष्मपायिनः ॥ ४१
ସାମଭିଃ ସହଚରାଃ ସହସ୍ରଶଃ ସ୍ୟନ୍ଦନାଶ୍ୱହୃଦୟଙ୍ଗମସ୍ୱନୈଃ ।
ଭାନୁମଗ୍ନିପରିକୀର୍ଣ୍ଣତେଜସଂ ସଂସ୍ତୁବନ୍ତି କିରଣୋଷ୍ମପାୟିନଃ ॥ ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦନ୍ତବିଶିଷ୍ଟ ବନ୍ୟ ବରାହଯୂଥ କ୍ଷୁଦ୍ର ଜଳାଶୟରେ ଗାଢ ପଙ୍କରେ ଦିବସ ତାପ ଅତିବାହିତ କରି ଜଳାଶୟରୁ ଉଠି ଆସୁଛନ୍ତି । ସେମାନଙ୍କର ଦନ୍ତ ଗୁଡ଼ିକ ଯୋଗୁ ମନେ ହେଉଛି, ସତେ ଯେପରି ସେମାନେ ମୃଣାଳ ଖଣ୍ଡ-ଗୁଡ଼ିକୁ ଅଧେ ଖାଇ ଅଧେ ପାଟିରେ ଧରିଛନ୍ତି ! ୩୫

ଗୋ ବିଶାଳଜଘନେ, ଦେଖ ଏକ ମୟୂର ବୃକ୍ଷାଗ୍ରରେ ବସି ସନ୍ଧ୍ୟା କାଳର କ୍ଷୀଣାୟମାନ କିରଣକୁ ସତେ ଯେପରି ପାନ କରି ଯାଉଛି ! ତାର ପୁଚ୍ଛମଣ୍ଡଳ ତରଳ ସୁନାରେ ନିର୍ମିତ ହେଲା ଭଳି ବୋଧ ହେଉଛି । ୩୬

ସୂର୍ଯ୍ୟରଶ୍ମିରେ ଜଳାଶୟର ଗୋଟିଏ ପାଖରେ ଜଳ ଶୁଖିଯାଇ ପଙ୍କ ମାତ୍ର ଅବଶିଷ୍ଟ ଥିଲେ ଜଳାଶୟ ଯେପରି ଦେଖାଯାଏ, ଆକାଶର ଗୋଟିଏ ପାଖରେ (ପୂର୍ବ ପାଖରେ) ସୂର୍ଯ୍ୟ କିରଣ ଅପସରି ଯାଇ ଅନ୍ଧକାର ଆବିର୍ଭୂତ ହେଉଥିବାରୁ ଆକାଶ ମଣ୍ଡଳ ସେହିପରି ଦେଖା ଯାଉଛି । ୩୭

ଆଶ୍ରମମାନଙ୍କରେ ମୃଗଗଣ ଆସି ଅଗଣାରେ ପ୍ରବେଶ କରୁଛନ୍ତି, କ୍ଷୁଦ୍ର କ୍ଷୁଦ୍ର ଗଛ ଗୁଡ଼ିକର ମୂଳରେ ଜଳ ସେଚନ ଯୋଗୁଁ ଗଛ ଗୁଡ଼ିକ ସରସ ଦେଖା ଯାଉଛନ୍ତି । ହୋମଧେନୁ ଗଣ ଆଶ୍ରମରେ ପ୍ରବେଶ କରୁଛନ୍ତି ଏବଂ ଯଜ୍ଞ-ଅଗ୍ନି ପ୍ରଜ୍ୱଳିତ ହେଉଅଛି । ଏହିପରି ଭବରେ ଆଶ୍ରମ ଗୁଡ଼ିକର ଶୋଭା-ସଂପଦ ବର୍ଦ୍ଧିତ ହୋଇ ଉଠୁଛି । ୩୮

ପଦ୍ମଫୁଲ ଗୁଡ଼ିକ ମୁଦ୍ରିତ ପ୍ରାୟ ହେଲେ ମଧ୍ୟ, ଭ୍ରମର ଗଣ ଆଶ୍ରୟ ଗ୍ରହଣ କରନ୍ତୁ—ସତେଯେପରି ଏଇ ଉଦ୍ଦେଶ୍ୟରେ ସେମାନଙ୍କୁ ଆସିବାର ସମୟ ଦେବା ପାଇଁ ଫୁଲଗୁଡ଼ିକ ଅଳ୍ପ ଖୋଲା ରହି ପ୍ରୀତି ପୂର୍ବକ ଅପେକ୍ଷା କରିଛନ୍ତି । ୩୯

ଦୂର ଦିଗ୍‌ବଳୟଲଗ୍ନ ସୂର୍ଯ୍ୟବିମ୍ବ ବର୍ତ୍ତମାନ ଅଳ୍ପକିରଣଯୁକ୍ତ । କୁମାରୀଟିଏ ମଥାରେ କେଶର ଥିବା ବଧୂଲି ଫୁଲଟିଏ ଘେନି ଯେପରି ଶୋଭା ପାଏ, ପଶ୍ଚିମ ଦିଗ୍‌ବଧୂ ଲୋହିତ ବର୍ଣ୍ଣର ସୂର୍ଯ୍ୟଙ୍କୁ ଘେନି ସେହିପରି ଶୋଭା ପାଉଛି । ୪୦

ଏକତ୍ରଚର ବାଳଖିଲ୍ୟ ଋଷିଗଣ ସୂର୍ଯ୍ୟରଶ୍ମି ପାନ କରି, ଅଗ୍ନିଙ୍କ-ଠାରେ ତେଜ ଅର୍ପଣ କରୁଥିବା ସୂର୍ଯ୍ୟଙ୍କୁ ସାମବେଦ ମନ୍ତ୍ରରେ ସହସ୍ର ବାର ସ୍ତୁତି କରୁଛନ୍ତି । ସେମାନଙ୍କର ମନ୍ତ୍ର ଗାନର ସ୍ୱର ସୂର୍ଯ୍ୟଙ୍କ ରଥର ଅଶ୍ୱମାନଙ୍କୁ ମଧ୍ୟ ପ୍ରୀତି ପ୍ରଦାନ କରୁଛି । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सोऽयमानतशिरोधरैर्हयैः कर्णचामरविघट्टितेक्षणैः
अस्तमेति युगभुग्नकेसरैः सन्निधाय दिवसं महोदधौ ॥ ४२
ସୋଽୟମାନତଶିରୋଧରୈର୍ହୟୈଃ କର୍ଣ୍ଣଚାମରବିଘଟ୍ଟିତେକ୍ଷଣୈଃ ।
ଅସ୍ତମେତି ଯୁଗଭୁଗ୍ନକେସରୈଃ ସନ୍ନିଧାୟ ଦିବସଂ ମହୋଦଧୌ ॥ ୪୨

खं प्रसुप्तमिव संस्थिते रवौ तेजसो महत ईदृशी गतिः ।
तत् प्रकाशयति यावदुद्गतं मीलनाय खलु तावतश्च्युतम् । ४३
ଖଂ ପ୍ରସୁପ୍ତମିବ ସଂସ୍ଥିତେ ରବୌ ତେଜସୋ ମହତ ଈଦୃଶୀ ଗତିଃ ।
ତତ୍ ପ୍ରକାଶୟତି ଯାବଦୁଦ୍‌ଗତଂ ମୀଲନାୟ ଖଲୁ ତାବତଶ୍ଚ୍ୟୁତମ୍ ॥ ୪୩

संध्ययाप्यनुगतं रवेर्वपुर्वन्द्यमस्तशिखरे समर्पितम् ।
येन पूर्वमुदये पुरस्कृता नानुयास्यति कथं तमापदि ॥ ४४
ସନ୍ଧ୍ୟୟାପ୍ୟନୁଗତଂ ରବେର୍ବପୁର୍ବନ୍ଦ୍ୟମସ୍ତଶିଖରେ ସମର୍ପିତମ୍ ।
ଯେନ ପୂର୍ବମୁଦୟେ ପୁରସ୍କୃତା ନାନୁଯାସ୍ୟତି କଥଂ ତମାପଦି ॥ ୪୪

रक्तपीतकपिशाः पयोमुचां कोटयः कुटिलकेशि भान्त्यमूः ।
द्रक्ष्यसि त्वमिति संध्ययानया वर्तिकाभिरिव साधुमण्डिताः ॥ ४५
ରକ୍ତପୀତକପିଶାଃ ପୟୋମୁଚାଂ କୋଟୟଃ କୁଟିଳକେଶି ଭାନ୍ତ୍ୟମୂଃ ।
ଦ୍ରକ୍ଷ୍ୟସି ତ୍ୱମିତିସନ୍ଧ୍ୟୟାନୟା ବର୍ତ୍ତିକାଭିରିବ ସାଧୁମଣ୍ଡିତାଃ ॥ ୪୫

सिंहकेसरसटासु भूभृतां पल्लवप्रसविषु द्रुमेषु च ॥
पश्य धातुशिखरेषु भानुना संविभक्तमिव सांध्यमातपम् ॥ ४६
ସିଂହକେସରସଟାସୁ ଭୂଭୃତାଂ ପଲ୍ଲବପ୍ରସବିଷୁ ଦ୍ରୁମେଷୁ ଚ ।
ପଶ୍ୟ ଧାତୁଶିଖରେଷୁ ଭାନୁନା ସଂବିଭକ୍ତମିବ ସାଂଧ୍ୟମାତପମ୍ ॥ ୪୬

पार्ष्णिमुक्तवसुधास्तपस्विनः पावनाम्बुविहिताञ्जलिक्रियाः ।
ब्रह्म गूढमभिसंध्यमादृता शुद्धये विधिविदो गृणन्त्यमी ॥ ४७
ପାର୍ଷ୍ଣିମୁକ୍ତବସୁଧାସ୍ତପସ୍ୱିନଃ ପାବନାମ୍ବୁବିହିତାଞ୍ଜଳିକ୍ରିୟାଃ ।
ବ୍ରହ୍ମ ଗୂଢମଭିସନ୍ଧ୍ୟମାଦୃତାଃ ଶୁଦ୍ଧୟେ ବିଧିବିଦୋ ଗୃଣନ୍ତ୍ୟମୀ ॥ ୪୭

तन्मुहूर्त्तमनुमन्तुमर्हसि प्रस्तुताय नियमाय मामपि ।
त्वां विनोदनिपुणः सखीजनो वल्गुवादिनि विनोदयिष्यति ॥ ४८
ତନ୍ମୁହୂର୍ତ୍ତମନୁମନ୍ତୁମର୍ହସି ପ୍ରସ୍ତୁତାୟ ନିୟମାୟ ମାମପି ।
ତ୍ୱାଂ ବିନୋଦନିପୁଣଃ ସଖୀଜନୋ ବଲ୍‌ଗୁବାଦିନି ବିନୋଦୟିଷ୍ୟତି ॥ ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏଇ ସୂର୍ଯ୍ୟଦେବ ଦିବସକୁ ମହୋଦଧିରେ ନିମଗ୍ନ କରି ରଥର ଅଶ୍ୱଗଣଙ୍କ ସହିତ ଅସ୍ତ ହୋଇ ଯାଉଛନ୍ତି । ଅଶ୍ୱମାନଙ୍କର ଗ୍ରୀବା ଆନତ, କର୍ଣ୍ଣ ରୂପକ ଚାମର ଦ୍ୱାରା ସେମାନଙ୍କର ଚକ୍ଷୁ ଆଚ୍ଛାଦିତ ଏବଂ ଜୁଆଳି ଦ୍ୱାରା ଗ୍ରୀବାର କେସର (ଲମ୍ବ ଲୋମ) ଗୁଡ଼ିକ ବକ୍ର ହୋଇଯାଇଛି । ୪୨

ସୂର୍ଯ୍ୟ ଅସ୍ତ ହୋଇ ଯାଆନ୍ତେ ଆକାଶ ମଣ୍ଡଳ ସତେ ଯେପରି ସୁପ୍ତ ହୋଇ ଆସୁଛି । ମହାନ୍ ତେଜର (ପ୍ରତିଭାର) ସ୍ୱଭାବ ଏହିପରି । ତାହା ଉଦୟ ହୋଇ ଯେତେ ସ୍ଥାନ ଆଲୋକିତ କରେ, ଅସ୍ତ ହୋଇ ସେତେ ସ୍ଥାନ ଅନ୍ଧକାରରେ ଆଚ୍ଛନ୍ନ କରେ । ୪୩

ବନ୍ଦନୀୟ ସୂର୍ଯ୍ୟଙ୍କର ଶରୀର ଅସ୍ତାଚଳ ଶୃଙ୍ଗରେ ଉପନୀତ । ସନ୍ଧ୍ୟା ତାଙ୍କର ଅନୁଗମନ କରୁଛି । ସୂର୍ଯ୍ୟଙ୍କ ଅଭ୍ୟୁଦୟ କାଳରେ ସେ ତାଙ୍କର ଅଗ୍ରଗାମିନୀ ଥିଲା, ଆପଦ କାଳରେ କିପରି ବା ପଶ୍ଚାଦ୍‌ଗାମିନୀ ନହେବ ? ୪୪

ଗୋ କୁଟିଳକେଶା, ଦେଖ, ଏଇ ଲାଲ୍, ହଳଦିଆ ଓ ତମ୍ବା ବର୍ଣ୍ଣର କୋଟି କୋଟି ମେଘଖଣ୍ଡ ଆକାଶରେ ଶୋଭା ପାଉଛି । ତୁମେ ଦେଖିବ ବୋଲି ସନ୍ଧ୍ୟା ଯେପରି ଚିତ୍ରତୂଳୀ ଦ୍ୱାରା ଏଗୁଡ଼ିକୁ ଉତ୍ତମ ରୂପେ ରଞ୍ଜିତ କରି ରଖିଛି ! ୪୫

ଦେଖ, ସୂର୍ଯ୍ୟ ସତେଯେପରି ପର୍ବତମାନଙ୍କରେ ସିଂହମାନଙ୍କ କେଶରରେ, ନବପଲ୍ଲବିତ ବୃକ୍ଷମାନଙ୍କରେ ଏବଂ ଗୈରିକ ଧାତୁମୟ ଶୃଙ୍ଗମାନଙ୍କରେ ସନ୍ଧ୍ୟାକାଳୀନ କିରଣକୁ ସମାନଭାବରେ ବିଭକ୍ତ କରି ରଖିଯାଇଛନ୍ତି ! ୪୬

ଗୋ ପାର୍ବତୀ, ଦେଖ, ଶାନ୍ତଙ୍କ ତପସ୍ୱୀମାନେ ପବିତ୍ର ଜଳାଞ୍ଜଳି ପ୍ରଦାନ କରି ସନ୍ଧ୍ୟା ସମ୍ମୁଖରେ ଭୂମିରେ ଗୋଇଠି ନ ଲଗାଇ ଠିଆ ହୋଇ ଚିତ୍ତଶୁଦ୍ଧି ଲାଭ ନିମନ୍ତେ ଶ୍ରଦ୍ଧାର ସହିତ ଅନୁଚ୍ଚ ସ୍ୱରରେ ଗାୟତ୍ରୀ ମନ୍ତ୍ର ଜପ କରୁଛନ୍ତି । ୪୭

ଗୋ ମଧୁରଭାଷିଣି, ବର୍ତ୍ତମାନ ସନ୍ଧ୍ୟାବିଧି ପାଳନ ନିମନ୍ତେ ମୋତେ ମୁହୂର୍ତ୍ତକ ମାତ୍ର ସମୟ ଦିଅ । ବିନୋଦନନିପୁଣା ସଖୀମାନେ ତୁମର ଚିତ୍ତବିନୋଦନ କରୁଥାଆନ୍ତୁ । " ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निर्विभुज्य दशनच्छदं ततो वाचि भर्तुरवधीरणापरा ।
शैलराजतनया समीपगामाललाप विजयामहेतुकम् ॥ ४९
ନିର୍ବିଭୁଜ୍ୟ ଦଶନଛଦଂ ତତୋ ବାଚି ଭର୍ତ୍ତୁରବଧୀରଣାପର ।
ଶୈଳରାଜତନୟା ସମୀପଗାମାଲଲାପ ବିଜୟାମହେତୁକମ୍ ॥ ୪୯

ईश्वरोऽपि दिवसात्ययोचितं मन्त्रपूर्वमनुतस्थिवान् विधिम् ।
पार्वतीमवचनामसूयया प्रत्युपेत्य पुनराह सस्मितम् ॥ ५०
ଈଶ୍ୱରୋଽପି ଦିବସାତ୍ୟୟୋଚିତଂ ମନ୍ତ୍ରପୂର୍ବମନୁତସ୍ଥିବାନ୍ ବିଧିମ୍ ।
ପାର୍ବତୀମବଚନାମସୂୟୟା ପ୍ରତ୍ୟୁପେତ୍ୟ ପୁନରାହ ସସ୍ମିତମ୍ ॥ ୫୦

मुञ्च कोपमनिमित्तकोपने संध्यया प्रणमितोऽस्मि नान्यया ।
किं न वेत्सि सहधर्मचारिणं चक्रवाकसमवृत्तिमात्मनः ॥ ५१
ମୁଞ୍ଚ କୋପମନିମିତ୍ତକୋପନେ ସଂଧ୍ୟୟା ପ୍ରଣମିତୋଽସ୍ମି ନାନ୍ୟୟା ।
କିଂ ନ ବେତ୍ସି ସହଧର୍ମଚାରିଣଂ ଚକ୍ରବାକସମବୃତ୍ତିମାତ୍ମନଃ ॥ ୫୧

निर्मितेषु पितृषु स्वयंभुवा या तनुः सुतनु पूर्वमुज्झिता ।
सेयमस्तमुदयं च सेव्यते तेन मानिनि ममात्र गौरवम् ॥ ५२
ନିର୍ମିତେଷୁ ପିତୃଷୁ ସ୍ୱୟଂଭୁବା ଯା ତନୁଃ ସୁତନୁ ପୂର୍ବମୁଜ୍ଝିତା ।
ସେୟମସ୍ତମୁଦୟଂ ଚ ସେବ୍ୟତେ ତେନ ମାନିନି ମମାତ୍ର ଗୌରବମ୍ ॥ ୫୨

तामिमां तिमिरवृद्धिपीडितां शैलराजतनयेऽधुना स्थिताम् ।
एकतस्तटतमालमालिनीं पश्य धातुरसनिम्नगामिव ॥ ५३
ତାମିମାଂ ତିମିରବୃଦ୍ଧିପୀଡ଼ିତାଂ ଶୈଳରାଜତନୟେଽଧୁନା ସ୍ଥିତାମ୍ ।
ଏକତସ୍ତଟତମାଲମାଳିନୀଂ ପଶ୍ୟ ଧାତୁରସନିମ୍ନଗାମିବ ॥ ୫୩

सान्ध्यमस्तमितशेषमातपं रक्तलेखमपरा बिभर्ति दिक् ।
सांपरायवसुधा सशोणितं मण्डलाग्रमिव तिर्यगुत्थितम् ॥ ५४
ସାନ୍ଧ୍ୟମସ୍ତମିତଶେଷମାତପଂ ରକ୍ତଲେଖମପରା ବିଭର୍ତ୍ତି ଦିକ୍ ।
ସାଂପରାୟବସୁଧା ସଶୋଣିତଂ ମଣ୍ଡଲାଗ୍ରମିବ ତିର୍ଯ୍ୟଗୁତ୍ଥିତମ୍ ॥ ୫୪

यामिनीदिवससन्धिसम्भवे तेजसि व्यवहिते सुमेरुणा ।
एतदन्धतमसं निरङ्कुशं दिक्षु दीर्घनयने विजृम्भते ॥ ५५
ଯାମିନୀଦିବସସନ୍ଧିସମ୍ଭବେ ତେଜସି ବ୍ୟବହିତେ ସୁମେରୁଣା ।
ଏତଦନ୍ଧତମସଂ ନିରଙ୍କୁଶଂ ଦିକ୍ଷୁ ଦୀର୍ଘନୟନେ ବିଜୃମ୍ଭତେ ॥ ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାର୍ବତୀ ସ୍ୱାମୀଙ୍କ କଥାରେ ଅବଜ୍ଞାସୂଚକ ଭାବରେ ଓଷ୍ଠ ଲମ୍ବାଇ-ଦେଇ ଅବଜ୍ଞାସୂଚକ ମୁଖଭଙ୍ଗୀ କରି) ନିକଟକୁ ଆସୁଥିବା ସଖୀ ବିଜୟା ସହିତ ଅହେତୁକ ଆଳାପରେ ପ୍ରବୃତ୍ତା ହେଲେ । ୪୯

ଶିବ ମନ୍ତ୍ରୋଚ୍ଚାରଣ ପୂର୍ବକ ସନ୍ଧ୍ୟାକାଳୀନ ବିଧି ସମାପ୍ତ କଲେ । ପାର୍ବତୀ ଅସୂୟାବଶତଃ ଉତ୍ତର ଦେଇ ନଥିବାରୁ ଶିବ ତାଙ୍କ ନିକଟକୁ ଆସି କହିଲେ– ୫୦

" ଗୋ ପାର୍ବତୀ, ତୁମେ ଅକାରଣରେ କୋପ କରୁଛ । ମୁଁ ସନ୍ଧ୍ୟା-ଦ୍ୱାରା ହିଁ ପ୍ରଣମିତ (ଆକର୍ଷିତ) ହୋଇଅଛି, ଅନ୍ୟ କାହାଦ୍ୱାରା ନୁହେଁ । ମୁଁ ତୁମରି ସଙ୍ଗରେ ହିଁ ଧର୍ମାଚରଣ କରେଁ, ତୁମରି ସହିତ ମୋର ଚକ୍ରବାକତୁଲ୍ୟ ବ୍ୟବହାର, ଏହା କ'ଣ ତୁମେ ଜାଣିନାହଁ ? ୫୧

ଗୋ ସୁନ୍ଦରୀ, ଅଭିମାନିନି, ପୂର୍ବ କାଳରେ ସ୍ୱୟମ୍ଭୂ (ବ୍ରହ୍ମା) ପିତୃଗଣଙ୍କୁ ସୃଷ୍ଟି କରିସାରି ଶରୀର ପରିତ୍ୟାଗ କରିଥିଲେ । ତାଙ୍କର ମୂର୍ତ୍ତି (ଶରୀର) ହିଁ ପ୍ରାତଃସନ୍ଧ୍ୟା ଓ ସାୟଂସନ୍ଧ୍ୟା ହେଉଅଛି । ସେଥିପାଇଁ ସନ୍ଧ୍ୟା ପ୍ରତି ମୋର ସମ୍ମାନବୋଧ ରହିଛି । (ସନ୍ଧ୍ୟାବିଧିର ଉତ୍ପତ୍ତି ଓ ଉପାଦେୟତା ବିଷୟ ଭବିଷ୍ୟତ୍ ପୁରାଣରେ ବର୍ଣ୍ଣିତ ।) ୫୨

ଗୋ ପାର୍ବତୀ, ଦେଖ, ଗୈରିକ ଧାତୁ ଦ୍ରବର ନଦୀ ଗୋଟିଏ କୂଳରେ ଘନ ତମାଳବନ ଘେନି ଯେପରି ଦେଖାଯାଏ, ଏକ ପାଖରେ ବୃଦ୍ଧିପ୍ରାପ୍ତ ଅନ୍ଧକାରରେ ଅଭିଭୂତା ସନ୍ଧ୍ୟା ସେହିପରି ଦେଖାଯାଉଛି । ୫୩

ରଣଭୂମି ଦ୍ୱାରା ଯେପରି ବକ୍ରୋତ୍ଥିତ, ରକ୍ତରଞ୍ଜିତ କରବାଳ ଧାରଣ କରାଯାଇ ଥାଏ, ପଶ୍ଚିମ ଦିକ୍ (ଦିଗ) ଦ୍ୱାରା ସେହିପରି ଅସ୍ତା-ବଶିଷ୍ଟ, ରକ୍ତବର୍ଣ୍ଣ, ରେଖାକୃତି ସାନ୍ଧ୍ୟକିରଣ ଧାରଣ କରାଯାଇଅଛି । ୫୪

ଗୋ ବିଶାଳାକ୍ଷି, ରାତ୍ରି ଓ ଦିବସର ସନ୍ଧିକାଳୀନ ତେଜ (ସାନ୍ଧ୍ୟ ଆଭା) ସୁମେରୁ ପର୍ବତର ଅନ୍ତରାଳରେ ରହିବା ଫଳରେ ଘୋର ଅନ୍ଧକାର ନିରଙ୍କୁଶ ହୋଇ ଚତୁର୍ଦ୍ଦିଗରେ ବ୍ୟାପିଗଲାଣି । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नोर्ध्वमीक्षणगति र्न चाप्यधो नाभितो न पुरतो न पृष्ठतः ।

लोक एष तिमिरोल्ववेष्टितो गर्भवास इव वर्तते निशि ॥ ५६

ନୋର୍ଦ୍ଧ୍ୱମୀକ୍ଷଣଗତି ର୍ନ ଚାପ୍ୟଧୋ ନାଭିତୋ ନ ପୁରତୋ ନ ପୃଷ୍ଠତଃ ।

ଲୋକ ଏଷ ତିମିରୋଲ୍ୱବେଷ୍ଟିତୋ ଗର୍ଭବାସ ଇବ ବର୍ତ୍ତତେ ନିଶି ॥ ୫୬

सर्वमेव तमसा समीकृतं चलं वक्रमार्जवगुणान्वितं च यत् ।

शुद्धमाविलमवस्थितं धिङ् महत्त्वमसतां हृतान्तरम् ॥ ५७

ଶୁଦ୍ଧମାବିଲମବସ୍ଥିତଂ ଚଳଂ ବକ୍ରମାର୍ଜ୍ଜବଗୁଣାନ୍ୱିତଂ ଚ ଯତ୍ ।

ସର୍ବମେବ ତମସା ସମୀକୃତଂ ଧିଙ୍ ମହତ୍ତ୍ୱମସତାଂ ହୃତାନ୍ତରମ୍ ॥ ୫୭

नूनमुन्नमति यज्वनां पतिः शार्वरस्य तमसो निषिद्धये ।

पुण्डरीकमुखि पूर्वदिङ्मुखं केतकैरिव रजोभिरावृतम् ॥ ५८

ନୂନମୁନ୍ନମତି ଯଜ୍ୱନାଂ ପତିଃ ଶାର୍ବରସ୍ୟ ତମସୋ ନିଷିଦ୍ଧୟେ ।

ପୁଣ୍ଡରୀକମୁଖି ପୂର୍ବଦିଙ୍ମୁଖଂ କେତକୈରିବ ରଜୋଭିରାବୃତମ୍ ॥ ୫୮

मन्दरान्तरितमूर्तिना निशा लक्ष्यते शशभृता सतारका ।

त्वं मया प्रियसखीसमागता श्रोष्यतेव वचनानि पृष्ठतः ॥ ५९

ମନ୍ଦରାନ୍ତରିତମୂର୍ତ୍ତିନା ନିଶା ଲକ୍ଷ୍ୟତେ ଶଶଭୃତା ସତାରକା ।

ତ୍ୱଂ ମୟାପ୍ରିୟସଖୀସମାଗତା ଶ୍ରୋଷ୍ୟତେବ ବଚନାନି ପୃଷ୍ଠତଃ ॥ ୫୯

रुद्धनिर्गमनमादिनक्षयात् पूर्वदृष्टतनु चन्द्रिकास्मितम् ।

एतदुद्गिरति चन्द्रमण्डलं दिग्रहस्यमिव रात्रिचोदितम् ॥ ६०

ରୁଦ୍ଧନିର୍ଗମନମାଦିନକ୍ଷୟାତ୍ ପୂର୍ବଦୃଷ୍ଟତନୁ ଚନ୍ଦ୍ରିକାସ୍ମିତମ୍ ।

ଏତଦୁଦ୍‌ଗିରତି ଚନ୍ଦ୍ରମଣ୍ଡଳଂ ଦିଗ୍ ରହସ୍ୟମିବ ରାତ୍ରିଚୋଦିତମ୍ ॥ ୬୦

पश्य पक्वफलिनीफलत्विषा बिम्बलाञ्छितवियत्सरोम्भसा ।

विप्रकृष्टविवरं हिमांशुना चक्रवाकमिथुनं विडम्ब्यते ॥ ६१

ପଶ୍ୟ ପକ୍ୱଫଳିନୀଫଳତ୍ୱିଷା ବିମ୍ବଲାଞ୍ଛିତବିୟତ୍‌ସରୋମ୍ଭସା ।

ବିପ୍ରକୃଷ୍ଟବିବରଂ ହିମାଂଶୁନା ଚକ୍ରବାକମିଥୁନଂ ବିଡମ୍ବ୍ୟତେ ॥ ୬୧

शक्यमोषधिपतेर्नवोदयाः कर्णपूररचनाकृते तव ।

अप्रगल्भयवसूचिकोमलाश्छेत्तुमग्रनखसम्पुटैः कराः ॥ ६२

ଶକ୍ୟମୋଷଧିପତେର୍ନବୋଦୟାଃ କର୍ଣ୍ଣପୂରରଚନାକୃତେ ତବ ।

ଅପ୍ରଗଲ୍‌ଭଯବସୂଚିକୋମଳାଶ୍ଛେତ୍ତୁମଗ୍ରନଖସଂପୁଟୈଃ କରାଃ ॥ ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଊର୍ଦ୍ଧ୍ୱ, ଅଧଃ, ପାର୍ଶ୍ୱ, ଆଗ, ପଛ– କୋଣସି ଦିଗକୁ ଦୃଷ୍ଟି ଆଉ ଗତି କରି ପାରୁନାହିଁ । ଏହି ସଂସାର ସତେଯେପରି ଅନ୍ଧକାର ରୂପକ ଜରାୟୁ ମଧ୍ୟରେ ବେଷ୍ଟିତ ହୋଇ ଗର୍ଭିର ଗର୍ଭରେ ଅବସ୍ଥାନ କରୁଛି ! ୫୬

ନିର୍ମଳ, ଆବିଳ, ସ୍ଥାବର, ଜଙ୍ଗମ, ବକ୍ର, ସରଳ– ସମସ୍ତ ବସ୍ତୁକୁ ଅନ୍ଧକାର ସମାନ କରି ଦେଉଛି । ଅସାଧୁ ମାନଙ୍କର ପ୍ରଭବକୁ ଧିକ୍, ଯେଉଁ-ମାନେ କି ଭଲ, ମନ୍ଦ ମଧ୍ୟରେ କୋଣସି ପ୍ରଭେଦ ରଖନ୍ତି ନାହିଁ । ୫୭

ଗୋ ପଦ୍ମାକ୍ଷି, ଗର୍ଭିର ଅନ୍ଧକାରକୁ ଦୂର କରିବା ପାଇଁ ଚନ୍ଦ୍ର ଉଦୟ ହେଲେଣି । ଦେଖ, ପୂର୍ବଦିଗ ମୁଖରେ କେତକୀ ଫୁଲର ପରାଗ ବୋଳି-ହେଲା ପରି ଦେଖାଯାଉଛି । ୫୮

ତୁମେ ପ୍ରିୟ ସଖୀମାନଙ୍କ ସହିତ ବସିଥିଲା ବେଳେ ମୁଁ ଯେପରି ତୁମ କଥା ଶୁଣିବା ପାଇଁ ପଛ ପଟରେ ରହି ତମକୁ ଲକ୍ଷ୍ୟ କରେଁ, ଚନ୍ଦ୍ର ସେହିପରି ମନ୍ଦର ପର୍ବତର ଅନ୍ତରାଳରେ ରହି ତାରକାସମନ୍ୱିତା ଗର୍ଭିକୁ ଲକ୍ଷ୍ୟ କରୁଛି । ୫୯

ଏଇ, ପୂର୍ବଦିଗ୍‌ବଧୂ ତାର ଚନ୍ଦ୍ରମଣ୍ଡଳ ରୂପକ ମୁଖମଣ୍ଡଳ ପ୍ରକାଶ କରୁଛି । ଜ୍ୟୋତ୍ସ୍ନା ହେଉଛି ସେହି ମୁଖମଣ୍ଡଳର ସ୍ମିତହାସ୍ୟ । (ମାନିନୀ ନାୟିକା ପରି) ସେ ତାର ମୁଖମଣ୍ଡଳକୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୁଚାଇ ରଖିଥିଲା, ସତେ ଯେପରି ଗର୍ଭିରୂପିଣୀ ସଖୀଦ୍ୱାରା ପ୍ରଣୋଦିତା ହୋଇ ସେ ସ୍ମିତହାସ୍ୟରେ ତାକୁ ମନର ଗୋପନକଥା କହିଦେଉଛି ! ୬୦

ଆକାଶରେ ପକ୍ୱ ପ୍ରିୟଙ୍ଗୁ ଫଳ ତୁଲ୍ୟ କାନ୍ତି ବିଶିଷ୍ଟ ଚନ୍ଦ୍ର; ସରୋବର ଜଳରେ ତାର ପ୍ରତିବିମ୍ବ । ତେଣୁ ଚନ୍ଦ୍ରର ବିମ୍ବ ଓ ପ୍ରତି ବିମ୍ବ ପରସ୍ପରଠାରୁ ଦୂରରେ ଥିବା ଚକ୍ରବାକ ଯୁଗଳ ପରି ବୋଧ ହେଉଛନ୍ତି । ୬୧

କ୍ଷୁଦ୍ରକ୍ଷୁଦ୍ର ଯବାଙ୍କୁରତୁଲ୍ୟ କୋମଳ, ନବୋଦିତ ଚନ୍ଦ୍ରକିରଣା-ବଳୀକୁ ତୁମର କର୍ଣ୍ଣଭୂଷଣ କରିବା ନିମନ୍ତେ ନଖାଗ୍ର ଭାଗରେ ଛେଦନ କରି ନିଆ ଯାଇପାରେ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अङ्गुलीभिरिव केशसंचयं सन्निगृह्य तिमिरं मरीचिभिः ।
कुड्मलीकृतसरोजलोचनं चुम्बतीव रजनीमुखं शशी ।। ६३
ଅଙ୍ଗୁଳୀଭିରିବ କେଶସଞ୍ଚୟଂ ସନ୍ନିଗୃହ୍ୟ ତିମିରଂ ମରୀଚିଭିଃ ।
କୁଡ୍‌ମଳୀକୃତସରୋଜଲୋଚନଂ ଚୁମ୍ବତୀବ ରଜନୀମୁଖଂ ଶଶୀ ॥ ୬୩

पश्य पार्वति नवेन्दुरश्मिभिर्भिन्नसान्द्रतिमिरं नभस्तलम् ।
लक्ष्यते द्विरदभोगदूषितं सप्रसादमिव मानसं सरः ।। ६४
ପଶ୍ୟ ପାର୍ବତି ନବେନ୍ଦୁରଶ୍ମିଭିର୍ଭିନ୍ନସାନ୍ଦ୍ରତିମିରଂ ନଭସ୍ତଳମ୍ ।
ଲକ୍ଷ୍ୟତେ ଦ୍ୱିରଦଭୋଗଦୂଷିତଂ ସପ୍ରସାଦମିବ ମାନସଂ ସରଃ ॥ ୬୪

रक्तभावमपहाय चन्द्रमा जात एष परिशुद्धमण्डलः ।
विक्रिया न खलु कालदोषजा निर्मलप्रकृतिषु स्थिरोदया ।। ६५
ରକ୍ତଭାବମପହାୟ ଚନ୍ଦ୍ରମା ଜାତ ଏଷ ପରିଶୁଦ୍ଧମଣ୍ଡଳଃ ।
ବିକ୍ରିୟା ନ ଖଳୁ କାଳଦୋଷଜା ନିର୍ମଳପ୍ରକୃତିଷୁ ସ୍ଥିରୋଦୟା ॥ ୬୫

उन्नतेषु शशिनः प्रभा स्थिता निम्नसंश्रयपरं निशातमः ।
नूनमात्मसदृशी प्रकल्पिता वेधसा हि गुणदोषयोर्गतिः ।। ६६
ଉନ୍ନତେଷୁ ଶଶିନଃ ପ୍ରଭା ସ୍ଥିତା ନିମ୍ନସଂଶ୍ରୟପରଂ ନିଶାତମଃ ।
ନୂନମାତ୍ମସଦୃଶୀ ପ୍ରକଳ୍ପିତା ବେଧସା ହି ଗୁଣଦୋଷୟୋର୍ଗତିଃ ॥ ୬୬

चन्द्रपाद जनित प्रवृत्तिभिश्चन्द्रकान्तजलविन्दुभिर्गिरिः ।
मेखलातरुषु निद्रितानमून् बोधयत्यसमये शिखण्डिनः ।। ६७
ଚନ୍ଦ୍ରପାଦ ଜନିତ ପ୍ରବୃତ୍ତିଭିଶ୍ଚନ୍ଦ୍ରକାନ୍ତଜଳବିନ୍ଦୁଭିର୍ଗିରିଃ ।
ମେଖଳାତରୁଷୁ ନିଦ୍ରିତାନମୂନ୍ ବୋଧୟତ୍ୟସମୟେ ଶିଖଣ୍ଡିନଃ ॥

कल्पवृक्षशिखरेषु संप्रति प्रस्फुरद्भिरिव पश्य सुन्दरि ।
हारयष्टिगणनामिवांशुभिः कर्तुमागतकुतूहलः शशी ।। ६८
କଳ୍ପବୃକ୍ଷଶିଖରେଷୁ ସଂପ୍ରତି ପ୍ରସ୍ଫୁରଦ୍‌ଭିରିବ ପଶ୍ୟ ସୁନ୍ଦରି ।
ହାରୟଷ୍ଟିଗଣନାମିବାଂଶୁଭିଃ କର୍ତ୍ତୁମାଗତକୁତୂହଳଃ ଶଶୀ ॥ ୬୮

उन्नतावनतभागवत्तया चन्द्रिका सतिमिरा गिरेरियम् ।
भक्तिभिर्बहुविधाभिरर्पिता भाति भूतिरिव मत्तहस्तिनः ।। ६९
ଉନ୍ନତାବନତଭାଗବତ୍ତୟା ଚନ୍ଦ୍ରିକା ସତିମିରା ଗିରେରିୟମ୍ ।
ଭକ୍ତିଭିର୍ବହୁବିଧାଭିରର୍ପିତା ଭାତି ଭୂତିରିବ ମତ୍ତହସ୍ତିନଃ ॥ ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ୍ର ତାର କିରଣ ରୂପକ ଅଙ୍ଗୁଳି ଗୁଡ଼ିକ ଦ୍ୱାରା ରାତ୍ରିର ଅନ୍ଧକାର-ରୂପକ କେଶପାଶକୁ ଧରି, ପଦ୍ମପୁଷ୍ପ ରୂପକ ଚକ୍ଷୁ ନିମୀଳିତ କରି ରାତ୍ରିର ମୁଖ ଚୁମ୍ବନ କରୁଛି । ୬୩

ଗୋ ପାର୍ବତୀ, ଦେଖ, ଆକାଶମଣ୍ଡଳ ଘନ ଅନ୍ଧକାରରେ ପୂର୍ଣ୍ଣ ଥିଲା । ବର୍ତ୍ତମାନ ତାହା ନବୋଦିତ ଚନ୍ଦ୍ରର କିରଣରେ ପରିଷ୍କୃତ ହୋଇ-ଗଲାଣି । ତେଣୁ ତାହା, ହସ୍ତୀମାନଙ୍କ ଜଳକ୍ରୀଡ଼ାରେ ଆବିଳ ହୋଇ ପରେ ସ୍ୱଚ୍ଛ ହୋଇଥିବା ମାନସ ସରୋବର ଭଳି ଜଣା ପଡୁଛି । ୬୪

ଚନ୍ଦ୍ରମା ରକ୍ତବର୍ଣ୍ଣ ପରିତ୍ୟାଗ କରି ଶୁଭ୍ରରୂପ ଧାରଣ କଲାଣି । ନିର୍ମଳସ୍ୱଭାବ ବ୍ୟକ୍ତିମାନଙ୍କର ସମୟେ ସମୟେ ବିକାର ଜାତ ହୁଏ ସତ, କିନ୍ତୁ ତାହା ଦୀର୍ଘ ସ୍ଥାୟୀ ନୁହେଁ । ୬୫

ଚନ୍ଦ୍ରର କିରଣ ଉଚ୍ଚ ସ୍ଥାନମାନଙ୍କରେ ଏବଂ ରାତ୍ରିର ଅନ୍ଧକାର ନିମ୍ନ ସ୍ଥାନମାନଙ୍କରେ ଅବସ୍ଥାନ କରିଛି । ବିଧାତା ଗୁଣ ଓ ଦୋଷକୁ ସେମାନଙ୍କର ଅନୁରୂପ ସ୍ଥାନ ପ୍ରଦାନ କରନ୍ତି । ୬୬

ଚନ୍ଦ୍ର କିରଣର ସ୍ପର୍ଶରୁ ଚନ୍ଦ୍ରକାନ୍ତି ମଣିମାନଙ୍କରୁ ଯେଉଁ ଜଳବିନ୍ଦୁ-ମାନ କ୍ଷରିତ ହେଉଛି, ସେଗୁଡ଼ିକ ପର୍ବତର ମଧ୍ୟଭାଗବର୍ତ୍ତୀ ବୃକ୍ଷଗୁଡ଼ିକର ତଳେ ନିଦ୍ରା ଯାଇଥିବା ମୟୂର ମାନଙ୍କ ଉପରେ ପଡୁଥିବାରୁ ସେମାନଙ୍କର ନିଦ୍ରାଭଙ୍ଗ ହେଉଛି ଏବଂ ମନେ ହେଉଛି, ସତେ ଯେପରି ପର୍ବତ ସେହି ଜଳବିନ୍ଦୁ ଗୁଡ଼ିକୁ ପକାଇ ଅସମୟରେ ସେମାନଙ୍କର ନିଦ୍ରାଭଙ୍ଗ କରୁଛି ! ୬୭

ଗୋ ସୁନ୍ଦରୀ, ଦେଖ, ବର୍ତ୍ତମାନ କଳ୍ପବୃକ୍ଷର ଶାଖାଗ୍ର ମାନଙ୍କରେ ଚନ୍ଦ୍ର କିରଣ ପ୍ରସ୍ଫୁରିତ ହେଉଛି । ତେଣୁ ମନେ ହେଉଛି, ସତେ ଯେପରି ଚନ୍ଦ୍ର କୌତୂହଳ ବଶତଃ ତାର କିରଣ ରୂପକ ହସ୍ତରେ କଳ୍ପ ବୃକ୍ଷର ପୁଷ୍ପହାର-ଗୁଡ଼ିକୁ ଗଣନା କରୁଛି ! ୬୮

ପର୍ବତ କୌଣସି କୌଣସି ସ୍ଥାନରେ ଉଚ୍ଚ, କୌଣସି ସ୍ଥାନରେ ନୀଚ ହୋଇ ଥିବାରୁ ତା ଦେହରେ ଅନ୍ଧାରମିଶ୍ରିତ ଜ୍ୟୋତ୍ସ୍ନା ମତ୍ତହସ୍ତୀ ଦେହରେ ଗାରଗାର ଆକୃତିରେ ଅଙ୍କିତ ହୋଇଥିବା ଚିତ୍ରରଚନା ଭଳି ଶୋଭା-ପାଉଛି । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एतदुच्छ्वसितपीतमैन्दवं वोढुमक्षममिव प्रभारसम् ।
मुक्तषट्पदविरावमञ्जसा भिद्यते कुमुदमा निबन्धनात् ।। ७०
ଏତଦୁଚ୍ଛ୍ୱସିତପୀତମୈନ୍ଦବଂ ବୋଢୁମକ୍ଷମମିବ ପ୍ରଭାରସମ୍ ।
ମୁକ୍ତଷଟ୍‌ପଦବିରାବମଞ୍ଜସା ଭିଦ୍ୟତେ କୁମୁଦମାନି ବନ୍ଧନାତ୍ ।।୭୦

पश्य कल्पतरुलम्बि शुद्धया ज्योत्स्नया जनितरूपसंशयम् ।
मारुते चलति चण्डिके बलाद् व्यज्यते विपरिवृत्तमंशुकम् ।। ७१
ପଶ୍ୟ କଳ୍ପତରୁଲମ୍ବି ଶୁଦ୍ଧୟା ଜ୍ୟୋତ୍ସ୍ନୟା ଜନିତରୂପସଂଶୟମ୍ ।
ମାରୁତେ ଚଳତି ଚଣ୍ଡିକେ ବଳାଦ୍ ବ୍ୟଜ୍ୟତେ ବିପରିବୃତ୍ତମଂଶୁକମ୍ ।।୭୧

शक्यमङ्गुलिभिरुत्थितैरधः शाखिनां पतितपुष्पपेशलैः ।
पत्रजर्जरशशिप्रभालवैरेभिरुत्कचयितुं तवालकान् ।। ७२
ଶକ୍ୟମଙ୍ଗୁଳିଭିରୁତ୍‌ଥିତୈରଧଃ ଶାଖିନାଂ ପତିତପୁଷ୍ପପେଶଳୈଃ ।
ପତ୍ରଜର୍ଜରଶଶିପ୍ରଭାଲବୈରେଭିରୁତ୍କଚୟିତୁଂ ତବାଳକାନ୍ ।। ୭୨

एष चारुमुखि योगतारया युज्यते तरलबिम्बया शशी ।
साध्वसादुपगतप्रकम्पया कन्ययेव नवदीक्षया वरः ।। ७३
ଏଷ ଚାରୁମୁଖି ଯୋଗତାରୟା ଯୁଜ୍ୟତେ ତରଳବିମ୍ବୟା ଶଶୀ ।
ସାଧ୍ୱସାଦୁପଗତକମ୍ପୟା କନ୍ୟୟେବ ନବଦୀକ୍ଷୟା ବରଃ ।। ୭୩

पाकभिन्न शरकाण्ड गौरयोरुल्लसत्प्रतिकृतिप्रदीप्तयोः ।
रोहतीव तव गण्डलेखयोश्चन्द्रबिम्बनिहिताक्षि चन्द्रिका ।। ७४
ପାକଭିନ୍ନ ଶରକାଣ୍ଡ ଗୌରୟୋରୁଲ୍ଲସତ୍‌ପ୍ରତିକୃତି ପ୍ରଦୀପ୍ତୟୋଃ ।
ରୋହତୀବ ତବ ଗଣ୍ଡଲେଖୟୋଶ୍ଚନ୍ଦ୍ରବିମ୍ବନିହିତାକ୍ଷି ଚନ୍ଦ୍ରିକା ।। ୭୪

लोहितार्कमणिभाजनार्पितं कल्पवृक्षमधु बिभ्रती स्वयम् ।
त्वामियं स्थितिमतीमुपागता गन्धमादनवनाधिदेवता ।। ७५
ଲୋହିତାର୍କମଣିଭାଜନାର୍ପିତଂ କଳ୍ପବୃକ୍ଷମଧୁ ବିଭ୍ରତୀ ସ୍ୱୟମ୍ ।
ତ୍ୱାମିୟଂ ସ୍ଥିତିମତୀମୁପାଗତା ଗନ୍ଧମାଦନବନାଧିଦେବତା ।। ୭୫

आर्द्रकेसरसुगन्धि ते मुखं रक्तमेव नयनं स्वभावतः ।
अत्र लब्धवसतिर्गुणान्तरं किं विलासिनि मधुः करिष्यति ।। ७६
ଆର୍ଦ୍ରକେସରସୁଗନ୍ଧି ତେ ମୁଖଂ ରକ୍ତମେବ ନୟନଂ ସ୍ୱଭାବତଃ ।
ଅତ୍ର ଲବ୍ଧବସତିର୍ଗୁଣାନ୍ତରଂ କିଂ ବିଳାସିନି ମଧୁଃ କରିଷ୍ୟତି ।। ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏଇ, ଭ୍ରମର ଗୁଞ୍ଜନ ବିହୀନ କଇଁଫୁଲ ଜ୍ୟୋତ୍ସ୍ନା–ରସକୁ ପେଟ ଭରି ପିଇ, ସତେ ଯେପରି ତାହାକୁ ଧାରଣ କରିବାକୁ ଅସମର୍ଥ ହୋଇ ସହସା ବୃନ୍ତ ପର୍ଯ୍ୟନ୍ତ ବିକଶିତ ହୋଇ ପଡ଼ିଛି । ୭୦

ଗୋ ଚଣ୍ଡି, ଦେଖ, ନିର୍ମଳ ଜ୍ୟୋତ୍ସ୍ନା ଯୋଗୁ କଳ୍ପବୃକ୍ଷରୁ ଓହଳିଥିବା ବସ୍ତ୍ରର ସ୍ୱରୂପ ଜାଣିବା ସଂଶୟାଚ୍ଛନ୍ନ ହୋଇପଡୁଛି । ପବନରେ ତାହା ଯେତେବେଳେ ଦୋଳାୟିତ ହେଉଛି, ସେତିକିବେଳେ ହିଁ ତାହା ବସ୍ତ୍ର ବୋଲି ଜାଣି ହେଉଛି ! ୭୧

ବୃକ୍ଷମାନଙ୍କର ପତ୍ରାନ୍ତରାଳରୁ ଅଳ୍ପ ଅଳ୍ପ ତଳେ ପଡ଼ିଥିବା ଜ୍ୟୋତ୍ସ୍ନା ବୃକ୍ଷରୁ ଝଡ଼ିଥିବା କୋମଳ ପୁଷ୍ପଗୁଡ଼ିକ ପରି ବୋଧ ହେଉଛି । ସେହି ଜ୍ୟୋତ୍ସ୍ନା ଫୁଲ ଗୁଡ଼ିକୁ ଅଙ୍ଗୁଳିରେ ତୋଳି ନେଇ ତୁମର କେଶ ମଣ୍ଡନ କରାଯାଇପାରେ । ୭୨

ଗୋ ସୁନ୍ଦରୀ, ନବବିବାହିତା ଭୟକମ୍ପିତଶରୀରା କନ୍ୟା ସହିତ ବରର ଯେପରି ମିଳନ ହୁଏ, ସେହିପରି କମ୍ପିତମଣ୍ଡଳା ଯୋଗତାରା ସହିତ ଚନ୍ଦ୍ରର ମିଳନ ହେଉଛି । ୭୩

ଗୋ ପାର୍ବତୀ, ତୁମେ ବର୍ତ୍ତମାନ ଚନ୍ଦ୍ରବିମ୍ବ ଆଡ଼କୁ ଦୃଷ୍ଟିପାତ କରୁଛ । ପରିପକ୍ୱ ଶରକାଣ୍ଡ ଫୁଲ ପରି ଗୌରବର୍ଣ୍ଣ, ସ୍ୱାଭାବିକ ସ୍ୱଚ୍ଛତାରେ ଝଲସି ଉଠୁଥିବା ତୁମର ଦୁଇ ଗଣ୍ଡଦେଶ (ଗାଲ) ଉପରେ ସତେ ଯେପରି ଜ୍ୟୋତ୍ସ୍ନା ଅବତରଣ କରି ଆସୁଛି ! ୭୪

ଗୋ ପାର୍ବତୀ, ତୁମେ ବର୍ତ୍ତମାନ ଗନ୍ଧମାଦନ ବନରେ ଅଛ । ଗନ୍ଧମାଦନ ବନର ଏଇ ଅଧିଷ୍ଠାତ୍ରୀ ଦେବୀ ନିଜେ ଲୋହିତ ସୂର୍ଯ୍ୟକାନ୍ତ ମଣି-ନିର୍ମିତ ପାତ୍ରରେ କଳ୍ପବୃକ୍ଷଜାତ ମଦିରା ଧରି ତୁମ ନିକଟରେ ଉପସ୍ଥିତ ହୋଇଛନ୍ତି । ୭୫

ଗୋ ବିଳାସିନି, ତୁମର ମୁଖ ତ ସ୍ୱଭାବତଃ ଆର୍ଦ୍ର କେଶର ପୁଷ୍ପ ପରି ସୁଗନ୍ଧିତ ଏବଂ ଚକ୍ଷୁ ତ ସ୍ୱଭାବତଃ ଆରକ୍ତ । ତେଣୁ ତୁମ ମୁଖରେ ମଦିରା ଅନ୍ୟ କେଉଁ ଗୁଣ ଉତ୍ପନ୍ନ କରିବ ? ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मान्यभक्तिरथवा सखीजनः सेव्यतामिदमनङ्गदीपनम् ।
इत्युदारमभिधाय शङ्करस्तामपाययत पानमम्बिकाम् ।। ७७
ମାନ୍ୟଭକ୍ତିରଥବା ସଖୀଜନଃ ସେବ୍ୟତାମିଦମନଙ୍ଗଦୀପନମ୍ ।
ଇତ୍ୟୁଦାରମଭିଧାୟ ଶଙ୍କରସ୍ତାମପାୟୟତ ପାନମମ୍ବିକାମ୍ ॥ ୭୭

पार्वती तदुपयोगसम्भवां विक्रियामपि सतां मनोहराम् ।
अप्रतर्क्यविधियोगनिर्मितामाम्रतेव सहकारतां ययौ ।। ७८
ପାର୍ବତୀ ତଦୁପଯୋଗସମ୍ଭବାଂ ବିକ୍ରିୟାମପି ସତାଂ ମନୋହରାମ୍ ।
ଅପ୍ରତର୍କ୍ୟବିଧିଯୋଗନିର୍ମିତାମାମ୍ରତେବ ସହକାରତାଂ ଯଯୌ ॥ ୭୮

तत्क्षणं विपरिवर्तितह्रियोर्नेष्यतोः शयनमिद्धरागयोः ।
सा बभूव वशवर्तिनी द्वयोः शूलिनः सुवदना मदस्य च ।। ७९
ତତ୍କ୍ଷଣଂ ବିପରିବର୍ତ୍ତିତହ୍ରିୟୋର୍ନେଷ୍ୟତୋଃ ଶୟନମିଦ୍ଧରାଗୟୋଃ ।
ସା ବଭୂବ ବଶବର୍ତ୍ତିନୀ ଦ୍ୱୟୋଃ ଶୂଳିନଃ ସୁବଦନା ମଦସ୍ୟ ଚ ॥ ୭୯

घूर्णमाननयनं स्खलत्कथं स्वेदबिन्दु मदकारणस्मितम् ।
आननेन न तु तावदीश्वरश्चक्षुषा चिरमुमामुखं पपौ ।। ८०
ଘୂର୍ଣ୍ଣମାନନୟନଂ ସ୍ଖଳତ୍କଥଂ ସ୍ୱେଦବିନ୍ଦୁ ମଦକାରଣସ୍ମିତମ୍ ।
ଆନନେନ ନ ତୁ ତାବଦୀଶ୍ୱରଶ୍ଚକ୍ଷୁଷା ଚିରମୁମାମୁଖଂ ପପୌ ॥ ୮୦

तां विलम्बि तपनीयमेखलामुद्वहज्जघनभारदुर्वहाम् ।
ध्यानसम्भृतविभूतिमीश्वरः प्राविशन् मणिशिलागृहं रहः ।। ८१
ତାଂ ବିଲମ୍ବି ତପନୀୟମେଖଳାମୁଦ୍ୱହଜ୍ଜଘନଭରଦୁର୍ବହାମ୍ ।
ଧ୍ୟାନସଂଭୃତବିଭୂତିମୀଶ୍ୱରଃ ପ୍ରାବିଶନ୍ ମଣିଶିଳାଗୃହଂ ରହଃ ॥ ୮୧

तत्र हंसधवलोत्तरच्छदं जाह्नवीपुलिनचारुदर्शनम् ।
अध्यशेत शयनं प्रियासखः शारदाभ्रमिव रोहिणीपतिः ।। ८२
ତତ୍ର ହଂସଧବଳୋତ୍ତରଚ୍ଛଦଂ ଜାହ୍ନବୀପୁଳିନଚାରୁଦର୍ଶନମ୍ ।
ଅଧ୍ୟଶେତ ଶୟନଂ ପ୍ରିୟାସଖଃ ଶାରଦାଭ୍ରମିବ ରୋହିଣୀପତିଃ ॥ ୮୨

क्लिष्टकेशमवलुप्तचन्दनं व्यत्ययार्पितनखं समत्सरम् ।
तस्य तच्छिदुरमेखलागुणं पार्वतीरतमभून्न तृप्तये ।। ८३
କ୍ଲିଷ୍ଟକେଶମବଲୁପ୍ତଚନ୍ଦନଂ ବ୍ୟତ୍ୟୟାର୍ପିତନଖଂ ସମତ୍ସରମ୍ ।
ତସ୍ୟ ତଚ୍ଛିଦୁରମେଖଳାଗୁଣଂ ପାର୍ବତୀରତମଭୂନ୍ନ ତୃପ୍ତୟେ ॥ ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଥବା ତୁମର ଭକ୍ତିପରାୟଣା ସଖୀମାନେ ଏଇ କାମୋଦ୍ଦୀପକ ମଦିରା ପାନ କରନ୍ତୁ ।" ଏଇପରି ତୋଷଦାୟକ ବାକ୍ୟମାନ କହି ଶିବ ପାର୍ବତୀଙ୍କୁ ମଦିରା ପାନ କରାଇଲେ । ୭୭

ଚୂତଫଳ ସ୍ୱଭାବତଃ ସୁନ୍ଦର ହେଲେ ମଧ୍ୟ ଅଚିନ୍ତନୀୟ, ଦୈବ-ବିଧାନରେ ବିକାରପ୍ରାପ୍ତ ହୋଇ ସହକାରରେ ପରିଣତ ହୁଏ ଏବଂ ଅଧିକ ସୁନ୍ଦର ହୁଏ । ପାର୍ବତୀ ସେହିପରି ମଦିରାଜନିତ ବିକାରରେ ଅଧିକ ସୌନ୍ଦର୍ଯ୍ୟ ଲାଭ କଲେ, ଯେଉଁ ବିକାର କି ସଜ୍ଜନମାନଙ୍କ ପକ୍ଷରେ ମନୋଜ୍ଞ ଅଟେ । ୭୮

ସୁନ୍ଦରବଦନା ପାର୍ବତୀ ସଙ୍ଗେସଙ୍ଗେ ଶିବ ଓ ମଦିରା, ଉଭୟଙ୍କର ବଶବର୍ତ୍ତିନୀ ହୋଇଗଲେ । ଉଭୟେ ତାଙ୍କର ଲଜ୍ଜା ପରିତ୍ୟାଗ କରାଇଦେଲେ ଏବଂ ତାଙ୍କର ଅନୁରାଗ ବଢ଼ାଇ ଶୟନକକ୍ଷକୁ ଯିବାକୁ ପ୍ରେରଣା ଦେଲେ । ୭୯

ପାର୍ବତୀଙ୍କର ଚକ୍ଷୁ ଘୂର୍ଣ୍ଣିତ ଓ ବଚନ ସ୍ଖଳିତ ହେଲା । ମୁଖମଣ୍ଡଳରେ ସ୍ୱେଦବିନ୍ଦୁମାନ ଦେଖା ଦେଲା, ଅକାରଣରେ ସ୍ମିତହାସ୍ୟ ପ୍ରକାଶ ପାଇଲା । ଶିବ ପାର୍ବତୀଙ୍କର ଏତାଦୃଶ ମୁଖକୁ ଯେ ମୁଖରେ ପାନ କଲେ, ତାହା ନୁହେଁ ; ଚକ୍ଷୁରେ ଦୀର୍ଘ ସମୟ ପାନ କଲେ । ୮୦

ତା'ପରେ ଶିବ ଧ୍ୟାନବଳରେ ଭୋଗ୍ୟସାମଗ୍ରୀପରିପୂର୍ଣ୍ଣ ଏକ ଗୋପନ ମଣିମୟ ଶିଳା-ଗୃହର ବିଧାନ କରି ପାର୍ବତୀଙ୍କୁ ସେଠାକୁ ଉତ୍ତୋଳନ କରି ନେଲେ । ଉତ୍ତୋଳନ କରି ନେଲାବେଳେ ପାର୍ବତୀଙ୍କର ସୁବର୍ଣ୍ଣ-ଅଣ୍ଟାସୂତା ତଳକୁ ଝୁଲି ପଡ଼ିଥିଲା ଏବଂ ନିତମ୍ବର ପୃଥୁଳତା ହେତୁ ତାଙ୍କୁ ବହନ କରି ନେବା କଷ୍ଟକର ବୋଧ ହେଉଥିଲା । ୮୧

ଚନ୍ଦ୍ର ଯେପରି ପ୍ରିୟା ରୋହିଣୀ ସହିତ ଶାରଦୀୟ ମେଘ ଉପରେ ଶୟନ କରେ, ଶିବ ସେହିପରି ପାର୍ବତୀଙ୍କ ସହିତ, ଶିଳା-ଗୃହରେ ହଂସଧବଳ ଗୁଦର ନି· ହୋଇଥିବା ଏବଂ ଗଙ୍ଗାର ହଂସଧବଳ ବାଲୁକା ଭୂମି ପରି ଦେଖାଯାଉଥିବା ଶେଯ ଉପରେ ଶୟନ କଲେ । ୮୨

ରତିକ୍ରୀଡାରେ ପାର୍ବତୀଙ୍କର କେଶପାଶ ଆଲୁଳାୟିତ ହୋଇଗଲା ଏବଂ ଶରୀରରୁ ଚନ୍ଦନ ପୋଛି ହୋଇଗଲା । ବିଜୟ-ଇଚ୍ଛାରେ ଦୁହେଁ ପରସ୍ପରର ଦେହରେ ନଖକ୍ଷତ ଅଙ୍କନ କରିବାରେ ଲାଗିଲେ । ପାର୍ବତୀଙ୍କର ଅଣ୍ଟାସୂତା ଛିନ୍ନବିଚ୍ଛିନ୍ନ ହୋଇଗଲା, ତଥାପି ଶିବ ରତିତୃପ୍ତି ଲାଭ କଲେ ନାହିଁ । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

केवलं प्रियतमादयालुना ज्योतिषामवनतासु पङ्क्तिषु ।
तेन तत्प्रतिगृहीतवक्षसा नेत्रमीलनकुतूहलं कृतम् ॥ ८४
କେବଳଂ ପ୍ରିୟତମାଦୟାଲୁନା ଜ୍ୟୋତିଷାମବନତାସୁ ପଙ୍‌କ୍ତିଷୁ ।
ତେନ ତତ୍‌ପ୍ରତିଗୃହୀତବକ୍ଷସା ନେତ୍ରମୀଳନକୁତୂହଳଂ କୃତମ୍ ॥ ୮୪

स व्यबुध्यत बुधस्तवोचितः शातकुम्भकमलाकरैः समम् ।
मूर्च्छनापरिगृहीतकैशिकैः किन्नरैरुषसि गीतमङ्गलः ॥ ८५
ସ ବ୍ୟବୁଧ୍ୟତ ବୁଧସ୍ତବୋଚିତଃ ଶାତକୁମ୍ଭକମଳାକରୈଃ ସମମ୍ ।
ମୂର୍ଚ୍ଛନାପରିଗୃହୀତକୈଶିକୈଃ କିନ୍ନରୈରୁଷସି ଗୀତମଙ୍ଗଳଃ ॥ ୮୫

तौ क्षणं शिथिलितोपगूहनौ दम्पती चलितमानसोर्मयः ।
पद्मभेदपिशुनाः सिषेविरे गन्धमादनवनान्तमारुताः ॥ ८६
ତୌ କ୍ଷଣଂ ଶିଥିଳିତୋପଗୂହନୌ ଦମ୍ପତୀ ଚଳିତମାନସୋର୍ମୟଃ ।
ପଦ୍ମଭେଦପିଶୁନାଃ ସିଷେବିରେ ଗନ୍ଧମାଦନବନାନ୍ତମାରୁତାଃ ॥ ୮୬

ऊरुमूलनखमार्गराजिभिस्तत्क्षणं हृतविलोचनो हरः ।
वाससः प्रशिथिलस्य संयमं कुर्वतीं प्रियतमामवारयत् ॥ ८७
ଊରୁମୂଳନଖମାର୍ଗରାଜିଭିସ୍ତତ୍କ୍ଷଣଂ ହୃତବିଲୋଚନୋ ହରଃ ।
ବାସସଃ ପ୍ରଶିଥିଳସ୍ୟ ସଂଯମଂ କୁର୍ବତୀଂ ପ୍ରିୟତମାମବାରୟତ୍ ॥ ୮୭

स प्रजागरकषायलोचनं गाढदन्तपरिताडिताधरम् ।
आकुलालकमरंस्त रागवान् प्रेक्ष्य भिन्नतिलकं प्रियामुखम् ॥ ८८
ସ ପ୍ରଜାଗରକଷାୟଲୋଚନଂ ଗାଢଦନ୍ତପରିତାଡ଼ିତାଧରମ୍ ।
ଆକୁଳାଳକମରଂସ୍ତ ରାଗବାନ୍ ପ୍ରେକ୍ଷ୍ୟ ଭିନ୍ନତିଳକଂ ପ୍ରିୟାମୁଖମ୍ ॥ ୮୮

तेन भिन्नविषमोत्तरच्छदं मध्यपिण्डितविसूत्रमेखलम् ।
निर्मलेऽपि शयनं निशात्यये नोज्झितं चरणरागलाञ्छि ८९
ତେନ ଭିନ୍ନବିଷମୋତ୍ତରଚ୍ଛଦଂ ମଧ୍ୟପିଣ୍ଡିତବିସୂତ୍ରମେଖଳମ୍ ।
ନିର୍ମଳେଽପି ଶୟନଂ ନିଶାତ୍ୟୟେ ନୋଜ୍ଝିତଂ ଚରଣରାଗଲାଞ୍ଛିତମ୍ ॥ ୮୯

स प्रियामुखरसं दिवानिशं हर्षवृद्धिजननं सिषेविषुः ।
दर्शनप्रणयिनामदृश्यतामाजगाम विजयानिवेदनात् ॥ ९०
ସ ପ୍ରିୟାମୁଖରସଂ ଦିବାନିଶଂ ହର୍ଷବୃଦ୍ଧିଜନନଂ ସିଷେବିଷୁଃ ।
ଦର୍ଶନପ୍ରଣୟିନାମଦୃଶ୍ୟତାମାଜଗାମ ବିଜୟାନିବେଦନାତ୍ ॥ ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନକ୍ଷତ୍ର ମାଳା ପଶ୍ଚିମ ଦିଗକୁ ଅବତରଣ କରି ଯାଆନ୍ତେ, ଶିବ ପ୍ରିୟତମାଙ୍କ ବକ୍ଷ ଉପରେ ଆଲିଙ୍ଗିତ ହୋଇ, ତାଙ୍କ ପ୍ରତି ଦୟାର୍ଦ୍ର ଭବ ଯୋଗୁଁ ହିଁ ନେତ୍ର ନିମୀଳନ କଲେ । ୮୪

ପ୍ରାତଃ କାଳରେ କିନ୍ନରମାନେ କୈଶିକ ରାଗର ମୂର୍ଚ୍ଛନା ତୋଳି ବିଦ୍ୱଦ୍‌ବନ୍ଦନୀୟ ଶିବଙ୍କର ମଙ୍ଗଳ ଗୀତି ଗାନ କଲେ । ସୁବର୍ଣ୍ଣ ପଦ୍ମପୂର୍ଣ୍ଣ ସରୋବରର ନିଦ୍ରାଭଙ୍ଗ ହେବା ସଙ୍ଗେ ଶିବଙ୍କର ନିଦ୍ରାଭଙ୍ଗ ହେଲା । ୮୫

ସେହି ଦଂପତି ପରସ୍ପରର ଆଲିଙ୍ଗନ ଶିଥିଳ କଲେ । ମାନସ ସରୋବରରେ ତରଙ୍ଗ ସୃଷ୍ଟି କରି, ପଦ୍ମଫୁଲର ପାଖୁଡ଼ା ଗୁଡ଼ିକୁ ବିକଚ ବିକଶିତ କରି ବହୁଥିବା, ଗନ୍ଧମାଦନ ପର୍ବତର ବନାନ୍ତ-ବାୟୁ ସେହି ଦଂପତିଙ୍କର ସେବା କରିବାରେ ଲାଗିଲା । ୮୬

ପବନରେ ପାର୍ବତୀଙ୍କର ଜଘନରୁ ବସ୍ତ୍ର ଅପସାରିତ ହୋଇଯା'ନ୍ତେ ସେଥିର ନଖକ୍ଷତ ଗୁଡ଼ିକ ପ୍ରତି ଶିବଙ୍କର ଦୃଷ୍ଟି ଆକର୍ଷିତ ହୋଇଗଲା । ପାର୍ବତୀ ଶିଥିଳ ବସ୍ତ୍ରକୁ ଟାଣି ଆଣୁଥିବା ବେଳେ ଶିବ ପ୍ରିୟତମାଙ୍କୁ ସେଥିରୁ ନିବୃତ୍ତ କଲେ । ୮୭

ରାତ୍ରିରେ ଜାଗରଣ ହେତୁ ପାର୍ବତୀଙ୍କର ଚକ୍ଷୁ ଆରକ୍ତ, ଗାଢ଼ ଦନ୍ତକ୍ଷତ ଯୋଗୁ ଅଧର ପୀଡ଼ିତ, କେଶପାଶ ଆଲୁଳାୟିତ ଏବଂ ତିଳକ ଅବିନ୍ୟସ୍ତ ହୋଇ ଯାଇଥିଲା । ଅନୁରାଗୀ ଶିବ ପ୍ରିୟତମାଙ୍କର ଏତାଦୃଶ ମୁଖମଣ୍ଡଳ ଦେଖି ମୁଗ୍ଧ ହେଲେ । ୮୮

ରାତ୍ରିର ଶଯ୍ୟାରେ ଉପର ଚାଦର ଅବିନ୍ୟସ୍ତ ହୋଇ ଯାଇଥିଲା । ଶଯ୍ୟା ମଝିରେ ପାର୍ବତୀଙ୍କର ଅଣ୍ଟାସୂତା ସୂତ୍ରହୀନ ହୋଇ ଠୁଳ ଆକାରରେ ପଡ଼ିଥିଲା, ଏବଂ ପାଦର ଅଳତାରଙ୍ଗରେ ଶଯ୍ୟା ରଞ୍ଜିତ ହୋଇଥିଲା । ରାତ୍ରିର ଅବସାନ ହୋଇ ଚତୁର୍ଦ୍ଦିଗ ନିର୍ମଳ ହେଲେ ମଧ୍ୟ ଶିବ ତାଦୃଶ ଶଯ୍ୟା ପରିତ୍ୟାଗ କଲେ ନାହିଁ । ୮୯

ସେ ଦିବାନିଶି ପ୍ରିୟା-ମୁଖ-ମଧୁ ପାନ କରିବାକୁ ଲାଗିଲେ । ସେଥିରେ ତାଙ୍କର ଆନନ୍ଦ ବୃଦ୍ଧି ପ୍ରାପ୍ତ ହେଲା । ଯେଉଁମାନେ ତାଙ୍କର ଦର୍ଶନ-ପ୍ରାର୍ଥୀ ହୋଇ ଆସିଲେ, ବିଜୟା (ପାର୍ବତୀଙ୍କର ସଖୀ) ସେମାନଙ୍କର ଆସିବା ସମ୍ବାଦ ତାଙ୍କୁ ଜଣାଇଲେ ମଧ୍ୟ ସେମାନଙ୍କୁ ସେ ଦର୍ଶନ ଦେଲେ ନାହିଁ । ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

समदिवसनिशीथं सङ्गिनस्तत्र शम्भोः
शतमगमदृतूनां सार्धमेका निशेव ।
न तु सुरतसुखेभ्यश्छिन्नतृष्णो बभूव
ज्वलन इव समुद्रान्तर्गतस्तज्जलौघैः ॥ ९१

ସମଦିବ୍ସନିଶୀଥଂ ସଙ୍ଗିନସ୍ତତ୍ର ଶମ୍ଭୋଃ
ଶତମଗମଦୃତୂନାଂ ସାର୍ଦ୍ଧମେକା ନିଶେବ ।
ନ ତୁ ସୁରତସୁଖେଭ୍ୟ ଶ୍ଛିନ୍ନତୃଷ୍ଣୋ ବଭୂବ
ଜ୍ୱଲନ ଇବ୍ ସମୁଦ୍ରାନ୍ତର୍ଗତସ୍ତଜ୍ଜଲୌଘୈଃ ॥ ୯୧

ଏହିପରି ଆସକ୍ତ ଶିବ ପାର୍ବତୀଙ୍କ ସଙ୍ଗରେ ଏକଶହ ପଚିଶ ଋତୁ (ପଚିଶି ବର୍ଷ) ଗୋଟିଏ ରାତି ପରି ଅତିବାହିତ କଲେ । ଦିନ ଓ ରାତି ତାଙ୍କ ପକ୍ଷରେ ସମାନ ହୋଇଗଲା । ସମୁଦ୍ରମଧ୍ୟସ୍ଥ ବାଡବାଗ୍ନି ଯେତେ ଜଳଭୋଗ କଲେ ମଧ୍ୟ ଯେପରି ତୃପ୍ତ ହୁଏ ନାହିଁ, ଶିବ ସେହିପରି ପାର୍ବତୀଙ୍କ ସହିତ ଯେତେ ସୁରତସୁଖ ଭୋଗ କଲେ ମଧ୍ୟ ତାଙ୍କର ସୁରତତୃଷ୍ଣା ନିବୃତ୍ତ ହେଲାନାହିଁ । ୯୧

॥ इति श्रीमहाकविकालिदासकृतौ कुमारसम्भवे महाकाव्ये
पार्वतीपरमेश्वरयोः सम्भोगवर्णनो नामाष्टमः सर्गः ॥

—×—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମେଘଦୂତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पूर्वमेघः

कश्चित् कान्ताविरहगुरुणा स्वाधिकारप्रमत्तः
शापेनास्तङ्गमितमहिमा वर्षभोग्येण भर्तुः ।
यक्षश्चक्रे जनकतनयास्नानपुण्योदकेषु
स्निग्धच्छायातरुषु वसतिं रामगिर्याश्रमेषु ॥ १

କଶ୍ଚିତ୍ କାନ୍ତାବିରହଗୁରୁଣା ସ୍ୱାଧିକାରପ୍ରମତ୍ତଃ
ଶାପେନାସ୍ତଙ୍ଗମିତମହିମା ବର୍ଷଭୋଗ୍ୟେଣ ଭର୍ତ୍ତୁଃ ।
ଯକ୍ଷଶ୍ଚକ୍ରେ ଜନକତନୟାସ୍ନାନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟାତରୁଷୁ ବସତିଂ ରାମଗିର୍ଯ୍ୟାଶ୍ରମେଷୁ ॥ ୧

तस्मिन्नद्रौ कतिचिदबलाविप्रयुक्तः स कामी
नीत्वा मासान् कनकवलयभ्रंशरिक्तप्रकोष्ठः ।
आषाढस्य प्रथमदिवसे मेघमाश्लिष्टसानुं
वप्रक्रीडापरिणतगजप्रेक्षणीयं ददर्श ॥ २

ତସ୍ମିନ୍ନଦ୍ରୌ କତିଚିଦବଲାବିପ୍ରଯୁକ୍ତଃ ସ କାମୀ
ନୀତ୍ୱା ମାସାନ୍ କନକବଳୟଭ୍ରଂଶରିକ୍ତପ୍ରକୋଷ୍ଠଃ ।
ଆଷାଢ଼ସ୍ୟ ପ୍ରଥମଦିବସେ ମେଘମାଶ୍ଲିଷ୍ଟସାନୁଂ
ବପ୍ରକ୍ରୀଡାପରିଣତଗଜପ୍ରେକ୍ଷଣୀୟଂ ଦଦର୍ଶ ॥ ୨

तस्य स्थित्वा कथमपि पुरः कौतुकाधानहेतो
रन्तर्बाष्पश्चिरमनुचरो राजराजस्य दध्यौ ।
मेघालोके भवति सुखिनोऽप्यन्यथावृत्ति चेतः
कण्ठाश्लेषप्रणयिनि जने किं पुनर्दूरसंस्थे ॥ ३

ତସ୍ୟ ସ୍ଥିତ୍ୱା କଥମପି ପୁରଃ କୌତୁକାଧାନହେତୋ
ରନ୍ତର୍ବାଷ୍ପଶ୍ଚିରମନୁଚରୋ ରାଜରାଜସ୍ୟ ଦଧ୍ୟୌ ।
ମେଘାଲୋକେ ଭବତି ସୁଖିନୋଽପ୍ୟନ୍ୟଥାବୃତ୍ତି ଚେତଃ
କଣ୍ଠାଶ୍ଲେଷପ୍ରଣୟିନି ଜନେ କିଂ ପୁନର୍ଦ୍ଦୂରସଂସ୍ଥେ ॥ ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୂର୍ବ ମେଘ

କୌଣସି ଜଣେ ଯକ୍ଷ ନିଜର ଅଧିକାରରେ (କର୍ତ୍ତବ୍ୟ ପାଳନରେ) ତ୍ରୁଟି କରିବାରୁ ମୁନିବ କୁବେରଙ୍କଠାରୁ ଶାପ ପାଇଲା । ସେହି ଶାପ ଥିଲା ତା' ପକ୍ଷରେ ଗୁରୁତର, କାରଣ ସେଥିରେ ତାକୁ ଏକ ବର୍ଷ ପର୍ଯ୍ୟନ୍ତ ପତ୍ନୀ-ବିଚ୍ଛେଦ ଭୋଗିବାକୁ ଥିଲା । ଶାପ ଫଳରେ ଯକ୍ଷର ସମସ୍ତ ମହିମା (ପ୍ରଭବ ପ୍ରତିପତ୍ତି) ଅସ୍ତ ହୋଇଗଲା । ସେ ବାସ କଲା ରାମଗିରିର ଆଶ୍ରମ-ମାନଙ୍କରେ, ଯେଉଁଠାରେ କି ଜନକନନ୍ଦିନୀ ସୀତାଙ୍କର ସ୍ନାନ ଯୋଗୁ ଜଳ ଥିଲା ପବିତ୍ର ଏବଂ ଯେଉଁଠାରେ ଥିଲା ବହୁତ ସୁଶୀତଳଛାୟାପ୍ରଦ ବୃକ୍ଷ । ୧

ପତ୍ନୀଠାରୁ ବିଚ୍ଛିନ୍ନ ହୋଇ ରହିବା ଫଳରେ ସେହି ଯକ୍ଷ କାମ-ବିହ୍ୱଳ ହୋଇ ଉଠିଲା । ତାର (ଶରୀର କ୍ରମେ କ୍ଷୀଣ ହୋଇଯିବାରୁ) ହାତରୁ ସୁବର୍ଣ୍ଣ କଙ୍କଣ ଗଳିପଡ଼ି, କଙ୍କଣ ପିନ୍ଧିବା ସ୍ଥାନ ଶୂନ୍ୟ ହୋଇଗଲା । ସେହି ପର୍ବତରେ ସେ କେତୋଟି ମାସ ଅତିବାହିତ କଲା ପରେ ଆଷାଢ ମାସର ପ୍ରଥମ ଦିନରେ ପର୍ବତଶୃଙ୍ଗରେ ନିବିଡ ଭାବେ ଲାଗି ଯାଉଥିବା ଏକ ମେଘ ଖଣ୍ଡକୁ ଦେଖିଲା । ଦନ୍ତରେ ମାଟି ବା ପଥର ତାଡ଼ି କ୍ରୀଡ଼ା କରିବାରେ ନିପୁଣ ଏକ ହସ୍ତୀ ଭଳି ସେହି ମେଘ ଥିଲା ଦର୍ଶନୀୟ । (ପ୍ରକୋଷ୍ଠ—ହାତରେ କଙ୍କଣ ପିନ୍ଧିବା ସ୍ଥାନ ; ସାନୁ—ଶୃଙ୍ଗ ; ପରିଣତ—ନିପୁଣ ; ବପ୍ରକ୍ରୀଡ଼ା—ନଦୀବନ୍ଧ, ପର୍ବତଗାତ୍ର ପ୍ରଭୃତିରେ ଶିଙ୍ଗ ବା ଦନ୍ତ ଭୁଷି କ୍ରୀଡା କରିବା) ୨

ମାନସିକ—ଉତ୍କଣ୍ଠା—ଉଦ୍ରେକକାରୀ ସେହି ମେଘର ସମ୍ମୁଖରେ ଅତି କଷ୍ଟରେ ଠିଆ ହୋଇ ଯକ୍ଷ ମନ ଭିତରେ କାନ୍ଦିକାନ୍ଦି ଦୀର୍ଘ ସମୟ ଚିନ୍ତା କଲା । ମେଘ ଦେଖିଲେ ସୁଖୀ ବ୍ୟକ୍ତିର (ପ୍ରିୟା ସହିତ ଥିବା ପ୍ରିୟର ବା ପ୍ରିୟ ସହିତ ଥିବା ପ୍ରିୟାର) ମଧ୍ୟ ଚିତ୍ତବୃତ୍ତି ଅନ୍ୟ ପ୍ରକାର ହୋଇଉଠେ । ଆଉ, ଯେଉଁ ବ୍ୟକ୍ତି (ପ୍ରିୟ ପ୍ରିୟାର ବା ପ୍ରିୟା ପ୍ରିୟର) କଣ୍ଠ ଭିଡ଼ି ଆଲିଙ୍ଗନ କରିବାକୁ ବ୍ୟଗ୍ର ହୋଇ ଉଠୁଥାଏ, ଅଥଚ ଦୂରରେ ଥାଏ, ତା' କଥା ବା କଅଣ କହିବା ? (କୌତୁକ—ଉତ୍ସୁକତା ; ରାଜରାଜ—କୁବେର) ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रत्यासन्ने नभसि दयिताजीवितालम्बनार्थी
जीमूतेन स्वकुशलमयीं हारयिष्यन् प्रवृत्तिम् ।
स प्रत्यग्रैः कुटजकुसुमैः कल्पितार्घाय तस्मै
प्रीतः प्रीतिप्रमुखवचनं स्वागतं व्याजहार ॥ ४

ପ୍ରତ୍ୟାସନ୍ନେ ନଭସି ଦୟିତାଜୀବିତାଲମ୍ବନାର୍ଥୀ
ଜୀମୂତେନ ସ୍ୱକୁଶଳମୟୀଂ ହାରୟିଷ୍ୟନ୍ ପ୍ରବୃତ୍ତିମ୍ ।
ସ ପ୍ରତ୍ୟଗ୍ରୈଃ କୁଟଜ କୁସୁମୈଃ କଳ୍ପିତାର୍ଘାୟ ତସ୍ମୈ
ପ୍ରୀତଃ ପ୍ରୀତିପ୍ରମୁଖବଚନଂ ସ୍ୱାଗତଂ ବ୍ୟାଜହାର ॥ ୪

धूमज्योतिःसलिलमरुतां सन्निपातः क्व मेघः
सन्देशार्थाः क्व पटुकरणैः प्राणिभिः प्रापणीयाः ।
इत्यौत्सुक्यादपरिगणयन् गुह्यकस्तं ययाचे
कामार्ता हि प्रकृतिकृपणाश्चेतनाचेतनेषु ॥ ५

ଧୂମଜ୍ୟୋତିଃସଲିଳମରୁତାଂ ସନ୍ନିପାତଃ କ୍ୱ ମେଘଃ
ସନ୍ଦେଶାର୍ଥାଃ କ୍ୱ ପଟୁକରଣୈଃ ପ୍ରାଣିଭିଃ ପ୍ରାପଣୀୟାଃ ।
ଇତ୍ୟୌତ୍ସୁକ୍ୟାଦପରିଗଣୟନ୍ ଗୁହ୍ୟକସ୍ତଂ ଯଯାଚେ
କାମାର୍ତ୍ତା ହି ପ୍ରକୃକୃତିପଣାଶ୍ଚେତନାଚେତନେଷୁ ॥ ୫

जातं वंशे भुवनविदिते पुष्करावर्तकानां
जानामि त्वां प्रकृतिपुरुषं कामरूपं मघोनः ।
तेनार्थित्वं त्वयि विधिवशाद् दूरबन्धुर्गतोऽहं
याच्ञा मोघा वरमधिगुणे नाधमे लब्धकामा ॥ ६

ଜାତଂ ବଂଶେ ଭୁବନବିଦିତେ ପୁଷ୍କରାବର୍ତ୍ତକାନାଂ
ଜାନାମି ତ୍ୱାଂ ପ୍ରକୃତିପୁରୁଷଂ କାମରୂପଂ ମଘୋନଃ ।
ତେନାର୍ଥିତ୍ୱଂ ତ୍ୱୟି ବିଧିବଶାଦ୍ ଦୂରବନ୍ଧୁର୍ଗତୋଽହଂ
ଯାଚ୍ଞା ମୋଘା ବରମଧିଗୁଣେ ନାଧମେ ଲବ୍ଧକାମା ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରାବଣ ମାସ ନିକଟ ହୋଇ ଆସନ୍ତେ ଯକ୍ଷ ପ୍ରିୟାର ପ୍ରାଣରକ୍ଷା କରିବା ଆଶାରେ ମେଘ ହାତରେ ତା' ନିକଟକୁ ନିଜର କୁଶଳବାର୍ତ୍ତା ପଠାଇବାକୁ ଇଚ୍ଛା କଲା ଏବଂ ମେଘକୁ ସଜଫୁଟା ବଣମଲ୍ଲି ଫୁଲର ଅର୍ଘ୍ୟ ପ୍ରଦାନ କରି ପ୍ରୀତ ଭବରେ ପ୍ରୀତିପୂର୍ଣ୍ଣ ବଚନରେ ସ୍ୱାଗତ ଜଣାଇଲା । (ନଭସ୍–ଶ୍ରାବଣ ମାସ ; ପ୍ରବୃତ୍ତି–ବାର୍ତ୍ତା ; ପ୍ରତ୍ୟଗ୍ର–ସଦ୍ୟ ; କୁଟଜ–ବଣମଲ୍ଲି) ୪

ଧୂମ, ଜ୍ୟୋତି, ଜଳ ଓ ବାୟୁ–ଏମାନଙ୍କର ସମ୍ମିଶ୍ରିତ ରୂପ ମେଘ କେଉଁଠି ଏବଂ ଯେଉଁ ଅର୍ଥପୂର୍ଣ୍ଣ ବାର୍ତ୍ତାକୁ କେବଳ ଉନ୍ନତ–ଇନ୍ଦ୍ରିୟ–ବିଶିଷ୍ଟ ପ୍ରାଣୀମାନେ (ମନୁଷ୍ୟମାନେ) ଅନ୍ୟ ନିକଟରେ ପହଞ୍ଚାଇ ପାରନ୍ତି, ସେଭଳି ବାର୍ତ୍ତା କେଉଁଠି ! ଯକ୍ଷ ନିଜର ଉତ୍ସୁକତା ହେତୁ ଏହା ଚିନ୍ତା କରିନପାରି ମେଘ ଆଗରେ ଅନୁରୋଧ ଉପସ୍ଥାପନ କରିବସିଲା । କାରଣ, କାମବିହ୍ୱଳ ବ୍ୟକ୍ତିମାନେ ଚେତନ–ଅଚେତନ ମଧ୍ୟରେ ପ୍ରକୃତିପାର୍ଥକ୍ୟ ଜାଣି ପାରନ୍ତିନାହିଁ । (ସନ୍ନିପାତ–ସମ୍ମିଶ୍ରିତ ରୂପ ; କରଣ–ଇନ୍ଦ୍ରିୟ ; ଗୁହ୍ୟକ–ଯକ୍ଷ) ୫

" ହେ ମେଘ, ମୁଁ ଜାଣେ, ବିଶ୍ୱପ୍ରସିଦ୍ଧ ପୁଷ୍କର ଓ ଆବର୍ତ୍ତକଙ୍କ ବଂଶରେ ତୁମର ଜନ୍ମ । ତୁମେ ମନଇଚ୍ଛା ବିଭିନ୍ନ ରୂପ ଧାରଣ କରିପାର । ଆଉ ମଧ୍ୟ, ତୁମେ ଇନ୍ଦ୍ରଙ୍କର ପ୍ରଧାନ ବ୍ୟକ୍ତି । ଭଗ୍ୟଦୋଷରୁ ମୁଁ ବର୍ତ୍ତମାନ ମୋ ପତ୍ନୀଠାରୁ ଦୂରରେ । ତେଣୁ ତୁମ ନିକଟରେ ମୁଁ ପ୍ରାର୍ଥନା କରୁଛି । ଗୁଣବାନ୍ ବ୍ୟକ୍ତି ନିକଟରେ ପ୍ରାର୍ଥନା ବିଫଳ ହେଲେ ମଧ୍ୟ ତାହା ଶ୍ରେୟସ୍କର, କିନ୍ତୁ ଅଧମ ନିକଟରେ ତାହା ସଫଳ ହେଲେ ମଧ୍ୟ ଶ୍ରେୟସ୍କର ନୁହେଁ । (ପ୍ରକୃତିପୁରୁଷ–ପ୍ରଧାନ ବ୍ୟକ୍ତି ; ଯାଚ୍ଞା–ମାଗିବା, ପ୍ରାର୍ଥନା କରିବା ; ଅଧି-ଗୁଣ–ଗୁଣବାନ୍) ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

संतप्तानां त्वमसि शरणं तत् पयोद प्रियायाः
सन्देशं मे हर धनपतिक्रोधविश्लेषितस्य ।
गन्तव्या ते वसतिरलका नाम यक्षेश्वराणां
बाह्योद्यानस्थितहरशिरश्चन्द्रिकाधौतहर्म्या ॥७

ସଂତପ୍ତାନାଂ ତ୍ୱମସି ଶରଣଂ ତତ୍ ପୟୋଦ ପ୍ରିୟାୟାଃ
ସନ୍ଦେଶଂ ମେ ହର ଧନପତିକ୍ରୋଧବିଶ୍ଳେଷିତସ୍ୟ ।
ଗନ୍ତବ୍ୟା ତେ ବସତିରଳକା ନାମ ଯକ୍ଷେଶ୍ୱରଣାଂ
ବାହ୍ୟୋଦ୍ୟାନସ୍ଥିତହରଶିରଶ୍ଚନ୍ଦ୍ରିକାଧୌତହର୍ମ୍ୟା ॥ ୭

त्वामारूढं पवनपदवीमुद्गृहीतालकान्ताः
प्रेक्षिष्यन्ते पथिकवनिताः प्रत्ययादाश्वसन्त्यः ।
कः संनद्धे विरहविधुरां त्वय्युपेक्षेत जायां
न स्यादन्योऽप्यहमिव जनो यः पराधीनवृत्तिः ॥ ८

ତ୍ୱାମାରୂଢଂ ପବନପଦବୀମୁଦ୍‌ଗୃହୀତାଳକାନ୍ତାଃ
ପ୍ରେକ୍ଷିଷ୍ୟନ୍ତେ ପଥିକବନିତାଃ ପ୍ରତ୍ୟୟାଦାଶ୍ୱସନ୍ତ୍ୟଃ ।
କଃ ସଂନଦ୍ଧେ ବିରହବିଧୁରଂ ତ୍ୱୟ୍ୟୁପେକ୍ଷେତ ଜାୟାଂ
ନ ସ୍ୟାଦନ୍ୟୋଽପ୍ୟହମିବ ଜନୋ ଯଃ ପରାଧୀନବୃତ୍ତିଃ ॥ ୮

मन्दं मन्दं नुदति पवनश्चानुकूलो यथा त्वं
वामश्चायं नदति मधुरं चातकस्ते सगन्धः ।
गर्भाधानक्षणपरिचयान्नूनमाबद्धमालाः
सेविष्यन्ते नयनसुभग खे भवन्तं बलाकाः ॥ ९

ମନ୍ଦଂ ମନ୍ଦଂ ନୁଦତି ପବନଶ୍ଚାନୁକୂଳୋ ଯଥା ତ୍ୱଂ
ବାମଶ୍ଚାୟଂ ନଦତି ମଧୁରଂ ଚାତକସ୍ତେ ସଗନ୍ଧଃ ।
ଗର୍ଭାଧାନକ୍ଷଣପରିଚୟାନ୍ନୂନମାବଦ୍ଧମାଳାଃ
ସେବିଷ୍ୟନ୍ତେ ନୟନସୁଭଗଂ ଖେ ଭବନ୍ତଂ ବଳାକାଃ ॥ ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ମେଘ, ଧନପତି କୁବେରଙ୍କ କ୍ରୋଧରେ ମୁଁ ମୋ ପ୍ରିୟାଠାରୁ ବିଚ୍ଛିନ୍ନ ହୋଇଛି । ତୁମେ ହିଁ ସନ୍ତାପ (ଗ୍ରୀଷ୍ମତାପ ବା କାମତାପ) ଭୋଗୁଥିବା ବ୍ୟକ୍ତିମାନଙ୍କର ଶରଣଦାତା ଅଟ । ତେଣୁ ତୁମେ ମୋ ପ୍ରିୟା ନିକଟକୁ ମୋର ବାର୍ତ୍ତା ଘେନି ଯାଅ । ତୁମେ ଯିବ ଯକ୍ଷପତି କୁବେରଙ୍କର ବାସସ୍ଥଳୀ ଅଳକା ନାମକ ନଗରୀକୁ, ଯେଉଁ ନଗରୀର ବାହାର ଉଦ୍ୟାନରେ ବାସ କରନ୍ତି ଶିବ, ଯାହାଙ୍କର ମସ୍ତକସ୍ଥିତ ଚନ୍ଦ୍ରର ଶୁଭ୍ର ଜ୍ୟୋତ୍ସ୍ନା ଦ୍ୱାରା ନଗରୀର ଅଟ୍ଟାଳିକାମାଳା ବିଧୌତ ହେଉଥାଏ । ୭

ତୁମେ ଆକାଶ ମାର୍ଗରେ ଗଲାବେଳେ ବିରହିଣୀ ରମଣୀମାନେ ସେମାନଙ୍କ ଆଖି ଉପରୁ ଚୁନିଚୁନି କେଶ ଆଡ଼େଇ ଦେଇ (ଆମ ପ୍ରିୟମାନେ ଏବେ ବିଦେଶରୁ ଫେରିଆସିବେ, ଏଇ) ବିଶ୍ୱାସରେ ଆଶ୍ୱସ୍ତି ଲାଭ କରି ତୁମ ଆଡ଼କୁ ଚାହିଁବେ । ତୁମେ ନିକଟବର୍ତ୍ତୀ ହେଲେ କେଉଁ ପୁରୁଷ ତାର ବିରହ-ବିଧୁରା ପତ୍ନୀକୁ ଛାଡ଼ି ରହିପାରିବ, ଯେ କି ବୃତ୍ତିରେ ମୋ ପରି ପରାଧୀନ ହୋଇନଥିବ ? (ପରାଧୀନବୃତ୍ତି—ଚାକିରିଆ ; ପବନପଦବୀ—ଆକାଶ ; ସନ୍ନଦ୍ଧ—ନିକଟବର୍ତ୍ତୀ ; ଅଳକ—ଚୁନିଚୁନି କେଶ) ୮

ଅନୁକୂଳ ବାୟୁ ଯେପରିଭାବରେ ତୁମକୁ ଧୀରେଧୀରେ ଅଗ୍ରସର କରି ନେଉଛି, ବାମଭାଗରେ ଏଇ ଚାତକଟି ଉନ୍ମାଦନାର ସହିତ ଯେପରି ଭାବରେ ରବ କରୁଛି, ଆଉ ତୁମେ ଯେପରି ଅତ୍ୟନ୍ତ ସୁନ୍ଦର ଦିଶୁଛ, ଏଥିରୁ ବୋଧ ହେଉଛି, ବଗୁଲିମାନେ ନିଶ୍ଚୟ ତୁମର ସେବା କରିବେ, ଯେଉଁ-ମାନେ କି ଗର୍ଭଧାରଣସୁଖ ସହିତ ପରିଚିତ ଥିବାରୁ ଆକାଶରେ ଧାଡ଼ି ବାନ୍ଧି ତୁମ ପାଖେପାଖେ ଉଡ଼ିବେ । (ବଗୁଲିମାନେ ଧାଡ଼ି ବାନ୍ଧି ମେଘ ପାଖେପାଖେ ଉଡ଼ି ଗର୍ଭଧାରଣ ସୁଖ ଅନୁଭବ କରନ୍ତି । ସଗନ୍ଧ—ଉନ୍ମାଦିତ , ଉଲ୍ଲସିତ ; କ୍ଷଣ—ସୁଖ ; ଖ—ଆକାଶ ; ବଳାକା—ବଗୁଲି) ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तां चावश्यं दिवसगणनातत्परामेकपत्नी
मव्यापन्नामविहतगतिर्द्रक्ष्यसि भ्रातृजायाम् ।
आशाबन्धः कुसुमसदृशं प्रायशो ह्यङ्गनानां
सद्यःपाति प्रणयिहृदयं विप्रयोगे रुणद्धि ॥ १०

ତାଂ ଚାବଶ୍ୟଂ ଦିବସଗଣନାତତ୍ପରାମେକପତ୍ନୀ
ମବ୍ୟାପନ୍ନାମବିହତଗତିର୍ଦ୍ରକ୍ଷ୍ୟସି ଭ୍ରାତୃଜାୟାମ୍ ।
ଆଶାବନ୍ଧଃ କୁସୁମସଦୃଶଂ ପ୍ରାୟଶୋ ହ୍ୟଙ୍ଗନାନାଂ
ସଦ୍ୟଃପାତି ପ୍ରଣୟିହୃଦୟଂ ବିପ୍ରୟୋଗେ ରୁଣଦ୍ଧି ॥ ୧୦

कर्तुं यच्च प्रभवति महीमुच्छिलीन्ध्रामबन्ध्यां
तच्छ्रुत्वा ते श्रवणसुभगं गर्जितं मानसोत्काः ।
आ कैलासाद् बिसकिसलयच्छेदपाथेयवन्तः
संपत्स्यन्ते नभसि भवतो राजहंसाः सहायाः ॥ ११

କର୍ତ୍ତୁଂ ଯଚ୍ଚ ପ୍ରଭବତି ମହୀମୁଚ୍ଛିଲୀନ୍ଧ୍ରାମବନ୍ଧ୍ୟାଂ
ତଚ୍ଛ୍ରୁତ୍ୱା ତେ ଶ୍ରବଣସୁଭଗଂ ଗର୍ଜିତଂ ମାନସୋତ୍କାଃ ।
ଆ କୈଳାସାଦ୍ ବିସକିସଲୟଚ୍ଛେଦପାଥେୟବନ୍ତଂ
ସଂପତ୍ସ୍ୟନ୍ତେ ନଭସି ଭବତୋ ରାଜହଂସାଃ ସହାୟାଃ ॥ ୧୧

आपृच्छस्व प्रियसखममुं तुङ्गमालिङ्ग्य शैलं
वन्द्यैः पुंसां रघुपतिपदैरङ्कितं मेखलासु ।
काले काले भवति भवतो यस्य संयोगमेत्य
स्नेहव्यक्तिश्चिरविरहजं मुञ्चतो बाष्पमुष्णम् ॥ १२

ଆପୃଚ୍ଛସ୍ୱ ପ୍ରିୟସଖମମୁଂ ତୁଙ୍ଗମାଲିଙ୍ଗ୍ୟ ଶୈଳଂ
ବନ୍ଦ୍ୟୈଃ ପୁଂସାଂ ରଘୁପତିପଦୈରଙ୍କିତଂ ମେଖଳାସୁ ।
କାଳେ କାଳେ ଭବତି ଭବତୋ ଯସ୍ୟ ସଂଯୋଗମେତ୍ୟ
ସ୍ନେହବ୍ୟକ୍ତିଶ୍ଚିରବିରହଜଂ ମୁଞ୍ଚତୋ ବାଷ୍ପମୁଷ୍ଣମ୍ ॥ ୧୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମେ ଯଦି ତୁମର ଗତିକୁ ଅବ୍ୟାହତ ରଖିବ, ତେବେ ନିଶ୍ଚୟ ତୁମର ପତିବ୍ରତା ଭଉଜଙ୍କୁ ଦେଖିପାରିବ, ଯେ କି ଦିନ ଗଣିଗଣି ବଞ୍ଚି ରହିଥିବେ । ବିଚ୍ଛେଦ କାଳରେ ଅଙ୍ଗନା ମାନଙ୍କର ପ୍ରୀତିପୂର୍ଣ୍ଣ ହୃଦୟ ଫୁଲ ଭଳି ଯେକୌଣସି ମୁହୂର୍ତ୍ତରେ ପତନଶୀଳ, କେବଳ ଆଶାରୂପକ ବୃନ୍ତ ତାହାକୁ ପତନରୁ ନିବୃତ୍ତ କରି ରଖିଥାଏ । (ଏକପତ୍ନୀ—ପତିବ୍ରତା ; ଅବ୍ୟାପନ୍ନା—ଜୀବିତା ; ବିପ୍ରଯୋଗ—ବିଚ୍ଛେଦ ; ଆଶାବନ୍ଧ—ଆଶାରୂପକ ବୃନ୍ତ) ୧୦

ତୁମର ଗର୍ଜନ ପୃଥିବୀ ଉପରେ ଛତୁ ଫୁଟାଇ, ତାହାକୁ (ପୃଥିବୀକୁ) ଶସ୍ୟଶାଳିନୀ କରେ । ସେହି ଶ୍ରବଣସୁଖକର ଗର୍ଜନକୁ ଶୁଣି ରାଜହଂସମାନେ ମାନସ ସରୋବରକୁ ଯିବାପାଇଁ ଉତ୍‌କଣ୍ଠିତ ହୋଇଉଠିବେ । ସେମାନେ କୋମଳ ମୃଣାଳଖଣ୍ଡ ଗୁଡିକୁ ପାଥେୟ ସ୍ୱରୂପ ଧରି କୈଳାସ ପର୍ବତ ପର୍ଯ୍ୟନ୍ତ ଆକାଶରେ ତୁମର ସହଯାତ୍ରୀ ହେବେ । (ପାଥେୟ—ପଥରେ ଆହାର ହେବା ସାମଗ୍ରୀ ; ଶିଲୀନ୍ଧ୍ର—ଛତୁ ; ଉତ୍‌କ—ଉତ୍‌କଣ୍ଠିତ ; ଛେଦ—ଖଣ୍ଡ) ୧୧

ତୁମର ଏହି ପ୍ରିୟବନ୍ଧୁ ସମୁଚ୍ଚ ରାମଗିରି, ଯେ କି ତାର କଟୀଦେଶରେ ରଘୁପତି ରାମଚନ୍ଦ୍ରଙ୍କର ସର୍ବଲୋକବନ୍ଦନୀୟ ପଦଚିହ୍ନକୁ ଧାରଣ କରିଛି, ଯେ କି ତୁମ ସଙ୍ଗ ଲଭ କଲେ ଦୀର୍ଘକାଳର ବନ୍ଧୁବିଚ୍ଛେଦ ହେତୁ ଉଷ୍ଣ ନିଃଶ୍ୱାସ ତ୍ୟାଗ କରେ ଏବଂ ତଦ୍ୱାରା ତୁମ ପ୍ରତି କାଳେକାଳେ ତାର ସ୍ନେହ ଅଭିବ୍ୟକ୍ତ କରେ, ତାକୁ ଆଲିଙ୍ଗନ କରି ବିଦାୟ ମାଗ । (ମେଖଳା—କଟୀଦେଶ) ୧୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मार्गं तावच्छृणु कथयतस्त्वत्प्रयाणानुरूपं
सन्देशं मे तदनु जलद श्रोष्यसि श्रोत्रपेयम् ।
खिन्नः खिन्नः शिखरिषु पदं न्यस्य गन्तासि यत्र
क्षीणः क्षीणः परिलघु पयः स्रोतसां चोपभुज्य ॥ १३

ମାର୍ଗଂ ତାବଚ୍ଛୃଣୁ କଥୟତସ୍ତ୍ୱତ୍ପ୍ରୟାଣାନୁରୂପଂ
ସନ୍ଦେଶଂ ମେ ତଦନୁ ଜଳଦ ଶ୍ରୋଷ୍ୟସି ଶ୍ରୋତ୍ରପେୟମ୍ ।
ଖିନ୍ନଃ ଖିନ୍ନଃ ଶିଖରିଷୁ ପଦଂ ନ୍ୟସ୍ୟ ଗନ୍ତାସି ଯତ୍ର
କ୍ଷୀଣଃ କ୍ଷୀଣଃ ପରିଲଘୁ ପୟଃ ସ୍ରୋତସାଂ ଚୋପଭୁଜ୍ୟ ॥୧୩

अद्रेः शृङ्गं हरति पवनः किंस्विदित्युन्मुखीभि
र्दृष्टोत्साहश्चकितचकितं मुग्धसिद्धाङ्गनाभिः ।
स्थानादस्मात् सरसनिचुलादुत्पतोदङ्मुखः खं
दिङ्नागानां पथि परिहरन् स्थूलहस्तावलेपान् ॥ १४

ଅଦ୍ରେଃ ଶୃଙ୍ଗଂ ହରତି ପବନଃ କିଂସ୍ୱିଦିତ୍ୟୁନ୍ମୁଖୀଭି
ର୍ଦୃଷ୍ଟୋତ୍ସାହଚକିତଚକିତଂ ମୁଗ୍ଧସିଦ୍ଧାଙ୍ଗନାଭିଃ ।
ସ୍ଥାନାଦସ୍ମାତ୍ ସରସନିଚୁଳାଦୁତ୍ପତୋଦଙ୍ମୁଖଃ ଖଂ
ଦିଙ୍ନାଗାନାଂ ପଥି ପରିହରନ୍ ସ୍ଥୂଳହସ୍ତାବଲେପାନ୍ ॥ ୧୪

रत्नच्छायाव्यतिकर इव प्रेक्ष्यमेतत् पुरस्ताद्
वल्मीकाग्रात् प्रभवति धनुष्खण्डमाखण्डलस्य ।
येन श्यामं वपुरतितरां कान्तिमापत्स्यते ते
बर्हेणेव स्फुरितरुचिना गोपवेषस्य विष्णोः ॥ १५

ରତ୍ନଚ୍ଛାୟାବ୍ୟତିକର ଇବ ପ୍ରେକ୍ଷ୍ୟମେତତ୍ ପୁରସ୍ତାଦ୍
ବଲ୍ମୀକାଗ୍ରାତ୍ ପ୍ରଭବତି ଧନୁଷ୍ଖଣ୍ଡମାଖଣ୍ଡଳସ୍ୟ ।
ଯେନ ଶ୍ୟାମଂ ବପୁରତିତରାଂ କାନ୍ତିମାପତ୍ସ୍ୟତେ ତେ
ବର୍ହେଣେବ ସ୍ଫୁରିତରୁଚିନା ଗୋପବେଷସ୍ୟ ବିଷ୍ଣୋଃ ॥ ୧୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ମେଘ, ଯେଉଁ ବାଟରେ ଗଲେ ତୁମକୁ ସୁବିଧା ହେବ, ମୁଁ ସେହି ବାଟ କଥା କହୁଛି, ଶୁଣ । ତା'ପରେ ମୋଠାରୁ ଶ୍ରବଣ-ସୁଖକର ବାର୍ତ୍ତା (ମୋ ପ୍ରିୟା ନିକଟକୁ ମୁଁ ଯେଉଁ ବାର୍ତ୍ତା ପଠାଇବି) ଶୁଣିବ । ମୁଁ ଯେଉଁ ବାଟ କଥା କହୁଛି, ସେହି ବାଟରେ ଗଲବେଳେ ତୁମେ ଯେତେବେଳେ ଯେତେବେଳେ କ୍ଳାନ୍ତ ହୋଇ ପଡ଼ିବ, ପର୍ବତମାନଙ୍କରେ ବିଶ୍ରାମ ନେଇ ପାରିବ ଏବଂ ଯେତେବେଳେ ଯେତେବେଳେ କ୍ଷୀଣ ହୋଇ-ଯିବ, ନଦୀ ଝରଣା ଆଦି ସ୍ରୋତମାନଙ୍କର ନିର୍ମଳ ଜଳ ପାନ କରି ପାରିବ । ଏହିପରି, କ୍ରମେ ତୁମେ ଅଗ୍ରସର ହୋଇପାରିବ । (ପ୍ରୟାଣ—ଯାତ୍ରା ; ପରିଲଘୁ—ନିର୍ମଳ ; ଶ୍ରୋତ୍ରପେୟ -ଶ୍ରବଣସୁଖକର) । ୧୩

'ପବନ ଗମଗିରିର ଶୃଙ୍ଗକୁ ଉଡ଼ାଇ ନେଉଛି କି ? ' ଏହା ଭବି ସରଳା, ସୁନ୍ଦରୀ ସିଦ୍ଧରମଣୀମାନେ ଯେତେବେଳେ ଉପରକୁ ମୁହଁ ଟେକି ଚକିତ ଭବରେ ତୁମର ଯାତ୍ରା—ଉଦ୍ୟମ ଦେଖୁଥିବେ, ସେତେବେଳେ ତୁମେ ଏହି ସରସବେତ୍ରଲତାପୂର୍ଣ୍ଣ ସ୍ଥାନରୁ ଉତ୍ତରମୁଖ ହୋଇ, ବାଟରେ ଦିଙ୍ନାଗ (ଦିଗ୍‌ଗଜ) ମାନଙ୍କର ପୃଥୁଳ ଶୁଣ୍ଢର ପ୍ରତିରୋଧକୁ ଏଡ଼ି ଆକାଶକୁ ଉଠିଯିବ । (କାଳିଦାସଙ୍କ ସମସାମୟିକ ଦିଙ୍ନାଗ ନାମକ ଜଣେ ବୌଦ୍ଧ ବିଦ୍ୱାନ୍ କାଳିଦାସଙ୍କର ପ୍ରତିପକ୍ଷ ସମାଲୋଚକ ଥିଲେ । ଦିଙ୍ନାଗଙ୍କର ଦୋଷଦର୍ଶୀ ସମାଲୋଚନାକୁ ଏଡି ତାଙ୍କର କବିତା କାଳଜୟୀ ହେଉ, ଏହି ଅଭିପ୍ରାୟ ଏଠାରେ ଗୂଢ଼ ଭବରେ ନିହିତ ଅଛି । ନିଚୁଳ—ବେତ୍ର ; ଉଦଙ୍ମୁଖ—ଉତ୍ତରମୁଖ ; ଅବଲେପ—ଔଦ୍ଧତ୍ୟ, ପ୍ରତିରୋଧ) ୧୪

ବିଭିନ୍ନ ରନ୍ ଆଲୋକର ମିଶ୍ରଣ ଭଳି ସୁନ୍ଦର ଦିଶୁଥିବା ଏଇ ଇନ୍ଦ୍ରଧନୁ ସମ୍ମୁଖରେ ଉଇହୁଙ୍କାର ଅଗ୍ରଭାଗରୁ ଜନ୍ମଲଭ କରୁଛି । ଉଜ୍ଜ୍ୱଳ ମୟୂରପୁଚ୍ଛଦ୍ୱାର ଶ୍ରୀକୃଷ୍ଣଙ୍କର ଶରୀର ଅଧିକତର ସୌନ୍ଦର୍ଯ୍ୟ ଲଭ କଲ ପରି ଏହି ଇନ୍ଦ୍ରଧନୁଦ୍ୱାର ତୁମର ଶ୍ୟାମଳ ଶରୀର ଅଧିକତର ସୌନ୍ଦର୍ଯ୍ୟ ଲଭ କରିବ । (ଉଇ ହୁଙ୍କାରୁ ଇନ୍ଦ୍ରଧନୁ ଜାତ ହୁଏ ବୋଲି ପ୍ରାଚୀନ କାଳରେ ଧାରଣା ଥିଲ । ବ୍ୟତିକର—ମିଶ୍ରଣ ; ପ୍ରେକ୍ଷ୍ୟ—ଦର୍ଶନୀୟ ; ବଲ୍ମୀକ—ଉଇହୁଙ୍କା ; ବର୍ହ—ମୟୂରପୁଛ ; ସ୍ଫୁରିତରୁଚି—ଉଜ୍ଜ୍ୱଳ) ୧୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

त्वय्यायत्तं कृषिफलमिति भ्रूविकारानभिज्ञैः
प्रीतिस्निग्धैर्जनपदवधूलोचनैः पीयमानः ।
सद्यः सीरोत्कषणसुरभि क्षेत्रमारुह्य मालं
किञ्चित् पश्चाद् व्रज लघुगतिर्भूय एवोत्तरेण ॥ १६

ତ୍ୱୟ୍ୟାୟତ୍ତଂ କୃଷିଫଳମିତି ଭ୍ରୂବିକାରାନଭିଜ୍ଞୈଃ
ପ୍ରୀତିସ୍ନିଗ୍ଧୈର୍ଜନପଦବଧୂଲୋଚନୈଃ ପୀୟମାନଃ ।
ସଦ୍ୟଃ ସୀରୋତ୍କଷଣସୁରଭି କ୍ଷେତ୍ରମାରୁହ୍ୟ ମାଳଂ
କିଞ୍ଚିତ୍ ପଶ୍ଚାଦ୍ ବ୍ରଜ ଲଘୁଗତିର୍ଭୂୟ ଏବୋତ୍ତରେଣ ॥ ୧୬

त्वामासारप्रशमितवनोपप्लवं साधु मूर्ध्ना
वक्ष्यत्यध्वश्रमपरिगतं सानुमानाम्रकूटः ।
न क्षुद्रोऽपि प्रथमसुकृतापेक्षया संश्रयाय
प्राप्ते मित्रे भवति विमुखः किं पुनर्यस्तथोच्चैः ॥ १७

ତ୍ୱାମାସାରପ୍ରଶମିତବନୋପପ୍ଳବଂ ସାଧୁ ମୂର୍ଦ୍ଧ୍ନା
ବକ୍ଷ୍ୟତ୍ୟଧ୍ୱଶ୍ରମପରିଗତଂ ସାନୁମାନାମ୍ରକୂଟଃ ।
ନ କ୍ଷୁଦ୍ରୋଽପି ପ୍ରଥମସୁକୃତାପେକ୍ଷୟା ସଂଶ୍ରୟାୟ
ପ୍ରାପ୍ତେ ମିତ୍ରେ ଭବତି ବିମୁଖଃ କିଂ ପୁନର୍ଯସ୍ତଥୋଚ୍ଚୈଃ ॥ ୧୭

छन्नोपान्तः परिणतफलद्योतिभिः काननाम्रै
स्त्वय्यारूढे शिखरमचलः स्निग्धवेणीसवर्णे ।
नूनं यास्यत्यमरमिथुनप्रेक्षणीयामवस्थां
मध्ये श्यामः स्तनः इव भुवः शेषविस्तारपाण्डुः ॥ १८

ଛନ୍ନୋପାନ୍ତଃ ପରିଣତଫଳଦ୍ୟୋତିଭିଃ କାନନାମ୍ରୈ
ସ୍ତ୍ୱୟ୍ୟାରୂଢେ ଶିଖରମଚଳଃ ସ୍ନିଗ୍ଧବେଣୀସବର୍ଣ୍ଣେ ।
ନୂନଂ ଯାସ୍ୟତ୍ୟମରମିଥୁନପ୍ରେକ୍ଷଣୀୟାମବସ୍ଥାଂ
ମଧ୍ୟେ ଶ୍ୟାମଃ ସ୍ତନଃ ଇବ ଭୁବଃ ଶେଷବିସ୍ତାରପାଣ୍ଡୁଃ ॥୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୃଷିଫଳ (ଶସ୍ୟ) ତୁମରି ଉପରେ ନିର୍ଭରଶୀଳ । ତେଣୁ ଗ୍ରାମ-ବଧୂମାନେ ସେମାନଙ୍କର ଭ୍ରୂଲତାନଗ୍ନ ଗ୍ରହାଣି ଜାଣିନଥିବା, ଅକୃତ୍ରିମ-ପ୍ରୀତିଭରା ନେତ୍ରରେ ସତେ ଯେପରି ତୁମକୁ ପିଇଯିବେ ! ତା'ପରେ, ତୁମେ ଲଙ୍ଗଳରେ ସଦ୍ୟ କର୍ଷଣ କରାଯାଇଥିବା, ସୁଗନ୍ଧିତ, ମାଳଭୂମି ଉପରେ ଟିକିଏ ପଶ୍ଚିମ ଦିଗକୁ ଯାଇ ପୁଣି କ୍ଷିପ୍ର ଗତିରେ ଉତ୍ତର ଦିଗକୁ ଗତି କରିବ । (ସୀର—ଲଙ୍ଗଳ ; ଲଘୁଗତି—ଦ୍ରୁତଗାମୀ ; ସୁରଭି—ସୁଗନ୍ଧିତ ; ଭୂୟଃ—ପୁଣି) ୧୬

ତୁମେ ପଥକ୍ଳାନ୍ତ ହୋଇଗଲେ ଶୃଙ୍ଗଶାଳୀ ଆମ୍ରକୂଟ ପର୍ବତ ଆନନ୍ଦରେ ତୁମକୁ ମସ୍ତକରେ ଧାରଣ କରିବ । କାରଣ, ତୁମେ ବୃଷ୍ଟିଦ୍ୱାରା ପୂର୍ବେ ଉକ୍ତ ପର୍ବତର ଦାବାନଳକୁ ପ୍ରଶମିତ କରିଥିଲ । ଆଶ୍ରୟ ନେବା ନିମନ୍ତେ ମିତ୍ର ଆସି ପହଞ୍ଚିଲେ ନୀଚ ବ୍ୟକ୍ତି ମଧ୍ୟ ମିତ୍ରର ପୂର୍ବ ଉପକାର ସ୍ମରଣ କରି ତା'ର ଆଦର ଅଭ୍ୟର୍ଥନା କରିବାକୁ ବିମୁଖ ହୁଏନାହିଁ । ଆଉ ଯେ ଉଚ୍ଚ (ଉଚ୍ଚମନା), ତାର ମିତ୍ର ପ୍ରତି ଆଦର ଅଭ୍ୟର୍ଥନା କଥା ବା କଅଣ କହିବା ? (ଆସାର—ବୃଷ୍ଟିପାତ ; ଅଧ୍ୱ—ପଥ ; ସାନୁମାନ୍—ଶୃଙ୍ଗଶାଳୀ ; ଉପପ୍ଲବ—ଉତ୍ପାତ) ୧୭

ଆମ୍ରକୂଟ ପର୍ବତର ଚାରିପାଖରେ ଆମ୍ବଗଛର ବଣ, ଯାହା କି ପାଚିଲା ଆମ୍ବଫଳରେ ଶୋଭା ପାଉଥାଏ । ତୈଳଚିକ୍କଣ ବେଣୀ ପରି ତୁମର ବର୍ଣ୍ଣ । ତେଣୁ, ତୁମେ ଯେତେବେଳେ ଆମ୍ରକୂଟର ଶୃଙ୍ଗରେ ଲାଗିଯିବ, ସେତେବେଳେ ସେହି ପର୍ବତ ପୃଥିବୀର ମଝି—ଶ୍ୟାମଳ ଓ ଚାରିପାଖ—ପାଣ୍ଡୁର-ବର୍ଣ୍ଣ ସ୍ତନଟିଏ ପରି ଦେଖାଯାଇ ଦେବଦଂପତିମାନଙ୍କର ନିଶ୍ଚୟ ଦୃଷ୍ଟି-ଉପଭୋଗ୍ୟ ହେବ । (ରମଣୀ ମାନଙ୍କ ସ୍ତନର ମଝି ଅଂଶ ନୀଳ ଏବଂ ଚାରିପାଖ ପାଣ୍ଡୁରବର୍ଣ୍ଣ । ସେହି ପାଣ୍ଡୁରବର୍ଣ୍ଣ ଭିତରେ ଯେଉଁ ଟିପିଟିପି ଚିହ୍ନସବୁ, ତାହା ଆମ୍ବବଣଭିତର ପାଚିଲା ଆମ୍ବଗୁଡ଼ିକ ସହିତ ତୁଳନୀୟ । ପରିଣତ—ପକ୍ୱ ; ଅମରମିଥୁନ—ଦେବଦମ୍ପତି) ୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स्थित्वा तस्मिन् वनचरवधूभुक्तकुञ्जे मुहूर्तं
तोयोत्सर्गद्रुततरगतिस्तत्परं वर्त्म तीर्णः ।
रेवां द्रक्ष्यस्युपलविषमे विन्ध्यपादे विशीर्णां
भक्तिच्छेदैरिव विरचितां भूतिमङ्गे गजस्य ॥ १९

ସ୍ଥିତ୍ୱା ତସ୍ମିନ୍ ବନଚରବଧୂଭୁକ୍ତକୁଞ୍ଜେ ମୁହୂର୍ତ୍ତଂ
ତୋୟୋତ୍ସର୍ଗଦ୍ରୁତତରଗତିସ୍ତତ୍ପରଂ ବର୍ତ୍ମ ତୀର୍ଣ୍ଣଃ ।
ରେବାଂ ଦ୍ରକ୍ଷ୍ୟସ୍ୟୁପଲବିଷମେ ବିନ୍ଧ୍ୟପାଦେ ବିଶୀର୍ଣ୍ଣାଂ
ଭକ୍ତିଚ୍ଛେଦୈରିବ ବିରଚିତାଂ ଭୂତିମଙ୍ଗେ ଗଜସ୍ୟ ॥ ୧୯

तस्यास्तिक्तैर्वनगजमदैर्वासितं वान्तवृष्टि
र्जम्बूकुञ्जप्रतिहतरयं तोयमादाय गच्छेः ।
अन्तःसारं घन तुलयितुं नानिलः शक्ष्यति त्वां
रिक्तः सर्वो भवति हि लघुः पूर्णता गौरवाय ॥ २०

ତସ୍ୟାସ୍ତିକ୍ତୈର୍ବନଗଜମଦୈର୍ବାସିତଂ ବାନ୍ତବୃଷ୍ଟି
ର୍ଜମ୍ବୂକୁଞ୍ଜପ୍ରତିହତରୟଂ ତୋୟମାଦାୟ ଗଚ୍ଛେଃ ।
ଅନ୍ତଃସାରଂ ଘନ ତୁଲୟିତୁଂ ନାନିଲଃ ଶକ୍ଷ୍ୟତି ତ୍ୱାଂ
ରିକ୍ତଃ ସର୍ବୋ ଭବତି ହି ଲଘୁଃ ପୂର୍ଣ୍ଣତା ଗୌରବାୟ ॥ ୨୦

नीपं दृष्ट्वा हरितकपिशं केसरैरर्धरूढै
राविर्भूतप्रथममुकुलाः कन्दलीश्चानुकच्छम् ।
जग्ध्वाऽरण्येष्वधिकसुरभिं गन्धमाघ्राय चोर्व्याः
सारङ्गास्ते जललवमुचः सूचयिष्यन्ति मार्गम् ॥ २१

ନୀପଂ ଦୃଷ୍ଟ୍ୱା ହରିତକପିଶଂ କେସରୈରର୍ଦ୍ଧରୂଢୈ
ରାବିର୍ଭୂତପ୍ରଥମମୁକୁଳାଃ କନ୍ଦଳୀଶ୍ଚାନୁକଚ୍ଛମ୍ ।
ଜଗ୍ଧ୍ୱାଽରଣ୍ୟେଷ୍ୱଧିକସୁରଭିଂ ଗନ୍ଧମାଘ୍ରାୟ ଚୋର୍ବ୍ୟାଃ
ସାରଙ୍ଗାସ୍ତେ ଜଳଲବମୁଚଃ ସୂଚୟିଷ୍ୟନ୍ତି ମାର୍ଗମ୍ ॥ ୨୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମେ ସେହି ଆମ୍ରକଟ ପର୍ବତରେ, ଯେଉଁଠାରେ କି ବନଚର ଲୋକଙ୍କ ପତ୍ନୀମାନେ ଲତାକୁଞ୍ଜ ଗୁଡ଼ିକୁ ଉପଭୋଗ କରନ୍ତି, ମୁହୂର୍ତ୍ତେ ରହି, ଜଳ ବର୍ଷଣ ହେତୁ ଅଧିକ ଦ୍ରୁତଗାମୀ ହୋଇ ପରବର୍ତ୍ତୀ ପଥ ଅତିକ୍ରମ କରିବ । ତା'ପରେ ତୁମେ ଦେଖିବ ବିନ୍ଧ୍ୟ ପର୍ବତର ପାଦଦେଶରେ ଛିନ୍ନଛତ୍ର ହୋଇ ବହିଯାଉଥିବା ନର୍ମଦା ନଦୀକୁ, ଯେଉଁ ନଦୀ କି ହାତୀ-ଦେହରେ ଅଙ୍କନ କରାଯାଇଥିବା ଗାରଗାର ଆକୃତିର ବେଶରଚନା ଭଳି ଦିଶୁଥିବ । (ତୋୟୋତ୍ସର୍ଗ—ଜଳବର୍ଷଣ ; ଉପଳ—ପଥର , ଭକ୍ତିଚ୍ଛେଦ—ଗାରଗାର ଚିତ୍ର , ଭୂତି—ବେଶରଚନା , ବିଶୀର୍ଣ୍ଣ—ଛିନ୍ନଛତ୍ର , ବର୍ତ୍ମ—ବାଟ) ୧୯

ହେ ମେଘ, ତୁମେ ବୃଷ୍ଟି କରିକରି ଯେତେବେଳେ ଜଳହୀନ ହୋଇଯିବ, ନର୍ମଦା ନଦୀର ଜଳକୁ ପାନ କରି ଯିବ । ସେହି ନଦୀ ବନ୍ୟ ହସ୍ତୀମାନଙ୍କର ଦେହନିଃସୃତ ଜଳ ଦ୍ୱାରା ସୁବାସିତ ହୋଇ ଏବଂ ଜାମୁ-ଗଛର ବଣ ଦ୍ୱାରା ବାଧା ପାଇ ପ୍ରବାହିତ ହେଉଥିବ । ତାହାର ଜଳ ପାନ-କରିବା ଫଳରେ ତୁମେ ଅନ୍ତଃସାରପୂର୍ଣ୍ଣ ହୋଇଯିବ , ପବନ ତୁମକୁ ଆଉ ତୁଳା ପରି ଉଡାଇ ନେଇପାରିବନାହିଁ । କାରଣ, ଯାହାସବୁ ଅନ୍ତଃସାରଶୂନ୍ୟ, ତାହା ହାଲୁକା ଏବଂ ଯାହାସବୁ ଅନ୍ତଃସାରପୂର୍ଣ୍ଣ, ତାହା ଗୁରୁ (ଗୌରବ ମୟ/ଓଜନଦାର) ଅଟନ୍ତି । (ତିକ୍ତ—ସୁବାସିତ ; ରୟ—ବେଗ, ତୋୟ—ଜଳ , ରିକ୍ତ—ଶୂନ୍ୟ ; ଲଘୁ-ହାଲୁକା) ୨୦

କେଶର ଅଧା ଉପନ୍ନ ହୋଇଥିବା ହେତୁ କଦମ୍ବଫୁଲ ଶ୍ୟାମଳ ତଥା ତାମ୍ର-ବର୍ଣ୍ଣ ଦିଶୁଥିବ । ସେଭଳି କଦମ୍ବ ଫୁଲକୁ ଦେଖି , ଜଳାଶୟ ମାନଙ୍କର କୂଳରେ ପ୍ରଥମ କଢି ଧାରଣ କରୁଥିବା କନ୍ଦଳୀ ଗଛ ଗୁଡିକୁ ଖାଇ ଏବଂ ଅରଣ୍ୟ-ମାଟିର ଅଧିକସୌରଭପୂର୍ଣ୍ଣ ଗନ୍ଧକୁ ଆଘ୍ରାଣ କରି ମହୁମାଛି, ମୃଗ ଓ ହସ୍ତୀ-ମାନେ ତୁମର ଜଳବିନ୍ଦୁବର୍ଷଣର ପଥକୁ ସୂଚିତ କରିବେ । (ଅନୁକଚ୍ଛ—ଜଳାଶୟର କୂଳ ; ଉର୍ବୀ—ପୃଥିବୀ ; ସାରଙ୍ଗ—ମହୁମାଛି, ମୃଗ ଓ ହସ୍ତୀ ; ନୀପ—କଦମ୍ବ ଗଛ ; ହରିତ—ଶ୍ୟାମଳ ; କପିଶ—ତାମ୍ରବର୍ଣ୍ଣ ; ମୁକୁଳ—କଢି ; ଲବ—ବିନ୍ଦୁ) ୨୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अम्भोविन्दुग्रहणचतुरांश्चातकान् वीक्षमाणाः
श्रेणीभूताः परिगणनया निर्दिशन्तो बलाकाः ।
त्वामासाद्य स्तनितसमये मानयिष्यन्ति सिद्धाः
सोत्कम्पानि प्रियसहचरीसंभ्रमालिङ्गितानि ।। २२

ଅମ୍ଭୋବିନ୍ଦୁଗ୍ରହଣଚତୁରାଂଶ୍ଚାତକାନ୍ ବୀକ୍ଷମାଣାଃ
ଶ୍ରେଣୀଭୂତାଃ ପରିଗଣନୟା ନିର୍ଦ୍ଦିଶନ୍ତୋ ବଲାକାଃ ।
ତ୍ୱାମାସାଦ୍ୟ ସ୍ତନିତସମୟେ ମାନୟିଷ୍ୟନ୍ତି ସିଦ୍ଧାଃ
ସୋତ୍କମ୍ପାନି ପ୍ରିୟସହଚରୀସଂଭ୍ରମାଲିଙ୍ଗିତାନି ।। ୨୨

उत्पश्यामि द्रुतमपि सखे मत्प्रियार्थं यियासोः
कालक्षेपं ककुभसुरभौ पर्वते पर्वते ते ।
शुक्लापाङ्गैः सजलनयनैः स्वागतीकृत्य केकाः
प्रत्युद्यातः कथमपि भवान् गन्तुमाशु व्यवस्येत् ।। २३

ଉତ୍ପଶ୍ୟାମି ଦ୍ରୁତମପି ସଖେ ମତ୍ପ୍ରିୟାର୍ଥଂ ୟିୟାସୋଃ
କାଲକ୍ଷେପଂ କକୁଭସୁରଭୌ ପର୍ବତେ ପର୍ବତେ ତେ ।
ଶୁକ୍ଲାପାଙ୍ଗୈଃ ସଜଲନୟନୈଃ ସ୍ୱାଗତୀକୃତ୍ୟ କେକାଃ
ପ୍ରତ୍ୟୁଦ୍ୟାତଃ କଥମପି ଭବାନ୍ ଗନ୍ତୁମାଶୁ ବ୍ୟବସ୍ୟେତ୍ ।।

पाण्डुच्छायोपवनवृतयः केतकैः सूचिभिन्नै
र्नीडारम्भैर्गृहबलिभुजामाकुलग्रामचैत्याः ।
त्वय्यासन्ने परिणतफलश्यामजम्बूवनान्ताः
संपत्स्यन्ते कतिपयदिनस्थायिहंसा दशार्णाः ॥ २४

ପାଣ୍ଡୁଚ୍ଛାୟୋପବନବୃତୟଃ କେତକୈଃ ସୂଚିଭିନ୍ନୈ
ର୍ନୀଡାରମ୍ଭୈର୍ଗୃହବଲିଭୁଜାମାକୁଳଗ୍ରାମଚୈତ୍ୟାଃ ।
ତ୍ୱୟ୍ୟାସନ୍ନେ ପରିଣତଫଳଶ୍ୟାମଜମ୍ବୂବନାନ୍ତାଃ
ସଂପତ୍ସ୍ୟନ୍ତେ କତିପୟଦିନସ୍ଥାୟିହଂସା ଦଶାର୍ଣ୍ଣାଃ ।। ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସିଦ୍ଧମାନେ ଯେତେବେଳେ ବର୍ଷାଜଳ-ପାନ-ପ୍ରବୀଣ ଚାତକମାନଙ୍କୁ ଦେଖୁଥିବେ ଏବଂ ଧାଡ଼ି ବାନ୍ଧି ଉଡ଼ି ଯାଉଥିବା ବଗୁଲି ମାନଙ୍କୁ ଏକ, ଦୁଇ, ତିନି—ଏହିପରି ଅଙ୍ଗୁଳି ନିର୍ଦ୍ଦେଶ କରି ଗଣି ପ୍ରିୟାମାନଙ୍କୁ ଦେଖାଇ ଦେଉଥିବେ, ସେତିକିବେଳେ ତୁମେ ଥରେ ଗର୍ଜନ କରିଦେବ । ସିଦ୍ଧମାନେ ପ୍ରିୟସଙ୍ଗିନୀ-ମାନଙ୍କଠାରୁ ଚମକପୂର୍ଣ୍ଣ ଭୀତିବିହ୍ୱଳ ଆଲିଙ୍ଗନମାନ ଲଭ କରି ତୁମ ଆଡକୁ ସମ୍ମାନଭରା ଦୃଷ୍ଟିରେ ଚାହିଁବେ । (ଅମ୍ଭସ୍—ଜଳ ; ସ୍ତନିତ—ମେଘଗର୍ଜନ ; ଶ୍ରେଣୀ-ଭୂତ—ଧାଡ଼ି ବାନ୍ଧିଥିବା ; ବଳାକା— ବଗୁଲି ; ସଂଭ୍ରମ—ଭୀତଚକିତଭାବ) ୨୨

ହେ ସଖା, ତୁମେ ମୋ ପ୍ରିୟା ନିକଟକୁ ଶୀଘ୍ର ଯିବାକୁ ଚାହୁଁଥିଲେ ମଧ୍ୟ ବଣମଲ୍ଲି ଫୁଲରେ ସୁଗନ୍ଧିତ ପର୍ବତମାନଙ୍କରେ ତୁମର କାଳ ବିଳମ୍ବ ହେବ ବୋଲି ମୁଁ ଅନୁମାନ କରୁଛି । ମୟୂରମାନେ ସେମାନଙ୍କର କେକାରବ-ରୂପକ ସ୍ୱାଗତ ବଚନରେ ତୁମକୁ ପାଛୋଟି ନେବେ । ସେତେବେଳେ ତୁମେ କୌଣସି ପ୍ରକାରେ ଟିକିଏ ଶୀଘ୍ର ଯିବାକୁ ଚେଷ୍ଟା କରିବ । (ଯିୟାସୁ—ଯିବାକୁ ଇଚ୍ଛୁକ ; କକୁଭ—ବଣମଲ୍ଲି ; ସୁରଭି--ସୁଗନ୍ଧିତ ; ଶୁକ୍ଲାପାଙ୍ଗ--ଶୁକ୍ଳ ଅପାଙ୍ଗ / ନେତ୍ରକୋଣ ଯେଉଁମାନଙ୍କର, ମୟୂର ; କେକା--ମୟୂରରବ) ୨୩

ତୁମେ ପହଞ୍ଚିଗଲେ ଦଶାର୍ଣ୍ଣ ଦେଶରେ ଉପବନ ଗୁଡ଼ିକର ଚାରିପଟ ବାଡ଼ ଦରଫୁଟା କିଆଫୁଲରେ ପାଣ୍ଡୁରବର୍ଣ୍ଣ ଦିଶିବ, ଗ୍ରାମ୍ୟ ପକ୍ଷୀମାନଙ୍କର ନୀଡ଼-ରଚନାରେ ଗ୍ରାମର ଚୈତ୍ୟବୃକ୍ଷଗୁଡ଼ିକ କୋଳାହଳମୟ ହୋଇ ଉଠିବ, ସେହି ଦେଶର ଉପାନ୍ତ ଅଞ୍ଚଳରେ ଥିବା ଜାମୁଗଛ-ବଣସବୁ ପାଚିଲା ଜାମୁ ଫଳରେ ଗାଢ ନୀଳ ବର୍ଣ୍ଣ ଧାରଣ କରିବ ଏବଂ ହଂସମାନେ ସେ ଦେଶରେ କିଛିଦିନ ପାଇଁ ଅବସ୍ଥାନ କରିବେ । (ବୃତି--ବାଡ଼ ; ସୂଚିଭିନ୍ନ—ସୂଚିରେ / କଢିର ଅଗ୍ରଭାଗରେ ଭିନ୍ନ / ସ୍ଫୁଟିତ ଅର୍ଥାତ୍ ଦରଫୁଟା ; ଗୃହବଳିଭୁଜ୍--ଗ୍ରାମ୍ୟପକ୍ଷୀ ; ଆକୁଳ-- କୋଳାହଳମୟ ; ଆସନ୍ନ--ନିକଟବର୍ତ୍ତୀ ; ପରିଣତ--ପାଚିଲା) ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तेषां दिक्षु प्रथितविदिशालक्षणां राजधानीं
गत्वा सद्यः फलमविकलं कामुकत्वस्य लब्धा ।
तीरोपान्तस्तनितसुभगं पास्यसि स्वादु यस्मात्
सभ्रूभङ्गं मुखमिव पयो वेत्रवत्याश्चलोर्मि ॥ २५

ତେଷାଂ ଦିକ୍ଷୁ ପ୍ରଥିତବିଦିଶାଲକ୍ଷଣାଂ ରାଜଧାନୀଂ
ଗତ୍ୱା ସଦ୍ୟଃ ଫଲମବିକଲଂ କାମୁକତ୍ୱସ୍ୟ ଲବ୍ଧା ।
ତୀରୋପାନ୍ତସ୍ତନିତସୁଭଗଂ ପାସ୍ୟସି ସ୍ୱାଦୁ ଯସ୍ମାତ୍
ସଭ୍ରୂଭଙ୍ଗଂ ମୁଖମିବ ପୟୋ ବେତ୍ରବତ୍ୟାଶ୍ଚଲୋର୍ମି ॥ ୨୫

नीचैराख्यं गिरिमधिवसेस्तत्र विश्रामहेतो
स्त्वत्संपर्कात् पुलकितमिव प्रौढपुष्पैः कदम्बैः ।
यः पण्यस्त्रीरतिपरिमलोद्गारिभिर्नागराणा
मुद्दामानि प्रथयति शिलावेश्मभिर्यौवनानि ॥ २६

ନୀଚୈରାଖ୍ୟଂ ଗିରିମଧିବସେସ୍ତତ୍ର ବିଶ୍ୱାସହେତୋ
ସ୍ତ୍ୱତ୍ସଂପର୍କାତ୍ ପୁଲକିତମିବ ପ୍ରୌଢ଼ପୁଷ୍ପୈଃ କଦମ୍ବୈଃ ।
ଯଃ ପଣ୍ୟସ୍ତ୍ରୀରତିପରିମଲୋଦ୍‌ଗାରିଭିର୍ନାଗରାଣା
ମୁଦ୍ଦାମାନି ପ୍ରଥୟତି ଶିଳାବେଶ୍ମଭିର୍ଯୌବନାନି ॥ ୨୬

विश्रान्तः सन् व्रज वननदीतीरजातानि सिञ्च-
न्नुद्यानानां नवजलकणैर्यूथिकाजालकानि ।
गण्डस्वेदापनयनरुजाक्लान्तकर्णोत्पलानां
छायादानात् क्षणपरिचितः पुष्पलावीमुखानाम् ॥ २७

ବିଶ୍ରାନ୍ତଃ ସନ୍ ବ୍ରଜ ବନନଦୀତୀରଜାତାନି ସିଞ୍ଚ-
ନ୍ନୁଦ୍ୟାନାନାଂ ନବଜଲକଣୈର୍ୟୂଥିକାଜାଲକାନି ।
ଗଣ୍ଡସ୍ୱେଦାପନୟନରୁଜାକ୍ଲାନ୍ତକର୍ଣ୍ଣୋତ୍ପଲାନାଂ
ଛାୟାଦାନାତ୍ କ୍ଷଣପରିଚିତଃ ପୁଷ୍ପଲାବୀମୁଖାନାମ୍ ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଶାର୍ଣ୍ଣ ଦେଶର ରାଜଧାନୀ ବିଦିଶା, ଯାହାର ନାମ ଚତୁର୍ଦ୍ଦିଗରେ ବିଖ୍ୟାତ । ତୁମେ ସେଠାକୁ ଗଲେ ସଙ୍ଗେସଙ୍ଗେ ପ୍ରେମିକତାର ସମ୍ପୂର୍ଣ୍ଣ ଫଳ ଲାଭ କରିବ । କାରଣ, ତୁମେ ବେତ୍ରବତୀ ନଦୀର ତୀର ନିକଟରେ ରହି, ଘଡ଼ଘଡ଼ ଶବ୍ଦ କରି ସୁନ୍ଦର ଭାବରେ ତାର ମଧୁର ତରଙ୍ଗିତ ଜଳକୁ ପାନ କରିବ, ଯେପରି (ରମଣୀର) ଭ୍ରୂଭଙ୍ଗୀଯୁକ୍ତ ପ୍ରେମସ୍ପନ୍ଦିତ ମୁଖକୁ ଶବ୍ଦ କରି ପାନ କରନ୍ତି । (ପ୍ରଥିତ—ବିଖ୍ୟାତ ; ଲକ୍ଷଣ—ନାମ ; ଲବ୍‌ଧା—ଲାଭ କରିବ ; ସ୍ତନିତ— ମେଘର ଘଡଘଡ ଶବ୍ଦ ; ସୁଭଗ—ସୁନ୍ଦର ; ଚଳୋର୍ମି—ତରଙ୍ଗିତ ; ସଭ୍ରୂଭଙ୍ଗ— ଭ୍ରୂଭଙ୍ଗୀଯୁକ୍ତ) ୨୫

ବିଦିଶା ନିକଟରେ ଥିବା 'ନୀଚ' ନାମକ ପର୍ବତ, ଯାହାର ଗୁମ୍ଫା-ଗୁଡ଼ିକ ବାରାଙ୍ଗନାମାନଙ୍କର ରତି କାଳରେ ବ୍ୟବହୃତ ଅଙ୍ଗରାଗର ସୁଗନ୍ଧରେ ମହକି ଉଠୁଥାଏ ଏବଂ ତଦ୍ଦ୍ୱାରା ନଗରବାସୀ ରସିକମାନଙ୍କର ଉଦ୍ଦାମ ଯୌବନର ପରିଚୟ ଦିଏ । ସେହି ପର୍ବତ ବିକଶିତ ପୁଷ୍ପପୂର୍ଣ୍ଣ କଦମ୍ବଗଛ ଗୁଡ଼ିକ ଘେନି ସତେଯେପରି ତୁମ ସାନ୍ନିଧ୍ୟ ଲାଭରୁ ପୁଲକିତ ହୋଇ ଉଠିଲା ଭଳି ବୋଧ ହେବ । ତୁମେ ବିଶ୍ରାମ ନେବା ଉଦ୍ଦେଶ୍ୟରେ ସେହି ପର୍ବତରେ କିଛି ସମୟ ଅବସ୍ଥାନ କରିବ । (ପ୍ରୌଢ଼—ସୁବିକଶିତ ; ପଣ୍ୟସ୍ତ୍ରୀ—ବାରାଙ୍ଗନା ; ପରିମଳ—ସୁଗନ୍ଧ ଅଙ୍ଗରାଗ ; ନାଗର—ନଗରବାସୀ ରସିକ ; ଶିଳାବେଶ୍ମ—ଶିଳାଗୃହ) ୨୬

ବିଶ୍ରାମ ନେଇସାରି, ତୁମେ 'ବନନଦୀ' କୂଳରେ ଉପନ୍ନ ଉପବନ-ଗୁଡ଼ିକରେ ଯୂଇ ଲତା ମାନଙ୍କର କଢ଼ ଗୁଡ଼ିକୁ ନୂତନ ଜଳବିନ୍ଦୁରେ ସିକ୍ତ କରିବ । ସେଠାରେ ସ୍ତ୍ରୀଲୋକମାନେ ଫୁଲ ତୋଳୁଥିବେ । ସେମାନଙ୍କର ଗାଲର ଝାଳକୁ ପୋଛିପୋଛି କର୍ଣ୍ଣଭୂଷଣ ପଦ୍ମଫୁଲ ଗୁଡ଼ିକ ପୀଡାରେ ଝାଉଁଳି ପଡ଼ିଥିବେ । ତୁମେ ସେମାନଙ୍କୁ (ଫୁଲ ତୋଳୁଥିବା ସ୍ତ୍ରୀଲୋକମାନଙ୍କୁ) ଛାୟାଦାନ କରି କ୍ଷଣେ ପାଇଁ ସେମାନଙ୍କ ମୁଖ ସହିତ ପରିଚିତ ହେବ ଏବଂ ତା'ପରେ ପୁଣି ଗତି କରିବ । (ଯୂଥିକାଜାଲକ—ଯୂଇକଢ଼ି ; ଗଣ୍ଡ—ଗାଲ ; ଅପନୟନ—ଦୂରକରିବା ; ରୁଜା—ପୀଡ଼ା ; ପୁଷ୍ପଲାବୀ—ଫୁଲ ତୋଳୁଥିବା ସ୍ତ୍ରୀଲୋକ ; କର୍ଣ୍ଣୋତ୍ପଳ—କର୍ଣ୍ଣ ଭୂଷଣ ପଦ୍ମଫୁଲ) ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वक्रः पन्था यदपि भवतः प्रस्थितस्योत्तराशां
सौधोत्सङ्गप्रणयविमुखो मा स्म भूरुज्जयिन्याः ।
विद्युद्दामस्फुरितचकितैस्तत्र पौराङ्गनानां
लोलापाङ्गैर्यदि न रमसे लोचनैर्वञ्चितोऽसि ॥२८

ବକ୍ରଃ ପନ୍ଥା ଯଦପି ଭବତଃ ପ୍ରସ୍ଥିତସ୍ୟୋତ୍ତରାଶାଂ
ସୌଧୋତ୍ସଙ୍ଗପ୍ରଣୟବିମୁଖୋ ମା ସ୍ମ ଭୂରୁଜ୍ଜୟିନ୍ୟାଃ ।
ବିଦ୍ୟୁଦ୍ଦାମସ୍ଫୁରିତଚକିତୈସ୍ତତ୍ର ପୌରାଙ୍ଗନାନାଂ
ଲୋଲାପାଙ୍ଗୈର୍ଯଦି ନ ରମସେ ଲୋଚନୈର୍ବଞ୍ଚିତୋଽସି ॥୨୮

वीचिक्षोभस्तनितविहगश्रेणिकाञ्चीगुणायाः
संसर्पन्त्याः स्खलितसुभगं दर्शितावर्तनाभेः ।
निर्विन्ध्यायाः पथि भव रसाभ्यन्तरः सन्निपत्य
स्त्रीणामाद्यं प्रणयवचनं विभ्रमो हि प्रियेषु ॥ २९

ବୀଚିକ୍ଷୋଭସ୍ତନିତବିହଗଶ୍ରେଣିକାଞ୍ଚୀଗୁଣାୟାଃ
ସଂସର୍ପନ୍ତ୍ୟାଃ ସ୍ଖଳିତସୁଭଗଂ ଦର୍ଶିତାବର୍ତ୍ତନାଭେଃ ।
ନିର୍ବିନ୍ଧ୍ୟାୟାଃ ପଥି ଭବ ରସାଭ୍ୟନ୍ତରଃ ସନ୍ନିପତ୍ୟ
ସ୍ତ୍ରୀଣାମାଦ୍ୟଂ ପ୍ରଣୟବଚନଂ ବିଭ୍ରମୋ ହି ପ୍ରିୟେଷୁ ॥ ୨୯

वेणीभूतप्रतनुसलिला तामतीतस्य सिन्धुः
पाण्डुच्छाया तटरुहतरुभ्रंशिभिर्जीर्णपर्णैः ।
सौभाग्यं ते सुभग विरहावस्थया व्यञ्जयन्ती
कार्श्यं येन त्यजति विधिना स त्वयैवोपपाद्यः ॥ ३०

ବେଣୀଭୂତପ୍ରତନୁସଲିଳା ତାମତୀତସ୍ୟ ସିନ୍ଧୁଃ
ପାଣ୍ଡୁଚ୍ଛାୟା ତଟରୁହତରୁଭ୍ରଂଶିଭିର୍ଜୀର୍ଣ୍ଣପର୍ଣ୍ଣୈଃ ।
ସୌଭାଗ୍ୟଂ ତେ ସୁଭଗ ବିରହାବସ୍ଥୟା ବ୍ୟଞ୍ଜୟନ୍ତୀ
କାର୍ଶ୍ୟଂ ଯେନ ତ୍ୟଜତି ବିଧିନା ସ ତ୍ୱୟୈବୋପପାଦ୍ୟଃ ॥୩୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେହେତୁ ତୁମେ ଉତ୍ତର ଦିଗକୁ ଯାଉଥିବ, ତେଣୁ ଉଜ୍ଜୟିନୀକୁ ତୁମର ବାଟ ବଙ୍କା ପଡ଼ିବ । ତଥାପି ତୁମେ ଉଜ୍ଜୟିନୀର ସୌଧମାନଙ୍କର ଅଙ୍କପ୍ରୀତି ଲଭ କରିବାକୁ ବିମୁଖ ହେବ ନାହିଁ । ଯେତେବେଳେ ଲଟା ବିଜୁଳିର ସ୍ଫୁରଣରେ ଉଜ୍ଜୟିନୀର ପୁରବଧୂମାନଙ୍କର ଚକ୍ଷୁ ଚକିତ ହୋଇ ଉଠୁଥିବ, ତାଙ୍କ ଗୁହାଣି ଚଳଚଞ୍ଚଳ ହୋଇଉଠୁଥିବ, ସେଭଳି ଚକ୍ଷୁ ଗୁଡ଼ିକର ସୌନ୍ଦର୍ଯ୍ୟ ଯଦି ତୁମେ ଅନୁଭବ ନ କରିବ, ତେବେ ତୁମେ ଜଣେ ବଞ୍ଚିତ ବ୍ୟକ୍ତି ବୋଲି କହିବାକୁ ହେବ । (ଉତ୍ତର ଆଶା—ଉତ୍ତର ଦିଗ ; ଉତ୍‌ସଙ୍ଗ—କ୍ରୋଡ଼ ; ବିଦ୍ୟୁଦ୍‌ଦାମ -ଲଟା ବିଜୁଳି ; ଲୋଳାପାଙ୍ଗ—ଚଞ୍ଚଳଗୁହାଣିବିଶିଷ୍ଟ ; ବଞ୍ଚିତ—ଯାହାର ଜନ୍ମ ନିଷ୍ଫଳ) ୨୮

ତରଙ୍ଗ ଉପରେ ଦୋହଲି ଦୋହଲି କେଁ କାଁ ଗବ କରୁଥିବା ଧାଡ଼ିଧାଡ଼ି ପକ୍ଷୀ ଯାହାର ଅଣ୍ଟାସୂତା, ସେହି ନିର୍ବିନ୍ଧ୍ୟା ନଦୀ (ତୁମ ପ୍ରିୟା) ତା'ର ଭଉଁରୀ ରୂପକ ନାଭିକୁ ଦେଖାଇ, ପଡ଼ିଉଠି ସୁନ୍ଦରଭବରେ ଗତି କରିବ । ତୁମେ ବାଟରେ ଗଲବେଳେ ତା'ପାଖକୁ ଗ୍ଲିଯାଇ ତାର ରସ (ଜଳ/ଶୃଙ୍ଗାର) ଉପଭୋଗ କରିବ । କାରଣ, ପ୍ରିୟମାନଙ୍କଠାରେ ସ୍ତ୍ରୀମାନଙ୍କର ବିଭ୍ରମ (ନାଭି ଦେଖାଇବା, ଗ୍ଲୁଗ୍ଲୁ ଝୁଣ୍ଡିବା, ବାହୁମୂଳ କୁଣ୍ଡାଇବା ପ୍ରଭୃତି) ହେଉଛି ପ୍ରେମର ପ୍ରଥମ ସଙ୍କେତ । (ବୀଚି—ତରଙ୍ଗ ; କ୍ଷୋଭ—ଚଳନ ; ସ୍ତନିତ—ଗବ କରୁଥିବା ; କାଞ୍ଚୀଗୁଣ—ଅଣ୍ଟାସୂତା ; ଆବର୍ତ୍ତ--ଭଉଁରୀ ; ସ୍ଖଳିତ--ପଡ଼ିଉଠି ଗ୍ଲିବା ; ବିଭ୍ରମ—ଭବଭଙ୍ଗୀ) ୨୯

ସିନ୍ଧୁ ନାମକ ନଦୀଟିଏ (ପ୍ରିୟାଟିଏ) । ତାକୁ ତୁମେ ବହୁତ ଦିନ ହେଲ ଛାଡ଼ି ରହିଲଣି । ସେ ବର୍ତ୍ତମାନ କ୍ଷୀଣ ଜଳ ଧାରା ରୂପକ ବେଣୀଟିଏ ଧାରଣ କରି ଏବଂ ତଟବର୍ତ୍ତୀ ଗଛମାନଙ୍କରୁ ଝଡ଼ିପଡ଼ୁଥିବା ପାଚିଲା ପତ୍ରଦ୍ୱାରା ପାଣ୍ଡୁରବର୍ଣ୍ଣା ହୋଇ ବିରହ-ଅବସ୍ଥା ଦ୍ୱାରା ତୁମର ସୌଭଗ୍ୟ ସୂଚିତ କରୁଥିବ । ହେ ଭଗ୍ୟବାନ୍, ତୁମେ ଯେଉଁ କାମ କଲେ ସେହି ନଦୀଟି (ପ୍ରିୟାଟି) କ୍ଷୀଣତା ତ୍ୟାଗ କରିବ, ସେହି କାମ ତୁମେ ନିଶ୍ଚୟ କରିବ । (ପ୍ରତନୁ—କ୍ଷୀଣ ; ପାଣ୍ଡୁଚ୍ଛାୟା—ପାଣ୍ଡୁର ବର୍ଣ୍ଣ ; ପର୍ଣ୍ଣ—ପତ୍ର ; ସୁଭଗ—ଭଗ୍ୟବାନ୍ ; କାର୍ଶ୍ୟ—କ୍ଷୀଣତା ; ଉପପାଦ୍ୟ—କର୍ତ୍ତବ୍ୟ) ୩୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्राप्यावन्तीनुदयनकथाकोविदग्रामवृद्धान्
पूर्वोद्दिष्टामनुसर पुरीं श्रीविशालां विशालाम् ।
स्वल्पीभूते सुचरितफले स्वर्गिणां गां गतानां
शेषैः पुण्यैर्हृतमिव दिवः कान्तिमत् खण्डमेकम् ।। ३१

ପ୍ରାପ୍ୟାବନ୍ତୀନୁଦୟନକଥାକୋବିଦଗ୍ରାମବୃଦ୍ଧାନ୍
ପୂର୍ବୋଦ୍ଦିଷ୍ଟାମନୁସର ପୁରୀଂ ଶ୍ରୀବିଶାଳାଂ ବିଶାଳାମ୍ ।
ସ୍ୱଳ୍ପୀଭୂତେ ସୁଚରିତଫଳେ ସ୍ୱର୍ଗିଣାଂ ଗାଂ ଗତାନାଂ
ଶେଷୈଃ ପୁଣ୍ୟୈର୍ହୃତମିବ ଦିବଃ କାନ୍ତିମତ୍ ଖଣ୍ଡମେକମ୍ ।।

दीर्घीकुर्वन् पटु मदकलं कूजितं सारसानां
प्रत्यूषेषु स्फुटितकमलामोदमैत्रीकषायः ।
यत्र स्त्रीणां हरति सुरतग्लानिमङ्गानुकूलः
शिप्रावातः प्रियतम इव प्रार्थनाचाटुकारः ।। ३२

ଦୀର୍ଘୀକୁର୍ବନ୍ ପଟୁ ମଦକଳଂ କୂଜିତଂ ସାରସାନାଂ
ପ୍ରତ୍ୟୂଷେଷୁ ସ୍ଫୁଟିତକମଳାମୋଦମୈତ୍ରୀକଷାୟଃ ।
ଯତ୍ର ସ୍ତ୍ରୀଣାଂ ହରତି ସୁରତଗ୍ଲାନିମଙ୍ଗାନୁକୂଳଃ
ଶିପ୍ରାବାତଃ ପ୍ରିୟତମ ଇବ ପ୍ରାର୍ଥନାଚାଟୁକାରଃ ।। ୩୨

हारांस्तारांस्तरलगुटिकान् कोटिशः शङ्खशुक्तीः
शष्पश्यामान् मरकतमणीनुन्मयूखप्ररोहान् ।
दृष्ट्वा यस्यां विपणिरचितान् विद्रुमाणां च भङ्गान् ।
संलक्ष्यन्ते सलिलनिधयस्तोयमात्रावशेषाः ।। ३३

ହାରାଂସ୍ତାରାଂସ୍ତରଳଗୁଟିକାନ୍ କୋଟିଶଃ ଶଙ୍ଖଶୁକ୍ତୀଃ
ଶଷ୍ପଶ୍ୟାମାନ୍ ମରକତମଣୀନୁନ୍ମୟୂଖପ୍ରରୋହାନ୍ ।
ଦୃଷ୍ଟ୍ୱା ଯସ୍ୟାଂ ବିପଣିରଚିତାନ୍ ବିଦ୍ରୁମାଣାଂ ଚ ଭଙ୍ଗାନ୍
ସଂଲକ୍ଷ୍ୟନ୍ତେ ସଲିଳନିଧୟସ୍ତୋୟମାତ୍ରାବଶେଷାଃ ।। ୩୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅବନ୍ତି ଦେଶର ଗ୍ରାମବୃଦ୍ଧମାନେ ବସ୍ତରାଜ ଉଦୟନଙ୍କ କାହାଣୀ କହିବାରେ ପ୍ରବୀଣ । ତୁମେ ସେ ଦେଶରେ ପହଞ୍ଚି ତାର ରାଜଧାନୀ ଧନସଂପଦ-ପରିପୂର୍ଣ୍ଣା ବିଶାଳା (ଉଜ୍ଜୟିନୀ) ନଗରୀକୁ ଯିବ, ଯେଉଁ ନଗରୀକଥା ମୁଁ ତୁମକୁ ଆଗରୁ କହିଛି । ବିଶାଳା ସତେ ଯେପରି ସ୍ୱର୍ଗର ଏକ ଅଂଶ ! ପୁଣ୍ୟବନ୍ତ ଲୋକେ ସ୍ୱର୍ଗରେ କିଛିକାଳ ବାସ କଲା ପରେ, ସେମାନଙ୍କ ପୁଣ୍ୟକର୍ମର ଫଳ ଯେତେବେଳେ କ୍ଷୀଣ ହୋଇଆସିଲା ଏବଂ ସେମାନେ ପୃଥିବୀକୁ ଫେରି ଆସିଲେ, ସେତେବେଳେ ବୋଧହୁଏ ସେମାନେ ନିଜର ଅବଶିଷ୍ଟ ଥିବା ପୁଣ୍ୟବଳରେ ସ୍ୱର୍ଗର ଏହି ଉଜ୍ଜ୍ୱଳ ଅଂଶଟିକୁ ଘେନି ଆସିଲେ ! (ଶ୍ରୀବିଶାଳା–ଧନସଂପଦପରିପୂର୍ଣ୍ଣା ; ସୁଚରିତ–ପୁଣ୍ୟକର୍ମ ; ଗୌ–ପୃଥିବୀ ; ଶେଷ–ଅବଶିଷ୍ଟ ; ଦ୍ୟୌ–ସ୍ୱର୍ଗ ; କାନ୍ତିମତ୍–ଉଜ୍ଜ୍ୱଳ) ୩୧

ସେହି ଉଜ୍ଜୟିନୀରେ ଶିପ୍ରା ନଦୀର ପବନ ସାରସ ପକ୍ଷୀମାନଙ୍କର ମଧୁର, ଉନ୍ମାଦନାପୂର୍ଣ୍ଣ, ଉଚ୍ଚତାନବିଶିଷ୍ଟ କୂଜନକୁ ଦୀର୍ଘ କରି, ପ୍ରଭାତ କାଳରେ ପ୍ରସ୍ଫୁଟିତ ପଦ୍ମ ଫୁଲ ମାନଙ୍କର ସଂପର୍କରୁ ସୌରଭମୟ ହୋଇ ଏବଂ ଅଙ୍ଗେଅଙ୍ଗେ ସ୍ପର୍ଶସୁଖ ପ୍ରଦାନ କରି, ପ୍ରିୟାକୁ ରତି ପ୍ରାର୍ଥନା କରି ଚାଟୁବାକ୍ୟ କହୁଥିବା ପ୍ରିୟ ପରି ନାରୀମାନଙ୍କର ରତିକ୍ଲାନ୍ତି ଦୂର କରେ । (ପଟୁ–ପରିସ୍ଫୁଟ ; ମଦକଳ–ମାଦକତା ହେତୁ ମଧୁର ; ପ୍ରତ୍ୟୂଷ–ପ୍ରଭାତ ; ଆମୋଦ–ସୁଗନ୍ଧ ; ମୈତ୍ରୀ–ସଂପର୍କ ; କଷାୟ–ସୁଗନ୍ଧିତ ; ଅଙ୍ଗାନୁକୂଳ–ଅଙ୍ଗସୁଖକର) ୩୨

ସେହି ଉଜ୍ଜୟିନୀରେ ହାଟ ମାନଙ୍କରେ (ବିକ୍ରୟ ନିମନ୍ତେ) ସଜା ହୋଇ ରଖା ଯାଇଥିବା ବିଶୁଦ୍ଧ ମୂଲ୍ୟବାନ୍ ପଦକଖଚିତ ହାରସବୁ, କୋଟିକୋଟି ସଂଖ୍ୟାର ଶଙ୍ଖ ଓ ଶାମୁକା, ଉପରକୁ ରଶ୍ମିରେଖା ବିକିରଣ କରୁଥିବା ତଥା ନୂଆ ଘାସ ପରି ଶ୍ୟାମଳବର୍ଣ୍ଣ ଦିଶୁଥିବା ମରକତ ମଣିସବୁ ଏବଂ ଖଣ୍ଡଖଣ୍ଡ ପ୍ରବାଳସବୁ ଦେଖିଲେ ମନେ ହୁଏ, ସମୁଦ୍ରମାନଙ୍କରେ ଆଉ ଜଳମାତ୍ର ଅବଶିଷ୍ଟ ଅଛି ! (ତାର–ବିଶୁଦ୍ଧ ; ତରଳ–ହାର ମଧ୍ୟବର୍ତ୍ତୀ ପଦକ ; ଗଟିକ–ଶ୍ରେଷ୍ଠ ରତ୍ନ ; ଶୁକ୍ତି–ଶାମୁକା ; ଶଷ୍ପଶ୍ୟାମ–ନୂଆ ଘାସ ପରି ଶ୍ୟାମଳ ବର୍ଣ୍ଣ ; ମୟୂଖପ୍ରରୋହ–ରଶ୍ମିରେଖା ; ବିପଣି–ହାଟ ; ବିଦ୍ରୁମ–ପ୍ରବାଳ ; ଭଙ୍ଗ–ଖଣ୍ଡ ; ତୋୟ–ଜଳ) ୩୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रद्योतस्य प्रियदुहितरं वत्सराजोऽत्र जह्रे
हैमं तालद्रुमवनमभूदत्र तस्यैव राज्ञः ।
अत्रोद्भ्रान्तः किल नलगिरिः स्तम्भमुत्पाट्य दर्पात्
इत्यागन्तून् रमयति जनो यत्र बन्धूनभिज्ञः ॥ ३४

ପ୍ରଦ୍ୟୋତସ୍ୟ ପ୍ରିୟଦୁହିତରଂ ବତ୍ସରାଜୋଽତ୍ର ଜହ୍ରେ
ହୈମଂ ତାଳଦ୍ରୁମବନମଭୂଦତ୍ର ତସ୍ୟୈବ ରାଜ୍ଞଃ ।
ଅତ୍ରୋଦ୍‌ଭ୍ରାନ୍ତଃ କିଲ ନଳଗିରିଃ ସ୍ତମ୍ଭମୁତ୍‌ପାଟ୍ୟ ଦର୍ପାତ୍
ଇତ୍ୟାଗନ୍ତୂନ୍ ରମୟତି ଜନୋ ଯତ୍ର ବନ୍ଧୂନଭିଜ୍ଞଃ ॥ ୩୪

जालोद्गीर्णैरुपचितवपुः केशसंस्कारधूपै
र्बन्धुप्रीत्या भवनशिखिभिर्दत्तनृत्तोपहारः ।
हर्म्येष्वस्याः कुसुमसुरभिष्वध्वखेदं नयेथाः
लक्ष्मीं पश्यंल्ललितवनितापादरागाङ्कितेषु ॥ ३५

ଜାଲୋଦ୍‌ଗୀର୍ଣ୍ଣୈରୁପଚିତବପୁଃ କେଶସଂସ୍କାରଧୂପୈ
ର୍ବନ୍ଧୁପ୍ରୀତ୍ୟା ଭବନଶିଖିଭିର୍ଦତ୍ତନୃତ୍ତୋପହାରଃ ।
ହର୍ମ୍ୟେଷ୍ୱସ୍ୟାଃ କୁସୁମସୁରଭିଷ୍ୱଧ୍ୱଖେଦଂ ନୟେଥାଃ
ଲକ୍ଷ୍ମୀଂ ପଶ୍ୟଂଲ୍ଲଳିତବନିତାପାଦରାଗାଙ୍କିତେଷୁ ॥ ୩୫

भर्तुः कण्ठच्छविरिति गणैः सादरं वीक्ष्यमाणः
पुण्यं यायास्त्रिभुवनगुरोर्धाम चण्डीश्वरस्य ।
धूतोद्यानं कुवलयरजोगन्धिभिर्गन्धवत्या
स्तोयक्रीडानिरतयुवतिस्नानतिक्तैर्मरुद्भिः ॥ ३६

ଭର୍ତୁଃ କଣ୍ଠଛବିରିତି ଗଣୈଃ ସାଦରଂ ବୀକ୍ଷ୍ୟମାଣଃ
ପୁଣ୍ୟଂ ଯାୟାସ୍ତ୍ରିଭୁବନଗୁରୋର୍ଧାମ ଚଣ୍ଡୀଶ୍ୱରସ୍ୟ ।
ଧୂତୋଦ୍ୟାନଂ କୁବଳୟରଜୋଗନ୍ଧିଭିର୍ଗନ୍ଧବତ୍ୟା
ସ୍ତୋୟକ୍ରୀଡାନିରତଯୁବତିସ୍ନାନତିକ୍ତୈର୍ମରୁଦ୍‌ଭିଃ ॥ ୩୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ଉଜ୍ଜୟିନୀରେ (ଉଦୟନ-ବାସବଦତ୍ତାଙ୍କ କାହାଣୀ କହିବାରେ)ପ୍ରବୀଣ ଲୋକମାନେ ଆଗନ୍ତୁକ ବନ୍ଧୁମାନଙ୍କୁ " ଏଠାରେ ଉଦୟନ ପ୍ରଦ୍ୟୋତଙ୍କର ପ୍ରିୟ କନ୍ୟା ବାସବଦତ୍ତାଙ୍କୁ ହରଣ କରିଥିଲେ, ଏଠାରେ ପ୍ରଦ୍ୟୋତଙ୍କର ଏକ ସ୍ୱର୍ଣ୍ଣମୟ ତାଳବୃକ୍ଷ-ବନ ଥିଲା, ଏଇଠାରେ ତାଙ୍କର ନଳଗିରି ନାମକ ହସ୍ତୀ ଶକ୍ତି ଜନିତ ଔଦ୍ଧତ୍ୟରୁ ବନ୍ଧନ ସ୍ତମ୍ଭକୁ ଉତ୍ପାଟନ କରି ଉନ୍ମତ୍ତ ଭାବରେ ବୁଲିଥିଲା " ଏହିପରି କାହାଣୀମାନ କହି ଆନନ୍ଦ ପ୍ରଦାନ କରନ୍ତି । (ହୈମ-- ସୁବର୍ଣ୍ଣମୟ ; ଉଦ୍‌ଭ୍ରାନ୍ତ--ଉନ୍ମତ୍ତ ; ଆଗନ୍ତୁ--ଆଗନ୍ତୁକ) ୩୪

ସେହି ଉଜ୍ଜୟିନୀରେ ନାରୀମାନେ ସେମାନଙ୍କର କେଶକୁ ସ୍ନିଗ୍ଧ ସୁନ୍ଦର କରିବାପାଇଁ ଯେଉଁ ସୁବାସିତ ଧୂପ ବ୍ୟବହାର କରନ୍ତି, ତାହା ଝରକାବାଟେ ବାହାରକୁ ନିର୍ଗତ ହେଉଥାଏ । ତାହାଦ୍ୱାରା ତୁମର ଶରୀର ବୃଦ୍ଧିପ୍ରାପ୍ତ ହେବ । ଗୃହପାଳିତ ମୟୂରମାନେ ବନ୍ଧୁପ୍ରୀତି ଉଦ୍ଦେଶ୍ୟରେ (ତୁମେ ସେମାନଙ୍କର ବନ୍ଧୁ , ତେଣୁ ତୁମକୁ ଆନନ୍ଦ ଦେବା ଉଦ୍ଦେଶ୍ୟରେ) ତୁମକୁ ନୃତ୍ୟରୂପକ ଉପହାର ପ୍ରଦାନ କରିବେ । (ଏହିପରି ପୁଷ୍ଟଶରୀର ହୋଇ ଏବଂ ଆନନ୍ଦ-ଉପହାର ପାଇ) ତୁମେ ପୁଷ୍ପସୁଗନ୍ଧପୂର୍ଣ୍ଣ ସୁକୋମଳାଙ୍ଗୀ ରମଣୀମାନଙ୍କ ପାଦର ଅଳତାଚିହ୍ନ ଲାଗିଥିବା ଅଟ୍ଟାଳିକା-ମାନଙ୍କରେ ଉଜ୍ଜୟିନୀର ଶ୍ରୀସମ୍ପଦ ଦେଖିଦେଖି ପଥଶ୍ରମଜନିତ କ୍ଳାନ୍ତି ଦୂର-କରିବ । (ଜାଳ—ଝରକା ; ଉଦ୍‌ଗୀର୍ଣ୍ଣ—ନିର୍ଗତ ; ଉପଚିତ—ବୃଦ୍ଧିପ୍ରାପ୍ତ ; ଶିଖୀ—ମୟୂର ; ହର୍ମ୍ୟ—କୋଠାଘର ; ଅଧ୍ୱଖେଦ—ପଥଶ୍ରମ ; ଲଳିତବନିତା—ସୁକୋମଳାଙ୍ଗୀ ରମଣୀ) ୩୫

'ଏହାର ବର୍ଣ୍ଣ ଆମ ପ୍ରଭୁ ଶିବଙ୍କ କଣ୍ଠର ବର୍ଣ୍ଣ ପରି' ଏହି ଭାବ ଘେନି ଶିବଗଣମାନେ ତୁମକୁ ଆଦରର ସହିତ ଚାହୁଁଥିବେ, ତୁମେ ତ୍ରିଭୁବନ-ଗୁରୁ ଶିବଙ୍କର ପବିତ୍ର ଧାମକୁ (ମହାକାଳ ତୀର୍ଥକୁ) ପ୍ରବେଶ କରିବ । ସେହି ପବିତ୍ର ଧାମର ଉଦ୍ୟାନକୁ ଆନ୍ଦୋଳିତ କରୁଥାଏ ଗନ୍ଧବତୀ ନଦୀର ପବନ, ପବନରେ ଭରି ରହିଥାଏ ନୀଳ କଇଁ ଫୁଲ ମାନଙ୍କର ପରାଗସୁଗନ୍ଧ, ଆଉ ଜଳକ୍ରୀଡାରତ ଯୁବତୀମାନଙ୍କର ସ୍ନାନବିଧୌତ ଅଙ୍ଗରାଗର ସୁଗନ୍ଧ । (ଭର୍ତ୍ତୃ—ମୁନିବ, ପ୍ରଭୁ ; ଛବି—ବର୍ଣ୍ଣ, କାନ୍ତି ; ଧୂତ—ଆନ୍ଦୋଳିତ ; କୁବଳୟ—ନୀଳ କଇଁ ; ରଜଃ—ପରାଗ ; ନିରତ—ବ୍ୟାପୃତ, ରତ ; ତିକ୍ତ—ସୁବାସିତ ; ମରୁତ—ପବନ) ୩୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अप्यन्यस्मिञ्जलधर महाकालमासाद्य काले
स्थातव्यं ते नयनविषयं यावदत्येति भानुः ।
कुर्वन् सन्ध्याबलिपटहतां शूलिनः श्लाघनीया
मामन्द्राणां फलमविकलं लप्स्यसे गर्जितानाम् ।। ३७

ଅପ୍ୟନ୍ୟସ୍ମିଞ୍ଜଲଧର ମହାକାଲମାସାଦ୍ୟ କାଲେ
ସ୍ଥାତବ୍ୟଂ ତେ ନୟନବିଷୟଂ ଯାବଦତ୍ୟେତି ଭାନୁଃ ।
କୁର୍ବନ୍ ସନ୍ଧ୍ୟାବଳିପଟହତାଂ ଶୂଳିନଃ ଶ୍ଲାଘନୀୟା
ମାମନ୍ଦ୍ରାଣାଂ ଫଳମବିକଳଂ ଲପ୍ସ୍ୟସେ ଗର୍ଜିତାନାମ୍ ॥ ୩୭

पादन्यासैः क्वणितरशनास्तत्र लीलावधूतैः
रत्नच्छायाखचितवलिभिश्चामरैः क्लान्तहस्ताः ।
वेश्यास्त्वत्तो नखपदसुखान् प्राप्य वर्षाग्रबिन्दून्
आमोक्ष्यन्ते त्वयि मधुकरश्रेणिदीर्घान् कटाक्षान् ।। ३८

ପାଦନ୍ୟାସୈଃ କ୍ଵଣିତରଶନାସ୍ତତ୍ର ଲୀଳାବଧୂତୈଃ
ରତ୍ନଚ୍ଛାୟାଖଚିତବଳିଭିଶ୍ଚାମରୈଃ କ୍ଲାନ୍ତହସ୍ତାଃ ।
ବେଶ୍ୟାସ୍ତ୍ୱତ୍ତୋ' ନଖପଦସୁଖାନ୍ ପ୍ରାପ୍ୟ ବର୍ଷାଗ୍ରବିନ୍ଦୂନ୍
ଆମୋକ୍ଷ୍ୟନ୍ତେ ତ୍ୱୟି ମଧୁକରଶ୍ରେଣିଦୀର୍ଘାନ୍ କଟାକ୍ଷାନ୍ ॥ ୩୮

पश्चादुच्चैर्भुजतरुवनं मण्डलेनाभिलीनः
सान्ध्यं तेजः प्रतिनवजपापुष्परक्तं दधानः ।
नृत्यारम्भे हर पशुपतेरार्द्रनागाजिनेच्छां
शान्तोद्वेगस्तिमितनयनं दृष्टभक्तिर्भवान्या ।। ३९

ପଶ୍ଚାଦୁଚ୍ଚୈର୍ଭୁଜତରୁବନଂ ମଣ୍ଡଳେନାଭିଲୀନଃ
ସାନ୍ଧ୍ୟଂ ତେଜଃ ପ୍ରତିନବଜବାପୁଷ୍ପରକ୍ତଂ ଦଧାନଃ ।
ନୃତ୍ୟାରମ୍ଭେ ହର ପଶୁପତେରାର୍ଦ୍ରନାଗାଜିନେଚ୍ଛାଂ
ଶାନ୍ତୋଦ୍‌ବେଗସ୍ତିମିତନୟନଂ ଦୃଷ୍ଟଭକ୍ତିର୍ଭବାନ୍ୟା ॥ ୩୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ମେଘ, ତୁମେ ମହାକାଳ ତୀର୍ଥରେ ଯଦିବା ସନ୍ଧ୍ୟା ଭିନ୍ନ ଅନ୍ୟ ସମୟରେ ପହଞ୍ଚିବ, ତଥାପି ସୂର୍ଯ୍ୟ ଦୃଷ୍ଟିପଥରୁ ଅତିକ୍ରାନ୍ତ ହେବା ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିବ । କାରଣ, ଶିବଙ୍କର ସନ୍ଧ୍ୟାକାଳୀନ ପୂଜାରେ ତୁମେ ପ୍ରଶଂସନୀୟ ଢକ୍କାବାଦ୍ୟର କାର୍ଯ୍ୟ କରି ନିଜର ଗୁରୁଗମ୍ଭୀର ନାଦର ପୂର୍ଣ୍ଣ ସାର୍ଥକତା ଲାଭ କରିବ । (ନୟନବିଷୟ–ଦୃଷ୍ଟିପଥ ; ବଳି–ପୂଜା ; ପଟହ–ଢକ୍କା ବାଦ୍ୟ ; ଶ୍ଲାଘନୀୟ–ପ୍ରଶଂସନୀୟ ; ଆମନ୍ଦ୍ର–ଗୁରୁଗମ୍ଭୀର ; ଗର୍ଜିତ-ଗର୍ଜନ) ୩୭

ମହାକାଳ ଶିବଙ୍କ ମନ୍ଦିରରେ ଯେତେବେଳେ ବେଶ୍ୟାମାନେ (ଦେବଦାସୀମାନେ) ନୃତ୍ୟ କରୁଥିବେ, ପଦଚାଳନ ହେତୁ ସେମାନଙ୍କର ଅଣ୍ଟାସୂତା ଶବ୍ଦାୟମାନ ହେଉଥିବ, ସେମାନେ ସୁନ୍ଦରଭାବରେ ଚାମର ବିଞ୍ଚୁଥିବେ, ସେହି ଚାମର ଗୁଡ଼ିକର ବେଣ୍ଟ ସେମାନଙ୍କ ହସ୍ତର ରତ୍ନକଙ୍କଣର ଆଲୋକରେ ଉଦ୍‌ଭାସିତ ହୋଇଉଠୁଥିବ, ଏବଂ ଚାମର ଚାଳନ କରି ସେମାନେ କ୍ଳାନ୍ତହସ୍ତା ହୋଇ ପଡ଼ୁଥିବେ, ସେତେବେଳେ ସେମାନେ ତୁମଠାରୁ ବର୍ଷାର ପ୍ରଥମ ବିନ୍ଦୁଗୁଡ଼ିକ ଲାଭ କରିବେ, ଯେଉଁ ବିନ୍ଦୁଗୁଡ଼ିକ କି ସେମାନଙ୍କ ଶରୀରର ପୁରୁଷନଖକ୍ଷତ ସ୍ଥାନ ଗୁଡ଼ିକୁ ବେଶ୍ ସୁଖକର ବୋଧ ହେବ, ତେଣୁ ସେମାନେ ତୁମ ଉପରେ ଭ୍ରମର ଶ୍ରେଣୀ ପରି ଦୀର୍ଘ କଟାକ୍ଷମାନ ନିକ୍ଷେପ କରିବେ । (କ୍ୱଣିତ -ଶବ୍ଦାୟମାନ ; ରଶନା--ଅଣ୍ଟାସୂତା ; ଲୀଳା-ଅବଧୂତ--ସୁନ୍ଦରଭାବରେ ଚାଳିତ ; ଛାୟା--କାନ୍ତି ; ବଳି--ବେଣ୍ଟ ; ଅଗ୍ରବିନ୍ଦୁ--ପ୍ରଥମ ବିନ୍ଦୁ) ୩୮

ପରେ ଯେତେବେଳେ ଶିବ ତାଣ୍ଡବନୃତ୍ୟ ଆରମ୍ଭ କରିବେ, ତୁମେ ସଦ୍ୟଫୁଟା ମନ୍ଦାର ଫୁଲ ପରି ସନ୍ଧ୍ୟାକାଳୀନ ରକ୍ତବର୍ଣ୍ଣ ଜ୍ୟୋତିରେ ରଞ୍ଜିତ ହୋଇ ଏବଂ ଶିବଙ୍କ ଊର୍ଦ୍ଧ୍ୱ-ଉତ୍ତୋଳିତ ଭୁଜାବଳି ରୂପକ ବୃକ୍ଷ-ବନରେ ମଣ୍ଡଳାକାରରେ ଲାଗିଯାଇ ତାଙ୍କର ରକ୍ତାକ୍ତ ଗଜଚର୍ମ ଧାରଣ କରିବାର ଇଚ୍ଛାକୁ ଚରିତାର୍ଥ କରିବ । ଏହା ଫଳରେ ପାର୍ବତୀଙ୍କର ଉଦ୍‌ବେଗ ଉପଶମ ହେବ ; ସେ ନିଶ୍ଚଳ ନୟନରେ ତୁମର ଭକ୍ତିକୁ ଲକ୍ଷ୍ୟ କରିବେ । (ପ୍ରତିନବ--ସଦ୍ୟ, ସଦ୍ୟଫୁଟା ; ଜବାପୁଷ୍ପ--ମନ୍ଦାର ଫୁଲ ; ରକ୍ତ--ଲୋହିତବର୍ଣ୍ଣ ; ନାଗାଜିନ--ହସ୍ତୀଚର୍ମ ; ସ୍ତିମିତ--ନିମୀଳିତ) ୩୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गच्छन्तीनां रमणवसतिं योषितां तत्र नक्तं
रुद्धालोके नरपतिपथे सूचिभेद्यैस्तमोभिः ।
सौदामन्या कनकनिकषस्निग्धया दर्शयोर्वीं
तोयोत्सर्गस्तनितमुखरो मा स्म भूर्विक्लवास्ताः ॥ ४०

ଗଚ୍ଛନ୍ତୀନାଂ ରମଣବସତିଂ ଯୋଷିତାଂ ତତ୍ର ନକ୍ତଂ
ରୁଦ୍ଧାଲୋକେ ନରପତିପଥେ ସୂଚିଭେଦ୍ୟୈସ୍ତମୋଭିଃ ।
ସୌଦାମନ୍ୟା କନକନିକଷସ୍ନିଗ୍ଧୟା ଦର୍ଶୟୋର୍ବୀଂ
ତୋୟୋତ୍ସର୍ଗସ୍ତନିତମୁଖରୋ ମା ସ୍ମ ଭୂର୍ବିକ୍ଳବାସ୍ତାଃ ॥ ୪୦

तां कस्यांचिद् भवनवलभौ सुप्तपारावतायां
नीत्वा रात्रिं चिरविलसनात् खिन्नविद्युत्कलत्रः ।
दृष्टे सूर्ये पुनरपि भवान् वाहयेदध्वशेषं
मन्दायन्ते न खलु सुहृदामभ्युपेतार्थकृत्याः ॥ ४१

ତାଂ କସ୍ୟାଂଚିଦ୍ ଭବନବଲଭୌ ସୁପ୍ତପାରାବତାୟାଂ
ନୀତ୍ୱା ରାତ୍ରିଂ ଚିରବିଲସନାତ୍ ଖିନ୍ନବିଦ୍ୟୁତ୍କଲତ୍ରଃ ।
ଦୃଷ୍ଟେ ସୂର୍ୟ୍ୟେ ପୁନରପି ଭବାନ୍ ବାହୟେଦଧ୍ୱଶେଷଂ
ମନ୍ଦାୟନ୍ତେ ନ ଖଲୁ ସୁହୃଦାମଭ୍ୟୁପେତାର୍ଥକୃତ୍ୟାଃ ॥ ୪୧

तस्मिन् काले नयनसलिलं योषितां खण्डितानां
शान्तिं नेयं प्रणयिभिरतो वर्त्म भानोस्त्यजाशु ।
प्रालेयास्रं कमलवदनात् सोऽपि हर्तुं नलिन्याः
प्रत्यावृत्तस्त्वयि कररुधि स्यादनल्पाभ्यसूयः ॥ ४२

ତସ୍ମିନ୍ କାଳେ ନୟନସଲିଳଂ ଯୋଷିତାଂ ଖଣ୍ଡିତାନାଂ
ଶାନ୍ତିଂ ନେୟଂ ପ୍ରଣୟିଭିରତୋ ବର୍ତ୍ମ ଭାନୋସ୍ତ୍ୟଜାଶୁ ।
ପ୍ରାଲେୟାସ୍ରଂ କମଳବଦନାତ୍ ସୋଽପି ହର୍ତ୍ତୁଂ ନଳିନ୍ୟାଃ
ପ୍ରତ୍ୟାବୃତ୍ତସ୍ତ୍ୱୟି କରରୁଧି ସ୍ୟାଦନଳ୍ପାଭ୍ୟସୂୟଃ ॥ ୪୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ଉଜ୍ଜୟିନୀରେ ଯେତେବେଳେ ତରୁଣୀମାନେ ପ୍ରିୟମାନଙ୍କର ଘରକୁ ଅଭିସାର କରି ଯାଉଥିବେ, ରତିର ନିବିଡ଼ ଅନ୍ଧକାରରେ ରାଜପଥର ଆଲୋକ ରୁଦ୍ଧ ହୋଇଯାଉଥିବ, ସେତେବେଳେ ତୁମେ କଷଟି ପଥରରେ ଅଙ୍କିତ ଶୁଦ୍ଧ ସୁବର୍ଣ୍ଣର ରେଖା ଭଳି ସୁନ୍ଦର ବିଜୁଳି ପ୍ରକାଶ କରି ସେମାନଙ୍କୁ ବାଟ ଦେଖାଇବ । ସେତେବେଳେ ତୁମେ ଜଳବୃଷ୍ଟିରେ ଓ ଗର୍ଜନରେ ମୁଖର ହୋଇ ଉଠିବ ନାହିଁ । କାରଣ, ସେହି ତରୁଣୀମାନେ ଭୟଶୀଳା ଅଟନ୍ତି । (ରମଣ--ପ୍ରିୟତମ, ବଲ୍ଲଭ ; ଯୋଷିତ୍--ତରୁଣୀ ; ନକ୍ତ--ରାତ୍ରି, ନରପତିପଥ--ରାଜପଥ ; ସୂଚୀଭେଦ୍ୟ--ନିବିଡ ; ତୋୟ-ଉତ୍ସର୍ଗ--ଜଳବୃଷ୍ଟି ; ସୌଦାମନୀ--ବିଜୁଳି , ଉର୍ବୀ--ଭୂମି ; ବିକ୍ଲବା--ଭୟ-ଶୀଳା) ୪୦

ଦୀର୍ଘ ସମୟ ସ୍ଫୁରିତ ହେବା ଫଳରେ ତୁମର ବିଜୁଳି-ପତ୍ନୀ ଅବଶ ହୋଇପଡ଼ିବେ । ତେଣୁ ତୁମେ କୌଣସି ଏକ ଅଟ୍ଟାଳିକାର ଉପର ମହଲରେ, ଯେଉଁଠାରେ କି ପାରାମାନେ ଶୋଇଥିବେ, ରାତ୍ରି ଅତିବାହିତ କରିବ, ଏବଂ ସୂର୍ଯ୍ୟ ଉଦୟ ହେଲେ ପୁଣି ଅବଶିଷ୍ଟ ପଥ ଅତିକ୍ରମ କରିବ । ଯେଉଁମାନେ ବନ୍ଧୁର ପ୍ରୟୋଜନୀୟ କାର୍ଯ୍ୟ ସାଧନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି, ସେମାନେ କେବେହେଲେ ଚେଷ୍ଟା ଶିଥିଳ କରନ୍ତି ନାହିଁ । (ବଲଭି--ଉପର ମହଲ ; ବିଳସନ--ସ୍ଫୁରଣ ; ଖିନ୍ନ--କ୍ଳାନ୍ତ ; କଳତ୍ର--ପତ୍ନୀ ; ଅଧ୍ୱଶେଷ--ଅବଶିଷ୍ଟ ପଥ ; ଅଭ୍ୟୁପେତ--ଗୃହୀତ ; ଅର୍ଥକୃତ୍ୟ--ପ୍ରୟୋଜନୀୟ କାର୍ଯ୍ୟ) ୪୧

ସେହି ପ୍ରଭାତ ସମୟରେ ଖଣ୍ଡିତା ସ୍ତ୍ରୀମାନଙ୍କର ଅଶ୍ରୁଜଳକୁ ସେମାନଙ୍କର ପ୍ରିୟମାନେ ଆସି ପୋଛିଦେବେ । ତେଣୁ ତୁମେ ଶୀଘ୍ର ସୂର୍ଯ୍ୟଙ୍କୁ ବାଟ ଛାଡ଼ିଦେବ । ନିଜେ ସୂର୍ଯ୍ୟ ମଧ୍ୟ ନିଜ ପ୍ରିୟା ପଦ୍ମଲତାର ପଦ୍ମ ପୁଷ୍ପ ରୂପକ ମୁଖରୁ ଶିଶିରଜଳରୂପକ ଅଶ୍ରୁ ପୋଛି ଦେବାପାଇଁ ଫେରି ଆସୁଥିବେ । ତୁମେ ତାଙ୍କର କିରଣରୂପକ ହସ୍ତକୁ ରୋଧ କଲେ ସେ ନିଶ୍ଚୟ କ୍ରୁଦ୍ଧ ହୋଇ ଉଠିବେ । (ଖଣ୍ଡିତା--ରାତିରେ ଯେଉଁ ସ୍ତ୍ରୀ-ପାଖକୁ ପ୍ରିୟ ଆସିବେ ବୋଲି କହି ଆସିନଥାନ୍ତି ; ବର୍ତ୍ମ--ବାଟ ; ପ୍ରାଳେୟାସ୍ର--ଶିଶିର ଜଳ ; ଅନଳ୍ପାଭ୍ୟସୂୟ--କ୍ରୁଦ୍ଧ) ୪୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गम्भीरायाः पयसि सरितश्चेतसीव प्रसन्ने
छायात्मापि प्रकृतिसुभगो लप्स्यते ते प्रवेशम् ।
तस्मादस्याः कुमुदविशदान्यर्हसि त्वं न धैर्यात्
मोघीकर्तुं चटुलशफरोद्वर्तनप्रेक्षितानि ॥ ४३

ଗମ୍ଭୀରାୟାଃ ପୟସି ସରିତଶ୍ଚେତସୀବ ପ୍ରସନ୍ନେ
ଛାୟାତ୍ମାପି ପ୍ରକୃତିସୁଭଗୋ ଲପ୍ସ୍ୟତେ ତେ ପ୍ରବେଶମ୍ ।
ତସ୍ମାଦସ୍ୟାଃ କୁମୁଦବିଶଦାନ୍ୟର୍ହସି ତ୍ୱଂ ନ ଧୈର୍ଯାତ୍
ମୋଘୀକର୍ତ୍ତୁଂ ଚଟୁଳଶଫରୋଦ୍ୱର୍ତ୍ତନପ୍ରେକ୍ଷିତାନି ॥ ୪୩

तस्याः किंचित् करधृतमिव प्राप्तवानीरशाखं
नीत्वा नीलं सलिलवसनं मुक्तरोधोनितम्बम् ।
प्रस्थानं ते कथमपि सखे लम्बमानस्य भावि
ज्ञातास्वादो विवृतजघनां को विहातुं समर्थः ॥ ४४

ତସ୍ୟାଃ କିଂଚିତ୍ କରଧୃତମିବ ପ୍ରାପ୍ତବାନୀରଶାଖଂ
ନୀତ୍ୱା ନୀଳଂ ସଲିଳବସନଂ ମୁକ୍ତରୋଧୋନିତମ୍ବମ୍ ।
ପ୍ରସ୍ଥାନଂ ତେ କଥମପି ସଖେ ଲମ୍ବମାନସ୍ୟ ଭାବି
ଜ୍ଞାତାସ୍ୱାଦୋ ବିବୃତଜଘନାଂ କୋ ବିହାତୁଂ ସମର୍ଥଃ ॥ ୪୪

त्वन्निष्यन्दोच्छ्वसितवसुधागन्धसंपर्करम्यः
स्रोतोरन्ध्रध्वनितसुभगं दन्तिभिः पीयमानः ।
नीचैर्वास्यत्युपजिगमिषोर्देवपूर्वं गिरिं ते
शीतो वायुः परिणमयिता काननोदुम्बराणाम् ॥ ४५

ତ୍ୱନ୍ନିଷ୍ୟନ୍ଦୋଚ୍ଛ୍ୱସିତବସୁଧାଗନ୍ଧସଂପର୍କରମ୍ୟଃ
ସ୍ରୋତୋରନ୍ଧ୍ରଧ୍ୱନିତସୁଭଗଂ ଦନ୍ତିଭିଃ ପୀୟମାନଃ ।
ନୀଚୈର୍ବାସ୍ୟତ୍ୟୁପଜିଗମିଷୋର୍ଦେବପୂର୍ବଂ ଗିରିଂ ତେ
ଶୀତୋ ବାୟୁଃ ପରିଣମୟିତା କାନନୋଦୁମ୍ବରାଣାମ୍ ॥ ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗମ୍ଭୀର ନାମକ ନଦୀର (ଗମ୍ଭୀରସ୍ୱଭବା ରମଣୀର) ଜଳ ହୃଦୟତୁଲ୍ୟ ସ୍ୱଚ୍ଛ । ସେଥିରେ ତୁମର ସ୍ୱଭବସୁନ୍ଦର ପ୍ରତିବିମ୍ବରୂପ ପ୍ରକଟିତ ହେବ । ତେଣୁ ଗମ୍ଭୀର ତାର ଚପଳ କେରଣ୍ଡି ମାଛମାନଙ୍କର ଉଲ୍ଲମ୍ଫନ ରୂପକ କୁମୁଦଧବଳ ଗ୍ରହାଣିରେ ତୁମକୁ ବାରମ୍ବାର ଗ୍ରହିଁବ । ତୁମେ ଧୈର୍ଯ୍ୟ ଅବଲମ୍ବନ କରି ତାର ଗ୍ରହାଣିକୁ ନିଷ୍ଫଳ କରିବ ନାହିଁ । କାରଣ, ସେପରି କରିବା ତୁମ ପକ୍ଷରେ ଅନୁଚିତ ହେବ । (ପୟସ୍ –ଜଳ ; ପ୍ରସନ୍ନ–ସ୍ୱଚ୍ଛ ; ଛାୟାତ୍ମା– ପ୍ରତିବିମ୍ବ ରୂପ ; ପ୍ରକୃତିସୁଭଗ–ସ୍ୱଭବସୁନ୍ଦର ; ବିଶଦ–ଧବଳ, ସ୍ୱଚ୍ଛ ; ମୋଘ– ବ୍ୟର୍ଥ ; ଚଟୁଳ–ଚପଳ ; ଶଫର–କେରଣ୍ଡି ମାଛ ; ଉଦ୍‌ବର୍ତ୍ତନ–ଉଲ୍ଲମ୍ଫନ ; ପ୍ରେକ୍ଷିତ–ଗ୍ରହାଣି) ୪୩

ସେହି ଗମ୍ଭୀରର ନୀଳଜଳରୂପକ ବସ୍ତ୍ର ତାର ତଟରୂପକ ନିତମ୍ବ ଦେଶରୁ ଖସି ପଡିଥିବ, (କୂଳରୁ ମାଡ଼ି ଆସିଥିବା) ବେତ୍ରଲତାର ଶାଖା ଜଳକୁ ସ୍ପର୍ଶ କରୁଥିବ, ତେଣୁ ଗମ୍ଭୀର ନିଜ ନିତମ୍ବରୁ ଖସିପଡ଼ୁଥିବା ଜଳରୂପକ ବସ୍ତ୍ରକୁ ହାତରେ ଅଳ୍ପ ଧରି ରଖିଲା ଭଳି ବୋଧ ହେଉଥିବ, ଏହିପରି ଅବସ୍ଥାରେ ତୁମେ ତା'ପାଖକୁ ଲମ୍ବିଯାଇ ତାର ଜଳରୂପକ ବସ୍ତ୍ରକୁ ହରଣ କରିନେବ । କିନ୍ତୁ ସେଠାରୁ ଯିବା ଆଉ ତୁମ ପକ୍ଷରେ ସହଜ ହେବନାହିଁ । କାରଣ, ରତିସୁଖ ଆସ୍ୱାଦନ କରିଥିବା କେଉଁ ପୁରୁଷ ଜଘନ ଅନାବୃତ କରିଥିବା ସ୍ତ୍ରୀକୁ ଛାଡ଼ି ଯାଇପାରିବ ? (ବାନୀର–ବେତଗଛ ; ମୁକ୍ତ–ତ୍ୟକ୍ତ ; ରୋଧସ୍ –କୂଳ , ବିବୃତ–ଅନାବୃତ, ଖୋଲା) ୪୪

ତୁମେ ଯେତେବେଳେ ଦେବଗିରି ଅଭିମୁଖରେ ଯିବାକୁ ଇଚ୍ଛା କରିବ, ସେତେବେଳେ ତୁମ ପାଖେପାଖେ ଶୀତଳ ପବନ ବହିବ । ତୁମର ଜଳବୃଷ୍ଟି ଦ୍ୱାରା ଉଲ୍ଲସିତ ହୋଇ ଉଠୁଥିବା ବସୁଧାର ସୁଗନ୍ଧ ସଂପର୍କରୁ ସେହି ପବନ ସୁଗନ୍ଧମୟ ହୋଇଥିବ, ତାହାକୁ ହସ୍ତୀମାନେ ସେମାନଙ୍କ ଶୁଣ୍ଢ ବିବରରେ ଘଡ଼ଘଡ଼ ଶବ୍ଦ କରି ପିଇଯାଉଥିବେ ଏବଂ ତାହାର ସଂପର୍କରେ ଆସି ବଣର ଉଦୁମ୍ବର ଫଳ ଗୁଡ଼ିକ ପାଚି ଯାଉଥିବ । (ନିଷ୍ୟନ୍ଦ–କ୍ଷରଣ, ବୃଷ୍ଟି ; ଉଚ୍ଛ୍ୱସିତ–ଉଲ୍ଲସିତ ; ପରିଣମୟିତା–ପରିପକ୍ୱକାରୀ) ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तत्र स्कन्दं नियतवसतिं पुष्पमेघीकृतात्मा
पुष्पासारैः स्नपयतु भवान् व्योमगङ्गाजलार्द्रैः ।
रक्षाहेतोर्नवशशिभृता वासवीनां चमूना
मत्यादित्यं हुतवहमुखे संभृतं तद्धि तेजः ॥ ४६

ତତ୍ର ସ୍କନ୍ଦଂ ନିୟତବସତିଂ ପୁଷ୍ପମେଘୀକୃତାତ୍ମା
ପୁଷ୍ପାସାରୈଃ ସ୍ନପୟତୁ ଭବାନ୍ ବ୍ୟୋମଗଙ୍ଗାଜଳାର୍ଦ୍ରୈଃ ।
ରକ୍ଷାହେତୋର୍ନବଶଶିଭୃତା ବାସବୀନାଂ ଚମୂନା-
ମତ୍ୟାଦିତ୍ୟଂ ହୁତବହମୁଖେ ସଂଭୃତଂ ତଦ୍ଧି ତେଜଃ ॥ ୪୬

ज्योतिर्लेखावलयि गलितं यस्य बर्हं भवानी
पुत्रप्रेम्णा कुवलयदलक्षेपि कर्णे करोति ।
धौतापाङ्गं हरशशिरुचा पावकेस्तं मयूरं
पश्चादद्रिग्रहणगुरुभिर्गर्जितैर्नर्तयेथाः ॥ ४७

ଜ୍ୟୋତିର୍ଲେଖାବଳୟି ଗଳିତଂ ଯସ୍ୟ ବର୍ହଂ ଭବାନୀ
ପୁତ୍ରପ୍ରେମ୍ଣା କୁବଳୟଦଳକ୍ଷେପି କର୍ଣ୍ଣେ କରୋତି ।
ଧୌତାପାଙ୍ଗଂ ହରଶଶିରୁଚା ପାବକେସ୍ତଂ ମୟୂରଂ
ପଶ୍ଚାଦଦ୍ରିଗ୍ରହଣଗୁରୁଭିର୍ଗର୍ଜିତୈର୍ନର୍ତ୍ତୟେଥାଃ ॥ ୪୭

आराध्यैनं शरवणभवं देवमुल्लङ्घिताध्वा
सिद्धद्वन्द्वैर्जलकणभयाद् वीणिभिर्मुक्तमार्गः ।
व्यालम्बेथाः सुरभितनयालम्भजां मानयिष्यन्
स्रोतोमूर्त्या भुवि परिणतां रन्तिदेवस्य कीर्तिम् ॥ ४८

ଆରାଧ୍ୟୈନଂ ଶରବଣଭବଂ ଦେବମୁଲ୍ଲଙ୍ଘିତାଧ୍ୱା
ସିଦ୍ଧଦ୍ୱନ୍ଦ୍ୱୈର୍ଜଳକଣଭୟାଦ୍ ବୀଣିଭିର୍ମୁକ୍ତମାର୍ଗଃ ।
ବ୍ୟାଲମ୍ବେଥାଃ ସୁରଭିତନୟାଲମ୍ଭଜାଂ ମାନୟିଷ୍ୟନ୍
ସ୍ରୋତୋମୂର୍ତ୍ତ୍ୟା ଭୁବି ପରିଣତାଂ ରନ୍ତିଦେବସ୍ୟ କୀର୍ତ୍ତିମ୍ ॥ ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବଗିରିରେ ନିତ୍ୟ ବାସ କରନ୍ତି ଦେବ କାର୍ତ୍ତିକେୟ । ତୁମେ ନିଜକୁ ପୁଷ୍ପବର୍ଷୀ ମେଘରେ ପରିଣତ କରି, ସ୍ୱର୍ଗଗଙ୍ଗାର ଜଳରେ ଆର୍ଦ୍ର ହୋଇଥିବା ପୁଷ୍ପରାଶି ବୃଷ୍ଟି କରି ତାଙ୍କର ସ୍ନାନ ସଂପନ୍ନ କରିବ । ସେହି କାର୍ତ୍ତିକେୟ (ଅନ୍ୟ କେହି ନୁହନ୍ତି,) ଇନ୍ଦ୍ରଙ୍କ ସୈନ୍ୟବାହିନୀର ରକ୍ଷା ନିମନ୍ତେ ଅଗ୍ନିରେ ବର୍ଦ୍ଧିତ ହୋଇଥିବା ଏବଂ ଆଦିତ୍ୟଙ୍କୁ ବଳିଯାଥିବା ସ୍ୱୟଂ ଶିବତେଜ ଅଟନ୍ତି । (ସ୍କନ୍ଦ–କାର୍ତ୍ତିକେୟ ; ନିୟତ--ନିତ୍ୟ ; ପୁଷ୍ପାସାର-- ପୁଷ୍ପବୃଷ୍ଟି : ନବଶଶିଭୃତ୍--ଚନ୍ଦ୍ରକଳାଧାରୀ, ଶିବ ; ବାସବୀ ଚମୂ–ଇନ୍ଦ୍ରଙ୍କ ସେନାବାହିନୀ ; ଅତ୍ୟାଦିତ୍ୟ--ଆଦିତ୍ୟଙ୍କୁ ବଳିଯାଇଥିବା ; ହୁତବହ--ଅଗ୍ନି ; ସଂଭୃତ–ବର୍ଦ୍ଧିତ) ୪୬

ଯାହାର ପୁଚ୍ଛରେ ବିଭିନ୍ନ ଜ୍ୟୋତିର୍ଲେଖାର ମଣ୍ଡଳ, ଯାହାର ପୁଚ୍ଛଟିଏ ଖସି ପଡ଼ିଲେ ପାର୍ବତୀ ନିଜ କର୍ଣ୍ଣରେ ନୀଳ କଇଁର ପାଖୁଡ଼ା ଧାରଣ ନ କରି ପୁତ୍ର ପ୍ରତି ସ୍ନେହବଶତଃ ସେହି ପୁଚ୍ଛକୁ ହିଁ ଧାରଣ କରନ୍ତି, ଯାହାର ଚକ୍ଷୁ ଶିବଙ୍କ ମସ୍ତକସ୍ଥିତ ଚନ୍ଦ୍ର କିରଣରେ ଅଧିକ ଶୁଭ୍ର ହୋଇଉଠେ, କାର୍ତ୍ତିକେୟଙ୍କର ସେହି ମୟୂରଟିକୁ ତୁମେ କାର୍ତ୍ତିକେୟଙ୍କୁ ଆରାଧନା କଲା ପରେ ତୁମର ଗିରି-ଗୁହା-ଗମ୍ଭୀର ଗର୍ଜନଦ୍ୱାରା ନଚାଇବ । (ବଳୟ-ମଣ୍ଡଳ , ବର୍ହ--ମୟୂରପୁଚ୍ଛ , କୁବଳୟ--ନୀଳ କଇଁ , ଧୌତାପାଙ୍ଗ-- ଶୁଭ୍ରନେତ୍ରକୋଣବିଶିଷ୍ଟ , ପାବକି--କାର୍ତ୍ତିକେୟ , ଗର୍ଜିତ–ଗର୍ଜନ) ୪୭

ଶରବଣଜନ୍ମା ଦେବ କାର୍ତ୍ତିକେୟଙ୍କୁ ଆରାଧନା କରିସାରି ତୁମେ ଆଉ କିଛି ପଥ ଅତିକ୍ରମ କରିବ ! ବୀଣାଧାରୀ ସିଦ୍ଧଦମ୍ପତିମାନେ ଜଳକଣା-ଭୟରେ (ସେମାନଙ୍କର ବୀଣା ଓଦା ହୋଇଯିବା ଭୟରେ) ତୁମକୁ ବାଟ ଛାଡ଼ିଦେବେ । ତା'ପରେ ତୁମେ ଗାଈମାନଙ୍କ ହତ୍ୟାରୁ ସୃଷ୍ଟି ହୋଇଥିବା ଏବଂ ପୃଥିବୀରେ ନଦୀ ରୂପରେ ବହି ଯାଉଥିବା ରଜା ରନ୍ତିଦେବଙ୍କର କୀର୍ତ୍ତିକୁ (ଚର୍ମଣ୍ୱତୀ ନଦୀକୁ) ସମ୍ମାନିତ କରିବା ଉଦ୍ଦେଶ୍ୟରେ ନଇଁ ଆସିବ । (ଦ୍ୱନ୍ଦ୍ୱ–ଦମ୍ପତି , ବୀଣୀ--ବୀଣାଧାରୀ , ସୁରଭିତନୟା–ଗାଈ , ଆଲମ୍ଭ–ହତ୍ୟା) ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

त्वय्यादातुं जलमवनते शार्ङ्गिणो वर्णचौरे
तस्याः सिन्धोः पृथुमपि तनुं दूरभावात् प्रवाहम् ।
प्रेक्षिष्यन्ते गगनगतयो नूनमावर्ज्य दृष्टी
रेकं मुक्तागुणमिव भुवः स्थूलमध्येन्द्रनीलम् ॥ ४९

ତ୍ୱୟ୍ୟାଦାତୁଂ ଜଳମବନତେ ଶାର୍ଙ୍ଗିଣୋ ବର୍ଣ୍ଣଚୌରେ
ତସ୍ୟାଃ ସିନ୍ଧୋଃ ପୃଥୁମପି ତନୁଂ ଦୂରଭବାତ୍ ପ୍ରବାହମ୍ ।
ପ୍ରେକ୍ଷିଷ୍ୟନ୍ତେ ଗଗନଗତୟୋ ନୂନମାବର୍ଜ୍ୟ ଦୃଷ୍ଟୀ
ରେକଂ ମୁକ୍ତାଗୁଣମିବ ଭୁବଃ ସ୍ଥୂଳମଧ୍ୟେନ୍ଦ୍ରନୀଳମ୍ ॥ ୪୯

तामुत्तीर्य व्रज परिचितभ्रूलताविभ्रमाणाम्
पक्ष्मोत्क्षेपादुपरिविलसत्कृष्णशारप्रभाणाम् ।
कुन्दक्षेपानुगमधुकरश्रीमुषामात्मबिम्बं
पात्रीकुर्वन् दशपुरवधूनेत्रकौतूहलानाम् ॥ ५०

ତାମୁତ୍ତୀର୍ଯ୍ୟ ବ୍ରଜ ପରିଚିତଭ୍ରୂଲତାବିଭ୍ରମାଣାଂ
ପକ୍ଷ୍ମୋତ୍କ୍ଷେପାଦୁପରିବିଲସତ୍କୃଷ୍ଣଶାରପ୍ରଭାଣାମ୍ ।
କୁନ୍ଦକ୍ଷେପାନୁଗମଧୁକରଶ୍ରୀମୁଷାମାତ୍ମବିମ୍ବଂ
ପାତ୍ରୀକୁର୍ବନ୍ ଦଶପୁରବଧୂନେତ୍ରକୌତୂହଳାନାମ୍ ॥ ୫୦

ब्रह्मावर्तं जनपदमथ च्छायया गाहमानः
क्षेत्रं क्षत्रप्रधनपिशुनं कौरवं तद् भजेथाः ।
राजन्यानां शितशरशतैर्यत्र गाण्डीवधन्वा
धारापातैस्त्वमिव कमलान्यभ्यवर्षन्मुखानि ॥ ५१

ବ୍ରହ୍ମାବର୍ତ୍ତଂ ଜନପଦମଥ ଛାୟୟା ଗାହମାନଃ
କ୍ଷେତ୍ରଂ କ୍ଷତ୍ରପ୍ରଧନପିଶୁନଂ କୌରବଂ ତଦ୍ ଭଜେଥାଃ ।
ରାଜନ୍ୟାନାଂ ଶିତଶରଶତୈର୍ଯତ୍ର ଗାଣ୍ଡୀବଧନ୍ୱା
ଧାରାପାତୈସ୍ତ୍ୱମିବ କମଳାନ୍ୟଭ୍ୟବର୍ଷନ୍ମୁଖାନି ॥ ୫୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମେ ଯେତେବେଳେ ଶ୍ରୀକୃଷ୍ଣଙ୍କ କାନ୍ତି ଭଳି କାନ୍ତି ଧାରଣ କରି ଚର୍ମଣ୍ୱତୀ ନଦୀର ଜଳ ପାନ କରିବାକୁ ନଇଁ ଆସିବ, ସେତେବେଳେ (ସିଦ୍ଧ ଗନ୍ଧର୍ବ ଆଦି) ଗଗନଚାରୀମାନେ ନିଶ୍ଚୟ ସେହି ନଦୀର ଜଳଧାରକୁ ନିର୍ନିମେଷ ନୟନରେ ଚାହିଁ ରହିବେ । କାରଣ, ସେହି ଜଳଧାର ଯଦିଓ ପ୍ରଶସ୍ତ, କିନ୍ତୁ ଦୂରତା ହେତୁ ସେମାନଙ୍କୁ ତାହା କ୍ଷୀଣ ଦିଶିବ ଏବଂ ମନେ ହେବ, ତାହା ସତେଯେପରି ପୃଥିବୀ-ରମଣୀର ଗୋଟିଏ ମୁକ୍ତାହାର ଯେଉଁଥିରେ କି ତୁମେ ହୋଇଥିବ ବୃହତ୍ ଇନ୍ଦ୍ରନୀଳମଣିର ମଝିପଦକ ! (ଶାର୍ଙ୍ଗୀ—ଶ୍ରୀକୃଷ୍ଣ ; ସିନ୍ଧୁ—ନଦୀ ; ପୃଥୁ—ପ୍ରଶସ୍ତ ; ତନୁ—କ୍ଷୀଣ ; ଗଗନଗତି—ଆକାଶଚାରୀ ; ସ୍ଥୂଳ—ବୃହତ୍) ୪୯

ଚର୍ମଣ୍ୱତୀ ନଦୀକୁ ଅତିକ୍ରମ କଲା ପରେ ତୁମେ ନିଜକୁ ଦଶପୁର-ରମଣୀମାନଙ୍କ କୌତୂହଳପୂର୍ଣ୍ଣ ଚକ୍ଷୁ ଗୁଡ଼ିକର ଯୋଗ୍ୟ କରି ଯିବ । ସେହି ଚକ୍ଷୁଗୁଡ଼ିକ ଭ୍ରୂଲତା ନର୍ତ୍ତନ ସହିତ ବେଶ୍ ପରିଚିତ ; ପତାର ଲୋମ ଟିକିଏ ଉପରକୁ ଟେକି ହୋଇଗଲେ ସେଗୁଡ଼ିକ କୃଷ୍ଣ ତଥା ଶୁଭ୍ରଲୋହିତ କାନ୍ତିରେ ଉଦ୍‌ଭସିତ ହୋଇଉଠନ୍ତି । ତଦ୍ୱାରା ସେଗୁଡ଼ିକ ଦୋଳାୟମାନ କୁନ୍ଦଫୁଲ ଓ ତା' ସହିତ ଦୋଳାୟମାନ ହେଉଥିବା ଭ୍ରମରର ଶୋଭାକୁ ଜିଣିଯାଆନ୍ତି । (ବିଭ୍ରମ—ଭବଭଙ୍ଗୀ ; ପକ୍ଷ୍ମ—ନେତ୍ରଲୋମ ; ବିଲସତ୍—ଉଦ୍‌ଭସିତ ; ଶାର—ଶୁଭ୍ର ଲୋହିତ ; ଆକ୍ଷେପ—ଦୋହଲିବା ; ଶ୍ରୀମୁଷ୍—ଶୋଭା ହରଣକାରୀ) ୫୦

ଏହାପରେ ତୁମେ ଛାୟାରୂପରେ ବ୍ରହ୍ମାବର୍ତ୍ତ ଦେଶରେ ପ୍ରବେଶ କରି କୁରୁକ୍ଷେତ୍ରକୁ ଯିବ । କ୍ଷତ୍ରିୟମାନଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ସଂଘଟିତ ହୋଇଥିଲା, କୁରୁକ୍ଷେତ୍ର ତାହାର ସୂଚନା ଦିଏ । ତୁମେ ଯେପରି ପଦ୍ମଫୁଲମାନଙ୍କ ଉପରେ ମୂଷଳ ଧାରରେ ଜଳ ବର୍ଷଣ କର, ଗାଣ୍ଡୀବଧନୁଧାରୀ ଅର୍ଜୁନ ସେହିପରି କୁରୁକ୍ଷେତ୍ରରେ ରାଜାମାନଙ୍କ ମୁଖ ଉପରେ ଶତଶତ ତୀକ୍ଷ୍ଣ ଶର ବର୍ଷଣ କରିଥିଲେ । (କ୍ଷେତ୍ର -କ୍ଷତ୍ରିୟ ; ପ୍ରଧନ— ଯୁଦ୍ଧ ; ପିଶୁନ—ସୂଚକ) ୫୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

हित्वा हालामभिमतरसां रेवतीलोचनाङ्कां
बन्धुप्रीत्या समरविमुखो लाङ्गली याः सिषेवे ।
कृत्वा तासामधिगममपां सौम्य सारस्वतनी-
मन्तः शुद्धस्त्वमपि भविता वर्णमात्रेण कृष्णः ॥ ५२

ହିତ୍ୱା ହାଲାମଭିମତରସାଂ ରେବତୀଲୋଚନାଙ୍କାଂ
ବନ୍ଧୁପ୍ରୀତ୍ୟା ସମରବିମୁଖୋ ଲାଙ୍ଗଲୀ ଯାଃ ସିଷେବେ ।
କୃତ୍ୱା ତାସାମଭିଗମମପାଂ ସୌମ୍ୟ ସାରସ୍ୱତୀନା-
ମନ୍ତଃ ଶୁଦ୍ଧସ୍ତ୍ୱମପି ଭବିତା ବର୍ଣ୍ଣମାତ୍ରେଣ କୃଷ୍ଣଃ ॥ ୫୨

तस्माद् गच्छेरनुकनखलं शैलराजावतीर्णां
जह्नोः कन्यां सगरतनयस्वर्गसोपानपङ्क्तिम् ।
गौरीवक्त्रभ्रुकुटिरचनां या विहस्येव फेनैः
शम्भोः केशग्रहणमकरोदिन्दुलग्नोर्मिहस्ता ॥ ५३

ତସ୍ମାଦ୍ ଗଚ୍ଛେରନୁକନଖଳଂ ଶୈଳରାଜାବତୀର୍ଣ୍ଣାଂ
ଜହ୍ନୋଃ କନ୍ୟାଂ ସଗରତନୟସ୍ୱର୍ଗସୋପାନପଙ୍କ୍ତିମ୍ ।
ଗୌରୀବକ୍ତ୍ରଭ୍ରୁକୁଟିରଚନାଂ ଯା ବିହସ୍ୟେବ ଫେନୈଃ
ଶମ୍ଭୋଃ କେଶଗ୍ରହଣମକରୋଦିନ୍ଦୁଲଗ୍ନୋର୍ମିହସ୍ତା ॥ ୫୩

तस्याः पातुं सुरगज इव व्योम्नि पश्चार्धलम्बी
त्वं चेदच्छस्फटिकविशदं तर्कयेस्तिर्यगम्भः ।
संसर्पन्त्या सपदि भवतः स्रोतसि च्छाययाऽसौ
स्यादस्थानोपनतयमुनासङ्गमेवाभिरामा ॥ ५४

ତସ୍ୟାଃ ପାତୁଂ ସୁରଗଜ ଇବ ବ୍ୟୋମ୍ନି ପଶ୍ଚାର୍ଦ୍ଧଲମ୍ବୀ
ତ୍ୱଂ ଚେଦଚ୍ଛସ୍ଫଟିକବିଶଦଂ ତର୍କୟେସ୍ତିର୍ଯ୍ୟଗମ୍ଭଃ ।
ସଂସର୍ପନ୍ତ୍ୟା ସପଦି ଭବତଃ ସ୍ରୋତସି ଛାୟୟାଽସୌ
ସ୍ୟାଦସ୍ଥାନୋପନତଯମୁନାସଙ୍ଗମେବାଭିରାମା ॥ ୫୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଳରାମ ବନ୍ଧୁମାନଙ୍କ ପ୍ରତି (କୌରବ ଓ ପାଣ୍ଡବମାନଙ୍କ ପ୍ରତି) ସ୍ନେହବଶତଃ ଯୁଦ୍ଧବିମୁଖ ହୋଇ, ଏବଂ ଯେଉଁ ସୁରାର ସ୍ୱାଦ ତାଙ୍କର ଖୁବ୍ ପ୍ରିୟ (ରୁଚିକର) ଥିଲା ଏବଂ ଯହିଁରେ ରେବତୀଙ୍କର ଆଖିର ପ୍ରତିବିମ୍ବ ପଡୁଥିଲା, ସେଭଳି ସୁରାକୁ ମଧ୍ୟ ପରିତ୍ୟାଗ କରି ସରସ୍ୱତୀ-ନଦୀର ଜଳକୁ ସେବନ କରିଥିଲେ । ହେ ଭାଗ୍ୟବାନ୍, ତୁମେ ସେହି ପବିତ୍ର ନଦୀର ଜଳ ପାନ କରିବ । ଫଳରେ, ତୁମେ ବର୍ଣ୍ଣରେ କଳା ରହିବ ସିନା, ହୃଦୟ ଭିତରେ ଶୁଭ୍ର ହୋଇଯିବ । (ହାଲା—ସୁରା ; ଅଭିମତ—ପ୍ରିୟ, ରୁଚିକର ; ଲାଙ୍ଗଳୀ—ବଳରାମ ; ଅପ୍—ଜଳ ; ଅଧିଗମ—ଲାଭ କରିବା, ପାନ କରିବା) ୫୨

କୁରୁକ୍ଷେତ୍ରରୁ ତୁମେ ଯିବ କନଖଳ ନିକଟରେ ହିମାଳୟରୁ ଅବତରଣ କରୁଥିବା ଜାହ୍ନବୀଙ୍କ ନିକଟକୁ, ଯେଉଁ ଜାହ୍ନବୀ (ଗଙ୍ଗା) ସଗରପୁତ୍ରମାନଙ୍କର ସ୍ୱର୍ଗକୁ ଯିବାର ସୋପାନଶ୍ରେଣୀସ୍ୱରୂପା , ଏବଂ ଯେ ଫେନରାଶି ଛଳରେ ସତେଯେପରି ସପତ୍ନୀ ପାର୍ବତୀଙ୍କର ଭ୍ରୂକୁଟିରଚନାକୁ ଉପହାସ କରି ତରଙ୍ଗରୂପକ ହସ୍ତରେ ଶିବଙ୍କର ମସ୍ତକସ୍ଥିତ ଚନ୍ଦ୍ରସହିତ ତାଙ୍କର (ଶିବଙ୍କର) କେଶାକର୍ଷଣ କରିଥିଲେ । (ବକ୍ତ୍ର—ମୁଖ ; ଊର୍ମି—ତରଙ୍ଗ) ୫୩

ତୁମେ ଯଦି ଐରାବତ ହସ୍ତୀ ଭଳି ଆକାଶରେ ଦେହର ପଛ-ଭାଗକୁ ରଖି ତଳକୁ ଲମ୍ବିଆସି ବକ୍ରଭାବରେ ଗଙ୍ଗାନଦୀର ଉତ୍କୃଷ୍ଟ ସ୍ଫଟିକ-ତୁଲ୍ୟ ସ୍ୱଚ୍ଛ ଜଳକୁ ପିଇବାକୁ ଇଚ୍ଛା କରିବ, ତେବେ ସହସା ସ୍ରୋତ ଉପରେ ତୁମର ଯେଉଁ ପ୍ରତିବିମ୍ବ ଖେଳିଯିବ, ତାହାଦ୍ୱାରା ଅସ୍ଥାନରେ (ପ୍ରୟାଗଭିନ୍ନ ସ୍ଥାନରେ) ଯମୁନା ସହିତ ଗଙ୍ଗାର ସଙ୍ଗମ ହେଲା ପରି ଜଣାପଡ଼ିବ । (ସୁରଗଜ—ଐରାବତ ; ଅଚ୍ଛ—ଉତ୍କୃଷ୍ଟ ; ବିଶଦ—ସ୍ୱଚ୍ଛ, ନିର୍ମଳ ; ଅମ୍ଭଃ—ଜଳ ; ତିର୍ଯ୍ୟକ୍—ବକ୍ର ; ସପଦି—ସହସା ; ଅଭିରାମ--ସୁନ୍ଦର) ୫୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आसीनानां सुरभितशिलं नाभिगन्धैर्मृगाणां
तस्या एव प्रभवमचलं प्राप्य गौरं तुषारैः ।
वक्ष्यस्यध्वश्रमविनयने तस्य शृङ्गे निषण्णः
शोभां शुभ्रत्रिनयनवृषोत्खातपङ्कोपमेयाम् ॥ ५५

ଆସୀନାନାଂ ସୁରଭିତଶିଳଂ ନାଭିଗନ୍ଧୈର୍ମୃଗାଣାଂ
ତସ୍ୟା ଏବ ପ୍ରଭବମଚଳଂ ପ୍ରାପ୍ୟ ଗୌରଂ ତୁଷାରୈଃ ।
ବକ୍ଷ୍ୟସ୍ୟଧ୍ୱଶ୍ରମବିନୟନେ ତସ୍ୟ ଶୃଙ୍ଗେ ନିଷଣ୍ଣଃ
ଶୋଭାଂ ଶୁଭ୍ରତ୍ରିନୟନବୃଷୋତ୍ଖାତପଙ୍କୋପମେୟାମ୍ ॥ ୫୫

तं चेद् वायौ सरति सरलस्कन्धसंघट्टजन्मा
बाधेतोल्काक्षपितचमरीवालभारो दवाग्निः ।
अर्हस्येनं शमयितुमलं वारिधारासहस्रै-
रापन्नार्तिप्रशमनफलाः सम्पदो ह्युत्तमानाम् ॥ ५६

ତଂ ଚେଦ୍ ବାୟୌ ସରତି ସରଳସ୍କନ୍ଧସଂଘଟ୍ଟଜନ୍ମା
ବାଧେତୋଲ୍କାକ୍ଷପିତଚମରୀବାଳଭାରୋ ଦବାଗ୍ନିଃ ।
ଅର୍ହସ୍ୟେନଂ ଶମୟିତୁମଲଂ ବାରିଧାରାସହସ୍ରୈ-
ରାପନ୍ନାର୍ତ୍ତିପ୍ରଶମନଫଳାଃ ସମ୍ପଦୋ ହ୍ୟୁତ୍ତମାନାମ୍ ॥ ୫୬

ये संरम्भोत्पतनरभसाः स्वाङ्गभङ्गाय तस्मिन्
मुक्ताध्वानं सपदि शरभा लङ्घयेयुर्भवन्तम् ।
तान् कुर्वीथास्तुमुलकरकावृष्टिपातावकीर्णान्
के वा न स्युः परिभवपदं निष्फलारम्भयत्नाः ॥ ५७

ଯେ ସଂରମ୍ଭୋତ୍ପତନରଭସାଃ ସ୍ୱାଙ୍ଗଭଙ୍ଗାୟ ତସ୍ମିନ୍
ମୁକ୍ତାଧ୍ୱାନଂ ସପଦି ଶରଭା ଲଙ୍ଘୟେୟୁର୍ଭବନ୍ତମ୍ !
ତାନ୍ କୁର୍ବୀଥାସ୍ତୁମୁଳକରକାବୃଷ୍ଟିପାତାବକୀର୍ଣ୍ଣାନ୍
କେ ବା ନ ସ୍ୟୁଃ ପରିଭବପଦଂ ନିଷ୍ଫଳାରମ୍ଭଯତ୍ନାଃ ॥ ୫୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଙ୍ଗାର ଉପରିସ୍ଥଳ ତୁଷାରଧବଳ ହିମାଳୟ, ଯାହାର ପ୍ରସ୍ତରବଳି କୃଷ୍ଣସାର ମୃଗମାନଙ୍କର ଆସ୍ଥାନ ଫଳରେ କସ୍ତୂରୀ ସୁଗନ୍ଧରେ ସୁଗନ୍ଧିତ ହୋଇ ଉଠୁଥାଏ । ସେଠାରେ ପହଞ୍ଚି ତୁମେ ଯେତେବେଳେ ପଥକ୍ଳାନ୍ତି ଦୂର କରିବା ନିମନ୍ତେ ତା'ର ଶୃଙ୍ଗରେ ବସିଯିବ, ସେତେବେଳେ ତୁମେ ଶିବଙ୍କ ଶୁଭ୍ର ବୃଷଭର ଶିଙ୍ଗରେ ଖୋଳା ହୋଇ ଲଗିଥିବା ପଙ୍କ ଭଳି ଶୋଭା ଧାରଣ କରିବ । (ସୁରଭିତ—ସୁଗନ୍ଧିତ ; ପ୍ରଭବ—ଜନ୍ମସ୍ଥଳ ; ଅଧ୍ୱଶ୍ରମ—ପଥଶ୍ରମ ; ବିନୟନ—ଦୂରୀକରଣ ; ନିଷଣ୍ଣ—ଆସୀନ ; ତ୍ରିନୟନ—ଶିବ ; ବୃଷ—ବୃଷଭ) ୫୫

ପ୍ରବଳ ପବନ ବହିଲେ ଦେବଦାରୁ ଗଛମାନଙ୍କର କାଣ୍ଡ ସହିତ କାଣ୍ଡର ଘର୍ଷଣରୁ ଯେତେବେଳେ ଦାବାନଳ ଜାତ ହେବ, ତାହା ଅସଂଖ୍ୟ ସ୍ଫୁଲିଙ୍ଗଦ୍ୱାରା ଚମରୀଗାଈମାନଙ୍କର ବିପୁଳ ପୁଚ୍ଛକେଶକୁ ପୋଡ଼ି ହିମାଳୟକୁ ପୀଡ଼ା ଦେବ । ସେତେବେଳେ ତୁମ ପକ୍ଷରେ ଉପଯୁକ୍ତ କାର୍ଯ୍ୟ ହେବ ଅଜସ୍ର ଧାରାରେ ବୃଷ୍ଟିପାତ କରି ସେହି ଦାବାଗ୍ନିକୁ ନିର୍ବାପିତ କରିବା । କାରଣ, ଉତ୍ତମ ବ୍ୟକ୍ତିମାନଙ୍କର ସମ୍ପଦର ଫଳ ହେଉଛି ବିପନ୍ନମାନଙ୍କର ଦୁଃଖ ମୋଚନ କରିବା । (ସରଳ—ଦେବଦାରୁ ଗଛ ; ସ୍କନ୍ଧ—କାଣ୍ଡ ; ସଂଘଟ୍ଟ—ଘର୍ଷଣ ; ଉଲ୍‌କା—ସ୍ଫୁଲିଙ୍ଗ ; କ୍ଷପିତ—ଦଗ୍‌ଧ ; ଦାବାଗ୍ନି—ବନାଗ୍ନି ; ଆପନ୍ନ—ଆପଦଗ୍ରସ୍ତ, ବିପନ୍ନ ; ଆର୍ତ୍ତି—ଆର୍ତ୍ତଭବ, ଦୁଃଖ କ୍ଳେଶ) ୫୬

ହିମାଳୟରେ ତୁମେ ଅଷ୍ଟାପଦ ମୃଗମାନଙ୍କୁ ବାଟ ଛାଡ଼ିଦେବ । ତଥାପି ସେମାନେ ଯଦି କ୍ରୋଧରେ ନିଜର ଅଙ୍ଗଭଙ୍ଗ ସାର କରିବା ନିମନ୍ତେ ଖୁବ୍ ଜୋର୍‌ରେ ତୁମ ଆଡ଼କୁ ଉଲ୍ଲମ୍ଫନ କରିବେ, ତେବେ ତୁମେ ପ୍ରବଳ କରକା ବୃଷ୍ଟି କରି ସେମାନଙ୍କୁ ଛିନ୍ନଛତ୍ର କରିଦେବ । ପ୍ରକୃତରେ, ମୂଲ୍ୟହୀନ କାର୍ଯ୍ୟରେ ଆଗ୍ରହୀ ହେଲେ କିଏ ବା ଅବଜ୍ଞାର ପାତ୍ର ନ ହୁଏ ? (ସଂରମ୍ଭ—କ୍ରୋଧ ; ଉତ୍‌ପତନ—ଉପରକୁ ଡେଇଁବା ; ରଭସ୍—ବେଗ ; ଶରଭ—ଅଷ୍ଟ ପଦ ମୃଗ ; କରକା—କୁଆପଥର ; ଅବକୀର୍ଣ୍ଣ—ଛିନ୍ନଛତ୍ର ; ପରିଭବ—ଅବଜ୍ଞା ; ଆରମ୍ଭ—କାର୍ଯ୍ୟ, ଉଦ୍ୟମ) ୫୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तत्र व्यक्तं दृषदि चरणन्यासमर्धेन्दुमौलेः
शश्वत् सिद्धैरुपचितबलिं भक्तिनम्रः परीयाः ।
तस्मिन् दृष्टे करणविगमादूर्ध्वमुद्धूतपापाः
संकल्पन्ते स्थिरगणपदप्राप्तये श्रद्दधानाः ॥५८
ତତ୍ର ବ୍ୟକ୍ତଂ ଦୃଷଦି ଚରଣନ୍ୟାସମର୍ଦ୍ଧେନ୍ଦୁମୌଳେଃ
ଶଶ୍ୱତ୍ ସିଦ୍ଧୈରୁପଚିତବଳିଂ ଭକ୍ତିନମ୍ରଃ ପରୀୟାଃ ।
ତସ୍ମିନ୍ ଦୃଷ୍ଟେ କରଣବିଗମାଦୂର୍ଦ୍ଧ୍ୱମୁଦ୍ଧୂତପାପାଃ
ସଂକଳ୍ପନ୍ତେ ସ୍ଥିରଗଣପଦପ୍ରାପ୍ତୟେ ଶ୍ରଦ୍ଦଧାନାଃ ॥ ୫୮

शब्दायन्ते मधुरमनिलैः कीचकाः पूर्यमाणाः
संसक्ताभिस्त्रिपुरविजयो गीयते किन्नरीभिः ।
निर्ह्रादो ते मुरज इव चेत् कन्दरेषु ध्वनिः स्यात्
सङ्गीतार्थो ननु पशुपतेस्तत्र भावी समग्रः ॥ ५९
ଶବ୍ଦାୟନ୍ତେ ମଧୁରମନିଳୈଃ କୀଚକାଃ ପୂର୍ଯ୍ୟମାଣାଃ
ସଂସକ୍ତାଭିସ୍ତ୍ରିପୁରବିଜୟୋ ଗୀୟତେ କିନ୍ନରୀଭିଃ ।
ନିର୍ହ୍ରାଦୋ ତେ ମୁରଜ ଇବ ଚେତ୍ କନ୍ଦରେଷୁ ଧ୍ୱନିଃ ସ୍ୟାତ୍
ସଙ୍ଗୀତାର୍ଥୋ ନନୁ ପଶୁପତେସ୍ତତ୍ର ଭବୀ ସମଗ୍ରଃ ॥ ୫୯

प्रालेयाद्रेरुपतटमतिक्रम्य तांस्तान् विशेषान्
हंसद्वारं भृगुपतियशोवर्त्म यत् क्रौञ्चरन्ध्रम् ।
तेनोदीचीं दिशमनुसरेस्तिर्यगायामशोभी
श्यामः पादो बलिनियमनाभ्युद्यतस्येव विष्णोः ॥ ६०
ପ୍ରାଲେୟାଦ୍ରେରୁପତଟମତିକ୍ରମ୍ୟ ତାଂସ୍ତାନ୍ ବିଶେଷାନ୍
ହଂସଦ୍ୱାରଂ ଭୃଗୁପତିଯଶୋବର୍ତ୍ମ ଯତ୍ କ୍ରୌଞ୍ଚରନ୍ଧ୍ରମ୍ ।
ତେନୋଦୀଚୀଂ ଦିଶମନୁସରେସ୍ତିର୍ଯ୍ୟଗାୟାମଶୋଭୀ
ଶ୍ୟାମଃ ପାଦୋ ବଳିନିୟମନାଭ୍ୟୁଦ୍ୟତସ୍ୟେବ ବିଷ୍ଣୋଃ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହିମାଳୟରେ ପଥର ଉପରେ ଅଙ୍କିତ, ଏବଂ ସିଦ୍ଧମାନଙ୍କ ଦ୍ୱାରା କାଳେକାଳେ ପୂଜିତ ଶିବଙ୍କ ପଦଚିହ୍ନକୁ ତୁମେ ଭକ୍ତିନମ୍ର ଭାବରେ ପ୍ରଦକ୍ଷିଣ କରିବ । ସେହି ପଦଚିହ୍ନକୁ ଯେଉଁମାନେ ଶ୍ରଦ୍ଧାର ସହିତ ଦର୍ଶନ କରନ୍ତି, ସେମାନେ ପାପମୁକ୍ତ ହୋଇ ଦେହାନ୍ତେ ଶିବଗଣଙ୍କ ମଧ୍ୟରେ ଆସନ ଲାଭ କରନ୍ତି । (ବ୍ୟକ୍ତ--ପ୍ରକଟିତ, ଅଙ୍କିତ ; ଦୃଷଦ୍--ପଥର ; ଅର୍ଦ୍ଧେନ୍ଦୁମୌଳି--ଶିବ ; ଶଶ୍ୱତ୍--ଚିରକାଳ ; ଉପଚିତବଳି--ପୂଜିତ ; କରଣ ନିଗମ--ଦେହାନ୍ତ ; ଉଦ୍ଧୂତ--ବିନଷ୍ଟ) ୫୮

ସେଠାରେ ରନ୍ଧ୍ରଯୁକ୍ତ ବାଉଁଶ ଗଛ ଗୁଡ଼ିକ ଭିତରେ ବାୟୁର ପ୍ରବେଶ ହେତୁ ସେଗୁଡ଼ିକ ମଧୁର ଶବ୍ଦ କରନ୍ତି । କିନ୍ନରୀମାନେ ସମବେତ କଣ୍ଠରେ ଶିବଙ୍କର ତ୍ରିପୁରାସୁରବଧ ଚରିତ ଗାନ କରନ୍ତି । ତୁମର ମନ୍ଦ୍ରନାଦ ଗିରିଗୁହାରେ ପ୍ରତିଧ୍ୱନିତ ହୋଇ ଯଦି ମୃଦଙ୍ଗ ବାଦ୍ୟର କାମ କରିବ, ତେବେ ଶିବଙ୍କ ନିମନ୍ତେ ଉଦ୍ଦିଷ୍ଟ ସଙ୍ଗୀତ-ଆସର ନିଶ୍ଚୟ ପୂର୍ଣ୍ଣତାପ୍ରାପ୍ତ ହେବ । (ଅନିଳ--ବାୟୁ ; କୀଚକ--ବାଉଁଶ ଗଛ ; ସଂସକ୍ତ--ସମବେତ , ସମ୍ମିଳିତ ; ନିର୍ହ୍ରାଦ--ମନ୍ଦ୍ରନାଦ ; ମୁରଜ--ମୃଦଙ୍ଗ ; କନ୍ଦର--ଗୁହା ; ସଙ୍ଗୀତାର୍ଥ--ସଙ୍ଗୀତ ଆସର ; ସମଗ୍ର--ପୂର୍ଣ୍ଣତାପ୍ରାପ୍ତ) ୫୯

ହିମାଳୟର ପାଦଦେଶରେ ତୁମେ ବିଶେଷ ବିଶେଷ ଦର୍ଶନୀୟ ସ୍ଥାନ ଗୁଡ଼ିକୁ ଅତିକ୍ରମ କରି, ପରଶୁରାମଙ୍କ ଯଶପ୍ରସାରର ପଥସ୍ୱରୂପ ଏବଂ ହଂସମାନଙ୍କର ମାନସ ସରୋବରକୁ ଯିବାର ଦ୍ୱାରସ୍ୱରୂପ ଯେଉଁ କ୍ରୌଞ୍ଚରନ୍ଧ୍ର, ସେହି ପଥ ଦେଇ ତୁମେ ଉତ୍ତର ଦିଗକୁ ଗତି କରିବ । ଗଲାବେଳେ ତୁମେ ବକ୍ରଭାବରେ ବିସ୍ତାରିତ ହେବା ଫଳରେ, ବଳିରାଜାଙ୍କୁ ପାତାଳ-ପୁରୀକୁ ପଠାଇବା ନିମନ୍ତେ ଉଦ୍ୟତ ହେଲାବେଳେ ବିଷ୍ଣୁଙ୍କର ଶ୍ୟାମଳବର୍ଣ୍ଣ ତୃତୀୟ ପାଦ ଯେପରି ଶୋଭା ପାଇଥିଲା, ତୁମେ ସେହିପରି ଶୋଭା ପାଇବ । (ପ୍ରାଲେୟାଦ୍ରି--ହିମାଳୟ ; ଭୃଗୁପତି--ପରଶୁରାମ ; ବର୍ତ୍ମ--ବାଟ ; ଉଦୀଚୀ-ଦିଶ୍--ଉତ୍ତର ଦିଗ ; ତିର୍ଯ୍ୟକ୍--ବକ୍ର ; ଆୟାମ--ବିସ୍ତାର , ନିୟମନ--ନିୟନ୍ତ୍ରଣ) ୬୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गत्वा चोर्ध्वं दशमुखभुजोच्छ्वासितप्रस्थसन्धेः
कैलासस्य त्रिदशवनितादर्पणस्यातिथिः स्याः ।
शृङ्गोच्छ्रायैः कुमुदविशदैर्यो वितत्य स्थितः खं
राशीभूतः प्रतिदिनमिव त्र्यम्बकस्याट्टहासः ।। ६१

ଗତ୍ୱା ଚୋର୍ଦ୍ଧ୍ୱଂ ଦଶମୁଖଭୁଜୋଚ୍ଛ୍ୱାସିତପ୍ରସ୍ଥସନ୍ଧେଃ
କୈଳାସସ୍ୟ ତ୍ରିଦଶବନିତାଦର୍ପଣସ୍ୟାତିଥିଃ ସ୍ୟାଃ ।
ଶୃଙ୍ଗୋଚ୍ଛ୍ରାୟୈଃ କୁମୁଦବିଶଦୈର୍ଯୋ ବିତତ୍ୟ ସ୍ଥିତଃ ଖଂ
ରାଶୀଭୂତଃ ପ୍ରତିଦିନମିବ ତ୍ର୍ୟମ୍ବକସ୍ୟାଟ୍ଟହାସଃ ।। ୬୧

उत्पश्यामि त्वयि तटगते स्निग्धभिन्नाञ्जनाभे
सद्यःकृत्तद्विरददशनच्छेदगौरस्य तस्य ।
शोभामद्रेः स्तिमितनयनप्रेक्षणीयां भवित्री
मंसन्यस्ते सति हलभृतो मेचके वाससीव । ६२

ଉତ୍‌ପଶ୍ୟାମି ତ୍ୱୟି ତଟଗତେ ସ୍ନିଗ୍‌ଧଭିନ୍ନାଞ୍ଜନାଭେ
ସଦ୍ୟଃ କୃତ୍ତଦ୍ୱିରଦ ଦଶନଚ୍ଛେଦଗୌରସ୍ୟ ତସ୍ୟ ।
ଶୋଭାମଦ୍ରେଃ ସ୍ତିମିତନୟନପ୍ରେକ୍ଷଣୀୟାଂ ଭବିତ୍ରୀ-
ମଂସନ୍ୟସ୍ତେ ସତି ହଳଭୃତୋ ମେଚକେ ବାସସୀବ ।। ୬୨

हित्वा तस्मिन् भुजगवलयं शम्भुना दत्तहस्ता
क्रीडाशैले यदि च विहरेत् पादचारेण गौरी ।
भङ्गीभक्त्या विरचितवपुः स्तम्भितान्तर्जलौघः
सोपानत्वं कुरु मणितटारोहणायाग्रयायी ।। ६३

ହିତ୍ୱା ତସ୍ମିନ୍ ଭୁଜଗବଳୟଂ ଶମ୍ଭୁନା ଦତ୍ତହସ୍ତା
କ୍ରୀଡାଶୈଳେ ଯଦି ଚ ବିହରେତ୍ ପାଦଚାରେଣ ଗୌରୀ ।
ଭଙ୍ଗୀଭକ୍ତ୍ୟା ବିରଚିତବପୁଃ ସ୍ତମ୍ଭିତାନ୍ତର୍ଜଳୌଘଃ
ସୋପାନତ୍ୱଂ କୁରୁ ମଣିତଟାରୋହଣାୟାଗ୍ରୟାୟୀ ।। ୬୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ତୁମେ ଉପରକୁ ଉଠିଯାଇ ଅତିଥି ହେବ କୈଳାସ ପର୍ବତର, ଯେଉଁ ପର୍ବତ କି ଦେବାଙ୍ଗନାମାନଙ୍କର ଦର୍ପଣସ୍ୱରୂପ, ଯାହାର ଶୃଙ୍ଗଗୁଡ଼ିକର ସନ୍ଧିସ୍ଥଳ ରାବଣର ଭୁଜାବଳିଦ୍ୱାରା ଶିଥିଳ ହୋଇ ଯାଇଥିଲା ଏବଂ ଯେ କଇଁଫୁଲ ପରି ଶୁଭ୍ରବର୍ଣ୍ଣ ସମୁଚ୍ଚ ଶୃଙ୍ଗଗୁଡ଼ିକ ଦ୍ୱାରା ଆକାଶ ମଣ୍ଡଳକୁ ବ୍ୟାପି ଦଣ୍ଡାୟମାନ । ମନେହୁଏ, ସତେ ଯେପରି ସେହି ପର୍ବତ ହେଉଛି ପ୍ରତିଦିନ ଜମା ହୋଇ ସ୍ତୂପରେ ପରିଣତ ହୋଇଥିବା ଶିବଙ୍କଅଟ୍ଟହାସ୍ୟ !! (ଦଶମୁଖ—ରାବଣ ; ଉଚ୍ଛ୍ୱାସିତ—ଶିଥିଳୀକୃତ ; ପ୍ରସ୍ଥସନ୍ଧି—ଶୃଙ୍ଗଗୁଡ଼ିକର ସନ୍ଧିସ୍ଥଳ ; ତ୍ରିଦଶବନିତା—ଦେବାଙ୍ଗନା , ଉଚ୍ଛ୍ରାୟ—ଉଚ୍ଚତା ; ବିଶଦ—ଧବଳ ସ୍ୱଚ୍ଛ ; ଖ—ଆକାଶ ; ତ୍ର୍ୟମ୍ବକ—ଶିବ) ୬୧

ଚିକକଣ, ଗୋଳା ହୋଇଥିବା ଅଞ୍ଜନ ଭଳି ତୁମର ବର୍ଣ୍ଣ, ସଦ୍ୟ କଟା ହୋଇଥିବା ହାତୀଦାନ୍ତର ଖଣ୍ଡ ପରି କୈଳାସ ପର୍ବତର ବର୍ଣ୍ଣ । ଅତଏବ, ତୁମେ ଯେତେବେଳେ ତା'ର ଶୃଙ୍ଗରେ ଲାଗିଯିବ, ମୁଁ ଅନୁମାନ କରୁଛି, କାନ୍ଧରେ ଖଣ୍ଡେ କଳାଲୁଗା ପକାଇ ବଳରାମ ଯେପରି ଶୋଭା ପାଉଥିଲେ, କୈଳାସ ପର୍ବତ ସେହିପରି ଶୋଭା ପାଇବ ଏବଂ ସମସ୍ତଙ୍କର ନିର୍ନିମେଷ ନୟନରେ ଦର୍ଶନୀୟ ହେବ । (ସ୍ନିଗ୍ଧଭିନ୍ନାଞ୍ଜନାଭ—ଚିକ୍କଣ ମର୍ଦ୍ଦିତ ଅଞ୍ଜନତୁଲ୍ୟ ଯାହାର ଆଭା ; କୃତ୍ତ—କଟା ହୋଇଥିବା ; ଦ୍ୱିରଦ—ହାତୀ ; ଦଶନ—ଦନ୍ତ ; ଛେଦ—ଖଣ୍ଡ ; ଗୌର—ଧବଳବର୍ଣ୍ଣ ; ସ୍ତିମିତ—ପଲକହୀନ ; ପ୍ରେକ୍ଷଣୀୟ—ଦର୍ଶନୀୟ ; ଅଂସ- କାନ୍ଧ ; ହଳଭୃତ୍--ବଳରାମ ; ମେଚକ--କୃଷ୍ଣବର୍ଣ୍ଣ) ୬୨

ଯଦି ଶିବ ତାଙ୍କର ସେହି କ୍ରୀଡ଼ାପର୍ବତରେ (କୈଳାସରେ) ହାତରୁ ସର୍ପରୂପକ କଙ୍କଣ କାଢି ଦେଇ ପାର୍ବତୀଙ୍କ ଆଡ଼କୁ ହାତ ବଢାଇ ଦେଇଥିବେ ଏବଂ ପାର୍ବତୀ ତାଙ୍କ ହାତ ଧରି ପଦବ୍ରଜରେ ବିଚରଣ କରୁଥିବେ, ତେବେ ତୁମେ ନିଜ ଭିତରର ଜଳରାଶିକୁ କଠିନ କରିଦେଇ ଏବଂ ଶରୀରକୁ ଭଙ୍ଗଭଙ୍ଗ କରି ଶିବପାର୍ବତୀଙ୍କ ଆଗେଆଗେ ଚାଲିବ ଏବଂ ତଦ୍ୱାରା ସେମାନଙ୍କର ମଣିମୟ ଶୃଙ୍ଗ—ଆରୋହଣରେ ସୋପାନଶ୍ରେଣୀର କାର୍ଯ୍ୟ କରିବ । (ଭୁଜଗ ବଳୟ—ସର୍ପରୂପକ କଙ୍କଣ ; ଭଙ୍ଗୀଭକ୍ତି--ଭଙ୍ଗ ଭଙ୍ଗ ଆକୃତି ; ସ୍ତମ୍ଭିତ--କଠିନୀକୃତ ; ଅନ୍ତର୍ଜଳୌଘ--ଭିତର ଜଳରାଶି)୬୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तत्रावश्यं वलयकुलिशोद्घट्टनोद्गीर्णतोयं
नेष्यन्ति त्वां सुरयुवतयो यन्त्रधारागृहत्वम् ।
ताभ्यो मोक्षस्तव यदि सखे घर्मलब्धस्य न स्यात्
क्रीडालोलाः श्रवणपरुषैर्गर्जितैर्भीषयेस्ताः ॥ ६४

ତତ୍ରାବଶ୍ୟଂ ବଲୟକୁଲିଶୋଦ୍ଘଟ୍ଟନୋଦ୍ଗୀର୍ଣ୍ଣତୋୟଂ
ନେଷ୍ୟନ୍ତି ତ୍ୱାଂ ସୁରଯୁବତୟୋ ଯନ୍ତ୍ରଧାରାଗୃହତ୍ୱମ୍ ।
ତାଭ୍ୟୋ ମୋକ୍ଷସ୍ତବ ଯଦି ସଖେ ଘର୍ମଲବ୍ଧସ୍ୟ ନ ସ୍ୟାତ୍
କ୍ରୀଡାଲୋଲାଃ ଶ୍ରବଣପରୁଷୈର୍ଗର୍ଜିତୈର୍ଭୀଷୟେସ୍ତାଃ ॥ ୬୪

हेमाम्भोजप्रसवि सलिलं मानसस्यादानः
कुर्वन् कामं क्षणमुखपटप्रीतिमैरावतस्य ।
धुन्वन् कल्पद्रुमकिसलयान्यंशुकानीव वातै-
र्नानाचेष्टैर्जलद ललितैर्निर्विशेस्तं नगेन्द्रम् ॥ ६५

ହେମାମ୍ଭୋଜପ୍ରସବି ସଲିଳଂ ମାନସସ୍ୟାଦଦାନଃ
କୁର୍ବନ୍ କାମଂ କ୍ଷଣମୁଖପଟପ୍ରୀତିମୈରାବତସ୍ୟ ।
ଧୁନ୍ୱନ୍ କଳ୍ପଦ୍ରୁମକିସଲୟାନ୍ୟଂଶୁକାନୀବ ବାତୈ-
ର୍ନାନାଚେଷ୍ଟୈର୍ଜଳଦ ଲଳିତୈର୍ନିର୍ବିଶେସ୍ତଂ ନଗେନ୍ଦ୍ରମ୍ ॥ ୬୫

तस्योत्सङ्गे प्रणयिन इव स्रस्तगङ्गादुकूलां
न त्वं दृष्ट्वा न पुनरलकां ज्ञास्यसे कामचारिन् ।
या वः काले वहति सलिलोद्गारमुच्चैर्विमाना
मुक्ताजालग्रथितमलकं कामिनीवाभ्रवृन्दम् ॥ ६६

ତସ୍ୟୋତ୍ସଙ୍ଗେ ପ୍ରଣୟିନ ଇବ ସ୍ରସ୍ତଗଙ୍ଗାଦୁକୂଳାଂ
ନ ତ୍ୱଂ ଦୃଷ୍ଟ୍ୱା ନ ପୁନରଳକାଂ ଜ୍ଞାସ୍ୟସେ କାମଚାରିନ୍ ।
ଯା ବଃ କାଲେ ବହତି ସଲିଳୋଦ୍ଗାରମୁଚ୍ଚୈର୍ବିମାନା
ମୁକ୍ତାଜାଲଗ୍ରଥିତମଳକଂ କାମିନୀବାଭ୍ରବୃନ୍ଦମ୍ ॥ ୬୬

॥ इति पूर्वमेघः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ ଦେବଯୁବତୀମାନେ ସେମାନଙ୍କ କଙ୍କଣର ଅଗ୍ରଗୁଡ଼ିକ ଦ୍ୱାରା ଆଘାତ କରି ତୁମ ଦେହରୁ ଜଳ ଝରାଇବେ ଏବଂ ସେହିପରି ଭାବରେ ତୁମକୁ ଏକ ଜଳଯନ୍ତ୍ର ଗୃହରେ ପରିଣତ କରିବେ । ତୁମେ ତାଙ୍କୁ ଗ୍ରୀଷ୍ମ କାଳରେ ଲଭ୍ୟ ହୋଇଥିବ, ତେଣୁ ତୁମକୁ ଯଦି ସେମାନଙ୍କଠାରୁ ମୁକ୍ତି ନ ମିଳିବ, ତେବେ ତୁମେ ଭୟଙ୍କର ଗର୍ଜନଟାଏ କରି ସେହି କ୍ରୀଡ଼ାଚପଳା ଯୁବତୀମାନଙ୍କୁ ଡରାଇଦେବ । (ବଳୟକୁଳିଶ--କଙ୍କଣର ଅଗ୍ରଭାଗ ; ଉଦ୍‌ଘଟ୍ଟନ-ଆଘାତ କରିବା ; ଉଦ୍‌ଗୀର୍ଣ୍ଣ—କ୍ଷରିତ , ତୋୟ--ଜଳ , ମୋକ୍ଷ--ମୁକ୍ତି , ଘର୍ମଲବ୍ଧ-ଗ୍ରୀଷ୍ମ କାଳରେ ପ୍ରାପ୍ତ ; ଲୋଳା--ଚପଳା , ପରୁଷ-ରୁକ୍ଷ, କର୍କଶ) ୬୪

ହେ ମେଘ, ତୁମେ କୈଳାସପର୍ବତରେ ମାନସ ସରୋବରର ସୁବର୍ଣ୍ଣପଦ୍ମପ୍ରସୂ ଜଳ ପାନ କରିବ । ଐରାବତ ହସ୍ତୀ ମାନସ ସରୋବରରୁ ଜଳ ପିଇଲା ବେଳେ ତା'ର ମୁଖବସ୍ତ୍ର ସ୍ୱରୂପ ହୋଇ ଆନନ୍ଦ ଜନ୍ମାଇବ, ପବନରେ କଳ୍ପବୃକ୍ଷର ନବ ପଲ୍ଲବଗୁଡ଼ିକୁ ବସ୍ତ୍ର ପରି ଫରଫର କରି ଉଡାଇବ, ଏହିପରି ନାନାପ୍ରକାର କ୍ରୀଡ଼ାକାର୍ଯ୍ୟ ଦ୍ୱାରା ସେହି ସୁନ୍ଦର ପର୍ବତକୁ ଉପଭୋଗ କରିବ । (ହେମାମ୍ଭୋଜପ୍ରସବି--ସୁବର୍ଣ୍ଣ ପଦ୍ମପ୍ରସୂ , ପଟ--ବସ୍ତ୍ର ; କିସଲୟ—ନବପଲ୍ଲବ , ଅଂଶୁକ ବସ୍ତ୍ର ,) ୬୫

ସେହି କୈଳାସ ପର୍ବତର କୋଳରେ—ଯେପରି ଏକ ପ୍ରେମିକର କୋଳରେ—ଅଳକା ନଗରୀ, ଯାହାର ଦେହରୁ ଗଙ୍ଗାନଦୀ ରୂପକ ବସ୍ତ୍ର ଖସିପଡ଼ୁଥାଏ । ସେହି ନଗରୀରେ ସପ୍ତତଳ ବିଶିଷ୍ଟ ଅଟ୍ଟାଳିକାମାନ ବିଦ୍ୟମାନ । ମାନ ଦୂର ହୋଇଗଲା ପରେ ତରୁଣୀ ଯେପରି (ପ୍ରିୟ ସହିତ ମିଳନ ଉଦ୍ଦେଶ୍ୟରେ) ତା'ର ପ୍ରଲମ୍ବିତ କେଶରେ ମୁକ୍ତାମାଳ ଧାରଣ କରେ, ଅଳକା ନଗରୀ ସେହିପରି ତୁମ ସମୟରେ (ବର୍ଷା କାଳରେ) ଜଳବିନ୍ଦୁ ବର୍ଷୀ କୃଷ୍ଣ ମେଘମାଳ ଧାରଣ କରେ । ହେ ଇଚ୍ଛାବିହାରୀ, ତୁମେ ସେଭଳି ଅଳକାକୁ ଦେଖି ଯେ ଜାଣିନପାରିବ, ତା' ନୁହେଁ । (ଉତ୍ସଙ୍ଗ—କ୍ରୋଡ , ସ୍ରସ୍ତ—ଚ୍ୟୁତ, ଦୁକୂଳ—ବସ୍ତ୍ର , ଉଚ୍ଚୈର୍ବିମାନା— (୧) ଉଚ୍ଚ ବିମାନ / ସପ୍ତତଳ ବିଶିଷ୍ଟ ପ୍ରାସାଦମାନ ଯାହାର, ନଗରୀ (୨) ଉଚ୍ଚୈଃ ଉତ୍ତମ ରୂପେ ବି/ବିଗତ ମାନ/ଅଭିମାନ ଯାହାର, କାମିନୀ) ୬୬

—×—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उत्तरमेघः

विद्युद्वन्तं ललितवनिताः सेन्द्रचापं सचित्राः
सङ्गीताय प्रहतमुरजाः स्निग्धगम्भीरघोषम् ।
अन्तस्तोयं मणिमयभुवस्तुङ्गमभ्रंलिहाग्राः
प्रासादास्त्वां तुलयितुमलं यत्र तैस्तैर्विशेषैः ॥ १

ବିଦ୍ୟୁଦ୍‌ବନ୍ତଂ ଲଳିତବନିତାଃ ସେନ୍ଦ୍ରଚାପଂ ସଚିତ୍ରାଃ
ସଂଗୀତାୟ ପ୍ରହତମୁରଜାଃ ସ୍ନିଗ୍ଧଗମ୍ଭୀରଘୋଷମ୍ ।
ଅନ୍ତସ୍ତୋୟଂ ମଣିମୟଭୁବସ୍ତୁଙ୍ଗମଭ୍ରଂଲିହାଗ୍ରାଃ
ପ୍ରାସାଦାସ୍ତ୍ୱାଂ ତୁଲୟିତୁମଲଂ ଯତ୍ର ତୈସ୍ତୈର୍ବିଶେଷୈଃ ॥ ୧

हस्ते लीलाकमलमलके बालकुन्दानुविद्धं
नीता लोध्रप्रसवरजसा पाण्डुतामानने श्रीः ।
चूडापाशे नवकुरवकं चारु कर्णे शिरीषं
सीमन्ते च त्वदुपगमजं यत्र नीपं वधूनाम् ॥ २

ହସ୍ତେ ଲୀଳାକମଳମଳକେ ବାଳକୁନ୍ଦାନୁବିଦ୍ଧଂ
ନୀତା ଲୋଧ୍ରପ୍ରସବରଜସା ପାଣ୍ଡୁତାମାନନେ ଶ୍ରୀଃ ।
ଚୂଡାପାଶେ ନବକୁରବକଂ ଚାରୁ କର୍ଣ୍ଣେ ଶିରୀଷଂ
ସୀମନ୍ତେ ଚ ତ୍ୱଦୁପଗମଜଂ ଯତ୍ର ନୀପଂ ବଧୂନାମ୍ ॥ ୨

यत्रोन्मत्तभ्रमरमुखराः पादपा नित्यपुष्पाः
हंसश्रेणीरचितरशना नित्यपद्मा नलिन्यः ।
केकोत्कण्ठा भवनशिखिनो नित्यभास्वत्कलापाः
नित्यज्योत्स्नाः प्रतिहततमोवृत्तिरम्याः प्रदोषाः ॥ ३

ଯତ୍ରୋନ୍ମତ୍ତଭ୍ରମରମୁଖରାଃ ପାଦପା ନିତ୍ୟପୁଷ୍ପାଃ
ହଂସଶ୍ରେଣୀରଚିତରଶନା ନିତ୍ୟପଦ୍ମା ନଳିନ୍ୟଃ ।
କେକୋତ୍‌କଣ୍ଠା ଭବନଶିଖିନୋ ନିତ୍ୟଭାସ୍ୱତ୍‌କଳାପାଃ
ନିତ୍ୟଜ୍ୟୋତ୍ସ୍ନାଃ ପ୍ରତିହତତମୋବୃତ୍ତିରମ୍ୟାଃ ପ୍ରଦୋଷାଃ ।୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉତ୍ତରମେଘ

ସେହି ଅଳକାରେ ପ୍ରାସାଦଗୁଡ଼ିକ ବିଭିନ୍ନ ବିଶେଷତ୍ୱଦ୍ୱାରା ନିଜକୁ ତୁମ ସହିତ ତୁଳନା କରିବାକୁ ଉପଯୁକ୍ତ । କାରଣ, ତୁମର ବିଦ୍ୟୁତ୍‌ରୂପିଣୀ ସୁନ୍ଦରୀ ରମଣୀ ଅଛି, ସେଗୁଡ଼ିକରେ ମଧ୍ୟ ସୁନ୍ଦରୀ ରମଣୀମାନେ ଅଛନ୍ତି ; ତୁମର ଇନ୍ଦ୍ରଧନୁ ଅଛି, ସେଗୁଡ଼ିକରେ ମଧ୍ୟ ବିଭିନ୍ନ ରଙ୍ଗର ଚିତ୍ର-ସବୁ ଅଛି; ତୁମର ପ୍ରୀତିକର ଗମ୍ଭୀର ଧ୍ୱନି ଅଛି, ସେଗୁଡ଼ିକରେ ମଧ୍ୟ ସଂଗୀତ ଗାନ ହେଲାବେଳେ ମୃଦଙ୍ଗ ବାଜେ ; ତୁମ ଭିତରେ ଜଳ ଅଛି , (ତେଣୁ ତୁମେ ଚିକ୍‌କଣ) , ସେଗୁଡ଼ିକରେ ଚଟାଣସବୁ ମଣିରେ ନିର୍ମିତ (ତେଣୁ ଚିକ୍‌କଣ); ଆଉ ମଧ୍ୟ ତୁମେ ସମୁଚ୍ଚ, ସେଗୁଡ଼ିକର ଅଗ୍ରଭାଗ ନଭଶ୍ଚୁମ୍ବୀ (ଅଭ୍ରଂଲିହ—ନଭଶ୍ଚୁମ୍ବୀ ; ଅଳଂ—ଉପଯୁକ୍ତ, ସମର୍ଥ) ୧

ସେହି ଅଳକାରେ ବଧୂମାନେ ହାତରେ ଧରିଥାନ୍ତି କ୍ରୀଡ଼ାପଦ୍ମ, କେଶରେ ଘେନିଥାନ୍ତି ସଜଫୁଟା କୁନ୍ଦଫୁଲ, ମୁଖରେ ବୋଳିଥାନ୍ତି ଲୋଧ୍ର ପୁଷ୍ପର ପରାଗ, ଯଦ୍ୱାରା ସେମାନଙ୍କର ମୁଖ ଅଧିକ ଶୁଭ୍ରବର୍ଣ୍ଣ ହୋଇଉଠେ, କେଶପାଶରେ ଖୋଷିଥାନ୍ତି ନୂଆ କୁରବକ ଫୁଲ, କାନରେ ପିନ୍ଧିଥାନ୍ତି ସୁନ୍ଦର ଶିରୀଷ ଫୁଲ ଏବଂ ସୀମନ୍ତରେ (ସୁନ୍ଥାନିରେ) କଦମ୍ବ ଫୁଲ, ଯେଉଁ କଦମ୍ବଫୁଲ କି ତୁମ ଆଗମନରେ ପ୍ରସ୍ଫୁଟିତ ହୋଇଥାଏ । (ପଦ୍ମଫୁଲ ଶରତ ଋତୁର, କୁନ୍ଦଫୁଲ ହେମନ୍ତ ଋତୁର, ଲୋଧ୍ର ଫୁଲ ଶିଶିର ଋତୁର, କୁରବକ ଫୁଲ ବସନ୍ତ ଋତୁର, ଶିରୀଷ ଫୁଲ ଗ୍ରୀଷ୍ମ ଋତୁର ଏବଂ କଦମ୍ବ ଫୁଲ ବର୍ଷା ଋତୁର ଚିହ୍ନ ; ଏହିପରି ଅଳକାରେ ସର୍ବଦା ସବୁ ଋତୁ ବିରାଜିତ ।) ୨

ସେହି ଅଳକାରେ ବୃକ୍ଷମାନେ ସର୍ବଦା ପୁଷ୍ପ ଧାରଣ କରନ୍ତି ଏବଂ ଉନ୍ମତ୍ତ ଭ୍ରମରଗଣଙ୍କ ଗୁଞ୍ଜନରେ ମୁଖରିତ ହେଉଥାନ୍ତି । ପଦ୍ମଲତା-ମାନଙ୍କରେ ସର୍ବଦା ପଦ୍ମଫୁଲ ଫୁଟେ ଏବଂ ହଂସମାଳା ସେଗୁଡ଼ିକର ଚାରି ପାଖରେ ଅଣ୍ଟାସୂତା ତୁଲ୍ୟ ବେଢିଥାନ୍ତି । ଗୃହ-ମୟୂରମାନେ ଗ୍ରୀବା ଟେକି କେଁ କାଁ ରବ କରନ୍ତି, ସେମାନଙ୍କର ପୁଚ୍ଛ ସର୍ବଦା ଉଜ୍ଜ୍ୱଳବର୍ଣ୍ଣ ଦିଶୁଥାଏ । ପ୍ରତି ସନ୍ଧ୍ୟା ସମୟ ଜ୍ୟୋତ୍ସ୍ନାମୟ ହୁଏ ଏବଂ ଅନ୍ଧାର ଅପସରିଯିବା ହେତୁ ତାହା ଉପଭୋଗ୍ୟ ହୁଏ । (ରଶନା—ଅଣ୍ଟାସୂତା ; ନଳିନୀ—ପଦ୍ମଲତା ; ଭାସ୍ୱତ୍—ଉଜ୍ଜ୍ୱଳବର୍ଣ୍ଣ ; ତମୋବୃତ୍ତି—ଅନ୍ଧାର ବ୍ୟାପିବା) ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आनन्दोत्थं नयनसलिलं यत्र नान्यैर्निमित्तै-
र्नान्यस्तापः कुसुमशरजादिष्टसंयोगसाध्यात् ।
नाप्यन्यस्मात् प्रणयकलहाद् विप्रयोगोपपत्ति-
र्वित्तेशानां न च खलु वयो यौवनादन्यदस्ति ॥ ४

ଆନନ୍ଦୋତ୍ଥଂ ନୟନସଲିଳଂ ଯତ୍ର ନାନ୍ୟୈର୍ନିମିତ୍ତୈ-
ର୍ନାନ୍ୟସ୍ତାପଃ କୁସୁମଶରଜାଦିଷ୍ଟସଂଯୋଗସାଧ୍ୟାତ୍ ।
ନାପ୍ୟନ୍ୟସ୍ମାତ୍ ପ୍ରଣୟକଲହାଦ୍ ବିପ୍ରୟୋଗୋପପତ୍ତି-
ର୍ବିତ୍ତେଶାନାଂ ନ ଚ ଖଲୁ ବୟୋ ଯୌବନାଦନ୍ୟଦସ୍ତି ॥ ୪

यस्यां यक्षाः सितमणिमयान्येत्य हर्म्यस्थलानि
ज्योतिश्छायाकुसुमरचितान्युत्तमस्त्रीसहायाः ।
आसेवन्ते मधु रतिफलं कल्पवृक्षप्रसूतं
त्वद्गम्भीरध्वनिषु शनकैः पुष्करेष्वाहतेषु ॥ ५

ଯସ୍ୟାଂ ଯକ୍ଷାଃ ସିତମଣିମୟାନ୍ୟେତ୍ୟ ହର୍ମ୍ୟସ୍ଥଳାନି
ଜ୍ୟୋତିଶ୍ଛାୟାକୁସୁମରଚିତାନ୍ୟୁତ୍ତମସ୍ତ୍ରୀସହାୟାଃ ।
ଆସେବନ୍ତେ ମଧୁ ରତିଫଳଂ କଳ୍ପବୃକ୍ଷପ୍ରସୂତଂ
ତ୍ୱଦ୍ଗମ୍ଭୀରଧ୍ୱନିଷୁ ଶନକୈଃ ପୁଷ୍କରେଷ୍ୱାହତେଷୁ ॥ ୫

मन्दाकिन्याः सलिलशिशिरैः सेव्यमाना मरुद्भि-
र्मन्दाराणामनुतटरुहां छायया वारितोष्णाः ।
अन्वेष्टव्यैः कनकसिकतामुष्टिनिक्षेपगूढैः
संक्रीडन्ते मणिभिरमरप्रार्थिता यत्र कन्याः ॥ ६

ମନ୍ଦାକିନ୍ୟାଃ ସଲିଳଶିଶିରୈଃ ସେବ୍ୟମାନା ମରୁଦ୍ଭି-
ର୍ମନ୍ଦାରଣାମନୁତଟରୁହାଂ ଛାୟୟା ବାରିତୋଷ୍ଣାଃ ।
ଅନ୍ୱେଷ୍ଟବ୍ୟୈଃ କନକସିକତାମୁଷ୍ଟିନିକ୍ଷେପଗୂଢୈଃ
ସଂକ୍ରୀଡନ୍ତେ ମଣିଭିରମରପ୍ରାର୍ଥିତା ଯତ୍ର କନ୍ୟାଃ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ଅଳକାରେ ଯକ୍ଷମାନଙ୍କର ଅଶ୍ରୁଜଳ ଜାତ ହୁଏ କେବଳ ଆନନ୍ଦରୁ, ଅନ୍ୟ କୌଣସି କାରଣରୁ ନୁହେଁ । ସେଠାରେ କେବଳ କନ୍ଦର୍ପ ଶର-ଜନିତ ପୀଡା ଅଛି, ଅନ୍ୟ କୌଣସି ପୀଡ଼ା ନାହିଁ, ସେ ପୀଡ଼ା ପୁଣି ପ୍ରିୟଜନ ସହିତ ମିଳନ ଘଟିଲେ ଦୂର ହୋଇଯାଏ । ଆଉ ମଧ୍ୟ, ସେଠାରେ ପ୍ରଣୟ-କଳହ ବ୍ୟତୀତ ଅନ୍ୟ କୌଣସି କାରଣରୁ ବିଚ୍ଛେଦ ଘଟେନାହିଁ ଏବଂ ଯୌବନ ବୟସ ବ୍ୟତୀତ ଅନ୍ୟ କୌଣସି ବୟସ ନାହିଁ । (ନିମିତ୍ତ–କାରଣ ; ଇଷ୍ଟସଂଯୋଗ–ପ୍ରିୟଜନ ସହିତ ମିଳନ ; ସାଧ୍ୟ–ଉପଶମଯୋଗ୍ୟ ; ବିପ୍ରଯୋଗ-ଉପପତ୍ତି–ବିଚ୍ଛେଦପ୍ରାପ୍ତି ; ବିତ୍ତେଶ–ଯକ୍ଷ ; ବୟଃ–ବୟସ) ୪

ସେହି ଅଳକାରେ ଅଟ୍ଟାଳିକା ଗୁଡିକର ଧବଳମଣିମୟ ଚଟାଣରେ ନକ୍ଷତ୍ରମାନଙ୍କର ପ୍ରତିବିମ୍ବ ପ୍ରତିଫଳିତ ହୁଏ । ତେଣୁ ସେଗୁଡ଼ିକ ପୁଷ୍ପରେ ସଜ୍ଜିତ ହେଲାଭଳି ଦିଶେ । ଯକ୍ଷମାନେ ଦିବ୍ୟ ସୁନ୍ଦରୀ ରମଣୀମାନଙ୍କ ସହିତ ସେହି ସ୍ଥାନକୁ ଯାଆନ୍ତି । ଯେତେବେଳେ ଢକ୍କାବାଦ୍ୟଗୁଡ଼ିକ ଧୀରେଧୀରେ ବାଜେ ଏବଂ ତୁମରି ଧ୍ୱନି ଭଳି ଗମ୍ଭୀରଧ୍ୱନି ପ୍ରସାରିତ କରେ, ସେତେବେଳେ ଯକ୍ଷମାନେ କଳ୍ପବୃକ୍ଷଜାତ 'ରତିଫଳ' ନାମକ ମଦ୍ୟ ସେବନ କରନ୍ତି । (ସିତ–ଧବଳ ; ଜ୍ୟୋତିଷ୍ଛାୟା–ନକ୍ଷତ୍ରମାନଙ୍କର ପ୍ରତିବିମ୍ବ , ଶନକୈଃ–ଧୀରେଧୀରେ ; ପୁଷ୍କର -ଢକ୍କା ବାଦ୍ୟ) ୫

ସେଠାକାର କନ୍ୟାମାନେ ଦେବତାମାନଙ୍କର ମଧ୍ୟ ବାଞ୍ଛିତା ଅଟନ୍ତି । ସେମାନେ ହାତ ମୁଠା ଭିତରେ ମଣି ରଖି ମୁଠାକୁ ସ୍ୱର୍ଗଗଙ୍ଗାର ସୁବର୍ଣ୍ଣ ବାଲୁକା ଭିତରେ ପୂରାଇ ମଣିକୁ ଲୁଚାଇଦିଅନ୍ତି ଏବଂ ତା'ପରେ ତାହାକୁ ଖୋଜି ବାହାର କରନ୍ତି । ଏହିପରି ସେମାନେ ମଣି ଘେନି ପରସ୍ପର ସହିତ କ୍ରୀଡା କରନ୍ତି । ସ୍ୱର୍ଗଗଙ୍ଗାର ଶୀତଳ ପବନ ସେମାନଙ୍କର ସେବା କରୁଥାଏ ଏବଂ ତଟବର୍ତ୍ତୀ ମନ୍ଦାରଗଛଗୁଡ଼ିକ ସେମାନଙ୍କର ଗ୍ରୀଷ୍ମତାପ ନିବାରଣ କରୁଥାଏ । (ମନ୍ଦାକିନୀ–ସ୍ୱର୍ଗଗଙ୍ଗା ; ଶିଶିର–ଶୀତଳ ; ତଟରୁହ–ତଟରେ ଉତ୍ପନ୍ନ ; ଉଷ୍ଣ–ଆତପ, ଖରା ; କନକସିକତା–ସୁବର୍ଣ୍ଣ ବାଲୁକା ; ଗୂଢ଼–ଲୁକ୍କାୟିତ) ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नीवीबन्धोच्छ्‌वसितशिथिलं यत्र बिम्बाधराणाम्
क्षौमं रागादनिभृतकरेष्वाक्षिपत्सु प्रियेषु ।
अर्चिस्तुङ्गानभिमुखमपि प्राप्य रत्नप्रदीपान्
ह्रीमूढानां भवति विफलप्रेरणा चूर्णमुष्टिः ॥ ७

ନୀବୀବନ୍ଧୋଚ୍ଛ୍ୱସିତଶିଥିଳଂ ଯତ୍ର ବିମ୍ବାଧରାଣାଂ
କ୍ଷୌମଂ ରାଗାଦନିଭୃତକରେଷ୍ୱାକ୍ଷିପତ୍ସୁ ପ୍ରିୟେଷୁ ।
ଅର୍ଚିସ୍ତୁଙ୍ଗାନଭିମୁଖମପି ପ୍ରାପ୍ୟ ରତ୍ନପ୍ରଦୀପାନ୍
ହ୍ରୀମୂଢାନାଂ ଭବତି ବିଫଳପ୍ରେରଣା ଚୂର୍ଣ୍ଣମୁଷ୍ଟିଃ ॥ ୭

नेत्रा नीताः सततगतिना यद्विमानाग्रभूमी-
रालेख्यानां नवजलकणैर्दोषमुत्पाद्य सद्यः ।
शङ्कास्पृष्टा इव जलमुचस्त्वादृशा जालमार्गै
र्धूमोद्‌गारानुकृतिनिपुणा जर्जरा निष्पतन्ति ॥ ८

ନେତ୍ରା ନୀତାଃ ସତତଗତିନା ଯଦ୍‌ବିମାନାଗ୍ରଭୂମୀ-
ରାଲେଖ୍ୟାନାଂ ନବଜଳକଣୈର୍ଦୋଷମୁତ୍‌ପାଦ୍ୟ ସଦ୍ୟଃ ।
ଶଙ୍କାସ୍ପୃଷ୍ଟା ଇବ ଜଳମୁଚସ୍ତ୍ୱାଦୃଶା ଜାଲମାର୍ଗୈ-
ର୍ଧୂମୋଦ୍‌ଗାରାନୁକୃତିନିପୁଣା ଜର୍ଜରା ନିଷ୍ପତନ୍ତି ॥ ୮

यत्र स्त्रीणां प्रियतमभुजालिङ्गनोच्छ्‌वासिताना-
मङ्गग्लानिं सुरतजनितां तन्तुजालावलम्बाः ।
त्वत्संरोधापगमविशदैश्चन्द्रपादैर्निशीथे
व्यालुम्पन्ति स्फुटजललवस्यन्दिनश्चन्द्रकान्ताः ॥ ९

ଯତ୍ର ସ୍ତ୍ରୀଣାଂ ପ୍ରିୟତମଭୁଜାଲିଙ୍ଗନୋଚ୍ଛ୍ୱାସିତାନା-
ମଙ୍ଗଗ୍ଲାନିଂ ସୁରତଜନିତାଂ ତନ୍ତୁଜାଲାବଲମ୍ବାଃ ।
ତ୍ୱତ୍‌ସଂରୋଧାପଗମବିଶଦୈଶ୍ଚନ୍ଦ୍ରପାଦୈର୍ନିଶୀଥେ
ବ୍ୟାଲୁମ୍ପନ୍ତି ସ୍ଫୁଟଜଳଲବସ୍ୟନ୍ଦିନଶ୍ଚନ୍ଦ୍ରକାନ୍ତାଃ ॥ ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ ପ୍ରିୟମାନେ ଯେତେବେଳେ ଶୃଙ୍ଗାରଇଚ୍ଛାରେ ପ୍ରିୟାମାନଙ୍କର ଖୋଷଣି ଗଣ୍ଠି ଫିଟାଇ ଚଞ୍ଚଳହସ୍ତରେ ସେମାନଙ୍କର ପଟ୍ଟବସ୍ତ୍ରକୁ ଟାଣିନିଅନ୍ତି, ସେତେବେଳେ ସେହି ବିଦ୍ୟାଧରୀମାନେ ଲଜ୍ଜାରେ ଇତସ୍ତତଃ ହୋଇ ଉର୍ଦ୍ଧ୍ୱ ଜ୍ୟୋତିଃଶିଖା ଟେକିଥିବା ମଣିରୂପକ ପ୍ରଦୀପଗୁଡ଼ିକ ଆଡକୁ କୁଙ୍କୁମାଦି ଚୂର୍ଣ୍ଣ ମୁଠାମୁଠା ଫିଙ୍ଗନ୍ତି । କିନ୍ତୁ ସେମାନଙ୍କର ଏଭଳି ପ୍ରଚେଷ୍ଟା ବ୍ୟର୍ଥ ହୁଏ ; ସେମାନେ ଲଜ୍ଜାରେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଆନ୍ତି । (ନୀବୀବନ୍ଧ-ଖୋଷଣିଗଣ୍ଠି, ଉଚ୍ଛ୍ୱସିତ-ଫିଟାହେବା; କ୍ଷୌମ-ପାଟଲୁଗା, ରାଗ-ପ୍ରୀତି, ଶୃଙ୍ଗାର; ଅନିଭୃତ କର-ଚପଳ ହସ୍ତ; ଅର୍ଚ୍ଚିସ୍ତୁଙ୍ଗ-ଉର୍ଦ୍ଧ୍ୱକୁ ଜ୍ୟୋତିଃ ଶିଖା ଟେକିଥିବା, ହ୍ରୀ-ଲଜ୍ଜା) । ୭

ସେଠାରେ ବାୟୁ ସାତମହଲା ଘରଗୁଡ଼ିକର ସର୍ବୋଚ୍ଚ ମହଲକୁ ତୁମ ଭଳି ମେଘମାନଙ୍କୁ ଘେନିଯାଏ । ମେଘମାନେ ଘରେ ଥିବା ଚିତ୍ରଗୁଡ଼ିକୁ ଜଳକଣାରେ ଆର୍ଦ୍ର କରିଦେଇ, ସେଗୁଡ଼ିକର କ୍ଷତି ଘଟାଇବା ଫଳରେ ସତେ ଯେପରି ସହସା ଶଙ୍କିତ ହୋଇ ଉଠନ୍ତି । ସେମାନେ ତ ଧୂଆଁ ପରି ଖସି ପଳାଇବାରେ ପ୍ରବୀଣ ; ତେଣୁ ଛିନ୍ନଛତ୍ର ହୋଇ ଝରକା ବାଟେ ଖସି ପଳାନ୍ତି । (ନେତୃ-ନେବା ବ୍ୟକ୍ତି, ସତତଗତି-ବାୟୁ, ବିମାନ-ସାତମହଲା-ବିଶିଷ୍ଟ ଅଟ୍ଟାଳିକା; ଅଗ୍ରଭୂମି-ଉପରମହଲା, ଆଲେଖ୍ୟ-ଚିତ୍ର, ଜଳମୁଚ୍-ମେଘ, ଜାଲମାର୍ଗ-ଝରକାବାଟ; ଧୂମୋଦ୍‌ଗାର-ଧୂଆଁର ବହିର୍ଗମନ, ଅନୁକୃତି-ଅନୁକରଣ, ଜର୍ଜ୍ଜର-ଛିନ୍‌ଛତ୍ର) ୮

ସେହି ଅଳକାରେ ଗଭୀର ରାତ୍ରିରେ ଯେତେବେଳେ ଚନ୍ଦ୍ର ଉପରୁ ତୁମର ଆବରଣ ଅପସରିଯାଏ ଏବଂ ତାର କିରଣ ଅତ୍ୟନ୍ତ ସ୍ୱଚ୍ଛ ହୋଇଯାଏ, ସେତେବେଳେ ସୂତାଜାଲରେ ଝୁଲୁଥିବା ଚନ୍ଦ୍ରକାନ୍ତମଣି ଗୁଡ଼ିକ ବଡ ବଡ ଜଳଟୋପା ଝରନ୍ତି ଏବଂ ପ୍ରିୟତମମାନଙ୍କର ଶିଥିଳୀକୃତ ବାହୁବନ୍ଧନରୁ ବାହାର ହେଉଥିବା ରମଣୀମାନଙ୍କର ରତିକ୍ଳାନ୍ତି ଦୂର କରନ୍ତି । (ଉଚ୍ଛ୍ୱସିତ-ଶିଥିଳୀକୃତ, ସୁରତ-ରତିକ୍ରୀଡ଼ା, ଶୃଙ୍ଗାର ; ତନ୍ତୁ-ସୂତା, ସଂରୋଧ ଆବରଣ, ଅପଗମ-ଅପସରିଯିବା, ବିଶଦ-ସ୍ୱଚ୍ଛ, ପାଦ-କିରଣ, ଜଳଲବସ୍ୟନ୍ଦୀ-ଜଳବିନ୍ଦୁ ଝରଉଥିବା) । ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अक्षय्यान्तर्भवननिधयः प्रत्यहं रक्तकण्ठै
रुद्गायद्भिर्धनपतियशः किन्नरैर्यत्र सार्धम् ।
वैभ्राजाख्यं विबुधवनितावारमुख्यासहाया
बद्धालापा वहिरुपवनं कामिनो निर्विशन्ति ।। १०

ଅକ୍ଷୟ୍ୟାନ୍ତର୍ଭବନନିଧୟଃ ପ୍ରତ୍ୟହଂ ରକ୍ତକଣ୍ଠୈ-
ରୁଦ୍‌ଗାୟଦ୍‌ଭିର୍ଧନପତିଯଶଃ କିନ୍ନରୈର୍ଯତ୍ର ସାର୍ଧମ୍ ।
ବୈଭ୍ରାଜାଖ୍ୟଂ ବିବୁଧବନିତାବାରମୁଖ୍ୟାସହାୟା
ବଦ୍ଧାଳାପା ବହିରୁପବନଂ କାମିନୋ ନିର୍ବିଶନ୍ତି ।। ୧୦

गत्युत्कम्पादलकपतितैर्यत्र मन्दारपुष्पैः
पत्रच्छेदैः कनककमलैः कर्णविभ्रंशिभिश्च ।
मुक्ताजालैः स्तनपरिसरच्छिन्नसूत्रैश्च हारै
र्नैशो मार्गः सवितुरुदये सूच्यते कामिनीनाम् ।। ११

ଗତ୍ୟୁତ୍‌କମ୍ପାଦଳକପତିତୈର୍ଯତ୍ର ମନ୍ଦାରପୁଷ୍ପୈଃ
ପତ୍ରଚ୍ଛେଦୈଃ କନକକମଳୈଃ କର୍ଣ୍ଣବିଭ୍ରଂଶିଭିଶ୍ଚ ।
ମୁକ୍ତାଜାଳୈଃ ସ୍ତନପରିସରଚ୍ଛିନ୍ନସୂତ୍ରୈଶ୍ଚ ହାରୈ-
ର୍ନୈଶୋ ମାର୍ଗଃ ସବିତୁରୁଦୟେ ସୂଚ୍ୟତେ କାମିନୀନାମ୍ ।। ୧୧

वासश्चित्रं मधु नयनयोर्विभ्रमादेशदक्षं
पुष्पोद्भेदं सह किसलयैर्भूषणानां विकल्पान् ।
लाक्षारागं चरणकमलन्यासयोग्यं च यस्या
मेकः सूते सकलमबलामण्डनं कल्पवृक्षः ।। १२

ବାସଶ୍ଚିତ୍ରଂ ମଧୁ ନୟନୟୋର୍ବିଭ୍ରମାଦେଶଦକ୍ଷଂ
ପୁଷ୍ପୋଦ୍‌ଭେଦଂ ସହ କିସଲୟୈର୍ଭୂଷଣାନାଂ ବିକଳ୍ପାନ୍ ।
ଲକ୍ଷାରାଗଂ ଚରଣକମଳନ୍ୟାସଯୋଗ୍ୟଂ ଚ ଯସ୍ୟା-
ମେକଃ ସୂତେ ସକଳମବଳାମଣ୍ଡନଂ କଳ୍ପବୃକ୍ଷଃ ।। ୧୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ ଯକ୍ଷମାନଙ୍କ ଘର ଭିତରେ ଅସରନ୍ତି ଧନରତ୍ନର ଭଣ୍ଡାର ରହିଛି । ଯକ୍ଷମାନେ ପ୍ରତିଦିନ ଦେବଗଣିକାମାନଙ୍କୁ ସଙ୍ଗରେ ଘେନି ପରସ୍ପର ସହିତ ଆଳାପ କରି, ଲଳିତ କଣ୍ଠରେ କୁବେରଙ୍କର ଯଶ ଗାନ କରୁଥିବା କିନ୍ନରମାନଙ୍କର ସାଥୀ ହୋଇ ଆମୋଦପ୍ରମୋଦ ଉଦ୍ଦେଶ୍ୟରେ ବୈଭ୍ରାଜ ନାମକ ବାହାର ଉପବନକୁ ଯାଆନ୍ତି । (ଅନ୍ତର୍ଭବନ-ଘର ଭିତରେ ଥିବା, ନିଧି—ଧନରତ୍ନର ଭଣ୍ଡାର, ରକ୍ତକଣ୍ଠ-ଲଳିତ କଣ୍ଠ, ବିବୁଧବନିତା-ବାରମୁଖ୍ୟା-ଦେବାଙ୍ଗନାମାନଙ୍କ ମଧ୍ୟରେ ବାରାଙ୍ଗନା, ଦେବଗଣିକା) ୧୦

ସେଠାରେ କାମିନୀମାନେ ରାତିରେ ଅଭିସାର କରି ଗଲାବେଳେ ସେମାନଙ୍କର ଦ୍ରୁତଗତିଜନିତ କମ୍ପନ ହେତୁ ସେମାନଙ୍କ କେଶରୁ ଯେଉଁ ମନ୍ଦାର ଫୁଲଗୁଡ଼ିକ ଖସିପଡ଼ିଥାଏ, କାନରୁ ଯେଉଁ ସ୍ୱର୍ଣ୍ଣ ପଦ୍ମଗୁଡ଼ିକ ଖସି ପଡି ଖଣ୍ଡଖଣ୍ଡ ପାଖୁଡା ହୋଇ ପଡ଼ିଥାଏ ଏବଂ ପୃଥୁଳ ସ୍ତନ ଉପରେ ମୁକ୍ତାହାରର ସୂତା ଛିଣ୍ଡିଯିବା ଫଳରେ ଯେଉଁ ମୁକ୍ତାଗୁଡ଼ିକ ଖସିପଡିଥାଏ, ସୂର୍ଯ୍ୟ ଉଦୟ ହେଲେ ସେଗୁଡ଼ିକ ଦ୍ୱାରା ସେମାନଙ୍କର ରାତ୍ରିକାଳୀନ ପଥ ସୂଚିତ ହୁଏ । (ପତ୍ରଚ୍ଛେଦ-ପାଖୁଡାଖଣ୍ଡ, କର୍ଣ୍ଣବିଭ୍ରଂଶି-କାନରୁ ଖସିପଡିଥିବା ; ମୁକ୍ତାଜାଲ—ମୁକ୍ତାବଳୀ, ନୈଶ—ରାତ୍ରିକାଳୀନ) ୧୧

ସେହି ଅଳକାରେ ରମଣୀମାନଙ୍କର ସକଳ ପ୍ରକାର ପ୍ରସାଧନସାମଗ୍ରୀ ଯଥା—ବିଭିନ୍ନ ବର୍ଣ୍ଣର ବସ୍ତ୍ର, ଚକ୍ଷୁକୁ ସୁନ୍ଦର ଭାବଭଙ୍ଗୀ ଶିଖାଏ ଯେଉଁ ମଦ୍ୟ, ନବପଲ୍ଲବ ସହିତ ବିକଶିତ ପୁଷ୍ପ, ବିଭିନ୍ନ ପ୍ରକାର ଭୂଷଣ ଏବଂ ପାଦପଦ୍ମରେ ଲଗା ହେବାର ଉପଯୁକ୍ତ ଅଲତାରଙ୍ଗ—ଏ ସମସ୍ତ ଏକମାତ୍ର କଳ୍ପବୃକ୍ଷ ଉତ୍ପନ୍ନ କରେ । (ଚିତ୍ର—ବିଭିନ୍ନ ବର୍ଣ୍ଣର, ବିଭ୍ରମ ଆଦେଶ-ବିଭିନ୍ନ ପ୍ରକାର ଭାବଭଙ୍ଗୀ ଶିଖାଇବା , ପୁଷ୍ପୋଦ୍‌ଭେଦ—ପୁଷ୍ପବିକାଶ , ବିକଳ୍ପ-ଅନେକ ପ୍ରକାର, ଲକ୍ଷା-ଅଲତା) ୧୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पत्रश्यामा दिनकरहयस्पर्धिनो यत्र बाहाः
शैलोद्ग्रास्त्वमिव करिणो वृष्टिमन्तः प्रभेदात् ।
योधाग्रण्यः प्रतिदशमुखं संयुगे तस्थिवांसः
प्रत्यादिष्टाभरणरुचय श्चन्द्रहासव्रणाङ्कैः ॥ १३

ପତ୍ରଶ୍ୟାମା ଦିନକରହୟସ୍ପର୍ଦ୍ଧିନୋ ଯତ୍ର ବାହାଃ
ଶୈଳୋଦଗ୍ରାସ୍ତ୍ୱମିବ କରିଣୋ ବୃଷ୍ଟିମନ୍ତଃ ପ୍ରଭେଦାତ୍ ।
ଯୋଧାଗ୍ରଣ୍ୟଃ ପ୍ରତିଦଶମୁଖଂ ସଂଯୁଗେ ତସ୍ଥିବାଂସଃ
ପ୍ରତ୍ୟାଦିଷ୍ଟାଭରଣରୁଚୟଶ୍ଚନ୍ଦ୍ରହାସବ୍ରଣାଙ୍କୈଃ ॥ ୧୩

मत्वा देवं धनपतिसखं यत्र साक्षाद् वसन्तं
प्रायश्चापं न वहति भयान्मन्मथः षट्पदज्यम् ।
सभ्रूभङ्गप्रहितनयनैः कामिलक्ष्येष्वमोघै
स्तस्यारम्भश्चतुरवनिताविभ्रमैरेव सिद्धः ॥ १४

ମତ୍ୱା ଦେବଂ ଧନପତିସଖଂ ଯତ୍ର ସାକ୍ଷାଦ୍ ବସନ୍ତଂ
ପ୍ରାୟଶ୍ଚାପଂ ନ ବହତି ଭୟାନ୍ମନ୍ମଥଃ ଷଟ୍ପଦଜ୍ୟମ୍ ।
ସଭ୍ରୂଭଙ୍ଗପ୍ରହିତନୟନୈଃ କାମିଲକ୍ଷ୍ୟେଷ୍ୱମୋଘୈ-
ସ୍ତସ୍ୟାରମ୍ଭଶ୍ଚତୁରବନିତାବିଭ୍ରମୈରେବ ସିଦ୍ଧଃ ॥ ୧୪

तत्रागारं धनपतिगृहानुत्तरेणास्मदीयं
दूराल्लक्ष्यं सुरपतिधनुश्चारुणा तोरणेन ।
तस्योपान्ते कृतककतनयः कान्तया वर्धितो मे
हस्तप्राप्यस्तवकनमितो बालमन्दारवृक्षः ॥ १५

ତତ୍ରାଗାରଂ ଧନପତିଗୃହାନୁତ୍ତରେଣାସ୍ମଦୀୟଂ
ଦୂରାଲ୍ଲକ୍ଷ୍ୟଂ ସୁରପତିଧନୁଶ୍ଚାରୁଣା ତୋରଣେନ ।
ତସ୍ୟୋପାନ୍ତେ କୃତକତନୟଃ କାନ୍ତୟା ବର୍ଦ୍ଧିତୋ ମେ
ହସ୍ତପ୍ରାପ୍ୟସ୍ତବକନମିତୋ ବାଳମନ୍ଦାରବୃକ୍ଷଃ ॥ ୧୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ ଅଶ୍ୱମାନେ ପତ୍ର ପରି ଶ୍ୟାମଳବର୍ଣ୍ଣ ; ସେମାନେ ସୂର୍ଯ୍ୟଙ୍କ ଅଶ୍ୱମାନଙ୍କ ସହିତ ମଧ୍ୟ ସ୍ପର୍ଦ୍ଧା କରନ୍ତି । ହାତୀମାନେ ପର୍ବତ ପରି ଉଚ୍ଚ ; ସେମାନେ ମଦଜଳସ୍ରାବୀ ହୋଇଥିବାରୁ ତୁମ ପରି ବୃଷ୍ଟିଶାଳୀ ଅଟନ୍ତି । ଯୋଦ୍ଧାମାନେ ଯୁଦ୍ଧରେ ଅଗ୍ରଣୀ ; ସେମାନେ ଯୁଦ୍ଧରେ ରାବଣ ବିରୁଦ୍ଧରେ ମଧ୍ୟ ଠିଆ ହୋଇଥିଲେ । ରାବଣର ଚନ୍ଦ୍ରହାସ (ଖଣ୍ଡା) କୃତ କ୍ଷତଚିହ୍ନ ଗୁଡ଼ିକୁ ସେମାନେ ଦେହରେ ଆଭରଣ ସ୍ୱରୂପ ଧାରଣ କରିଛନ୍ତି, ତେଣୁ ଆଉ ଆଭରଣ ପିନ୍ଧିବାର ସ୍ପୃହା ସେମାନଙ୍କର ନାହିଁ । (**ହୟ**–ଅଶ୍ୱ ; ବାହ–ଅଶ୍ୱ ; ଉଦଗ୍ର–ଉଚ୍ଚ ; ପ୍ରଭେଦ–ହସ୍ତୀ ଦେହର ମଦଜଳ ସ୍ରାବ ; ସଂଯୁଗ–ଯୁଦ୍ଧ ; ପ୍ରତ୍ୟାଦିଷ୍ଟ– ପ୍ରତ୍ୟାଖ୍ୟାତ ; ଚନ୍ଦ୍ରହାସ–ଖଣ୍ଡା ; ବ୍ରଣ–କ୍ଷତ) ୧୩

ସେହି ଅଳକାରେ କୁବେରଙ୍କର ବନ୍ଧୁ ଶିବ ସ୍ୱୟଂ ବାସ କରନ୍ତି । ତେଣୁ କନ୍ଦର୍ପ ଭୟରେ ଭ୍ରମରଶ୍ରେଣୀ ରୂପକ ଗୁଣ ଲାଗିଥିବା ନିଜର ଧନୁକୁ ପ୍ରାୟ ଧାରଣ କରେ ନାହିଁ । ତା'ର କାର୍ଯ୍ୟ ସିଦ୍ଧ ହୁଏ ଚତୁରୀ ରମଣୀମାନଙ୍କର ଭ୍ରୂଲତାଭଙ୍ଗୀଯୁକ୍ତ ଚାହାଣି ଓ ଅନ୍ୟାନ୍ୟ ହାବଭାବ ଦ୍ୱାରା, ଯାହାକି ପ୍ରେମିକଲକ୍ଷ୍ୟମାନଙ୍କୁ ଭେଦ କରିବାରେ କଦାପି ବ୍ୟର୍ଥ ହୁଏନାହିଁ । (ଷଟ୍‌ପଦଜ୍ୟ–ଷଟ୍‌ପଦ/ଭ୍ରମରଗଣ ଜ୍ୟା/ଗୁଣ ଯହିଁରେ ; ପ୍ରହିତ–ପ୍ରେରିତ ; ଅମୋଘ–ଅବ୍ୟର୍ଥ ; ଆରମ୍ଭ–କାର୍ଯ୍ୟ , ଚେଷ୍ଟା ; ବିଭ୍ରମ–ପ୍ରେମପୂର୍ଣ୍ଣ ଭାବଭଙ୍ଗୀ) ୧୪

ସେହି ଅଳକାରେ କୁବେରଙ୍କ ଗୃହର ଉତ୍ତର ପାର୍ଶ୍ୱରେ ମୋର ଘର, ଯାହାକି ଇନ୍ଦ୍ରଧନୁ ତୁଲ୍ୟ ସୁନ୍ଦର ତୋରଣ ଯୋଗୁ ଦୂରରୁ ଲକ୍ଷ୍ୟ କରିହେବ । ସେହି ଘରର ନିକଟରେ ଗୋଟିଏ ଛୋଟ ମନ୍ଦାର ଗଛ, ଯାହାକୁ କି ମୋର ପ୍ରିୟା ପୁଅ ପରି ବଢାଇଛି ! ଗଛଟି ହାତ ପାଇଲାଭଳି ଫୁଲପେଣ୍ଡାମାନଙ୍କରେ ନଇଁ ପଡ଼ିଥିବ । (ଆଗାର–ଗୃହ ; ସୁରପତିଧନୁ–ଇନ୍ଦ୍ରଧନୁ ; ଉପାନ୍ତ–ନିକଟ ; କୃତକ ତନୟ–ପାଳିତ ପୁତ୍ର ; ସ୍ତବକ–ଫୁଲପେଣ୍ଡା , ବାଳ–ଶିଶୁ , କ୍ଷୁଦ୍ର ; କାନ୍ତା–ପତ୍ନୀ) ୧୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वापी चास्मिन् मरकतशिलाबद्धसोपानमार्गा
हैमैश्छन्ना विकचकमलैः स्निग्धवैदूर्यनालैः ।
यस्यास्तोये कृतवसतयो मानसं सन्निकृष्टं
नाध्यास्यन्ति व्यपगतशुचस्त्वामपि प्रेक्ष्य हंसाः ॥ १६

ବାପୀ ଚାସ୍ମିନ୍ ମରକତଶିଳାବଦ୍ଧସୋପାନମାର୍ଗା
ହୈମୈଶ୍ଛନ୍ନା ବିକଚକମଳୈଃ ସ୍ନିଗ୍ଧବୈଦୂର୍ଯ୍ୟନାଳୈଃ ।
ଯସ୍ୟାସ୍ତୋୟେ କୃତବସତୟୋ ମାନସଂ ସନ୍ନିକୃଷ୍ଟଂ
ନାଧ୍ୟାସ୍ୟନ୍ତି ବ୍ୟପଗତଶୁଚସ୍ତ୍ୱାମପି ପ୍ରେକ୍ଷ୍ୟ ହଂସାଃ ॥ ୧୬

तस्यास्तीरे रचितशिखरः पेशलैरिन्द्रनीलैः
क्रीडाशैलः कनककदलीवेष्टनप्रेक्षणीयः ।
मद्गेहिन्याः प्रिय इति सखे चेतसा कातरेण
प्रेक्ष्योपान्तस्फुरिततड़ितं त्वां तमेव स्मरामि ॥ १७

ତସ୍ୟାସ୍ତୀରେ ରଚିତଶିଖରଃ ପେଶଳୈରିନ୍ଦ୍ରନୀଳୈଃ
କ୍ରୀଡାଶୈଳଃ କନକକଦଳୀବେଷ୍ଟନପ୍ରେକ୍ଷଣୀୟଃ ।
ମଦ୍‌ଗେହିନ୍ୟାଃ ପ୍ରିୟ ଇତି ସଖେ ଚେତସା କାତରେଣ
ପ୍ରେକ୍ଷ୍ୟୋପାନ୍ତସ୍ଫୁରିତତଡ଼ିତଂ ତ୍ୱାଂ ତମେବ ସ୍ମରାମି ॥ ୧୭

रक्ताशोकश्चलकिसलयः केसरश्चात्र कान्तः
प्रत्यासन्नौ कुरवकवृतेर्माधवीमण्डपस्य ।
एकः सख्यास्तव सह मया वामपादाभिलाषी
काङ्क्षत्यन्यो वदनमदिरां दोहदच्छद्मनाऽस्याः ॥ १८

ରକ୍ତାଶୋକଶ୍ଚଳକିସଳୟଃ କେସରଶ୍ଚାତ୍ର କାନ୍ତଃ
ପ୍ରତ୍ୟାସନ୍ନୌ କୁରବକବୃତେର୍ମାଧବୀମଣ୍ଡପସ୍ୟ ।
ଏକଃ ସଖ୍ୟାସ୍ତବ ସହ ମୟା ବାମପାଦାଭିଳାଷୀ
କାଙ୍‌କ୍ଷତ୍ୟନ୍ୟୋ ବଦନମଦିରାଂ ଦୋହଦଚ୍ଛଦ୍ମନାଽସ୍ୟାଃ ॥ ୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଉ ମଧ୍ୟ, ମୋ ଘରର ହତା ମଧ୍ୟରେ ଗୋଟଏ ବାମ୍ପୀ ଅଛି, ଯହିଁରେ କି ପାହାଚସବୁ ମରକତ ଶିଳାରେ ନିର୍ମିତ । ସୁନ୍ଦର ବୈଦୂର୍ଯ୍ୟ ନାଡ଼-ବିଶିଷ୍ଟ, ସୁବର୍ଣ୍ଣମୟ, ବିକଶିତ ପଦ୍ମଫୁଲରେ ବାମ୍ପୀଟି ପରିପୂର୍ଣ୍ଣ । ସେଥିରେ ଯେଉଁ ହଂସମାନେ ବାସ କରନ୍ତି, ସେମାନଙ୍କର କୌଣସି ଦୁଃଖ ନଥାଏ, ତେଣୁ ସେମାନେ ତୁମକୁ ଦେଖିଲେ ମଧ୍ୟ (ବର୍ଷା କାଳରେ ମଧ୍ୟ) ମାନସ ସରୋବରକୁ ଯିବାପାଇଁ ଉତ୍କଣ୍ଠିତ ହୁଅନ୍ତି ନାହିଁ, ଯଦିଓ ମାନସ-ସରୋବର ମୋ ଘରର ନିକଟ ବର୍ତ୍ତୀ । (ବାପୀ—ବାମ୍ପୀ ; ସୋପାନମାର୍ଗ—ପାହାଚବାଟ ; ହୈମ—ସୁବର୍ଣ୍ଣମୟ ; ଶୁଚ୍—ଶୋକ, ଦୁଃଖ) ୧୬

ସେହି ବାମ୍ପୀର ତୀରରେ ଗୋଟିଏ କ୍ରୀଡ଼ାପର୍ବତ, ଯାହାର ଶୃଙ୍ଗ ସୁନ୍ଦର ଇନ୍ଦ୍ରନୀଳ ପ୍ରସ୍ତରରେ ନିର୍ମିତ । ଚାରିପାଖରେ ସୁନାର କଦଳୀଗଛ ଗୁଡ଼ିଏ ତାହାକୁ ବେଷ୍ଟନ କରି ରହିଛି, ତେଣୁ ତାହା ଅତ୍ୟନ୍ତ ଦର୍ଶନୀୟ ହୋଇଛି । ବର୍ତ୍ତମାନ ତୁମ ଚାରିପାଖରେ ବିଜୁଳି ସ୍ଫୁରିତ ହେଉଛି । ତୁମକୁ ଦେଖି ସେହି କ୍ରୀଡ଼ା ପର୍ବତଟି ମୋର ମନେ ପଡ଼ି ଯାଉଛି ଏବଂ ମନ ବ୍ୟାକୁଳ ହୋଇ-ଉଠୁଛି । କାରଣ, ସେହି କ୍ରୀଡ଼ାପର୍ବତଟି ମୋ ଗୃହିଣୀର ଅତ୍ୟନ୍ତ ପ୍ରିୟ । (ଶିଖର—ଶୃଙ୍ଗ ; ପେଶଳ-ସୁନ୍ଦର ; ପ୍ରେକ୍ଷଣୀୟ—ଦର୍ଶନୀୟ ; ମଦ୍‌ଗେହିନୀ-ମୋ ଗୃହିଣୀ ; ଉପାନ୍ତ—ନିକଟରେ ; ତଡ଼ିତ୍-ବିଜୁଳି) ୧୭

ସେଠାରେ (କ୍ରୀଡ଼ାପର୍ବତରେ) ଗୋଟିଏ ମାଧବୀମଣ୍ଡପ ଅଛି । ତା'ର ଚାରିପଟରେ କୁରବକ ଲତାର ବାଡ଼ । ମଣ୍ଡପର ନିକଟରେ ଗୋଟିଏ ରକ୍ତାଶୋକ ବୃକ୍ଷ, ଯାହାର ନବପଲ୍ଲବ ସର୍ବଦା ଚଳଚଞ୍ଚଳ । ଆଉ ଗୋଟିଏ ସୁନ୍ଦର ବକୁଳ ବୃକ୍ଷ ମଧ୍ୟ ଅଛି । ତୁମ ସଖୀ ମୋ ସଙ୍ଗରେ ଥିବାବେଳେ ପ୍ରଥମଟି (ରକ୍ତାଶୋକ ଗଛଟି) ଦୋହଦଛଳରେ ତୁମ ସଖୀର ବାମପାଦ-ଆଘାତ ପାଇବାକୁ ଆଶା କରେ ଏବଂ ଦ୍ୱିତୀୟଟି (ବଉଳଗଛଟି) ତା'ର ପାଟିଭିତର ମଦ୍ୟ ପାଇବାକୁ ଆଶା କରେ । (ଦୋହଦ—ଅପ୍ରାକୃତିକ ଭାବରେ ବୃକ୍ଷଲତାରେ ଫୁଲ ଫୁଟାଇବାର ଉପାୟ । ସୁନ୍ଦରୀ ତରୁଣୀର ବାମ ପାଦର ଆଘାତରେ ରକ୍ତାଶୋକ ବୃକ୍ଷ ପୁଷ୍ପ ଧାରଣ କରେ ଏବଂ ସୁନ୍ଦରୀ ତରୁଣୀ ପାଟିରେ ମଦ ପୂରାଇ ବକୁଳ ବୃକ୍ଷ ଉପରକୁ ପକାଇଲେ ଉକ୍ତ ବୃକ୍ଷ ପୁଷ୍ପ ଧାରଣ କରେ ବୋଲି କବି ପ୍ରସିଦ୍ଧି । କାନ୍ତ—ସୁନ୍ଦର ; ପ୍ରତ୍ୟାସନ୍ନ ନିକଟବର୍ତ୍ତୀ ; ବୃତ—ବେଷ୍ଟିତ ; ଛଦ୍ମ—ଛଳ) ୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तन्मध्ये च स्फटिकफलका काञ्चनी वासयष्टि-
मूले बद्धा मणिभिरनतिप्रौढवंशप्रकाशैः ।
तालैः शिञ्जावलयसुभगैर्नर्तितः कान्तया मे
यामध्यास्ते दिवसविगमे नीलकण्ठः सुहृद् वः । १९

ତନ୍ମଧ୍ୟେ ଚ ସ୍ଫଟିକଫଳକା କାଞ୍ଚନୀ ବାସୟଷ୍ଟି
ମୂଳେ ବଦ୍ଧା ମଣିଭିରନତିପ୍ରୌଢବଂଶପ୍ରକାଶୈଃ ।
ତାଳୈଃ ଶିଞ୍ଜାବଳୟସୁଭଗୈର୍ନର୍ତ୍ତିତଃ କାନ୍ତୟା ମେ
ଯାମଧ୍ୟାସ୍ତେ ଦିବସବିଗମେ ନୀଳକଣ୍ଠଃ ସୁହୃଦ୍ ବଃ ॥ ୧୯

एभिः साधो हृदयनिहितैर्लक्षणैर्लक्षयेथाः
द्वारोपान्ते लिखितवपुषौ शङ्खपद्मौ च दृष्ट्वा ।
क्षामच्छायं भवनमधुना मद्वियोगेन नूनं
सूर्यापाये न खलु कमलं पुष्णति स्वामभिख्याम् ॥ २०

ଏଭିଃ ସାଧୋ ହୃଦୟନିହିତୈର୍ଲକ୍ଷଣୈର୍ଲକ୍ଷୟେଥାଃ
ଦ୍ୱାରୋପାନ୍ତେ ଲିଖିତବପୁଷୌ ଶଙ୍ଖପଦ୍ମୌ ଚ ଦୃଷ୍ଟ୍ୱା ।
କ୍ଷାମଚ୍ଛାୟଂ ଭବନମଧୁନା ମଦ୍‌ବିୟୋଗେନ ନୂନଂ
ସୂର୍ଯ୍ୟାପାୟେ ନ ଖଳୁ କମଳଂ ପୁଷ୍ଣତି ସ୍ୱାମଭିଖ୍ୟାମ୍ ॥ ୨୦

गत्वा सद्यः कलभतनुतां शीघ्रसम्पातहेतोः
क्रीडाशैले प्रथमकथिते रम्यसानौ निषण्णः ।
अर्हस्यन्तर्भवनपतितां कर्तुमल्पाल्पभासं
खद्योतालीविलसितनिभां विद्युदुन्मेषदृष्टिम् ॥ २१

ଗତ୍ୱା ସଦ୍ୟଃ କଳଭତନୁତାଂ ଶୀଘ୍ରସମ୍ପାତହେତୋଃ
କ୍ରୀଡାଶୈଳେ ପ୍ରଥମକଥିତେ ରମ୍ୟସାନୌ ନିଷଣ୍ଣଃ ।
ଅର୍ହସ୍ୟନ୍ତର୍ଭବନପତିତାଂ କର୍ତ୍ତୁମଳ୍ପାଳ୍ପଭାସଂ
ଖଦ୍ୟୋତାଳୀବିଳସିତନିଭଂ ବିଦ୍ୟୁଦୁନ୍ମେଷଦୃଷ୍ଟିମ୍ ॥ ୨୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ରକ୍ତାଶୋକ ଓ ବକୁଳ ବୃକ୍ଷର ମଝିରେ ସୁବର୍ଣ୍ଣନିର୍ମିତ ଏକ ଦଣ୍ଡ ଅଛି । ଦଣ୍ଡର ମୂଳରେ ମରକତ ମଣିରେ ବେଦି ବନ୍ଧା ହୋଇଛି । ମରକତ ମଣିଗୁଡ଼ିକର ବର୍ଣ୍ଣ ବେଶି ପାକଳ ହୋଇନଥିବା ବାଉଁଶ ଗଛର ବର୍ଣ୍ଣ ପରି । ଦଣ୍ଡଉପରେ ଏକ ସ୍ଫଟିକ ନିର୍ମିତ ପୀଠିକା । ତୁମଭଳି ମେଘ-ମାନଙ୍କର ପ୍ରିୟବନ୍ଧୁ ମୟୂରଟିଏ, ଯାହାକୁ କି ମୋ ପ୍ରିୟା କରତାଳି ଦେଇ ନଗ୍ଏ । ତାଳି ଦେଲାବେଳେ ପ୍ରିୟାର କଙ୍କଣ ରୁଣୁଝୁଣୁ ଶବ୍ଦ କରେ, ତେଣୁ ତାଳି ଆହୁରି ମଧୁର ହୋଇ ଉଠେ । ସଞ୍ଜ ହେଲେ ମୟୂରଟି ସେହି ଦଣ୍ଡ ଉପରେ ବସେ । (କାଞ୍ଚନୀ—ସୁବର୍ଣ୍ଣ ନିର୍ମିତ ; ଅନତିପ୍ରୌଢ଼—ବେଶି ପାକଳ ହୋଇ ନଥିବା ; ପ୍ରକାଶ—ବର୍ଣ୍ଣ, କାନ୍ତି ; ଶିଞ୍ଜାବଳୟ—ରୁଣୁଝୁଣୁ ଶବ୍ଦ କରୁଥିବା କଙ୍କଣ ; ସୁଭଗ—ସୁନ୍ଦର ; ଦିବସବିଗମ—ଦିନକ୍ଷୟ, ସନ୍ଧ୍ୟା-କାଳ) ୧୯

ହେ ଭଦ୍ର, ଏହି ଲକ୍ଷ୍ୟଗୁଡିକୁ ତୁମେ ଉତ୍ତମ ରୂପେ ହୃଦୟ ମଧ୍ୟରେ ରଖି ଏବଂ ଦ୍ୱାର ଦେଶରେ ଅଙ୍କିତ ହୋଇଥିବା ଶଙ୍ଖନିଧି ଓ ପଦ୍ମନିଧିକୁ ଦେଖି ମୋର ଘର ଚିହ୍ନିପାରିବ । ସେହି ଘର ମୋ ଅଭବରେ ବର୍ତ୍ତମାନ ନିଶ୍ଚୟ ଶ୍ରୀହୀନ ହୋଇ ଯାଇଥିବ । ସୂର୍ଯ୍ୟଙ୍କ ଅଭବରେ ପଦ୍ମ ନିଜର ଶୋଭକୁ ଅତୁଟ ରଖିପାରେ କି ? (ବପୁଷ୍—ଆକୃତି, ଶରୀର ; କ୍ଷାମ—କ୍ଷୀଣ ; ଛାୟା—ଶୋଭ, କାନ୍ତି ; ଅପାୟ—ଅଭବ, କ୍ଷୟ ; ଅଭିଖ୍ୟା—ସୌନ୍ଦର୍ଯ୍ୟ) ୨୦

ତୁମେ ଶୀଘ୍ର ପ୍ରବେଶ କରିବା ନିମନ୍ତେ ସହସା ହସ୍ତୀଶାବକର ଆକୃତି ଧାରଣ କରିବ । ମୁଁ ଆଗରୁ ଯେଉଁ ସୁନ୍ଦରଶୃଙ୍ଗ ବିଶିଷ୍ଟ କ୍ରୀଡାପର୍ବତ କଥା କହିଛି, ତା' ଉପରେ ବସି ମାଳାବଦ୍ଧ ଜୁଳୁଜୁଳିଆ ପୋକଙ୍କ ଭଳି ଅଳ୍ପ ଅଳ୍ପ ଆଲୋକ ଦେଉଥିବା ବିଜୁଳି ରୂପକ ଦୃଷ୍ଟିରେ ଘରଭିତରକୁ ଚାହିଁବ । (ସଦ୍ୟ—ସଙ୍ଗେସଙ୍ଗେ ; କଲଭ—ହାତୀଛୁଆ ; ସମ୍ପାତ—ପ୍ରବେଶ ; ସାନୁ-ଶୃଙ୍ଗ ; ନିଷଣ୍ଣ—ଉପବିଷ୍ଟ ; ଅନ୍ତର୍ଭବନ—ଭିତର ଘର ; ଭସ୍—କାନ୍ତି, ଆଭ ; ଖଦ୍ୟୋତ-ଆଳୀ—ଜୁଳୁଜୁଳିଆ ପୋକସମୂହ ; ବିଳସିତ—ସୁନ୍ଦର , ସୁପ୍ରକାଶିତ ; ନିଭ—କାନ୍ତି ; ବିଦ୍ୟୁଦ୍ ଉନ୍ମେଷ—ବିଜୁଳି ସ୍ଫୁରଣ) ୨୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तन्वी श्यामा शिखरिदशना पक्वबिम्बाधरोष्ठी
मध्ये क्षामा चकितहरिणीप्रेक्षणा निम्ननाभिः ।
श्रोणीभारादलसगमना स्तोकनम्रा स्तनाभ्यां
या तत्र स्याद् युवतिविषये सृष्टिराद्येव धातुः ॥ २२

ତନ୍ୱୀ ଶ୍ୟାମା ଶିଖରିଦଶନା ପକ୍ୱବିମ୍ବାଧରୋଷ୍ଠୀ
ମଧ୍ୟେ କ୍ଷାମା ଚକିତହରିଣୀପ୍ରେକ୍ଷଣା ନିମ୍ନନାଭିଃ ।
ଶ୍ରୋଣୀଭାରାଦଲସଗମନା ସ୍ତୋକନମ୍ରା ସ୍ତନାଭ୍ୟାଂ
ଯା ତତ୍ର ସ୍ୟାଦ୍ ଯୁବତିବିଷୟେ ସୃଷ୍ଟିରାଦ୍ୟେବ ଧାତୁଃ ॥ ୨୨

तां जानीथाः परिमितकथां जीवितं मे द्वितीयं
दूरीभूते मयि सहचरे चक्रवाकीमिवैकाम् ।
गाढोत्कण्ठां गुरुषु दिवसेष्वेषु गच्छत्सु बालां
जातां मन्ये शिशिरमथितां पद्मिनीं वाऽन्यरूपाम् ॥

ତାଂ ଜାନୀଥାଃ ପରିମିତକଥାଂ ଜୀବିତଂ ମେ ଦ୍ୱିତୀୟଂ
ଦୂରୀଭୂତେ ମୟି ସହଚରେ ଚକ୍ରବାକୀମିବୈକାମ୍ ।
ଗାଢୋତ୍କଣ୍ଠାଂ ଗୁରୁଷୁ ଦିବସେଷ୍ୱେଷୁ ଗଚ୍ଛତ୍ସୁ ବାଲାଂ
ଜାତାଂ ମନ୍ୟେ ଶିଶିରମଥିତାଂ ପଦ୍ମିନୀଂ ବାଽନ୍ୟରୂପାମ୍ ॥

नूनं तस्याः प्रबलरुदितोच्छूननेत्रं प्रियाया
निःश्वासानामशिशिरतया भिन्नवर्णाधरोष्ठम् ।
हस्तन्यस्तं मुखमसकलव्यक्ति लम्बालकत्वा-
दिन्दोर्दैन्यं त्वदनुसरणक्लिष्टकान्तेर्बिभर्ति ॥ २४

ନୂନଂ ତସ୍ୟାଃ ପ୍ରବଳରୁଦିତୋଚ୍ଛୂନନେତ୍ରଂ ପ୍ରିୟାୟା
ନିଃଶ୍ୱାସାନାମଶିଶିରତୟା ଭିନ୍ନବର୍ଣ୍ଣାଧରୋଷ୍ଠମ୍ ।
ହସ୍ତନ୍ୟସ୍ତଂ ମୁଖମସକଳବ୍ୟକ୍ତି ଲମ୍ବାଳକତ୍ୱା-
ଦିନ୍ଦୋର୍ଦୈନ୍ୟଂ ତ୍ୱଦନୁସରଣକ୍ଲିଷ୍ଟକାନ୍ତେର୍ବିଭର୍ତି ॥ ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ଘରେ ଯେଉଁ କୃଶାଙ୍ଗୀ, ନବଯୌବନା ତରୁଣୀଟି ଥିବ, ଯାହାର ଦନ୍ତପନ୍ତି ଶିଖରଯୁକ୍ତ (ଫୁଲକଢି ଆକୃତିର), ଅଧର-ଓଷ୍ଠ ପାଚିଲା ବିମ୍ବଫଳ ପରି (ଲାଲ ବର୍ଣ୍ଣ), କଟୀଦେଶ ସରୁ, ଚାହାଣି ଭୟଭୀତା ହରିଣୀର ଚାହାଣି ପରି (ଚଞ୍ଚଳ), ନାଭି ଗଭୀର, ଚାଲି ନିତମ୍ବର ଭରଯୋଗୁ ମନ୍ଥର, ଆଉମଧ୍ୟ ଯାହାକୁ ପୃଥୁଳ ସ୍ତନଦୁଇଟି ଟିକିଏ ନୁଆଇଁ ଦେଇଥାଏ, ଯେ କି ଯୁବତୀ ଜଗତରେ ବିଧାତାଙ୍କର ସତେ ଯେପରି ପ୍ରଥମ ସୃଷ୍ଟି......... (ତନ୍ୱୀ—କୃଶାଙ୍ଗୀ ; ଶିଖରି—ଶିଖରଯୁକ୍ତ , ଦଶନ—ଦନ୍ତ ; କ୍ଷାମା—କ୍ଷୀଣା ; ପ୍ରେକ୍ଷଣ—ଚାହାଣି ; ଶ୍ରୋଣୀ—ଜଘନ ; ସ୍ତୋକନମ୍ରା—ଟିକିଏ ଅବନତା) ୨୨

ସେହି ମିତଭଷିଣୀ ତରୁଣୀଟିକୁ ତୁମେ ମୋର ଦ୍ୱିତୀୟ ଜୀବନ ବୋଲି ଜାଣିବ । ମୁଁ ତା'ର ସାଥୀ ଦୂରରେ ଥିବା ହେତୁ ସେ ଚକ୍ରବାକୀଟି ପରି ଏକାକିନୀ ହୋଇ ମୋତେ ଝୁରୁଥିବ ଏବଂ ବିରହର ଏହି କଠୋର ଦିନଗୁଡ଼ିକ ଯେତିକି ଅତିବାହିତ ହେଉଛି, ତା'ର ଉତ୍‌କଣ୍ଠା ସେତିକି ବଢୁଥିବ । ମୋର ମନେହୁଏ, ଶିଶିରଝାଉଁଳା ପଦ୍ମଫୁଲଟି ପରି ସେ ଭିନ୍ନ ଆକୃତିର ହୋଇଯିବଣି । (ପରିମିତକଥା—ମିତଭଷିଣୀ ; ଜୀବିତ—ଜୀବନ ; ଗୁରୁ—କଠୋର ; ମଥିତା—ଝାଉଁଳି ପଡିଥିବା ; ଅନ୍ୟରୂପା—ଭିନ୍ନଆକୃତିର) ୨୩

ମୋ ପ୍ରିୟାର ମୁଖଟି ତାର ହାତ ପାପୁଲି ଉପରେ ଥିବ, ଅତ୍ୟଧିକ କାନ୍ଦିବା ଫଳରେ ଚକ୍ଷୁ ଫୁଲିଯାଇଥିବ, ନିଃଶ୍ୱାସବାୟୁର ଉଷ୍ଣତାରେ ଅଧର ଭିନ୍ନବର୍ଣ୍ଣ ଧାରଣ କରିଥିବ, ଏବଂ କେଶ ଆଲୁଳାୟିତ ହୋଇ ମୁଖ ଉପରକୁ ଢାଙ୍କି ପଡ଼ିଥିବ, ଫଳରେ ମୁଖଟି ସଂପୂର୍ଣ୍ଣ ଦିଶୁ ନଥିବ । ହେ ମେଘ, ତୁମେ ଚନ୍ଦ୍ର ଉପରେ ଆବରଣ ହୋଇଗଲେ ଚନ୍ଦ୍ର ଯେପରି ନିଷ୍ପ୍ରଭ ହୋଇଯାଏ, ମୋ ପ୍ରିୟାର ମୁଖଟି ସେହିପରି ଦୁର୍ଦ୍ଦଶାଗ୍ରସ୍ତ ହୋଇଯାଇଥିବ (ରୁଦିତ—ରୋଦନ, କ୍ରନ୍ଦନ; ଉଚ୍ଛୂନ—ଫୁଲିଯାଇଥିବା; ଅଶିଶିରତା—ଉଷ୍ଣତା; ଅସକଳ-ବ୍ୟକ୍ତି—ଅସଂପୂର୍ଣ୍ଣପ୍ରକାଶ; ଅଳକ—କେଶ; ଦୈନ୍ୟ—ଦୁର୍ଦ୍ଦଶା ; କ୍ଲିଷ୍ଟ—ନିଷ୍ପ୍ରଭ) । ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आलोके ते निपतति पुरा सा बलिव्याकुला वा
मत्सादृश्यं विरहतनु वा भावगम्यं लिखन्ती ।
पृच्छन्ती वा मधुरवचनां सारिकां पञ्जरस्थां
कच्चिद् भर्तुः स्मरसि रसिके त्वं हि तस्य प्रियेति ॥ २५

ଆଲୋକେ ତେ ନିପତତି ପୁରା ସା ବଳିବ୍ୟାକୁଳା ବା
ମତ୍ସାଦୃଶ୍ୟଂ ବିରହତନୁ ବା ଭାବଗମ୍ୟଂ ଲିଖନ୍ତୀ ।
ପୃଚ୍ଛନ୍ତୀ ବା ମଧୁରବଚନାଂ ସାରିକାଂ ପଞ୍ଜରସ୍ଥାଂ
କଚ୍ଚିଦ୍ ଭର୍ତୁଃ ସ୍ମରସି ରସିକେ ତ୍ୱଂ ହି ତସ୍ୟ ପ୍ରିୟେତି ॥ ୨୫

उत्सङ्गे वा मलिनवसने सौम्य निक्षिप्य वीणां
मद्गोत्राङ्कं विरचितपदं गेयमुद्गातुकामा ।
तन्त्रीमार्द्रां नयनसलिलैः सारयित्वा कथंचिद्
भूयो भूयः स्वयमपि कृतां मूर्छनां विस्मरन्ती ॥ २६

ଉତ୍ସଙ୍ଗେ ବା ମଳିନବସନେ ସୌମ୍ୟ ନିକ୍ଷିପ୍ୟ ବୀଣାଂ
ମଦ୍‌ଗୋତ୍ରାଙ୍କଂ ବିରଚିତପଦଂ ଗେୟମୁଦ୍‌ଗାତୁକାମା ।
ତନ୍ତ୍ରୀମାର୍ଦ୍ରାଂ ନୟନସଲିଳୈଃ ସାରୟିତ୍ୱା କଥଂଚିଦ୍
ଭୂୟୋ ଭୂୟଃ ସ୍ୱୟମପି କୃତାଂ ମୂର୍ଚ୍ଛନାଂ ବିସ୍ମରନ୍ତୀ ॥ ୨୬

शेषान् मासान् विरहदिवसस्थापितस्यावधेर्वा
विन्यस्यन्ती भुवि गणनया देहलीदत्तपुष्पैः ।
मत्सङ्गं वा हृदयनिहितारम्भमास्वादयन्ती
प्रायेणैते रमणविरहेष्वङ्गनानां विनोदाः ॥ २७

ଶେଷାନ୍ ମାସାନ୍ ବିରହଦିବସସ୍ଥାପିତସ୍ୟାବଧେର୍ବା
ବିନ୍ୟସ୍ୟନ୍ତୀ ଭୁବି ଗଣନୟା ଦେହଳୀଦତ୍ତପୁଷ୍ପୈଃ ।
ମତ୍ସଙ୍ଗଂ ବା ହୃଦୟନିହିତାରମ୍ଭମାସ୍ୱାଦୟନ୍ତୀ
ପ୍ରାୟେଣୈତେ ରମଣବିରହେଷ୍ୱଙ୍ଗନାନାଂ ବିନୋଦାଃ ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୋ ପ୍ରିୟା ସଙ୍ଗେ ସଙ୍ଗେ ତୁମ ଦୃଷ୍ଟିରେ ପଡିବ । ସେତେବେଳେ ସେ ହୁଏତ ପୂଜା ଆରାଧନାରେ ରତ ଥିବ, କିମ୍ବା ମୁଁ ବିରହରେ କିପରି କ୍ଷୀଣ ହୋଇଯାଇଥିବି, ତାହା ମନମଧ୍ୟରେ କଳ୍ପନା କରି ମୋର ପ୍ରତିକୃତି ଅଙ୍କନ କରୁଥିବ, କିମ୍ବା ପଞ୍ଜୁରୀରେ ଥିବା ଶାରୀକୁ ପଚାରୁଥିବ, "ଗୋ ରସିକା, ତୁ ତୋ ମୁନିବଙ୍କୁ ସ୍ମରଣ କରୁଛୁ କି ? ତୋତେ ସେ ଖୁବ୍ ଭଲ ପାଉଥିଲେ । " (ଆଲୋକ–ଦୃଷ୍ଟି; ପୁର–ସଙ୍ଗେସଙ୍ଗେ; ବଳିବ୍ୟାକୁଳା–ପୂଜାଆରାଧନାରେ ରତ; ଭାବଗମ୍ୟ–ମନମଧ୍ୟରେ କଳ୍ପିତ; ବିରହତନୁ–ବିରହରେ କ୍ଷୀଣ) ୨୫

କିମ୍ବା, ହେ ସୌମ୍ୟ, ସେ ମଳିନ ବସ୍ତ୍ର ଖଣ୍ଡିଏ ପିନ୍ଧି ବୀଣାକୁ କୋଳରେ ରଖି ଗୀତ ଗାଇବାକୁ ଇଚ୍ଛା କରୁଥିବ । ଗୀତ ସେ ନିଜେ ରଚନା କରିଥିବ, ଯେଉଁଥିରେ କି ମୋ ନାମଟିକୁ ଚିହ୍ନସ୍ୱରୂପ ପଦ୍ ଭିତରେ ରଖିଥିବ । ଅଶ୍ରୁଜଳରେ ବୀଣାର ତାର ଓଦା ହୋଇ ଯାଉଥିବ , ତେଣୁ ସେ ଅତି କଷ୍ଟରେ ତାହାକୁ ପୋଛି ଗାଇବାର ଉପକ୍ରମ କରୁଥିବ , କିନ୍ତୁ ନିଜକୃତ ମୂର୍ଚ୍ଛନାକୁ ନିଜେ ବାରମ୍ବାର ଭୁଲି ଯାଉଥିବ । (ଉତ୍ସଙ୍ଗ–କୋଳ; ଗୋତ୍ର–ନାମ ; ଅଙ୍କ–ଲକ୍ଷଣ , ଚିହ୍ନ ; ଗେୟ–ଗୀତ; ତନ୍ତ୍ରୀ–ତାର ; ଭୂୟୋଭୂୟଃ–ବାରମ୍ବାର) ୨୬

କିମ୍ବା, ସେ ଦୁଆର ବନ୍ଧ ଉପରେ ରଖିଥିବା ଫୁଲଗୁଡ଼ିକୁ ଭୂମି ଉପରେ ଗୋଟିଗୋଟି କରି ଥୋଇ ବିରହଦିନଠାରୁ ଆରମ୍ଭ ହୋଇଥିବା ଶାପ କାଳର ଅବଶିଷ୍ଟ ମାସ ଗୁଡ଼ିକୁ ଗଣୁଥିବ, କିମ୍ବା ମନମଧ୍ୟରେ କଳ୍ପନା କରି ମୋ ସହିତ ସମ୍ଭୋଗ ସୁଖ ଆସ୍ୱାଦନ କରୁଥିବ । ସାଧାରଣତଃ, ପତିବିଚ୍ଛେଦ କାଳରେ ପତ୍ନୀମାନଙ୍କର ଏସବୁ ହେଉଛି ଚିତ୍ତବିନୋଦନର ଉପାୟ । (ଅବଧି–ସୀମା ; ଶେଷ--ଅବଶିଷ୍ଟ ; ଦେହଳୀ-ଦୁଆରବନ୍ଧ ; ଆରବ୍ଧ--କାର୍ଯ୍ୟ ; ରମଣ--ସ୍ୱାମୀ) ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सव्यापारामहनि न तथा पीडयेन्मद्वियोगः
शङ्के रात्रौ गुरुतरशुचं निर्विनोदां सखीं ते ।
मत्सन्देशैः सुखयितुमलं पश्य साध्वीं निशीथे
तामुन्निद्रामवनिशयनां सौधवातायनस्थः ॥ २८

ସବ୍ୟାପାରାମହନି ନ ତଥା ପୀଡୟେନ୍ମଦ୍ବିୟୋଗଃ
ଶଙ୍କେ ରାତ୍ରୌ ଗୁରୁତରଶୁଚଂ ନିର୍ବିନୋଦାଂ ସଖୀଂ ତେ ।
ମତ୍ସନ୍ଦେଶୈଃ ସୁଖୟିତୁମଲଂ ପଶ୍ୟ ସାଧ୍ୱୀଂ ନିଶୀଥେ
ତାମୁନ୍ନିଦ୍ରାମବନିଶୟନାଂ ସୌଧବାତାୟନସ୍ଥଃ ॥ ୨୮

आधिक्षामां विरहशयने सन्निषण्णैकपार्श्वां
प्राचीमूले तनुमिव कलामात्रशेषां हिमांशोः ।
नीता रात्रिः क्षण इव मया सार्धमिच्छारतैर्या
तामेवोष्णैर्विरहमहतीमश्रुभिर्यापयन्तीम् ॥ २९

ଆଧିକ୍ଷାମାଂ ବିରହଶୟନେ ସନ୍ନିଷଣ୍ଣୈକପାର୍ଶ୍ୱାଂ
ପ୍ରାଚୀମୂଳେ ତନୁମିବ କଳାମାତ୍ରଶେଷାଂ ହିମାଂଶୋଃ ।
ନୀତା ରାତ୍ରିଃ କ୍ଷଣ ଇବ ମୟା ସାର୍ଧମିଚ୍ଛାରତୈର୍ୟା
ତାମେବୋଷ୍ଣୈର୍ବିରହମହତୀମଶ୍ରୁଭିର୍ୟାପୟନ୍ତୀମ୍ ॥ ୨୯

पादानिन्दोरमृतशिशिराञ्जालमार्गप्रविष्टान्
पूर्वप्रीत्या गतमभिमुखं संनिवृत्तं तथैव ।
चक्षुः खेदात् सलिलगुरुभिः पक्ष्मभिश्छादयन्तीं
साभ्रेऽह्नीव स्थलकमलिनीं न प्रबुद्धां न सुप्ताम् ॥ ३०

ପାଦାନିନ୍ଦୋରମୃତଶିଶିରଞ୍ଜାଲମାର୍ଗପ୍ରବିଷ୍ଟାନ୍
ପୂର୍ବପ୍ରୀତ୍ୟା ଗତମଭିମୁଖଂ ସଂନିବୃତ୍ତଂ ତଥୈବ ।
ଚକ୍ଷୁଃ ଖେଦାତ୍ ସଲିଲଗୁରୁଭିଃ ପକ୍ଷ୍ମଭିଶ୍ଛାଦୟନ୍ତୀଂ
ସାଭ୍ରେଽହ୍ନୀବ ସ୍ଥଳକମଳିନୀଂ ନ ପ୍ରବୁଦ୍ଧାଂ ନ ସୁପ୍ତାମ୍ ॥ ୩୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୋ ବିଚ୍ଛେଦ ତୁମ ବାନ୍ଧବୀଙ୍କୁ ଦିନ ବେଳେ ସେତେ ଦୁଃଖ ଦେଉନଥିବ । କାରଣ, ସେତେବେଳେ ସେ ବିଭିନ୍ନ କର୍ମରେ ରତ ରହୁଥିବ । ମୋର ଧାରଣା, ସେ ରାତିରେ ବେଶୀ ଦୁଃଖ ପାଉଥିବ । କାରଣ, ରାତିରେ ତା'ର ମନ ଭୁଲାଇବାର କୌଣସି ଉପାୟ ନଥିବ । ତେଣୁ ତୁମେ ସେହି ପତିବ୍ରତାକୁ ମୋର ବାର୍ତ୍ତା ଦ୍ୱାରା ଅଧିକ ସୁଖୀ କରିବାପାଇଁ ରାତିରେ ମୋ ଭବନର ଗବାକ୍ଷରେ ରହି ସାକ୍ଷାତ କରିବ । ସେତେବେଳେ ସେ ଭୂମି ଉପରେ ଶୋଇଥିବ, କିନ୍ତୁ ନିଦ୍ରିତା ନଥିବ । (ସବ୍ୟାପାର—କର୍ମରତା ; ଅହନ୍—ଦିନ ; ଶୁଚ୍—ଶୋକ, ଦୁଃଖ ; ବାତାୟନ -ଝରକା ; ବିନୋଦ-- ମନ ଭୁଲାଇବାର ଉପାୟ) ୨୮

ମାନସିକ ଦୁଃଖରେ କ୍ଷୀଣା ହୋଇ ସେ ବିରହଶଯ୍ୟାର ଗୋଟିଏ କଡକୁ ଶୋଇଥିବ, ତେଣୁ ପୂର୍ବଦିଗ୍‌ବଳୟତଳେ କଳାଏ ମାତ୍ର ଅବଶିଷ୍ଟ ଥିବା ଚନ୍ଦ୍ରଲେଖା ପରି ଦେଖା ଯାଉଥିବ ! ଆଗେ ସେ ମୋ ସହିତ ଇଚ୍ଛା-ରତିରେ ଯେଉଁ ରାତ୍ରିକୁ ମୁହୂର୍ତ୍ତେ ପରି କଟାଉଥିଲା, ବର୍ତ୍ତମାନ ସେହି ରାତ୍ରି ତାକୁ ବିରହରେ ସୁଦୀର୍ଘ ଜଣାପଡୁଥିବ ଏବଂ ସେ ଉଷ୍ଣ ଅଶ୍ରୁ ବର୍ଷଣ କରିକରି ତାହାକୁ ଅତିବାହିତ କରୁଥିବ ! (ଆଧି—ମାନସିକ ଦୁଃଖ ; ସନ୍ନିଷଣ୍ଣା-- ଶୋଇଥିବା ; ପ୍ରାଚୀ—ପୂର୍ବଦିଗ ; ତନୁ-କ୍ଷୀଣ ; ହିମାଂଶୁ--ଚନ୍ଦ୍ର) ୨୯

ଝରକାବାଟେ ଘରଭିତରକୁ ପ୍ରବେଶ କରୁଥିବା ଚନ୍ଦ୍ରର ଅମୃତ- ଶୀତଳ କିରଣ ଆଡକୁ ତା'ର ଚକ୍ଷୁ ପୂର୍ବ ପ୍ରୀତିବଶତଃ ଯାଉଥିବ, କିନ୍ତୁ ସଙ୍ଗେସଙ୍ଗେ ଫେରି ଆସୁଥିବ । ଚକ୍ଷୁକୁ ସେ ଅଶ୍ରୁସିକ୍ତ ପତା ଦ୍ୱାରା ଅତିକଷ୍ଟରେ ଆବୃତ କରୁଥିବ । ତେଣୁ ମେଘାଚ୍ଛନ୍ନ ଦିନରେ ସ୍ଥଳପଦ୍ମ ଯେପରି ବିଶେଷ ବିକଶିତ ହୁଏ ନାହିଁ କି ବିଶେଷ ମୁଦ୍ରିତ ହୁଏ ନାହିଁ, ତା'ର ଚକ୍ଷୁ ସେହିପରି ଅବସ୍ଥାରେ ଥିବ । (ପାଦ--କିରଣ ; ଇନ୍ଦୁ-ଚନ୍ଦ୍ର ; ଶିଶିର-ଶୀତଳ ; ଜାଲମାର୍ଗ-ଝରକାବାଟ ; ପକ୍ଷ୍ମ-ଚକ୍ଷୁଲୋମ, ପତା ; ସାଭ୍ର-ମେଘାଚ୍ଛନ୍ନ ; ଅହନ୍-ଦିନ ; ପ୍ରବୁଦ୍ଧ-ବିକଶିତ ; ସୁପ୍ତ-ମୁଦ୍ରିତ) ୩୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निःश्वासेनाधरकिसलयक्लेशिना विक्षिपन्तीं
शुद्धस्नानात् परुषमलकं नूनमागण्डलम्बम् ।
मत्संभोगः कथमुपनयेत् स्वप्नजोऽपीति निद्रा-
माकाङ्क्षन्तीं नयनसलिलोत्पीडरुद्धावकाशाम् ॥ ३१

ନିଃଶ୍ୱାସେନାଧରକିସଲୟକ୍ଳେଶିନା ବିକ୍ଷିପନ୍ତୀଂ
ଶୁଦ୍ଧସ୍ନାନାତ୍ ପରୁଷମଳକଂ ନୂନମାଗଣ୍ଡଲମ୍ବମ୍ ।
ମତ୍ସଂଭୋଗଃ କଥମୁପନୟେତ୍ ସ୍ୱପ୍ନଜୋଽପୀତି ନିଦ୍ରା-
ମାକାଙ୍କ୍ଷନ୍ତୀଂ ନୟନସଲିଲୋତ୍ପୀଡରୁଦ୍ଧାବକାଶାମ୍ ॥ ୩୧

आद्ये बद्धा विरहदिवसे या शिखा दाम हित्वा
शापस्यान्ते विगलितशुचा तां मयोद्वेष्टनीयाम् ।
स्पर्शक्लिष्टामयमितनखेनासकृत् सारयन्तीं
गण्डाभोगात् कठिनविषमामेकवेणीं करेण ॥ ३२

ଆଦ୍ୟେ ବଦ୍ଧା ବିରହଦିବସେ ଯା ଶିଖା ଦାମ ହିତ୍ୱା
ଶାପସ୍ୟାନ୍ତେ ବିଗଳିତଶୁଚା ତାଂ ମୟୋଦ୍ବେଷ୍ଟନୀୟାମ୍ ।
ସ୍ପର୍ଶକ୍ଲିଷ୍ଟାମୟମିତନଖେନାସକୃତ୍ ସାରୟନ୍ତୀଂ
ଗଣ୍ଡାଭୋଗାତ୍ କଠିନବିଷମାମେକବେଣୀଂ କରେଣ ॥ ୩୨

सा संन्यस्ताभरणमबला पेशलं धारयन्ती
शय्योत्सङ्गे निहितमसकृद् दुःखदुःखेन गात्रम् ।
त्वामप्यस्रं नवजलमयं मोचयिष्यत्यवश्यं
प्रायः सर्वो भवति करुणावृत्तिरार्द्रान्तरात्मा ॥ ३३

ସା ସଂନ୍ୟସ୍ତାଭରଣମବଳା ପେଶଳଂ ଧାରୟନ୍ତୀ
ଶୟ୍ୟୋତ୍ସଙ୍ଗେ ନିହିତମସକୃଦ୍ ଦୁଃଖଦୁଃଖେନ ଗାତ୍ରମ୍ ।
ତ୍ୱାମପ୍ୟସ୍ରଂ ନବଜଳମୟଂ ମୋଚୟିଷ୍ୟତ୍ୟବଶ୍ୟଂ
ପ୍ରାୟଃ ସର୍ବୋ ଭବତି କରୁଣାବୃତ୍ତିରାର୍ଦ୍ରାନ୍ତରାତ୍ମା ॥ ୩୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୈଳବିହୀନ ସ୍ନାନ ହେତୁ ତା'ର କେଶ ରୁକ୍ଷ ହୋଇ ଗାଲ ଉପରକୁ ଝୁଲି ପଡ଼ିଥିବ । ଉଷ୍ଣ ନିଃଶ୍ୱାସବାୟୁ ଅଧର ପଲ୍ଲବକୁ ପୀଡ଼ା ଦେବା ସଙ୍ଗେସଙ୍ଗେ ସେହି ରୁକ୍ଷ କେଶକୁ ଉଡ଼ାଇବାରେ ଲଗିଥିବ । ସ୍ୱପ୍ନରେ ହେଲେ ମଧ୍ୟ ମୋ ସହିତ କିପରି ମିଳନ ଘଟିବ, ଏହା ଭବିଭବି ସେ ଶୋଇବାକୁ ଇଚ୍ଛା କରୁଥିବ, କିନ୍ତୁ ଆଖିରେ ଅଶ୍ରୁଜଳର ପ୍ରବାହ ହେତୁ ନିଦ୍ରାକୁ ସେଠାରେ ସ୍ଥାନ ମିଳୁ ନଥିବ । (ଶୁଦ୍ଧସ୍ନାନ-ତୈଳବିହୀନ ସ୍ନାନ ; ପରୁଷ—ରୁକ୍ଷ ; ଅଳକ—କେଶ ; ଆଗଣ୍ଡ—ଗାଲ ପର୍ଯ୍ୟନ୍ତ ; ନୟନସଲିଳ-ଉତ୍ପୀଡ—ଅଶ୍ରୁଜଳ ପ୍ରବାହ ; ଅବକାଶ—ସ୍ଥାନ) ୩୧

ବିରହର ପ୍ରଥମ ଦିନ ସେ ପୁଷ୍ପମାଳା ତ୍ୟାଗ କରି, କେଶକୁ ଯେଉଁ ଗୋଟିକିଆ ବେଣୀ କରି ବାନ୍ଧିଥିବ, ଯାହାକୁ କି ଶାପ ଶେଷରେ ମୋ ଦୁଃଖ ଦୂର ହୋଇଗଲେ ମୁଁ ନିଜ ହାତରେ ମୁକୁଳା କରିବି, ସେହି ବେଣୀଟି ରୁକ୍ଷ ତଥା ଅସମାନ ହୋଇ ସ୍ପର୍ଶ କଷ୍ଟ ଦେଉଥିବ । ତାହାକୁ ସେ ନିଜର ଗାଲ ଉପରୁ ନଖ ବଢ଼ିଥିବା ହାତରେ ବାରମ୍ବାର ଆଡେଇ ଦେଉଥିବ । (ଶିଖା—ବେଣୀ ; ଦାମ-ପୁଷ୍ପମାଳା, ରଜ୍ଜୁ ; ଶୁଚ୍—ଶୋକ, ଦୁଃଖ ; ଅଯମିତ—ଅନିୟନ୍ତ୍ରିତ ; ଅସକୃତ୍—ବାରମ୍ବାର ; ଗଣ୍ଡ ଆଭୋଗ—ଗଣ୍ଡଦେଶ, ଗାଲ ; ଏକବେଣୀ—ଗୋଟିକିଆ ବେଣୀ) ୩୨

ସେହି ଦୁଃଖିନୀଟି ନିଜର ସୁକୋମଳ ଶରୀରରୁ ସମସ୍ତ ଭୂଷଣ କାଢ଼ିଦେଇ ତାହାକୁ ଅତି କଷ୍ଟରେ ବାରମ୍ବାର ଶଯ୍ୟାରେ ଲେଟାଇ ଦେଉଥିବ । ଏଭଳି ଅବସ୍ଥାରେ ତାକୁ ଦେଖିଲେ ତୁମେ ନବଜଳବିନ୍ଦୁ ରୂପକ ଅଶ୍ରୁ ମୋଚନ ନକରି ରହିପାରିବ ନାହିଁ । କାରଣ, ଯେଉଁ ମାନଙ୍କର ହୃଦୟ କୋମଳ, ସେମାନେ ଅନ୍ୟର ଦୁଃଖ ଦେଖିଲେ କରୁଣାପ୍ରବଣ ହୋଇଯାଆନ୍ତି । (ସଂନ୍ୟସ୍ତ—ପରିତ୍ୟକ୍ତ ; ପେଶଳ-କୋମଳ ; ଶଯ୍ୟା-ଉତ୍ସଙ୍ଗ—ଶଯ୍ୟା ଉପର ; ଗାତ୍ର—ଶରୀର ; ଅସ୍ର—ଅଶ୍ରୁ ; ଅବଶ୍ୟ—ନିଶ୍ଚୟ) ୩୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

जाने सख्यास्तव मयि मनः संभृतस्नेहमस्मा-
दित्थंभूतां प्रथमविरहे तामहं तर्कयामि ।
वाचालं मां न खलु सुभगंमन्यभावः करोति
प्रत्यक्षं ते निखिलमचिराद्भ्रातरुक्तं मया यत् ॥ ३४

ଜାନେ ସଖ୍ୟାସ୍ତବ ମୟି ମନଃ ସଂଭୃତସ୍ନେହମସ୍ମା-
ଦିତ୍‌ଥଂଭୂତାଂ ପ୍ରଥମବିରହେ ତାମହଂ ତର୍କୟାମି ।
ବାଚାଲଂ ମାଂ ନ ଖଳୁ ସୁଭଗଂମନ୍ୟଭବଃ କରୋତି
ପ୍ରତ୍ୟକ୍ଷଂ ତେ ନିଖିଳମଚିରାଦ୍ ଭ୍ରାତରୁକ୍ତଂ ମୟା ଯତ୍ ॥ ୩୪

रुद्धापाङ्गप्रसरमलकैरञ्जनस्नेहशून्यं
प्रत्यादेशादपि च मधुनो विस्मृतभ्रूविकारम् ।
त्वय्यासन्ने नयनमुपरिस्पन्दि शङ्के मृगाक्ष्या
मीनक्षोभाच्चलकुवलयश्रीतुलामेष्यतीति ॥ ३५

ରୁଦ୍ଧାପାଙ୍ଗପ୍ରସରମଳକୈରଞ୍ଜନସ୍ନେହଶୂନ୍ୟଂ
ପ୍ରତ୍ୟାଦେଶାଦପି ଚ ମଧୁନୋ ବିସ୍ମୃତଭ୍ରୂବିକାରମ୍ ।
ତ୍ୱୟ୍ୟାସନ୍ନେ ନୟନମୁପରିସ୍ପନ୍ଦି ଶଙ୍କେ ମୃଗାକ୍ଷ୍ୟା
ମୀନକ୍ଷୋଭଚଳକୁବଳୟଶ୍ରୀତୁଳାମେଷ୍ୟତୀତି ॥ ୩୫

वामश्चास्याः कररुहपदैर्मुच्यमानो मदीयै-
र्मुक्ताजालं चिरपरिचितं त्याजितो दैवगत्या ।
संभोगान्ते मम समुचितो हस्तसंवाहनानां
यास्यत्यूरुः सरसकदलीस्तम्भगौरश्चलत्वम् ॥ ३६

ବାମଶ୍ଚାସ୍ୟାଃ କରରୁହପଦୈର୍ମୁଚ୍ୟମାନୋ ମଦୀୟୈ-
ର୍ମୁକ୍ତାଜାଲଂ ଚିରପରିଚିତଂ ତ୍ୟାଜିତୋ ଦୈବଗତ୍ୟା ।
ସଂଭୋଗାନ୍ତେ ମମ ସମୁଚିତୋ ହସ୍ତସଂବାହନାନାଂ
ଯାସ୍ୟତ୍ୟୂରୁଃ ସରସକଦଳୀସ୍ତମ୍ଭଗୌରଶ୍ଚଳତ୍ୱମ୍ ॥ ୩୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁଁ ଜାଣେ, ତୁମ ବାନ୍ଧବୀଙ୍କର ମୋ ପ୍ରତି ଗଭୀର ସ୍ନେହ ରହିଛି । ତେଣୁ ପ୍ରଥମ ବିରହରେ ତାଙ୍କର ଅବସ୍ଥା ଏଭଳି ହୋଇ ଯାଇଥିବ ବୋଲି ମୁଁ ଅନୁମାନ କରୁଛି । ମୁଁ ନିଜକୁ ନିଜେ ସୌଭାଗ୍ୟବାନ୍ ମନେ କରି ଯେ ଏପରି ବାଗ୍ଜାଲ ହେଉଛି ତା ନୁହେଁ ; ମୁଁ ଯାହାସବୁ କହିଲି, ଭାଇ, ତୁମେ ଆଉ ଅଳ୍ପ ସମୟ ମଧ୍ୟରେ ନିଜ ଆଖିରେ ତାହାସବୁ ଦେଖିପାରିବ । (ସମ୍ଭୃତ-ବର୍ଦ୍ଧିତ, ଅତ୍ୟଧିକ ; ଇତ୍ଥଂଭୂତା-ଏଭଳି ହୋଇଥିବା ; ସୁଭଗମ୍ମନ୍ୟଭାବ--ନିଜକୁ ନିଜେ ସୌଭାଗ୍ୟବାନ୍ ମନେ କରିବାର ଭାବ ; ନିଖିଳ—ସମସ୍ତ ; ଅଚିରାତ୍- ଅଚିରେ, ଅବିଳମ୍ବେ) ୩୪

ମୃଗାକ୍ଷୀର ଚକ୍ଷୁର ଦୀର୍ଘ କୋଣ ତ ର ମୁଖ ଉପରେ ପଡ଼ିଥିବା କେଶଦ୍ୱାରା ରୁଦ୍ଧ ହେଉଥିବ, ଅଞ୍ଜନ ବିନା ତାହା (ଚକ୍ଷୁ) ରୁକ୍ଷ ହୋଇଥିବ ଏବଂ ମଦ୍ୟପାନ ବିନା ଭ୍ରୂଲତାନର୍ତ୍ତନ ପାଶୋରି ଦେଇଥିବ । ତୁମେ ନିକଟବର୍ତ୍ତୀ ହେଲେ ତାର ସେଭଳି ଚକ୍ଷୁର ଉପରଭାଗ ସ୍ପନ୍ଦିତ ହୋଇଉଠିବ । ତେଣୁ ମୁଁ ଅନୁମାନ କରୁଛି, ମୀନମାନଙ୍କ ସନ୍ତରଣ ହେତୁ ଦୋହଲୁଥିବା ନୀଳକଇଁ ଯେପରି ଶୋଭା ପାଏ, ତାର ଚକ୍ଷୁ ସେହିପରି ଅବସ୍ଥା ଲାଭ କରିବ । (ଅପାଙ୍ଗ-ନେତ୍ରକୋଣ ; ପ୍ରସର—ଦୀର୍ଘତା, ବିସ୍ତାର ; ସ୍ନେହଶୂନ୍ୟ -ରୁକ୍ଷ ; ପ୍ରତ୍ୟାଦେଶ-ପରିତ୍ୟାଗ ; ମଧୁ-ମଦ୍ୟ ; ଭ୍ରୂବିଳାସ-ଭ୍ରୂଲତା ନର୍ତ୍ତନ , ଆସନ୍ନ-ନିକଟବର୍ତ୍ତୀ ; କ୍ଷୋଭ-ସନ୍ତରଣ , କୁବଳୟ - ନୀଳକଇଁ) ୩୫

ମୋ ପ୍ରିୟାର ବାମ ଜଙ୍ଘଟି, ଯାହା କି ବର୍ତ୍ତମାନ ମୋର ନଖକ୍ଷତ-ଚିହ୍ନରୁ ବଞ୍ଚିତ ହୋଇ ରହିଛି ଏବଂ ବିଧିର ବିଧାନରେ ଚିର ପରିଚିତ ମୁକ୍ତାମାଳାଟିକୁ ପରିତ୍ୟାଗ କରିବାପାଇଁ ବାଧ୍ୟ ହୋଇଛି, ଯାହାକୁ ମୁଁ ସମ୍ଭୋଗ ପରେ ନିଜ ହାତରେ ସମ୍ବାହନ କରିଦିଏଁ, ଯାହା ସରସ କଦଳୀ ଗଛର ସ୍ତମ୍ଭ ପରି ଗୌର ବର୍ଣ୍ଣ, ମୋ ପ୍ରିୟାର ସେହି ବାମ ଜଙ୍ଘଟି, ତୁମେ ନିକଟବର୍ତ୍ତୀ ହେଲେ ସ୍ପନ୍ଦିତ ହୋଇଉଠିବ । (କରରୁହପଦ—ନଖକ୍ଷତ ; ମୁଚ୍ୟମାନ-ବଞ୍ଚିତ ; ସମ୍ବାହନ-ମୋଡିଦେବା ; ଉରୁ-ଜଙ୍ଘ ; ଚଳତ୍ୱ-ସ୍ପନ୍ଦନ) ୩୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्मिन् काले जलद यदि सा लब्धनिद्रासुखा स्यात्
अन्वास्यैनां स्तनितविमुखो याममात्रं सहस्व ।
मा भूदस्याः प्रणयिनि मयि स्वप्नलब्धे कथंचित्
सद्यः कण्ठच्युतभुजलताग्रन्थि गाढोपगूढम् ॥ ३७

ତସ୍ମିନ୍ କାଳେ ଜଳଦ ଯଦି ସା ଲବ୍ଧନିଦ୍ରାସୁଖା ସ୍ୟାତ୍-
ଅନ୍ୱାସ୍ୟୈନାଂ ସ୍ତନିତବିମୁଖୋ ଯାମମାତ୍ରଂ ସହସ୍ୱ ।
ମା ଭୂଦସ୍ୟାଃ ପ୍ରଣୟିନି ମୟି ସ୍ୱପ୍ନଲବ୍ଧେ କଥଂଚିତ୍
ସଦ୍ୟଃ କଣ୍ଠଚ୍ୟୁତଭୁଜଲତାଗ୍ରନ୍ଥି ଗାଢୋପଗୂଢମ୍ ॥ ୩୭

तामुत्थाप्य स्वजलकणिकाशीतलेनानिलेन
प्रत्याश्वस्तां सममभिनवैर्जालकैर्मालतीनाम् ।
विद्युद्गर्भः स्तिमितनयनां त्वत्सनाथे गवाक्षे
वक्तुं धीरः स्तनितवचनैर्मानिनीं प्रक्रमेथाः ॥ ३८

ତାମୁତ୍ଥାପ୍ୟ ସ୍ୱଜଳକଣିକାଶୀତଳେନାନିଳେନ
ପ୍ରତ୍ୟାଶ୍ୱସ୍ତାଂ ସମମଭିନବୈର୍ଜାଳକୈର୍ମାଳତୀନାମ୍ ।
ବିଦ୍ୟୁଦ୍‌ଗର୍ଭଃ ସ୍ତିମିତନୟନାଂ ତ୍ୱତ୍‌ସନାଥେ ଗବାକ୍ଷେ
ବକ୍ତୁଂ ଧୀରଃ ସ୍ତନିତବଚନୈର୍ମାନିନୀଂ ପ୍ରକ୍ରମେଥାଃ ॥ ୩୮

भर्तुर्मित्रं प्रियमविधवे विद्धि मामम्बुवाहं
तत्सन्देशैर्हृदयनिहितैरागतं त्वत्समीपम् ।
यो वृन्दानि त्वरयति पथि श्राम्यतां प्रोषितानां
मन्द्रस्निग्धैर्ध्वनिभिरबलावेणिमोक्षोत्सुकानि ॥ ३९

ଭର୍ତ୍ତୁର୍ମିତ୍ରଂ ପ୍ରିୟମବିଧବେ ବିଦ୍ଧି ମାମମ୍ବୁବାହଂ
ତତ୍‌ସଂଦେଶୈର୍ହୃଦୟନିହିତୈରାଗତଂ ତ୍ୱତ୍‌ସମୀପମ୍ ।
ଯୋ ବୃନ୍ଦାନି ତ୍ୱରୟତି ପଥି ଶ୍ରାମ୍ୟତାଂ ପ୍ରୋଷିତାନାଂ
ମନ୍ଦ୍ରସ୍ନିଗ୍ଧୈର୍ଧ୍ୱନିଭିରବଳାବେଣିମୋକ୍ଷୋତ୍ସୁକାନି ॥ ୩୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ମେଘ, ସେତେବେଳେ ଯଦି ସେ ନିଦ୍ରାସୁଖ ଅନୁଭବ କରୁଥିବ, ତେବେ ତୁମେ ତା' ନିକଟରେ ନିଃଶବ୍ଦରେ ଏକ ପ୍ରହର ମାତ୍ର ବସି ରହିବ । ସେତେବେଳେ ସେ ସ୍ୱପ୍ନରେ ବହୁ କଷ୍ଟରେ ତାର ପ୍ରିୟକୁ (ମୋତେ) ପାଇଥିବ ଏବଂ ନିବିଡ ଭାବରେ ଆଲିଙ୍ଗନ କରୁଥିବ । ତୁମେ ନିଃଶବ୍ଦରେ ଅପେକ୍ଷା କଲେ ତାର ବାହୁବନ୍ଧନ ହଠାତ ପ୍ରିୟର କଣ୍ଠରୁ ଶିଥିଳ ହୋଇପଡ଼ିବ ନାହିଁ । (ସ୍ତନିତ-ମେଘଗର୍ଜନ , ଯାମ-ପ୍ରହର , ଗାଢ଼-ଉପଗୂଢ଼—ନିବିଡ ଆଲିଙ୍ଗନ , ସଦ୍ୟଃ-ହଠାତ୍) ୩୭

ତୁମର ଜଳକଣିକା ସମ୍ପର୍କରୁ ଶୀତଳ ହୋଇଥିବା ବାୟୁଦ୍ୱାରା ତୁମେ ମୋ ପ୍ରିୟାକୁ ନିଦରୁ ଉଠାଇବ । ତୁମର ଉପସ୍ଥିତିରେ ମାଳତୀ ଲତାର ନୂତନ କଳିକାମାନେ ସତେଜ ହୋଇ ଉଠିବେ, ସେମାନଙ୍କ ସଙ୍ଗରେ ମୋର ପ୍ରିୟା ମଧ୍ୟ ସତେଜ ହୋଇ ଉଠିବ । ତୁମେ ଯେଉଁ ଝରକାରେ ବସିଥିବ, ସେ ସେହି ଝରକା ଆଡକୁ ନିଶ୍ଚଳ ଦୃଷ୍ଟିରେ ଚାହିଁବ । ସେତେ-ବେଳେ ତୁମେ ବିଜୁଳି ସ୍ଫୁରଣ ନ କରି ଧୀରସ୍ଥିର ଭାବରେ ନିଜର ଘଡ଼ଘଡ଼ ଶବ୍ଦରୂପକ ଭାଷାରେ ସେହି ମନସ୍ୱିନୀକୁ କହିବାର ଉପକ୍ରମ କରିବ— (ଅନିଳ-ବାୟୁ , ଅଭିନବ-ନୂତନ , ଜାଲକ-କଳି , ସ୍ତିମିତ-ନିଶ୍ଚଳ, ସନାଥ-ଯୁକ୍ତ , ସ୍ତନିତ-ମେଘର ଘଡଘଡ଼ ଶବ୍ଦ) ୩୮

" ଗୋ ପତିମତୀ, ମୋତେ ତୁମ ପତିଙ୍କର ପ୍ରିୟ ମିତ୍ର ମେଘ ବୋଲି ଜାଣ । ମୁଁ ହୃଦୟ ମଧ୍ୟରେ ତାଙ୍କର ବାର୍ତ୍ତା ଧରି ତୁମ ନିକଟକୁ ଆସିଛି । ପ୍ରବାସୀ ପୁରୁଷମାନେ ଯେତେବେଳେ ଘରକୁ ଫେରୁଥାନ୍ତି, ନିଜ ନିଜ ପ୍ରିୟାଙ୍କର ବେଣୀ ମୁକୁଳା କରିବାକୁ ସେମାନଙ୍କର ମନ ଉଛନ୍ନ ହୋଇ-ଉଠୁଥାଏ, କିନ୍ତୁ ପଥ ଚାଲିଚାଲି ସେମାନେ କ୍ଳାନ୍ତ ହୋଇ ପଡୁଥାନ୍ତି, ମୁଁ ସେତେବେଳେ ନିଜର ସ୍ନିଗ୍ଧ ଗମ୍ଭୀର ଧ୍ୱନିଦ୍ୱାରା ସେମାନଙ୍କୁ ଗୃହ-ଅଭିମୁଖରେ ଚାଲିବାକୁ ଉତ୍ସୁକ କରେ । (ଅବିଧବା-ପତିମତୀ ; ଅମ୍ବୁବାହ— ମେଘ ; ବୃନ୍ଦ-ଗଣ, ସମୂହ ; ପ୍ରୋଷିତ-ପ୍ରବାସୀ , ମନ୍ଦ୍ର—ଗମ୍ଭୀର , ମୋକ୍ଷ-- ମୁକୁଳା କରିବା) ୩୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इत्याख्याते पवनतनयं मैथिलीवोन्मुखी सा
त्वामुत्कण्ठोच्छ्वसितहृदया वीक्ष्य संभाव्य चैवम् ।
श्रोष्यत्यस्मात् परमवहिता सौम्य सीमन्तिनीनां
कान्तोदन्तः सुहृदुपनतः संगमात् किञ्चिदूनः ॥ ४०

ଇତ୍ୟାଖ୍ୟାତେ ପବନତନୟଂ ମୈଥିଳୀବୋନ୍ମୁଖୀ ସା
ତ୍ୱାମୁତ୍କଣ୍ଠୋଚ୍ଛ୍ୱସିତହୃଦୟା ବୀକ୍ଷ୍ୟ ସଂଭବ୍ୟ ଚୈବମ୍ ।
ଶ୍ରୋଷ୍ୟତ୍ୟସ୍ମାତ୍ ପରମବହିତା ସୌମ୍ୟ ସୀମନ୍ତିନୀନାଂ
କାନ୍ତୋଦନ୍ତଃ ସୁହୃଦୁପନତଃ ସଂଗମାତ୍ କିଞ୍ଚିଦୂନଃ ॥ ୪୦

तामायुष्मन् मम च वचनादात्मनश्चोपकर्तुं
ब्रूया एवं तव सहचरो रामगिर्याश्रमस्थः ।
अव्यापन्नः कुशलमबले पृच्छति त्वां वियुक्तः
पूर्वाभाष्यं सुलभविपदां प्राणिनामेतदेव ॥ ४१

ତାମାୟୁଷ୍ମନ୍ ମମ ଚ ବଚନାଦାତ୍ମନଶ୍ଚୋପକର୍ତ୍ତୁଂ
ବ୍ରୂୟା ଏବଂ ତବ ସହଚରୋ ରାମଗିର୍ଯ୍ୟାଶ୍ରମସ୍ଥଃ ।
ଅବ୍ୟାପନ୍ନଃ କୁଶଳମବଳେ ପୃଚ୍ଛତି ତ୍ୱାଂ ବିଯୁକ୍ତଃ
ପୂର୍ବାଭାଷ୍ୟଂ ସୁଲଭବିପଦାଂ ପ୍ରାଣିନାମେତଦେବ ॥ ୪୧

अङ्गेनाङ्गं प्रतनु तनुना गाढतप्तेन तप्तं
सास्रेणास्रद्रुतमविरतोत्कण्ठमुत्कण्ठितेन ।
उष्णोच्छ्वासं समधिकतरोच्छ्वासिना दूरवर्ती
संकल्पैस्तैर्विशति विधिना वैरिणा रुद्धमार्गः ॥ ४२

ଅଙ୍ଗେନାଙ୍ଗଂ ପ୍ରତନୁ ତନୁନା ଗାଢତପ୍ତେନ ତପ୍ତଂ
ସାସ୍ରେଣାସ୍ରଦ୍ରୁତମବିରତୋତ୍କଣ୍ଠମୁତ୍କଣ୍ଠିତେନ ।
ଉଷ୍ଣୋଚ୍ଛ୍ୱାସଂ ସମଧିକତରୋଚ୍ଛ୍ୱାସିନା ଦୂରବର୍ତ୍ତୀ
ସଙ୍କଳ୍ପୈସ୍ତୈର୍ବିଶତି ବିଧିନା ବୈରିଣା ରୁଦ୍ଧମାର୍ଗଃ ॥ ୪୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମେ ଏହା କହିବାମାତ୍ରେ ମୋ ପ୍ରିୟାର ହୃଦୟ ଉତ୍କଣ୍ଠାରେ ଉଦ୍‌ବେଳିତ ହୋଇ ଉଠିବ । ସୀତା ଯେପରି ଉତ୍କଣ୍ଠାର ସହିତ ହନୁମାନ୍‌ଙ୍କ ଆଡକୁ ଦୃଷ୍ଟିପାତ କରିଥିଲେ ଏବଂ ତାଙ୍କୁ ସମ୍ମାନପ୍ରଦର୍ଶନ କରିଥିଲେ, ସେ ସେହିପରି ଭବରେ ଉପରକୁ ମୁହଁ ଟେକି ତୁମ ଆଡକୁ ଗ୍ରହିଁବ ଏବଂ ତୁମକୁ ସମ୍ମାନ ପ୍ରଦର୍ଶନ କରିବ । ତା' ପରେ ସେ ମନୋଯୋଗ ଦେଇ ତୁମ କଥା ଶୁଣିବ । କାରଣ, ହେ ସୌମ୍ୟ, ସ୍ତ୍ରୀମାନେ ପ୍ରିୟବନ୍ଧୁଙ୍କ ଠାରୁ ସ୍ୱାମୀଙ୍କର ଯେଉଁ ବାର୍ତ୍ତା ଶୁଣନ୍ତି, ତାହା ସେମାନଙ୍କ ପକ୍ଷରେ ମିଳନଠାରୁ ଟିକିଏ ଊଣା ମାତ୍ର । (ପବନତନୟ—ହନୁମାନ୍ ; ମୈଥିଳୀ—ସୀତା , ଉଚ୍ଛ୍ୱସିତ—ଉଦ୍‌ବେଳିତ ; ଅବହିତ—ମନୋଯୋଗୀ ; ସୀମନ୍ତିନୀ—ସ୍ତ୍ରୀ ; ଉଦନ୍ତ—ବାର୍ତ୍ତା ; ଉପନତ -ଆନୀତ ; ସଂଗମ— ମିଳନ) ୪୦

ହେ ଆୟୁଷ୍ମାନ୍, ମୋର ଅନୁରୋଧରୁ ଏବଂ ତୁମ ନିଜର ଉପକାର ଦୃଷ୍ଟିରୁ (ବନ୍ଧୁର ଉପକାର କରିବା ଯାହା, ନିଜର ଉପକାର କରିବା ତାହା, ଏହି ଦୃଷ୍ଟିରୁ) ତାଙ୍କୁ ଏହିପରି କହିବ— ''ଗୋ ଦୁଃଖିନୀ, ତୁମର ବିରହୀ ସାଥୀ ବର୍ତ୍ତମାନ ରାମଗିରି ଆଶ୍ରମରେ ଜୀବିତ ଅଛନ୍ତି ଏବଂ ତୁମକୁ କୁଶଳ-ବାର୍ତ୍ତା ପଚାରିଛନ୍ତି । ମନୁଷ୍ୟମାନଙ୍କ ପକ୍ଷରେ ବିପଦ ସୁଲଭ, ତେଣୁ ସମ୍ଭାଷଣର ଉଚିତ ପ୍ରଥମ ବିଷୟ ହେଉଛି କୁଶଳବାର୍ତ୍ତା ପଚାରିବା । (ସହଚର—ସାଥୀ ; ଅବ୍ୟାପନ୍ନ—ଜୀବିତ ; ବିଯୁକ୍ତ—ବିରହୀ ; ପୂର୍ବ-ଆଭାଷ୍ୟ—ସମ୍ଭାଷଣର ପ୍ରଥମ ବିଷୟ) ୪୧

ବିଧାତାର ଶତ୍ରୁତା ହେତୁ ତୁମର ଦୂରବର୍ତ୍ତୀ ସାଥୀ ତୁମ ନିକଟକୁ ଆସିପାରୁ ନାହାନ୍ତି ; କିନ୍ତୁ କଳ୍ପନାରେ ବିବିଧ ଅଭିଳାଷ ପୋଷଣ କରି ନିଜର କ୍ଷୀଣ, ଅତିତପ୍ତ, ଅଶ୍ରୁବିଗଳିତ, ଉତ୍କଣ୍ଠିତ ତଥା ଦୀର୍ଘ ନିଃଶ୍ୱସିତ ଶରୀରକୁ ତୁମର କ୍ଷୀଣ, ଅତିତପ୍ତ, ଅଶ୍ରୁବିଗଳିତ, ଉତ୍କଣ୍ଠିତ ତଥା ଦୀର୍ଘନିଃଶ୍ୱସିତ ଶରୀର ସହିତ ମିଶାଇ ଦେଉଛନ୍ତି । (ପ୍ରତନୁ—କ୍ଷୀଣ; ସାସ—ଅଶ୍ରୁଯୁକ୍ତ ; ଦ୍ରୁତ—ବିଗଳିତ ; ସଂକଳ୍ପ—ମାନସିକ ଅଭିଳାଷ) ୪୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

शब्दाख्येयं यदपि किल ते यः सखीनां पुरस्तात्
कर्णे लोलः कथयितुमभूदाननस्पर्शलोभात् ।
सोऽतिक्रान्तः श्रवणविषयं लोचनाभ्यामदृष्ट-
स्त्वामुत्कण्ठाविरचितपदं मन्मुखेनेदमाह ॥ ४३

ଶବ୍ଦାଖ୍ୟେୟଂ ଯଦପି କିଲ ତେ ଯଃ ସଖୀନାଂ ପୁରସ୍ତାତ୍
କର୍ଣ୍ଣେ ଲୋଲଃ କଥୟିତୁମଭୂଦାନନସ୍ପର୍ଶଲୋଭାତ୍ ।
ସୋଽତିକ୍ରାନ୍ତଃ ଶ୍ରବଣବିଷୟଂ ଲୋଚନାଭ୍ୟାମଦୃଷ୍ଟ-
ସ୍ତ୍ୱାମୁତ୍କଣ୍ଠାବିରଚିତପଦଂ ମନ୍ମୁଖେନେଦମାହ ॥ ୪୩

श्यामास्वङ्गं चकितहरिणीप्रेक्षणे दृष्टिपातं
वक्त्रच्छायां शशिनि शिखिनां बर्हभारेषु केशान् ।
उत्पश्यामि प्रतनुषु नदीवीचिषु भ्रूविलासान्
हन्तैकस्मिन् क्वचिदपि न ते चण्डि सादृश्यमस्ति ॥ ४४

ଶ୍ୟାମାସ୍ୱଙ୍ଗଂ ଚକିତହରିଣୀପ୍ରେକ୍ଷଣେ ଦୃଷ୍ଟିପାତଂ
ବକ୍ତ୍ରଚ୍ଛାୟଂ ଶଶିନି ଶିଖିନାଂ ବର୍ହଭାରେଷୁ କେଶାନ୍ ।
ଉତ୍ପଶ୍ୟାମି ପ୍ରତନୁଷୁ ନଦୀବୀଚିଷୁ ଭ୍ରୂବିଳାସାନ୍
ହନ୍ତୈକସ୍ମିନ୍ କ୍ୱଚିଦପି ନ ତେ ଚଣ୍ଡି ସାଦୃଶ୍ୟମସ୍ତି ॥ ୪୪

त्वामालिख्य प्रणयकुपितां धातुरागैः शिलाया-
मात्मानं ते चरणपतितं यावदिच्छामि कर्तुम् ।
अस्रैस्तावन्मुहुरुपचितैर्दृष्टिरालुप्यते मे
क्रूरस्तस्मिन्नपि न सहते सङ्गमं नौ कृतान्तः ॥ ४५

ତ୍ୱାମାଲିଖ୍ୟ ପ୍ରଣୟକୁପିତାଂ ଧାତୁରାଗୈଃ ଶିଳାୟା-
ମାତ୍ମାନଂ ତେ ଚରଣପତିତଂ ଯାବଦିଚ୍ଛାମି କର୍ତ୍ତୁମ୍ ।
ଅସ୍ରୈସ୍ତାବନ୍ମୁହୁରୁପଚିତୈର୍ଦୃଷ୍ଟିରାଲୁପ୍ୟତେ ମେ
କ୍ରୂରସ୍ତସ୍ମିନ୍ନପି ନ ସହତେ ସଙ୍ଗମଂ ନୌ କୃତାନ୍ତଃ ॥ ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମର ପ୍ରିୟ ତୁମ ସଙ୍ଗିନୀମାନଙ୍କ ଆଗରେ, ଯେଉଁ ବିଷୟକୁ ପ୍ରକାଶ୍ୟରେ ଉଚ୍ଚାରଣ କରି କହିବା କଥା, ତାହା ମଧ୍ୟ ତୁମ କାନ ପାଖରେ କହିବା ପାଇଁ ଲାଳାୟିତ ହେଉଥିଲେ । ତୁମ ମୁଖକୁ ସ୍ପର୍ଶ କରିବାର ଲୋଭ ଥିଲା ତାଙ୍କର ଅଭିପ୍ରାୟ । ସେ ବର୍ତ୍ତମାନ ତୁମର ଶ୍ରବଣ ପଥର ବହୁ ଦୂରରେ, ଦୃଷ୍ଟିପଥର ମଧ୍ୟ ବହୁ ଦୂରରେ । ତେଣୁ ସେ ଗଭୀର ଉତ୍କଣ୍ଠାର ସହିତ ପଦ ସଂଯୋଜନା କରି ମୋ ମୁଖରେ ଏହି କଥା କହିଛନ୍ତି :— (ଶବ୍ଦ-ଆଖ୍ୟେୟ—ଉଚ୍ଚାରଣ କରି କୁହାଯିବା କଥା ; ଲୋଲ—ଲାଳାୟିତ ; ଆନନ—ମୁଖ) ୪୩

" ଗୋ ଚଣ୍ଡି, ମୁଁ ଦ୍ରାକ୍ଷାଲତାରେ ତୁମର ଶରୀରକୁ, ଚକିତ ହରିଣୀମାନଙ୍କ ଚକ୍ଷୁରେ ତୁମର ଚାହାଣିକୁ, ଚନ୍ଦ୍ରରେ ତୁମର ମୁଖ ଶୋଭାକୁ, ମୟୂରମାନଙ୍କ ପୁଚ୍ଛରେ କେଶକୁ ଏବଂ କ୍ଷୁଦ୍ର କ୍ଷୁଦ୍ର ନଦୀଲହରୀମାନଙ୍କରେ ତୁମର ଭ୍ରୂଲତା ବିଳାସକୁ ଦେଖିବାର କଳ୍ପନା କରୁଛି । କିନ୍ତୁ ହାୟ ! କୌଣସି ଗୋଟିକରେ ତୁମର ସଂପୂର୍ଣ୍ଣ ସାଦୃଶ୍ୟ ମୁଁ ଦେଖିବାକୁ ପାଉନାହିଁ । (ଶ୍ୟାମା—ଦ୍ରାକ୍ଷା ଲତା ; ପ୍ରେକ୍ଷଣ—ଚାହାଣି , ବକ୍ତ୍ର—ମୁଖ ; ଛାୟା—କାନ୍ତି ; ଶିଖୀ—ମୟୂର ; ବର୍ହ—ମୟୂରପୁଚ୍ଛ ; ବୀଚି—ଲହରୀ) ୪୪

ମୁଁ ତୁମର ପ୍ରଣୟକୁପିତ ରୂପକୁ ଶିଳା ଉପରେ ଧାତୁରଙ୍ଗରେ ଅଙ୍କନ କରି ଯେତେବେଳେ ନିଜକୁ ତୁମ ପାଦତଳେ ଲୋଟାଇ ଦେବାକୁ ଇଚ୍ଛା କରୁଛି, ସେତେବେଳେ ପ୍ରବଳ ଅଶ୍ରୁପାତ ଯୋଗୁ ମୋ ଦୃଷ୍ଟି ଅବରୁଦ୍ଧ ହୋଇ ଯାଉଛି । ନିଷ୍ଠୁର ବିଧାତା ଚିତ୍ରରେ ମଧ୍ୟ ଆମ ଦୁହିଁଙ୍କର ମିଳନକୁ ସହ୍ୟ କରି ପାରୁନାହିଁ । (ଧାତୁରାଗ—ଧାତୁରଙ୍ଗ , ଅସ୍ର-ଅଶ୍ରୁ ; ମୁହୁଃ—ଘନଘନ ; ଉପଚିତ—ବୃଦ୍ଧିପ୍ରାପ୍ତ ; କ୍ରୂର—ନିଷ୍ଠୁର ; ସଙ୍ଗମ—ମିଳନ) ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मामाकाशप्रणिहितभुजं निर्दयाश्लेषहेतो
र्लब्धायास्ते कथमपि मया स्वप्नसन्दर्शनेषु ।
पश्यन्तीनां न खलु बहुशो न स्थलीदेवतानां
मुक्तास्थूलास्तरुकिसलयेष्वश्रुलेशाः पतन्ति ।। ४६

ମାମାକାଶପ୍ରଣିହିତଭୁଜଂ ନିର୍ଦ୍ଦୟାଶ୍ଳେଷହେତୋ-
ର୍ଲବ୍ଧାୟାସ୍ତେ କଥମପି ମୟା ସ୍ୱପ୍ନସନ୍ଦର୍ଶନେଷୁ ।
ପଶ୍ୟନ୍ତୀନାଂ ନ ଖଳୁ ବହୁଶୋ ନ ସ୍ଥଳୀଦେବତାନାଂ
ମୁକ୍ତାସ୍ଥୂଳାସ୍ତରୁକିସଳୟେଷ୍ୱଶ୍ରୁଲେଶାଃ ପତନ୍ତି ।। ୪୬

भित्त्वा सद्यः किसलयपुटान् देवदारुद्रुमाणां
ये तत्क्षीरस्रुतिसुरभयो दक्षिणेन प्रवृत्ताः ।
आलिङ्ग्यन्ते गुणवति मया ते तुषाराद्रिवाताः
पूर्वं स्पृष्टं यदि किल भवेदङ्गमेभिस्तवेति ।। ४७

ଭିତ୍ତ୍ୱା ସଦ୍ୟଃ କିସଳୟପୁଟାନ୍ ଦେବଦାରୁଦ୍ରୁମାଣାଂ
ଯେ ତତ୍କ୍ଷୀରସ୍ରୁତିସୁରଭୟୋ ଦକ୍ଷିଣେନ ପ୍ରବୃତ୍ତାଃ ।
ଆଲିଙ୍ଗ୍ୟନ୍ତେ ଗୁଣବତି ମୟା ତେ ତୁଷାରାଦ୍ରିବାତାଃ ।
ପୂର୍ବଂ ସ୍ପୃଷ୍ଟଂ ଯଦି କିଳ ଭବେଦଙ୍ଗମେଭିସ୍ତବେତି ।। ୪୭

संक्षिप्येत क्षण इव कथं दीर्घयामा त्रियामा
सर्वावस्थास्वहरपि कथं मन्दमन्दातपं स्यात् ।
इत्थं चेतश्चटुलनयने दुर्लभप्रार्थनं मे
गाढोष्माभिः कृतमशरणं त्वद्वियोगव्यथाभिः ।। ४८

ସଂକ୍ଷିପ୍ୟେତ କ୍ଷଣ ଇବ କଥଂ ଦୀର୍ଘଯାମା ତ୍ରିଯାମା
ସର୍ବାବସ୍ଥାସ୍ୱହରପି କଥଂ ମନ୍ଦମନ୍ଦାତପଂ ସ୍ୟାତ୍ ।
ଇତ୍ଥଂ ଚେତଶ୍ଚଟୁଳନୟନେ ଦୁର୍ଲ୍ଲଭପ୍ରାର୍ଥନଂ ମେ
ଗାଢୋଷ୍ମାଭିଃ କୃତମଶରଣଂ ତ୍ୱଦ୍ବିୟୋଗବ୍ୟଥାଭିଃ ।। ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁଁ ଯେତେବେଳେ ତୁମକୁ ବହୁ କଷ୍ଟରେ ସ୍ୱପ୍ନରେ ଲଭ କରି ନିବିଡ ଭବରେ ଆଲିଙ୍ଗନ କରିବାକୁ ଦୁଇ ବାହୁ ପ୍ରସାରିତ କରୁଛି, ସେତେ-ବେଳେ ମୋ ଆଡକୁ ଗ୍ୱହିଁ ସେହି ସ୍ଥାନର ଦେବଦେବୀମାନେ କାନ୍ଦି ପକାଉ-ଛନ୍ତି। ସେମାନଙ୍କ ଚକ୍ଷୁରୁ ମୁକ୍ତାଭଳି ବଡବଡ ଅଶ୍ରୁବିନ୍ଦୁ ଝରି ବୃକ୍ଷଲତା-ମାନଙ୍କର ନବପଲ୍ଲବ ଉପରେ ପଡୁଛି। (ପ୍ରଣିହିତ-ପ୍ରସାରିତ ; ନିର୍ଦ୍ଦୟ-ଆଶ୍ଳେଷ—ନିବିଡ଼ ଆଲିଙ୍ଗନ ; ସ୍ଥୂଳ ବୃହତ , କିସଳୟ—ନବପଲ୍ଲବ , ଲେଶ—ବିନ୍ଦୁ) ୪୬

ଗୋ ଗୁଣବତୀ, ହିମାଳୟର ଯେଉଁ ବାୟୁ ଦେବଦାରୁ ଗଛ-ଗୁଡ଼ିକର ଅଗ ଫିଟିନଥିବା ନୂଆ ପତ୍ରଗୁଡ଼ିକୁ ଫିଟାଇ ଏବଂ ସେଥିରୁ ଝରୁଥିବା କ୍ଷୀରର ସୁଗନ୍ଧରେ ସୁଗନ୍ଧିତ ହୋଇ ଦକ୍ଷିଣ ଦିଗକୁ ତାଳେତାଳେ ବହି ଆସୁଛି, ତାହା କାଳେ ତୁମର ଶରୀରର ସ୍ପର୍ଶ ଲଭ କରି ଆସିଥିବ, ଏହି ଧାରଣାରେ ମୁଁ ତାହାକୁ ଆଲିଙ୍ଗନ କରୁଛି। (କିସଳୟ ପୁଟ-ପତ୍ରକର୍ଢି, ଫିଟିନଥିବା ପତ୍ର ; ସ୍ରୁତି—କ୍ଷରଣ, ଝରିବା ; ତୁଷାର-ଅଦ୍ରି—ହିମାଳୟ) ୪୭

ଗୋ ଚଞ୍ଚଳ ନୟନା, ତୁମ ବିରହରେ ଦୀର୍ଘ ବୋଧ ହେଉଥିବା ରାତ୍ରି କୌଣସି ପ୍ରକାରେ କ୍ଷଣକ ପରି କ୍ଷୀଣ ହୁଅନ୍ତା କି ! ଦିନ ମଧ୍ୟ କୌଣସି ପ୍ରକାରେ ସବୁ ଋତୁରେ ଅଳ୍ପତାପବିଶିଷ୍ଟ ହୁଅନ୍ତା କି ! ଏହିପରି ଅସମ୍ଭବ କାମନା ସବୁ ପୋଷଣ କରି ମୋର ମନ ତୀବ୍ର ତାପଦାୟକ ବିରହ ବ୍ୟଥାରେ ଶରଣ ହୀନ ହୋଇ ଗଲଣି। (ଯାମ—ପ୍ରହର ; ତ୍ରିଯାମା-ରାତି ; ଅହ-ଦିନ ; ମନ୍ଦମନ୍ଦାତପ—ଅଳ୍ପତାପବିଶିଷ୍ଟ ; ଚଟୁଳ—ଚପଳ ; ଗାଢ଼-ଉଷ୍ମା—ତୀବ୍ର ତାପ) ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नन्वात्मानं बहु विगणयन्नात्मनैवावलम्बे
तन् कल्याणि त्वमपि नितरां मा गमः कातरत्वम् ।
कस्यात्यन्तं सुखमुपनतं दुःखमेकान्ततो वा
नीचैर्गच्छत्युपरि च दशा चक्रनेमिक्रमेण ।। ४९

ନନ୍ୱାତ୍ମାନଂ ବହୁ ବିଗଣୟନ୍ନାତ୍ମନୈବାବଲମ୍ବେ
ତତ୍ କଲ୍ୟାଣି ତ୍ୱମପି ନିତରାଂ ମା ଗମଃ କାତରତ୍ୱମ୍ ।
କସ୍ୟାତ୍ୟନ୍ତଂ ସୁଖମୁପନତଂ ଦୁଃଖମେକାନ୍ତତୋ ବା
ନୀଚୈର୍ଗଚ୍ଛତ୍ୟୁପରି ଚ ଦଶା ଚକ୍ରନେମିକ୍ରମେଣ ।। ୪୯

शापान्तो मे भुजगशयनादुत्थिते शार्ङ्गपाणौ
शेषान् मासान् गमय चतुरो लोचने मीलयित्वा ।
पश्चादावां विरहगुणितं तं तमात्माभिलाषं
निर्वेक्ष्यावः परिणतशरच्चन्द्रिकासु क्षपासु ।। ५०

ଶାପାନ୍ତୋ ମେ ଭୁଜଗଶୟନାଦୁତ୍ଥିତେ ଶାର୍ଙ୍ଗପାଣୌ
ଶେଷାନ୍ ମାସାନ ଗମୟ ଚତୁରୋ ଲୋଚନେ ମୀଳୟିତ୍ୱା ।
ପଶ୍ଚାଦାବାଂ ବିରହଗୁଣିତଂ ତଂ ତମାତ୍ମାଭିଳାଷଂ
ନିର୍ବେକ୍ଷ୍ୟାବଃ ପରିଣତଶରଚ୍ଚନ୍ଦ୍ରିକାସୁ କ୍ଷପାସୁ ।। ୫୦

भूयश्चाह त्वमपि शयने कण्ठलग्ना पुरा मे
निद्रां गत्वा किमपि रुदती सस्वनं विप्रबुद्धा ।
सान्तर्हासं कथितमसकृत् पृच्छतश्च त्वया मे
दृष्टः स्वप्ने कितव रमयन् कामपि त्वं मयेति ।। ५१

ଭୂୟଶ୍ଚାହ ତ୍ୱମପି ଶୟନେ କଣ୍ଠଲଗ୍ନା ପୁରା ମେ
ନିଦ୍ରାଂ ଗତ୍ୱା କିମପି ରୁଦତୀ ସସ୍ୱନଂ ବିପ୍ରବୁଦ୍ଧା ।
ସାନ୍ତର୍ହାସଂ କଥିତମସକୃତ୍ ପୃଚ୍ଛତଶ୍ଚ ତ୍ୱୟା ମେ
ଦୃଷ୍ଟଃ ସ୍ୱପ୍ନେ କିତବ ରମୟନ୍ କାମପି ତ୍ୱଂ ମୟେତି ।। ୫୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ କଲ୍ୟାଣୀ, ମୁଁ ନିଜକୁ ନିଜେ ସମ୍ଭାଳିତ କରି (ପ୍ରିୟା ସହିତ ନିଶ୍ଚୟ ମୋର ମିଳନ ଘଟିବ, ଏହା ଭାବି) ବଞ୍ଚି ରହିଛି । ତେଣୁ ତୁମେ ମଧ୍ୟ ଅତି ଅଧୀର ହୁଅନାହିଁ । ଏ ସଂସାରରେ କାହାକୁ କେବଳ ସୁଖ ମିଳିଛି ? କାହାକୁ ବା କେବଳ ଦୁଃଖ ମିଳିଛି ? ମନୁଷ୍ୟର ଦଶା ଚକର ପରିଧି ପରି ଉପର ତଳ ହୋଇ ଗ୍ଲୁଛି । (କାତର–ଅଧୀର ; ଚକ୍ରନେମି– ଚକର ପରିଧି) ୪୯

ବିଷ୍ଣୁ ଅନନ୍ତ ନାଗ କୋଳରୁ ଯୋଗନିଦ୍ରାରୁ ଉଠିଲେ ମୋର ଶାପ କାଳର ଅବସାନ ହେବ । ତେଣୁ ତୁମେ ଅବଶିଷ୍ଟ ଥିବା ଆଉ ଗ୍ରରିଟି ମାସ ଆଖି ବୁଜି କୌଣସି ପ୍ରକାରେ ବିତାଇ ଦିଅ । ତା'ପରେ, ଆମ ମନର ସମସ୍ତ କାମନା ବାସନା, ଯାହା କି ଏହି ବିରହ କାଳରେ ବହୁ-ଗୁଣିତ ହୋଇ ରହୁଛି, ତାହା ସମସ୍ତ ଆମେ ଶରତ ଋତୁର ଶୁଭ୍ର ଜ୍ୟୋତ୍ସ୍ନା-ଭରା ରାତ୍ରିମାନଙ୍କରେ ସଫଳ କରିବା ।" (ବିଷ୍ଣୁ ଆଷାଢ ଏକାଦଶ ଦିନରୁ କାର୍ତ୍ତିକ ଏକାଦଶ ଦିନ ପର୍ଯ୍ୟନ୍ତ ଅନନ୍ତନାଗ କୋଳରେ ଯୋଗ-ନିଦ୍ରାରେ ରହନ୍ତି ବୋଲି ପୁରାଣମତ । ଶାର୍ଙ୍ଗପାଣି–ବିଷ୍ଣୁ; ଚତୁର୍–ଗ୍ରରି ; କ୍ଷପା-ରାତ୍ରି) ୫୦

ତୁମର ପ୍ରିୟତମ ଆହୁରି ମଧ୍ୟ କହିଛନ୍ତି :– "ଥରେ ତୁମେ ମୋ କଣ୍ଠରେ କଣ୍ଠ ଲଗାଇ ଶୋଇଥିଲ, ତଥାପି ଉଚ୍ଚ ସ୍ୱରରେ କଅଣ କହି କାନ୍ଦିକାନ୍ଦି ଚେଇଁ ଉଠିଲ । ମୁଁ ଯେତେବେଳେ ତୁମକୁ ବାରମ୍ବାର ପଗ୍ରରିଲି, ତୁମେ ମୃଦୁ ହାସ୍ୟର ସହିତ ମୋତେ କହିଲ— ହେ କପଟୀ, ମୁଁ ସ୍ୱପ୍ନରେ ଦେଖିଲି, ତୁମେ ଅନ୍ୟ କୌଣସି ରମଣୀ ସଙ୍ଗରେ ବିହାର କରୁଛ । (ବିପ୍ରବୁଦ୍ଧା–ନିଦ୍ରାରୁ ଉଠିଥିବା ; ଅସକୃତ୍–ବାରମ୍ବାର ; କିତବ– କପଟୀ) ୫୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एतस्मान्मां कुशलिनमभिज्ञानदानाद् विदित्वा
मा कौलीनादसितनयने मय्यविश्वासिनी भूः ।
स्नेहानाहुः किमपि विरहे ध्वंसिनस्ते त्वभोगा-
दिष्टे वस्तुन्युपचितरसाः प्रेमराशीभवन्ति ।। ५२

ଏତସ୍ମାନ୍ମାଂ କୁଶଳିନମଭିଜ୍ଞାନଦାନାଦ୍ ବିଦିତ୍ୱା
ମା କୌଲୀନାଦସିତନୟନେ ମୟ୍ୟବିଶ୍ୱାସିନୀ ଭୂଃ ।
ସ୍ନେହାନାହୁଃ କିମପି ବିରହେ ଧ୍ୱଂସିନସ୍ତେ ତ୍ୱଭୋଗା-
ଦିଷ୍ଟେ ବସ୍ତୁନ୍ୟୁପଚିତରସାଃ ପ୍ରେମରାଶୀଭବନ୍ତି ।। ୫୨

आश्वास्यैवं प्रथमविरहोदग्रशोकां सखीं ते
शैलादाशु त्रिनयनवृषोत्खातकूटान्निवृत्तः ।
साभिज्ञानप्रहितकुशलैस्तद्वचोभिर्ममापि
प्रातः कुन्दप्रसवशिथिल जीवितं धारयेथाः ।। ५३

ଆଶ୍ୱାସ୍ୟୈବଂ ପ୍ରଥମବିରହୋଦଗ୍ରଶୋକାଂ ସଖୀଂ ତେ
ଶୈଳାଦାଶୁ ତ୍ରିନୟନବୃଷୋତ୍‌ଖାତକୂଟାନ୍ନିବୃତ୍ତଃ ।
ସାଭିଜ୍ଞାନପ୍ରହିତକୁଶଳୈସ୍ତଦ୍‌ବଚୋଭିର୍ମମାପି
ପ୍ରାତଃକୁନ୍ଦପ୍ରସବଶିଥିଳଂ ଜୀବିତଂ ଧାରୟେଥାଃ ।। ୫୩

कच्चित् सौम्य व्यवसितमिदं बन्धुकृत्यं त्वया मे
प्रत्यादेशान्न खलु भवतो धीरतां कल्पयामि ।
निःशब्दोऽपि प्रदिशसि जलं याचितश्चातकेभ्यः
प्रत्युक्तं हि प्रणयिषु सतामीप्सितार्थक्रियैव ।। ५४

କଚ୍ଚିତ୍ ସୌମ୍ୟ ବ୍ୟବସିତମିଦଂ ବନ୍ଧୁକୃତ୍ୟଂ ତ୍ୱୟା ମେ
ପ୍ରତ୍ୟାଦେଶାନ୍ନ ଖଳୁ ଭବତୋ ଧୀରତାଂ କଳ୍ପୟାମି ।
ନିଃଶବ୍ଦୋଽପି ପ୍ରଦିଶସି ଜଳଂ ଯାଚିତଶ୍ଚାତକେଭ୍ୟଃ
ପ୍ରତ୍ୟୁକ୍ତଂ ହି ପ୍ରଣୟିଷୁ ସତାମୀପ୍ସିତାର୍ଥକ୍ରିୟୈବ ।। ୫୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ କୃଷ୍ଣନୟନା, ମୁଁ ତୁମକୁ ମୋ ପରିଚୟର ଯେଉଁ ହୃଦ୍‌ବୋଧକ ପ୍ରମାଣ ଦେଲି, ଏଥିରୁ ତୁମେ ଜାଣିବ ଯେ ମୁଁ କୁଶଳରେ ଅଛି । ଲୋକଙ୍କର କଥାରେ ମୋଠାରେ ଅବିଶ୍ୱାସ କରିବନାହିଁ । ଲୋକେ କେଜାଣି କାହିଁକି କହନ୍ତି— ବିରହରେ ସ୍ନେହ ତୁଟିଯାଏ । କିନ୍ତୁ ପ୍ରକୃତରେ ବିରହରେ ଭୋଗ ନ ହେବା ଫଳରେ ସ୍ନେହର ସ୍ୱାଦ ବଢ଼ିଯାଏ ଏବଂ ସ୍ନେହ ପ୍ରେମ ରାଶିରେ ପରିଣତ ହୁଏ । ” (ଅଭିଜ୍ଞାନ—ହୃଦ୍‌ବୋଧକ ବା ମନେ ପକାଇଦେଲା ଭଳି ପ୍ରମାଣ ; କୌଳୀନ—ଲୋକଙ୍କ କଥା ; ଅସିତ—କଳାବର୍ଣ୍ଣ ; ଇଷ୍ଟ—ଅଭିଳଷିତ ; ଉପଚିତ—ବୃଦ୍ଧିପ୍ରାପ୍ତ ; ରସ—ସ୍ୱାଦ) ୫୨

ତୁମ ବାନ୍ଧବୀଙ୍କର ଏହା ପ୍ରଥମ ବିରହ, ତେଣୁ ସେ ତୀବ୍ର ଦୁଃଖ ଅନୁଭବ କରୁଥିବେ । ତୁମେ ତାଙ୍କୁ ଏହିପରି ଆଶ୍ୱାସନା କଥା କହି ସେହି ପର୍ବତରୁ, ଯାହାର ଶୃଙ୍ଗ କି ଶିବଙ୍କ ବୃଷଭର ଶିଙ୍ଗରେ ତାଡ଼ିତ ହୁଏ, ଶୀଘ୍ର ଫେରି ଆସିବ ଏବଂ ତୁମର ବାନ୍ଧବୀ ତୁମ ହାତରେ ମୋର ହୃଦ୍‌ବୋଧ ହେଲାଭଳି ପ୍ରମାଣ ସହିତ ଯେଉଁ କୁଶଳବାର୍ତ୍ତା ପଠାଇବେ, ତାହା ମୋତେ ଜଣାଇ ମୋ ଜୀବନ ରକ୍ଷା କରିବ । ମୋ ଜୀବନ ବର୍ତ୍ତମାନ ସକାଳର ଗୋଟିଏ କୁନ୍ଦଫୁଲ ପରି, ଯାହା କି କେତେବେଳେ ଝଡ଼ିପଡ଼ିବ, କହି ହେବନାହିଁ । (ଉଦଗ୍ର—ତୀବ୍ର ; ଆଶୁ—ଶୀଘ୍ର ; ଶୈଳ—ପର୍ବତ ; ବୃଷ—ବୃଷଭ ; କୂଟ—ଶୃଙ୍ଗ ; ପ୍ରହିତ—ପ୍ରେରିତ ; ବଚଃ—ବଚନ , କୁନ୍ଦପ୍ରସବ—କୁନ୍ଦଫୁଲ) ୫୩

ହେ ଭଦ୍ର, ବନ୍ଧୁର ଏହି କାର୍ଯ୍ୟଟି କରିବାପାଇଁ ତୁମେ ରାଜି ହେଲ ତ ? ଅବଶ୍ୟ, ତୁମେ ରାଜି ହେଲ ବୋଲି କହିଲେ ଯାଇ ଯେ ମୁଁ ତୁମକୁ ମହାନ୍ ବୋଲି ଭାବିବି, ଏପରି ନୁହେଁ । କାରଣ, ଚାତକମାନେ ତୁମକୁ ଜଳ ମାଗିଲେ ତୁମେ ପଦଟିଏ ଉଚ୍ଚାରଣ ନ କରି ସେମାନଙ୍କୁ ଜଳ ପ୍ରଦାନ କର ! ବାସ୍ତବ କାର୍ଯ୍ୟରେ ଅର୍ଥୀମାନଙ୍କ କାମନାର ରୂପାୟନ ହିଁ ସେମାନଙ୍କ ପ୍ରତି (ଅର୍ଥୀମାନଙ୍କ ପ୍ରତି) ସଜ୍ଜନମାନଙ୍କର ଉତ୍ତର ! (ସଜ୍ଜନମାନେ ‘କରିବି’ ବୋଲି କଥାରେ ନ କହି କାର୍ଯ୍ୟରେ ହିଁ ଅର୍ଥୀମାନଙ୍କର ଆଶା ପୂରଣ କରନ୍ତି । ବ୍ୟବସିତ—ସ୍ୱୀକୃତ ; ପ୍ରତ୍ୟାଦେଶ— ‘ହଁ କରିବି’ ବୋଲି ରାଜି ହେବା ; ଯାଚିତ—ପ୍ରାର୍ଥିତ ; ଇପ୍‌ସିତାର୍ଥ କ୍ରିୟା—ଇପ୍‌ସିତ ବିଷୟର ବାସ୍ତବ ରୂପାୟନ) ୫୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एतत् कृत्वा प्रियमनुचितप्रार्थनावर्तिनो मे
सौहार्दाद्वा विधुर इति वा मय्यनुक्रोशबुद्ध्या ।
इष्टान् देशान् विचर जलद प्रावृषा सम्भृतश्री
र्मा भूदेवं क्षणमपि च ते विद्युता विप्रयोगः ॥ ५५

ଏତତ୍ କୃତ୍ୱା ପ୍ରିୟମନୁଚିତପ୍ରାର୍ଥନାବର୍ତ୍ତିନୋ ମେ
ସୌହାର୍ଦ୍ଦାଦ୍ ବା ବିଧୁର ଇତି ବା ମୟ୍ୟନୁକ୍ରୋଶବୁଦ୍ଧ୍ୟା ।
ଇଷ୍ଟାନ୍ ଦେଶାନ୍ ବିଚର ଜଳଦ ପ୍ରାବୃଷା ସଂଭୃତଶ୍ରୀ-
ର୍ମା ଭୂଦେବଂ କ୍ଷଣମପି ଚ ତେ ବିଦ୍ୟୁତା ବିପ୍ରୟୋଗଃ ॥ ୫୫

ହେ ମେଘ, ତୁମ ନିକଟରେ ମୁଁ ଏକ ଅନୁଚିତ ଅନୁରୋଧ ଉପସ୍ଥାପନ କଲି । ମୋ ପ୍ରତି ସୌହାର୍ଦ୍ଦ୍ୟ ବଶତଃ ହେଉ କିମ୍ବା ମୁଁ ପତ୍ନୀ-ବିରହରେ ଆତୁର ହେଉଛି ବୋଲି ମୋ ପ୍ରତି ଅନୁକମ୍ପାବଶତଃ ହେଉ, ତୁମେ ମୋର ଏହି ପ୍ରିୟକାର୍ଯ୍ୟଟି ସାଧନ କର ଏବଂ ତା'ପରେ ନିଜର ଅଭିଳଷିତ ଦେଶମାନଙ୍କରେ ବିଚରଣ କର । ବର୍ଷାକାଳ ଦ୍ୱାରା ତୁମର ଶ୍ରୀସମ୍ପଦ ବର୍ଦ୍ଧିତ ହେଉ ଏବଂ ମୁଁ ଯେପରି ପତ୍ନୀବିଚ୍ଛେଦ ଭୋଗୁଛି, ତୁମର ସେପରି ବିଦ୍ୟୁତ୍-ପତ୍ନୀ-ବିଚ୍ଛେଦ କ୍ଷଣକ ପାଇଁ ନ ଘଟୁ । (ବିଧୁର—ଆତୁର; ଅନୁକ୍ରୋଶ—ଅନୁକମ୍ପା; ଇଷ୍ଟ—ଅଭିଳଷିତ; ପ୍ରାବୃଷ୍—ବର୍ଷାକାଳ; ବିପ୍ରୟୋଗ—ବିଚ୍ଛେଦ)

॥ इति मेघदूते उत्तरमेघः ॥

॥ इति श्रीकालिदासमहाकविविरचितं मेघदूतम् सम्पूर्णम् ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଋତୁସଂହାର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

॥ ग्रीष्मवर्णनम् ॥

प्रचण्डसूर्यः स्पृहणीयचन्द्रमाः सदावगाहक्षतवारिसञ्चयः ।
दिनान्तरम्योऽभ्युपशान्तमन्मथो निदाघकालोऽयमुपागतः प्रिये ॥ १
ପ୍ରଚଣ୍ଡସୂର୍ଯ୍ୟଃ ସ୍ପୃହଣୀୟଚନ୍ଦ୍ରମାଃ ସଦାବଗାହକ୍ଷତବାରିସଞ୍ଚୟଃ ।
ଦିନାନ୍ତରମ୍ୟୋଽଭ୍ୟୁପଶାନ୍ତମନ୍ମଥୋ ନିଦାଘକାଲୋଽୟମୁପାଗତଃ ପ୍ରିୟେ ॥ ୧

निशाः शशाङ्कक्षतनीलराजयः क्वचिद् विचित्रं जलयन्त्रमन्दिरम् ।
मणिप्रकाराः सरसं च चन्दनं शुचौ प्रिये यान्ति जनस्य सेव्यताम् ॥ २
ନିଶାଃ ଶଶାଙ୍କକ୍ଷତନୀଳରାଜୟଃ କ୍ୱଚିଦ୍ ବିଚିତ୍ରଂ ଜଳଯନ୍ତ୍ରମନ୍ଦିରମ୍ ।
ମଣିପ୍ରକାରାଃ ସରସଂ ଚ ଚନ୍ଦନଂ ଶୁଚୌ ପ୍ରିୟେ ଯାନ୍ତି ଜନସ୍ୟ ସେବ୍ୟତାମ୍ ॥

सुवासितं हर्म्यतलं मनोहरं प्रियामुखोच्छ्वासविकम्पितं मधु ।
सुतन्त्रिगीतं मदनस्य दीपनं शुचौ निशिथेऽनुभवन्ति कामिनः ॥ ३
ସୁବାସିତଂ ହର୍ମ୍ୟତଳଂ ମନୋହରଂ ପ୍ରିୟାମୁଖୋଚ୍ଛ୍ୱାସବିକମ୍ପିତଂ ମଧୁ ।
ସୁତନ୍ତ୍ରିଗୀତଂ ମଦନସ୍ୟ ଦୀପନଂ ଶୁଚୌ ନିଶୀଥେଽନୁଭବନ୍ତି କାମିନଃ ॥ ୩

नितम्बबिम्बैः सदुकूलमेखलैः स्तनैः सहाराभरणैः सचन्दनैः ।
शिरोरुहैः स्नानकषायवासितैः स्त्रियो निदाघं शमयन्ति कामिनाम् ॥
ନିତମ୍ବବିମ୍ବୈଃ ସଦୁକୂଳମେଖଳୈଃ ସ୍ତନୈଃ ସହାରାଭରଣୈଃ ସଚନ୍ଦନୈଃ ।
ଶିରୋରୁହୈଃ ସ୍ନାନକଷାୟବାସିତୈଃ ସ୍ତ୍ରିୟୋ ନିଦାଘଂ ଶମୟନ୍ତି କାମିନାମ୍ ॥

नितान्तलाक्षारसरागरञ्जितैर्नितम्बिनीनां चरणैः सनूपुरैः ।
पदे पदे हंसरुतानुकारिभिर्जनस्य चित्तं क्रियते समन्मथम् ॥ ५
ନିତାନ୍ତଲକ୍ଷାରସରାଗରଞ୍ଜିତୈର୍ନିତମ୍ବିନୀନାଂ ଚରଣୈଃ ସନୂପୁରୈଃ ।
ପଦେପଦେ ହଂସରୁତ ନୁକାରିଭିର୍ଜନସ୍ୟ ଚିତ୍ତଂ କ୍ରିୟତେ ସମନ୍ମଥମ୍ ॥

पयोधराश्चन्दनपङ्कचर्चितास्तुषारगौरार्पितहारशेखराः ।
नितम्बदेशाश्च सहहेममेखलाः प्रकुर्वते कस्य मनो न सोत्सुकम् ॥ ६
ପୟୋଧରାଶ୍ଚନ୍ଦନପଙ୍କଚର୍ଚ୍ଚିତାସ୍ତୁଷାରଗୌରାର୍ପିତହାରଶେଖରାଃ ।
ନିତମ୍ବଦେଶାଶ୍ଚ ସହହେମମେଖଳାଃ ପ୍ରକୁର୍ବତେ କସ୍ୟ ମନୋ ନ ସୋତ୍ସୁକମ୍ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗ୍ରୀଷ୍ମ ବର୍ଣ୍ଣନ

ପ୍ରିୟେ, ବର୍ତ୍ତମାନ ଗ୍ରୀଷ୍ମଋତୁ ଉପସ୍ଥିତ, ଯେଉଁ ଋତୁରେ ସୂର୍ଯ୍ୟ ପ୍ରଚଣ୍ଡ ରୂପ ଧାରଣ କରନ୍ତି, ସନ୍ଧ୍ୟାସମୟ ରମଣୀୟ ଏବଂ ଚନ୍ଦ୍ରକିରଣ ଉପଭୋଗ୍ୟ ହୁଏ, ଜଳାଶୟମାନଙ୍କରେ ସର୍ବଦା ସ୍ନାନ ଆଲୋଡନାଦି ଫଳରେ ଜଳ ହ୍ରାସ ପାଏ, ଆଉ ମଧ୍ୟ କାମପ୍ରବୃତ୍ତି ଶିଥିଳ ହୁଏ । ୧

ପ୍ରିୟେ, ଚନ୍ଦ୍ର-ଆଲୋକିତ ରାତ୍ରି, ସ୍ଥାନେସ୍ଥାନେ ସୁନ୍ଦର ଜଳଯନ୍ତ୍ରଗୃହ, ବିଭିନ୍ନ ପ୍ରକାର ମଣିଭୂଷଣ ଓ ସରସ ଚନ୍ଦନ—ଏଗୁଡିକ ଗ୍ରୀଷ୍ମକାଳରେ ଲୋକମାନଙ୍କର ଉପଭୋଗ୍ୟ ହୁଏ । ୨

ଗ୍ରୀଷ୍ମକାଳ ରାତ୍ରିରେ କାମୀ ଲୋକମାନେ ଅଟ୍ଟାଳିକାର ସୁନ୍ଦର ସୁବାସିତ ଚଟାଣ, ପ୍ରିୟାର ମୁଖନିଃଶ୍ୱାସବାୟୁରେ ଢଳଢଳ ହେଉଥିବା ମଦିରା ଏବଂ କାମୋଦ୍ଦୀପକ ସୁତନ୍ତ୍ରୀସଂଗୀତ (ବୀଣା ଆଦି ତନ୍ତ୍ରୀଯୁକ୍ତ ବାଦ୍ୟଯନ୍ତ୍ର ସଙ୍ଗରେ ବୋଲା ଯାଉଥିବା ସଂଗୀତ) — ଏଗୁଡ଼ିକ ଉପଭୋଗ କରନ୍ତି । ୩

କାମିନୀମାନେ ପଟ୍ଟବସ୍ତ୍ର ପିନ୍ଧି, ବିଶାଳ ନିତମ୍ବରେ ଅଣ୍ଟାସୂତା ବେଷ୍ଟନ କରି, ସ୍ତନମଣ୍ଡଳକୁ ଚନ୍ଦନ ତଥା ଆଭରଣରେ ଭୂଷିତ କରି ଏବଂ ସ୍ନାନାନ୍ତେ କେଶପାଶକୁ ସୁଗନ୍ଧ ଦ୍ରବ୍ୟରେ ସୁବାସିତ କରି କାମୀମାନଙ୍କର ଗ୍ରୀଷ୍ମତାପ ଉପଶମ କରନ୍ତି । ୪

ନିତମ୍ବିନୀମାନଙ୍କର ବହଳ-ଅଳତା-ରଞ୍ଜିତ, ନୂପୁରରଣିତ ପାଦ ପ୍ରତି ପଦକ୍ଷେପରେ ହଂସଧ୍ୱନିର ଅନୁକରଣ କରି ପୁରୁଷମାନଙ୍କର ମନକୁ କାମର ବଶବର୍ତ୍ତୀ କରାଏ । ୫

ସ୍ତ୍ରୀମାନଙ୍କର ବହଳଚନ୍ଦନଚର୍ଚ୍ଚିତ, ତୁଷାରଧବଳ ମୁକ୍ତାହାରରେ ମଣ୍ଡିତ ସ୍ତନ ଏବଂ ସୁବର୍ଣ୍ଣ ଅଣ୍ଟାସୂତାପରିହିତ ନିତମ୍ବ କାହାର ମନକୁ ଉତ୍ସୁକ ନ କରେ ? ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

समुद्गतस्वेदचिताङ्गसंधयो विमुच्य वासांसि गुरूणि साम्प्रतम् ।
स्तनेषु तन्वंशुकमुन्नतस्तना निवेशयन्ति प्रमदाः सयौवनाः ॥ ७
ସମୁଦ୍‌ଗତସ୍ୱେଦଚିତାଙ୍ଗସନ୍ଧୟୋ ବିମୁଚ୍ୟ ବାସାଂସି ଗୁରୂଣି ସାଂପ୍ରତମ୍ ।
ସ୍ତନେଷୁ ତନ୍ୱଂଶୁକମୁନ୍ନତସ୍ତନା ନିବେଶୟନ୍ତି ପ୍ରମଦାଃ ସଯୌବନାଃ ॥ ୭

सचन्दनाम्बुव्यजनोद्भवानिलैः सहारयष्टिस्तनमण्डलार्पणैः ।
सवल्लकीकाकलिगीतनिस्वनैर्विबोध्यते सुप्त इवाद्य मन्मथः ॥ ८
ସଚନ୍ଦନାମ୍ବୁବ୍ୟଜନୋଦ୍‌ଭବାନିଲୈଃ ସହାରଯଷ୍ଟିସ୍ତନମଣ୍ଡଳାର୍ପଣୈଃ ।
ସବଲ୍ଲକୀକାକଲିଗୀତନିସ୍ୱନୈର୍ବିବୋଧ୍ୟତେ ସୁପ୍ତ ଇବାଦ୍ୟ ମନ୍ମଥଃ ॥ ୮

सितेषु हर्म्येषु निशासु योषितां सुखप्रसुप्तानि मुखानि चन्द्रमाः ।
विलोक्य नूनं भृशमुत्सुकश्चिरं निशाक्षये याति ह्रियेव पाण्डुताम् ॥ ९
ସିତେଷୁ ହର୍ମ୍ୟେଷୁ ନିଶାସୁ ଯୋଷିତାଂ ସୁଖପ୍ରସୁପ୍ତାନି ମୁଖାନି ଚନ୍ଦ୍ରମାଃ ।
ବିଲୋକ୍ୟ ନୂନଂ ଭୃଶମୁତ୍ସୁକଶ୍ଚିରଂ ନିଶାକ୍ଷୟେ ଯାତି ହ୍ରିୟେବ ପାଣ୍ଡୁତାମ୍ ॥ ୯

असह्यवातोद्धतरेणुमण्डला प्रचण्डसूर्यातपतापिता मही ।
न शक्यते द्रष्टुमपि प्रवासिभिः प्रियावियोगानलदग्धमानसैः ॥ १०
ଅସହ୍ୟବାତୋଦ୍ଧତରେଣୁମଣ୍ଡଳା ପ୍ରଚଣ୍ଡସୂର୍ଯ୍ୟାତପତାପିତା ମହୀ ।
ନ ଶକ୍ୟତେ ଦ୍ରଷ୍ଟୁମପି ପ୍ରବାସିଭିଃ ପ୍ରିୟାବିୟୋଗାନଳଦଗ୍ଧମାନସୈଃ ॥ ୧୦

मृगाः प्रचण्डातपतापिता भृशं तृषा महत्या परिशुष्कतालवः ।
वनान्तरे तोयमिति प्रधाविता निरीक्ष्य भिन्नाञ्जनसन्निभं नभः ॥ ११
ମୃଗାଃ ପ୍ରଚଣ୍ଡାତପତାପିତା ଭୃଶଂ ତୃଷା ମହତ୍ୟା ପରିଶୁଷ୍କତାଲବଃ ।
ବନାନ୍ତରେ ତୋୟମିତି ପ୍ରଧାବିତା ନିରୀକ୍ଷ୍ୟ ଭିନ୍ନାଞ୍ଜନସନ୍ନିଭଂ ନଭଃ ॥ ୧୧

सविभ्रमैः सस्मितजिह्मवीक्षितैर्विलासवत्यो मनसि प्रवासिनाम् ।
अनङ्गसंदीपनमाशु कुर्वते यथा प्रदोषाः शशिचारुभूषणाः ॥ १२
ସବିଭ୍ରମୈଃ ସସ୍ମିତଜିହ୍ମବୀକ୍ଷିତୈର୍ବିଳାସବତ୍ୟୋ ମନସି ପ୍ରବାସିନାମ୍ ।
ଅନଙ୍ଗସଂଦୀପନମାଶୁ କୁର୍ବତେ ଯଥା ପ୍ରଦୋଷାଃ ଶଶିଚାରୁଭୂଷଣାଃ ॥ ୧୨

रवेर्मयूखैरभितापितो भृशं विदह्यमानः पथि तप्तपांसुभिः ।
अवाङ्मुखो जिह्मगतिः श्वसन् मुहुः फणी मयूरस्य तले निषीदति ॥ १३
ରବେର୍ମୟୂଖୈରଭିତାପିତୋ ଭୃଶଂ ବିଦହ୍ୟମାନଃ ପଥି ତପ୍ତପାଂସୁଭିଃ ।
ଅବାଙ୍‌ମୁଖୋ ଜିହ୍ମଗତିଃ ଶ୍ୱସନ୍ ମୁହୁଃ ଫଣୀ ମୟୂରସ୍ୟ ତଳେ ନିଷୀଦତି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ଋତୁରେ ଶରୀରର ସନ୍ଧିସ୍ଥଳମାନଙ୍କରୁ ସ୍ୱେଦ ନିର୍ଗତ ହୁଏ । ତେଣୁ ପୃଥୁଳସ୍ତନା ଯୁବତୀମାନେ ସ୍ଥୂଳ ବସ୍ତ୍ର ପରିତ୍ୟାଗ କରି, ସୂକ୍ଷ୍ମ ବସ୍ତ୍ରରେ ସ୍ତନ ମଣ୍ଡଳ ଆବୃତ କରନ୍ତି । ୭

ଚନ୍ଦନଜଳସିକ୍ତ ବିଞ୍ଚଣାପବନ, କାଠି କାଠି ଆକୃତିର ମୁକ୍ତାହାରରେ ମଣ୍ଡିତ ସ୍ତନମଣ୍ଡଳ, ବୀଣା ବାଦନ ସହିତ ମଧୁର ସଙ୍ଗୀତ ଧ୍ୱନି—ଏଗୁଡ଼ିକଦ୍ୱାରା ସତେ ଯେପରି ସୁପ୍ତ କନ୍ଦର୍ପ ଜାଗ୍ରତ ହୋଇ ଉଠେ । ୮

ରାତ୍ରିରେ ଚନ୍ଦ୍ର ଧବଳବର୍ଣ୍ଣ ଅଟ୍ଟାଳିକାମାନଙ୍କ ଉପରେ ସୁଖରେ ଶୋଇଥିବା ରମଣୀମାନଙ୍କର ମୁଖଗୁଡ଼ିକୁ ଅତ୍ୟନ୍ତ ଉତ୍ସୁକ ଭବରେ ଦୀର୍ଘ ସମୟ ଚାହିଁ ରହେ ଏବଂ ରାତି ପାହିଲା ବେଳକୁ ସତେ ଯେପରି ଲଜ୍ଜାରେ ପାଣ୍ଡୁରବର୍ଣ୍ଣ ହୋଇଯାଏ । (ବୋଧ ହୁଏ ସେ ଭବେ, ରମଣୀମାନଙ୍କର ମୁଖକାନ୍ତି ନିକଟରେ ତାର କାନ୍ତି ତୁଚ୍ଛ !) ୯

ପ୍ରଚଣ୍ଡ ପବନ ବହି ଧୂଳିରାଶିରେ ଚତୁର୍ଦ୍ଦିଗ ଆଚ୍ଛନ୍ନ କରିଦିଏ, ପ୍ରଚଣ୍ଡ ସୂର୍ଯ୍ୟକିରଣରେ ପୃଥିବୀ ଉତ୍ତପ୍ତା ହୋଇ ଉଠେ । ବିଦେଶରେ ଥିବା ଲୋକମାନେ, ଯେଉଁମାନଙ୍କର ମନ ପ୍ରିୟା ବିଚ୍ଛେଦ-ଅଗ୍ନିରେ ଦଗ୍ଧ ହେଉଥାଏ, ସେମାନେ ଏଭଳି ପୃଥିବୀ ଆଡକୁ ଚାହିଁ ପାରନ୍ତି ନାହିଁ । ୧୦

ମୃଗଗଣ ପ୍ରଚଣ୍ଡ ସୂର୍ଯ୍ୟରଶ୍ମିରେ ସନ୍ତାପିତ ହୁଅନ୍ତି । ପ୍ରବଳ ତୃଷାରେ ସେମାନଙ୍କର ତାଳୁ ଶୁଖି ଯାଉଥାଏ । ସେମାନେ ମର୍ଦ୍ଦିତ ଅଞ୍ଜନ ତୁଲ୍ୟ ନୀଳବର୍ଣ୍ଣ ଆକାଶ ଆଡକୁ ଚାହିଁ ଜଳଭ୍ରମରେ ବନ ମଧ୍ୟରେ ଇତସ୍ତତଃ ଧାବମାନ ହୁଅନ୍ତି । ୧୧

ଚନ୍ଦ୍ର ରୂପକ ସୁନ୍ଦର ଭୂଷଣରେ ଭୂଷିତା ରାତ୍ରି ଯେପରି ମନରେ କାମଉଦ୍ଦୀପନା ଭରି ଦିଏ, ବିଳାସବତୀ ରମଣୀମାନେ ସେହିପରି ଭବଭଙ୍ଗୀ ପୂର୍ଣ୍ଣ ସ୍ମିତହାସ୍ୟ ଓ କଟାକ୍ଷ ଚାହାଣିଦ୍ୱାରା ପ୍ରବାସୀ ପୁରୁଷମାନଙ୍କର ମନରେ କାମ-ଉଦ୍ଦୀପନା ଭରି ଦିଅନ୍ତି ।୧୨

ସର୍ପ ଘନଘନ ଦୀର୍ଘନିଃଶ୍ୱାସ ଛାଡ଼ି କୁଟିଳ ଗତି କରେ । ବାଟରେ ତାତିଲା ଧୂଳିପାଉଁଶରେ ତା'ର ଦେହ ପୋଡି ଯାଉଥାଏ । ମୟୂରର ପୁଚ୍ଛଛାୟା ତଳେ ମଧ୍ୟ ସେ ତଳକୁ ମୁହଁ କରି ଆଶ୍ରୟ ନିଏ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तृषा महत्या हतविक्रमोद्यमः श्वसन् मुहुर्दूरविदारिताननः ।
न हन्त्यदूरेऽपि गजान् मृगेश्वरो विलोलजिह्वश्चलिताग्रकेसरः ।। १४
ତୃଷା ମହତ୍ୟା ହତବିକ୍ରମୋଦ୍ୟମଃ ଶ୍ୱସନ୍ ମୁହୁର୍ଦୂରବିଦାରିତାନନଃ ।
ନ ହନ୍ତ୍ୟଦୂରେଽପି ଗଜାନ୍ ମୃଗେଶ୍ୱରୋ ବିଲୋଲଜିହ୍ୱଶ୍ଚଳିତାଗ୍ରକେସରଃ ।। ୧୪

विशुष्ककण्ठाहृतसीकराम्भसो गभस्तिभिर्भानुमतोऽनुतापिताः ।
प्रवृद्धतृष्णोपहता जलार्थिनो न दन्तिनः केसरिणोऽपि बिभ्यति ।। १५
ବିଶୁଷ୍କକଣ୍ଠାହୃତସୀକରାମ୍ଭସୋ ଗଭସ୍ତିଭିର୍ଭାନୁମତୋଽନୁତାପିତାଃ ।
ପ୍ରବୃଦ୍ଧତୃଷ୍ଣୋପହତା ଜଳାର୍ଥିନୋ ନ ଦନ୍ତିନଃ କେସରିଣୋଽପି ବିଭ୍ୟତି ।। ୧୫

हुताग्निकल्पैः सवितुर्गभस्तिभिः कलापिनः क्लान्तशरीरचेतसः ।
न भोगिनं घ्नन्ति समीपवर्तिनं कलापचक्रेषु निवेशिताननम् ।। १६
ହୁତାଗ୍ନିକଳ୍ପୈଃ ସବିତୁର୍ଗଭସ୍ତିଭିଃ କଳାପିନଃ କ୍ଲାନ୍ତଶରୀରଚେତସଃ ।
ନ ଭୋଗିନଂ ଘ୍ନନ୍ତି ସମୀପବର୍ତ୍ତିନଂ କଳାପଚକ୍ରେଷୁ ନିବେଶିତାନନମ୍ ।। ୧୬

सभद्रमुस्तं परिशुष्ककर्दमं सरः खनन्नायतपोत्रमण्डलैः ।
रवेर्मयूखैरभितापितो भृशं वराहयूथो विशतीव भूतलम् ।। १७
ସଭଦ୍ରମୁସ୍ତଂ ପରିଶୁଷ୍କକର୍ଦ୍ଦମଂ ସରଃ ଖନନ୍ନାୟତପୋତ୍ରମଣ୍ଡଳୈଃ ।
ରବେର୍ମୟୂଖୈରଭିତାପିତୋ ଭୃଶଂ ବରାହଯୂଥୋ ବିଶତୀବ ଭୂତଳମ୍ ।। ୧୭

विवस्वता तीक्ष्णतरांशुमालिना सपङ्कतोयात् सरसोऽभितापितः ।
उत्प्लुत्य भेकस्तृषितस्य भोगिनः फणातपत्रस्य तले निषीदति ।। १८
ବିବସ୍ୱତା ତୀକ୍ଷ୍ଣତରାଂଶୁମାଳିନା ସପଙ୍କତୋୟାତ୍ ସରସୋଽଭିତାପିତଃ ।
ଉତ୍ପ୍ଲୁତ୍ୟ ଭେକସ୍ତୃଷିତସ୍ୟ ଭୋଗିନଃ ଫଣାତପତ୍ରସ୍ୟ ତଳେ ନିଷୀଦତି ।। ୧୮

समुद्धृताशेषमृणालजालकं विपन्नमीनं द्रुतभीतसारसम् ।
परस्परोत्पीडनसंहतैर्गजैः कृतं सरः सान्द्रविमर्दकर्दमम् ।। १९
ସମୁଦ୍ଧୃତାଶେଷମୃଣାଳଜାଳକଂ ବିପନ୍ନମୀନଂ ଦ୍ରୁତଭୀତସାରସମ୍ ।
ପରସ୍ପରୋତ୍ପୀଡନସଂହତୈର୍ଗଜୈଃ କୃତଂ ସରଃ ସାନ୍ଦ୍ରବିମର୍ଦ୍ଦକର୍ଦ୍ଦମମ୍ ।। ୧୯

रविप्रभोद्भिन्नशिरोमणिप्रभो विलोलजिह्वाद्वयलीढमारुतः ।
विषाग्निसूर्यातपतापितः फणी न हन्ति मण्डूककुलं तृषाकुलः ।।२०
ରବିପ୍ରଭୋଦ୍ଭିନ୍ନଶିରୋମଣିପ୍ରଭୋ ବିଲୋଲଜିହ୍ୱାଦ୍ୱୟଲୀଢମାରୁତଃ ।
ବିଷାଗ୍ନିସୂର୍ଯ୍ୟାତପତାପିତଃ ଫଣୀ ନ ହନ୍ତି ମଣ୍ଡୂକକୁଳଂ ତୃଷାକୁଳଃ ।। ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରବଳ ତୃଷାରେ ସିଂହର ପରାକ୍ରମ, ପ୍ରଚେଷ୍ଟା ଶିଥିଳ ହୋଇଯାଏ । ସେ ପାଟି ମେଲି କରି ଘନଘନ ନିଃଶ୍ୱାସ ଛାଡ଼େ । ଗଜଯୂଥ ନିକଟରେ ଥିଲେ ମଧ୍ୟ ସେମାନଙ୍କୁ ସେ ଆକ୍ରମଣ କରିପାରେ ନାହିଁ, ଯଦିଓ ତାର ଜିହ୍ୱା ଚଞ୍ଚଳ ଓ କେସରାଗ୍ର କମ୍ପିତ ହୋଇ ଉଠୁଥାଏ । ୧୪

ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ସନ୍ତାପିତ ହସ୍ତୀମାନଙ୍କର କଣ୍ଠ ଶୁଖିଯାଏ, ଶୁଣ୍ଢରୁ ଜଳବିନ୍ଦୁ କ୍ଷରିତ ହୁଏ ନାହିଁ । ପ୍ରବଳ ତୃଷାରେ ଆତୁର ହୋଇ ଜଳ ଖୋଜିଲାବେଳେ ସେମାନେ ସିଂହମାନଙ୍କୁ ମଧ୍ୟ ଭୟ କରନ୍ତି ନାହିଁ । ୧୫

ଆହୁତିଦୀପ୍ତ ଅଗ୍ନିତୁଲ୍ୟ ଜ୍ୱଳନ୍ତ ସୂର୍ଯ୍ୟର କିରଣରେ ମୟୂରମାନଙ୍କର ଶରୀର ଓ ମନ ଅବସନ୍ନ ହୋଇଯାଏ । ସର୍ପ ଆସି ସେମାନଙ୍କ ପୁଚ୍ଛମଣ୍ଡଳର ଛାୟାରେ ପ୍ରବେଶ କରି ଅତି ନିକଟରେ ରହିଲେ ମଧ୍ୟ ସେମାନେ ତାକୁ ନିହତ କରନ୍ତି ନାହିଁ । ୧୬

ବରାହ ଯୂଥ ସେମାନଙ୍କର ସ୍ଥୂଳ ମୁଖାଗ୍ର (ଥୋମଣି) ଦ୍ୱାରା ଭଦ୍ରମୁଥା ପରିପୂର୍ଣ୍ଣ, କାଦୁଅ ଶୁଖିଯାଇଥିବା ପୋଖରୀକୁ ଖୋଳିବାରେ ଲାଗନ୍ତି । ପ୍ରଚଣ୍ଡ ସୂର୍ଯ୍ୟକିରଣରେ ସନ୍ତାପିତ ହୋଇ ସତେ ଯେପରି ସେମାନେ ପାତାଳରେ ପଶି ଯିବାକୁ ଚାହୁଁ ଥାଆନ୍ତି ! ୧୭

ପ୍ରଚଣ୍ଡ ସୂର୍ଯ୍ୟରଶ୍ମିରେ ସନ୍ତାପିତ ଭେକ (ବେଙ୍ଗ) ପୋଖରୀର ପଙ୍କିଳ ଜଳରୁ ଉପରକୁ ଡେଇଁ ଆସି ତୃଷାର୍ତ୍ତ ସର୍ପର ଫଣାରୂପକ ଛତ୍ରତଳେ ଆଶ୍ରୟ ନିଏ । ୧୮

ଗଜଯୂଥ ସରୋବରରେ ପଶି ସମସ୍ତ ମୃଣାଳଦଣ୍ଡ ଛିଣ୍ଡାଇ ସେଥିରେ ପରସ୍ପରକୁ ପ୍ରହାର କରନ୍ତି ! ଫଳରେ ମାଛମାନେ ବିପନ୍ନ ହୋଇ-ପଡ଼ନ୍ତି । ସାରସ ପକ୍ଷୀଗଣ ଭୟରେ ଉଡ଼ି ପଳାନ୍ତି ଏବଂ ସମଗ୍ର ସରୋବର ମଥିତ ହୋଇ ତରଳ କର୍ଦ୍ଦମରେ ପରିଣତ ହୋଇଯାଏ । ୧୯

ସୂର୍ଯ୍ୟକିରଣରେ ସର୍ପମାନଙ୍କ ମସ୍ତକସ୍ଥିତ ମଣିର ପ୍ରଭା ଉଜ୍ଜ୍ୱଳତର ହୋଇ ଉଠେ । ସେମାନେ ଦୁଇ ଜିହ୍ୱାକୁ ଲହ ଲହ କରି ବାୟୁ ଭକ୍ଷଣ କରନ୍ତି । ନିଜର ବିଷାଗ୍ନି ଓ ସୂର୍ଯ୍ୟରଶ୍ମି, ଉଭୟର ତାପରେ ତୃଷାର୍ତ୍ତ ହୋଇ ସେମାନେ ବେଙ୍ଗମାନଙ୍କୁ ବିନାଶ କରନ୍ତି ନାହିଁ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सफेनलालावृतवक्त्रसपुटं विनिःसृतालोहितजिह्वमुन्मुखम् ।
तृषाकुलं निःसृतमद्रिगह्वरादवेक्षमाणं महिषीकुलं जलम् ॥ २१

ସଫେନଲାଳାବୃତବକ୍ତ୍ରସଂପୁଟଂ ବିନିଃସୃତାଲୋହିତଜିହ୍ୱମୁନ୍ମୁଖମ୍ ।
ତୃଷାକୁଳଂ ନିଃସୃତମଦ୍ରିଗହ୍ୱରାଦବେକ୍ଷମାଣଂ ମହିଷୀକୁଳଂ ଜଳମ୍ ॥ ୨୧

ପଟୁତରଦବଦାହୋଚ୍ଛୁଷ୍କସସ୍ୟପ୍ରରୋହାଃ
ପରୁଷପବନବେଗୋତ୍କ୍ଷିପ୍ତସଂଶୁଷ୍କପର୍ଣ୍ଣାଃ ।
ଦିନକରପରିତାପକ୍ଷୀଣତୋୟାଃ ସମନ୍ତାଦ୍
ବିଦଧତି ଭୟମୁଚ୍ଚୈର୍ବୀକ୍ଷ୍ୟମାଣା ବନାନ୍ତାଃ ॥ ୨୨

ଶ୍ୱସିତି ବିହଗବର୍ଗଃ ଶୀର୍ଣ୍ଣପର୍ଣ୍ଣଦ୍ରୁମସ୍ଥଃ
କପିକୁଳମୁପୟାତି କ୍ଳାନ୍ତମଦ୍ରେର୍ନିକୁଞ୍ଜମ୍ ।
ଭ୍ରମତି ଗବୟୟୂଥଃ ସର୍ବତସ୍ତୋୟମିଚ୍ଛନ୍
ଶରଭକୁଳମଜିହ୍ମଂ ପ୍ରୋଦ୍ଧରତ୍ୟମ୍ବୁ କୂପାତ୍ ॥ ୨୩

ବିକଚନବକୁସୁମ୍ଭସ୍ୱଚ୍ଛସିନ୍ଦୂରଭାସା
ପ୍ରବଳପବନବେଗୋଦ୍ଭୂତବେଗେନ ତୂର୍ଣ୍ଣମ୍ ।
ତଟବିଟପଲତାଗ୍ରାଲିଙ୍ଗନବ୍ୟାକୁଳେନ
ଦିଶି ଦିଶି ପରିଦଗ୍ଧା ଭୂମୟଃ ପାବକେନ ॥ ୨୪

ଜ୍ୱଳତି ପବନବୃଦ୍ଧଃ ପର୍ବତାନାଂ ଦରୀଷୁ
ସ୍ଫୁଟତି ପଟୁନିନାଦୈଃ ଶୁଷ୍କବଂଶସ୍ଥଳୀଷୁ ।
ପ୍ରସରତି ତୃଣମଧ୍ୟେ ଲବ୍ଧବୃଦ୍ଧିଃ କ୍ଷଣେନ
ଗ୍ଳପୟତି ମୃଗବର୍ଗଂ ପ୍ରାନ୍ତଲଗ୍ନୋ ଦବାଗ୍ନିଃ ॥ ୨୫

ବହୁତର ଇବ ଜାତଃ ଶାଲ୍ମଲୀନାଂ ବନେଷୁ
ସ୍ଫୁରତି କନକଗୌରଃ କୋଟରେଷୁ ଦ୍ରୁମାଣାମ୍ ।
ପରିଣତଦଳଶାଖାନୁତ୍ପତନ୍ ପ୍ରାଂଶୁବୃକ୍ଷାନ୍
ଭ୍ରମତି ପବନଧୂତଃ ସର୍ବତୋଽଗ୍ନିର୍ବନାନ୍ତେ ॥ ୨୬

ଗଜଗବୟମୃଗେନ୍ଦ୍ରା ବହ୍ନିସଂତପ୍ତଦେହା
ସୁହୃଦ ଇବ ସମେତା ଦ୍ୱନ୍ଦ୍ୱଭବଂ ବିହାୟ ।
ହୁତବହପରିଖେଦାଦାଶୁ ନିର୍ଗତ୍ୟ କକ୍ଷାଦ୍
ବିପୁଳପୁଳିନଦେଶାଂ ନିମ୍ନଗାଂ ସଂବିଶନ୍ତି ॥ ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମଇଁଷିମାନଙ୍କର ତୁଣ୍ଡ ଫେଣମୟ ଲାଳରେ ଆଚ୍ଛନ୍ନ ହୁଏ । ଜିହ୍ୱାରୁ ଲାଳ କ୍ଷରିତ ହୁଏ ଏବଂ ଜିହ୍ୱା ଲୋହିତ ବର୍ଣ୍ଣ ରଣ କରେ । ସେମାନେ ତୃଷାର୍ତ୍ତ ହୋଇ ଉପରକୁ ମୁହଁ ଟେକି, ଜଳ ଖୋଜିଖୋଜି ପର୍ବତ ଗହ୍ୱରରୁ ବାହାରି ଆସନ୍ତି । ୨୧

ବନସ୍ଥଳୀରେ ପ୍ରଚଣ୍ଡ ବନାଗ୍ନି ବ୍ୟାପି ଶୁଷ୍କ ତୃଣସମୂହକୁ ଭସ୍ମ କରେ, ଉତ୍ତପ୍ତ ବାୟୁ ପ୍ରବଳ ବେଗରେ ବହି ଶୁଷ୍କ ପତ୍ର ସବୁକୁ ଏଣେତେଣେ ନିକ୍ଷିପ୍ତ କରେ ଏବଂ ସୂର୍ଯ୍ୟକିରଣରେ ଜଳାଶୟ ଗୁଡ଼ିକର ଜଳ ଶୁଷ୍କ ହୋଇ-ଯାଏ । ଏଭଳି ବନସ୍ଥଳୀ ଆଡ଼କୁ ଦୃଷ୍ଟିପାତ କଲେ ମନରେ ଭୟର ସଂଚାର ହୁଏ । ୨୨

ପକ୍ଷୀମାନେ ପତ୍ରଝଡ଼ା ଗଛମାନଙ୍କରେ ବସି ନିଃଶ୍ୱାସ ଛାଡନ୍ତି, ବାନରମାନେ କ୍ଳାନ୍ତ ହୋଇ ପର୍ବତକୁଞ୍ଜ ଭିତରକୁ ଯାଆନ୍ତି , ଗବୟଯୂଥ ଜଳ-ଆଶାରେ ଏଣେତେଣେ ବୁଲନ୍ତି ଏବଂ ଶରଭଗଣ ସିଧା ହୋଇ କୂଅରୁ ଜଳ ଉତ୍ତୋଳନ କରନ୍ତି । ୨୩

ପ୍ରସ୍ଫୁଟିତ ନୂତନ ପୁଷ୍ପସ୍ତବକ ପରି ତଥା ସିନ୍ଦୂର ପରି ଲୋହିତ ବର୍ଣ୍ଣର ଅଗ୍ନି ପ୍ରବଳ ବାୟୁଦ୍ୱାରା ସହସା ବେଗବାନ୍ ହୋଇ , ବୃକ୍ଷଲତାଦିର ଅଗ୍ରଭାଗକୁ ଆଲିଙ୍ଗନ କରିବା ନିମନ୍ତେ ବ୍ୟଗ୍ର ହୋଇଉଠେ ଏବଂ ଚତୁର୍ଦ୍ଦିଗରୁ ପୃଥିବୀକୁ ଦଗ୍‌ଧ କରିବାରେ ଲାଗେ । ୨୪

ବାୟୁ ସାହାଯ୍ୟରେ ଦାବାଗ୍ନି ପର୍ବତ କନ୍ଦରମାନଙ୍କରେ ପ୍ରଜ୍ୱଳିତ ହୋଇ ଉଠେ, ଶୁଖିଲା ବାଉଁଶବଣରେ ଉଚ୍ଚ ସ୍ଫୋଟନ ଧ୍ୱନି ସୃଷ୍ଟି କରେ, ଶୁଷ୍କ ତୃଣ ଉପରେ କ୍ଷଣକରେ ବିସ୍ତାର ଲାଭ କରେ ଏବଂ ମୃଗମାନଙ୍କ ଲୋମରେ ଲାଗି ସେମାନଙ୍କୁ ଦଗ୍‌ଧ କରେ । ୨୫

ଅଗ୍ନି ଶିମିଳି ବଣରେ ବହୁ ଗୁଣରେ ବର୍ଦ୍ଧିତ ହୋଇଉଠେ, ଗଛମାନଙ୍କର କୋଟରରେ ସୁବର୍ଣ୍ଣ ପରି ବର୍ଣ୍ଣ ଧାରଣ କରେ ଏବଂ ଶାଖାପତ୍ର ଶୁଖିଯାଇଥିବା ବଡ ବଡ ଗଛମାନଙ୍କ ଉପରକୁ ଡେଇଁ ବାୟୁ ସାହାଯ୍ୟରେ ଚତୁର୍ଦ୍ଦିଗକୁ ପରିବ୍ୟାପ୍ତ ହୁଏ । ୨୬

ହସ୍ତୀ, ଗବୟ, ସିଂହ ଆଦି ପ୍ରାଣୀମାନେ ଅଗ୍ନିତାପରେ ତାପିତ ହୋଇ, ପରସ୍ପର ଶତ୍ରୁତା ଛାଡ଼ି, ବନ୍ଧୁ ପରି, ଅଗ୍ନିତାପଗ୍ରସ୍ତ ବନରୁ ବାହାରନ୍ତି ଏବଂ ବିସ୍ତୃତ ବାଲୁକାଶଯ୍ୟାବିଶିଷ୍ଟ ନଦୀମଧ୍ୟକୁ ପ୍ରବେଶ କରନ୍ତି ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କମଳବନଚିତାମ୍ବୁଃ ପାଟଳାମୋଦରମ୍ୟଃ
ସୁଖସଲିଳନିଷେକଃ ସେବ୍ୟଚନ୍ଦ୍ରାଂଶୁହାରଃ ।
ବ୍ରଜତୁ ତବ ନିଦାଘଃ କାମିନୀଭିଃ ସମେତୋ
ନିଶି ସୁଲଳିତଗୀତେ ହର୍ମ୍ୟପୃଷ୍ଠେ ସୁଖେନ ।। ୨୮

॥ इति श्रीकालिदासकविकृतौ ऋतुसंहारे ग्रीष्मवर्णनम् ॥

— × —

॥ प्रावृड्वर्णनम् ॥

ससीकराम्भोधरमत्तकुञ्जरस्तडित्पताकोऽशनिशब्दमर्दलः ।
समागतो राजवदुद्धतद्युतिर्घनागमः कामिजनप्रियः प्रिये ॥ १
ସସୀକରାମ୍ଭୋଧରମତ୍ତକୁଞ୍ଜରସ୍ତଡ଼ିତ୍‌ପତାକୋଽଶନିଶବ୍ଦମର୍ଦ୍ଦଳଃ ।
ସମାଗତୋ ରାଜବଦୁଦ୍ଧତଦ୍ୟୁତିର୍ଘନାଗମଃ କାମିଜନପ୍ରିୟଃ ପ୍ରିୟେ ।। ୧

नितान्तनीलोत्पलपत्रकान्तिभिः क्वचित्प्रभिन्नाञ्जनराशिसंनिभैः ।
क्वचित् सगर्भप्रमदास्तनप्रभैः समाचितं व्योम घनैः समन्ततः ॥ २
ନିତାନ୍ତନୀଳୋତ୍ପଳପତ୍ରକାନ୍ତିଭିଃ କ୍ୱଚିତ୍‌ପ୍ରଭିନ୍ନାଞ୍ଜନରାଶିସଂନିଭୈଃ ।
କ୍ୱଚିତ୍ ସଗର୍ଭପ୍ରମଦାସ୍ତନପ୍ରଭୈଃ ସମାଚିତଂ ବ୍ୟୋମ ଘନୈଃ ସମନ୍ତତଃ ।। ୨

तृषाकुलैश्चातकपक्षिणां कुलैः प्रयाचितास्तोयभरावलम्बिनः ।
प्रयान्ति मन्दं बहुधारवर्षिणो बलाहकाः श्रोत्रमनोहरस्वनाः ॥ ३
ତୃଷାକୁଳୈଶ୍ଚାତକପକ୍ଷିଣାଂ କୁଳୈଃ ପ୍ରଯାଚିତାସ୍ତୋୟଭରାବଲମ୍ବିନଃ ।
ପ୍ରଯାନ୍ତି ମନ୍ଦଂ ବହୁଧାରବର୍ଷିଣୋ ବଳାହକାଃ ଶ୍ରୋତ୍ରମନୋହରସ୍ୱନାଃ ।। ୩

बलाहकाश्चाशनिशब्दमर्दलाः सुरेन्द्रचापं दधतस्तडिद्गुणम् ।
सुतीक्ष्णधारापतनाग्रसायकैस्तुदन्ति चेतः प्रसभं प्रवासिनाम् ॥ ४
ବଳାହକାଶ୍ଚାଶନିଶବ୍ଦମର୍ଦ୍ଦଳାଃ ସୁରେନ୍ଦ୍ରଚାପଂ ଦଧତସ୍ତଡ଼ିଦ୍‌ଗୁଣମ୍ ।
ସୁତୀକ୍ଷ୍ଣଧାରାପତନାଗ୍ରସାୟକୈସ୍ତୁଦନ୍ତି ଚେତଃ ପ୍ରସଭଂ ପ୍ରବାସିନାମ୍ ।। ୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ଋତୁରେ ଜଳାଶୟ ପଦ୍ମବନରେ ପରିପୂର୍ଣ୍ଣ ହୁଏ, ପାଟଳ ପୁଷ୍ପର ସୌରଭରେ ଚତୁର୍ଦ୍ଦିଗ ମହକି ଉଠେ, ଶୀତଳ ଜଳରେ ସ୍ନାନ ଅତ୍ୟନ୍ତ ସୁଖକର ଏବଂ ଚନ୍ଦ୍ରକିରଣ ଅତ୍ୟନ୍ତ ଉପଭୋଗ୍ୟ ହୁଏ । ରମଣୀମାନେ ରାତିରେ ଅଟ୍ଟାଳିକା ଉପରେ ବସି ସୁଲଳିତ କଣ୍ଠରେ ଗୀତ ଗାଆନ୍ତି । ଗୋ ପ୍ରିୟେ, ଏହି ଗ୍ରୀଷ୍ମ ଋତୁ ତୁମର ସୁଖରେ ଅତିବାହିତ ହେଉ । ୨୮

ବର୍ଷା ବର୍ଣ୍ଣନ

ପ୍ରିୟେ, ଅତି ଶୋଭାମୟ କାମୀଜନମାନଙ୍କର ପ୍ରିୟ, ବର୍ଷାକାଳ ରଜା ଭଳି ଉପସ୍ଥିତ । ଜଳବିନ୍ଦୁପୂର୍ଣ୍ଣ ମେଘ ଏହି ରଜାଙ୍କର ହସ୍ତୀ ସ୍ୱରୂପ, ବିଜୁଳି ପତାକା ସ୍ୱରୂପ ଏବଂ ବଜ୍ରଶବ୍ଦ (ଘଡଘଡ଼ି) ମର୍ଦ୍ଦଳ ବାଦ୍ୟ-ସ୍ୱରୂପ । ୧

ବର୍ତ୍ତମାନ ଆକାଶ ଚାରିଆଡ଼ୁ ମେଘମାଳରେ ଆଚ୍ଛାଦିତ । ମେଘ କେଉଁଠି ନୀଳୋତ୍ପଳ ପତ୍ର ପରି, କେଉଁଠି ମର୍ଦ୍ଦିତ ଅଞ୍ଜନରାଶି ପରି, କେଉଁଠି ବା ଗର୍ଭବତୀ ରମଣୀର ସ୍ତନ ପରି କାନ୍ତି ଧାରଣ କରିଛି । ୨

ତୃଷାତୁର ଚାତକମାନେ ମେଘଗଣଙ୍କୁ ଜଳ ପ୍ରାର୍ଥନା କରୁଛନ୍ତି । ମେଘଗଣ ସେମାନଙ୍କ ପ୍ରାର୍ଥନାରେ ତଳକୁ ନଇଁ ଆସି, ଶ୍ରୁତିସୁଖକର ଧ୍ୱନି ସହିତ ଜଳଧାର ବର୍ଷଣ କରି ଧୀରେ ଧୀରେ ଗତି କରୁଛନ୍ତି । ୩

ମେଘଗଣ ଘଡଘଡି ରୂପକ ବାଜା ବଜାଇ, ବିଜୁଳିରୂପକ ଗୁଣ ଲାଗିଥିବା ଇନ୍ଦ୍ରଧନୁ ଧାରଣ କରି, ଜଳଧାର ରୂପକ ଶରରାଶି ବର୍ଷଣ କରି ପ୍ରବାସୀମାନଙ୍କର ମନକୁ ଆତୁର କରି ଦିଅନ୍ତି । ୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रभिन्नवैदूर्यनिभैस्तृणाङ्कुरैः समाचिता प्रोत्थितकन्दलीदलैः ।
विभाति शुक्लेतररत्नभूषिता वराङ्गनेव क्षितिरिन्द्रगोपकैः ॥ ५
ପ୍ରଭିନ୍ନବୈଦୂର୍ଯ୍ୟନିଭୈସ୍ତୃଣାଙ୍କୁରୈଃ ସମାଚିତା ପ୍ରୋତ୍‌ଥିତକନ୍ଦଳୀଦଳୈଃ ।
ବିଭାତି ଶୁକ୍ଳେତରରତ୍ନଭୂଷିତା ବରାଙ୍ଗନେବ କ୍ଷିତିରିନ୍ଦ୍ରଗୋପକୈଃ ॥ ୫

सदा मनोज्ञं स्वनदुत्सवोत्सुकं विकीर्णविस्तीर्णकलापिशोभितम् ।
ससंभ्रमालिङ्गनचुम्बनाकुलं प्रवृत्तनृत्यं कुलमद्य बर्हिणाम् ॥ ६
ସଦା ମନୋଜ୍ଞଂ ସ୍ୱନଦୁତ୍ସବୋତ୍ସୁକଂ ବିକୀର୍ଣ୍ଣବିସ୍ତୀର୍ଣ୍ଣକଳାପିଶୋଭିତମ୍ ।
ସସଂଭ୍ରମାଲିଙ୍ଗନଚୁମ୍ବନାକୁଳଂ ପ୍ରବୃତ୍ତନୃତ୍ୟଂ କୁଳମଦ୍ୟ ବର୍ହିଣାମ୍ ॥ ୬

निपातयन्त्यः परितस्तटद्रुमान् प्रवृद्धवेगैः सलिलैरनिर्मलैः ।
स्त्रियः सुदुष्टा इव जातविभ्रमाः प्रयान्ति नद्यस्त्वरितं पयोनिधिम् ॥ ७
ନିପାତୟନ୍ତ୍ୟଃ ପରିତସ୍ତଟଦ୍ରୁମାନ୍ ପ୍ରବୃଦ୍ଧବେଗୈଃ ସଲିଲୈରନିର୍ମଳୈଃ ।
ସ୍ତ୍ରିୟଃ ସୁଦୁଷ୍ଟା ଇବ ଜାତବିଭ୍ରମାଃ ପ୍ରୟାନ୍ତି ନଦ୍ୟସ୍ତ୍ୱରିତଂ ପୟୋନିଧିମ୍ ॥ ୭

तृणोत्करैरुद्गतकोमलाङ्कुरैश्चितानि नीलैर्हरिणीमुखक्षतैः ।
वनानि वैन्ध्यानि हरन्ति मानसं विभूषितान्युद्गतपल्लवैर्द्रुमैः ॥ ८
ତୃଣୋତ୍କରୈରୁଦ୍‌ଗତକୋମଳାଙ୍କୁରୈଶ୍ଚିତାନି ନୀଳୈର୍ହରିଣୀମୁଖକ୍ଷତୈଃ ।
ବନାନି ବୈନ୍ଧ୍ୟାନି ହରନ୍ତି ମାନସଂ ବିଭୂଷିତାନ୍ୟୁଦ୍‌ଗତପଲ୍ଲବୈର୍ଦ୍ରୁମୈଃ ॥ ୮

विलोलनेत्रोत्पलशोभिताननैर्मृगैः समन्तादुपजातसाध्वसैः ।
समाचिता सैकतिनी वनस्थली समुत्सुकत्वं प्रकरोति चेतसः ॥ ९
ବିଲୋଳନେତ୍ରୋତ୍ପଳଶୋଭିତାନନୈର୍ମୃଗୈଃ ସମନ୍ତାଦୁପଜାତସାଧ୍ୱସୈଃ ।
ସମାଚିତା ସୈକତିନୀ ବନସ୍ଥଳୀ ସମୁତ୍ସୁକତ୍ୱଂ ପ୍ରକରୋତି ଚେତସଃ ॥ ୯

अभीक्ष्णमुच्चैर्ध्वनता पयोमुचा घनान्धकारीकृतशर्वरीष्वपि ।
तडित्प्रभादर्शितमार्गभूमयः प्रयान्ति रागादभिसारिकाः स्त्रियः ॥ १०
ଅଭୀକ୍ଷ୍ଣମୁଚ୍ଚୈର୍ଧ୍ୱନତା ପୟୋମୁଚା ଘନାନ୍ଧକାରୀକୃତଶର୍ବରୀଷ୍ୱପି ।
ତଡ଼ିତ୍‌ପ୍ରଭାଦର୍ଶିତମାର୍ଗଭୂମୟଃ ପ୍ରୟାନ୍ତି ରାଗାଦଭିସାରିକାଃ ସ୍ତ୍ରିୟଃ ॥ ୧୦

पयोधरैर्भीमगभीरनिस्वनैस्तडिद्भिरुद्वेजितचेतसो भृशम् ।
कृतापराधानपि योषितः प्रियान् परिष्वजन्ते शयने निरन्तरम् ॥ ११
ପୟୋଧରୈର୍ଭୀମଗଭୀରନିସ୍ୱନୈସ୍ତଡ଼ିଦ୍‌ଭିରୁଦ୍‌ବେଜିତଚେତସୋ ଭୃଶମ୍ ।
କୃତାପରାଧାନପି ଯୋଷିତଃ ପ୍ରିୟାନ୍ ପରିଷ୍ୱଜନ୍ତେ ଶୟନେ ନିରନ୍ତରମ୍ ॥ ୧୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଖଣ୍ଡ ବୈଦୁର୍ଯ୍ୟ ମଣିର ବର୍ଣ୍ଣ ଧାରଣ କରିଥିବା ତୃଣାଙ୍କୁର, ନବଜାତ କଦଳୀ ଗଛର ପତ୍ର ଏବଂ ଇନ୍ଦ୍ରଗୋପ (ସାଧବ ବୋହୂ କୀଟ) ଏଗୁଡ଼ିକ-ଦ୍ୱାରା ପରିପୂର୍ଣ୍ଣା ହୋଇ ପୃଥିବୀ ଶୁକ୍ଳବର୍ଣ୍ଣ ଭିନ୍ନ ଅନ୍ୟାନ୍ୟ ବର୍ଣ୍ଣର ରତ୍ନ ରାଶିରେ ଭୂଷିତ ହୋଇଥିବା ସୁନ୍ଦରୀ ରମଣୀ ଭଳି ଶୋଭା ପାଏ । ୫

ସଦାସୁନ୍ଦର ମୟୂରଗଣ ଅତ୍ୟନ୍ତ ଉତ୍ସୁକ ଭାବରେ ରବ କରି ଏବଂ ବିପୁଳ ପୁଚ୍ଛକୁ ବିସ୍ତାର କରି ଅଧିକ ଶୋଭା ପାଆନ୍ତି । ସେମାନେ ମୟୂର-ମାନଙ୍କୁ ଉତ୍କଣ୍ଠାର ସହିତ ଆଲିଙ୍ଗନ କରି ନାଚିବାରେ ଲାଗି ଯାଆନ୍ତି । ୬

ନଦୀମାନେ ଆବିଳ ଜଳର ପ୍ରଖର ସ୍ରୋତ ଦ୍ୱାରା ତଟବୃକ୍ଷ-ଗୁଡ଼ିକୁ ଉତ୍ପାଟିତ କରି କ୍ଷିପ୍ର ଗତିରେ ସମୁଦ୍ର ଆଡ଼କୁ ପ୍ରଧାବିତ ହୁଅନ୍ତି । ଏହିପରି ସେମାନେ ଭ୍ରଷ୍ଟାଚାରିଣୀ ସ୍ତ୍ରୀମାନଙ୍କ ସହିତ ତୁଳନୀୟ ହୁଅନ୍ତି । ୭

ଏହି ଋତୁରେ ବିନ୍ଧ୍ୟ ପର୍ବତର ବନରାଜି ନୀଳବର୍ଣ୍ଣ ନବଜାତ କୋମଳ ତୃଣାଙ୍କୁରରେ ପରିପୂର୍ଣ୍ଣ ହୁଏ, ହରିଣୀଯୂଥ ସେହି ତୃଣାଙ୍କୁରମାନ ଆନନ୍ଦରେ ଭକ୍ଷଣ କରନ୍ତି, ବୃକ୍ଷସମୂହ ନବପଲ୍ଲବରେ ବିମଣ୍ଡିତ ହୁଅନ୍ତି, ତେଣୁ ବିନ୍ଧ୍ୟ ପର୍ବତର ବନରାଜି ଏହି ଋତୁରେ ଜନମନ ହରଣ କରେ । ୮

ବାଲୁକାବହୁଳ ବନସ୍ଥଳୀରେ ବହୁସଂଖ୍ୟକ ମୃଗ ବିଚରଣ କରନ୍ତି । ସେମାନଙ୍କ ମୁଖରେ ତଳତଳ ଚକ୍ଷୁ ନୀଳୋତ୍ପଳ ପରି ଶୋଭା ପାଏ, ଭୟରେ ସେମାନେ ବାରମ୍ବାର ଚମକି ପଡୁ ଥାଆନ୍ତି । ଏଭଳି ମୃଗପୂର୍ଣ୍ଣ ବନ-ସ୍ଥଳୀକୁ ଦେଖିଲେ ମନ ଉତ୍କଣ୍ଠିତ ହୋଇଉଠେ । ୯

ରାତିରେ ଯେତେବେଳେ ମେଘ ଘୋର ଗର୍ଜନ କରୁଥାଏ, ଚତୁର୍ଦ୍ଦିଗ ଘନ ଅନ୍ଧକାରରେ ଆଚ୍ଛନ୍ନ ହୋଇଥାଏ, ଅଭିସାରିକାମାନେ ପ୍ରୀତିବଶତଃ ପ୍ରିୟମାନଙ୍କ ନିକଟକୁ ଯାଉଥାନ୍ତି, ସେତେବେଳେ ବିଜୁଳିର ଝଟକ ସେମାନଙ୍କୁ ବାଟ ଦେଖାଏ । ୧୦

ରମଣୀମାନେ ମେଘର ଗୁରୁଗମ୍ଭୀର ଗର୍ଜନ ଓ ବିଜୁଳି ଦ୍ୱାରା ଅତ୍ୟନ୍ତ ଭୟଭୀତା ହୋଇ ଶଯ୍ୟାରେ ନିଜର ପ୍ରିୟମାନଙ୍କୁ ଆଲିଙ୍ଗନ କରି ପକାନ୍ତି, ଯଦିଓ ପ୍ରିୟମାନେ ସେମାନଙ୍କଠାରେ ପ୍ରଣୟ–ଅପରାଧ କରିଥାନ୍ତି । ୧୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विलोचनेन्दीवरवारिविन्दुभिर्निषिक्तविम्बाधरचारुपल्लवाः ।
निरस्तमाल्याभरणानुलेपनाः स्थिता निराशाः प्रमदाः प्रवासिनाम् ॥ १२
ବିଲୋଚନେନ୍ଦୀବରବାରିବିନ୍ଦୁଭିର୍ନିଷିକ୍ତବିମ୍ବାଧରଚାରୁପଲ୍ଲବାଃ ।
ନିରସ୍ତମାଲ୍ୟାଭରଣାନୁଲେପନାଃ ସ୍ଥିତା ନିରାଶାଃ ପ୍ରମଦାଃ ପ୍ରବାସିନାମ୍ ॥ ୧୨

विपाण्डुरं कीटरजस्तृणान्वितं भुजङ्गवद् वक्रगतिप्रसर्पितम् ।
ससाध्वसैर्भेककुलैर्निरीक्षितं प्रयाति निम्नाभिमुखं नवोदकम् ॥ १३
ବିପାଣ୍ଡୁରଂ କୀଟରଜସ୍ତୃଣାନ୍ୱିତଂ ଭୁଜଙ୍ଗବଦ୍ ବକ୍ରଗତିପ୍ରସର୍ପିତମ୍ ।
ସସାଧ୍ୱସୈର୍ଭେକକୁଳୈର୍ନିରୀକ୍ଷିତଂ ପ୍ରୟାତି ନିମ୍ନାଭିମୁଖଂ ନବୋଦକମ୍ ॥ ୧୩

विपत्रपुष्पां नलिनीं समुत्सुका विहाय भृङ्गाः श्रुतिहारिनिस्वनाः ।
पतन्ति मूढाः शिखिनां प्रनृत्यतां कलापचक्रेषु नवोत्पलाशया ॥ १४
ବିପତ୍ରପୁଷ୍ପାଂ ନଳିନୀଂ ସମୁତ୍ସୁକା ବିହାୟ ଭୃଙ୍ଗାଃ ଶ୍ରୁତିହାରିନିସ୍ୱନାଃ ।
ପତନ୍ତି ମୂଢାଃ ଶିଖିନାଂ ପ୍ରନୃତ୍ୟତାଂ କଳାପଚକ୍ରେଷୁ ନବୋତ୍ପଳାଶୟା ॥ ୧୪

वनद्विपानां नववारिदस्वनैर्मदान्वितानां ध्वनतां मुहुर्मुहुः ।
कपोलदेशा विमलोत्पलप्रभाः सभृङ्गयूथैर्मदवारिभिश्चिताः ॥ १५
ବନଦ୍ୱିପାନାଂ ନବବାରିଦସ୍ୱନୈର୍ମଦାନ୍ୱିତାନାଂ ଧ୍ୱନତାଂ ମୁହୁର୍ମୁହୁଃ ।
କପୋଳଦେଶା ବିମଳୋତ୍ପଳପ୍ରଭାଃ ସଭୃଙ୍ଗଯୂଥୈର୍ମଦବାରିଭିଶ୍ଚିତାଃ ॥ ୧୫

सतोयनवाम्बुदचुम्बितोपलाः समाचिताः प्रस्रवणैः समन्ततः ।
प्रवृत्तनृत्यैः शिखिभिः समाकुलाः समुत्सुकत्वं जनयन्ति भूधराः ॥ १६
ସତୋୟନବାମ୍ବୁଦଚୁମ୍ବିତୋପଳାଃ ସମାଚିତାଃ ପ୍ରସ୍ରବଣୈଃ ସମନ୍ତତଃ ।
ପ୍ରବୃତ୍ତନୃତ୍ୟୈଃ ଶିଖିଭିଃ ସମାକୁଳାଃ ସମୁତ୍ସୁକତ୍ୱଂ ଜନୟନ୍ତି ଭୂଧରାଃ ॥ ୧୬

कदम्बसर्जार्जुनकेतकीवनं विकम्पयँस्तत्कुसुमाधिवासितः ।
ससीकराम्भोधरसङ्गशीतलः समीरणः कं न करोति सोत्सुकम् ॥ १७
କଦମ୍ବସର୍ଜାର୍ଜୁନକେତକୀବନଂ ବିକମ୍ପୟଁସ୍ତତ୍କୁସୁମାଧିବାସିତଃ ।
ସସୀକରାମ୍ଭୋଧରସଙ୍ଗଶୀତଳଃ ସମୀରଣଃ କଂ ନ କରୋତି ସୋତ୍ସୁକମ୍ ॥ ୧୭

शिरोरुहैः श्रोणितटावलम्बिभिः कृतावतंसैः कुसुमैः सुगन्धिभिः ।
स्तनैः सहारैर्वदनैः ससीधुभिः स्त्रियो रतिं सञ्जनयन्ति कामिनाम् ॥ १८
ଶିରୋରୁହୈଃ ଶ୍ରୋଣିତଟାବଲମ୍ବିଭିଃ କୃତାବତଂସୈଃ କୁସୁମୈଃ ସୁଗନ୍ଧିଭିଃ ।
ସ୍ତନୈଃ ସହାରୈର୍ବଦନୈଃ ସସୀଧୁଭିଃ ସ୍ତ୍ରିୟୋ ରତିଂ ସଂଜନୟନ୍ତି କାମିନାମ୍ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରବାସୀ ପୁରୁଷମାନଙ୍କ ପତ୍ନୀମାନଙ୍କର ବିଶାଳ ନୀଳକଇଁ ତୁଲ୍ୟ ଚକ୍ଷୁରୁ ବିନ୍ଦୁବିନ୍ଦୁ ଅଶ୍ରୁ ଝରି ନବପଲ୍ଲବତୁଲ୍ୟ ଅଧରକୁ ସିକ୍ତ କରେ । ସେମାନେ ପୁଷ୍ପମାଳା , ଆଭରଣ ତଥା ଅଙ୍ଗରାଗ ତ୍ୟାଗ କରି ନୈରାଶ୍ୟରେ ସମୟ ଅତିବାହିତ କରନ୍ତି । ୧୨

କୀଟ–ଧୂଳି–ତୃଣ–ଆଦି ମିଶ୍ରିତ, ପାଣ୍ଡୁରବର୍ଣ୍ଣ, ନୂତନ ଜଳ ସର୍ପ ପରି କୁଟିଳ ଗତିରେ ନିମ୍ନ ଆଡ଼କୁ ବହି ଚାଲେ । ବେଙ୍ଗମାନେ ଭୀତ-ଭାବରେ ସେହି ସ୍ରୋତ ଆଡ଼କୁ ଚାହିଁ ଥାଆନ୍ତି । ୧୩

ପଦ୍ମଲତା ପୁଷ୍ପପତ୍ରବିହୀନ ହୋଇଯାଏ । ମୂଢ଼ ଭ୍ରମରମାନେ ତାହାକୁ ପରିତ୍ୟାଗ କରି, ଉତ୍ସୁକ ଭାବରେ ଶ୍ରୁତିମଧୁର ଗୁଞ୍ଜନ କରି ନୂତନ ପଦ୍ମ ପୁଷ୍ପ ଆଶାରେ ନୃତ୍ୟରତ ମୟୂରମାନଙ୍କ ପୁଚ୍ଛରେ ଯାଇ ବସନ୍ତି । ୧୪

ନୂତନ ମେଘର ଗର୍ଜନରେ ଉନ୍ମତ୍ତ ହୋଇ ବନ୍ୟ ହସ୍ତୀମାନେ ବାରମ୍ବାର ଗର୍ଜନ କରନ୍ତି । ସେମାନଙ୍କର ପ୍ରସ୍ଫୁଟିତ ପଦ୍ମକାନ୍ତିବିଶିଷ୍ଟ କପୋଳ-ସ୍ଥଳରୁ ମଦଜଳ ଝରେ ଏବଂ ସେଥିରେ ଭ୍ରମରମାନେ ଦଳଦଳ ହୋଇ ବସନ୍ତି । ୧୫

ପର୍ବତମାନଙ୍କରେ ଜଳପୂର୍ଣ୍ଣ ନୂତନ ମେଘମାଳା ପଥରରେ ଆସି ଲାଗିଯାନ୍ତି, ନିର୍ଝରମାନ ଇତସ୍ତତଃ ବହନ୍ତି ଏବଂ ମୟୂରମାନେ ନୃତ୍ୟ କରନ୍ତି । ଏହିପରି ରୂପରେ ପର୍ବତସବୁ ଜନମନ ଉତ୍କଣ୍ଠିତ କରନ୍ତି । ୧୬

ବାୟୁ ଜଳକଣାପୂର୍ଣ୍ଣ ମେଘର ସଂପର୍କରୁ ସୁଶୀତଳ ହୁଏ ଏବଂ କଦମ୍ବ, ସର୍ଜ, ଅର୍ଜୁନ ଓ କେତକୀ ବନକୁ ଦୋହଲାଇ, ସେଗୁଡିକର ପୁଷ୍ପସୁଗନ୍ଧରେ ସୁଗନ୍ଧିତ ହୋଇଉଠେ । ଏଭଳି ବାୟୁ କାହାର ମନକୁ ଉତ୍ସୁକ ନ କରେ ? ୧୭

କାମିନୀମାନେ ସେମାନଙ୍କର ଜଘନ ପର୍ଯ୍ୟନ୍ତ ଲମ୍ବିଥିବା କେଶ, ସୁଗନ୍ଧମୟ ପୁଷ୍ପ–କର୍ଣ୍ଣଭୂଷଣ, ମୁକ୍ତାହାରମଣ୍ଡିତ ସ୍ତନ ଏବଂ ମଦିରା ଗନ୍ଧପୂର୍ଣ୍ଣ ମୁଖ, ଏଗୁଡ଼ିକ ଦ୍ୱାରା କାମୀମାନଙ୍କର ରତି ଉଦ୍ଦୀପନ କରନ୍ତି । ୧୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तडिल्लताशक्रधनुर्विभूषिताः पयोधरास्तोयभरावलम्बिनः ।
स्त्रियश्च काञ्चीमणिकुण्डलोज्ज्वला हरन्ति चेतो युगपत्प्रवासिनाम् ।।

ତଡ଼ିଲ୍ଲତାଶକ୍ରଧନୁର୍ବିଭୂଷିତାଃ ପୟୋଧରାସ୍ତୋୟଭରାବଲମ୍ବିନଃ ।
ସ୍ତ୍ରିୟଶ୍ଚ କାଞ୍ଚୀମଣିକୁଣ୍ଡଳୋଜ୍ଜ୍ୱଳା ହରନ୍ତି ଚେତୋ ଯୁଗପତ୍ ପ୍ରବାସିନାମ୍ ।। ୧୯

ମାଳାଃ କଦମ୍ବନବକେସରକେତକୀଭି-
ରଯୋଜିତାଃ ଶିରସି ବିଭ୍ରତି ଯୋଷିତୋଽଦ୍ୟ ।
କର୍ଣ୍ଣାନ୍ତରେଷୁ କକୁଭଦ୍ରୁମମଞ୍ଜରୀଭି-
ରିଚ୍ଛାନୁକୂଳରଚିତାନବତଂସକାଁଶ୍ଚ ।। ୨୦

କାଳାଗୁରୁପ୍ରଚୁରଚନ୍ଦନଚର୍ଚ୍ଚିତାଙ୍ଗ୍ୟଃ
ପୁଷ୍ପାବତଂସସୁରଭୀକୃତକେଶପାଶାଃ ।
ଶ୍ରୁତ୍ୱା ଧ୍ୱନିଂ ଜଳମୁଚାଂ ତ୍ୱରିତଂ ପ୍ରଦୋଷେ
ଶୟ୍ୟାଗୃହଂ ଗୁରୁଗୃହାତ୍ ପ୍ରବିଶନ୍ତି ନାର୍ଯ୍ୟଃ ।। ୨୧

କୁବଳୟଦଳନୀଳୈରୁନ୍ନତୈସ୍ତୋୟନମ୍ରୈ-
ର୍ମୃଦୁପବନବିଧୂତୈର୍ମନ୍ଦମନ୍ଦଂ ଚଳଦ୍ଭିଃ ।
ଅପହୃତମିବ ଚେତସ୍ତୋୟଦୈଃ ସେନ୍ଦ୍ରଚାପୈଃ
ପଥିକଜନବଧୂନାଂ ତଦ୍ବିୟୋଗାକୁଳାନାମ୍ ।। ୨୨

ମୁଦିତ ଇବ କଦମ୍ବୈର୍ଜାତପୁଷ୍ପୈଃ ସମନ୍ତାତ୍
ପବନଚଳିତଶାଖୈଃ ଶାଖିଭିର୍ନୃତ୍ୟତୀବ ।
ହସିତମିବ ବିଧତ୍ତେ ସୂଚିଭିଃ କେତକୀନାଂ
ନବସଲିଳନିଷେକଚ୍ଛିନ୍ନତାପୋ ବନାନ୍ତଃ ।। ୨୩

ଶିରସି ବକୁଳମାଳାଂ ମାଳତୀଭିଃ ସମେତାଂ
ବିକସିତନବପୁଷ୍ପୈର୍ୟୂଥିକାକୁଡ୍ମଳୈଶ୍ଚ ।
ବିକଚନବକଦମ୍ବୈଃ କର୍ଣ୍ଣପୂରଂ ବଧୂନାଂ
ରଚୟତି ଜଳଦୌଘଃ କାନ୍ତବତ୍ କାଳ ଏଷଃ ।। ୨୪

ଦଧତି ବରକୁଚାଗ୍ରୈରୁନ୍ନତୈର୍ହାରୟଷ୍ଟିଂ
ପ୍ରତନୁସିତଦୁକୂଳାନ୍ୟାୟତୈଃ ଶ୍ରୋଣିବିମ୍ବୈଃ ।
ନବଜଳକଣସେକାଦୁଦ୍ଗତାଂ ରୋମରାଜୀଂ
ଲଳିତବଳିବିଭଙ୍ଗୈର୍ମଧ୍ୟଦେଶୈଶ୍ଚ ନାର୍ଯ୍ୟଃ ।। ୨୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲଟା ବିଜୁଳି ଓ ଇନ୍ଦ୍ରଧନୁରେ ବିଭୂଷିତା, ଜଳଭରରେ ଅବନତା ମେଘମାଳା ଏବଂ ଅଣ୍ଟାସୂତା ଓ ମଣିକୁଣ୍ଡଳରେ ବିଭୂଷିତା, ସ୍ତନଭରରେ ଅବନତା ରମଣୀଗଣ, ଉଭୟେ ଏକ ସମୟରେ ପ୍ରବାସୀମାନଙ୍କର ମନ ହରଣ କରନ୍ତି । ୧୯

ଏହି ଋତୁରେ ରମଣୀମାନେ କଦମ୍ବ ପୁଷ୍ପର ନୂତନ କେଶରରେ ଓ କେତକୀ ପୁଷ୍ପରେ ମାଳା ଗୁନ୍ଥି ମଥାରେ ଘେନନ୍ତି । ଆଉ ମଧ୍ୟ, ଅର୍ଜୁନ ପୁଷ୍ପର ମଞ୍ଜରୀକୁ ଇଚ୍ଛାନୁରୂପେ ମସ୍ତକ ଭୂଷଣ କରନ୍ତି । ୨୦

ନାରୀମାନେ ଅଙ୍ଗରେ କୃଷ୍ଣ ଅଗୁରୁ ଓ ପ୍ରଚୁର ଚନ୍ଦନ ବୋଳନ୍ତି, ମସ୍ତକରେ ଫୁଲ ଘେନନ୍ତି, କେଶପାଶକୁ ସୁବାସିତ କରନ୍ତି ଏବଂ ସନ୍ଧ୍ୟାବେଳେ ମେଘ ଗର୍ଜନ ଶୁଣିଲା ମାତ୍ରେ ଗୁରୁଜନମାନଙ୍କ ଗୃହରୁ ଆସି ଶଯ୍ୟାଗୃହରେ ପ୍ରବେଶ କରନ୍ତି । ୨୧

ନୀଳକଇଁର ପାଖୁଡ଼ା ପରି ନୀଳବର୍ଣ୍ଣ, ଉଚ୍ଚଉଚ୍ଚ, ଜଳଭରରେ ଅବନତ, ମୃଦୁ ପବନରେ ଗୁଞ୍ଜିତ, ଇନ୍ଦ୍ରଧନୁଯୁକ୍ତ, ଧୀରଗତିଶୀଳ ମେଘମାଳ ପ୍ରବାସୀ ପୁରୁଷମାନଙ୍କର ବିଚ୍ଛେଦବିଧୁରା ପତ୍ନୀମାନଙ୍କ ମନକୁ ଅଧୀର କରି ପକାନ୍ତି । ୨୨

ବନସ୍ଥଳୀ ନବ ଜଳରେ ସିକ୍ତ ହୋଇ ତାପହୀନ ହୁଏ, କଦମ୍ବଗଛମାନଙ୍କରେ ପୁଷ୍ପ–ଉଦ୍‌ଗମ ହେତୁ ବନସ୍ଥଳୀ ସତେ ଯେପରି ଆନନ୍ଦରେ ରୋମାଞ୍ଚିତଶରୀର ହୋଇଉଠେ, ପବନରେ ବୃକ୍ଷମାନଙ୍କର ଶାଖା ଦୋହଲିବା ହେତୁ ସେ ନୃତ୍ୟ କଲା ଭଳି ବୋଧ ହୁଏ ଏବଂ ସୂଚୀ ଆକୃତିର ପ୍ରଚୁର କିଆଫୁଲ ଫୁଟିବା ହେତୁ ସତେ ଯେପରି ସେ ଆନନ୍ଦରେ ହସୁଥାଏ ! ୨୩

ଏହି ମେଘମାଳମଣ୍ଡିତ ବର୍ଷାକାଳ ପ୍ରିୟତମ ପରି ରମଣୀମାନଙ୍କ ମସ୍ତକରେ ମାଳତୀ ପୁଷ୍ପ ସଙ୍ଗରେ ବକୁଳ ପୁଷ୍ପର ମାଳା, ଅନ୍ୟାନ୍ୟ ପ୍ରସ୍ଫୁଟିତ ପୁଷ୍ପ ସଙ୍ଗରେ ଯୂଥିକା କଢ଼ି ଏବଂ କର୍ଣ୍ଣରେ ବିକଶିତ କଦମ୍ବ ପୁଷ୍ପଭୂଷଣ ପିନ୍ଧାଇ ଦିଏ । ୨୪

ନାରୀମାନେ ସେମାନଙ୍କର ଉଚ୍ଚ ସ୍ତନ ଉପରେ ଯଷ୍ଟି–ଆକୃତିର ମୁକ୍ତାହାର ଏବଂ ବିଶାଳନିତମ୍ବ ଉପରେ ସୂକ୍ଷ୍ମ ଧବଳ ପଟ୍ଟବସ୍ତ୍ର ପରିଧାନ କରନ୍ତି । ସେମାନଙ୍କର କୋମଳ ତ୍ରିବଳୀଯୁକ୍ତ କଟୀଦେଶରେ ବର୍ଷାର ନବ ଜଳବିନ୍ଦୁ ପଡ଼ିଲେ ରୋମରାଜି ପୁଲକିତ ହୋଇଉଠେ । ୨୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନବଜଲକଣସଙ୍ଗାଚ୍ଛୀତତାମାଦଧାନଃ
କୁସୁମଭରନତାନାଂ ଲାସକଃ ପାଦପାନାମ୍ ।
ଜନିତରୁଚିରଗନ୍ଧଃ କେତକୀନାଂ ରଜୋଭି
ରପହରତି ନଭସ୍ୱାନ୍ ପ୍ରୋଷିତାନାଂ ମନାଂସି ॥ ୨୬

ଜଲଭରନମିତାନାମାଶ୍ରୟୋଽସ୍ମାକମୁଚ୍ଚୈ-
ରୟମିତି ଜଲସେକୈସ୍ତୋୟଦାସ୍ତୋୟନମ୍ରାଃ ।
ଅତିଶୟପରୁଷାଭିର୍ଗ୍ରୀଷ୍ମବହ୍ନେଃ ଶିଖାଭିଃ
ସମୁପଜନିତତାପଂ ହ୍ଲାଦୟନ୍ତୀବ ବିନ୍ଧ୍ୟମ୍ ॥ ୨୭

ବହୁଗୁଣରମଣୀୟଃ କାମିନୀଚିତ୍ତହାରୀ
ତରୁବିଟପଲତାନାଂ ବାନ୍ଧବୋ ନିର୍ବିକାରଃ ।
ଜଲଦସମୟ ଏଷ ପ୍ରାଣିନାଂ ପ୍ରାଣଭୂତୋ
ଦିଶତୁ ତବ ହିତାନି ପ୍ରାୟଶୋ ବାଞ୍ଛିତାନି ॥ ୨୮

॥ इति श्रीकालिदासमहाकविकृतौ ऋतुसंहारे प्रावृड्वर्णनम् ॥

— × —

॥ शरद्वर्णनम् ॥

କାଶାଂଶୁକା ବିକଚପଦ୍ମମନୋଜ୍ଞବକ୍ତ୍ରା
ସୋନ୍ମାଦହଂସ-ରବ-ନୂପୁରନାଦରମ୍ୟା ।
ଆପକ୍ୱଶାଲିରୁଚିରନତଗାତ୍ରୟଷ୍ଟିଃ
ପ୍ରାପ୍ତା ଶରନ୍ନବବଧୂରିବ ରୂପରମ୍ୟା ॥ ୧

କାଶୈର୍ମହୀ ଶିଶିରଦୀଧିତିନା ରଜନ୍ୟୋ
ହଂସୈର୍ଜଲାନି ସରିତାଂ କୁମୁଦୈଃ ସରାଂସି ।
ସପ୍ତଚ୍ଛଦୈ କୁସୁମଭରନତୈର୍ବନାନ୍ତାଃ
ଶୁକ୍ଲୀକୃତାନ୍ୟୁପବନାନି ଚ ମାଲତୀଭିଃ ॥ ୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାୟୁ ନବଜଳକଣା ସଂପର୍କରୁ ସୁଶୀତଳ ହୋଇ, ପୁଷ୍ପସମ୍ଭାର-ଅବନତ ବୃକ୍ଷମାନଙ୍କୁ ଦୋହଲାଇ, କେତକୀ ପୁଷ୍ପ-ପରାଗର ମଧୁର ସୁଗନ୍ଧ ବହନ କରି ପ୍ରବାସୀମାନଙ୍କର ମନକୁ ଅଧୀର କରିପକାଏ । ୨୬

"ଆମେ ଜଳଭରରେ ନମ୍ର, ତେଣୁ ଏହି ବିନ୍ଧ୍ୟ ପର୍ବତ ଆମର ଆଶ୍ରୟ" ସତେ ଯେପରି ଏହା ଭାବି ଜଳାବନତ ଜଳଦମାନେ ନିଦାଘର ପ୍ରଚଣ୍ଡ ତାପରେ ତାପିତ ହୋଇଥିବା ବିନ୍ଧ୍ୟପର୍ବତ ଉପରେ ଜଳ ଢାଳନ୍ତି ଏବଂ ତଦ୍ଦ୍ୱାରା ତାଙ୍କୁ ଉଲ୍ଲସିତ କରନ୍ତି । ୨୭

ବହୁ ଗୁଣର ଆଧାର ହେତୁ ରମଣୀୟ, କାମିନୀମାନଙ୍କର ମନୋ-ମୁଗ୍‌ଧକାରୀ, ବୃକ୍ଷଲତାମାନଙ୍କର ଅକୃତ୍ରିମ ବନ୍ଧୁ ଏବଂ ପ୍ରାଣୀମାନଙ୍କର ପ୍ରାଣ-ସ୍ୱରୂପ ଏହି ବର୍ଷାକାଳ ତୁମକୁ ବାଞ୍ଛିତ ସୁଖ ପ୍ରଦାନ କରୁ । ୨୮

—o—

ଶରଦ୍ ବର୍ଣ୍ଣନ

କାଶ ପୁଷ୍ପ ଯାହାର ବସ୍ତ୍ର, ବିକଶିତ ପଦ୍ମଫୁଲ ଯାହାର ସୁନ୍ଦର ମୁଖ, ଉନ୍ମତ୍ତ ହଂସମାନଙ୍କର ରବ ଯାହାର ନୂପୁରନାଦ ଏବଂ ଈଷତ୍ ପକ୍ୱ ଶାଳିଧାନ ଯାହାର ଅବନତ ଅଙ୍ଗଲତା, ସେହି ରୂପରମ୍ୟା ଶରତ ନବବଧୂ ପରି ଉପସ୍ଥିତା । ୧

ବର୍ତ୍ତମାନ କାଶତଣ୍ଡି ଫୁଲ ଯୋଗୁ ପୃଥିବୀ, ଚନ୍ଦ୍ର ଯୋଗୁ ରାତ୍ରି, ହଂସମାନଙ୍କ ଯୋଗୁ ନଦୀଜଳ, କଇଁଫୁଲ ଯୋଗୁ ସରୋବର, ପୁଷ୍ପଭାର-ଅବନତ ସପ୍ତପର୍ଣ୍ଣ ବୃକ୍ଷମାନଙ୍କ ଯୋଗୁ ବନସ୍ଥଳୀ ଏବଂ ମାଳତୀ ପୁଷ୍ପ ଯୋଗୁ ଉପବନ ଶୁଭ୍ରମୟ । ୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚଞ୍ଚନ୍ମନୋଜ୍ଞଶଫରୀରସନାକଳାପାଃ
ପର୍ଯ୍ୟନ୍ତସଂସ୍ଥିତସିତାଣ୍ଡଜପଂକ୍ତିହାରାଃ ।
ନଦ୍ୟୋ ବିଶାଳପୁଳିନାନ୍ତନିତମ୍ବବିମ୍ବା
ମନ୍ଦଂ ପ୍ରୟାନ୍ତି ସମଦାଃ ପ୍ରମଦା ଇବାଦ୍ୟ ॥ ୩

ବ୍ୟୋମ କ୍ୱଚିଦ୍ ରଜତଶଙ୍ଖମୃଣାଳଗୌରୈ-
ସ୍ତ୍ୟକ୍ତାମ୍ବୁଭିର୍ଲଘୁତୟା ଶତଶଃ ପ୍ରୟାତୈଃ ।
ସଂଲକ୍ଷ୍ୟତେ ପବନବେଗଚଳୈଃ ପୟୋଦୈ
ରାଜେବ ଚାମରଶତୈରୁପବୀଜ୍ୟମାନଃ ॥ ୪

ଭିନ୍ନାଞ୍ଜନପ୍ରଚୟକାନ୍ତି ନଭୋ ମନୋଜ୍ଞଂ
ବନ୍ଧୂକପୁଷ୍ପରଜସାଽରୁଣିତା ଚ ଭୂମିଃ ।
ବପ୍ରାଶ୍ଚ ପକ୍ୱକଳମାବୃତଭୂମିଭାଗାଃ
ପ୍ରୋତ୍କଣ୍ଠୟନ୍ତି ନ ମନୋ ଭୁବି କସ୍ୟ ଯୂନଃ ॥ ୫

ମନ୍ଦାନିଳାକୁଳିତଚାରୁତରାଗ୍ରଶାଖଃ
ପୁଷ୍ପୋଦ୍ଗମପ୍ରଚୟକୋମଳପଲ୍ଲବାଗ୍ରଃ ।
ମତ୍ତଦ୍ୱିରେଫପରିପୀତମଧୁପ୍ରସେକ-
ଶ୍ଚିତ୍ତଂ ବିଦାରୟତି କସ୍ୟ ନ କୋବିଦାରଃ ॥ ୬

ତାରାଗଣପ୍ରବରଭୂଷଣମୁଦ୍ୱହନ୍ତୀ
ମେଘାବରୋଧପରିମୁକ୍ତଶଶାଙ୍କବକ୍ତ୍ରା ।
ଜ୍ୟୋସ୍ନାଦୁକୂଳମମଳଂ ରଜନୀ ଦଧାନା
ବୃଦ୍ଧିଂ ପ୍ରୟାତ୍ୟନୁଦିନଂ ପ୍ରମଦେବ ବାଲା ॥ ୭

କାରଣ୍ଡବାନନବିଘଟ୍ଟିତବୀଚିମାଳାଃ
କାଦମ୍ବସାରସକୁଳାକୁଳତୀରଦେଶାଃ ।
କୁର୍ବନ୍ତି ହଂସବିରୁତୈଃ ପରିତୋ ଜନସ୍ୟ
ପ୍ରୀତିଂ ସରୋରୁହରଜୋଽରୁଣିତାସ୍ତଟିନ୍ୟଃ ॥ ୮

ନେତ୍ରୋତ୍ସବୋ ହୃଦୟହାରିମରୀଚିମାଳଃ
ପ୍ରହ୍ଲାଦକଃ ଶିଶିରସୀକରବାରିବର୍ଷୀ ।
ପତ୍ୟୁର୍ବିୟୋଗବିଷଦଗ୍ଧଶରକ୍ଷତାନାଂ
ଚନ୍ଦ୍ରୋ ଦହତ୍ୟତିତରାଂ ତନୁମଙ୍ଗନାନାମ୍ ॥ ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ଋତୁରେ ନଦୀମାନେ ମନ୍ଦମନ୍ଦ ଗତିରେ ପ୍ରବାହିତ ହୁଅନ୍ତି । ଚପଳ ସୁନ୍ଦର ଶ୍ରେଣୀବଦ୍ଧ ଶଫରୀଗଣ ସେମାନଙ୍କର ଅଣ୍ଟାସୂତା ପରି ଏବଂ କୂଳରେ ବସିଥିବା ଶ୍ରେଣୀବଦ୍ଧ ହଂସଗଣ ସେମାନଙ୍କର ମୁକ୍ତାହାର ପରି ଶୋଭ ପାଆନ୍ତି । ଆଉ ମଧ୍ୟ, ବିସ୍ତୃତ ବାଲୁକାଭୂମି ସେମାନଙ୍କର ବିଶାଳ ନିତମ୍ବ ପରି ଶୋଭ ପାଏ । ତେଣୁ ଶରତ୍ କାମଶୀଳା କାମିନୀମାନଙ୍କ ସହିତ ତୁଳନୀୟା । ୩

ଆକାଶରେ ମେଘ ଖଣ୍ଡଗୁଡ଼ିକ କେଉଁଠି ରୂପା ପରି, କେଉଁଠି ଶଙ୍ଖପରି, କେଉଁଠି ମୃଣାଳ ପରି ଗୌରବର୍ଣ୍ଣ ଦେଖାଯାନ୍ତି । ବର୍ଷଣହେତୁ ସେଗୁଡ଼ିକର ଜଳ ନିଃଶେଷ ହୋଇଯାଇଥାଏ । ତେଣୁ ସେଗୁଡ଼ିକ ହାଲୁକା ହୋଇ ଶତ-ଶତ ଖଣ୍ଡରେ ବିଭକ୍ତ ହୋଇ ଥାଆନ୍ତି ଏବଂ ବାୟୁବେଗରେ ଧାବମାନ ହୁଅନ୍ତି । ଏଭଳି ଧାବମାନ ମେଘଖଣ୍ଡଗୁଡ଼ିକ ଯେପରି ଆକାଶରୂପୀ ରଜାଙ୍କ ସମ୍ମୁଖରେ ଶତଶତ ଚାମର ବିଞ୍ଚା ହେଲା ପରି ଜଣାପଡେ । ୪

ଆକାଶ ମର୍ଦ୍ଦିତ ଅଞ୍ଜନ ପରି ବର୍ଣ୍ଣ ଧାରଣ କରି ରମଣୀୟ ଦେଖାଯାଏ, ଭୂମି ବନ୍ଧୁଳି ପୁଷ୍ପର ପରାଗରେ ଅରୁଣିତା ହୁଏ ଏବଂ କୃଷି-କ୍ଷେତ୍ରମାନଙ୍କରେ ଶାଳିଧାନ ଭୂମି ପର୍ଯ୍ୟନ୍ତ ନଇଁଯାଇ ତାହାକୁ ଆବୃତ କରେ । ଏସବୁ ଦୃଶ୍ୟ କେଉଁ ଯୁବା ପୁରୁଷର ମନକୁ ଉତ୍‌କଣ୍ଠିତ ନ କରେ ? ୫

କାଞ୍ଚନ ଗଛର ସୁନ୍ଦର ଅଗ୍ରଶାଖାମାନ ମୃଦୁ ପବନରେ ଦୋହଲେ ଏବଂ ଏହାର ଅଗ୍ର ଭାଗରେ ପ୍ରଚୁର ପୁଷ୍ପ ଓ କୋମଳ ପଲ୍ଲବ ଜାତ ହୁଏ । ମତ୍ତ ଭ୍ରମରମାନେ ଏହାର ପୁଷ୍ପମଧୁ ପାନ କରନ୍ତି । ଏଭଳି କାଞ୍ଚନ ଗଛ କାହାର ମନକୁ ଅଧୀର ନ କରେ ? ୬

ମେଘମୁକ୍ତ ଚନ୍ଦ୍ର ଯାହାର ମୁଖ, ସେହି ଶରତ୍‌ରାତ୍ରି ତାରକାଗଣ-ରୂପକ ସୁନ୍ଦର ଭୂଷଣ ଏବଂ ଜ୍ୟୋତ୍ସ୍ନାରୂପକ ଧବଳ ପଟ୍ଟବସ୍ତ୍ର ପରିଧାନ କରି କିଶୋରୀ ଯୁବତୀ ପରି ପ୍ରତିଦିନ ବୃଦ୍ଧି ଲାଭ କରେ । ୭

ନଦୀମାନଙ୍କରେ କାରଣ୍ଡବ ପକ୍ଷୀଗଣ ମୁଖରେ ତରଙ୍ଗମାଳାକୁ ବିଖଣ୍ଡିତ କରନ୍ତି; କାଦମ୍ବ, ସାରସ ଓ ହଂସଗଣ ତଟଦେଶକୁ ମୁଖରିତ କରନ୍ତି ଏବଂ ପଦ୍ମପୁଷ୍ପର ପରାଗରେ ଜଳ ଅରୁଣିତ ହୋଇଯାଏ । ଏହିପରି ନଦୀଗୁଡ଼ିକ ଜନମାନସରେ ପ୍ରୀତି ଉତ୍ପନ୍ନ କରନ୍ତି । ୮

ନୟନପ୍ରୀତିକର, ଶିଶିରବିନ୍ଦୁବର୍ଷୀ ଚନ୍ଦ୍ର ହୃଦୟଗ୍ରାହୀ ଜ୍ୟୋତ୍ସ୍ନା-ରାଶି ଦ୍ୱାରା ଆହ୍ଲାଦ ପ୍ରଦାନ କରେ ; କିନ୍ତୁ ଯେଉଁ ଅଙ୍ଗନାମାନେ କାନ୍ତବିଚ୍ଛେଦ-ରୂପକ ବିଷବୋଳା ଶରରେ ଆହତ ହୋଇଥାନ୍ତି, ସେମାନଙ୍କ ଶରୀରକୁ ଅତ୍ୟନ୍ତ ପୀଡା ଦିଏ । ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆକମ୍ପୟନ୍ ଫଳଭରନତଶାଳିଜାଲ-
ନ୍ୟାନର୍ତ୍ତୟଁସ୍ତରୁବରାନ୍ କୁସୁମାବନମ୍ରାନ୍ ।
ଉତ୍ଫୁଲ୍ଲପଙ୍କଜବନାଂ ନଳିନୀଂ ବିଧୂନ୍ୱନ୍
ଯୂନାଂ ମନଶ୍ଚଳୟତି ପ୍ରସଭଂ ନଭସ୍ୱାନ୍ ॥ ୧୦

ସୋନ୍ମାଦହଂସମିଥୁନୈରୁପଶୋଭିତାନି
ସ୍ୱଚ୍ଛପ୍ରଫୁଲ୍ଲକମଳୋତ୍ପଲଭୂଷିତାନି ।
ମନ୍ଦପ୍ରଭାତପବନୋଦ୍ଗତବୀଚିମାଳା-
ନ୍ୟୁତ୍କଣ୍ଠୟନ୍ତି ସହସା ହୃଦୟଂ ସରାଂସି ॥ ୧୧

ନଷ୍ଟଂ ଧନୁର୍ବଳଭିଦୋ ଜଳଦୋଦରେଷୁ
ସୌଦାମନୀ ସ୍ଫୁରତି ନାଦ୍ୟ ବିୟତ୍ପତାକା ।
ଧୁନ୍ୱନ୍ତି ପକ୍ଷପବନୈର୍ନ ନଭୋ ବଳାକାଃ
ପଶ୍ୟନ୍ତି ନୋନ୍ନତମୁଖା ଗଗନଂ ମୟୂରାଃ ॥ ୧୨

ନୃତ୍ୟପ୍ରୟୋଗରହିତାଞ୍ଛିଖିନୋ ବିହାୟ
ହଂସାନୁପୈତି ମଦନୋ ମଧୁରପ୍ରଗୀତାନ୍ ।
ମୁକ୍ତ୍ୱା କଦମ୍ବକୁଟଜାର୍ଜୁନସର୍ଜନୀପାନ୍
ସପ୍ତଚ୍ଛଦାନୁପଗତା କୁସୁମୋଦ୍ଗମଶ୍ରୀଃ ॥ ୧୩

ଶେଫାଳିକାକୁସୁମଗନ୍ଧମନୋହରାଣି
ସ୍ୱସ୍ଥସ୍ଥିତାଣ୍ଡଜକୁଳପ୍ରତିନାଦିତାନି ।
ପର୍ଯ୍ୟନ୍ତସଂସ୍ଥିତମୃଗୀନୟନୋତ୍ପଳାନି
ପ୍ରୋତ୍କଣ୍ଠୟନ୍ତ୍ୟୁପବନାନି ମନାଂସି ପୁଂସାମ୍ ॥ ୧୪

କହ୍ଲାରପଦ୍ମକୁମୁଦାନି ମୁହୁର୍ବିଧୁନ୍ୱଂ-
ସ୍ତତ୍ସଂଗମାଦଧିକଶୀତଳତାମୁପେତଃ ।
ଉତ୍କଣ୍ଠୟତ୍ୟତିତରାଂ ପବନଃ ପ୍ରଭାତେ
ପତ୍ରାନ୍ତଲଗ୍ନତୁହିନାମ୍ବୁ ବିଧୂୟମାନଃ ॥ ୧୫

ସଂପନ୍ନଶାଳିନିଚୟାବୃତଭୂତଳାନି
ସ୍ୱସ୍ଥସ୍ଥିତପ୍ରଚୁରଗୋକୁଳଶୋଭିତାନି ।
ହଂସୈଃ ସସାରସକୁଳୈଃ ପ୍ରତିନାଦିତାନି
ସୀମାନ୍ତରାଣି ଜନୟନ୍ତି ନୃଣାଂ ପ୍ରମୋଦମ୍ ॥ ୧୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାୟୁ ଫଳଭରରେ ଅବନତ ଶାଳିଧାନର ଗଛମାନଙ୍କୁ କମ୍ପିତ କରି, ପୁଷ୍ପଭରରେ ଅବନତ ବୃକ୍ଷମାନଙ୍କୁ ନଗ୍ରଇ, ଉତ୍‌ଫୁଲ୍ଲପୁଷ୍ପବତୀ ପଦ୍ମଲତାମାନଙ୍କୁ ଦୋହଲାଇ, ଯୁବକମାନଙ୍କର ମନକୁ ଅତ୍ୟନ୍ତ ଅଧୀର କରେ । ୧୦

ସରୋବର ଉନ୍ମତ୍ତ ହଂସଯୁଗଳମାନଙ୍କ ଦ୍ୱାରା ଶୋଭା ପାଏ ଏବଂ ସୁବିକଶିତ ପଦ୍ମଫୁଲ ତଥା କଇଁଫୁଲରେ ମଣ୍ଡିତ ହୁଏ । ଆଉ ମଧ୍ୟ ପ୍ରାତଃକାଳର ମୃଦୁ ପବନରେ ସେଥିରେ କ୍ଷୁଦ୍ର କ୍ଷୁଦ୍ର ତରଙ୍ଗ ଉତ୍‌ଥିତ ହୁଏ । ଏଭଳି ସରୋବର ଲୋକମାନଙ୍କର ହୃଦୟରେ ଉତ୍‌କଣ୍ଠା ଭରିଦିଏ । ୧୧

ମେଘ ଦେହରେ ଆଉ ଇନ୍ଦ୍ରଧନୁ ଦେଖାଯାଏ ନାହିଁ, ଆକାଶର ପତାକାରୂପିଣୀ ବିଜୁଳି ଆଉ ସ୍ଫୁରିତ ହୁଏ ନାହିଁ, ବକମାଳା ସେମାନଙ୍କର ପକ୍ଷପବନରେ ଆକାଶକୁ ଆଉ ବିଞ୍ଚି ଦିଅନ୍ତି ନାହିଁ ଏବଂ ମୟୂରମାନେ ଆଉ ମୁଖ ଟେକି ଆକାଶ ଆଡ଼କୁ ଚାହାନ୍ତି ନାହିଁ । ୧୨

କନ୍ଦର୍ପ ନୃତ୍ୟରହିତ ମୟୂରମାନଙ୍କୁ ପରିତ୍ୟାଗ କରି ମଧୁର ଭାବରେ ଗୀତ ଗାଉଥିବା ହଂସମାନଙ୍କ ନିକଟକୁ ଯାଏ ଏବଂ ପୁଷ୍ପଶ୍ରୀ କଦମ୍ବ, କୁଟଜ, ଅର୍ଜୁନ, ସର୍ଜ ଓ ନୀପବୃକ୍ଷମାନଙ୍କୁ ପରିତ୍ୟାଗ କରି ସପ୍ତପର୍ଣ୍ଣ ବୃକ୍ଷକୁ ଆଶ୍ରୟ କରେ । ୧୩

ଉପବନଗୁଡ଼ିକ ଶେଫାଳିପୁଷ୍ପର ସୁଗନ୍ଧରେ ସୁଗନ୍ଧମୟ ହୋଇ, ଆନନ୍ଦ–ଉତ୍‌ଫୁଲ୍ଲ ପକ୍ଷୀଗଣଙ୍କ କୂଜନରେ ନିନାଦିତ ହୋଇ ଏବଂ ପ୍ରାନ୍ତ-ଭାଗରେ ଶୋଇଥିବା ମୃଗୀମାନଙ୍କର ନୟନକମଳ ଦ୍ୱାରା ଅତ୍ୟନ୍ତ ଶୋଭିତ ହୋଇ ପୁରୁଷମାନଙ୍କର ମନରେ ତୀବ୍ର ଉତ୍‌କଣ୍ଠା ସୃଷ୍ଟି କରେ । ୧୪

ପ୍ରାତଃକାଳର ବାୟୁ କହ୍ଲାର, ପଦ୍ମ ଓ କୁମୁଦ କୁସୁମଗୁଡ଼ିକୁ ଘନଘନ ନଗ୍ରଇ, ସେମାନଙ୍କ ସଂସର୍ଗରୁ ଅଧିକ ଶୀତଳ ହୋଇ ଏବଂ ପତ୍ରର ଅଗ୍ର-ଭାଗରେ ଲାଗିଥିବା ଶିଶିରବିନ୍ଦୁଗୁଡ଼ିକୁ ଢଳଢଳ କରି ଲୋକମାନଙ୍କର ମନକୁ ଅତ୍ୟନ୍ତ ଉତ୍‌କଣ୍ଠିତ କରେ । ୧୫

(ଗ୍ରାମ ବା ନଗରମାନଙ୍କର) ସୀମାନ୍ତ ଭୂମି ପରିପକ୍ୱ ଶାଳି-ଧାନରେ ଆଚ୍ଛାଦିତ ହୋଇଥାଏ, ଆନନ୍ଦରେ ଶୋଇଥିବା ଅସଂଖ୍ୟ ଗୋଧନ-ଯୋଗୁ ଶୋଭା ପାଉଥାଏ ଏବଂ ହଂସ ଓ ସାରସ ପକ୍ଷୀଗଣଙ୍କ କୂଜନରେ ନିନାଦିତ ହେଉଥାଏ । ଏଭଳି ସୀମାନ୍ତ ସ୍ଥାନ (ପାଟ) ଗୁଡ଼ିକ ଲୋକମାନଙ୍କ ମନରେ ଆନନ୍ଦ ଭରିଦିଏ । ୧୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହଂସୈର୍ଜିତା ସୁଲଳିତା ଗତିରଙ୍ଗନାନା-
ମମ୍ଭୋରୁହୈର୍ବିକସିତୈର୍ମୁଖଚନ୍ଦ୍ରକାନ୍ତିଃ ।
ନୀଲୋତ୍ପଲୈର୍ମଦକଳାନି ବିଲୋଚନାନି
ଭ୍ରୂବିଭ୍ରମାଶ୍ଚ ରୁଚିରସ୍ତନୁଭିସ୍ତରଙ୍ଗୈଃ ।। ୧୭

ଶ୍ୟାମା ଲତାଃ କୁସୁମଭରନତପ୍ରବାଳାଃ
ସ୍ତ୍ରୀଣାଂ ହରନ୍ତି ଧୃତଭୂଷଣବାହୁକାନ୍ତିମ୍ ।
ଓଷ୍ଠାବଭସବିଶଦସ୍ମିତଚନ୍ଦ୍ରକାନ୍ତିଂ
କଙ୍କେଲିପୁଷ୍ପରୁଚିର ନବମାଳତୀ ଚ ।। ୧୮

କେଶାନ୍ନିତାନ୍ତଘନନୀଳବିକୁଞ୍ଚିତାଗ୍ରା-
ନାପୂରୟନ୍ତି ବନିତା ନବମାଳତୀଭିଃ ।
କର୍ଣ୍ଣେଷୁ ଚ ପ୍ରବରକାଞ୍ଚନକୁଣ୍ଡଳେଷୁ
ନୀଲୋତ୍ପଳାନି ବିବିଧାନି ନିବେଶୟନ୍ତି ।। ୧୯

ହାରୈଃ ସଚନ୍ଦନରସୈଃ ସ୍ତନମଣ୍ଡଳାନି
ଶ୍ରୋଣୀତଟଂ ସୁବିପୁଲଂ ରସନାକଲାପୈଃ ।
ପାଦାମ୍ବୁଜାନି କଲନୂପୁରଶେଖରୈଶ୍ଚ
ନାର୍ୟଃ ପ୍ରହୃଷ୍ଟମନସୋଽଦ୍ୟ ବିଭୂଷୟନ୍ତି ।। ୨୦

ସ୍ଫୁଟକୁମୁଦଚିତାନାଂ ରଜହଂସାଶ୍ରିତାନାଂ
ମରକତମଣିଭସା ବାରିଣା ଭୂଷିତାନାମ୍ ।
ଶ୍ରିୟମତିଶୟରୂପାଂ ବ୍ୟୋମ ତୋୟାଶୟାନାଂ
ବହତି ବିଗତମେଘଂ ଚନ୍ଦ୍ରତାରବକୀର୍ଣ୍ଣମ୍ ।। ୨୧

ଶରଦି କୁସୁମସଙ୍ଗାଦ୍ ବାୟବୋ ବାନ୍ତି ଶୀତା
ବିଗତଜଲଦବୃନ୍ଦା ଦିଗ୍ବିଭଗା ମନୋଜ୍ଞାଃ ।
ବିଗତକଲୁଷମମ୍ଭଃ ଶ୍ୟାନପଙ୍କା ଧରିତ୍ରୀ
ବିମଲକିରଣଚନ୍ଦ୍ରଂ ବ୍ୟୋମ ତାରବିଚିତ୍ରମ୍ ।। ୨୨

କରକମଲମନୋଜ୍ଞାଃ କାନ୍ତସଂସକ୍ତହସ୍ତା
ବଦନବିଜିତଚନ୍ଦ୍ରାଃ କାଶ୍ଚିଦନ୍ୟାସ୍ତରୁଣ୍ୟଃ ।
ରଚିତକୁସୁମଗନ୍ଧି ପ୍ରାୟଶୋ ଯାନ୍ତି ବେଶ୍ମ
ପ୍ରବଳମଦନହେତୋସ୍ତ୍ୟକ୍ତସଂଗୀତରାଗାଃ ।। ୨୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଙ୍ଗନାମାନଙ୍କର ସୁଲଳିତ ଗତିକୁ ଜିଣିଯାନ୍ତି ହଂସମାନେ, ମୁଖ-ଚନ୍ଦ୍ରର କାନ୍ତିକୁ ଜିଣିଯାନ୍ତି ପଦ୍ମପୁଷ୍ପମାନେ, ଯୌବନଚପଳ ଚକ୍ଷୁକୁ ଜିଣିଯାନ୍ତି ନୀଳୋତ୍ପଳମାନେ ଏବଂ ସୁନ୍ଦର ଭ୍ରୂଲତାନର୍ତ୍ତନକୁ ଜିଣିଯାନ୍ତି କ୍ଷୁଦ୍ର କ୍ଷୁଦ୍ର ତରଙ୍ଗମାନେ । ୧୭

ଶ୍ୟାମାଲତାର ନବପଲ୍ଲବଗୁଡ଼ିକ ପୁଷ୍ପସଂଭାରରେ ନଇଁପଡ଼େ । ଏହି ଲତା ରମଣୀମାନଙ୍କର ଭୂଷଣପରିହିତ ହସ୍ତର ଶୋଭାକୁ ବଳିଯାଏ । ଆଉ ମଧ୍ୟ, ଅଶୋକ ପୁଷ୍ପ ସଙ୍ଗରେ ଫୁଟିଥିବା ନବମାଳତୀ ପୁଷ୍ପ ଅଙ୍ଗନାମାନଙ୍କର ଓଷ୍ଠକାନ୍ତି ଭିତରେ ଶୋଭା ପାଉଥିବା ଶୁଭ୍ର ଚନ୍ଦ୍ରକାନ୍ତିତୁଲ୍ୟ ସ୍ମିତହାସ୍ୟକୁ ବଳିଯାଏ । ୧୮

ଅଙ୍ଗନାମାନେ ସେମାନଙ୍କର ଘନନୀଳ, କୁଞ୍ଚିତାଗ୍ର କେଶପାଶରେ ନବମାଳତୀ ଫୁଲ ଏବଂ ଶୁଦ୍ଧସୁବର୍ଣ୍ଣକୁଣ୍ଡଳପରିହିତ କର୍ଣ୍ଣରେ ନାନାବିଧ ନୀଳୋତ୍ପଳ ନିବେଶିତ କରନ୍ତି । ୧୯

ନାରୀମାନେ ଚନ୍ଦନରସସିକ୍ତ ମୁକ୍ତାହାରରେ ସ୍ତନମଣ୍ଡଳକୁ, ଅଣ୍ଟା-ସୂତାରେ ପୃଥୁଳ ନିତମ୍ବକୁ ଏବଂ କଳନିନାଦୀ ନୂପୁରରେ ପାଦପଦ୍ମକୁ ବିଭୂଷିତ କରନ୍ତି । ୨୦

ଜଳାଶୟଗୁଡ଼ିକ ବିକଶିତ କୁମୁଦପୁଷ୍ପରେ ପୂର୍ଣ୍ଣ ହୁଏ, ବହୁ ରାଜ-ହଂସ ସେଥିରେ ଆଶ୍ରୟ ଗ୍ରହଣ କରନ୍ତି ଏବଂ ମରକତମଣିତୁଲ୍ୟ ନୀଳବର୍ଣ୍ଣ ଜଳରେ ସେଗୁଡ଼ିକ ଶୋଭାପାଏ । ତେଣୁ ଜଳାଶୟଗୁଡ଼ିକ ମେଘମୁକ୍ତ, ଚନ୍ଦ୍ରତାରକାଗଣମଣ୍ଡିତ ଆକାଶ ପରି ଅତ୍ୟନ୍ତ ରମଣୀୟ ଦେଖାଯାନ୍ତି । ୨୧

ଶରତ୍ ଋତୁରେ ବାୟୁ ପୁଷ୍ପରାଶି ସଂପର୍କରୁ ଶୀତଳତା ଲାଭ କରେ, ଦିଗବିଦିଗ ମେଘମୁକ୍ତ ହୋଇ ମନୋଜ୍ଞ ଦେଖାଯାଏ, ଜଳ ନିର୍ମଳ ହୁଏ, ଭୂମିରେ କାଦୁଅ ଗାଢ଼ ହୋଇଆସେ ଏବଂ ଆକାଶ ନିର୍ମଳଜ୍ୟୋସ୍ନାପ୍ରଦ ତାରାଗଣଙ୍କୁ ଘେନି ରମଣୀୟ ଦେଖାଯାଏ । ୨୨

କେତେକ ତରୁଣୀ ପ୍ରବଳ କନ୍ଦର୍ପପୀଡା ହେତୁ ସଂଗୀତ-ଅନୁରାଗ ଛାଡ଼ି, କାନ୍ତମାନଙ୍କର ହାତ ଧରି, ପୁଷ୍ପସୁଗନ୍ଧପରିପୂର୍ଣ୍ଣ କେଳିଗୃହକୁ ଗମନ କରନ୍ତି । ସେମାନେ ଗୋଟିଏ ହାତରେ ପଦ୍ମପୁଷ୍ପ ଧରି ଶୋଭା ପାଉଥା'ନ୍ତି ; ସେମାନଙ୍କର ମୁଖ ପୂର୍ଣ୍ଣଚନ୍ଦ୍ରକୁ ଜିଣିଯାଉଥାଏ । ୨୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁରତ-ରସବିଳାସାଃ ସତ୍‌ସଖୀଭିଃ ସମେତା
ଅସମଶରବିନୋଦଂ ସୂଚୟନ୍ତି ପ୍ରକାଶମ୍ ।
ଅନୁପମମୁଖଗଗା ଗର୍ତ୍ରିମଧ୍ୟେ ବିନୋଦଂ
ଶରଦି ତରୁଣକାନ୍ତାଃ ସୂଚୟନ୍ତି ପ୍ରମୋଦାନ୍ ।। ୨୪

ଦିବସକରମୟୂଖୈର୍ବୋଧ୍ୟମାନଂ ପ୍ରଭତେ
ବରଯୁବତିମୁଖାଭଂ ପଙ୍କଜଂ ଜୃମ୍ଭତେଽଦ୍ୟ ।
କୁମୁଦମପି ଗତେଽସ୍ତଂ ଲୀୟତେ ଚନ୍ଦ୍ରବିମ୍ବେ
ହସିତମିବ ବଧୂନାଂ ପ୍ରୋଷିତେଷୁ ପ୍ରିୟେଷୁ ।। ୨୫

ଅସିତନୟନଲକ୍ଷ୍ମୀଂ ଲକ୍ଷୟିତ୍ୱୋତ୍ପଲେଷୁ
କ୍ୱଣିତକନକକାଞ୍ଚୀଂ ମତ୍ତହଂସସ୍ୱନେଷୁ ।
ଅଧରରୁଚିରଶୋଭାଂ ବନ୍ଧୁଜୀବେ ପ୍ରିୟାଣାଂ
ପଥିକଜନ ଇଦାନୀଂ ରୋଦିତି ଭ୍ରାନ୍ତଚିତ୍ତଃ ।। ୨୬

ସ୍ତ୍ରୀଣାଂ ବିହାୟ ବଦନେଷୁ ଶଶାଙ୍କଲକ୍ଷ୍ମୀଂ
କାମ୍ୟଂ ଚ ହଂସବଚନଂ ମଣିନୂପୁରେଷୁ ।
ବନ୍ଧୂକକାନ୍ତିମଧରେଷୁ ମନୋହରେଷୁ
କ୍ୱାପି ପ୍ରୟାତି ସୁଭଗା ଶରଦାଗମଶ୍ରୀଃ ।। ୨୭

ବିକଚକମଳବକ୍ତ୍ରା ଫୁଲ୍ଲନୀଲୋତ୍ପଳାକ୍ଷୀ
ବିକସିତନବକାଶଶ୍ୱେତବାସୋ ବସାନା ।
କୁମୁଦରୁଚିରହାସା କାମିନୀବୋନ୍ମଦେୟଂ
ପ୍ରତିଦିଶତୁ ଶରଦ୍ ବଶ୍ଚେତସଃ ପ୍ରୀତିମଗ୍ର୍ୟାମ୍ ।। ୨୮

।। इति श्रीकालिदासमहाकविविकृतौ ऋतुसंहारे शरद्वर्णनम् ।।

— x —

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁରତରସ-ବିଳାସିନୀ ତରୁଣୀମାନେ ଘଟିଲେ ସେମାନଙ୍କର ତରୁଣ କାନ୍ତମାନଙ୍କ ସହିତ ଯେଉଁ କାମକେଳି—ଆନନ୍ଦ ଉପଭୋଗ କରିଥାନ୍ତି, ବିଶ୍ୱାସୀ ସଖୀମାନଙ୍କ ଆଗରେ ତାହା ବର୍ଣ୍ଣନ କରନ୍ତି । ସେତେବେଳେ ସେମାନଙ୍କର ମୁଖକାନ୍ତି ଅନୁପମ ଶୋଭା ଧାରଣ କରେ । ୨୪

ପ୍ରାତଃକାଳର ସୂର୍ଯ୍ୟକିରଣରେ ପ୍ରସ୍ଫୁଟିତ ପଦ୍ମଫୁଲ ସୁନ୍ଦରୀ ଯୁବତୀର ମୁଖ ପରି ମନୋଜ୍ଞ ଦେଖାଯାଏ । ପ୍ରିୟତମ ପ୍ରବାସକୁ ଗଲେ ରମଣୀମାନଙ୍କ ମୁଖରୁ ହାସ୍ୟ ଯେପରି ଉଭେଇଯାଏ, ସେହିପରି ଚନ୍ଦ୍ର ଅସ୍ତ ଗଲେ କଇଁଫୁଲର ଶୋଭା ଉଭେଇଯାଏ । ୨୫

ପ୍ରବାସୀ ପୁରୁଷମାନେ ନୀଳକଇଁରେ ନିଜନିଜ ପ୍ରିୟାମାନଙ୍କର କୃଷ୍ଣ ନୟନର ଶୋଭାକୁ, ମତ୍ତହଂସମାନଙ୍କ ରବରେ ସେମାନଙ୍କର ରୁଣୁଝୁଣୁ-ନୂପୁର ସ୍ୱନକୁ, ବନ୍ଧୁଳି ଫୁଲରେ ସେମାନଙ୍କର ଅଧରକାନ୍ତିକୁ ଲକ୍ଷ୍ୟ କରି, ଭ୍ରାନ୍ତଚିତ୍ତ ହୋଇ ଖେଦନ କରନ୍ତି । ୨୬

ସୌଭାଗ୍ୟବତୀ ଶରତ୍‌ଲକ୍ଷ୍ମୀ ସ୍ତ୍ରୀମାନଙ୍କ ମୁଖମଣ୍ଡଳରେ ଚନ୍ଦ୍ରର ଶୋଭାକୁ ରଖି, ସେମାନଙ୍କର ମଣିମୟ ନୂପୁରରେ ମଧୁର ହଂସଧ୍ୱନିକୁ ଏବଂ ସୁନ୍ଦର ଅଧରରେ ବନ୍ଧୁଳି ଫୁଲର କାନ୍ତିକୁ ରଖି କ୍ରମେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଏ । ୨୭

ବିକଶିତ ପଦ୍ମପୁଷ୍ପ ଯାହାର ମୁଖ, ପ୍ରସ୍ଫୁଟିତ ନୀଳୋତ୍ପଳ ଯାହାର ଚକ୍ଷୁ, ଉତ୍‌ଫୁଲ୍ଲ କାଶପୁଷ୍ପ ଯାହାର ଶ୍ୱେତବସ୍ତ୍ର, ବିକଶିତ ଶୁଭ୍ର କମୁଦ ଯାହାର ହାସ, ଏଭଳି ଶରତ୍‌ଲକ୍ଷ୍ମୀ ଯୌବନ-ଉନମାଦନାଶୀଳା କାମିନୀ ପରି ତୁମ ମନରେ ପରମ ପ୍ରୀତି ସଂପାଦନ କରୁ । ୨୮

—o—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

॥ हेमन्तवर्णनम् ॥

नवप्रवालोद्गमसस्यरम्यः प्रफुल्ललोध्रः परिपक्वशालिः ।
विलीनपद्मः प्रपतत्तुषारो हेमन्तकालः समुपागतोऽयम् ॥ १
ନବପ୍ରବାଳୋଦ୍‌ଗମସସ୍ୟରମ୍ୟଃ ପ୍ରଫୁଲ୍ଲଲୋଧ୍ରଃ ପରିପକ୍ୱଶାଳିଃ ।
ବିଲୀନପଦ୍ମଃ ପ୍ରପତତ୍ତୁଷାରୋ ହେମନ୍ତକାଳଃ ସମୁପାଗତୋଽୟମ୍ ॥ ୧

मनोहरैश्चन्दनरागगौरैस्तुषारकुन्देन्दुनिभैश्च हारैः ।
विलासिनीनां स्तनशालिनीनां नालंक्रियन्ते स्तनमण्डलानि ॥ २
ମନୋହରୈଶ୍ଚନ୍ଦନରାଗଗୌରୈସ୍ତୁଷାରକୁନ୍ଦେନ୍ଦୁନିଭୈଶ୍ଚ ହାରୈଃ ।
ବିଳାସିନୀନାଂ ସ୍ତନଶାଳିନୀନାଂ ନାଳଂକ୍ରିୟନ୍ତେ ସ୍ତନମଣ୍ଡଳାନି ॥ ୨

न बाहुयुग्मेषु विलासिनीनां प्रयान्ति सङ्गं वलयाङ्गदानि ।
नितम्बबिम्बेषु नवं दुकूलं तन्वंशुकं पीनपयोधरेषु ॥ ३
ନ ବାହୁଯୁଗ୍ମେଷୁ ବିଳାସିନୀନାଂ ପ୍ରୟାନ୍ତି ସଙ୍ଗଂ ବଳୟାଙ୍ଗଦାନି ।
ନିତମ୍ବବିମ୍ବେଷୁ ନବଂ ଦୁକୂଳଂ ତନ୍ୱଂଶୁକଂ ପୀନପୟୋଧରେଷୁ ॥ ୩

काञ्चीगुणैः काञ्चनरत्नचित्रैर्नो भूषयन्ति प्रमदा नितम्बान् ।
न नूपुरैर्हंसरुतं भजद्भिः पादाम्बुजान्यम्बुजकान्तिभाञ्जि ॥ ४
କାଞ୍ଚୀଗୁଣୈଃ କାଞ୍ଚନରତ୍ନଚିତ୍ରୈର୍ନୋ ଭୂଷୟନ୍ତି ପ୍ରମଦା ନିତମ୍ବାନ୍ ।
ନ ନୂପୁରୈର୍ହଂସରୁତଂ ଭଜଦ୍‌ଭିଃ ପାଦାମ୍ବୁଜାନ୍ୟମ୍ବୁଜକାନ୍ତିଭାଞ୍ଜି ॥ ୪

गात्राणि कालीयकचर्चितानि सपत्रलेखानि मुखाम्बुजानि ।
शिरांसि कालागुरुधूपितानि कुर्वन्ति नार्यः सुरतोत्सवाय ॥ ५
ଗାତ୍ରାଣି କାଳୀୟକଚର୍ଚ୍ଚିତାନି ସପତ୍ରଲେଖାନି ମୁଖାମ୍ବୁଜାନି ।
ଶିରାଂସି କାଳାଗୁରୁଧୂପିତାନି କୁର୍ବନ୍ତି ନାର୍ଯ୍ୟଃ ସୁରତୋତ୍ସବାୟ ॥ ୫

रतिश्रमक्षामविपाण्डुवक्त्राः संप्राप्तहर्षाभ्युदयास्तरुण्यः ।
हसन्ति नोच्चैर्दशनाग्रभिन्नान् प्रपीड्यमानानधरानवेक्ष्य ॥ ६
ରତିଶ୍ରମକ୍ଷାମବିପାଣ୍ଡୁବକ୍ତ୍ରାଃ ସଂପ୍ରାପ୍ତହର୍ଷାଭ୍ୟୁଦୟାସ୍ତରୁଣ୍ୟଃ ।
ହସନ୍ତି ନୋଚ୍ଚୈର୍ଦ୍ଦଶନାଗ୍ରଭିନ୍ନାନ୍ ପ୍ରପୀଡ୍ୟମାନାନଧରାନବେକ୍ଷ୍ୟ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେମନ୍ତ ବର୍ଣ୍ଣନ

ଏଇ, ହେମନ୍ତ କାଳ ଉପସ୍ଥିତ । ଏ ଋତୁରେ ଶସ୍ୟମାନଙ୍କରେ ନବ ପଲ୍ଲବ ଜାତ ହୁଏ, ଲୋଧ୍ରପୁଷ୍ପ ପ୍ରସ୍ଫୁଟିତ ହୁଏ, ଶାଳିଧାନ ପରିପକ୍ୱ ହୁଏ, ପଦ୍ମଫୁଲ ବିଲୀନ ହୁଏ ଏବଂ ତୁଷାରପାତ ହୁଏ । ୧

ଏହି ଋତୁର ଆଗମନରେ ପୃଥୁଳସ୍ତନଶାଳିନୀ ବିଳାସିନୀମାନେ ସେମାନଙ୍କର ସ୍ତନମଣ୍ଡଳକୁ ଆଉ ସୁନ୍ଦର, ଚନ୍ଦନଲିପ୍ତ, ତୁଷାର-କୁନ୍ଦ-ଚନ୍ଦ୍ର-ତୁଲ୍ୟ ଗୌରବର୍ଣ୍ଣ ମୁକ୍ତାହାରରେ ଭୂଷିତ କରନ୍ତି ନାହିଁ । ୧

ଆଉ ମଧ୍ୟ, ସେମାନେ ବାହୁଦ୍ୱୟରେ ବଳୟ ଓ ଅଙ୍ଗଦ (ବାଜୁ-ବନ୍ଧ), ନିତମ୍ବ ଦେଶରେ ନୂତନ ପଟ୍ଟବସ୍ତ୍ର ଏବଂ ପୃଥୁଳ ସ୍ତନମଣ୍ଡଳରେ ସୂକ୍ଷ୍ମ ବସ୍ତ୍ର ପରିଧାନ କରନ୍ତି ନାହିଁ । ୩

ସେମାନେ ସୁବର୍ଣ୍ଣାଦି ରତ୍ନଖଚିତ ଅଣ୍ଟାସୂତାରେ ନିତମ୍ବକୁ ଏବଂ ହଂସବତ୍ ମଧୁରସ୍ୱନଶୀଳ ନୂପୁରରେ ସୁନ୍ଦର ପାଦପଦ୍ମକୁ ଭୂଷିତ କରନ୍ତି-ନାହିଁ । ୪

ଏହି ଋତୁରେ ନାରୀମାନେ ସୁରତ—ଉତ୍ସବ ଉଦ୍ଦେଶ୍ୟରେ ଦେହରେ କାଳୀୟକ (ଏକ ପ୍ରକାର ହଳଦୀ) ଲେପନ କରନ୍ତି, ମୁଖପଦ୍ମରେ ପତ୍ର ଆକୃତିର ଚିତ୍ର ରଚନା କରନ୍ତି ଏବଂ ଉନ୍ମୁକ୍ତ କେଶକୁ କୃଷ୍ଣ ଅଗୁରୁର ଧୂପରେ ଧୂପିତ କରନ୍ତି । ୫

ତରୁଣୀମାନଙ୍କର ମୁଖ ରତିଶ୍ରମରେ କୃଶ ହୁଏ ଏବଂ ପାଣ୍ଡୁରବର୍ଣ୍ଣ ଧାରଣ କରେ । ମନରେ ହର୍ଷ ଜାତ ହେଲେ ମଧ୍ୟ ସେମାନେ ଅଧରରେ ଦନ୍ତକ୍ଷତଜନିତ ପୀଡ଼ାଯୋଗୁ ଉଚ୍ଚସ୍ୱରରେ ହସି ପାରନ୍ତି ନାହିଁ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पीनस्तनोरुस्थलभागशोभामासाद्य तत्पीडनजातखेदः ।
तृणाग्रलग्नैस्तुहिनैः पतद्भिराक्रन्दतीवोषसि शीतकालः ॥ ७
ପୀନସ୍ତନୋରୁସ୍ଥଳଭଗଶୋଭମାସାଦ୍ୟ ତତ୍ପୀଡନଜାତଖେଦଃ ।
ତୃଣାଗ୍ରଲଗ୍ନୈସ୍ତୁହିନୈଃ ପତଦ୍ଭିରାକ୍ରନ୍ଦତୀବୋଷସି ଶୀତକାଳଃ ॥ ୭

प्रभूतशालिप्रसवैश्चितानि मृगाङ्गनायूथविभूषितानि ।
मनोहरक्रौञ्चनिनादितानि सीमान्तराण्युत्सुकयन्ति चेतः ॥ ८
ପ୍ରଭୂତଶାଳିପ୍ରସବୈଶ୍ଚିତାନି ମୃଗାଙ୍ଗନାଯୂଥବିଭୂଷିତାନି ।
ମନୋହରକ୍ରୌଞ୍ଚନିନାଦିତାନି ସୀମାନ୍ତରଣ୍ୟୁତ୍ସୁକୟନ୍ତି ଚେତଃ ॥ ୮

प्रफुल्लनीलोत्पलशोभितानि सोन्मादकादम्बविभूषितानि ।
प्रसन्नतोयानि सुशीतलानि सरांसि चेतांसि हरन्ति पुंसाम् ॥ ९
ପ୍ରଫୁଲ୍ଲନୀଳୋତ୍ପଳଶୋଭିତାନି ସୋନ୍ମାଦକାଦମ୍ବବିଭୂଷିତାନି ।
ପ୍ରସନ୍ନତୋୟାନି ସୁଶୀତଳାନି ସରାଂସି ଚେତାଂସି ହରନ୍ତି ପୁଂସାମ୍ ॥ ୯

मार्गं समीक्ष्यातिनिरस्तनीरं प्रवासखिन्नं पतिमुद्वहन्त्यः ।
अवेक्षमाणा हरिणेक्षणाक्ष्यः प्रबोधयन्तीव मनोरथानि ॥ १०
ମାର୍ଗଂ ସମୀକ୍ଷ୍ୟାତିନିରସ୍ତନୀରଂ ପ୍ରବାସଖିନ୍ନଂ ପତିମୁଦ୍ବହନ୍ତ୍ୟଃ ।
ଅବେକ୍ଷମାଣା ହରିଣେକ୍ଷଣାକ୍ଷ୍ୟଃ ପ୍ରବୋଧୟନ୍ତୀବ ମନୋରଥାନି ॥ ୧୦

पाकं व्रजन्ती हिमजालशीतैराधूयमाना सततं मरुद्भिः ।
प्रिये प्रियङ्गुः प्रियविप्रयुक्ता विपाण्डुतां याति विलासिनीव ॥ ११
ପାକଂ ବ୍ରଜନ୍ତୀ ହିମଜାଲଶୀତୈରାଧୂୟମାନା ସତତଂ ମରୁଦ୍ଭିଃ ।
ପ୍ରିୟେ ପ୍ରିୟଙ୍ଗୁଃ ପ୍ରିୟବିପ୍ରଯୁକ୍ତା ବିପାଣ୍ଡୁତାଂ ଯାତି ବିଳାସିନୀବ ॥ ୧୧

पुष्पासवामोदसुगन्धिवक्त्रो निःश्वासवातैः सुरभीकृताङ्गः ।
परस्पराङ्गव्यतिषङ्गशायी शेते जनः कामरसानुविद्धः ॥ १२
ପୁଷ୍ପାସବାମୋଦସୁଗନ୍ଧିବକ୍ତ୍ରୋ ନିଃଶ୍ୱାସବାତୈଃ ସୁରଭୀକୃତାଙ୍ଗଃ ।
ପରସ୍ପରାଙ୍ଗବ୍ୟତିଷଙ୍ଗଶାୟୀ ଶେତେ ଜନଃ କାମରସାନୁବିଦ୍ଧଃ ॥ ୧୨

दन्तच्छदैः सव्रणदन्तचिह्नैः स्तनैश्च पाण्यग्रकृताभिलेखैः ।
संसूच्यते निर्दयमङ्गनानां रतोपभोगो नवयौवनानाम् ॥ १३
ଦନ୍ତଚ୍ଛଦୈଃ ସବ୍ରଣଦନ୍ତଚିହ୍ନୈଃ ସ୍ତନୈଶ୍ଚ ପାଣ୍ୟଗ୍ରକୃତାଭିଲେଖୈଃ ।
ସଂସୂଚ୍ୟତେ ନିର୍ଦୟମଙ୍ଗନାନାଂ ରତୋପଭୋଗୋ ନବଯୌବନାନାମ୍ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୀତକାଳ ନାରୀମାନଙ୍କର ପୃଥୁଳ ସ୍ତନ ଓ ଜଘନସ୍ଥଳର ଶୋଭକୁ ଆଶ୍ରୟ କରି ରହେ । କିନ୍ତୁ ରାତିରେ ପ୍ରିୟମାନଙ୍କ ଦ୍ୱାରା ଏ ଦୁଇ ସ୍ଥାନର ପୀଡନ ହେତୁ ସତେଯେପରି ସେ କଷ୍ଟ ପାଏ ଏବଂ ସକାଳେ ତୃଣପତ୍ରାଦିରେ ଲାଗିଥିବା ଶିଶିରବିନ୍ଦୁରୂପକ ଅଶ୍ରୁ ଝରାଇ କାନ୍ଦେ । ୭

ଗ୍ରାମ ବା ନଗରର ଉପାନ୍ତସ୍ଥାନ ପ୍ରଚୁର ଧାନ୍ୟଶସ୍ୟରେ ପରିବ୍ୟାପ୍ତ, ମୃଗୀ ଯୂଥମାନଙ୍କ ଦ୍ୱାରା ବିଭୂଷିତ ଏବଂ ସୁନ୍ଦର କ୍ରୌଞ୍ଚ ପକ୍ଷୀଗଣଙ୍କ ରବରେ ନିନାଦିତ ହୋଇ ଜନମନ ଉତ୍କଣ୍ଠିତ କରେ । ୮

ବିକଶିତ ନୀଳୋତ୍ପଳରେ ଶୋଭିତ, ଉନ୍ମତ୍ତ ହଂସଗଣରେ ଭୂଷିତ, ନିର୍ମଳଜଳସଂପନ୍ନ, ସୁଶୀତଳ ସରୋବରଗୁଡ଼ିକ ଜନମନରେ ଆନନ୍ଦ ବିତରଣ କରେ । ୯

ମୃଗନୟନା ରମଣୀମାନେ ଜଳ ଶୁଖିଯାଇଥିବା ପଥକୁ ଦେଖି, ପ୍ରବାସରେ ଥିବା ବିରହକ୍ଷୀଣ କାନ୍ତମାନଙ୍କୁ ଭାଳିହୁଅନ୍ତି ଏବଂ ମନରେ ବହୁ ଅଭିଳାଷ ପୋଷଣ କରି ସେମାନଙ୍କର ବାଟକୁ ଚାହିଁ ରହନ୍ତି । ୧୦

ପ୍ରିୟେ, ପ୍ରିୟଙ୍ଗୁଲତା (ଦ୍ରାକ୍ଷାଲତା) ଶିଶିରବିନ୍ଦୁପୂର୍ଣ୍ଣ ଶୀତଳ ବାୟୁରେ ସର୍ବଦା ଦୋଳାୟିତ ହୋଇ ପାଚିଲା ପଡ଼ିଯାଏ, ତେଣୁ ପତିବିରହିଣୀ ରମଣୀ ପରି ପାଣ୍ଡୁରବର୍ଣ୍ଣ ଧାରଣ କରେ । ୧୧

ସ୍ତ୍ରୀପୁରୁଷମାନଙ୍କର ମୁଖ ପୁଷ୍ପମଧୁର ସୁଗନ୍ଧରେ ସୁଗନ୍ଧିତ ହୁଏ, ଶରୀର ନିଃଶ୍ୱାସବାୟୁର ସୌରଭରେ ସୌରଭିତ ହୁଏ, ସେମାନେ କାମରସରେ ନିମଜ୍ଜିତା ହୋଇ ପରସ୍ପରକୁ ନିବିଡ ଭାବରେ ଆଲିଙ୍ଗନ କରି ଶୟନ କରନ୍ତି । ୧୨

ନବଯୌବନା ରମଣୀମାନଙ୍କ ସଙ୍ଗରେ ସେମାନଙ୍କର କାନ୍ତମାନେ ଯେ ନିର୍ଦ୍ଦୟ ଭାବରେ ସୁରତ କେଳି କରିଥାନ୍ତି, ତାହା ସୂଚିତ ହୁଏ ସେମାନଙ୍କର (ରମଣୀମାନଙ୍କର) ଅଧରରେ ହୋଇଥିବା ଦନ୍ତକ୍ଷତ ଚିହ୍ନ ଦ୍ୱାରା ଏବଂ ସ୍ତନରେ ନଖକ୍ଷତଚିହ୍ନ ଦ୍ୱାରା । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

 କାଚିଦ୍ ବିଭୂଷୟତି ଦର୍ପଣସକ୍ତହସ୍ତା
ବାଳାତପେଷୁ ବନିତା ବଦନାରବିନ୍ଦମ୍ ।
ଦନ୍ତଚ୍ଛଦଂ ପ୍ରିୟତମେନ ନିପୀତସାରଂ
ଦନ୍ତାଗ୍ରଭିନ୍ନମବକୃଷ୍ୟ ନିରୀକ୍ଷତେ ଚ ।। ୧୪

ଅନ୍ୟା ପ୍ରକାମସୁରତଶ୍ରମଖିନ୍ନଦେହା
ରାତ୍ରିପ୍ରଜାଗରବିପାଟଳନେତ୍ରପଦ୍ମା ।
ଶଯ୍ୟାନ୍ତଦେଶଲୁଳିତାକୁଳକେଶପାଶା
ନିଦ୍ରାଂ ପ୍ରୟାତି ମୃଦୁସୂର୍ଯ୍ୟକରାଭିତପ୍ତା ।। ୧୫

ନିର୍ମାଲ୍ୟଦାମ ପରିମୁକ୍ତମନୋଜ୍ଞଗନ୍ଧଂ
ମୂର୍ଦ୍ଧ୍ନୋଽପନୀୟ ଘନନୀଳଶିରୋରୁହାନ୍ତାଃ ।
ପୀନୋନ୍ନତସ୍ତନଭରାନତଗାତ୍ରଯଷ୍ଟ୍ୟଃ
କୁର୍ବନ୍ତି କେଶରଚନାମପରାସ୍ତରୁଣ୍ୟଃ ।। ୧୬

ଅନ୍ୟା ପ୍ରିୟେଣ ପରିଭୁକ୍ତମବେକ୍ଷ୍ୟ ଗାତ୍ରଂ
ହର୍ଷାନ୍ୱିତା ବିରଚିତାଧରଚାରୁଶୋଭା ।
କୂର୍ପାସକଂ ପରିଦଧାତି ନଖକ୍ଷତାଙ୍ଗୀ
ବ୍ୟାଲମ୍ବିନୀଳଲଳିତାଳକକୁଞ୍ଚିତାକ୍ଷୀ ।। ୧୭

ଅନ୍ୟାଶ୍ଚିରଂ ସୁରତକେଳିପରିଶ୍ରମେଣ
ଖେଦଂ ଗତାଃ ପ୍ରଶିଥିଳୀକୃତଗାତ୍ରଯଷ୍ଟ୍ୟଃ ।
ସଂହୃଷ୍ୟମାଣପୁଲକୋରୁପୟୋଧରାନ୍ତା
ଅଭ୍ୟଞ୍ଜନଂ ବିଦଧତି ପ୍ରମଦାଃ ସୁଶୋଭାଃ ।। ୧୮

ବହୁଗୁଣରମଣୀୟୋ ଯୋଷିତାଂ ଚିତ୍ତହାରୀ
ପରିଣତବହୁଶାଳିବ୍ୟାକୁଳଗ୍ରାମସୀମା ।
ବିନିପତିତତୁଷାରଃ କ୍ରୌଞ୍ଚନାଦୋପଗ[illegible]ଃ
ପ୍ରଦିଶତ ବି [illegible] ସୁଖଂ କାଳ ଏଷଃ ।। ୧୯

॥ इति श्रीकालिदासमहाकविकृतौ ऋतुसंहारे हेमन्तवर्णनम् ॥

—×—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୌଣସି ରମଣୀ ହାତରେ ଦର୍ପଣ ଧରି, ପ୍ରାତଃକାଳର ସୂର୍ଯ୍ୟ କିରଣରେ ଠିଆ ହୋଇ ନିଜର ମୁଖପଦ୍ମକୁ ଦେଖୁଥାଏ ଏବଂ ପ୍ରିୟତମଙ୍କ ଦ୍ୱାରା ଚୁମ୍ବିତ ତଥା ଦନ୍ତାଗ୍ରରେ କ୍ଷତ ହୋଇଥିବା ଅଧରକୁ ଟାଣି ନିରୀକ୍ଷଣ କରୁଥାଏ । ୧୪

କୌଣସି ରମଣୀ ସୁରତଶ୍ରମରେ କ୍ଲାନ୍ତ ହୋଇପଡ଼ିଥାଏ, ରାତ୍ରି-ଜାଗରଣ ହେତୁ ତା'ର ନୟନପଦ୍ମ ପାଟଳବର୍ଣ୍ଣ ଧାରଣ କରିଥାଏ ଏବଂ କେଶପାଶ ଫିଟି ଶଯ୍ୟା ଉପରେ ଆଲୁଳାୟିତ ହୋଇ ପଡ଼ିଥାଏ । ବାଳ-ସୂର୍ଯ୍ୟର କିରଣରେ ତା'ର ଶରୀର ତପ୍ତ ହେଲେ ମଧ୍ୟ ସେ ନିଦ୍ରାଧୀନ ହୋଇ ରହିଥାଏ । ୧୫

ଆଉ କୌଣସି ଘନନୀଳକେଶା ତରୁଣୀ ମସ୍ତକରୁ ସୁଗନ୍ଧମୟ ପୁଷ୍ପ-ହାର ବାହାର କରି କେଶ ବିନ୍ୟାସ କରନ୍ତି । ସେମାନଙ୍କର ଉଚ୍ଚ, ପୃଥୁଳ ସ୍ତନଭରରେ ତନୁଲତା ନଇଁ ପଡୁଥାଏ । ୧୬

କୌଣସି ରମଣୀ ନିଜ ଦେହରେ କାନ୍ତଙ୍କର ନଖକ୍ଷତ ପ୍ରଭୃତି ସୁରତ ଚିହ୍ନ ଦେଖି ହର୍ଷୋତ୍‌ଫୁଲ୍ଲ ହୋଇ କାଞ୍ଚୁଲା ପିନ୍ଧୁଥାଏ, ତା'ର ଅଧରରେ ହସ ପ୍ରକାଶ ପାଉଥିବାରୁ ଅଧରର ଶୋଭା ବଢ଼ିଯାଉଥାଏ ଏବଂ ଲମ୍ବ ସୁନୀଳ ସ୍ନିଗ୍ଧ କେଶ ଆଖି ଉପରେ ପଡୁଥିବାରୁ ଆଖି କୁଞ୍ଚିତ ହୋଇ-ଉଠୁଥାଏ । ୧୭

ଆଉ କେତେକ ସୁନ୍ଦରୀ ଯେଉଁମାନେ କି ଦୀର୍ଘସମୟ ସୁରତକେଳି କରି ଶ୍ରାନ୍ତକ୍ଳାନ୍ତ ହୋଇ ପଡ଼ିଥାନ୍ତି, ଯେଉଁମାନଙ୍କର ଅଙ୍ଗଲତା ଶିଥିଳ ହୋଇ-ପଡ଼ିଥାଏ, ସେମାନେ ଦେହରେ ତୈଳ ହରିଦ୍ରା ଆଦି ଲଗାନ୍ତି । ସେମାନଙ୍କର ଜଘନ ତଥା ସ୍ତନମଣ୍ଡଳ ହର୍ଷରେ ପୁଲକିତ ହୋଇ ଉଠୁଥାଏ । ୧୮

ହେମନ୍ତକାଳ ବହୁ ଗୁଣର ଆଧାର ହେତୁ ରମଣୀୟ । ଏହା କାମିନୀମାନଙ୍କର ମନୋମୁଗ୍ଧକର । ଏହି ଋତୁରେ ଗ୍ରାମସୀମା ପାଚିଲା ଧାନ-କିଆରୀରେ ପରିପୂର୍ଣ୍ଣ ହୁଏ । ରାତିରେ କାକର ପଡ଼େ । କ୍ରୌଞ୍ଚ (ଗେଣ୍ଡାଳିଆ) ପକ୍ଷୀମାନଙ୍କ ରବରେ ଚତୁର୍ଦ୍ଦିଗ ନିନାଦିତ ହୁଏ । ପ୍ରିୟେ, ଏହି ହେମନ୍ତ ଋତୁ ତୁମର ସୁଖ ସଂପାଦନ କରୁ । ୧୯

—o—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

॥ शिशिरवर्णनम् ॥

ପ୍ରରୂଢ଼ଶାଳୀକ୍ଷୁଚୟାବୃତକ୍ଷିତିଂ
କ୍ୱଚିତ୍ ସ୍ଥିତକ୍ରୌଞ୍ଚନିନାଦରାଜିତମ୍ ।
ପ୍ରକାମକାମଂ ପ୍ରମଦାଜନପ୍ରିୟଂ
ବରୋରୁ କାଲଂ ଶିଶିରାହ୍ୱୟଂ ଶୃଣୁ ॥ ୧

ନିରୁଦ୍ଧବାତାୟନମନ୍ଦିରୋଦରଂ
ହୁତାଶନୋ ଭାନୁମତୋ ଗଭସ୍ତୟଃ ।
ଗୁରୂଣି ବାସାଂସ୍ୟବଲାଃ ସଯୌବନାଃ
ପ୍ରୟାନ୍ତି କାଲେଽତ୍ର ଜନସ୍ୟ ସେବ୍ୟତାମ୍ ॥ ୨

ନ ଚନ୍ଦନଂ ଚନ୍ଦ୍ରମରୀଚିଶୀତଲଂ
ନ ହର୍ମ୍ୟପୃଷ୍ଠଂ ଶରଦିନ୍ଦୁନିର୍ମଲମ୍ ।
ନ ବାୟବଃ ସାନ୍ଦ୍ରତୁଷାରଶୀତଲା
ଜନସ୍ୟ ଚିତ୍ତଂ ରମୟନ୍ତି ସାମ୍ପ୍ରତମ୍ ॥ ୩

ତୁଷାରସଂଘାତନିପାତଶୀତଲାଃ
ଶଶାଙ୍କଭାଭିଃ ଶିଶିରୀକୃତାଃ ପୁନଃ ।
ବିପାଣ୍ଡୁତାରାଗଣଚାରୁଭୂଷଣା
ଜନସ୍ୟ ସେବ୍ୟା ନ ଭବନ୍ତି ରାତ୍ରୟଃ ॥ ୪

ଗୃହୀତତାମ୍ବୂଲବିଲେପନସ୍ରଜଃ
ପୁଷ୍ପାସବାମୋଦିତବକ୍ତ୍ରପଙ୍କଜାଃ ।
ପ୍ରକାମକାଲାଗୁରୁଧୂପବାସିତଂ
ବିଶନ୍ତି ଶଯ୍ୟାଗୃହମୁତ୍ସୁକାଃ ସ୍ତ୍ରିୟଃ ॥ ୫

କୃତାପରାଧାନ୍ ବହୁଶୋଽଭିତର୍ଜିତାନ୍
ସବେପଥୂନ୍ ସାଧ୍ୱସଲୁପ୍ତଚେତସଃ ।
ନିରୀକ୍ଷ୍ୟ ଭର୍ତ୍ତୄନ୍ ସୁରତାଭିଳାଷିଣଃ
ସ୍ତ୍ରିୟୋଽପରାଧାନ୍ ସମଦା ବିସସ୍ମରୁଃ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶିଶିର ବର୍ଣ୍ଣନ

ଗୋ ଗୁରୁଜଘନେ, ବର୍ତ୍ତମାନ ଶିଶିର ଋତୁର ବିଷୟ ଶୁଣ । ଶିଶିର ଋତୁରେ ଧାନ ଓ ଆଖୁ ଗଛ ଉପନ୍ନ ହୋଇ ଭୂମି ଆଚ୍ଛାଦନ କରେ, ସ୍ଥାନେ-ସ୍ଥାନେ କ୍ରୌଞ୍ଚ ପକ୍ଷୀଗଣ ରବ କରି ଚତୁର୍ଦ୍ଦଗ ନିନାଦିତ କରନ୍ତି, ଲୋକ-ମାନଙ୍କୁ ଯଥେଷ୍ଟ ଅଭିଳଷିତ ପଦାର୍ଥ ମିଳେ । ରମଣୀମାନଙ୍କର ଏହା ପ୍ରିୟ ଋତ । ୧

ଗବାକ୍ଷରୁଦ୍ଧ ଗୃହର ମଝି ପ୍ରକୋଷ୍ଠ, ଅଗ୍ନି, ସୂର୍ଯ୍ୟକିରଣ, ସ୍ଥୂଳବସ୍ତ୍ର ଏବଂ ଯୁବତୀ ରମଣୀ ଶିଶିର ଋତୁରେ ଅତ୍ୟନ୍ତ ସ୍ପୃହଣୀୟ । ୨

ଜ୍ୟୋତ୍ସ୍ନାତୁଲ୍ୟ ଶୀତଳ ଚନ୍ଦନ, ଶାରଦୀୟ ଚନ୍ଦ୍ରତୁଲ୍ୟ ସ୍ୱଚ୍ଛ ସୌଧପୃଷ୍ଠ ଏବଂ କଠିନ ତୁଷାର (ବରଫ)ତୁଲ୍ୟ ଶୀତଳ ବାୟୁ ଆଉ ପ୍ରୀତିପ୍ରଦ ବୋଧ ହୁଏ ନାହିଁ । ୩

ତୁଷାରପାତ ଫଳରେ ରାତ୍ରି ଶୀତମୟ ହୁଏ , ଚନ୍ଦ୍ରକିରଣ ଦ୍ୱାରା ତାହା ଆହୁରି ଶୀତମୟ ହୁଏ । ରାତ୍ରି ପାଣ୍ଡୁରବର୍ଣ୍ଣ ତାରକାଗଣ ରୂପକ ଭୂଷଣ ପରିଧାନ କରେ । ଏଭଳି ଶିଶିରରାତ୍ରି କାହାରି ଉପଭୋଗ୍ୟ ହୁଏ ନାହିଁ । ୪

ସ୍ତ୍ରୀମାନେ ପାନ ଖାଇ ଦେହରେ ଅଙ୍ଗରାଗ ବୋଳି, ପୁଷ୍ପମାଳା ପିନ୍ଧି ଉତ୍ସୁକ ମନରେ ଶଯ୍ୟାଗୃହ ମଧ୍ୟରେ ପ୍ରବେଶ କରନ୍ତି । ପୁଷ୍ପମଧୁର ସୌରଭରେ ସେମାନଙ୍କର ମୁଖପଦ୍ମ ମହକି ଉଠୁଥାଏ । ୫

କେତେକ ପ୍ରିୟ ଯଦିଓ ପ୍ରିୟାମାନଙ୍କ ନିକଟରେ ପ୍ରଣୟ-ଅପରାଧ କରିଥାନ୍ତି, ପ୍ରିୟାମାନଙ୍କ ଦ୍ୱାରା ଭର୍ତ୍ସିତ ହୋଇ ଯଦିଓ ସେମାନେ ଭୟରେ ଥରିଥରି ହତବୁଦ୍ଧି ହୋଇଯାଉଥାନ୍ତି, ତଥାପି ସେମାନେ ପ୍ରିୟାମାନଙ୍କ ନିକଟରେ ସୁରତ ପ୍ରାର୍ଥନା କରନ୍ତି ଏବଂ ପ୍ରିୟାମାନେ ସେମାନଙ୍କ ଆଡକୁ ଚାହିଁ ଉନ୍ମାଦିତା ହୋଇ ପୂର୍ବକୃତ ପ୍ରଣୟ-ଅପରାଧ ଭୁଲିଯାନ୍ତି । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରକାମକାମୈର୍ଯୁବଭିଃ ସୁନିର୍ଦୟଂ
ନିଶାସୁ ଦୀର୍ଘାସ୍ୱଭିରମିତାଶ୍ଚିରମ୍ ।
ଭ୍ରମନ୍ତି ମନ୍ଦଂ ଶ୍ରମଖେଦିତୋରବଃ
କ୍ଷପାବସାନେ ନବଯୌବନାଃ ସ୍ତ୍ରିୟଃ ॥ ୭

ମନୋଜ୍ଞକୂର୍ପାସକପୀଡ଼ିତସ୍ତନାଃ
ସରାଗକୌଷେୟକଭୂଷିତୋରବଃ ।
ନିବେଶିତାନ୍ତଃକୁସୁମୈଃ ଶିରୋରୁହୈ-
ର୍ବିଭୂଷୟନ୍ତୀବ ହିମାଗମଂ ସ୍ତ୍ରିୟଃ ॥ ୮

ପୟୋଧରୈଃ କୁଙ୍କୁମରାଗପିଞ୍ଜରୈଃ
ସୁଖୋପସେବ୍ୟୈର୍ନବଯୌବନୋଷ୍ମଭିଃ ।
ବିଳାସିନୀଭିଃ ପରିପୀଡ଼ିତୋରସଃ
ସ୍ୱପନ୍ତି ଶୀତଂ ପରିଭୂୟ କାମିନଃ ॥ ୯

ସୁଗନ୍ଧିନିଃଶ୍ୱାସବିକମ୍ପିତୋତ୍ପଳଂ
ମନୋହରଂ କାମରତିପ୍ରବୋଧକମ୍ ।
ନିଶାସୁ ହୃଷ୍ଟାଃ ସହ କାମିଭିଃ ସ୍ତ୍ରିୟଃ
ପିବନ୍ତି ମଦ୍ୟଂ ମଦନୀୟମୁତ୍ତମମ୍ ॥ ୧୦

ଅପଗତମଦରାଗା ଯୋଷିଦେକା ପ୍ରଭାତେ
କୃତନିବିଡକୁଚାଗ୍ରା ପତ୍ୟୁରାଲିଙ୍ଗନେନ ।
ପ୍ରିୟତମପରିଭୁକ୍ତଂ ବୀକ୍ଷମାଣା ସ୍ୱଦେହଂ
ବ୍ରଜତି ଶୟନବାସାଦ୍ ବାସମନ୍ୟଂ ହସନ୍ତୀ ॥ ୧୧

ଅଗୁରୁସୁରଭିଧୂପାମୋଦିତଂ କେଶପାଶଂ
ଗଳିତକୁସୁମମାଳଂ କୁଞ୍ଚିତାଗ୍ରଂ ବହନ୍ତୀ ।
ତ୍ୟଜତି ଗୁରୁନିତମ୍ବା ନିମ୍ନନାଭିଃ ସୁମଧ୍ୟା
ଉଷସି ଶୟନମନ୍ୟା କାମିନୀ ଚାରୁଶୋଭା ॥ ୧୨

କନକକମଳକାନ୍ତୈଶ୍ଚାରୁତାମ୍ରାଧରୋଷ୍ଠୈଃ
ଶ୍ରବଣତଟନିଷକ୍ତୈଃ ପାଟଳୋପାନ୍ତନେତ୍ରୈଃ ।
ଉଷସି ବଦନବିମ୍ବୈରଂସସଂସକ୍ତକେଶୈଃ
ଶ୍ରିୟ ଇବ ଗୃହମଧ୍ୟେ ସଂସ୍ଥିତା ଯୋଷିତୋଽଦ୍ୟ ॥ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୁବାମାନେ ପ୍ରବଳ କନ୍ଦର୍ପର ବଶବର୍ତ୍ତୀ ହୋଇ ରାତିରେ ନବ-ଯୌବନା ସ୍ତ୍ରୀମାନଙ୍କ ସହିତ ଦୀର୍ଘ ସମୟ ନିର୍ଦ୍ଦୟ ଭାବରେ ରତିକ୍ରୀଡା କରନ୍ତି । ଫଳରେ ସ୍ତ୍ରୀମାନଙ୍କର ଜଘନ ଅବସନ୍ନ ହୋଇପଡେ । ରାତ୍ରି-ଶେଷରେ ସେମାନେ ଧୀର ପଦରେ ଭ୍ରମଣ କରନ୍ତି । ୭

ସ୍ତ୍ରୀମାନେ ସ୍ତନ ଉପରେ ସୁନ୍ଦର କାଞ୍ଚୁଲି ପିନ୍ଧି, ରକ୍ତବର୍ଣ୍ଣ ପଟ୍ଟ-ବସ୍ତ୍ରରେ ଜଘନ ଆବୃତ କରି ଏବଂ କେଶପାଶରେ ଫୁଲ ଖୋଷି ଶିଶିର ଋତୁକୁ ସତେ ଯେପରି ଅଧିକ ସୁଶୋଭିତ କରନ୍ତି । ୮

କାମୀ ପୁରୁଷମାନେ ବିଳାସିନୀମାନଙ୍କର କୁଙ୍କୁମରାଗରଞ୍ଜିତ, ସୁଖୋପଭୋଗ୍ୟ, ନବଯୌବନ-ଉଷ୍ଣ ସ୍ତନମଣ୍ଡଳ ଉପରେ ନିବିଡ ଭାବରେ ନିଜର ବକ୍ଷ ଚାପି ଶୀତକୁ ପରାଜିତ କରି ସୁଖରେ ଶୟନ କରନ୍ତି । ୯

ଉତ୍‌ଫୁଲ୍ଲମନା କାମିନୀମାନେ ରାତ୍ରିରେ କାମୀମାନଙ୍କ ସହିତ କାମଭାବ-ଉଦ୍ଦୀପକ, ଉନ୍ମାଦକ ଉତ୍କୃଷ୍ଟ ମଦିରା ପାନ କରନ୍ତି । ପାନ କଲା-ବେଳେ ସେମାନଙ୍କର ସୁଗନ୍ଧମୟ ନିଃଶ୍ୱାସବାୟୁରେ ମଦିରାର ଉପରଭାଗ ଢଳଢଳ ହେଉଥାଏ । ୧୦

ପ୍ରାତଃକାଳରେ ତରୁଣୀର କୁଚାଗ୍ରରେ ତରୁଣ ନିବିଡ ଭାବରେ ଚାପି ହୋଇ ଆଲିଙ୍ଗନ କଲା ପରେ ତରୁଣୀର ଯେତେବେଳେ ଉନ୍ମାଦନା ହ୍ରାସ ପାଏ, ସେ ନିଜ ଦେହରେ ପ୍ରିୟତମଙ୍କର ଉପଭୋଗ ଚିହ୍ନମାନ ଦେଖି ହସିହସି ଶୟନଗୃହରୁ ଅନ୍ୟ ଗୃହକୁ ଚାଲିଯାଏ । ୧୧

କୌଣସି ବିଶାଳନିତମ୍ବା, ନାଭିଗଭୀରା, କ୍ଷୀଣକଟୀ, ସୁନ୍ଦରୀ କାମିନୀ ସକାଳେ ଶଯ୍ୟାରୁ ଉଠିଲାବେଳକୁ ତାର ଅଗୁରୁଧୂପରେ ଧୂପିତ ହୋଇଥିବା ସୁଗନ୍ଧମୟ କୁଞ୍ଚିତ କେଶଗୁଚ୍ଛରୁ ପୁଷ୍ପମାଳା ଖସି ପଡୁଥାଏ, ସେ ସେହି କେଶ ଗୁଚ୍ଛକୁ ଧରି ଶଯ୍ୟାରୁ ଉଠୁଥାଏ । ୧୨

ପ୍ରାତଃକାଳରେ ସ୍ତ୍ରୀମାନେ ସେମାନଙ୍କର ସୁବର୍ଣ୍ଣପଦ୍ମ ତୁଲ୍ୟ ସୁନ୍ଦର ଲୋହିତ ବର୍ଣ୍ଣର ଓଷ୍ଠ , ଆକର୍ଣ୍ଣ-ବିସ୍ତୃତ ଲୋହିତକୋଣବିଶିଷ୍ଟ ଚକ୍ଷୁ, ସୁନ୍ଦର ମୁଖ ଓ ଆଲୁଳାୟିତ କେଶ ଯୋଗୁ ଗୃହମଧ୍ୟରେ ଗୋଟିଏ ଗୋଟିଏ ଲକ୍ଷ୍ମୀ ପରି ଶୋଭା ପାଆନ୍ତି । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୃଥୁଜଘନଭରଗର୍ତ୍ତା କିଞ୍ଚିଦାନମ୍ରମଧ୍ୟାଃ
　　ସ୍ତନଭରପରିଖେଦାନ୍ମନ୍ଦମନ୍ଦଂ ବ୍ରଜନ୍ତ୍ୟଃ ।
ସୁରତସମୟବେଶଂ ନୈଶମାଶୁ ପ୍ରହାୟ
　　ଦଧତି ଦିବସଯୋଗ୍ୟଂ ବେଶମନ୍ୟାସ୍ତରୁଣ୍ୟଃ ।। ୧୪

ନଖପଦଚିତଭଗାନ୍ ବୀକ୍ଷମାଣାଃ ସ୍ତନାନ୍ତା-
　　ନଧରକିସଲୟାଗ୍ରଂ ଦନ୍ତଭିନ୍ନଂ ସ୍ପୃଶନ୍ତ୍ୟଃ ।
ଅଭିମତରତବେଶଂ ନନ୍ଦୟନ୍ତ୍ୟସ୍ତରୁଣ୍ୟଃ
　　ସବିତୁରୁଦୟକାଳେ ଭୂଷୟନ୍ତ୍ୟାନନାନି ।। ୧୫

ପ୍ରଚୁରଗୁଡବିକାରଃ ସ୍ୱାଦୁଶାଳୀକ୍ଷୁରମ୍ୟଃ
　　ପ୍ରବଳସୁରତକେଳିର୍ଜାତକନ୍ଦର୍ପଦର୍ପଃ ।
ପ୍ରିୟଜନରହିତାନାଂ ଚିତ୍ତସନ୍ତାପହେତୁଃ
　　ଶିଶିରସମୟ ଏଷ ଶ୍ରେୟସେ ବୋଽସ୍ତୁ ନିତ୍ୟମ୍ ।। ୧୬

॥ इति श्रीकालिदासमहाकविकृतौ ऋतुसंहारे शिशिरवर्णनम् ॥

---o---

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେତେକ ତରୁଣୀ ଶୀଘ୍ରଶୀଘ୍ର ରାତ୍ରିକାଳୀନ ସୁରତବେଶ ବାହାର କରି ଦିବସଯୋଗ୍ୟ ବେଶ ପରିଧାନ କରନ୍ତି । ପୃଥୁଳ ଜଘନଭରରେ ସେମାନେ ଅବସନ୍ନ ହୋଇ ପଡ଼ୁଥାନ୍ତି, ସ୍ତନ ଭରରେ ସେମାନଙ୍କର କଟୀ ଈଷତ୍ ଅବନତ ହୋଇପଡୁଥାଏ, ତେଣୁ ସେମାନେ ଧୀରେ ଧୀରେ ପାଦ ପକାଇ ଚାଲୁଥାଆନ୍ତି । ୧୪

ତରୁଣୀମାନେ ନଖକ୍ଷତଯୁକ୍ତ ନିଜର ସ୍ତନମଣ୍ଡଳକୁ ଚାହିଁ, ଦନ୍ତକ୍ଷତ-ଯୁକ୍ତ ଅଧରପଲ୍ଲବକୁ ସ୍ପର୍ଶ କରି ଏବଂ ମନ ଅନୁରୂପ ସୁରତବେଶ-ପରିଧାନରେ ଉତ୍‌ଫୁଲ୍ଲିତା ହୋଇ ସୂର୍ଯ୍ୟୋଦୟକାଳରେ ମୁଖ ମଣ୍ଡନ କରୁଥାନ୍ତି । ୧୫

ଏହି ଋତୁରେ ପ୍ରଚୁର ଗୁଡ଼, ସୁସ୍ୱାଦୁ ଶାଳୀଧାନ୍ୟ ଓ ଆଖୁ ଉତ୍ପନ୍ନ ହୁଏ, ଲୋକମାନେ ଯଥେଚ୍ଛ ସୁରତକେଳି ଉପଭୋଗ କରନ୍ତି, କନ୍ଦର୍ପର ଦର୍ପ ବଢ଼େ, କିନ୍ତୁ ବିରହିଣୀମାନେ ମାନସିକ ସନ୍ତାପ ଭୋଗ କରନ୍ତି । ପ୍ରିୟେ, ଏଭଳି ଶିଶିର ଋତୁ ତୁମର କଲ୍ୟାଣକର ହେଉ । ୧୬

—୦—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

॥ वसन्तवर्णनम् ॥

ପ୍ରଫୁଲ୍ଲଚୂତାଙ୍କୁରତୀକ୍ଷ୍ଣସାୟକୋ
ଦ୍ୱିରେଫମାଳାବିଲସଦ୍‌ଧନୁର୍ଗୁଣଃ ।
ମନାଂସି ଭେତ୍ତୁଂ ସୁରତପ୍ରସଙ୍ଗିନାଂ
ବସନ୍ତଯୋଦ୍ଧା ସମୁପାଗତଃ ପ୍ରିୟେ ॥ ୧

ଦ୍ରୁମାଃ ସପୁଷ୍ପାଃ ସଲିଳଂ ସପଦ୍ମଂ
ସ୍ତ୍ରିୟଃ ସକାମାଃ ପବନଃ ସୁଗନ୍ଧିଃ ।
ସୁଖାଃ ପ୍ରଦୋଷା ଦିବସାଶ୍ଚ ରମ୍ୟାଃ
ସର୍ବଂ ପ୍ରିୟେ ଚାରୁତରଂ ବସନ୍ତେ ॥ ୨

ଈଷତ୍ତୁଷାରୈଃ କୃତଶୀତହର୍ମ୍ୟଂ
ସୁବାସିତଂ ଚାରୁ ଶିରଶ୍ଚ ଚମ୍ପକୈଃ ।
କୁର୍ବନ୍ତି ନାର୍ୟୋଽପି ବସନ୍ତକାଳେ
ସ୍ତନଂ ସହାରଂ କୁସୁମୈର୍ମନୋହରମ୍ ॥ ୩

ବାପୀଜଳାନାଂ ମଣିମେଖଳାନାଂ
ଶଶାଙ୍କଭସାଂ ପ୍ରମଦାଜନାନାମ୍ ।
ଚୂତଦ୍ରୁମାଣାଂ କୁସୁମାନ୍ୱିତାନାଂ
ଦଦାତି ସୌଭଗ୍ୟମୟଂ ବସନ୍ତଃ ॥ ୪

କୁସୁମ୍ଭରାଗାରୁଣିତୈର୍ଦୁକୂଳୈ-
ର୍ନିତମ୍ବବିମ୍ବାନି ବିଳାସିନୀନାମ୍ ।
ତନ୍ୱଂଶୁକୈଃ କୁଙ୍କୁମରାଗଗୌରୈ-
ରଳଂ କ୍ରିୟନ୍ତେ ସ୍ତନମଣ୍ଡଳାନି ॥ ୫

କର୍ଣ୍ଣେ ସୁଯୋଗ୍ୟଂ ନବକର୍ଣ୍ଣିକାରଂ
ଚଳେଷୁ ନୀଳେଷ୍ୱଳକେଷ୍ୱଶୋକମ୍ ।
ପୁଷ୍ପଂ ଚ ଫୁଲ୍ଲଂ ନବମଲ୍ଲିକାୟାଃ
ପ୍ରୟାନ୍ତି କାନ୍ତିଂ ପ୍ରମଦାଜନାନାମ୍ ॥ ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବସନ୍ତ ବର୍ଣ୍ଣନ

ପ୍ରିୟେ, ବର୍ତ୍ତମାନ ସୁରତପ୍ରିୟ ଲୋକମାନଙ୍କର ମନକୁ ବିଦ୍ଧ କରିବା ପାଇଁ ବସନ୍ତରୂପକ ଯୋଦ୍ଧା ଉପସ୍ଥିତ । ବିକଶିତ ଆମ୍ର ବଉଳ ହେଉଛି ଏହି ଯୋଦ୍ଧାର ତୀକ୍ଷ୍ଣଶର ଏବଂ ଭ୍ରମରପଂକ୍ତି ଏହାର ଧନୁର୍ଗୁଣ । ୧

ବର୍ତ୍ତମାନ ବୃକ୍ଷମାନେ ପୁଷ୍ପପୂର୍ଣ୍ଣ, ଜଳ ପଦ୍ମପୂର୍ଣ୍ଣ, ସ୍ତ୍ରୀମାନେ କାମାସକ୍ତା, ପବନ ସୁଗନ୍ଧମୟ, ସନ୍ଧ୍ୟାକାଳ ସୁଖମୟ ଏବଂ ଦିବସ ରମଣୀୟ । ଗୋ ପ୍ରିୟେ, ବସନ୍ତକାଳରେ ସବୁ କିଛି ସୁନ୍ଦରତର ହୋଇଉଠେ । ୨

ଅଳ୍ପ ଶିଶିରପାତ ହେତୁ ସୌଧପୃଷ୍ଠ ଶୀତଳ ରହେ । ନାରୀମାନେ ଚମ୍ପାଫୁଲରେ ମସ୍ତକ ମଣ୍ଡିତ ତଥା ସୁବାସିତ କରନ୍ତି ଏବଂ ମୁକ୍ତାହାର ପରିହିତ ସୁନ୍ଦର ସ୍ତନକୁ ପୁଷ୍ପରେ ଅଧିକ ସୁନ୍ଦର କରନ୍ତି । ୩

କୂପଜଳ, ମଣିମୟ ଅଣ୍ଟାସୂତା, ଚନ୍ଦ୍ରକିରଣ, ରମଣୀଗଣ ଏବଂ ବଉଳ ଧରିଥିବା ଆମ୍ବଗଛ—ଏମାନଙ୍କର ସୌଭାଗ୍ୟ ବର୍ଦ୍ଧନ କରେ ବସନ୍ତ । ୪

ବିଳାସିନୀମାନେ କୁସୁମ୍ଭ ରଙ୍ଗରେ ଲୋହିତବର୍ଣ୍ଣ କରଯାଇଥିବା ପଟ୍ଟବସ୍ତ୍ରଦ୍ୱାର ବିଶାଳ ନିତମ୍ବକୁ ଏବଂ କୁଙ୍କୁମରଙ୍ଗରେ ଗୌରବର୍ଣ୍ଣ କରଯାଇଥିବା ସୂକ୍ଷ୍ମ ବସ୍ତ୍ରଦ୍ୱାର ସ୍ତନମଣ୍ଡଳକୁ ଆବୃତ କରନ୍ତି । ୫

ପ୍ରମଦାମାନଙ୍କର କର୍ଣ୍ଣରେ ନୂତନ କନିଅଁର ଫୁଲ ଏବଂ ଚପଳ ନୀଳକେଶରେ ଅଶୋକ ଫୁଲ ସୁଯୋଗ୍ୟ ଭୂଷଣ ହୁଏ । ଆଉ ମଧ୍ୟ ପ୍ରସ୍ଫୁଟିତ ନବମଲ୍ଲିକା ଫୁଲ ସେମାନଙ୍କର ଶରୀରକାନ୍ତି ବର୍ଦ୍ଧନ କରେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ତନେଷୁ ହାରାଃ ସିତଚନ୍ଦନାର୍ଦ୍ରା
ଭୁଜେଷୁ ସଙ୍ଗଂ ବଳୟାଙ୍ଗଦାନି ।
ପ୍ରୟାନ୍ତ୍ୟନଙ୍ଗାତୁରମାନସାନାଂ
ନିତମ୍ବିନୀନାଂ ଜଘନେଷୁ କାଞ୍ଚ୍ୟଃ ।। ୭

ସପତ୍ରଲେଖେଷୁ ବିଳାସିନୀନାଂ
ବକ୍ତ୍ରେଷୁ ହେମାମ୍ବୁରୁହୋପମେଷୁ ।
ରତ୍ନାନ୍ତରେ ମୌକ୍ତିକସଙ୍ଗରମ୍ୟଃ
ସ୍ୱେଦାଗମୋ ବିସ୍ତରତାମୁପୈତି ।। ୮

ଉଚ୍ଛ୍ୱାସୟନ୍ତ୍ୟଃ ଶ୍ଳଥବନ୍ଧନାନି
ଗାତ୍ରାଣି କନ୍ଦର୍ପସମାକୁଳାନି ।
ସମୀପବର୍ତ୍ତିଷ୍ୱଧୁନା ପ୍ରିୟେଷୁ
ସମୁତ୍ସୁକା ଏବ ଭବନ୍ତି ନାର୍ଯ୍ୟଃ ।। ୯

ତନୂନି ପାଣ୍ଡୂନି ମଦାଳସାନି
ମୁହୁର୍ମୁହୁର୍ଜୃମ୍ଭଣତତ୍ପରାଣି ।
ଅଙ୍ଗାନ୍ୟନଙ୍ଗଃ ପ୍ରମଦାଜନସ୍ୟ
କରୋତି ଲାବଣ୍ୟସସମ୍ଭ୍ରମାଣି ।। ୧୦

ଛାୟାଂ ଜନଃ ସମଭିବାଞ୍ଛତି ପାଦପାନାଂ
ନକ୍ତଂ ତଥେଚ୍ଛତି ପୁନଃ କିରଣଂ ସୁଧାଂଶୋଃ ।
ହର୍ମ୍ୟଂ ପ୍ରୟାତି ଶୟିତୁଂ ସୁଖଶୀତଳଂ ଚ
କାନ୍ତଂ ଚ ଗାଢ଼ମୁପଗୂହତି ଶୀତଳତ୍ୱମ୍ ।। ୧୧

ନେତ୍ରେଷୁ ଲୋଲୋ ମଦିରାଳସେଷୁ
ଗଣ୍ଡେଷୁ ପାଣ୍ଡୁଃ କଠିନଃ ସ୍ତନେଷୁ ।
ମଧ୍ୟେଷୁ ନିମ୍ନୋ ଜଘନେଷୁ ପୀନଃ
ସ୍ତ୍ରୀଣାମନଙ୍ଗୋ ବହୁଧା ସ୍ଥିତୋଽଦ୍ୟ ।। ୧୨

ଅଙ୍ଗାନି ନିଦ୍ରାଳସବିଭ୍ରମାଣି
ବାକ୍ୟାନି କିଞ୍ଚିନ୍ମଦିରାଳସାନି ।
ଭ୍ରୂକ୍ଷେପଜିହ୍ମାନି ଚ ବୀକ୍ଷିତାନି
ଚକାର କାମଃ ପ୍ରମଦାଜନାନାମ୍ ।। ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାମବିହ୍ୱଳା ନିତମ୍ବିନୀମାନେ ସ୍ତନରେ ଶୁଭ୍ରଚନ୍ଦନଲିପ୍ତ ମୁକ୍ତାହାର, ହସ୍ତରେ କଙ୍କଣ ଓ ଅଙ୍ଗଦ ଏବଂ ଜଘନରେ ଅଣ୍ଟାସୂତା ପରିଧାନ କରନ୍ତି । ୭

ବିଳାସିନୀମାନେ ସେମାନଙ୍କର ସୁବର୍ଣ୍ଣପଦ୍ମ ତୁଲ୍ୟ ମୁଖରେ ପତ୍ର ଆକୃତିର ଚିତ୍ର ରଚନା କରନ୍ତି । ରତ୍ନ ମଧ୍ୟରେ ମୁକ୍ତା ଯେପରି ଶୋଭା ପାଏ, ସେମାନଙ୍କ ମୁଖ ମଣ୍ଡଳର ଚିତ୍ର ରଚନା ମଧ୍ୟରେ ସ୍ୱେଦବିନ୍ଦୁମାନ ସେହିପରି ଶୋଭା ପାଏ । ୮

ପ୍ରିୟମାନେ ନିକଟବର୍ତ୍ତୀ ହେବାମାତ୍ରେ ପ୍ରିୟାମାନେ ଅତ୍ୟନ୍ତ ଉତ୍ସୁକ ହୋଇ ପଡ଼ନ୍ତି । ପ୍ରିୟମାନଙ୍କର ଶରୀରଗ୍ରନ୍ଥିଗୁଡ଼ିକ କନ୍ଦର୍ପପୀଡାରେ ଜର୍ଜରିତ ହୋଇ ଶିଥିଳ ହୋଇ ପଡ଼ୁଥିଲା ବେଳେ ପ୍ରିୟାମାନେ ସେମାନଙ୍କ ଶରୀରରେ ପ୍ରାଣର ସଂଚାର କରନ୍ତି । ୯

କାମ-ଆବେଗରେ ପ୍ରମଦାମାନଙ୍କର ଅଙ୍ଗ କୃଶ ତଥା ପାଣ୍ଡୁର ବର୍ଣ୍ଣ ହୋଇଯାଏ, ଯୌବନ-ଉନ୍ମାଦନାରେ ସେମାନେ ଅଳସୀ ହୁଅନ୍ତି ଏବଂ ବାରମ୍ବାର ହାଇ ମାରନ୍ତି । କନ୍ଦର୍ପ ସେମାନଙ୍କର ଶରୀରକୁ ଲାବଣ୍ୟପୂର୍ଣ୍ଣ ତଥା ଭାବଭଙ୍ଗୀଯୁକ୍ତ କରିଦିଏ । ୧୦

ଲୋକମାନେ ଦିନରେ ବୃକ୍ଷଛାୟା ଏବଂ ରାତ୍ରିରେ ଚନ୍ଦ୍ରକିରଣ କାମନା କରନ୍ତି, ସୁଖରେ ଶୟନ କରିବାକୁ ସୌଧପୃଷ୍ଠକୁ ଯାଆନ୍ତି ଏବଂ ଶୀତଳଶରୀରା ପ୍ରିୟାମାନଙ୍କୁ ନିବିଡ଼ ଭାବରେ ଆଲିଙ୍ଗନ କରନ୍ତି । ୧୧

ଏକ ହିଁ କନ୍ଦର୍ପ ସ୍ତ୍ରୀମାନଙ୍କର ବିଭିନ୍ନ ଅଙ୍ଗରେ ବିଭିନ୍ନ ରୂପରେ ବାସ କରେ । ମଦିରା-ଅଳସ ଚକ୍ଷୁରେ ସେ ହୁଏ ଢଳଢଳ, ଗଣ୍ଡସ୍ଥଳରେ ହୁଏ ପାଣ୍ଡୁର, ସ୍ତନରେ କଠିନ, କଟୀରେ କ୍ଷୀଣ ଓ ଜଘନରେ ହୁଏ ପୃଥୁଳ । ୧୨

କନ୍ଦର୍ପ ପ୍ରମଦାମାନଙ୍କର ଅଙ୍ଗକୁ ନିଦ୍ରାବଶରେ ସୁନ୍ଦର ଭାବରେ ଅଳସ କରେ, ବଚନକୁ ମଦିରା ଅଧୀନରେ • ଈଷତ୍ ମନ୍ଥର କରେ ଏବଂ ଦୃଷ୍ଟିକୁ କଟାକ୍ଷ ଚାହାଣିରେ ବକ୍ର କରେ ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରିୟଙ୍ଗୁ କାଳୀୟକ-କୁଙ୍କୁମାକ୍ତଂ
ସ୍ତନେଷୁ ଗୌରେଷୁ ବିଳାସିନୀଭିଃ ।
ଆଲିପ୍ୟତେ ଚନ୍ଦନମଙ୍ଗନାଭି-
ର୍ମଦାଳସାଭିର୍ମୃଗନାଭିଯୁକ୍ତମ୍ ।। ୧୪

ଗୁରୂଣି ବାସାଂସି ବିହାୟ ତୂର୍ଣ୍ଣଂ
ତନୂନି ଲକ୍ଷାରସରଞ୍ଜିତାନି ।
ସୁଗନ୍ଧିକାଳାଗୁରୁଧୂପିତାନି
ଧତ୍ତେ ଜନଃ କାମମଦାଳସାଙ୍ଗଃ ।। ୧୫

ପୁଂସ୍କୋକିଳଶ୍ଚୂତରସାସବେନ
ମତ୍ତଃ ପ୍ରିୟାଂ ଚୁମ୍ବତି ଗଗହୃଷ୍ଟଃ ।
କୂଜନ୍ ଦ୍ୱିରେଫୋଽପ୍ୟୟମମ୍ବୁଜସ୍ଥଃ
ପ୍ରିୟଂ ପ୍ରିୟାୟାଃ ପ୍ରକରୋତି ଚାଟୁ ।। ୧୬

ତାମ୍ରପ୍ରବାଳସ୍ତବକାବନମ୍ରା
ଶ୍ଚୂତଦ୍ରୁମାଃ ପୁଷ୍ପିତଚାରୁଶାଖାଃ ।
କୁର୍ବନ୍ତି କାମଂ ପବନାବଧୂତାଃ
ପର୍ଯ୍ୟୁତ୍ସୁକଂ ମାନସମଙ୍ଗନାନାମ୍ ।। ୧୭

ଆମୂଳତୋ ବିଦ୍ରୁମରାଗତାମ୍ରଂ
ସପଲ୍ଲବାଃ ପୁଷ୍ପଚୟଂ ଦଧାନାଃ ।
କୁର୍ବନ୍ତ୍ୟଶୋକାଃ ହୃଦୟଂ ସଶୋକଂ
ନିରୀକ୍ଷ୍ୟମାଣା ନବଯୌବନାନାମ୍ ।। ୧୮

ମତ୍ତଦ୍ୱିରେଫପରିଚୁମ୍ବିତଚାରୁପୁଷ୍ପା
ମନ୍ଦାନିଳାକୁଳିତନମ୍ରମୃଦୁପ୍ରବାଳାଃ ।
କୁର୍ବନ୍ତି କାମିମନସାଂ ସହସୋତ୍ସୁକତ୍ୱଂ
ବାଳାତିମୁକ୍ତଲତିକାଃ ସମବେକ୍ଷ୍ୟମାଣାଃ ।। ୧୯

କାନ୍ତାମୁଖଦ୍ୟୁତିଜୁଷାମଚିରୋଦ୍ଗତାନାଂ
ଶୋଭାଂ ପରାଂ କୁରବକଦ୍ରୁମମଞ୍ଜରୀଣାମ୍ ।
ଦୃଷ୍ଟ୍ୱା ପ୍ରିୟେ ସହୃଦୟସ୍ୟ ଭବେନ୍ନ କସ୍ୟ
କନ୍ଦର୍ପବାଣପତନଂ ବ୍ୟଥିତଂ ହି ଚେତଃ ।। ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଳାସବତୀ, ମଦାଳସା ଅଙ୍ଗନାମାନେ ଗୌରବର୍ଣ୍ଣ ସ୍ତନ ଉପରେ ଚନ୍ଦନ ସହିତ ପ୍ରିୟଙ୍ଗୁ, କାଳୀୟକ, କୁଙ୍କୁମ ଓ କସ୍ତୂରୀ ମିଶାଇ ଲେପନ କରନ୍ତି । ୧୪

ପୁରୁଷମାନେ କାମ ଆବେଗରେ ଅଳସ ହୁଅନ୍ତି ଏବଂ ସ୍ଥୂଳ ବସ୍ତ୍ର ପରିତ୍ୟାଗ କରି ଲକ୍ଷାରସରଞ୍ଜିତ, ସୁଗନ୍ଧମୟ କୃଷ୍ଣ-ଅଗୁରୁ ଧୂପରେ ସୁବାସିତ ହୋଇଥିବା ସୂକ୍ଷ୍ମବସ୍ତ୍ର ପରିଧାନ କରନ୍ତି । ୧୫

କୋକିଳ ଆମ୍ରବଉଳରସ ରୂପକ ମଦ୍ୟ ପାନ କରି ଉନ୍ମତ୍ତ ହୁଏ ଏବଂ ଅନୁରାଗରେ ଉତ୍ଫୁଲ୍ଲ ହୋଇ ପ୍ରିୟା କୋକିଳକୁ ଚୁମ୍ବନ କରେ । ଭ୍ରମର ମଧ୍ୟ ପଦ୍ମ ପୁଷ୍ପରେ ବସି ଗୁଞ୍ଜନ ଛଳରେ ପ୍ରିୟା ଭ୍ରମରୀକୁ ଚାଟୁ ବଚନ କହେ । ୧୬

ଆମ୍ରଗଛଗୁଡ଼ିକ ତାମ୍ର ବର୍ଣ୍ଣର ପେଛାପେଛ ନବ ପଲ୍ଲବରେ ନଇଁ ପଡ଼ନ୍ତି ଏବଂ ପବନରେ ଦୋହଲୁଥାଆନ୍ତି । ଶାଖାମାନଙ୍କରେ ବଉଳ ପରିପୂର୍ଣ୍ଣ ହୋଇ ସୁନ୍ଦର ଦେଖାଯାଉଥାଏ । ଏଭଳି ଆମ୍ରଗଛଗୁଡ଼ିକୁ ଦେଖି ଅଙ୍ଗନାମାନେ ଅତ୍ୟନ୍ତ ଉତ୍ସୁକମନା ହୋଇଉଠନ୍ତି । ୧୭

ଅଶୋକ ବୃକ୍ଷଗୁଡ଼ିକ କାଣ୍ଡମୂଳରୁ ପଲ୍ଲବ ଓ ତତ୍‌ସହିତ ପୋହଳା ପରି ଲାଲବର୍ଣ୍ଣ ପୁଷ୍ପରାଶି ଧାରଣ କରନ୍ତି । ଏହି ବୃକ୍ଷମାନଙ୍କ ଆଡକୁ ଗ୍ଧହିଁଲେ ନବଯୌବନା ରମଣୀମାନଙ୍କର ହୃଦୟ ପ୍ରିୟମାନଙ୍କ ସହିତ ମିଳନ ପାଇଁ ଅଧୀର ହୋଇଉଠେ । ୧୮

ନୂତନ ଲତାଗୁଡ଼ିକ ବର୍ଦ୍ଧିତ ହୋଇଯାଇ ସୁନ୍ଦର ପୁଷ୍ପରେ ମଣ୍ଡିତ ହୁଅନ୍ତି, ମତ୍ତ ଭ୍ରମରଗଣ ସେଥିରେ ପୁଷ୍ପଗୁଡ଼ିକୁ ଚୁମ୍ବନ କରନ୍ତି, ତଳକୁ ନଇଁ ପଡ଼ିଥିବା କୋମଳ ନବପଲ୍ଲବଗୁଡ଼ିକ ମୃଦୁପବନରେ ଦୋଳାୟିତ ହୁଅନ୍ତି । ଏଭଳି ଲତାଗୁଡ଼ିକୁ ଦେଖିଲେ କାମୀ ଲୋକମାନଙ୍କର ମନ ସଙ୍ଗେସଙ୍ଗେ ଉତ୍କଣ୍ଠିତ ହୋଇଉଠେ । ୧୯

ପ୍ରିୟେ, ଏଇ ଅଳ୍ପ ସମୟ ହେଲା ଉତ୍ପନ୍ନ ହୋଇଥିବା, ପ୍ରିୟତମାର ମୁଖକାନ୍ତି ତୁଲ୍ୟ କାନ୍ତି ଧାରଣ କରିଥିବା କୁରବକ ପୁଷ୍ପମଞ୍ଜରୀଗୁଡ଼ିକୁ ଦେଖିଲେ କେଉଁ ପତ୍ନୀପ୍ରିୟ ପୁରୁଷର ମନ କନ୍ଦର୍ପବାଣରେ ପୀଡ଼ିତ ନ ହେବ ? ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଦୀପ୍ତବହ୍ନିସଦୃଶୈର୍ମରୁତାଽବଧୂତୈଃ
ସର୍ବତ୍ର କିଂଶୁକବନୈଃ କୁସୁମାବନମ୍ରୈଃ ।
ସଦ୍ୟୋବସନ୍ତସମୟେନ ସମାଚିତେୟଂ
ରକ୍ତାଂଶୁକା ନବବଧୂରିବ ଭତି ଭୂମିଃ ॥ ୨୧

କିଂ କିଂଶୁକୈଃ ଶୁକମୁଖଚ୍ଛବିଭିର୍ନ ଭିନ୍ନଂ
କିଂ କର୍ଣ୍ଣିକାରକୁସୁମୈର୍ନ କୃତଂ ନ ଦଗ୍ଧମ୍ ।
ଯତ୍ କୋକିଳଃ ପୁନରୟଂ ମଧୁରୈର୍ବଚୋଭି-
ର୍ଯୂନାଂ ମନଃ ସୁବଦନାନିହିତଂ ନିହନ୍ତି ॥ ୨୨

ପୁଂସ୍କୋକିଳୈଃ କଳବଚୋଭିରୁପାତ୍ତହର୍ଷୈଃ
କୂଜଦ୍ଭିରୁନ୍ମଦକଳାନି ବଚାଂସି ଭୃଙ୍ଗୈଃ ।
ଲଜ୍ଜାନ୍ୱିତଂ ସବିନୟଂ ହୃଦୟଂ କ୍ଷଣେନ
ପର୍ଯ୍ୟାକୁଳଂ କୁଳଗୃହେଽପି କୃତଂ ବଧୂନାମ୍ ॥ ୨୩

ଆକମ୍ପୟନ୍ କୁସୁମିତାଃ ସହକାରଶାଖା
ବିସ୍ତାରୟନ୍ ପରଭୃତସ୍ୟ ବଚାଂସି ଦିକ୍ଷୁ ।
ବାୟୁର୍ବିବାତି ହୃଦୟାନି ହରନ୍ନରାଣାଂ
ନୀହାରପାତବିଗମାତ୍ ସୁଭଗେ ବସନ୍ତେ ॥ ୨୪

କୁନ୍ଦୈଃ ସବିଭ୍ରମବଧୂହସିତାବଦାତୈ-
ରୁଦ୍ଦ୍ୟୋତିତାନ୍ୟୁପବନାନି ମନୋହରାଣି ।
ଚିତ୍ତଂ ମୁନେରପି ହରନ୍ତି ନିବୃତ୍ତରାଗଂ
ପ୍ରାଗେବ ରାଗମଳିନାନି ମନାଂସି ଯୂନାମ୍ ॥ ୨୫

ଆଲମ୍ବିହେମରସନାଃ ସ୍ତନସକ୍ତହାରାଃ
କନ୍ଦର୍ପଦର୍ପଶିଥିଳୀକୃତଗାତ୍ରୟଷ୍ଟ୍ୟଃ ।
ମାସେ ମଧୌ ମଧୁରକୋକିଳଭୃଙ୍ଗନାଦୈ-
ର୍ନାର୍ଯ୍ୟୋ ହରନ୍ତି ହୃଦୟଂ ପ୍ରସଭଂ ନରାଣାମ୍ ॥ ୨୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବସନ୍ତ ଋତୁର ଆଗମନ ମାତ୍ରେ ଜ୍ୱଳନ୍ତ ଅଗ୍ନିତୁଲ୍ୟ ବିସ୍ତୃତ ପଳାଶବନ ବାୟୁରେ ଦୋଦୁଲ୍ୟମାନ ଏବଂ ପୁଷ୍ପଭରରେ ଅବନତ ହୁଏ, । ଏଭଳି ପଳାଶବନ ଯୋଗୁ ପୃଥିବୀ ଲୋହିତ ବସ୍ତ୍ର ପରିଧାନ କରିଥିବା ବଧୂଟିଏ ପରି ରମଣୀୟ ଦେଖାଯାଏ । ୨୧

ଶୁକପକ୍ଷୀର ଚଞ୍ଚୁ ପରି କାନ୍ତି ଧାରଣ କରିଥିବା ପଳାଶପୁଷ୍ପ ଯୁବକମାନଙ୍କର ପ୍ରିୟା-ଅନୁରକ୍ତ ମନକୁ କ'ଣ. ବିଦ୍ଧ କରି ନଥାଏ ବା କନିଅର ପୁଷ୍ପ ତାହାକୁ ଦଗ୍‌ଧ କରିନଥାଏ ଯେ କୋକିଳକୁ ମଧୁର କୂଜନ ଦ୍ୱାରା ତାହାକୁ ପୁଣି ବଧ କରିବାକୁ ପଡେ ? ୨୨

ହର୍ଷୋତ୍‌ଫୁଲ୍ଲ କୋକିଳଗଣଙ୍କର ମଧୁର କୂଜନ ଏବଂ ଭ୍ରମରଗଣଙ୍କର ଉନ୍ମାଦନାପୂର୍ଣ୍ଣ କଳଗୁଞ୍ଜନ ଗୃହବାସିନୀ ସଲଜ୍ଜା, ସବିନୟା ବଧୂମାନଙ୍କର ମଧ୍ୟ ହୃଦୟକୁ ଅସ୍ଥିର କରିପକାଏ । ୨୩

ସୁନ୍ଦର ବସନ୍ତକାଳରେ ଶିଶିରପାତ ବନ୍ଦ ହୁଏ । ବାୟୁ ପୁଷ୍ପିତ ସହକାର ଶାଖାମାନଙ୍କୁ ଦୋହଲାଇ, ଚତୁର୍ଦ୍ଦିଗରେ କୋକିଳର କୁହୁତାନ ବିସ୍ତାରିତ କରି ଏବଂ ଲୋକମାନଙ୍କର ହୃଦୟ ରଞ୍ଜନ କରି ବହେ । ୨୪

ମନୋହର ଉପବନମାନ ବିଳାସବତୀ ଯୁବତୀମାନଙ୍କର ହାସ-ତୁଲ୍ୟ ଧବଳ କୁନ୍ଦପୁଷ୍ପରେ ପରିପୂର୍ଣ୍ଣ ହୋଇ ପ୍ରଥମେ ଯୁବକମାନଙ୍କର ଅନୁରାଗଭରା ମନକୁ ଆକୃଷ୍ଟ କରେ ଏବଂ ତା'ପରେ ମୁନିମାନଙ୍କର ଅନୁରାଗ-ବିହୀନ ମନକୁ ମଧ୍ୟ ଆକୃଷ୍ଟ କରେ । ୨୫

ଚୈତ୍ର ମାସରେ ନାରୀମାନେ କଟୀରେ ଲମ୍ବ ଅଣ୍ଟାସୂତା ଏବଂ ସ୍ତନରେ ମୁକ୍ତାହାର ପିନ୍ଧନ୍ତି । କନ୍ଦର୍ପଦର୍ପରେ ସେମାନଙ୍କର ଅଙ୍ଗଲତା ଶିଥିଳ ହୋଇପଡେ । କୋକିଳର ମଧୁର କୁହୁତାନ ଓ ଭ୍ରମରର ଗୁଞ୍ଜନ ସଙ୍ଗରେ ସେମାନେ ପୁରୁଷମାନଙ୍କର ହୃଦୟ ହରଣ କରନ୍ତି । ୨୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନାନାମନୋଜ୍ଞକୁସୁମଦ୍ରୁମଭୂଷିତାନ୍ତାନ୍
ହୃଷ୍ଟାନ୍ୟପୁଷ୍ଟ-ନିନଦାକୁଳସାନୁଦେଶାନ୍ ।
ଶୈଳେୟଜାଲପରିଣଦ୍ଧଶିଳାତଳାନ୍ତାନ୍
ଦୃଷ୍ଟ୍ୱା ଜନଃ କ୍ଷିତିଭୃତୋ ମୁଦମେତି ସର୍ବଃ ॥ ୨୭

ନେତ୍ରେ ନିମୀଲୟତି ରୋଦିତି ଯାତି ଶୋକଂ
ଘ୍ରାଣଂ କରେଣ ବିରୁଣଦ୍ଧି ବିରୌତି ଚୋଚ୍ଚୈଃ ।
କାନ୍ତାବିୟୋଗପରିଖେଦିତଚିତ୍ତବୃତ୍ତି-
ର୍ଦୃଷ୍ଟ୍ୱାଧ୍ୱଗଃ କୁସୁମିତାନ୍ ସହକାରବୃକ୍ଷାନ୍ ॥ ୨୮

ସମଦମଧୁକରଣାଂ କୋକିଳାନାଂ ଚ ନାଦୈଃ-
କୁସୁମିତସହକାରୈଃ କର୍ଣ୍ଣିକାରୈଶ୍ଚ ରମ୍ୟୈଃ ।
ଇଷୁଭିରିବ ସୁତୀକ୍ଷ୍ଣୈର୍ମାନସଂ ମାନିନୀନାଂ
ତୁଦତି କୁସୁମମାସୋ ମନ୍ମଥୋଦ୍ଦୀପନାୟ ॥ ୨୯

ରୁଚିରକନକକାନ୍ତୀନ୍ ମୁଞ୍ଚତଃ ପୁଷ୍ପରାଶୀନ୍
ମୃଦୁପବନବିଧୂତାନ୍ ପୁଷ୍ପିତାଂଶ୍ଚୂତବୃକ୍ଷାନ୍ ।
ଅଭିମୁଖମଭିବୀକ୍ଷ୍ୟ କ୍ଷାମଦେହୋଽପି ମାର୍ଗେ
ମଦନଶରନିଘାତୈର୍ମୋହମେତି ପ୍ରବାସୀ ॥ ୩୦

ପରଭୃତକଳଗୀତୈର୍ହ୍ଲାଦିଭିଃ ସଦ୍‌ବଚାଂସି
ସ୍ମିତଦଶନମୟୂଖାନ୍ କୁନ୍ଦପୁଷ୍ପପ୍ରଭାଭିଃ ।
କରକିସଲୟକାନ୍ତିଂ ପଲ୍ଲବୈର୍ବିଦ୍ରୁମାଭୈ-
ରୁପହସତି ବସନ୍ତଃ କାମିନୀନାମିଦାନୀମ୍ ॥ ୩୧

କନକକମଲକାନ୍ତୈରାନନୈଃ ପାଣ୍ଡୁଗଣ୍ଡୈ-
ରୁପରିନିହିତହାରୈଶ୍ଚନ୍ଦନାର୍ଦ୍ରୈଃ ସ୍ତନାନ୍ତୈଃ ।
ମଦଜନିତବିଲାସୈର୍ଦୃଷ୍ଟିପାତୈର୍ମୁନୀନ୍ଦ୍ରାନ୍
ସ୍ତନଭରନତନାର୍ଯ୍ୟଃ କାମୟନ୍ତି ପ୍ରଶାନ୍ତାନ୍ ॥ ୩୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପର୍ବତସବୁ ନାନାବିଧ ସୁନ୍ଦର ପୁଷ୍ପିତ ବୃକ୍ଷରେ ମଣ୍ଡିତ ହୁଅନ୍ତି, ହର୍ଷୋତ୍‌ଫୁଲ୍ଲ କୋକିଳଗଣ କୂଜନ କରି ଶୃଙ୍ଗଦେଶକୁ ମୁଖରିତ କରନ୍ତି, ଶିଳାପୃଷ୍ଠ ଶୈଳେୟ-ରାଶିରେ ଆଚ୍ଛାଦିତ ହୁଏ । ଏଭଳି ପର୍ବତମାନଙ୍କର ଦୃଶ୍ୟ ଦେଖି ଲୋକେ ଅତ୍ୟନ୍ତ ଆନନ୍ଦ ଲାଭ କରନ୍ତି । ୨୭

ପ୍ରବାସୀ ପୁରୁଷ ପୁଷ୍ପିତ ସହକାର ବୃକ୍ଷମାନଙ୍କୁ ଦେଖିଲେ ଆଖି ବୁଜି ପକାଏ, କାନ୍ଦେ, ବିଳାପ କରେ, ହାତରେ ନାସିକା ରୁଦ୍ଧ କରେ ଏବଂ ଉଚ୍ଚସ୍ୱରରେ ହାହାକାର କରେ । ଏହିପରି, ପ୍ରିୟାବିରହରେ ତାର ସମସ୍ତ ଚିତ୍ତବୃତ୍ତି ଅଧୀର ହୋଇଉଠେ । ୨୮

ଉନ୍ମତ୍ତ ଭ୍ରମରଗଣଙ୍କର ଗୁଞ୍ଜନ, କୋକିଳଗଣଙ୍କର କୂଜନ, ପୁଷ୍ପିତ ସହକାର ବୃକ୍ଷ ଏବଂ ରମଣୀୟ କର୍ଣ୍ଣିକାର (କନିଅର) ବୃକ୍ଷ, ଏଗୁଡ଼ିକ ମଧୁମାସର ସୁତୀକ୍ଷଣ ଶର ସ୍ୱରୂପ । ଏହି ଶରଗୁଡ଼ିକ ଦ୍ୱାରା ମଧୁମାସ ମାନିନୀମାନଙ୍କର ମନକୁ ବିଦ୍ଧ କରେ । ୨୯

ପୁଷ୍ପିତ ଚୂତବୃକ୍ଷଗୁଡ଼ିକ ମୃଦୁ ପବନରେ ଦୋହଲି ଦୋହଲି, ସୁନ୍ଦର କାନ୍ତିସଂପନ୍ନ ପୁଷ୍ପରାଶି ବିକୀର୍ଣ୍ଣ କରନ୍ତି । ପ୍ରବାସୀ ପୁରୁଷମାନେ ପ୍ରିୟାବିରହରେ ଆଗରୁ ତ କ୍ଷୀଣଶରୀର ହୋଇଥାଆନ୍ତ, ସେମାନେ ପଥରେ ଏଭଳି ଚୂତବୃକ୍ଷଗୁଡ଼ିକୁ ଦେଖି କନ୍ଦର୍ପଶରାଘାତରେ ମୂର୍ଚ୍ଛିତ ହୋଇପଡ଼ନ୍ତି । ୩୦

ବସନ୍ତ ଋତୁ କୋକିଳର ଆହ୍ଲାଦମୟ କଳକୂଜନ ଦ୍ୱାରା କାମିନୀମାନଙ୍କର ମଧୁର ବଚନକୁ କୁନ୍ଦପୁଷ୍ପର କାନ୍ତି ଦ୍ୱାରା ସେମାନଙ୍କର ସ୍ମିତହାସ୍ୟକୁ ଓ ଦନ୍ତରଶ୍ମିକୁ ଏବଂ ପ୍ରବାଳତୁଲ୍ୟ ନବପଲ୍ଲବ ଦ୍ୱାରା କରପଲ୍ଲବକାନ୍ତିକୁ ସତେ ଯେପରି ଉପହାସ କରେ । ୩୧

ସ୍ତନଭର-ଅବନତା ନାରୀମାନେ ସେମାନଙ୍କର ସୁବର୍ଣ୍ଣ ପଦ୍ମତୁଲ୍ୟ ମୁଖ, ପାଣ୍ଡୁରବର୍ଣ୍ଣ ଗାଲ, ମୁକ୍ତାହାରମଣ୍ଡିତ ତଥା ଚନ୍ଦନସିକ୍ତ ସ୍ତନ ଏବଂ ଯୌବନ-ଉନ୍ମାଦନା ଜନିତ ଭାବଭଙ୍ଗୀପୂର୍ଣ୍ଣ ଦୃଷ୍ଟିପାତ ଦ୍ୱାରା ପ୍ରଶାନ୍ତଚିତ୍ତ ମୁନୀନ୍ଦ୍ରମାନଙ୍କର, ମନକୁ ମଧ୍ୟ କାମପ୍ରବଣ କରି ଦିଅନ୍ତି । ୩୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମଧୁସୁରଭି ମୁଖାବ୍ଜଂ ଲୋଚନେ ଲୋଧ୍ରତାମ୍ରେ
ନବକୁରବକପୂର୍ଣ୍ଣଃ କେଶପାଶୋ ମନୋଜ୍ଞଃ ।
ଗୁରୁତରକୁଚଯୁଗ୍ମଂ ଶ୍ରୋଣିବିମ୍ବଂ ତଥୈବ
ନ ଭବତି କିମିଦାନୀଂ ଯୋଷିତାଂ ମନ୍ମଥାୟ ।। ୩୩

ଆକମ୍ପିତାନି ହୃଦୟାନି ମନସ୍ୱିନୀନାଂ
ବାତୈଃ ପ୍ରଫୁଲ୍ଲସହକାରକୃତାଧିବାସୈଃ ।
ଉତ୍କୂତୈଃ ପରଭୃତସ୍ୟ ମଦାକୁଳସ୍ୟ
ଶ୍ରୋତ୍ରପ୍ରିୟୈର୍ମଧୁକରସ୍ୟ ଚ ଗୀତନାଦୈଃ ।। ୩୪

ରମ୍ୟଃ ପ୍ରଦୋଷସମୟଃ ସ୍ଫୁଟଚନ୍ଦ୍ରଭସଃ
ପୁଂସ୍କୋକିଳସ୍ୟ ବିରୁତଂ ପବନଃ ସୁଗନ୍ଧିଃ ।
ମତ୍ତାଳିଯୂଥବିରୁତଂ ନିଶି ଶୀଧୁପାନଂ
ସର୍ବଂ ରସାୟନମିଦଂ କୁସୁମାୟୁଧସ୍ୟ ।। ୩୫

ରକ୍ତାଶୋକବିକଳ୍ପିତାଧରମଧୁର୍ମତ୍ତଦ୍ୱିରେଫସ୍ୱନଃ
କୁନ୍ଦାପୀଡବିଶୁଦ୍ଧଦନ୍ତନିକରଃ ପ୍ରୋତ୍ଫୁଲ୍ଲପଦ୍ମାନନଃ !
ଚୂତାମୋଦସୁଗନ୍ଧିମନ୍ଦପବନଃ ଶୃଙ୍ଗାରଦୀକ୍ଷାଗୁରୁଃ
କଳ୍ପାନ୍ତଂ ମଦନପ୍ରିୟୋ ଦିଶତୁ ବଃ ପୁଷ୍ପାଗମୋ ମଙ୍ଗଳମ୍ ।।

ମଳୟପବନବିଦ୍ଧଃ କୋକିଳାଲାପରମ୍ୟଃ
ସୁରଭିମଧୁନିଷେକାଲ୍ଲବ୍ଧଗନ୍ଧପ୍ରବନ୍ଧଃ ।
ବିବିଧମଧୁପଯୂଥୈର୍ବେଷ୍ଟ୍ୟମାନଃ ସମନ୍ତାଦ୍
ଭବତୁ ତବ ବସନ୍ତଃ ଶ୍ରେଷ୍ଠକାଳଃ ସୁଖାୟ ।। ୩୭

ଆମ୍ରୀମଞ୍ଜୁଳମଞ୍ଜରୀବରଶରଃ ସତ୍କିଂଶୁକଂ ଯଦ୍ଧନୁ-
ର୍ଜ୍ୟା ଯସ୍ୟାଳିକୁଳଂ କଳଙ୍କରହିତଂ ଛତ୍ରଂ ସିତାଂଶୁଃ ସିତମ୍ ।
ମତ୍ତେଭୋ ମଳୟାନିଳଃ ପରଭୃତା ଯଦ୍ବନ୍ଦିନୋ ଲୋକଜିତ୍
ସୋଽୟଂ ବୋ ବିତରୀତରୀତୁ ବିତନୁର୍ଭଦ୍ରଂ ବସନ୍ତାନ୍ୱିତଃ ।। ୩୮

॥ इति श्रीकालिदासमहाकविकृतौ ऋतुसंहारे वसन्तवर्णनम् ॥

—o—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରମଣୀମାନଙ୍କର ମଦିରସୌରଭପୂର୍ଣ୍ଣ ମୁଖପଦ୍ମ, ଲୋଧ୍ରପୁଷ୍ପ ପରି ତାମ୍ରବର୍ଣ୍ଣ ଚକ୍ଷୁ, ନବ କୁରବକ ପୁଷ୍ପମଣ୍ଡିତ ମନୋରମ କେଶପାଶ, ପୃଥୁଳତର ସ୍ତନଯୁଗଳ ଏବଂ ବିଶାଳ ନିତମ୍ବ—ଏଗୁଡ଼ିକ ମଧ୍ୟରୁ କେଉଁଟି କାମ ଉଦ୍ଦୀପକ ନ ହୁଏ ? ୩୩

ବିକଶିତ ଆମ୍ବ ବଉଳର ସୁଗନ୍ଧରେ ସୁଗନ୍ଧିତ ହୋଇଥିବା ବାୟୁ, ମଦମତ୍ତ କୋକିଳର ପଞ୍ଚମ ତାନ ଏବଂ ଭ୍ରମରର ଶ୍ରୁତିସୁଖକର ଗୁଞ୍ଜନ, ଏଗୁଡ଼ିକ ଦ୍ୱାରା ମନସ୍ୱିନୀ ନାରୀମାନଙ୍କର ମଧ୍ୟ ହୃଦୟ କମ୍ପିତ ହୋଇ-ଉଠେ । ୩୪

ରମଣୀୟ ସନ୍ଧ୍ୟାସମୟ, ନିର୍ମଳ ଚନ୍ଦ୍ରକିରଣ, ଅଣ୍ଡିରା କୋଇଲିର କୁହୁତାନ, ପୁଷ୍ପସୁଗନ୍ଧଭରା ପବନ, ମତ୍ତ ଭ୍ରମରମାନଙ୍କର ଗୁଞ୍ଜନ ଓ ରାତ୍ରିରେ ମଧୁପାନ, ଏ ସମସ୍ତ ବସନ୍ତ କାଳରେ କନ୍ଦର୍ପରସାୟନ । ୩୫

ଗୋ ପ୍ରିୟେ, ଲୋହିତବର୍ଣ୍ଣ ଅଶୋକ ପୁଷ୍ପ ଯାହାର ଅଧର, ମଧୁମତ୍ତ ଭ୍ରମରଗୁଞ୍ଜନ ଯାହାର ବଚନ, ପ୍ରସ୍ଫୁଟିତ କୁନ୍ଦପୁଷ୍ପ ଯାହାର ଦନ୍ତ-ପଙ୍କ୍ତି, ବିକଶିତ ପଦ୍ମପୁଷ୍ପ ଯାହାର ମୁଖ, ଆମ୍ରମୁକୁଳସୁଗନ୍ଧିତ ମୃଦୁପବନ ଯାହାର ନିଃଶ୍ୱାସବାୟୁ, ସେହି କନ୍ଦର୍ପପ୍ରିୟ, ଶୃଙ୍ଗାରଦୀକ୍ଷାଗୁରୁ ବସନ୍ତକାଳ କଳ୍ପାନ୍ତ ପର୍ଯ୍ୟନ୍ତ ତୁମର ମଙ୍ଗଳ ବିଧାନ କରୁ । ୩୬

ଏହି ଶ୍ରେଷ୍ଠକାଳ ବସନ୍ତକାଳ, ଯେଉଁଥିରେ ବହେ ମଳୟ ପବନ, ଗୀତ ଗାଏ କୋକିଳ, ପୁଷ୍ପମଧୁର ସିଞ୍ଚନରେ ପ୍ରସରିଯାଏ ଭୂରିଭୂରି ସୁଗନ୍ଧ, ଚତୁର୍ଦ୍ଦିଗରେ ଘୂରିବୁଲନ୍ତି ଯୂଥଯୂଥ ଭ୍ରମର, ଏହି ବସନ୍ତକାଳ ତୁମର ସୁଖ ସଂପାଦନ କରୁ । ୩୭

ଗୋ ପ୍ରିୟେ, ମନୋହର ଆମ୍ବବଉଳ ଯାହାର ଉତ୍କୃଷ୍ଟ ଶର, ସୁନ୍ଦର ପଳାଶଫୁଲ ଯାହାର ଧନୁ, ଭ୍ରମରପଂକ୍ତି ଯାହାର ଧନୁର୍ଗୁଣ, ନିର୍ମଳ ଚନ୍ଦ୍ର ଯାହାର ନିଷ୍କଳଙ୍କ ଶ୍ୱେତଛତ୍ର, ମଳୟପବନ ଯାହାର ମତ୍ତହସ୍ତୀ, ଭ୍ରମରଗଣ ଯାହାର ସ୍ତୁତିପାଠକ, ସେହି ଭୁବନବିଜୟୀ, ବସନ୍ତବନ୍ଧୁ କନ୍ଦର୍ପ ତୁମର ସୁଖ ସଂପାଦନ କରୁ । ୩୮

—୦—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଅଂଶୁ	କିରଣ	ଅନର୍ଘ୍ୟ	ବନ୍ଦନୀୟ
ଅଂଶୁକ	ବସ୍ତ୍ର	ଅନିଳ	ପବନ
ଅଂସ	କାନ୍ଧ	ଅନୁବନ୍ଧି	ଉତ୍ତରୋତ୍ତର-ବିକାଶଶୀଳ
ଅକ୍ଷସୂତ୍ର	ଜପାମାଳା	ଅନୁବୃତ୍ତି	ଅନୁମୋଦନ
ଅଗ୍ର୍ୟ	ଉତ୍ତମ, ଶ୍ରେଷ୍ଠ	ଅନୁଦ୍‌ଗୀର୍ଣ୍ଣ	ପ୍ରକାଶ-ପାଉନଥିବା
ଅଙ୍କ	କଳଙ୍କ, ଚିହ୍ନ	ଅନୁଜ୍‌ଝିତ	ଅପରିତ୍ୟକ୍ତ
ଅଙ୍ଗହାର	ଅଙ୍ଗବିକ୍ଷେପ	ଅନ୍ତକ	ଯମ
ଅଚଳ	ପର୍ବତ	ଅନ୍ତର	ଅବକାଶ
ଅଜିନ	ଚର୍ମ	ଅନ୍ତରିତ	ଆଚ୍ଛାଦିତ
ଅଞ୍ଚିତ	ଶୋଭିତ, ସୁନ୍ଦର-ଗୃଳି	ଅନ୍ତିକ	ନିକଟ
ଅଞ୍ଜସା	ସହସା	ଅନ୍ୟପୁଷ୍ଟ	କୋକିଳ
ଅତନ୍ଦ୍ରିତା	ଆଳସ୍ୟହୀନା	ଅନ୍ୱକ୍	ପରେ
ଅତିସର୍ଜନ	ପରିତ୍ୟାଗ	ଅନ୍ୱିଷ୍ଟ	ଅନ୍ୱେଷଣକୃତ
ଅତ୍ୟୟ	ବିନାଶ	ଅପ୍	ଜଳ
ଅଧିଗମ	ପ୍ରାପ୍ତି	ଅପତ୍ୟ	ସନ୍ତାନ
ଅଧୀତିନୀ	ପଠନଶୀଳା	ଅପବାଦ	ବିଶେଷ ନିୟମ
ଅଧିଶ୍ରୀ	ଧନଶାଳୀ	ଅପବିଦ୍ଧ	ପରିତ୍ୟକ୍ତ
ଅଧ୍ୱର	ଯଜ୍ଞ	ଅପରିକ୍ଷତ	ଅବ୍ୟାହତ
ଅଧ୍ୱଗ	ପଥିକ, ପ୍ରବାସୀ	ଅପରିଗ୍ରହ	ଅବିବାହିତ
ଅଧ୍ୱର୍ଯ୍ୟୁ	ଯାଜ୍ଞିକ	ଅପାଙ୍ଗ	ନେତ୍ରକୋଣ
ଅଣ୍ଡଜ	ପକ୍ଷୀ	ଅପାକୀର୍ଣ୍ଣ	ପରିତ୍ୟକ୍ତ
ଅନଙ୍ଗଲେଖ	ପ୍ରେମପତ୍ର	ଅପାସ୍ତ	ଦୂରୀଭୂତ
ଅନନ୍ୟଭଜ୍	ଅନ୍ୟକୁ ଦୁର୍ଲଭ	ଅବତଂସ	ଶିରୋଭୂଷଣ
ଅନପାୟୀ	ଆଶ୍ରୟପ୍ରଦ	ଅପିଧାନ	କବାଟ, ଆବରଣ
ଅନବଦ୍ୟା	ସୁନ୍ଦରୀ		

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଅବଗୁଣ୍ଠିତ	ଆଚ୍ଛାଦିତ	ଅଭିଜାତ	କୁଳୀନ, ଶିଷ୍ଟ
ଅବଚିତ	ତୋଳା- ହୋଇଥିବା	ଅଭିନିବେଶ	ଆଗ୍ରହ
		ଅଭିମର୍ଶ	ଧର୍ଷଣ
ଅବଞ୍ଚିତ	ସାର୍ଥକ	ଅଭିଯୋଗ	ଆକ୍ରମଣ
ଅବମାନ	ଅପମାନ	ଅଭିଭବ	ଅପମାନ
ଅବରୋଧ	ଆବରଣ	ଅଭିଷଙ୍ଗ	ବିପତ୍ତି, ଅପମାନ
ଅବର	କନିଷ୍ଠ		
ଅବଦାନ	ଯଶ, ମହତ୍ କର୍ମ	ଅଭିଷ୍ୟନ୍ଦ	ଧନସଂପତ୍ତି
		ଅଭୌମ	ସ୍ୱର୍ଗୀୟ
ଅବରୋଧ	ଅନ୍ତଃପୁର	ଅଭ୍ୟଙ୍ଗ	ସ୍ନାନ
ଅବଧୂତ	କମ୍ପିତ	ଅଭ୍ୟଞ୍ଜନ	ହଳଦୀ ଆଦି ଲଗାଇବା
ଅବଦାନ	ଶୁଭ୍ର, ନିର୍ମଳ		
ଅବଗାହ	ସ୍ନାନ	ଅଭ୍ୟାଶ	ସମୀପ
ଅବଧୀରଣା	ଅବଜ୍ଞା	ଅଭ୍ର	ମେଘ
ଅବଗ୍ରହ	ଅନାବୃଷ୍ଟି	ଅମୋଘ	ଅବ୍ୟର୍ଥ
ଅବଧି	ସୀମା	ଅମରୌକସ୍	ଦେବତା
ଅବନ୍ଧ୍ୟ	ସଫଳ	ଅମ୍ବୁରୁହ	ପଦ୍ମ
ଅବସିତ	ସମାପ୍ତ	ଅମ୍ବୁରାଶି	ସମୁଦ୍ର
ଅବଧୂତ	ଅବଜ୍ଞାପ୍ରାପ୍ତ	ଅମ୍ଭସ୍	ଜଳ
ଅବାଙ୍	ନିମ୍ନ	ଅମ୍ଭୋରୁହ	ପଦ୍ମ
ଅବାପ୍ତି	ପ୍ରାପ୍ତି	ଅମ୍ଭୋନିଧି	ସମୁଦ୍ର
ଅବ୍ୟବସ୍ଥା	କ୍ରମ ନ ଥିବା	ଅଯୁଗ୍ମ	ବେଯୋଡ଼
ଅବ୍ୟଭିଚାରି	ଯଥାର୍ଥ	ଅଯୁଗ୍ମନେତ୍ର	ଶିବ
ଅବ୍ୟଭିଚାରିଣୀ	ଅନୁଗାମିନୀ	ଅୟସ୍	ଲୁହା
ଅଭିଖ୍ୟା	ସୌନ୍ଦର୍ଯ୍ୟ	ଅୟସ୍କାନ୍ତ	ଚୁମ୍ବକ
ଅଭିଜନ	କୁଳମର୍ଯ୍ୟାଦା	ଅରାଳ	ବକ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଅର୍କ	ସୂର୍ଯ୍ୟ	ଆତପ	ଖରା
ଅର୍ଘ୍ୟ	ପୂଜା	ଆତ୍ମଭୂ	ଶିବ
ଅର୍ଥ୍ୟା	ଅର୍ଥଯୁକ୍ତା	ଆତ୍ମଭୂ	ବ୍ରହ୍ମା
ଅର୍ହତ୍	ପୂଜ୍ୟ	ଆତପତ୍ର	ଛତ୍ର
ଅର୍ଚ୍ଚିଷ୍	ଜ୍ୟୋତି, କିରଣ	ଆଦାନ	ସଂଗ୍ରହ
ଅରବିନ୍ଦ	ପଦ୍ମ	ଆଦିତ୍ସୁ	ଗ୍ରହଣେଚ୍ଛୁକ
ଅଳଂ	ବୃଥା	ଆଦୃତା	ଆଦରକାରିଣୀ
ଅଳକ	କେଶ	ଆପଣ	ହାଟ
ଅଳକ୍ତକ	ଅଳତା	ଆପ୍ଲୁତ	ସ୍ନାତ, ବିଧୌତ
ଅଳି	ଭ୍ରମର	ଆପ୍ତ	ଲବ୍ଧ
ଅଶ୍ମ	ପଥର	ଆବର୍ଜିତ	ପ୍ରଦତ୍ତ
ଅଷ୍ଟାପଦ	ସୁବର୍ଣ୍ଣ	ଆବର୍ଜିତ	ଅବନମିତ
ଅସି	ଖଣ୍ଡା	ଆମୃଷ୍ଟ	ଅପକୃତ
ଅସଂଭୃତ	ଅଯତ୍ନସିଦ୍ଧ	ଆମୁକ୍ତ	ପରିହିତ
ଅସ୍ର	ଅଶ୍ରୁ	ଆମ୍ନାତ	ପଠିତ
ଅସାଂପ୍ରତ	ଅନୁଚିତ	ଆୟତ	ବିଶାଳ,
ଅସୂୟା	ଈର୍ଷ୍ୟା		ବିସ୍ତାରିତ
ଅହ୍ନ	ଦିବସ	ଆୟତାକ୍ଷୀ	ବିଶାଳାକ୍ଷୀ
ଅହର୍ପତି	ସୂର୍ଯ୍ୟ	ଆର୍ଜବ	ସରଳତା
ଅହାର୍ଯ୍ୟ	ଦୃଢ	ଆର୍ତ୍ତବ	ଋତୁକାଳୀନ
ଅହି	ସର୍ପ	ଆରମ୍ଭ	କାର୍ଯ୍ୟ, ପ୍ରଚେଷ୍ଟା
ଅହ୍ନାୟ	ସହସା	ଆରେଚିତ	ବକ୍ରୀକୃତ
ଆକ୍ରାନ୍ତି	ସଂକ୍ରମଣ	ଆଳି	ସଖୀ
ଆକ୍ଷେପ	ଟାଣିନେବା	ଆଲୋକ	ଦୃଷ୍ଟିପାତ
ଆଖଣ୍ଡଳ	ଇନ୍ଦ୍ର	ଆଲୋକମାର୍ଗ	ଦୃଷ୍ଟିପଥ
ଆଖ୍ୟା	ନାମ	ଆଶୁ	ଶୀଘ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଆଶ୍ୟାନ	ବହଳ	ଉତ୍ସର୍ଗ	ବର୍ଜନ
ଆଷାଢ଼	ଦଣ୍ଡ	ଉତ୍ସର୍ଗ	ସାଧାରଣ ନିୟମ
ଆସବ	ମଦ୍ୟ	ଉତ୍ସଙ୍ଗ	କ୍ରୋଡ଼
ଆସନ୍ନ	ନିକଟବର୍ତ୍ତୀ	ଉତ୍ସୃଷ୍ଟ	ତ୍ୟକ୍ତ
ଆସ୍ପଦ	ସ୍ଥାନ	ଉତ୍ସେଧ	ବିସ୍ତାର
ଆସ୍ତରଣ	ବିଛେଇବା	ଉଦନ୍ୱାନ୍	ସମୁଦ୍ର
ଆହିତ	ପ୍ରଯୁକ୍ତ, କ୍ଷିପ୍ତ	ଉଦର୍ଚ୍ଚି	ଊର୍ଦ୍ଧ୍ୱଶିଖା-
ଆହ୍ୱୟ	ନାମ		ବିଶିଷ୍ଟ
ଇକ୍ଷୁ	ଆଖୁ	ଉଦାର	ସୁନ୍ଦର
ଇଦ୍ଧ	ଜ୍ୱଳିତ	ଉଦୀରଣ	ଉଚ୍ଚାରଣ
ଇଭ	ହସ୍ତୀ	ଉଦୀରିତ	ଉଦ୍‌ଗତ,
ଇଷୁ	ଶର		ଉଚ୍ଚାରିତ
ଇଷ୍ଟ	ଅଭିଳଷିତ	ଉଦ୍‌ଧୂତ	କମ୍ପିତ
ଈକ୍ଷଣ	ଦୃଷ୍ଟି	ଉଦ୍‌ଘାତ	ଆରମ୍ଭ
ଈଶ୍ୱର	ସମର୍ଥ	ଉଦ୍‌ବେଜିତ	ଆଶଙ୍କିତ
ଈକ୍ଷିତା	ଦ୍ରଷ୍ଟା	ଉଦ୍ଧୃତ	ଉତ୍ତୋଳିତ
ଉକ୍ଷା	ବୃଷଭ	ଉଦ୍‌ଭିନ୍ନ	ଉଦ୍‌ଗତ
ଉକ୍ଷିତ	ସେଚିତ	ଉନ୍ନଦ୍ଧ	ଉପରକୁ ବନ୍ଧା-
ଉଜ୍‌ଝିତ	ତ୍ୟକ୍ତ		ହୋଇଥିବା
ଉଟଜ	କୁଡିଆ	ଉନ୍ମିଳିତ	ଉଦ୍‌ଭସିତ
ଉଡୁପତି	ଚନ୍ଦ୍ର	ଉନ୍ମୀଳିତ	ଦୃଷ୍ଟିପାତ
ଉତ୍ତମାଙ୍ଗ	ମସ୍ତକ	ଉନ୍ମେଷ	ପ୍ରସ୍ଫୁଟନ
ଉତ୍ତରଚ୍ଛଦ	ଶେଯ ଉପର-	ଉପଗୂଢ଼	ଆଲିଙ୍ଗନ
	ଖଦର	ଉପଗୂହନ	ଆଲିଙ୍ଗନ
ଉତ୍ପଳ	ପଦ୍ମଫୁଲ	ଉପଳ	ପଥର
ଉତ୍ପଳାକ୍ଷୀ	ପଦ୍ମାକ୍ଷୀ	ଉପପନ୍ନ	ଯୁକ୍ତିଯୁକ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଉପଯାନ	ନିକଟକୁ ଯିବା	ଓଷଧିପତି	ଚନ୍ଦ୍ର
ଉପୟନ୍ତା	ବର, ସ୍ୱାମୀ	କକୁଦ୍ମାନ୍	ବୃଷଭ
ଉପପ୍ଳବ	ଉତ୍ପାତ	କକୁଭ	ଅର୍ଜୁନବୃକ୍ଷ
ଉପହାର	ପୁଷ୍ପସାଜ	କଙ୍କେଳି	ଅଶୋକବୃକ୍ଷ
ଉପହିତ	ଉପରେ ସ୍ଥିତ	କଚ	କେଶ
ଉପାତ୍ତ	ଗୃହୀତ	କଟକ	କଟୀଦେଶ,
ଉପାୟନ	ଉପହାର		ନଗର
ଉପ୍ତ	ବପନକୃତ	କଥୀକୃତ	କଥାରେ ପରିଣତ
ଉରୁ	ବିଶାଳ	କନ୍ଦୁକ	ପେଣ୍ଡୁ
ଊର୍ମି	ଲହରୀ	କପିଶ	ପିଙ୍ଗଳବର୍ଣ୍ଣ
ଉଲ୍ବ	ଜରାୟୁ	କମନୀୟ	ସୁନ୍ଦର
ଉଲ୍ବଣ	ପ୍ରଭୂତ	କମଳାକର	ପଦ୍ମପୂର୍ଣ୍ଣ-ସରୋବର
ଉଲ୍ଲିଖିତ	ଅଙ୍କିତ		
ଉଶନସ୍	ଶୁକ୍ରାଚାର୍ଯ୍ୟ	କରଣ	ଶରୀର
ଉଷସ୍	ପ୍ରାତଃକାଳ	କରଣ	ସାଧନ, ଉପାୟ
ଉଷ୍ଣବାରଣ	ଛତ୍ର	କର୍ଶିତା	କ୍ଷୀଣୀଭୂତା
ଊଢ଼ା	ବିବାହିତା	କର୍ଣ୍ଣିକାର	କନିଅଁର
ଊରୁ	ଜଙ୍ଘ	କର୍ଣ୍ଣପୂର	କର୍ଣ୍ଣଭୂଷଣ
ଊର୍ଣ୍ଣା	ପଶମ	କର୍ବୂର	ବିଭିନ୍ନବର୍ଣ୍ଣ
ଋତେ	ବିନା, ବ୍ୟତୀତ	କଳ	ମଧୁର, ସୁନ୍ଦର
ଋଜୁ	ସିଧା, ସରଳ	କଳାପ	ମୟୂରପୁଚ୍ଛ
ଋଦ୍ଧି	ସମ୍ପଦ	କଳାପୀ	ମୟୂର
ଏକପତ୍ନୀ	ପତିବ୍ରତା	କଲ୍କ	ପଗର
ଏଷଣୀୟ	ପାଳନୀୟ	କଳ୍ପ	ତୁଲ୍ୟ
ଓଘ	ସମୂହ	କଷାୟ	ସୁଗନ୍ଧ
ଓଘ	ଜଳପ୍ରବାହ	କଷାୟିତ	ସୁଗନ୍ଧିତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
କାକଳୀ	ମଧୁର ସ୍ୱନ
କାଞ୍ଚୀଗୁଣ	ଅଣ୍ଟାସୂତା
କାନ୍ତ	ସୁନ୍ଦର
କାମ	କାମନା
କାରଣ୍ଡବ	ବତକ
କାର୍ମୁକ	ଧନୁ
କାଳେୟ	ଅଙ୍ଗରାଗ-ବିଶେଷ
କିଙ୍କର	ଭୃତ୍ୟ
କୀଚକ	ବାଉଁଶ ଗଛ
କୁକ୍ଷି	ଗର୍ଭ
କୁଞ୍ଜର	ହାତୀ
କୁଣ୍ଠ	ମୁଣ୍ଡା
କୁଣ୍ଠିତ	ମୁଣ୍ଡା
କୁଡ୍ମଳ	କଢ଼
କୁଳିଶ	ବଜ୍ର
କୁଶେଶୟ	ପଦ୍ମ
କୂର୍ପାସକ	ବକ୍ଷବସ୍ତ୍ର, କାଞ୍ଚୁଲି
କୃଚ୍ଛ୍ର	କଷ୍ଟ
କୃତେ	ନିମନ୍ତେ
କୃତ୍ରିମପୁତ୍ରକ	କଣ୍ଢେଇ
କୃଶାନୁ	ଅଗ୍ନି
କେତୁ	ପତାକା
କେୟୂର	ହସ୍ତଭୂଷଣ ବିଶେଷ
କେସରୀ	ସିଂହ

ଶବ୍ଦ	ଅର୍ଥ
କୈତବ	ମିଛ, ଛଳନା
କୋବିଦାର	କାଞ୍ଚନଗଛ
କୌତୁକ	ଉତ୍ସବ
କୌତୁକାଗାର	ମଧୁଶଯ୍ୟା-ଗୃହ
କୌମୁଦୀ	ଜ୍ୟୋତ୍ସ୍ନା
କୌଶେୟ	ପାଟବସ୍ତ୍ର
କ୍ରୌଞ୍ଚ	ଗେଣ୍ଡାଳିଆ
କ୍ୱଣତ୍	ଶବ୍ଦାୟମାନ
କ୍ଲମ	କ୍ଲାନ୍ତି
କ୍ଲୃପ୍ତ	ରଚିତ
ଖ	ଆକାଶ
ଖିଲୀଭୂତ	ଶୂନ୍ୟକୃତ
ଗତ	ଗତି
ଗଭସ୍ତି	କିରଣ
ଗିର୍	ବାଣୀ, ଭଷା
ଗୁପ୍ତ	ରକ୍ଷିତ
ଗୁପ୍ତି	ରକ୍ଷଣ
ଗୁରୁ	ଓଜନଦାର
ଗୁଲ୍ଫ	ଆଣ୍ଠୁ
ଗୁହ	କାର୍ତ୍ତିକେୟ
ଗୋତ୍ରଭିଦ୍	ଇନ୍ଦ୍ର
ଗୋତ୍ରସ୍ଖଳିତ	ଜଣକର ନାମ କହୁ କହୁ ଅନ୍ୟର ନାମ କହିପକାଇବା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଗୋପିତ	ରକ୍ଷିତ	ଜଳଜାସନ	ବ୍ରହ୍ମା
ଗୋପ୍ତା	ରକ୍ଷକ	ଜାତବେଦସ୍	ଅଗ୍ନି
ଗୌ	ପୃଥିବୀ	ଜାତରୂପ	ସୁନା
ଗୌର	ଧବଳବର୍ଣ୍ଣ	ଜାଲ	ଝରକା
ଘ୍ରାଣ	ନାସିକା	ଜାଳ	ସମୂହ
ଚତୁଷ୍ଟୟ	ଚାରିର ସମଷ୍ଟି	ଜାମିତ୍ର	ଲଗ୍ନରୁ ସପ୍ତମ-ସ୍ଥାନ
ଚତୁଷ୍ଟୟୀ	ଚାରିସଂଖ୍ୟା-ବିଶିଷ୍ଟ	ଜାମ୍ବୁନଦ	ସୁବର୍ଣ୍ଣନିର୍ମିତ
ଚତୁରସ୍ର	ଚାରିକୋଣ-ବିଶିଷ୍ଟ	ଜିହ୍ମ	ବକ୍ର
		ଜୃମ୍ଭଣ	ହାଇ ମାରିବା
ଚତୁରସ୍ରଶୋଭୀ	ସମଗ୍ର-ଭାବେ ଶୋଭିତ	ଜ୍ୟା	ଧନୁର୍ଗୁଣ
		ଜ୍ୟୋତିଷ୍	ଜ୍ୟୋତିଷ୍କ
ଚନ୍ଦ୍ରପାଦ	ଜ୍ୟୋତ୍ସ୍ନା	ତନୁ	ସୂକ୍ଷ୍ମ
ଚାମୀକର	ସୁବର୍ଣ୍ଣ	ତନୁତା	କ୍ଷୀଣତା
ଚିତ	ବ୍ୟାପ୍ତ	ତନ୍ୱୀ	କୃଶାଙ୍ଗୀ, ସୁନ୍ଦରୀ
ଚିତ୍ର	ବିଭିନ୍ନବର୍ଣ୍ଣ	ତପ	ଗ୍ରୀଷ୍ମକାଳ
ଚୀନାଂଶୁକ	ସୂକ୍ଷ୍ମବସ୍ତ୍ର	ତମିସ୍ରା	ଅନ୍ଧାର ରାତି
ଚୀରପରିଗ୍ରହ	କୌପୀନଧାରୀ	ତପନୀୟ	ସୁନା
ଚୂତ	ଆମ୍ବ	ତାମରସ	ପଦ୍ମ
ଚୂତପ୍ରସବ	ଆମ୍ବବଉଳ	ତାଳବୃନ୍ତ	ବିଞ୍ଚଣା
ଚେଷ୍ଟିତ	ଭାବଭଙ୍ଗୀ	ତିରସ୍କରିଣୀ	ପରଦା
ଚୈତ୍ୟ	ବୌଦ୍ଧମଠ	ତ୍ରିଦିବ	ସ୍ୱର୍ଗ
ଚୋଦିତ	ପ୍ରେରିତ, ପ୍ରଣୋଦିତ	ତ୍ରିମାର୍ଗା	ଗଙ୍ଗା
		ତିର୍ଯ୍ୟକ୍	ତେରେଛା
ଛେଦ	ଖଣ୍ଡ	ତିରଶ୍ଚ୍	ପଶୁପକ୍ଷୀ, ମନୁଷ୍ୟଭିନ୍ନ ପ୍ରାଣୀ
ଜଟିଳ	ଜଟାଧାରୀ		

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ତୁହିନ	ଶିଶିର
ତୁରସାହ୍	ଇନ୍ଦ୍ର
ତୂର୍ଣ୍ଣ	ଶୀଘ୍ର
ତୃଷ୍	ତୃଷା
ତୋୟଦ	ମେଘ
ତ୍ୱଚ୍	ଚର୍ମ, ବଲ୍କଳ
ତ୍ୱଷ୍ଟା	ବିଶ୍ୱକର୍ମା
ତ୍ରିଯାମା	ରାତ୍ରି
ତ୍ରିୟମ୍ବକ	ଶିବ
ତ୍ରିସ୍ରୋତସ୍	ଗଙ୍ଗା
ତ୍ୱିଷ୍	ଜ୍ୟୋତି, କାନ୍ତି
ଦନ୍ତୀ	ଦନ୍ତାହାତୀ
ଦନ୍ତଚ୍ଛଦ	ଅଧର
ଦନ୍ତବାସ	ଓଷ୍ଠ
ଦର୍ଭ	କୁଶ
ଦର୍ପକଳ	ଉଦ୍ଧତ ଭାବରେ-ଗର୍ଜ୍ଜନଶୀଳ
ଦରୀ	ଗୁହା
ଦୟିତା	ପତ୍ନୀ
ଦଶନ	ଦନ୍ତ
ଦଶନଚ୍ଛଦ	ଅଧର
ଦଶା	ବଳିତା
ଦଂଷ୍ଟ୍ରା	ଦନ୍ତ
ଦଂଷ୍ଟ୍ରିନ୍	ଦନ୍ତବିଶିଷ୍ଟ
ଦାମ	ସୂତ୍ର, ରଜ୍ଜୁ
ଦିଗ୍ବାରଣ	ଦିଗ୍ଗଜ
ଦିଗମ୍ବର	ଉଲଗ୍ନ
ଦିଗ୍ଧ	ବିଦ୍ଧ
ଦିଙ୍ନାଗ	ଦିଗ୍ଗଜ
ଦିଦୃକ୍ଷା	ଦେଖିବାର ଇଚ୍ଛା
ଦିନାନ୍ତ	ସନ୍ଧ୍ୟା
ଦିବ୍	ସ୍ୱର୍ଗ
ଦିଷ୍ଟି	ଭାଗ୍ୟ
ଦୀଧିତିମାନ୍	ସୂର୍ଯ୍ୟ
ଦୀର୍ଘିକା	ସରୋବର
ଦୁକୂଳ	ପଟ୍ଟବସ୍ତ୍ର
ଦୃଷ୍ଦି	ଗୃହାଣି
ଦୋହଦ	ଅଭିଳାଷ
ଦୋଃ	ହସ୍ତ
ଦ୍ୱାଃସ୍ଥ	ଦ୍ୱାରପାଳ
ଦ୍ୱନ୍ଦ୍ୱ	ଯୋଡ଼ି
ଦ୍ୱିଜାତି	ବ୍ରାହ୍ମଣ
ଦ୍ୱିପ	ହସ୍ତୀ
ଦ୍ୱିରଦ	ହାତୀ
ଦ୍ୱିରେଫ	ଭ୍ରମର
ଦ୍ୱିଷ୍	ଶତ୍ରୁ
ଦ୍ରବ	ତରଳ
ଦ୍ରୁତ	ପ୍ରଧାବିତ
ଧନ୍ୱିନ୍	ଧନୁର୍ଦ୍ଧାରୀ
ଧାମ	ଭୁବନ
ଧୂର୍ଯ୍ୟ	ଅଶ୍ୱ
ଧୂର	ଭାର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଧୂତ	କମ୍ପିତ	ନିର୍ବନ୍ଧ	ଆଗ୍ରହ
ଧ୍ୟାତା	ଧ୍ୟାନକର୍ତ୍ତା	ନିର୍ଜିତ	ବିଜିତ
ଧ୍ୱାନ୍ତ	ଅନ୍ଧାର, ତମୋଗୁଣ	ନିର୍ବାଣାଲକ୍ତ	ଲିଭିଯାଇଥିବା-ନିଆଁ ଖୁଣ୍ଟା
ନକ୍ତ	ଗତି	ନିର୍ବାଣଭୂୟିଷ୍ଠ	ନିର୍ବାପିତପ୍ରାୟ
ନଗ	ପର୍ବତ	ନିର୍ବିକାର	ନିଷ୍କପଟ
ନଭସ୍ୱାନ୍	ବାୟୁ	ନିର୍ବୃତ୍ତ	ଶାନ୍ତିଲଭ-କରିଥିବା
ନମେରୁ	ସୁରପୁନ୍ନାଗ-ଗଛ	ନିରସ୍ତ	ଦୂରୀକୃତ
ନାଗ	ହସ୍ତୀ	ନିୟମିତ	ଉପଶମିତ
ନାଗେନ୍ଦ୍ର	ଐରାବତ	ନୀଳଲୋହିତ	ଶିବ
ନିକାମ	ନିତାନ୍ତ	ନିଷକ୍ତ	ବ୍ୟାପ୍ତ, ଫଳଗ୍ନ
ନିକେତ	ଗୃହ	ନିଷକ୍ତ	ପ୍ରତିଫଳିତ
ନିକ୍ଷେପ	ନ୍ୟାସ	ନିଷଣ୍ଣ	ସ୍ଥାପିତ, ଆସୀନ
ନିଗ୍ରହ	ବିନାଶ, ଦମନ	ନିଷିକ୍ତ	ଜରାୟୁରେ ଧୃତ
ନିଗୃହୀତ	ଦମିତ, ଦୂରୀକୃତ	ନିଷେକ	ସିଞ୍ଚନ
		ନିଷ୍କ	ଭୂଷଣ ବିଶେଷ
ନିଘ୍ନ	ଦୈବାଧୀନ	ନିଷ୍ପତ୍ତି	ପରିପକ୍ୱ ହେବା
ନିଧୁବନ	ସୁରତକେଳି	ନିଷ୍ଠ୍ୟୂତ	ବିକୀର୍ଣ୍ଣ
ନିବାତ	ବାୟୁହୀନ ସ୍ଥାନ	ନିସ୍ତଳ	ଗୋଲ
ନିବିଷ୍ଟ	ସଂଯତ	ନୀବୀ	ଖୋଷଣି
ନିବେଦିତ	ସୂଚିତ	ନେପଥ୍ୟ	ବେଶ
ନିର୍ବୃତା	ନିଶ୍ଚିନ୍ତା	ନୋଦୟିତା	ପ୍ରେରଣାଦାତା
ନିମ୍ନଗା	ନଦୀ	ନ୍ୟସ୍ତ	ତ୍ୟକ୍ତ, ଦତ୍ତ
ନିମୀଳିତ	ବୁଜି ହୋଇଥିବା	ନ୍ୟାୟ	ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱର
ନିରାଶିଷ୍	ନିଷ୍କାମ		

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ପକ୍ଷଚ୍ଛିଦ୍	ପକ୍ଷଛେଦନକାରୀ	ପରିଣତ	ପରିପକ୍ୱ
ପକ୍ଷ୍ମ	ନେତ୍ରଲୋମ	ପରିଣଦ୍ଧ	ପରିବ୍ୟାପ୍ତ
ପତ୍ରବିଶେଷକ	ପତ୍ରାକୃତି-ଚିତ୍ରରଚନା	ପରିଣାହି	ପ୍ରସିଦ୍ଧ
		ପରିଦେବିତ	ବିଳାପ
ପତ୍ର	ଶର	ପରିପାକ	ପରିପକ୍ୱତା
ପତତ୍ରିନ	ପକ୍ଷୀ	ପରିବର୍ତ୍ତମାନ	ଘୂରୁଥିବା
ପଥିକ	ପ୍ରବାସୀ	ପରିବେଷ	ମଣ୍ଡଳ
ପଦବୀ	ପଥ	ପରିଭୋଗ	ଉପଭୋଗ
ପନ୍ନଗ	ସର୍ପ	ପରେତଭୂମି	ଶ୍ମଶାନ
ପୟସ୍	ଜଳ, ଦୁଗ୍ଧ	ପଲ୍ୱଳ	କ୍ଷୁଦ୍ରଜଳାଶୟ
ପୟୋଧର	ସ୍ତନ, ମେଘ	ପାକଶାସନ	ଇନ୍ଦ୍ର
ପୟୋମୁଚ୍	ମେଘ	ପାଦ	କିରଣ
ପର	ଶତ୍ରୁ	ପାବନ	ପବିତ୍ର
ପର	ଶ୍ରେଷ୍ଠ	ପାର୍ଷ୍ଣି	ଗୋଇଠି
ପରଭୃତ	କୋକିଳ	ପାରଣା	ଭୋଜନ
ପରମେଷ୍ଠୀ	ବିଷ୍ଣୁ	ପାଂଶୁ	ପାଉଁଶ
ପରମଂ	ତାହା ହେଉ	ପିଙ୍ଗ	ତାମ୍ରବର୍ଣ୍ଣ
ପରମ୍ପର	ସମର୍ଷ୍ଟି	ପିଞ୍ଜର	ପିଙ୍ଗଳବର୍ଣ୍ଣ
ପର୍ଜ୍ଜନ୍ୟ	ମେଘ	ପିତୃସଦ୍ମ	ଶ୍ମଶାନ
ପର୍ଯ୍ୟନ୍ତ	ପ୍ରାନ୍ତଭାଗ	ପିନଦ୍ଧ	ପରିହିତ
ପର୍ଯ୍ୟସ୍ତ	ବିଚ୍ଛୁରିତ	ପିଶୁନ	ଦକ୍ଷ, ସୂଚକ
ପର୍ଯ୍ୟାପ୍ତ	ପ୍ରଚୁର	ପୁଙ୍ଗବକେତୁ	ଶିବ
ପର୍ଯ୍ୟାୟ	ପାଳି	ପୁଣ୍ଡରୀକ	ପଦ୍ମ
ପର୍ଯ୍ୟୁତ୍ସୁକ	ଉତ୍କଣ୍ଠିତ	ପୁନର୍ଭବ	ପୁନର୍ଜ୍ଜନ୍ମ
ପରାମର୍ଶ	ବିଘ୍ନସୃଷ୍ଟି	ପୁରନ୍ଧ୍ରୀ	ପୁରବଧୂ
ପରିକ୍ଷିପ୍ତ	ବେଷ୍ଟିତ	ପୁରଶାସନ	ଶିବ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ପୁରାରି	ଶିବ	ପ୍ରଦୋଷ	ସନ୍ଧ୍ୟା
ପୁରୁହୂତ	ଇନ୍ଦ୍ର	ପ୍ରପନ୍ନ	ପ୍ରାପ୍ତ
ପୁରୋଗ	ଅଗ୍ରଗାମୀ	ପ୍ରବଣୀକୃତ	ଆକୃଷ୍ଟ
ପୁଲୋମତନୟା	ଶଚୀ	ପ୍ରବାଳ	ପୋହଳା
ପୁଷ୍କର	ପଦ୍ମ	ପ୍ରବେପମାନ	କମ୍ପମାନ
ପୁଷ୍ପଧନ୍ୱା	କନ୍ଦର୍ପ	ପ୍ରବୃତ୍ତି	ବ୍ୟାପ୍ତି
ପେଲବ	କୋମଳ	ପ୍ରବ୍ରଜ୍ୟା	ସନ୍ନ୍ୟାସ
ପୋତ୍ର	ଥୋମଣି	ପ୍ରଭବିଷ୍ଣୁ	ମାଲିକ
ପ୍ରକର	ଅଧିକ, ପ୍ରଭୂତ	ପ୍ରଭବ	ଉତ୍ପତ୍ତିସ୍ଥଳ
ପ୍ରକୋଷ୍ଠ	ହାତରମଣିବନ୍ଧ	ପ୍ରଭିନ୍ନ	ମଦଜଳସ୍ରାବୀ
ପ୍ରଗଲ୍‌ଭ ବୟସ	ଯୌବନ	ପ୍ରଯତ	ସଂଯତ
ପ୍ରଚେତସ୍	ବରୁଣ	ପ୍ରରୋହ	ଅଙ୍କୁର
ପ୍ରଣୟନ	ରଚନା	ପ୍ରଳୟ	ମୂର୍ଚ୍ଛା
ପ୍ରଣିଧି	ଚର	ପ୍ରସଭ	ସହସା
ପ୍ରତିପତ୍ତି	ଧାରଣା	ପ୍ରସଂଖ୍ୟାନ	ସମାଧି
ପ୍ରତିପନ୍ନ	ସ୍ୱୀକୃତ	ପ୍ରସାଦ	ଅନୁଗ୍ରହ
ପ୍ରତିମା	ପ୍ରତିବିମ୍ବ	ପ୍ରସାଧିକା	ବେଶକାରିଣୀ
ପ୍ରତିଭିନ୍ନ	ଶୋଭିତ	ପ୍ରସାଧନ	ଭୂଷଣ, ଅଙ୍ଗରାଗ
ପ୍ରତୀତ	ହର୍ଷୋତ୍‌ଫୁଲ୍ଲ	ପ୍ରସୂତି	ସନ୍ତାନ
ପ୍ରତୀପ	ପ୍ରତିକୂଳ	ପ୍ରସ୍ଥାନ	ଯାତ୍ରା
ପ୍ରତୀହାରଭୂମି	ଦ୍ୱାରଦେଶ	ପ୍ରହିତ	ପ୍ରେରିତ
ପ୍ରତ୍ୟୟ	ନିମିତ୍ତ, କାରଣ	ପ୍ରାକାମ୍ୟ	ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରିବାର ସାମର୍ଥ୍ୟ
ପ୍ରତ୍ୟୟ	ବିଶ୍ୱାସ, ଆସ୍ଥା		
ପ୍ରତ୍ୟର୍ଥୀଭୂତ	ପ୍ରତିବନ୍ଧକ		
ପ୍ରଥମ	ଜ୍ୟେଷ୍ଠ	ପ୍ରାକ୍	ପୂର୍ବଦିଗ
ପ୍ରଥିତ	ବିଖ୍ୟାତ	ପ୍ରାକ୍ତନ	ପୂର୍ବତନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ପ୍ରାଗ୍ରହର	ପ୍ରମୁଖ	ବାଳାକା	ବଗୁଲି
ପ୍ରାଜ୍ୟ	ପ୍ରଭୂତ	ବଳାହକ	ମେଘ
ପ୍ରାଂଶୁ	ଉଚ୍ଚ	ବଳି	ପୂଜା, ପୂଜାସାମଗ୍ରୀ
ପ୍ରିୟାଳ	ଆମ୍ବ	ବଳିପୁଷ୍ପ	ପୂଜାଫୁଲ
ପ୍ରୈଷ୍ୟ	ଭୃତ୍ୟ	ବଲ୍‌ଗୁ	ସୁନ୍ଦର
ପ୍ରୋତ	ଲଗ୍ନ	ବଲ୍ଲରୀ	ଲତା
ପ୍ରୋଷିତ	ପ୍ରବାସୀ	ବଶୀ	ଜିତେନ୍ଦ୍ରିୟ
ପ୍ଲୁଷ୍ଟ	ସିଝିଯାଇଥିବା, ଦଗ୍‌ଧ	ବସୁ	ଧନ
		ବହୁଳ	କୃଷ୍ଣପକ୍ଷ
ଫଣୀ	ସାପ	ବାଚସ୍ପତି	ବୃହସ୍ପତି
ବକ୍ତ୍ର	ମୁଖ	ବାତ	ପବନ
ବଚସ୍	ବଚନ	ବାତାୟନ	ଝରକା
ବନସ୍ପତି	ବୃକ୍ଷ	ବାନ୍ତ	ବମିତ, ତ୍ୟକ୍ତ
ବନ୍ଧୁର	ଉଚ୍ଚନୀଚ	ବାରଣ	ହସ୍ତୀ
ବନ୍ଧୁଜୀବ	ବଧୂଲିଫୁଲ	ବାରୁଣୀ	ପଶ୍ଚିମଦିଗ
ବପ୍ର	ପ୍ରାଚୀର	ବାହ	ବାହନ
ବପ୍ର	ବିସ୍ତୀର୍ଣ୍ଣକୃଷିକ୍ଷେତ୍ର	ବିକଚ	ବିକଶିତ
ବଭ୍ରୁ	ତାମ୍ରବର୍ଣ୍ଣ	ବିକ୍ରମ	ସୁନ୍ଦର ପଦକ୍ଷେପ
ବୟସ୍ୟା	ସଖୀ	ବିକ୍ଳବା	ଆତୁର
ବର୍ଣ୍ଣୀ	ସନ୍ନ୍ୟାସୀ	ବିଘଟ୍ଟିତ	ବିଦୀର୍ଣ୍ଣ
ବର୍ତ୍ମନ୍	ବାଟ	ବିଚେଷ୍ଟିତ	କାର୍ଯ୍ୟ
ବର୍ଷ	ବର୍ଷା, ଦେଶ	ବିଟପ	ଶାଖା
ବର୍ହ	ମୟୂରପୁଚ୍ଛ	ବିତତ	ବିସ୍ତାରିତ
ବର୍ହିଣ	ମୟୂର	ବିତତ	ଅନୁଷ୍ଠିତ
ବର୍ହିଷ୍	କୁଶ	ବିତଥ	ମିଥ୍ୟା
ବଳଭିଦ୍	ଇନ୍ଦ୍ର	ବିତନୁ	କନ୍ଦର୍ପ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ବିତାନ	ଚାନ୍ଦୁଆ	ବିମାନନା	ଅବଜ୍ଞା
ବିଦ୍ୟୁତ୍ୱାନ୍	ମେଘ	ବିମାନିତ	ଅବଜ୍ଞାପ୍ରାପ୍ତ
ବିଦ୍ରୁତ	ଗତ, ପ୍ରବାହିତ	ବିମୁକ୍ତସଂଗ	ଆସକ୍ତିରହିତ
ବିଦ୍ରୁମ	ପୋହଳା	ବିମୃଷ୍ଟ	ପୋଛିହୋଇ-ଯାଇଥିବା
ବିଧୂତ	ସଂଗୃଳିତ		
ବିଧୁରା	ବ୍ୟାକୁଳା	ବିୟତ୍	ଆକାଶ
ବିନିଦ୍ର	ପ୍ରସ୍ଫୁଟିତ, ଉନ୍ନିଦ୍ର	ବିରୁତ	ରବ, ଧ୍ୱନି
ବିପ୍ରକୃତ	ନିଷ୍ପୀଡ଼ିତ, ଅତ୍ୟାଚାରିତ	ବିରୁଧ୍	ଲତା
		ବିଳଯୋନି	ଗର୍ତ୍ତଜନ୍ମା
ବିପ୍ରୁଷ୍	ବିନ୍ଦୁ	ବିଲସତ୍	ଶୋଭାପାଉଥିବା
ବିପ୍ରେକ୍ଷିତ	ଚାହାଣି	ବିଲଗ୍ନ	କ୍ଷୀଣ
ବିବଶା	ଅବଶା	ବିଲୋକିତ	ଚାହାଣି
ବିବସ୍ୱାନ୍	ସୂର୍ଯ୍ୟ	ବିଲୋଲ	ଚଳଚଳ
ବିବିକ୍ତ	ରହିତ, ନିର୍ଜନ-ସ୍ଥାନ	ବିଶଦ	ଶୁଭ୍ର, ସ୍ୱଚ୍ଛ
ବିବିକ୍ଷୁ	ପ୍ରବେଶ କରିବାକୁ-ଇଚ୍ଛୁକ	ବିଶୀର୍ଣ୍ଣ	ଝଡ଼ି ପଡ଼ିଥିବା
		ବିଶ୍ୱଯୋନି	ବ୍ରହ୍ମା
ବିଭଗ୍ନ	ଉଦ୍‌ବିଗ୍ନ	ବିଷାଣ	ଶିଙ୍ଗ
ବିବୁଧ	ଦେବତା	ବିଷ୍ଟର	ଆସନ
ବିବୃତ	ଅଭିବ୍ୟକ୍ତ	ବିଷ୍ଟପ୍	ସଂସାର
ବିବୃତ	ଉନ୍ମୁକ୍ତ	ବିସ	ମୃଣାଳ
ବିଭାତ	ପ୍ରଭାତ	ବିସର୍ପି	ପ୍ରସାରଣଶୀଳ
ବିଭାବସୁ	ଅଗ୍ନି	ବିସୃଷ୍ଟ	ପ୍ରଦତ୍ତ, ତ୍ୟକ୍ତ
ବିଭାବରୀ	ରାତ୍ରି	ବୀଜନ	ବିଞ୍ଚିବା
ବିଭୂତି	ମହିମା	ବୃତ୍ତ	ଘଟଣା
ବିଭୂତି	ସଂପଦ	ବୃତ୍ତ	ଚରିତ, ଆଚରଣ, ଜୀବିକା
ବିଭ୍ରମ	ଭାବଭଙ୍ଗୀ		
ବିମ୍ବ	ଶରୀର, ଆକୃତି	ବୃତ୍ତାନୁପୂର୍ବ	କ୍ରମଶଃ-ବର୍ତ୍ତୁଳ-ପୃଥୁଳ
ବିମାନ	କୋଠାଘରର ଉପର ମହଲ	ବୃଷରାଜକେତନ	ଶିବ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ବୃଷା	ଇନ୍ଦ୍ର		
ବୃଷାଙ୍କ	ଶିବ	ବ୍ରହ୍ମାଣ୍ଡଭୃତ୍	ବ୍ରହ୍ମାଣ୍ଡସ୍ରଷ୍ଟା
ବୃଷଶତ୍ରୁ	ଇନ୍ଦ୍ର	ବ୍ରୀଡା	ଲଜ୍ଜା
ବୃତ୍ରହନ୍	ଇନ୍ଦ୍ର	ଭକ୍ତ	ଭାଗମିଶ୍ରଣ
ବୃତ୍ତି	ଜୀବିକା	ଭଙ୍ଗୁର	ଭଙ୍ଗଶୀଳ
ବେଦତା	ଜ୍ଞାତା	ଭବ	ଶିବ, ସଂସାର
ବେଧା	ବ୍ରହ୍ମା	ଭବ୍ୟା	କଲ୍ୟାଣୀ
ବେପଥୁ	କମ୍ପ	ଭା	କିରଣ
ବେଳା	ସମୁଦ୍ର ତଟଭୂମି	ଭାନୁମାନ୍	ସୂର୍ଯ୍ୟ
ବେଶ୍ମ	ଗୃହ	ଭାସ୍	ଆଭା
ବୈଶସ	ହିଂସା	ଭାସ୍କର-ଆଳୀ	ସୂର୍ଯ୍ୟପଂକ୍ତି
ବୋଢ଼ା	ବହନକର୍ତ୍ତା	ଭାସ୍ୱତ୍	ଉଜ୍ଜ୍ୱଳ, ସୂର୍ଯ୍ୟ
ବ୍ୟକ୍ତେତର	ଅବ୍ୟକ୍ତ	ଭିନ୍ନ	ମର୍ଦ୍ଦିତ
ବ୍ୟଜନ	ବିଞ୍ଚଣା, ଚାମର	ଭିନ୍ନ	ପ୍ରସ୍ଫୁଟିତ
ବ୍ୟତିକର	ସଂପର୍କ	ଭିନ୍ନ	ପୃଥକ୍‌କୃତ
ବ୍ୟତିକର	ପ୍ରତିବନ୍ଧକ	ଭୁଗ୍ନ	ତଳକୁ ବକ୍ରୀକୃତ
ବ୍ୟତିରିକ୍ତ	ବ୍ୟତୀତ	ଭୂ	ପୃଥିବୀ
ବ୍ୟତିଷଙ୍ଗ	ମିଳନ, ସଂପର୍କ	ଭୂତ	ପ୍ରାଣୀ
ବ୍ୟତ୍ୟୟ	ଓଲଟପାଲଟ	ଭୂୟସ୍ୱାନ୍	ପ୍ରଭୂତ
ବ୍ୟପାୟ	ବିନାଶ	ଭୂତାର୍ଥ	ସ୍ୱାଭାବିକ
ବ୍ୟଳୀକ	ଦୁଃଖ	ଭୂତି	ସଂପଦ, ଐଶ୍ୱର୍ଯ୍ୟ
ବ୍ୟସନ	ବିପତ୍ତି	ଭୃଙ୍ଗ	ଭ୍ରମର
ବ୍ୟସ୍ତ	ବିଭାଗକୃତ	ଭୂଭୃତ୍	ପର୍ବତ, ରାଜା
ବ୍ୟସ୍ତ	ଗୋଟିଗୋଟିକିଆ	ଭୃଶ	ଅତ୍ୟନ୍ତ
ବ୍ୟାବୃତ୍ତ	ପ୍ରତିହତ	ଭୋଗୀ	ସର୍ପ
ବ୍ୟାବୃତ୍ତି	ବିବର୍ତ୍ତନ,	ମକରଧ୍ୱଜ	କନ୍ଦର୍ପ
	ପରାଜୟ	ମୟୂଖ	କିରଣ
ବ୍ୟାହୃତ	କଥିତ	ମଘବା	ଇନ୍ଦ୍ର
ବ୍ୟାହୃତ	ଉକ୍ତ	ମଞ୍ଜୁଳ	ସୁନ୍ଦର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ମଦ	ହସ୍ତୀ ଦେହରୁ	ମୋଘ	ବ୍ୟର୍ଥ
	ନିଃସୃତ ଜଳ	ମୌଳି	ମସ୍ତକ
ମଧୁ	ବସନ୍ତ କାଳ	ମୌର୍ବୀ	ଧନୁର୍ଗୁଣ
ମନ୍ଦ	ମନ୍ଥର	ଯଜ୍ଞାଂଶଭାଜ୍	ଦେବତା
ମନ୍ଦାକିନୀ	ସ୍ୱର୍ଗଗଙ୍ଗା	ଯତ	ସଂଯମୀ
ମନୀଷିତ	ପୂଜିତ	ଯଦୃଚ୍ଛା	ସ୍ୱଇଚ୍ଛା
ମନୋଭବ	କନ୍ଦର୍ପ	ଯାଚିତ	ପ୍ରାର୍ଥିତ
ମନ୍ୟୁ	କ୍ରୋଧ	ଯାଚିତା	ମାଗିବା ବ୍ୟକ୍ତି
ମରୁତ୍	ପବନ	ଯୁଗ	ଜୁଆଳି
ମରୀଚି	କିରଣ	ଯୁଗପତ୍	ଏକାବେଳକେ
ମହାର୍ହ	ମୂଲ୍ୟବାନ୍	ଯୋନି	ଉତ୍ପତ୍ତିସ୍ଥଳ
ମହିତ	ପୂଜିତ	ଯୋଷିତ୍	ରମଣୀ
ମହୀଭୃତ୍	ପର୍ବତ	ରତି	ଅନୁରାଗ
ମାଧବ	ବସନ୍ତକାଳ	ରତ୍ନସୂଚୀ	ରତ୍ନଶଳାକା
ମାଧ୍ୟସ୍ଥ୍ୟ	ମଧ୍ୟସ୍ଥତା,	ରଥାଙ୍ଗନାମା	ଚକ୍ରବାକ
	ଉଦାସୀନତା	ରସନା	ଅଣ୍ଟାସୂତା
ମାର୍ଦ୍ଦବ	କୋମଳତା	ରସ	ଅନୁରାଗ
ମାୟୀ	ମାୟାବୀ	ରହସ୍	ଗୋପନ
ମିତ	ଅଳ୍ପ	ରହସ୍ୟ	ଗୋପନୀୟ
ମିଥଃ	ଏକାନ୍ତରେ	ରଂହସ୍	ବେଗ
ମିଥୁନ	ଯୋଡ଼ି, ଦଂପତି	ରାଗ	ଆସକ୍ତି
ମିଷତ୍	ଗୃହୁଁଥିବା	ରାଗ	ରକ୍ତିମା
ମୁକ୍ତ	ଚ୍ୟୁତ	ରାଗବାନ୍	ଅନୁରକ୍ତ
ମୁମୁକ୍ଷୁ	ମୋକ୍ଷକାମୀ	ରାଦ୍ଧ	ସମୃଦ୍ଧ
ମୂର୍ଚ୍ଛିତ	ପ୍ରସାରିତ-	ରୁଚ୍	କାନ୍ତି, ଆଭା
	ହୋଇଯାଇଥିବା	ରୁତ	ରବ
ମୂର୍ଦ୍ଧଜ	କେଶ	ରୁଷ୍	ରୋଷ, କ୍ରୋଧ
ମୃଗ୍ୟ	ଅନ୍ୱେଷଣୀୟ	ରେତସ୍	ବୀଜ, ଶୁକ୍ର
ମେଖଳା	କଟୀଦେଶ	ଲାକ୍ଷାରସ	ଅଳତା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଲକ୍ଷ୍ମ	ଚିହ୍ନ	ଶିଖର	ଶୃଙ୍ଗ
ଲଳିତ	କୋମଳ	ଶିତିକଣ୍ଠ	ଶିବ
ଲାଘବ	ଅନାଦର	ଶିଶିରଦୀଧିତି	ଚନ୍ଦ୍ର
ଲାଜା	ଖଇ	ଶିଲୀମୁଖ	ଶର
ଲଜ	ଖଇ	ଶିଳୀଭୂତ	ଶିଳାରେ-ପରିଣତ
ଲାଞ୍ଛନ	କଳଙ୍କ, ଚିହ୍ନ		
ଲାଞ୍ଛିତ	ଚିହ୍ନଯୁକ୍ତ	ଶିରୋଧର	କେଶ, କେଶର
ଲୀଢ଼	ଲେହନକୃତ	ଶିରୋରୁହ	କେଶ
ଲୀନ	ଲୁକ୍କାୟିତ	ଶିଶିରାତ୍ୟୟ	ବସନ୍ତ
ଶକଳ	ଖଣ୍ଡ	ଶୀଧୁ	ମଦ୍ୟ
ଶତପତ୍ରଯୋନି	ବ୍ରହ୍ମା	ଶୀଳ	ସ୍ୱଭାବ
ଶତମଖ	ଇନ୍ଦ୍ର	ଶୁଚ୍	ଦୁଃଖ, ଶୋକ
ଶତହ୍ରଦା	ବିଜୁଳି	ଶୁଚି	ଗ୍ରୀଷ୍ମ କାଳ
ଶଙ୍ଖ	କପାଳ ଅସ୍ଥି	ଶୁଦ୍ଧାନ୍ତ	ଅନ୍ତଃପୁର
ଶଫରୀ	କେରାଣ୍ଡି ମାଛ	ଶେଖର	ମସ୍ତକ
ଶର୍ବ	ଶିବ	ଶେଷ	ଅବଶିଷ୍ଟ
ଶର୍ବରୀ	ରାତ୍ରି	ଶେଷା	ପ୍ରସାଦ ଚିହ୍ନ-ସ୍ୱରୂପ ପ୍ରଦତ୍ତ ମାଳ
ଶରୀରୀ	ପ୍ରାଣୀ		
ଶଲଭ	ପତଙ୍ଗ	ଶୈଳେୟ	ଶିଉଳି
ଶଲାକା	କାଠି	ଶୋଣ	ରକ୍ତବର୍ଣ୍ଣ
ଶଶଭୃତ୍	ଚନ୍ଦ୍ର	ଶୋଷ	ଶୁଖିଯିବା
ଶଶଲାଞ୍ଛନ	ଚନ୍ଦ୍ର	ଶ୍ୟାନ	ବହଳ
ଶାଖିନ୍	ବୃକ୍ଷ	ଶ୍ୟାମିକା	କଳାଦାଗ
ଶାତକୁମ୍ଭ	ସୁନା	ଶ୍ରୀ	ସୌନ୍ଦର୍ଯ୍ୟ, ସମ୍ପତ୍ତି
ଶାର	ବିଭିନ୍ନ ବର୍ଣ୍ଣ	ଶ୍ରେୟସ୍	ମଙ୍ଗଳ
ଶାଲୀ	ଶାରଦ ଧାନ	ଶ୍ରୋଣି	ଜଘନ
ଶାଳି	ଶାରଦ ଧାନ	ଶ୍ରୋତ୍ର	କର୍ଣ୍ଣ
ଶାଶ୍ୱତ	ଚିରନ୍ତନ	ଶ୍ଳଥ	ଶିଥିଳ
ଶିଖଣ୍ଡି	ମୟୂର	ଷଟ୍ପଦ	ଭ୍ରମର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ସଖ୍ୟ	ବନ୍ଧୁତା	ସହସ୍ୟ	ପୌଷମାସ
ସଚେତସ୍	ସହୃଦୟ	ସହକାର	ଆମ୍ବଗଛ
ସନ୍ନ	ଥରଥର	ସହସ୍ରପତ୍ର	ପଦ୍ମ
ସତ୍ତ୍ୱ	ପ୍ରାଣୀ	ସହସ୍ର ରଶ୍ମି	ସୂର୍ଯ୍ୟ
ସଦ୍ମ	ଗୃହ	ସଂମାର୍ଗ	ପରିଷ୍କାରକରିବା
ସନ୍ତାନକ	କଳ୍ପବୃକ୍ଷ	ସଂରମ୍ଭ	ନିରୋଧ, କ୍ରୋଧ
ସନ୍ତତଗାମୀ	ଅବନତଗାମୀ	ସଂମୂଢ	ମୂଢ
ସନ୍ନିକର୍ଷ	ନିକଟ	ସଂସ୍ତର	ଶଯ୍ୟା
ସନ୍ନିପାତ	ସମ୍ମିଶ୍ରଣ	ସଂସ୍ତମ୍ଭିତ	ନିରୁଦ୍ଧ
ସଂଧାନ	ସଂଯୋଜନ	ସଂହତ	ଦଳବଦ୍ଧ
ସପଦି	ସହସା	ସଂହର୍ତ୍ତା	ସଂହାରକର୍ତ୍ତା
ସପର୍ଯ୍ୟା	ପୂଜା	ସଂହୃତ	ଆନୀତ, ଆକର୍ଷିତ, ସଂହାରକୃତ
ସବିତୃ	ସୂର୍ଯ୍ୟ		
ସବିତ୍ରୀ	ଜନନୀ	ସାଧ୍ୱସ	ଭୟ
ସବ୍ୟ	ବାମ	ସାଚୀକୃତା	ବକ୍ରୀକୃତା
ସମାଗମ	ମିଳନ, ପ୍ରାପ୍ତି	ସାନ୍ୱୟ	ସବଂଶ
ସମାଗତା	ସମ୍ମିଳିତା	ସାନୁ	ଶୃଙ୍ଗ
ସମାପତ୍ତି	ସମାଗମ	ସାନ୍ଦ୍ର	ଘନ
ସମାବର୍ଜିତ	ଅବନମିତ	ସାର	ଶକ୍ତି
ସମିଦ୍ଧ	ପ୍ରଜ୍ୱଳିତ	ସାଂଯୁଗୀନ	ଯୁଦ୍ଧପ୍ରବୀଣ
ସମୀରିତ	ଉକ୍ତ, ଗତ	ସାଂପରାୟ	ଯୁଦ୍ଧ
ସମୁଚ୍ଚୟ	ସମୂହ	ସିତ	ଧବଳ
ସମୁଦ୍ରଗା	ନଦୀ	ସିତେତର	କଳା
ସର୍ଗ	ସୃଷ୍ଟି	ସିଦ୍ଧାର୍ଥ	ସୋରିଷ
ସରଳ	ଦେବଦାରୁ	ସିଞ୍ଜିତ	ନୂପୁର ଧ୍ୱନି
ସରସ୍	ପୋଖରୀ	ସିନ୍ଧୁ	ନଦୀ
ସରସ	ସ୍ୱେଦାର୍ଦ୍ର	ସିସୃକ୍ଷା	ସୃଷ୍ଟିକରିବାର ଇଚ୍ଛା
ସରାଗ	ରକ୍ତବର୍ଣ୍ଣ		
ସରିତ୍	ନଦୀ	ସୀକର	ବିନ୍ଦୁ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ସୀଧୁ	ମଦ୍ୟ	ସ୍ୟନ୍ଦନ	ରଥ
ସୀତା	କର୍ଷିତା ଭୂମି	ସ୍ୱପ୍ନ	ନିଦ୍ରା
ସୁଭୃଶଂ	ଅତ୍ୟଧିକ	ସ୍ୱର୍ଗୌକସ୍	ଦେବତା
ସୁଦତୀ	ଶୋଭନଦନ୍ତୀ	ସ୍ୱୟମ୍ଭୂ	ବ୍ରହ୍ମା
ସୁଭଗ	ସୁନ୍ଦର	ସ୍ୱିନ୍ନ	ସ୍ୱେଦାର୍ଦ୍ର
ସୁରାୟୁଧ	ଇନ୍ଦ୍ରଧନୁ	ହବିଷ୍	ଘୃତ
ସେନାନୀ	ସେନାପତି	ହବିର୍ଭୁକ୍	ଅଗ୍ନି
ସୈକତ	ବାଲୁକା	ହବ୍ୟ	ଘୃତ
ସୋମ	ଚନ୍ଦ୍ର	ହର୍ମ୍ୟ	ଅଟ୍ଟାଳିକା
ସୌଦାମିନୀ	ବିଜୁଳି	ହରିତ୍	ଅଶ୍ୱ
ସ୍ତିମିତ	ନିଶ୍ଚଳ	ହୟ	ଅଶ୍ୱ
ସ୍ତିମିତ	ନିମୀଳିତ	ହାର୍ଯ୍ୟ	ଆକର୍ଷଣୀୟ
ସ୍ତେୟ	ଚୋରି	ହାର୍ଯ୍ୟା	ବହନଯୋଗ୍ୟା
ସ୍ଥଣ୍ଡିଳ	ଅନାଚ୍ଛାଦିତଭୂମି	ହିମୋତ୍କିର	ହିମବର୍ଷୀ
ସ୍ଥାଣୁ	ଶିବ	ହୋତା	ଆହୁତିକର୍ତ୍ତା
ସ୍ଥାନେ	ଯଥାର୍ଥ	ହିରଣ୍ମୟ	ସ୍ୱର୍ଣ୍ଣମୟ
ସ୍ପର୍ଶବତୀ	କୋମଳା	ହୁତ	ଆହୁତିପ୍ରାପ୍ତ
ସ୍ଫୁରତ୍	ଉଜ୍ଜ୍ୱଳ	ହ୍ରୀ	ଲଜ୍ଜା
ସ୍ମର	କନ୍ଦର୍ପ	ହ୍ରୀମାନ୍	ଲଜ୍ଜାଶୀଳ
ସ୍ମରଶାସନ	ଶିବ	କ୍ଷପା	ରାତି
ସ୍ମେର	ହସହସ	କ୍ଷାମ	କ୍ଷୀଣ
ସ୍ରକ୍	ମାଳା	କ୍ଷୁଣ୍ଣ	ଖୋଳିହୋଇଥିବା
ସ୍ରସ୍ତ	ପତିତ, ଚ୍ୟୁତ	କ୍ଷେତ୍ର	ଶରୀର
ସ୍ରୁତି	ଝରିବା	କ୍ଷୌମ	ପଟ୍ଟବସ୍ତ୍ର

6946

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

GURUKUL KANGRI LIBRARY
Accos on
Class on
Cat on
Tag etc.
Checked
Any Other

GURUKUL KANGRI LIBRARY
Accos on
Class on
Cat on
Tag etc.
Checked
Any Other

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar